# ଇସଲାମୀୟ ନିୟମର ଦର୍ଶନ

ହଜରତ ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ
ପ୍ରତିଶୃତ ମସିହ ଓ ମେହଦୀ ଅ.ସ



# ଇସଲାମୀୟ
## ନିୟମର ଦର୍ଶନ

ମୂଳ ଉର୍ଦ୍ଦୁ
'ଇସଲାମୀ ଉସୁଲ୍ କି ଫଲାସଫି'

ରଚନା
ହଜରତ ମିର୍ଜା ଗୁଲାମ୍ ଅହମଦ୍ କାଦିୟାନୀ
ପ୍ରତିଶ୍ରୃତ ମସିହ ଓ ମେହଦୀ[ଅ.ସ]

ପ୍ରକାଶକ:
**ନଜାରତ୍ ନଶରୋ ଇଶାଅତ୍**
କାଦିୟାନ

# ଇସଲାମୀୟ ନିୟମର ଦର୍ଶନ

ମୂଳ ଉର୍ଦ୍ଦୁ : 'ଇସଲାମୀ ଉସୁଲ୍ କି ଫଲାସଫି'

ଲେଖକ : **ହଜରତ ମିର୍ଜା ଗୁଲାମ ଅହମଦ**ଅ.ସ, ପ୍ରତିଶ୍ରୁତ ମସିହ ଓ ମେହଦୀ
ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ

ଅନୁବାଦ : ସୟଦ ତାହେର୍ ଅହମଦ କଲିମ୍

ପ୍ରକାଶକ : ନଜାରତ୍ ନଶରୋ ଇଶାଅତ୍, ସଦର ଅଞ୍ଜୁମନ ଅହମଦିୟା
କାଦିୟାନ ଜିଲ୍ଲା: ଗୁରୁଦାସ୍‌ପୁର, ପଞ୍ଜାବ (ଭାରତ)-୧୪୩୫୧୬

ମୁଦ୍ରଣ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)

ପ୍ରକାଶନ ବର୍ଷ : ୨୦୨୧, ପ୍ରଥମ ଓଡ଼ିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା:୧୦୦୦)

## ISLAMI USOOL KI PHILOSOPHY

*Author of the Book* : **Hadhrat Mirza Ghulam Ahmad**[as]
Promised Messiah & Mehdi,
Founder of Ahmadiyya Muslim Jama'at

*Translated to Odia* : Sayed Taher Ahmad kaleem

*Published by* : Nazarat Nashr-O-Isha'at, Qadian
Dist.Gurdaspur, Punjab (India) - 143516

*Year of Publication* : 2021, First Edition in Odia (1000 copies)

*Printed at* : Fazle Umar Printing Press, Qadian (India)

*No part of this translation and commenrtary may be reprduced in any form without prior permission from the Publisher, except for the quotation of brief passages in criticism.*

**ISBN:**

ପ୍ରଥମ ଉର୍ଦ୍ଦୁ ପ୍ରକାଶନର ପ୍ରଚ୍ଛଦ ପୃଷ୍ଠାର ଫଟୋଚିତ୍ର



# اسلامی اصول کی فلاسفی

یا

## اسلام اور اسکی حقیقت

یعنی تقریر حضرت حجة اللہ میرزا غلام احمد صاحب

مسیح موعود و مہدی معہود علیہ الصلوٰۃ والسلام جسکو

جلسہ مذاہب اعظم منعقدہ لاہور میں مولانا مولوی عبدالکریم صاحب نے

پڑھکر سنایا + اور اسمیں حکیم الامت حضرت مولانا نورالدین صاحب

کی تقریریں اور حضرت میر ناصر نواب صاحب کی نظم بھی شامل کیگئی ہیں

جو انہوں نے جلسہ مذکور میں سنائیں

مطبع ضیاء الاسلام قادیان دارالامان میں مولوی حکیم

فضل الدین صاحب کے اہتمام سے چھپکر شائع ہوئی

# ବିଷୟ ସୂଚୀ


**ପ୍ରାକ୍‌କଥନ** **ପୃଷ୍ଠା**

ପ୍ରକାଶକଙ୍କ ମନ୍ତବ୍ୟ viii

ପୁସ୍ତକ ପରିଚୟ xi

**ପ୍ରଥମ ପ୍ରଶ୍ନ**

ଦାବି ଓ ପ୍ରମାଣମାନ ଐଶ୍ୱରିକ ଗ୍ରନ୍ଥରୁ ହିଁ ହୋଇଥିବା ଆବଶ୍ୟକ ୧

ମନୁଷ୍ୟର ଭୌତିକ, ନୈତିକ ଓ ଆଧ୍ୟାତ୍ମିକ ଅବସ୍ଥା ୩

ମନୁଷ୍ୟର ତିନି ଅବସ୍ଥାର ସ୍ୱରୂପ ୩

ପ୍ରଥମ ଉସ୍ଃ ନଫ୍‌ସେ ଅମ୍ମାରାଃ (ପାପସକ୍ତ ଆତ୍ମା) ୩

ଦ୍ୱିତୀୟ ଉସ୍ଃ ନଫ୍‌ସେ ଲଓ୍ୱାମା (ଅନୁତପ୍ତ ଆତ୍ମା) ୪

ତୃତୀୟ ଉସ୍ଃ ନଫ୍‌ସେ ମୁତମଇନ୍ନାଃ (ପ୍ରଶାନ୍ତ ଆତ୍ମା) ୫

ଆତ୍ମାର ସୃଷ୍ଟି ୧୫

ଆତ୍ମାର ଦ୍ୱିତୀୟ ଜନ୍ମ ୧୬

ମନୁଷ୍ୟର କ୍ରମୋନ୍ନତି ୧୭

ଇସଲାମର ସତ୍ୟତା ୧୮

ସ୍ୱଭାବିକ ଓ ନୈତିକ ଅବସ୍ଥା ମଧ୍ୟରେ ପ୍ରଭେଦ ୧୯

ଜୀବ ହତ୍ୟାର ଖଣ୍ଡନ ୨୧

ସଂସ୍କାରର ତିନୋଟି ଉପାୟ ୨୨

ସୁଧାରର ପୂର୍ଣ୍ଣ ଆବଶ୍ୟକତା ସମୟରେ ହଜରତ ମୁହମ୍ମଦ ସଅଙ୍କ ଆବିର୍ଭାବ ୨୩

କୁରଆନ ଭିତ୍ତିକ ଶିକ୍ଷାର ମୂଳ ଉଦ୍ଦେଶ୍ୟ ତିନି ପ୍ରକାର ସଂସ୍କାର ୨୫

ସ୍ୱାଭାବିକ ଅବସ୍ଥାଗୁଡ଼ିକ ସନ୍ତୁଳନ ଦ୍ୱାରା ଶିଷ୍ଟାଚାରର ରୂପ ଧାରଣ କରନ୍ତି ୨୬

ପ୍ରକୃତ ନୈତିକତା ୨୮

ଖଲକ୍ (ସୃଷ୍ଟି) ଏବ ଖୁଲକ୍ (ନୈତିକତା) ୨୯

ପ୍ରଥମ ସଂସ୍କାର ଅର୍ଥାତ ସ୍ୱାଭାବିକ ଅବସ୍ଥାମାନ ୩୧
ଶୂକରର ଅବୈଧକରଣ ୩୬
ମନୁଷ୍ୟର ନୈତିକ ଅବସ୍ଥା ସମୂହ ୩୮
ନୈତିକତା: ମନ୍ଦର ପରିହାର ସମ୍ବନ୍ଧରେ ୩୯
ପବିତ୍ର ରହିବା ପାଇଁ ପାଞ୍ଚ ଉପଚାର ୪୩
ସୁକର୍ମମାନର ପ୍ରକାର ୫୪
ପ୍ରକୃତ ସାହସିକତା ୬୪
ସତ୍ୟବାଦୀତା ୬୬
ଧୈର୍ଯ୍ୟ ୬୮
ମାନବ ସମାଜ ପ୍ରତି ସହାନୁଭୂତି ୭୦
ଏକ ମହାନ ଅସ୍ତିତ୍ୱର ଅନ୍ୱେଷଣ ୭୧
ପବିତ୍ର ଅବତାର ସଅଙ୍କ ଆରବରେ ପ୍ରକଟ ହେବାର ରହସ୍ୟ ୭୬
ପବିତ୍ର କୁରଆନ୍‌ର ସଂସାର ପ୍ରତି ଉପକାର ୭୭
ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ୭୮
ଐଶ୍ୱରିକ ଗୁଣାବଳୀ ୮୨
ଆଧ୍ୟାତ୍ମିକ ଅବସ୍ଥା ସମୂହ ୯୦
ଏକ ସୁନ୍ଦର ପ୍ରାର୍ଥନା ୯୫
କର୍ପୂର ଓ ଶୁଣ୍ଠିକା ମିଶ୍ରିତ ପାନୀୟର ବାସ୍ତବିକତା ୧୦୨
ଶୁଣ୍ଠିକାର ପ୍ରଭାବ ୧୦୩
ଅଲ୍ଲାହଙ୍କ ସହିତ ପୂର୍ଣ୍ଣଙ୍ଗ ଆଧ୍ୟାତ୍ମିକ ସମ୍ପର୍କ ପ୍ରତିଷ୍ଠା କରିବାର ଉପାୟ ୧୧୧

**ଦ୍ୱିତୀୟ ପ୍ରଶ୍ନ**

ମୃତ୍ୟୁ ପରେ ମନୁଷ୍ୟର ଅବସ୍ଥା କ'ଣ ହୁଏ ୧୧୫
ପରକାଳ ସମ୍ବନ୍ଧରେ ତିନୋଟି କୁରଆନୀୟ ତତ୍ତ୍ୱ ୧୨୦

| | |
|---|---|
| ପ୍ରଥମ ସୂକ୍ଷ୍ମ ତତ୍ତ୍ୱ | ୧୨୦ |
| ଜ୍ଞାନର ତିନୋଟି ପ୍ରକାର ଭେଦ | ୧୨୨ |
| ତିନିଲୋକ | ୧୨୩ |
| ଦ୍ୱିତୀୟ ସୂକ୍ଷ୍ମ ତତ୍ତ୍ୱ | ୧୩୦ |
| ତୃତୀୟ ସୂକ୍ଷ୍ମ ତତ୍ତ୍ୱ | ୧୩୪ |
| **ତୃତୀୟ ପ୍ରଶ୍ନ** | |
| ଏ ଦୁନିଆରେ ଜୀବନର ମୂଳ ଲକ୍ଷ୍ୟ କ'ଣ ଓ ତାହା କିପରି ପ୍ରାପ୍ତ ହେବ | ୧୩୭ |
| ମନୁଷ୍ୟ ଜୀବନର ଲକ୍ଷ ପ୍ରାପ୍ତର ମାଧ୍ୟମ | ୧୩୯ |
| **ଚତୁର୍ଥ ପ୍ରଶ୍ନ** | |
| ଧର୍ମବିଧାନର ବ୍ୟାବହାରିକ ନିର୍ଦ୍ଦେଶମାନର ଇହକାଳ ଓ ପରକାଳ ଜୀବନରେ ଭୂମିକା | ୧୪୭ |
| ପବିତ୍ର କୁରଆନରେ ବିବିଧ ବସ୍ତୁଗୁଡ଼ିକ ନାମରେ ରହିଥିବା ଶପଥର ରହସ୍ୟ | ୧୫୦ |
| **ପଞ୍ଚମ ପ୍ରଶ୍ନ** | |
| ଦିବ୍ୟ ଜ୍ଞାନ ପ୍ରାପ୍ତିର ମାଧ୍ୟମ | ୧୫୯ |
| ମାନବୀୟ ସ୍ୱଭାବର ବାସ୍ତବିକତା | ୧୬୩ |
| ଦୈବୀବାଣୀର ତାତ୍ପର୍ଯ୍ୟ କ'ଣ | ୧୬୭ |
| ଇସଲାମ୍‌ର ବିଶେଷତ୍ୱ | ୧୭୨ |
| ବକ୍ତାର ଈଶ୍ୱରଙ୍କ ସମ୍ଭାଷଣ ଓ ବାର୍ତ୍ତାଳାପ ଦ୍ୱାରା ସମ୍ମାନିତ ହେବା | ୧୭୨ |
| ଈଶ୍ୱରଙ୍କ ଦୈବୀବାଣୀ ହିଁ ପୂର୍ଣ୍ଣାଙ୍ଗ ଜ୍ଞାନର ମାଧ୍ୟମ | ୧୭୪ |
| ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅ.ଙ୍କ ଜୀବନର ଦୁଇଟି ପର୍ଯ୍ୟାୟ | ୧୭୯ |
| ହଜରତ ମୁହମ୍ମଦ ସ.ଅ.ଙ୍କ ଯୁଦ୍ଧଗୁଡ଼ିକର ଉଦ୍ଦେଶ୍ୟ | ୧୮୪ |

# ପ୍ରକାଶକଙ୍କ ମନ୍ତବ୍ୟ

ଉର୍ଦ୍ଦୁ ଭାଷାରେ ଲିଖିତ ସୁପ୍ରସିଦ୍ଧ ପ୍ରବନ୍ଧ 'ଇସଲାମୀ ଉସୁଲ କି ଫଲାସଫି' ହେଉଛି ବିଶ୍ୱବ୍ୟାପ୍ତ ଅହମଦିୟା ମୁସଲମାନ ସମ୍ପ୍ରଦାୟର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ[ଅ.ସ]ଙ୍କ ଦ୍ୱାରା ରଚିତ ଇସଲାମ ଧର୍ମ ସମ୍ବନ୍ଧୀୟ ଆଧ୍ୟାତ୍ମିକ ଦର୍ଶନ ଶାସ୍ତ୍ର । ଏହାର ମୂଳ ପାଣ୍ଡୁଲିପିକୁ ୧୮୯୬ମସିହା ଡ଼ିସେମ୍ବର ମାସ ୨୬ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଲାହୋର ଠାରେ ଅନୁଷ୍ଠିତ ଧର୍ମ ସମ୍ମିଳନୀରେ ସମବେତ ଜନତାଙ୍କ ସମ୍ମୁଖରେ ପାଠ କରି ଶୁଣାଇ ଦିଆ ଯାଇଥିଲା । ଏହି ନିବନ୍ଧଟି ଇସଲାମ ଧର୍ମର ପ୍ରକୃତ ପରିଚୟ ପ୍ରଦାନ କରିବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ସେହି ଦିନଠାରୁ ପୃଥିବୀର ବିଭିନ୍ନ ଭାଗରେ ଧର୍ମଜ୍ଞାନ ତଥା ଆଧ୍ୟାତ୍ମିକ ତତ୍ତ୍ୱ ଆହରଣ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ସତ୍ୟାନ୍ୱେଷୀମାନଙ୍କର ଜ୍ଞାନତୃଷ୍ଣା ନିବାରଣରେ ଏହି ଗ୍ରନ୍ଥ ଯଥେଷ୍ଟ ଖୋରାକ ଯୋଗାଇ ଆସୁଅଛି ।

ଉକ୍ତ ସମ୍ମିଳନୀର ମୁଖ୍ୟ ପୁରୋଧାମାନଙ୍କ ଦ୍ୱାରା ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ବିଭିନ୍ନ ଧର୍ମ ବିଦ୍ୱାନଙ୍କ ପକ୍ଷରୁ ବକ୍ତବ୍ୟ ରଖିବା ପାଇଁ ପାଞ୍ଚୋଟି ପ୍ରଶ୍ନ ପ୍ରସ୍ତୁତ କରାଯାଇଥିଲା, ସେଗୁଡ଼ିକ ଏହିପରି:

**ପ୍ରଶ୍ନ ୧.** ମନୁଷ୍ୟର ଭୌତିକ, ନୈତିକ ଓ ଆଧ୍ୟାତ୍ମିକ ଅବସ୍ଥା

**ପ୍ରଶ୍ନ ୨.** ମୃତ୍ୟୁପରେ ମନୁଷ୍ୟର ଅବସ୍ଥା କ'ଣ ହୁଏ ?

**ପ୍ରଶ୍ନ ୩.** ଏ ଦୁନିଆରେ ଜୀବନର ମୂଳ ଲକ୍ଷ୍ୟ କ'ଣ ଓ ତାହା କିପରି ପ୍ରାପ୍ତ ହେବ ?

**ପ୍ରଶ୍ନ ୪.** ଧର୍ମବିଧାନର ବ୍ୟାବହାରିକ ନିର୍ଦ୍ଦେଶମାନର ଇହକାଳ ଓ ପରକାଳ ଜୀବନରେ ଭୂମିକା କ'ଣ ?

**ପ୍ରଶ୍ନ ୫.** ଦିବ୍ୟ ଜ୍ଞାନ ପ୍ରାପ୍ତିର ମାଧ୍ୟମଗୁଡ଼ିକ କ'ଣ ?

ପୃଥିବୀର ବିଭିନ୍ନ ଦେଶରେ ଅନେକ ଭାଷାରେ ଏହି ପୁସ୍ତକର ଅନୁବାଦ କରାଯାଇ ପ୍ରକାଶିତ ହୋଇଯାଇଛି । ସଂପ୍ରତି ଏହାର ଓଡ଼ିଆ ସଂସ୍କରଣ ସୟଦ

ତାହେର ଅହମଦ କଲିମ୍ ଦ୍ୱାରା ଅନୁବାଦିତ ହୋଇ ଆପଣଙ୍କ ସମ୍ମକ୍ଷରେ ଉପସ୍ଥାପନ କରାଯାଉଛି । ପୁଣ୍ୟଶ୍ଲୋକ ହଜରତ ମସିହ ମଉଦ[ଅ.ସ]ଙ୍କ ଉର୍ଦ୍ଦୁରେ ରଚିତ ପୁସ୍ତକର ମୌଳିକତା ରକ୍ଷା କରି ସେ ଅତି ଯତ୍ନର ସହିତ ଏହାର ଅସଲ ଭାବକୁ ପରିସ୍ଫୁଟନ କରିବାର ପ୍ରୟାସ କରିଛନ୍ତି । ଏହି ପୁସ୍ତକର ସମୀକ୍ଷା ଓ ସଂଶୋଧନ କାର୍ଯ୍ୟରେ ସହଯୋଗ କରିଥିବା ବ୍ୟକ୍ତିଙ୍କର ନାମ ଓ କାର୍ଯ୍ୟ ମନେରଖି ଏଠାରେ ଉଲ୍ଲେଖ କରିବା ଏକ ଦୀର୍ଘ ସୂଚୀ ଆବଶ୍ୟକ କରୁଛି । ତଥାପି ସାଙ୍କେତିକ ରୂପେ କିଛି ନାମ ନିମ୍ନରେ ଉଲ୍ଲେଖ ନ କଲେ ତାହା ସେମାନଙ୍କ ପରିଶ୍ରମକୁ ଏକବାରକେ ଅଦେଖା କରିଦେବା ପରି ହେବ । ସେ ସମସ୍ତଙ୍କୁ କରୁଣାମୟ ଅଲ୍ଲାଃ ସେମାନଙ୍କ ଶ୍ରମର ସହସ୍ର ଗୁଣ, କୃପା ସ୍ୱରୂପ ଅର୍ପଣ କରନ୍ତୁ । ଆମିନ୍ ।

୧. ମୌ. ଶେଖ୍ ଅବଦୁଲ୍ ହଲିମ୍ ସାହେବ (ପ୍ରଥମ ସଂଶୋଧନ)

୨. ଇଂ. ରୌଶନ୍ ଖାନ୍ ସାହେବ (ଦ୍ୱିତୀୟ ସଂଶୋଧନ)

୩. ଡ଼ଃ. ଅବଦୁଲ୍ ବାସିତ୍ ଖାନ୍ ସାହେବ, ମୌ. ଅନଓ୍ୱର ଅହମଦ ଖାନ୍ ସାହେବ, ମୌ. ଅକବର ଖାନ୍ ସାହେବ, ମୌ. ଜମାଲ୍ ଶରିୟତ୍ ସାହେବ, ମୌ. ଫଜଲ୍ ହକ୍ ଖାନ୍ ସାହେବ, ମୌ. ଫଜଲେ ନଈମ୍ ସାହେବ, ମୌ. ଶରିଫ୍ ଖାନ୍ ସାହେବ, ମୌ. ଫକିରୁଦ୍ଦୀନ ଖାନ୍ ସାହେବ, ମୌ. ସମିଉର୍ ରହେମାନ୍ ଖାନ୍ ସାହେବ, ମୌ. ମେହରବାନ୍ ଖାନ୍ ସାହେବ, ମୌ. କମରୁଲ୍ ହକ୍ ଖାନ୍ ସାହେବ ଓ ଅନ୍ୟାନ୍ୟ । (ପୁସ୍ତକର ସମୀକ୍ଷା ଓ ଅନ୍ୟାନ୍ୟ ସହଯୋଗ)

**ବିନୀତ**

ହାଫିଜ ମଖଦୁମ୍ ଶରିଫ୍

କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ନିର୍ଦ୍ଦେଶାଳୟ, କାଦିୟାନ (ଭାରତ)

# ମର୍ଯ୍ୟାଦାସୂଚକ ଉକ୍ତି

**ସଅ -** (ସ୍ୱଲ୍ଲଲ୍ଲାଃ ଅଲୈହେ ଓ୍ୱସଲ୍ଲମ୍) ଅର୍ଥାତ୍ 'ତାହାଙ୍କ ଉପରେ ଅଲ୍ଲାଃଙ୍କ ଶାନ୍ତି ଓ ଆଶିଷ ବୃଷ୍ଟି ହେଉ' । ଏହା ସର୍ବଦା 'ହଜରତ ମୁହମ୍ମଦ', (ଅର୍ଥାତ୍ 'ଦିବ୍ୟ ଅବତାର', 'ନବୀଶ୍ରେଷ୍ଠ' ବା 'ରସୁଲୁଲ୍ଲାଃ')ଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

**ଅସ -** (ଆଲୈଃସଲାତୁ ଓ୍ୱସ୍‌ସଲାମ୍) ଅର୍ଥାତ୍ 'ତାହାଙ୍କ ପ୍ରତି ଶାନ୍ତି ବିରାଜିତ ହେଉ' । ଏହା ସମସ୍ତ ଅବତାର, ନବୀ, ବାର୍ତ୍ତାବହ ବା ପୟଗମ୍ବରଙ୍କ ନାମ ସହ ସଂଲଗ୍ନ ହୋଇଥାଏ ।

**ରଅ -** (ରଜିଅଲ୍ଲାଃ ତା'ଲା ଅନ୍‌ହୁ / ଅନ୍‌ହା) ଅର୍ଥାତ୍ 'ଅଲ୍ଲାଃ ତାଙ୍କ ଉପରେ ପ୍ରସନ୍ନ ହୁଅନ୍ତୁ' । ନବୀମାନଙ୍କ ଉତ୍ତରାଧିକାରୀ (ଖଲିଫା), ଧର୍ମପତ୍ନୀ ସମୂହ, ସହଚର, ପ୍ରଭୁପ୍ରିୟ ବ୍ୟକ୍ତିତ୍ୱ କ୍ଷେତ୍ରରେ ପ୍ରୟୋଗ କରାଯାଏ । ଅବଶ୍ୟ ପୁରୁଷଙ୍କ କ୍ଷେତ୍ରରେ 'ଅନ୍‌ହୁ' ଓ ମହିଳାଙ୍କ କ୍ଷେତ୍ରରେ 'ଅନ୍‌ହା' ବ୍ୟବହୃତ ହୁଏ ।

**ରଉ -** (ରହମହୁଲ୍ଲାହୁତା'ଲା) ଅର୍ଥାତ୍ 'ଈଶ୍ୱରଙ୍କ କରୁଣା ତାଙ୍କ ପ୍ରତି ସଦୈବ ଅବତୀର୍ଣ୍ଣ ହେଉ ।' ଏହା ମଧ୍ୟ ମୁସଲିମ ଆଧ୍ୟାତ୍ମିକବାଦୀ ସନ୍ଥ ତଥା ଖଲିଫାଙ୍କ ନାମ ସହିତ ଉଚ୍ଚାରଣ କରିବାକୁ ହୁଏ ।

**ଅବ -** (ଅୟଦହୁଲ୍ଲାହୁ ତା'ଲା ବେ ନସରିହିଲ୍ ଅଜୀଜ୍) ଅର୍ଥାତ ଈଶ୍ୱର ତାଙ୍କର ସାହାଯ୍ୟକାରୀ ହୁଅନ୍ତୁ । ଏହା ଏକ ଆଶୀର୍ବାଦ ସୂଚକ ଉକ୍ତି, ଯାହା କେବଳ ବର୍ତ୍ତମାନ ଜୀବିତ ଥିବା ଖଲିଫା ଓ ସର୍ବୋଚ୍ଚ ଧର୍ମଗୁରୁ ବା ଧର୍ମାତ୍ମାଙ୍କ ନାମ ସହିତ ବ୍ୟବହୃତ ହୁଏ ।

ଉପରୋକ୍ତ ସମସ୍ତ ମର୍ଯ୍ୟାଦାସୂଚକ ସଂକେତ ସଂପୃକ୍ତ ମହାପୁରୁଷମାନଙ୍କ ନାମ ଉଚ୍ଚାରଣ କଲାବେଳେ ତାଙ୍କ ସମ୍ମାନାର୍ଥେ ସେହି ନାମ ସହିତ ଏହାକୁ ଉଚ୍ଚାରଣ କରିବାକୁ ହୁଏ ।

# ଇସଲାମୀୟ ନିୟମର ଦର୍ଶନ

## ପୁସ୍ତକ ପରିଚୟ

ସ୍ୱାମୀ ଶିବଗୁଣ ଚନ୍ଦ୍ର ନାମକ ଜଣେ ସଜ୍ଜନ ଯିଏ ତିନି ଚାରିବର୍ଷ ପର୍ଯ୍ୟନ୍ତ କାୟସ୍ଥ ହିନ୍ଦୁ ଜାତିର ସୁଧାର ଓ ସେବାରେ ନିୟୋଜିତ ରହିଥିଲେ, ୧୮୯୨ ମସିହାରେ ତାଙ୍କ ମନକୁ ଏକ ବିଚାର ଆସିଲା ଯେ, ଯେଉଁ ପର୍ଯ୍ୟନ୍ତ ସମସ୍ତ ଲୋକେ ଏକଜୁଟ ନ ହେବେ, କୌଣସି ଲାଭ ହେବ ନାହିଁ । ପରିଶେଷରେ ତାଙ୍କୁ ଗୋଟିଏ ଧାର୍ମିକ ସମ୍ମିଳନୀ ଆୟୋଜିତ କରିବାର ଏକ ଯୋଜନା ଠିକ୍ ମନେହେଲା । ଏହି ଧରଣର ପ୍ରଥମ ଧର୍ମସଭା ଆଜମିରରେ ଅନୁଷ୍ଠିତ ହେଲା । ତତ୍‌ପରେ ୧୮୯୬ ମସିହାରେ ଦ୍ୱିତୀୟ ସମ୍ମିଳନୀ ପାଇଁ ଲାହୋରର ବାତାବରଣକୁ ସେ ଉପଯୁକ୍ତ ମଣିଲେ ଓ ଏହାର ପ୍ରସ୍ତୁତିରେ ଲାଗି ପଡ଼ିଲେ ।

ସ୍ୱାମୀଜୀ ଏହି ଧାର୍ମିକ ସମ୍ମିଳନୀର ଆୟୋଜନ ସକାଶେ ଏକ କମିଟି ଗଠନ କଲେ । ଯାହାର ଅଧ୍ୟକ୍ଷ ରୂପେ ମାଷ୍ଟର ଦୁର୍ଗା ପ୍ରସାଦ ତଥା ମୁଖ୍ୟ ସଚିବ ରୂପେ ଲାହୋର ମୁଖ୍ୟ ଅଦାଲତର ଜଣେ ହିନ୍ଦୁ ଓକିଲ ଲାଲା ଧନପତ ରାୟ B.A.L.L.B ରହିଲେ । ସମ୍ମିଳନୀ ଅନୁଷ୍ଠିତ ହେବା ସକାଶେ ୧୮୯୬ ଡ଼ିସେମ୍ବର ୨୬,୨୭ ଓ ୨୮ ତାରିଖର ଦିନ ଧାର୍ଯ୍ୟ କରାଗଲା ଏବଂ ସମ୍ମିଳନୀର କାର୍ଯ୍ୟ ନିର୍ବାହୀ ରୂପେ ନିମ୍ନଲିଖିତ ୬ ଜଣ ମଧ୍ୟସ୍ଥଙ୍କୁ ମନୋନୀତ କରାଗଲା ।

୧. ରାୟ ବାହାଦୁର ପ୍ରତୁଲ ଚନ୍ଦ୍ର ସାହେବ, Judge Chief Court ପଞ୍ଜାବ ।

୨. ଖାନ୍ ବାହାଦୁର ଶେଖ ଖୁଦା ବଖ୍‌ଶ ସାହେବ, Judge Small Cause Court ଲାହୋର ।

୩. ରାୟ ବାହାଦୁର ପଣ୍ଡିତ ରାଧା କିଷନ କୌଲ, Pleader Chief Court ତଥା ଭୂତପୂର୍ବ ରାଜ୍ୟପାଳ ଜମ୍ମୁ ।

୪. ହଜରତ ମୌଲବୀ ହକିମ ନୁରୁଦ୍ଦିନ୍[ର.ଅ] ରାଜ ବୈଦ୍ୟ ।

୫. ରାୟ ଭବାନୀ ଦାସ ସାହେବ, M.A. Additional Settlement Officer,

ଝେଲମ୍ ।

୬. ସର୍ଦ୍ଦାର ଜବାହର ସିଂହ ସାହେବ, ସେକ୍ରେଟାରୀ ଖାଲସା କମିଟି ଲାହୋର ।

(ରିପୋର୍ଟ ଜଲସା-ଏ-ଆଜମ୍ ମଜାହିବ, ପୃ-ଖ, ପ୍ରକାଶକ: ସିଦ୍ଦିକି ପ୍ରେସ ଲହୋର ୧୮୯୭)

ସ୍ୱାମୀ ଶିବଗୁଣ ଚନ୍ଦ୍ର ସାହେବ କମିଟି ତରଫରୁ ଧର୍ମ ସମ୍ମିଳନୀର ବିଜ୍ଞାପନରେ ମୁସଲମାନ, ଖ୍ରୀଷ୍ଟିୟାନ ତଥା ଆର୍ଯ୍ୟ ସମାଜୀମାନଙ୍କୁ ସଂକଳ୍ପ ଦିଆଇ ଲେଖିଲେ ଯେ ସେମାନଙ୍କର ପ୍ରସିଦ୍ଧ ବିଦ୍ୱାନମାନେ ଯେପରି ଏହି ସମ୍ମିଳନୀରେ ନିଜ ନିଜର ଧର୍ମର ବିଶେଷତ୍ୱ ବର୍ଣ୍ଣନା କରିବେ । ସେ ଏହା ମଧ୍ୟ ଉଲ୍ଲେଖ କଲେ ଯେ ବିଭିନ୍ନ ଧର୍ମର ଏହି ମହାନ୍ ସମାବେଶ ଯାହା ଲାହୋର ଟାଉନ୍ ହଲ୍‌ରେ ହେବା ପାଇଁ ନିର୍ଦ୍ଧାରିତ କରାଯାଇଛି, ତାହାର ଉଦ୍ଦେଶ୍ୟ ହେଉଛି ଏହିକି ଯେ ସତ୍ୟ ଧର୍ମର ବିଶେଷତ୍ୱ ଓ ଗୁଣାବଳୀ ଏକ ସଭ୍ୟ ଓ ଶିକ୍ଷିତ ଜନତାଙ୍କ ସମ୍ମୁଖରେ ପ୍ରକଟ ହୋଇ ତାହାର ପ୍ରେମ ହୃଦୟ ମଧ୍ୟରେ ସ୍ଥାପିତ ହୋଇଯାଉ ତଥା ଏହାର ପ୍ରମାଣ ଓ ତର୍କକୁ ଲୋକମାନେ ଭଲ ଭାବରେ ବୁଝି ନିଅନ୍ତୁ । ଏହିପରି ଭାବରେ ପ୍ରତ୍ୟେକ ଧର୍ମର ସତ୍ୟତାକୁ ସଂପୃକ୍ତ ଧର୍ମର ସମ୍ମାନିତ ବକ୍ତାଗଣଙ୍କୁ ଅନ୍ୟମାନଙ୍କ ହୃଦୟରେ ଅବସ୍ଥାପିତ କରାଇବାର ସୁଯୋଗ ମିଳୁ । ଶ୍ରୋତାମାନଙ୍କୁ ମଧ୍ୟ ଏହି ଅବସର ମିଳୁ ଯେ ସେମାନେ ସେହି ସମସ୍ତ ମାନ୍ୟଗଣ ବକ୍ତାମାନଙ୍କ ମେଳ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିର ବକ୍ତବ୍ୟକୁ ଅନ୍ୟ ବ୍ୟକ୍ତିର ବକ୍ତବ୍ୟ ସହିତ ତୁଳନା କରିପାରିବେ ଓ ଯେଉଁଠାରେ ସତ୍ୟର ଝଲକ ଦେଖିବେ, ତାହାକୁ ଗ୍ରହଣ କରିନେବେ ।

ଆଜିକାଲି ଧାର୍ମିକ ବାଦବିବାଦ ଯୋଗୁଁ ମନୁଷ୍ୟ ହୃଦୟରେ ସତ୍ୟ ଧର୍ମକୁ ଜାଣିବା ପାଇଁ ଇଚ୍ଛା ଜାଗ୍ରତ ହେବାର ଦେଖାଯାଉଛି । ଏଥିପାଇଁ ଉତ୍ତମ ଉପାୟ ହେଉଛି ଯେ ସମସ୍ତ ଧାର୍ମିକ ବିଦ୍ୱାନଗଣ ଯିଏ କି ଧାର୍ମିକ ପ୍ରବଚନ ଓ ନୀତି ଉପଦେଶ ଦେବାକୁ ନିଜର କର୍ତ୍ତବ୍ୟ ରୂପେ ଧରି ନେଇଛନ୍ତି, ସେମାନେ ଗୋଟିଏ ସ୍ଥାନରେ ଏକତ୍ରିତ ହୁଅନ୍ତୁ ତଥା ପ୍ରଚାରିତ ପ୍ରଶ୍ନଗୁଡ଼ିକ ଅନୁଯାୟୀ ନିଜ ନିଜ ଧର୍ମର ବିଶେଷତ୍ୱ ବର୍ଣ୍ଣନା କରନ୍ତୁ । ଏହି ଧର୍ମ ମହାସଭାରେ ଯେଉଁ ଧର୍ମ

ସତ୍ୟ ପରମେଶ୍ୱରଙ୍କ ତରଫରୁ ହୋଇଥିବ, ତାହା ନିଶ୍ଚୟ ନିଜର ବିଶେଷ ଚମକ ଦେଖାଇବ । କେବଳ ଏହି ଉଦ୍ଦେଶ୍ୟକୁ ନେଇ ଏହି ସମ୍ମିଳନୀର ପରିକଳ୍ପନା କରାଯାଇଛି । ପ୍ରତ୍ୟେକ ଜାତିର ବରିଷ୍ଠ ଉପଦେଶକ ଭଲ ରୂପେ ଜାଣିଛନ୍ତି ଯେ ନିଜ ଧର୍ମର ସତ୍ୟତା ଉପସ୍ଥାପନ କରିବା ସେମାନଙ୍କର ଦାୟିତ୍ୱ । ସୁତରାଂ ଯେଉଁ ଉଦ୍ଦେଶ୍ୟ ନେଇ ଏହି ସଭାର ଆୟୋଜନ କରାଯାଇଅଛି, ଅର୍ଥାତ ସତ୍ୟ ପ୍ରକାଶିତ ହେଉ, ତାହାକୁ କାର୍ଯ୍ୟରେ ପରିଣତ କରିବା ସକାଶେ ସର୍ବଶକ୍ତିମାନ ଈଶ୍ୱର ସେମାନଙ୍କୁ ଏବେ ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରିଛନ୍ତି, ଯାହାକି ସବୁ ସମୟରେ ମନୁଷ୍ୟର ଅକ୍ତିଆରରେ ନ ଥାଏ ।

ପୁଣି ସେମାନଙ୍କୁ ପ୍ରେରଣା ଦେଇ ଲେଖିଛନ୍ତି:

କ'ଣ ମୁଁ ଏକଥା ଗ୍ରହଣ କରିପାରିବି ଯେ ଯେଉଁ ବ୍ୟକ୍ତି ଅନ୍ୟମାନଙ୍କୁ ଏକ ମାରାତ୍ମକ ରୋଗରେ ପୀଡ଼ିତ ଥିବାର ଅନୁଭବ କରୁଛି ଓ ଏହା ବିଶ୍ୱାସ କରୁଛି ଯେ ତା'ର ଆରୋଗ୍ୟ ହେବା ମୋ ଔଷଧରେ ରହିଛି ଏବଂ ମାନବ ଜାତି ପ୍ରତି ସହାନୁଭୂତିର ସେ ଦାବି ମଧ୍ୟ କରୁଛି ଏପରି ଏକ ସମୟରେ, ଯେତେବେଳେ କି ଦରୀଦ୍ର ରୋଗଗ୍ରସ୍ତ ବ୍ୟକ୍ତିଗଣ ତାକୁ ଚିକିତ୍ସା ସକାଶେ ଡ଼ାକୁଛନ୍ତି ସେତେବେଳେ ସେ କ'ଣ ଜାଣିଶୁଣି ସେମାନଙ୍କୁ ଉପେକ୍ଷା କରିବ ? ମୋର ହୃଦୟ ଏଥିପାଇଁ ବ୍ୟଥିତ ଯେ କେଉଁ ଧର୍ମ ସତ୍ୟତାରେ ପରିପୂର୍ଣ୍ଣ ତାହାର ନିଷ୍ପତ୍ତି ହୋଇଯାଉ ତଥା ମୋ ନିକଟରେ କୌଣସି ଭାଷା ନାହିଁ , ଯାହା ଦ୍ୱାରା ମୁଁ ନିଜର ଏହି ପ୍ରକୃତ ଆବେଗକୁ ବର୍ଣ୍ଣନା କରିପାରିବି ।'

ଲାହୋର ଠାରେ ଅନୁଷ୍ଠିତ ଏହି ମହାନ ଧର୍ମ ସମ୍ମିଳନୀରେ ଯୋଗଦେବା ପାଇଁ ଭିନ୍ନ ଭିନ୍ନ ଧର୍ମର ପ୍ରତିନିଧିଗଣ ସ୍ୱାମୀଜୀଙ୍କର ନିମନ୍ତ୍ରଣ ସ୍ୱୀକାର କଲେ ତଥା ଡିସେମ୍ବର ୧୮୯୬ ରେ ବଡ଼ଦିନର ଛୁଟି ମାନଙ୍କରେ ଏହି ମହାନ ଧର୍ମ ସମ୍ମିଳନୀ ଲାହୋର ଠାରେ ଅନୁଷ୍ଠିତ ହେଲା । ଏଥିରେ ସମ୍ମିଳନୀ କମିଟି ତରଫରୁ ଘୋଷିତ ପାଞ୍ଚ ଗୋଟି ପ୍ରଶ୍ନ ଉପରେ ବିଭିନ୍ନ ଧର୍ମର ପ୍ରତିନିଧିମାନେ ଭାଷଣ ଦେଲେ, ଯାହାର ଉତ୍ତର ଦେବା ଉଦ୍ଦେଶ୍ୟରେ ବିଧିବଦ୍ଧ ସୂଚନା ପ୍ରଥମରୁ ହିଁ ପ୍ରକାଶିତ କରିଦିଆଯାଇଥିଲା

ତଥା ସେଗୁଡ଼ିକର ଉତ୍ତର ପ୍ରଦାନ କରିବା ପାଇଁ କମିଟି ଏହି ସର୍ତ ଲଗାଇଥିଲା ଯେ ଭାଷଣ ଦେଉଥିବା ବ୍ୟକ୍ତି ନିଜର ବକ୍ତବ୍ୟକୁ ଯଥାସମ୍ଭବ ସେହି ପୁସ୍ତକ ମଧ୍ୟରେ ସୀମିତ ରଖିବେ, ଯାହାକୁ ଧାର୍ମିକ ଆଧାରରେ ପବିତ୍ର ବୋଲି ସେ ସ୍ୱୀକାର କରି ସାରିଛନ୍ତି । ପ୍ରଶ୍ନ ଗୁଡ଼ିକ ଏହିପରି ଥିଲା:

(୧) ମନୁଷ୍ୟର ଶାରୀରିକ, ନୈତିକ ଓ ଆଧାତ୍ମିକ ଅବସ୍ଥା ସମୂହ

(୨) ମୃତ୍ୟୁ ପରେ ମନୁଷ୍ୟର ଅବସ୍ଥା କ'ଣ ହେବ ?

(୩) ଏଦୁନିଆରେ ଜୀବନର ଲକ୍ଷ୍ୟ କ'ଣ ଓ ତାହା କିପରି ପ୍ରାପ୍ତ ହେବ ?

(୪) ଧର୍ମବିଧାନର ବ୍ୟାବହାରିକ ନିର୍ଦ୍ଦେଶମାନର ଇହକାଳ ଓ ପରକାଳ ଜୀବନରେ ଭୂମିକା କ'ଣ ?

(୫) ଦିବ୍ୟ ଜ୍ଞାନ ପ୍ରାପ୍ତିର ମାଧ୍ୟମଗୁଡ଼ିକ କ'ଣ ?

(ରିପୋର୍ଟ ଜଲସା ଆଜମ ମଜାହେବ ପୃଷ୍ଠା-ଖ, ପ୍ରକାଶକ ମତବା ସିଦ୍ଦିକି, ଲାହୋର ୧୮୯୭)

ଏହି ସମ୍ମିଳନୀ ଡିସେମ୍ବର ୨୬ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ଏଥିରେ ସନାତନ ଧର୍ମ, ହିନ୍ଦୁ ଧର୍ମ, ଆର୍ଯ୍ୟ ସମାଜ, ଫ୍ରିଥିଙ୍କର, ବ୍ରହ୍ମ ସମାଜ, ଥିଓସଫିକାଲ ସୋସାଇଟି, ରିଲିଜିୟନ୍ ଅଫ୍ ହାର୍ମୋନୀ, ଖ୍ରୀଷ୍ଟ ଧର୍ମ, ଇସ୍‌ଲାମ ଧର୍ମ ଏବଂ ଶିଖ୍ ଧର୍ମର ପ୍ରତିନିଧିଗଣ ଭାଷଣ ଦେଲେ । କିନ୍ତୁ ସେ ସମସ୍ତ ଭାଷଣମାନଙ୍କ ମଧ୍ୟରୁ କେବଳ ଗୋଟିଏ ଭାଷଣରେ ସେ ପ୍ରଶ୍ନଗୁଡ଼ିକର ବାସ୍ତବିକ ଓ ସଂପୂର୍ଣ୍ଣ ଉତ୍ତର ରହିଥିଲା । ସେହି ଭାଷଣଟିକୁ ଯେତେବେଳେ ମୌଲବୀ ଅବଦୁଲ କରିମ ସାହେବ ସିଆଲକୋଟି ଅତ୍ୟନ୍ତ ମଧୁର କଣ୍ଠରେ ପାଠ କରୁଥିଲେ, ସେ ସମୟର ଦୃଶ୍ୟ ବର୍ଣ୍ଣନା କରାଯାଇପାରିବ ନାହିଁ । ସେଠାରେ ଉପସ୍ଥିତ କୌଣସି ସଂପ୍ରଦାୟର ଏପରି କୌଣସି ବ୍ୟକ୍ତି ନ ଥିଲା, ଯିଏ 'ବାଃ' 'ବାଃ' ଓ 'ଅତି ଉତ୍ତମ' ଇତ୍ୟାଦି ଶବ୍ଦ ମୁହଁରୁ ଉଚ୍ଚାରଣ କରୁ ନ ଥିଲା । କୌଣସି ବ୍ୟକ୍ତି ଏପରି ନ ଥିଲା, ଯିଏ ଆତ୍ମ ବିଭୋର ହୋଇ ଝୁମିଯିବା ଅବସ୍ଥାରେ ନ ଥିଲା । ବର୍ଣ୍ଣନା କରିବାର ଶୈଳୀ ଅତ୍ୟନ୍ତ ଚିତ୍ତାକର୍ଷିକ ଓ ସର୍ବ ହୃଦୟଗ୍ରାହୀ ହୋଇଥିଲା । ପ୍ରବନ୍ଧଟିର ଗୁଣାତ୍ମକ

ମହିମା ଏହାଠାରୁ ଅଧିକ ଆଉ କ'ଣ ହୋଇପାରେ ଯେ ବିରୋଧି ମତାବଲମ୍ବୀମାନେ ମଧ୍ୟ ସାଧୁ! ସାଧୁ! କହି ଉଠିଲେ । ପ୍ରଖ୍ୟାତ ଇଂରାଜୀ ସମ୍ବାଦପତ୍ର : 'Civil & Military Gazette' ଲାହୋର, ଏକ ଖ୍ରୀଷ୍ଟିୟାନ ସଂସ୍ଥାଭୁକ୍ତ ହୋଇଥିଲେ ସୁଦ୍ଧା କେବଳ ଏହି ନିବନ୍ଧକୁ ଉଚ୍ଚ ପ୍ରଶଂସା କରି ଲେଖିଥିଲା ଓ ଏହାକୁ ଏକ ଉଲ୍ଲେଖନୀୟ ଆଲେଖ୍ୟ ରୂପେ ଅଭିହିତ କରିଥିଲା ।

ଏହି ପ୍ରବନ୍ଧଟି ଅହମଦିୟା ଜମାଅତର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀଙ୍କ ଦ୍ୱାରା ଲେଖା ହୋଇଥିଲା । ଦୁଇ ଘଣ୍ଟାର ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ପ୍ରବନ୍ଧର ପାଠ ସମାପ୍ତ ନ ହୋଇପାରିବା ଯୋଗୁଁ ଏହାର ଅବଶିଷ୍ଟାଂଶକୁ ପାଠ କରିବା ପାଇଁ ଡ଼ିସେମ୍ବର ୨୯ ତାରିଖ ଦିନ ପର୍ଯ୍ୟନ୍ତ ସମୟ ବଢ଼ାଇ ଦିଆଗଲା । Punjab Observer ଏହି ପ୍ରବନ୍ଧର ପ୍ରଶଂସାରେ ସମ୍ବାଦ ପତ୍ରର ସ୍ତମ୍ଭ ପରେ ସ୍ତମ୍ଭ ଭରି ଦେଇଥିଲା । ସେହିପରି ପୈସା ଅଖବାର, ଚୌଦୁହିଁ ସଦି, ସାଦିକୁଲ୍ ଅଖବାର, ମୁଖବିରେ ଦକ୍କନ ତଥା ଜନରଲ ଓ୍ୱ ଗୌହର୍ ଆସଫି, କଲିକତା, ଇତ୍ୟାଦି ସମସ୍ତ ସମ୍ବାଦପତ୍ର ସମସ୍ୱରରେ ଏହାର ପ୍ରଶଂସାରେ ଶତମୁଖ ହୋଇ ପଡ଼ିଥିଲେ । ଅନ୍ୟ ସଂପ୍ରଦାୟ ଓ ଜାତିର ବ୍ୟକ୍ତି ସମୂହ ତଥା ଅନ୍ୟାନ୍ୟ ଧର୍ମାବଲମ୍ବୀ ଏହି ନିବନ୍ଧକୁ ସର୍ବଶ୍ରେଷ୍ଠ ବିବେଚନା କରିଥିଲେ ।

ଏହି ଧର୍ମ ମହାସଭାର ସେକ୍ରେଟେରୀ ତଥା ପଞ୍ଜାବ ମୁଖ୍ୟ ଅଦାଲତର ଆଇନଜ୍ଞ ଶ୍ରୀଯୁକ୍ତ ଧନପତ ରାୟ, ବି.ଏ.ଏଲ୍.ଏଲ୍.ବି. ଏହି ଭାଷଣ ପ୍ରସଙ୍ଗରେ ପୁସ୍ତକ 'ରିପୋର୍ଟ ଧର୍ମ ମହୋତ୍ସବ' ରେ ଯାହା ଲେଖିଥିଲେ, ତାହାର କିଛି ଅଂଶ ଏଠାରେ ଉଲ୍ଲେଖ କରାଯାଉଛି:

"ପଣ୍ଡିତ ଗୋବର୍ଦ୍ଧନ ଦାସ ମହାଶୟଙ୍କ ଭାଷଣ ପରେ ଅଧ ଘଣ୍ଟାର ବିରତି ଥିଲା । ପରନ୍ତୁ ଏହାପରେ ଜଣେ ପ୍ରସିଦ୍ଧ ଇସଲାମୀୟ ଅଭିବକ୍ତାଙ୍କ ପକ୍ଷରୁ ଭାଷଣ ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଥିଲା, ସେହି କାରଣରୁ ଅଧିକାଂଶ ଦର୍ଶକ ନିଜ ନିଜ ସ୍ଥାନ ଛାଡ଼ି ନ ଥିଲେ । ସାଢ଼େ ଗୋଟାଏ ବାଜିବାକୁ ଆହୁରି ବହୁ ସମୟ ବାକି ଥିଲା , ତଥାପି 'ଇସଲାମୀୟା କଲେଜ'ର ବିସ୍ତୃତ ପଡ଼ିଆ ଶୀଘ୍ର

ଶୀଘ୍ର ଉତ୍ସୁକ ଜନତାଙ୍କ ଦ୍ୱାରା ଭରିବାରେ ଲାଗିଲା । ଚାହୁଁ ଚାହୁଁ ମାତ୍ର କେତେ ମିନିଟ୍ ମଧ୍ୟରେ ସମଗ୍ର ସ୍ଥାନ ପୂର୍ଣ୍ଣ ହୋଇଗଲା । ସେ ସମୟରେ ଦର୍ଶକଙ୍କ ସଂଖ୍ୟା ସାତ ଆଠ ହଜାର ମଧ୍ୟରେ ଥିଲା । ତନ୍ମଧ୍ୟରେ ବିଭିନ୍ନ ସଂପ୍ରଦାୟ ଓ ବିଭିନ୍ନ ସମାଜର ବହୁ ବ୍ୟକ୍ତି ତଥା ଉଚ୍ଚ ବର୍ଗର ଗୁଣୀ ଜ୍ଞାନୀ ଜନ ମଧ୍ୟ ଉପସ୍ଥିତ ଥିଲେ । ସଭା ସ୍ଥଳୀରେ ଚୌକି, ବେଞ୍ଚ୍ ଓ ଦରିର ବ୍ୟାପକ ବ୍ୟବସ୍ଥା ରହିଥିଲେ ସୁଦ୍ଧା ସେ ସବୁ ଭରିଯିବା ଯୋଗୁଁ ଶହ ଶହ ବ୍ୟକ୍ତିଙ୍କୁ ଛିଡ଼ା ହେବା ବ୍ୟତୀତ ଅନ୍ୟ ଗତି ନ ଥିଲା । ଛିଡ଼ା ହୋଇ ଶୁଣୁଥିବା ବ୍ୟକ୍ତି ମାନଙ୍କ ମଧ୍ୟରେ ବଡ଼ ବଡ଼ ଧନୀ, ପଞ୍ଜାବର ସମ୍ମାନସ୍ପଦ ନେତାଗଣ, ଜ୍ଞାନୀଜନ, ବାରିଷ୍ଟର, ଓକିଲ, ପ୍ରଫେସର, ଡାକ୍ତର ତଥା ବିଭିନ୍ନ ବର୍ଗର ଉଚ୍ଚ ଶ୍ରେଣୀୟ ଜନସମାଜ ଉପସ୍ଥିତ ଥିଲେ । ଅତ୍ୟନ୍ତ ଧୈର୍ଯ୍ୟ ଓ ନୀରବତାର ସହ ସଂପୂର୍ଣ୍ଣ ପାଞ୍ଚ ଘଣ୍ଟା କାଳ ଏକ ଗୋଡ଼ରେ ଛିଡ଼ା ହୋଇ ଗଭୀର ମନଯୋଗ ସହକାରେ ଏହି ବକ୍ତବ୍ୟକୁ ଶୁଣୁଥିବା ବ୍ୟକ୍ତିଙ୍କୁ ଦେଖିଲେ, ସେମାନଙ୍କ ମନରେ ଏହି ପବିତ୍ର ଆନ୍ଦୋଳନ ପ୍ରତି କେତେ ଯେ ଶ୍ରଦ୍ଧା ଓ ସହାନୁଭୂତି ରହିଥିଲା, ତାହା ସହଜରେ ବାରି ହେଉଥିଲା । ଭାଷଣର ଲେଖକ ସ୍ୱୟଂ ସମ୍ମିଳନୀରେ ଯୋଗ ଦେଇପାରି ନ ଥିଲେ । କିନ୍ତୁ ତାଙ୍କର ଜଣେ ବିଶିଷ୍ଟ ଅନୁଚର ମୌ. ଅବଦୁଲ୍ କରିମ ସିଆଲକୋଟିଙ୍କୁ ସେହି ସଂନ୍ଦର୍ଭ ପାଠ କରିବା ପାଇଁ ସେ ପଠାଇଥିଲେ । କମିଟି ପକ୍ଷରୁ ଉକ୍ତ ଲେଖା ପାଇଁ କେବଳ ଦୁଇ ଘଣ୍ଟା ସମୟ ଧାର୍ଯ୍ୟ କରାଯାଇଥିଲା, କିନ୍ତୁ ସେହି ଆଲେଖ୍ୟ ପ୍ରତି ଶ୍ରୋତାମାନଙ୍କର ଆକର୍ଷଣ ଏପରି ବଢ଼ିଯାଇଥିଲା ଯେ, ମଧ୍ୟସ୍ଥିଗଣ ଅତ୍ୟନ୍ତ ଉତ୍ସାହ ଓ ପ୍ରସନ୍ନ ଚିତ୍ତରେ ଅନୁମତି ଦେଲେ ଯେ, ଏହି ଆଲେଖ୍ୟ ପଠନ ଯେତେବେଳ ପର୍ଯ୍ୟନ୍ତ ସମାପ୍ତ ହୋଇ ନାହିଁ ସଭା କାର୍ଯ୍ୟ ଚାଲୁ ରହିବ । ତାଙ୍କର ଏହି ନିର୍ଦ୍ଦେଶ ଶ୍ରୋତାମାନଙ୍କ ଇଚ୍ଛାନୁସାରେ ଥିଲା । କାରଣ ନିର୍ଦ୍ଧାରିତ ସମୟ ଶେଷ ହୋଇଯିବା ପରେ ପରବର୍ତ୍ତୀ ବକ୍ତା ମୌ. ଅବୁ ୟୁସୁଫ ମୁବାରକ ଅଲି ସାହେବ ଯେତେବେଳେ ନିଜ ବକ୍ତବ୍ୟର ସମୟ ମଧ୍ୟ ସେ ଭାଷଣ ପାଇଁ ଦେଇ ଦେବାର ଘୋଷଣା କଲେ, ଉଭୟ ଶ୍ରୋତାଗଣ ଓ ମଧ୍ୟସ୍ଥିଗଣ ଆନନ୍ଦର ଧ୍ୱନି ଦେଇ ମୌଲବୀ ସାହେବଙ୍କୁ ଧନ୍ୟବାଦ ଅର୍ପଣ କଲେ । ଅପରାହ୍ନ ୪.୩୦ ମି. ଥିଲା

ଅଧିବେଶନର ସମାପ୍ତି ସମୟ । କିନ୍ତୁ ଜନତାଙ୍କ ବିପୁଳ ଉତ୍ସାହ ଦେଖି ସଭାର ଏହି କାର୍ଯ୍ୟକ୍ରମ ୫.୩୦ମି. ପର୍ଯ୍ୟନ୍ତ ବଢାଇ ଦିଆଗଲା । କାରଣ ଏହି  ନିବନ୍ଧଟି, ଚାରି ଘଣ୍ଟା ପାଖାପାଖି ସମୟ ନେଇଥିଲା ଏବଂ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସେହି ଏକାଭଳି ଉତ୍ସାହ ଓ ଉଦ୍ଦୀପନା ସହକାରେ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା ।”

(ରିପୋର୍ଟ ଧର୍ମ ମହୋତ୍ସବ, ପୃଷ୍ଠା - ୭୯,୮୦ ପ୍ରକାଶକ: ସିଦ୍ଦିକି ପ୍ରେସ ଲହୋର ୧୮୯୭)

ଆଶ୍ଚର୍ଯ୍ୟର କଥା ଏହି କି ଯେ ଏହି ସମ୍ମିଳନୀ ଅନୁଷ୍ଠିତ ହେବା ପୂର୍ବରୁ ୨୧ ଡିସେମ୍ବର ୧୮୯୬ ମସିହାରେ ଅହମଦିୟା ସଂପ୍ରଦାୟର ସଂସ୍ଥାପକ ନିଜ ପ୍ରବନ୍ଧଟି ସର୍ବଶ୍ରେଷ୍ଠ ହେବ ବୋଲି ଈଶ୍ୱରଙ୍କ ଠାରୁ ସମ୍ବାଦ ପାଇ ଗୋଟିଏ ଇସ୍ତାହାର ପ୍ରକାଶ କଲେ । ଏହାର ନକଲ ନିମ୍ନରେ ପ୍ରଦତ୍ତ ହେଲା ।

### ସତ୍ୟ-ଅନିସନ୍ଧିତ୍ସୁମାନଙ୍କ ପାଇଁ ଏକ ମହାନ ଶୁଭ ସନ୍ଦେଶ

“ଲାହୋର ଟାଉନ ହଲରେ ୨୬,୨୭,୨୮ ଡିସେମ୍ବର ୧୮୯୬ରେ ଏକ ମହାନ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହେବ,* ଯେଉଁଠାରେ ପବିତ୍ର କୁରଆନର

**ଟୀକା***- ସ୍ୱାମୀ ଶିବଗୁଣ ଚନ୍ଦ୍ର ମହାଶୟ ନିଜ ବିଜ୍ଞାପନରେ ମୁସଲମାନ, ଖ୍ରୀଷ୍ଟିୟାନ ତଥା ଆର୍ଯ୍ୟ ସମାଜୀ ମାନଙ୍କୁ ଶପଥ ଦିଆଇଥିଲେ ଯେ ସେମାନଙ୍କ ସୁପ୍ରସିଦ୍ଧ ବିଦ୍ୱାନଗଣ ଏହି ଧର୍ମ ସଭାରେ ନିଜ ନିଜ ଧର୍ମର ବିଶେଷତ୍ୱ ଅବଶ୍ୟ ବର୍ଣ୍ଣନା କରନ୍ତୁ । ସୁତରାଂ ସ୍ୱାମୀଜୀଙ୍କୁ ଆମେ ସୂଚନା ଦେଉଛୁ ଯେ ଏହି  ପବିତ୍ର ଶପଥର ମାନ ରକ୍ଷା କରିବା ପାଇଁ ତଥା ଆପଣଙ୍କ ମନୋବାଂଛାକୁ ଚରିତାର୍ଥ କରିବା ପାଇଁ ଆମେ ପ୍ରସ୍ତୁତ । ଏବଂ ଈଶ୍ୱର ଚାହିଁଲେ ଆମର ଏହି ନିବନ୍ଧ ସଭାରେ ପାଠ କରାଯିବ । ଇସଲାମ ଏପରି ଏକ ଧର୍ମ, ଯେ ଈଶ୍ୱରଙ୍କ ନାମ ଆସିବା କ୍ଷଣି ଜଣେ ସଚ୍ଚା ମୁସଲମାନକୁ ସଂପୂର୍ଣ୍ଣ ଆଜ୍ଞାବହ ହେବା ପାଇଁ ନିର୍ଦ୍ଦେଶ ଦିଏ । ଏବେ କିନ୍ତୁ ଆମେ ଦେଖିବା ଯେ ଆପଣଙ୍କ ଭାଇ ଆର୍ଯ୍ୟ ସମାଜୀ ତଥା ପାଦ୍ରୀମାନଙ୍କୁ ନିଜ ପରମେଶ୍ୱର ଅଥବା ଯୀଶୁଖ୍ରୀଷ୍ଟଙ୍କ ସମ୍ମାନର କେତେ ଦୂର ମାନ ଓ ଶ୍ରଦ୍ଧା ରହିଛି ଏବଂ ସେମାନେ ଏପରି ଅତି ପବିତ୍ର ମର୍ଯ୍ୟାଦା ପୁରୁଷଙ୍କ ନାମରେ ଏ ସଭାରେ ଉପସ୍ଥିତ ହେବା ପାଇଁ ଉଦ୍ୟମରତ ହେଉଛନ୍ତି କି ନାହିଁ ।

ଚମତ୍କାରିତା ଓ ବିଶେଷତ୍ୱ ଉପରେ ଆଧାରିତ ବିନୀତର ଏକ ନିବନ୍ଧ ପାଠ କରାଯିବ । ଏହା ସେହି ନିବନ୍ଧ, ଯାହା ମାନବୀୟ ଶକ୍ତିର ସ୍ତର ଠାରୁ ଉଚ୍ଚତର ତଥା ପରମେଶ୍ୱରଙ୍କ ନିଦର୍ଶନ ମଧ୍ୟରୁ ଏକ ନିଦର୍ଶନ ଓ ବିଶେଷ ରୂପେ ତାଙ୍କର ସହାୟତାରେ ଲେଖା ଯାଇଛି । ଏଥିରେ ପବିତ୍ର କୁରୁଆନର ସେହି ବାସ୍ତବିକତା ଓ ଗୂଢ଼ତତ୍ତ୍ୱ ଗୁଡ଼ିକୁ ଉଲ୍ଲେଖ କରାଯାଇଛି, ଯଦ୍ଦ୍ୱାରା ସୂର୍ଯ୍ୟାଲୋକ ପରି ଏହା ପ୍ରକଟ ହୋଇଯିବ ଯେ ବାସ୍ତବରେ ଏହି ଗ୍ରନ୍ଥ ନିଶ୍ଚିତ ଭାବେ ଈଶ୍ୱରଙ୍କ କଥନ ତଥା ସମଗ୍ର ଜଗତର ପାଳନକର୍ତ୍ତାଙ୍କ ପୁସ୍ତକ । ଯେଉଁ ବ୍ୟକ୍ତି ପାଞ୍ଚୋଟି ପ୍ରଶ୍ନର ଉତ୍ତର ସମ୍ବଳିତ ଏହି ନିବନ୍ଧଟିକୁ ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଶୁଣିବ, ମୋର ବିଶ୍ୱାସ ଯେ ତାହା ଠାରେ ଏକ ନୂତନ ବିଶ୍ୱାସ ଜନ୍ମ ନେବ ଓ ଏକ ନୂତନ ଦିବ୍ୟ ଅଲୋକ ତା'ମଧ୍ୟରେ ଦିପ୍ତୀମାନ ହେବ ଏବଂ ଈଶ୍ୱରଙ୍କ ପବିତ୍ର ଗ୍ରନ୍ଥର ଏକ ସାମଗ୍ରୀକ ବ୍ୟାଖ୍ୟା ତା' ହାତ ମୁଠାକୁ ଆସିଯିବ । ମୋର ଏହି ବକ୍ତବ୍ୟ ମାନବୀୟ ଅନାବଶ୍ୟକ କଥାମାନରୁ ପବିତ୍ର ତଥା ବଡ଼ିମା ପ୍ରଦର୍ଶନର ଦୋଷରୁ ମୁକ୍ତ । ଏହି ସମୟରେ ମାନବୀୟ ସହାନୁଭୂତି ହିଁ ମୋତେ ଏହି ବିଜ୍ଞାପନ ଲେଖିବା ପାଇଁ ବାଧ୍ୟ କରିଛି, ଯଦ୍ଦ୍ୱାରା ସେମାନେ ପବିତ୍ର କୁରୁଆନର ରୂପ ଓ ସୌନ୍ଦର୍ଯ୍ୟକୁ ଦେଖନ୍ତୁ ଓ ଜାଣନ୍ତୁ ଯେ, ଆମ ବିରୋଧିମାନଙ୍କର ଏହା କିପରି ଅତ୍ୟାଚାର ଯେ ସେମାନେ ଅନ୍ଧକାରକୁ ପ୍ରେମ ଓ ଆଲୋକକୁ ଘୃଣା କରୁଛନ୍ତି । ମୋତେ ସର୍ବଜ୍ଞ ପରମେଶ୍ୱର ଐଶ୍ୱରିକ ବାଣୀ ଦ୍ୱାରା ଏହା ସୂଚିତ କରିଛନ୍ତି ଯେ ଏହା ସେହି ନିବନ୍ଧ ଯାହା ସମସ୍ତଙ୍କ ଉପରେ ଶ୍ରେଷ୍ଠତ୍ୱ ଲାଭ କରିବ । ଏଥିରେ ସତ୍ୟତା, ଗୂଢତତ୍ତ୍ୱ ଓ ବ୍ରହ୍ମଜ୍ଞାନର ସେ ଆଲୋକ ରହିଛି ଯାହାକୁ ଅନ୍ୟ ସବୁ ସଂପ୍ରଦାୟ ସମୂହ, ଯଦି ସେମାନେ ଉପସ୍ଥିତ ରହିବେ ଓ ଆଦ୍ୟରୁ ଶେଷ ପର୍ଯ୍ୟନ୍ତ ଶୁଣିବେ ତେବେ ଲଜ୍ଜିତ ହେବେ ଏବଂ ନିଜ ଧର୍ମଗ୍ରନ୍ଥରେ ଏତାଦୃଶ ବୈଶିଷ୍ଟ୍ୟ ଦେଖାଇବା ପାଇଁ ଅସମର୍ଥ ହେବେ । ସେ ଖ୍ରୀଷ୍ଟିୟାନ ହୁଅନ୍ତୁ ଅବା ଆର୍ଯ୍ୟ ସମାଜୀ ଅବା ସନାତନ ଧର୍ମୀ ଅଥବା ଅନ୍ୟ କେହି । କାରଣ ପରମେଶ୍ୱର ସଂକଳ୍ପ କରିଛନ୍ତି ଯେ, ଏହି ଦିନ ସେହି ପବିତ୍ର ଗ୍ରନ୍ଥ କୁରଆନର ଚମତ୍କାରିତା ପ୍ରକାଶ ପାଉ । ମୁଁ ଏ ସମ୍ବନ୍ଧରେ ଦିବ୍ୟ ସ୍ୱପ୍ନାବେଶ ଅବସ୍ଥାରେ ଦେଖିଛି ଯେ ମୋ ପ୍ରାସାଦ ଉପରେ

ଅଦୃଶ୍ୟରୁ ଏକ ହସ୍ତ ଆସି ସ୍ପର୍ଶ କରିଗଲା ଓ ତାହାର ସ୍ପର୍ଶରୁ ସେହି ପ୍ରାସାଦ ମଧ୍ୟରୁ ଏକ ଦିବ୍ୟ ଜ୍ୟୋତି ନିର୍ଗତ ହେଲା ଯାହା ଆଖପାଖକୁ ବ୍ୟାପୀଗଲା । ଏବଂ ମୋ ହାତ ଉପରେ ମଧ୍ୟ ସେ ଆଲୋକ ଆସି ପଡ଼ିଲା, ସେତେବେଳେ ଜଣେ ବ୍ୟକ୍ତି ଯେ କି ମୋ ପାର୍ଶ୍ୱରେ ଦଣ୍ଡାୟମାନ ଥିଲା ଉଚ୍ଚ ସ୍ୱରରେ କହିଲା "ଆଲ୍ଲାହୁ ଅକ୍‌ବର୍ ଖରିବତ୍ ଖୈବର୍" ଏହାର ତାତ୍ପର୍ଯ୍ୟ ଏହିକି ଯେ ସେ ପ୍ରାସାଦର ଅର୍ଥ ମୋ ହୃଦୟ, ଯାହାକି ହେଉଛି ଦିବ୍ୟ ଜ୍ୟୋତିର ଓହ୍ଲାଇବାର ଓ ଅବସ୍ଥାନ କରିବାର ଜାଗା ଏବଂ ତାହା ହେଉଛି ଆଲୋକମୟ ତତ୍ତ୍ୱଜ୍ଞାନ । 'ଖୈବର୍'ର ତାତ୍ପର୍ଯ୍ୟ ହେଉଛି ସେ ସମସ୍ତ ଅପ-ଧର୍ମ ଯହିଁରେ ଈଶ୍ୱରଙ୍କ ସମକକ୍ଷ କରିବା ଏବଂ ମିଥ୍ୟାର ସମ୍ମିଶ୍ରଣ ରହିଛି । ଏବଂ ମନୁଷ୍ୟକୁ ଈଶ୍ୱରଙ୍କ ସ୍ଥାନ ଦିଆଯାଇଛି ଅଥବା ପରମେଶ୍ୱରଙ୍କ ଗୁଣାବଳୀକୁ ସେମାନଙ୍କ ଶୀର୍ଷତମ ସ୍ଥାନରୁ ତଳକୁ କରି ଦିଆଯାଇଛି । ସୁତରାଂ ମୋତେ ଏହା ଜଣାଇ ଦିଆଯାଇଛି ଯେ ଏହି ଲେଖାର ବହୁଳ ପ୍ରସାରଣ ହେବା ପରେ ମିଥ୍ୟା ଧର୍ମଗୁଡ଼ିକର ମିଥ୍ୟା ଖୋଲିଯିବ ଏବଂ ପବିତ୍ର କୁରୁଆନର ସତ୍ୟତା ଭୂପୃଷ୍ଠରେ ଦିନକୁ ଦିନ ବ୍ୟାପି ଚାଲିବ ଯେପର୍ଯ୍ୟନ୍ତ କି ଏହା ନିଜର ବିସ୍ତାର ସମ୍ପୂର୍ଣ୍ଣ କରି ନାହିଁ । ଏହାପରେ ମୋତେ ସେହି ଦିବ୍ୟ ସ୍ୱପ୍ନାବେଶ ଅବସ୍ଥାରୁ ଦିବ୍ୟବାଣୀ ଆଡ଼କୁ ସ୍ଥାନାନ୍ତରିତ କରାଗଲା ଏବଂ ମୋ ପ୍ରତି ଦିବ୍ୟବାଣୀ ଅବତୀର୍ଣ୍ଣ ହେଲା "ଇନ୍‌ନଲ୍ ଲାହା ମାଆକା ଇନ୍ନଲ୍‌ଲାହା ୟକୁମୁ ଐନମାକୁମ୍‌ତା" । ଅର୍ଥାତ 'ଈଶ୍ୱର ତୁମ ସାଥିରେ ଅଛନ୍ତି, ଈଶ୍ୱର ସେହି ସ୍ଥାନରେ ଛିଡ଼ା ହୁଅନ୍ତି, ଯେଉଁଠାରେ ତୁମେ ଛିଡ଼ାହୁଅ ।' ଏହି ଶବ୍ଦ ଈଶ୍ୱରଙ୍କ ସମର୍ଥନ ପ୍ରତି ଏକ ସଙ୍କେତ । ବର୍ତ୍ତମାନ ମୁଁ ଅଧିକ ଲେଖିବାକୁ ଚାହୁଁ ନାହିଁ । ପ୍ରତ୍ୟେକଙ୍କୁ କେବଳ ଏହି ସୂଚନା ଦେଉଛି ଯେ ନିଜର କିଛି ହାନି କରି ମଧ୍ୟ ଏହି ଗୂଢ ତତ୍ତ୍ୱମାନକୁ ଶୁଣିବା ପାଇଁ ନିର୍ଦ୍ଧାରିତ ତାରିଖରେ ଲାହୋର ସଭାକୁ ନିଶ୍ଚୟ ଆସନ୍ତୁ । ଏହା ସେମାନଙ୍କ ବୁଦ୍ଧି ଓ ବିଶ୍ୱାସକୁ ଏପରି ଲାଭ ପ୍ରଦାନ କରିବ ଯାହାକୁ ସେମାନେ କଦାପି କଳ୍ପନା କରି ନଥିବେ । "ୱସ୍‌ସଲାମ୍ ଅଲା ମନିତ୍ ତବାଅଲ୍ ହୁଦା" (ଯେଉଁମାନେ ସନ୍ମାର୍ଗର ଅନୁସରଣ କରନ୍ତି ସେମାନଙ୍କ ପ୍ରତି ଶାନ୍ତି ଅବତୀର୍ଣ୍ଣ ହେଉ) ।

ବିନୀତ

ମିର୍ଜା ଗୁଲାମ ଅହମଦ (କାଦିୟାନ୍) ୨୧,ଡିସେମ୍ବର ୧୮୯୬

(ମଜ୍‌ମୁଆ ଇସ୍ତାହାର ଭାଗ-୧ ପୃ-୬୧୪,୬୧୫ ପ୍ରକାଶକ ନଜାରତ୍ ଇଶାଅତ୍, ରବୱା)

ନମୁନା ସ୍ୱରୂପ ଏଠାରେ ଦୁଇ ତିନୋଟି ସମ୍ବାଦ ପତ୍ରର ଅଭିମତ ଦିଆଯିବା ସମୀଚୀନ ମନେହେଉଛି ।

## ସିଭିଲ୍ ଏଣ୍ଡ ମିଲିଟାରୀ ଗେଜେଟ୍ ଲାହୋର

ଏହି ସଭାରେ ଶ୍ରୋତାଗଣଙ୍କୁ ବିଶେଷ ରୁଚି ଓ ଅନୁରାଗ କାଦିୟାନର ମିର୍ଜା ଗୁଲାମ ଅହମଦ୍‌ଙ୍କ ବକ୍ତବ୍ୟ ପ୍ରତି ଥିଲା, ଯେକି ଇସଲାମର ପକ୍ଷ ସମର୍ଥନ କ୍ଷେତ୍ରରେ ଅତି ନିପୁଣ ଥିଲେ । ଏହି ଭାଷଣ ଶୁଣିବା ପାଇଁ ଦୂର ଓ ନିକଟରୁ ବିଭିନ୍ନ ସଂପ୍ରଦାୟର ଏକ ବିଶାଳ ଜନ ସମୁଦାୟ ଉଠି ଆସିଥିଲା । ଯେହେତୁ ମିର୍ଜା ସାହେବ ସ୍ୱୟଂ ଆସି ପାରି ନ ଥିଲେ ତେଣୁ ଏହି ଭାଷଣକୁ ତାଙ୍କର ଜଣେ ଯୋଗ୍ୟ ଶିଷ୍ୟ ବାଗ୍ମୀ ମୁନ୍‌ସୀ ଅବଦୁଲ୍ କରିମ୍ ସାହେବ ସିଆଲ୍‌କୋଟି ପାଠ କରି ଶୁଣାଇଥିଲେ । ଏହି ବକ୍ତବ୍ୟ ୨୭ ତାରିଖ ଦିନ ସାଢ଼େ ତିନି ଘଣ୍ଟା ଧରି ଚାଲିଲା । ଜନସାଧାରଣ ଗଭୀର ମନଯୋଗ ଓ ପ୍ରସନ୍ନତାର ସହ ଶୁଣିଲେ । କିନ୍ତୁ ଏହି ସମୟ ମଧ୍ୟରେ କେବଳ ଗୋଟିଏ ପ୍ରଶ୍ନର ଉତ୍ତର ଶେଷ ହେଲା । ମୌଲବୀ ଅବଦୁଲ୍ କରିମ ପ୍ରତିଶ୍ରୁତି ଦେଲେ ଯେ ଯଦି ସମୟ ଅଧିକ ମିଳିବ, ତା' ହେଲେ ଏହାର ଅବଶିଷ୍ଟାଂଶ ମଧ୍ୟ ଶୁଣାଇ ଦେବେ । ଏଥିଯୋଗୁଁ ସମ୍ମିଳନୀର ଆୟୋଜକ ମଣ୍ଡଳୀ ତଥା ସଭାପତି ଏହି ପ୍ରସ୍ତାବ ସ୍ୱୀକାର କରିନେଲେ ଯେ ସମ୍ମିଳନୀ ଡିସେମ୍ବର ୨୯ ତାରିଖକୁ ଆଉ ଗୋଟିଏ ଦିନ ବଢ଼ାଇ ଦିଆଯାଉ ।'

## ସମ୍ବାଦ ପତ୍ର: ଚୌଦୁହୁଇଁ ସଦି, ରାଓଲ୍‌ପିଣ୍ଡି

ସମସ୍ତ ଭାଷଣ ମଧ୍ୟରେ ସର୍ବଶ୍ରେଷ୍ଠ ଭାଷଣ ଯାହା ସମ୍ମିଳନୀର ପ୍ରାଣକେନ୍ଦ୍ର ଥିଲା, ତାହା ମିର୍ଜା ଗୁଲାମ ଅହମଦ କାଦିୟାନୀଙ୍କର ଥିଲା । ଏହାକୁ ପ୍ରସିଦ୍ଧ ବାଗ୍ମୀ ମୌ. ଅବଦୁଲ କରିମ୍ ସିଆଲକୋଟି ଅତ୍ୟନ୍ତ ନିପୁଣ ଭାବେ ଓ ରୋଚକ ଢଙ୍ଗରେ ପଢ଼ି ଶୁଣାଇଲେ । ଏହି ବକ୍ତବ୍ୟ ଦୁଇ ଦିନରେ ଶେଷ ହେଲା । ୨୭ ଡିସେମ୍ବର

ଦିନ ପ୍ରାୟ ୪ ଘଣ୍ଟା ଓ ୨୯ ଡିସେମ୍ବର ଦିନ ୨ ଘଣ୍ଟା ଧରି ଏହା ଚାଲିଲା । ମୋଟ ୬ ଘଣ୍ଟାରେ ଏହି ବକ୍ତବ୍ୟ ସମାପ୍ତ ହେଲା । ଲିଖିତ ଆକାରରେ ଏହା ୧୦୦ ପୃଷ୍ଠା ସମ୍ବଳିତ ହେବ ।

ଯେତେବେଳେ ମୌଲବୀ ଅବଦୁଲ୍ କରିମ୍ ଏହି ଭାଷଣ ଆରମ୍ଭ କଲେ ଓ କେମିତି ଆରମ୍ଭ କଲେ ଯେ ଶ୍ରୋତାଗଣ ମନ୍ତ୍ରମୁଗ୍ଧ ହୋଇଗଲେ ! ପଙ୍କ୍ତି ପଙ୍କ୍ତିରେ ପ୍ରଶଂସାର ଧ୍ୱନୀ । ବହୁଥର ଗୋଟିଏ ଗୋଟିଏ ବାକ୍ୟକୁ ଦୁଇ ଦୁଇ ଥର ପଢ଼ିବା ଲାଗି ଜନ ସମୁଦାୟ ପକ୍ଷରୁ ଅନୁରୋଧ କରାଯାଉଥିଲା । ଜୀବନକାଳ ମଧ୍ୟରେ ଏପରି ସୁନ୍ଦର ବକ୍ତୃତା ଆମ କାନ କେବେ ଶୁଣି ନ ଥିଲା ।

ଅନ୍ୟ ଧର୍ମମାନଙ୍କ ମଧ୍ୟରୁ ଯେତେ ଜଣ ବକ୍ତା ଭାଷଣ ଦେଲେ, ସତ କହିବାକୁ ଗଲେ ସେମାନଙ୍କ ବକ୍ତବ୍ୟରେ ସମ୍ମିଳନୀ ପାଇଁ ନିର୍ଦ୍ଧାରିତ ପ୍ରଶ୍ନଗୁଡ଼ିକର ଉତ୍ତର ହିଁ ନ ଥିଲା । ସାଧାରଣତଃ ବକ୍ତାମାନଙ୍କ ଉତ୍ତର କେବଳ ଚତୁର୍ଥ ପ୍ରଶ୍ନ ମଧ୍ୟରେ ହିଁ ସୀମିତ ଥିଲା । ଅନ୍ୟ ପ୍ରଶ୍ନଗୁଡ଼ିକୁ ସେମାନେ ବହୁତ କମ୍ ସ୍ପର୍ଶ କରିଥିଲେ । ଅଧିକାଂଶ ବ୍ୟକ୍ତି ଅଧିକ କଥା କହୁଥିଲେ; ମାତ୍ର ମିର୍ଜା ସାହେବଙ୍କୁ ଛାଡ଼ିଦେଲେ ସେମାନଙ୍କ କଥାରେ କୌଣସି ଜୀବନ ନ ଥିଲା । କେବଳ ମିର୍ଜା ସାହେବଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣରେ ସେହି ପ୍ରଶ୍ନଗୁଡ଼ିକର ପୃଥକ ଭାବରେ ସଂପୂର୍ଣ୍ଣ ଓ ବିସ୍ତୃତ ଉତ୍ତର ରହିଥିଲା, ଯାହାକୁ ଉପସ୍ଥିତ ଦର୍ଶକଗଣ ଅତ୍ୟନ୍ତ ଧ୍ୟାନ ପୂର୍ବକ ମନପ୍ରାଣ ଦେଇ ଶୁଣିଥିଲେ ଓ ତାହାକୁ ଅତ୍ୟନ୍ତ ମୂଲ୍ୟବାନ ଓ ଅତି ଉଚ୍ଚ କୋଟୀର ବୋଲି ବିଚାରି ଥିଲେ । ଆମେ ମିର୍ଜା ସାହେବଙ୍କ ଶିଷ୍ୟ ନୋହୁଁ ଏବଂ ତାଙ୍କ ସହିତ ଆମର କୌଣସି ସଂପର୍କ ମଧ୍ୟ ନାହିଁ । କିନ୍ତୁ ଆମେ କଦାଚିତ ନ୍ୟାୟର ହତ୍ୟା କରିପାରିବୁ ନାହିଁ, ନା କୌଣସି ବିଚାରବନ୍ତ ଓ ବିବେକବାନ ବ୍ୟକ୍ତି ଏହା କରିବାକୁ ଉଚିତ ମନେ କରିବ । ମିର୍ଜା ସାହେବ ସମସ୍ତ ପ୍ରଶ୍ନର ଯଥୋଚିତ ଉତ୍ତର ପବିତ୍ର କୁରଆନ ମଧ୍ୟରୁ ଦେଇଛନ୍ତି । ସେ ଇସଲାମର ସମସ୍ତ ପ୍ରକାର ବଡ଼ ବଡ଼ ଧର୍ମୀୟ ସିଦ୍ଧାନ୍ତମାନ ଓ ତାହାରି ଶାଖା ପ୍ରଶାଖାଗୁଡ଼ିକୁ ବୌଦ୍ଧିକ ଓ ଦର୍ଶନର ପ୍ରମାଣ ଦ୍ୱାରା ସାବ୍ୟସ୍ତ କରିଥିଲେ । ପ୍ରଥମେ ବୌଦ୍ଧିକ ତର୍କ ଦ୍ୱାରା ଦର୍ଶନକୁ ସୁସଜ୍ଜିତ ଓ ସାବ୍ୟସ୍ତ କରିବା

ଓ ତା' ପରେ ଐଶ୍ୱରିକ ବାଣୀକୁ (ଧର୍ମଗ୍ରନ୍ଥରୁ) ପ୍ରମାଣ ସ୍ୱରୂପ ଉପସ୍ଥାପନ କରିବା ଏକ ଅଦ୍ଭୁତ ଗରିମା ପ୍ରଦର୍ଶନ କରୁଥିଲା ।

ମିର୍ଜା ସାହେବ କେବଳ କୁରଆନରେ ଆଲୋଚିତ ସମସ୍ୟାଗୁଡ଼ିକର ଦାର୍ଶନିକତା ବର୍ଣ୍ଣନା କରିଥିଲେ, ତା ନୁହଁ ବରଂ କୁରଆନ ବାଣୀର ଶବ୍ଦଗତ ଦର୍ଶନତତ୍ତ୍ୱର ମଧ୍ୟ ଏକ ସଂଗେ ବ୍ୟାଖ୍ୟା କରୁଥିଲେ । ସୁତରାଂ ମିର୍ଜା ସାହେବଙ୍କ ଭାଷଣ ପ୍ରତ୍ୟେକ ଦୃଷ୍ଟିକୋଣରୁ ଏକ ସଂପୂର୍ଣ୍ଣ ଓ ପ୍ରଭାବ ପୂର୍ଣ୍ଣ ଭାଷଣ ଥିଲା । ଯାହା ମଧ୍ୟରେ ଅସୁମାରୀ ତତ୍ତ୍ୱଜ୍ଞାନ, ସତ୍ୟତା, ପାଣ୍ଡିତ୍ୟ, ଏବଂ ଗୁପ୍ତ ରହସ୍ୟମାନର ମୁକ୍ତାମାନ ଝଟକୁ ଥିଲା । ଆଧ୍ୟାତ୍ମିକ ଦର୍ଶନକୁ ଏପରି ଢଙ୍ଗରେ ବର୍ଣ୍ଣନା କରାଯାଇଥିଲା ଯେ ସମସ୍ତ ଧର୍ମର ଲୋକେ ସ୍ତବ୍ଧ ହୋଇ ରହିଗଲେ । ଯେତେ ଲୋକ ମିର୍ଜା ସାହେବଙ୍କ ଭାଷଣ ବେଳେ ଉପସ୍ଥିତ ଥିଲେ, ଅନ୍ୟ କାହାର ଭାଷଣ ସମୟରେ ଉପସ୍ଥିତ ନ ଥିଲେ । ସଂପୂର୍ଣ୍ଣ କକ୍ଷ, ତଳ ଠାରୁ ଉପର ପର୍ଯ୍ୟନ୍ତ ଭରପୁର ହୋଇ ରହିଥିଲା ତଥା ଶ୍ରୋତାଗଣ ମନ ଧ୍ୟାନ ଦେଇ ଶୁଣୁଥିଲେ । ମିର୍ଜା ସାହେବଙ୍କ ଭାଷଣ ଓ ଅନ୍ୟ ବକ୍ତାଙ୍କ ଭାଷଣ ମଧ୍ୟରେ ଥିବା ପ୍ରଭେଦ ସମ୍ବନ୍ଧରେ ଏତିକି କହିବା ଯଥେଷ୍ଟ ହେବ ଯେ ମିର୍ଜା ସାହେବଙ୍କ ଭାଷଣ ଚାଲିଥିବା ସମୟରେ ଶ୍ରୋତା ଏପରି ଆସି ପଡୁଥିଲେ, ଯେପରି ମହୁ ଉପରେ ମଧୁମକ୍ଷୀ । ଅଥଚ ଅନ୍ୟମାନଙ୍କ ଭାଷଣ ସମୟରେ ଶ୍ରୁତି ମଧୁରତା ଓ ଆନନ୍ଦର ଅଭାବ ହେତୁ ସେମାନେ ଉଠି ଚାଲି ଯାଉଥିଲେ । ମୌଲବୀ ମୁହମ୍ମଦ ହୁସେନ୍ ବଟାଲୁଇ ମହାଶୟଙ୍କ ଭାଷଣ ବିଲ୍‌କୁଲ ମାମୁଲି ଧରଣର ଥିଲା । ସେହି ମୌଳବାଦୀ ବିଚାର ଯାହାକୁ ଆମେମାନେ ନିତି ଶୁଣିଥାଉ । ସେଥିରେ କୌଣସି ନୂତନତ୍ୱ ନ ଥିଲା । ତାଙ୍କର ଦ୍ୱିତୀୟ ଭାଷଣ ସମୟରେ ଅନେକ ଲୋକ ଉଠି ଚାଲି ଯାଇଥିଲେ । ମୌଲବୀ ସାହେବ ମହାଶୟଙ୍କୁ ତାଙ୍କ ଭାଷଣ ସଂପୂର୍ଣ୍ଣ କରିବା ପାଇଁ ମାଗିଥିବା କିଛି ମିନଟ୍ ଅଧିକ ସମୟର ଅନୁମତି ମଧ୍ୟ ଦିଆଗଲା ନାହିଁ ।

(ସମ୍ବାଦ ପତ୍ର: ଚୌଦୁହୁଇଁ ସଦି ରାଓଲ୍‌ପିଣ୍ଡି, ୧ ଫେବୃୟାରୀ ୧୮୯୭)

## ସମ୍ବାଦ ପତ୍ର: ଜନରଲ ଓ୍ୱ ଗହ୍ୱର ଆସିଫୀ; କଲିକତା

ଏହି ସମ୍ବାଦ ପତ୍ର ତାର ୨୪ ଜାନୁଆରୀ ୧୮୯୭ର ପ୍ରକାଶନରେ 'ଲାହୋରରେ ଆୟୋଜିତ ଧର୍ମ ମହୋତ୍ସବ' ଏବଂ 'ଇସଲାମ୍‌ର ବିଜୟ' ଏହି ଦୁଇ ଶୀର୍ଷକରେ ଏହିପରି ଲେଖିଥିଲା:

ସମ୍ମିଳନୀର କାର୍ଯ୍ୟବାହୀ ସଂମ୍ବନ୍ଧରେ ଉଲ୍ଲେଖ କରିବା ପୂର୍ବରୁ ଆମେ ଏଠାରେ ଏହା ଜଣାଇଦେବା ଆବଶ୍ୟକ ମନେ କରୁଛୁ ଯେ ପାଠକମାନଙ୍କୁ ଏକଥା ଅବଗତ ହୋଇସାରିଥିବ ଯେପରିକି ଆମ ସମ୍ବାଦ ପତ୍ରର ସ୍ତମ୍ଭମାନଙ୍କରେ ଏ ବିଷୟରେ ଚର୍ଚ୍ଚା ହୋଇସାରିଛି, ଯେ ଏହି ଧର୍ମ ମହୋତ୍ସବରେ ଇସଲାମର ପ୍ରତିନିଧିତ୍ୱ କରିବା ପାଇଁ ସବୁଠାରୁ ଯୋଗ୍ୟ ବ୍ୟକ୍ତି କିଏ ଥିଲେ ? ଆମର ଜଣେ ସମ୍ମାନନୀୟ ପତ୍ରକାର ନିଜକୁ ନିଷ୍ପକ୍ଷ ରଖି ତଥା ସତ୍ୟକୁ ଦୃଷ୍ଟିରେ ରଖି କାଦିୟାନର ପ୍ରମୁଖ ବ୍ୟକ୍ତି ହଜରତ ମିର୍ଜା ଗୁଲାମ ଅହମଦଙ୍କୁ ଆପଣା ବିଚାରରେ ଚୟନ କରିଥିଲେ । ଏହାକୁ ସମର୍ଥନ କରି ଆମର ଅନ୍ୟ ଜଣେ ସଜ୍ଜନ ନିଜ ପତ୍ରରେ ତାଙ୍କର ସହମତି ପ୍ରକାଶ କରିଥିଲେ । ସେହିପରି ନିଜର ସ୍ୱାଧୀନ ବିଚାରଧାରା ତଥା ବହୁମୂଲ୍ୟ ରାୟ ଲୋକମାନଙ୍କ ସମ୍ମୁଖରେ ପ୍ରସ୍ତୁତ କରିଥିବା ବିଶିଷ୍ଟ ମୌଲବୀ ସୟଦ ଫଖରୁଦ୍ଦିନ ସାହିବ ଫଖର ଅତ୍ୟନ୍ତ ଭାବାବେଗରେ ଆସି ଯେଉଁ ଭାଷଣକର୍ତ୍ତାମାନଙ୍କୁ ବାଛିଥିଲେ, ସେଥିରେ ସର୍ବାଗ୍ରେ କାଦିୟାନର ସମ୍ଭ୍ରାନ୍ତ ବ୍ୟକ୍ତି ହଜରତ ମିର୍ଜା ଗୁଲାମ ଅହମଦ ସାହେବ ଓ ଆଲିଗଡ଼ର ସର୍ ସୟଦ ଅହମଦ ସାହେବଙ୍କୁ ଚୟନ କରିଥିଲେ । ତତ୍‌ସହିତ ଇସଲାମ ସପକ୍ଷରେ ଯୁକ୍ତି ଉପସ୍ଥାପନ କରିବା ପାଇଁ ନିମ୍ନଲିଖିତ ବିଦ୍ୱାନମାନଙ୍କ ନାମ ତାଲିକା ପ୍ରକାଶ କରିଥିଲେ । ସେମାନେ ହେଲେ ସର୍ବଶ୍ରୀ ମୌଲବୀ ଅବୁ ସୟିଦ୍ ମୁହମ୍ମଦ ହୁସେନ୍ ସାହେବ ବଟାଲୁଇ, ମୌଲବୀ ହାଜୀ ସୟଦ ମୁହମ୍ମଦ ଅଲି ସାହେବ କାନପୁରୀ ଏବଂ ମୌଲବୀ ଅହମଦ ହୁସେନ ସାହେବ ଅଜିମାବାଦୀ । ଏଠାରେ ଏହା ସୂଚାଇ ଦେବା ଅନୁଚିତ ହେବ ନାହିଁ ଯେ ଆମର ଏକ ସ୍ଥାନୀୟ ଖବର କାଗଜର ସମ୍ବାଦଦାତା ଏହି କାର୍ଯ୍ୟ ପାଇଁ 'ତଫସୀର ହକ୍‌କାନୀ' ର ଲେଖକ ମୌଲବୀ ଅବଦୁଲ ହକ୍ ସାହେବ ଦହଲୁଇଙ୍କୁ ମଧ୍ୟ ନିର୍ବାଚିତ କରିଥିଲେ ।

ଏହା ପରେ ସ୍ୱାମୀ ଶିବଗୁଣ ଚନ୍ଦ୍ରଙ୍କ ଦ୍ୱାରା ଜାରି କରାଯାଇଥିବା ବିଜ୍ଞାପନର ସେହି ଭାଗକୁ ନକଲ କରି ଯହିଁରେ ସେ ହିନ୍ଦୁସ୍ତାନର ବିଭିନ୍ନ ଧର୍ମର ବିଦ୍ୱାନମାନଙ୍କୁ ଇଜ୍ଜତର ଦ୍ୱାହି ଦେଇ ନିଜ ନିଜ ଧର୍ମର ପାରଦର୍ଶିତା ଦେଖାଇବା ପାଇଁ ଆହ୍ୱାନ କରିଥିଲେ, ଉକ୍ତ ସମ୍ବାଦ ପତ୍ର ଏହିପରି ଲେଖିଥିଲା:

'ଏହି ସମ୍ମିଳନୀ ପାଇଁ ପ୍ରକାଶିତ ବିଜ୍ଞାପନକୁ ଦେଖିବା ତଥା ନିମନ୍ତ୍ରଣ ପହଂଚିବା ପରେ ହିନ୍ଦୁସ୍ତାନର କେଉଁ କେଉଁ ବିଦ୍ୱାନମାନଙ୍କର ସ୍ୱାଭିମାନ ପବିତ୍ର ଇସଲାମ ଧର୍ମର ପ୍ରତିନିଧିତ୍ୱ କରିବା ସକାଶେ ଜାଗି ଉଠିଲା ଏବଂ ସେମାନେ ଇସଲାମର ସମର୍ଥନରେ ବଳିଷ୍ଠ ତର୍କ ଓ ପ୍ରମାଣ ମାଧ୍ୟମରେ କୁରଆନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ପାଇଁ ଗୁରୁ ଦାୟିତ୍ୱ ବହନ କରି ଏହାର ଗାରିମାକୁ ଅନ୍ୟ ଧର୍ମାବଲମ୍ବୀଙ୍କ ହୃଦୟରେ ବସାଇବା ପାଇଁ କେତେ ଦୂର ପ୍ରଯତ୍ନ କରିଥିଲେ !

ଆମକୁ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ ସମ୍ମିଳନୀର କର୍ମକର୍ତ୍ତା ବିଶେଷ ରୂପେ ହଜରତ ମିର୍ଜା ଗୁଲାମ ଅହମଦ ସାହେବ ତଥା ସାର୍ ସୟଦ ଅହମଦ ସାହେବଙ୍କୁ ଧର୍ମ ମହୋତ୍ସବରେ ଅଂଶ ଗ୍ରହଣ କରିବା ପାଇଁ ପତ୍ର ଲେଖିଥିଲେ । ହଜରତ ମିର୍ଜା ସାହେବ ଅସୁସ୍ଥତା ବଶତଃ ସଶରୀରେ ଯୋଗ ଦେଇ ପାରିଲେ ନାହିଁ, କିନ୍ତୁ ନିଜ ନିବନ୍ଧକୁ ପଠାଇ ନିଜର ଏକ ବିଶିଷ୍ଟ ଶିଷ୍ୟ ମୌଲବୀ ଅବଦୁଲ୍ କରିମ୍ ସାହେବ ସିଆଲକୋଟିକୁ ଏହାକୁ ପାଠ କରି ଶୁଣାଇବା ପାଇଁ ନିଯୁକ୍ତ କଲେ । ମାତ୍ର ସାର୍ ସୟଦ ସାହେବ ସମ୍ମିଳନୀରେ ଭାଗ ନେବା ତଥା ନିଜ ନିବନ୍ଧ ପଠାଇବାରୁ ନିଜକୁ ବିରତ ରଖିଲେ । କାରଣ ଏହା ନଥିଲା ଯେ ସେ ବୃଦ୍ଧ ହୋଇ ଯାଇଥିଲେ ଓ ଏପରି ସଭାମାନରେ ଯୋଗ ଦେବା ପାଇଁ ସମର୍ଥ ନଥିଲେ । ଅଥବା ଏହା ମଧ୍ୟ କାରଣ କୁହାଯିବ ନାହିଁ ଯେ ସେହି ଦିନମାନଙ୍କରେ ମିରଠରେ Educational Conference ଆୟୋଜିତ ହେବାର ତାରିଖ ଧାର୍ଯ୍ୟ ହୋଇ ଯାଇଥିଲା । ଏହାର କାରଣ ବରଂ ଏହା ଥିଲା ଯେ ଧାର୍ମିକ ସମ୍ମିଳନୀମାନ ତାଙ୍କର ଧ୍ୟାନ ଯୋଗ୍ୟ ନ ଥିଲା । ସେ ନିଜ ପତ୍ରରେ ଯାହାକୁ ଆମେ ପ୍ରଭୁ ଚାହିଁଲେ ଅନ୍ୟ କୌଣସି ସମୟରେ ନିଜ ସମ୍ବାଦପତ୍ରରେ ଉଲ୍ଲେଖ କରିବୁ, ସ୍ପଷ୍ଟ ରୂପେ ଲେଖିଥିଲେ ଯେ ସେ ଉପଦେଷ୍ଟା

ନୁହନ୍ତି କି ପ୍ରବଚନକାରୀ ନୁହନ୍ତି କି ମୌଲବୀ ମଧ ନୁହନ୍ତି, ଏହା ସେମାନଙ୍କ କାର୍ଯ୍ୟ, ମୋର ନୁହେଁ । କାର୍ଯ୍ୟକ୍ରମର ବିବରଣୀକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରିବା ଦ୍ୱାରା ଜଣାଗଲା ଯେ, ସର୍ବଶ୍ରୀ ମୌଲବୀ ସୟଦ ମୁହମ୍ମଦ ଅଲି କାନପୁରୀ, ମୌଲବୀ ଅବ୍ଦୁଲ ହକ ସାହେବ ଦହଲୁଇ ଓ ମୌଲବୀ ଅହମଦ ହୁସେନ ସାହେବ ଅଜିମାବାଦୀ ଇତ୍ୟାଦି ଧର୍ମ-ବିଦ୍ୱାନମାନେ ଏହି ସମ୍ମିଳନୀ ପ୍ରତି ଆଗ୍ରହ ଦେଖାଇଲେ ନାହିଁ; ନା ଆମର ବରେଣ୍ୟ ବିଦ୍ୱାନବର୍ଗ ମଧ୍ୟରୁ ଅନ୍ୟ କୌଣସି ଯୋଗ୍ୟ ବ୍ୟକ୍ତି ନିଜର ନିବନ୍ଧ ପଢ଼ିବା ବା ପଢ଼ାଇବାର ସଂକଳ୍ପ ଅବଗତ କରାଇଲେ । ଅବଶ୍ୟ ଜଣେ ଦୁଇଜଣ ଉଲେମା ବହୁତ ସାହସ କରି 'ଏଥିରେ ଆମେ ଅଛୁ' କହି ପାଦ ଥୋଇଲେ, କିନ୍ତୁ ଫଳ ହେଲା ଓଲଟା । ବକ୍ତବ୍ୟରେ ସେମାନେ ଧାର୍ଯ୍ୟ ପ୍ରସଂଗ ଉପରେ କୌଣସି କଥା ଉଠାଇଲେ ନାହିଁ, ଅଥବା ଆଦି ଅନ୍ତ ନଥିବା କିଛି କଥା ବଖାଣି ପକାଇଲେ । ଏହି ବିଷୟ ଆମର ପରବର୍ତ୍ତୀ ରିପୋର୍ଟରୁ ସ୍ପଷ୍ଟ ହୋଇଯିବ । ସୁତରାଂ ସମ୍ମିଳନୀର କାର୍ଯ୍ୟ ବିବରଣୀରୁ ଏହା ସିଦ୍ଧ ହେଉଛି ଯେ କାଦିୟାନର ଜନୈକ ସମ୍ଭ୍ରାନ୍ତ ବ୍ୟକ୍ତି ହଜରତ ମିର୍ଜା ଗୁଲାମ ଅହମଦ ସାହେବ ହିଁ କେବଳ ଏହି ମୁକାବିଲାରେ ଇସଲାମର ଯୋଦ୍ଧା ରୂପେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି । ପ୍ରତିଦ୍ୱନ୍ଦିତାର ରଣାଙ୍ଗନରେ ଅବତୀର୍ଣ୍ଣ ହେବା ପାଇଁ ଇସଲାମର ପ୍ରତିନିଧି ତାଙ୍କୁ କରାଯାଇଥିବା ନିର୍ବାଚନକୁ ସେ ସତ୍ୟ ପ୍ରମାଣିତ କରି ଦେଖାଇଛନ୍ତି, ଯେଉଁଥିପାଇଁ ବିଶେଷ ରୂପେ ପେଶାୱର, ରାଓଲପିଣ୍ଡି, ଝେଲମ୍, ଶାହପୁର, ଭେରା, ଖୁଶାବ, ସିଆଲକୋଟ, ଜମ୍ମୁ, ୱାଜିରାବାଦ, ଲାହୋର, ଅମୃତସର, ଗୁରଦାସପୁର, ଲୁଧିଆନା, ଶିମ୍ଲା, ଦିଲ୍ଲୀ, ଅମ୍ବାଲା, ପଟିଆଲା, କପୁରଥଲା, ଡ଼େରାଡୁନ, ଇଲାହାବାଦ, ମାଡ୍ରାସ, ବମ୍ବେ, ହାଇଦ୍ରାବାଦ ଦକନ ଓ ବାଙ୍ଗାଲୋର ଇତ୍ୟାଦି ଭାରତୀୟ ସହରରୁ ବିଭିନ୍ନ ଇସଲାମୀୟ ଗୋଷ୍ଠୀମାନର ୱକାଲତ୍ ନାମାମାନ ସ୍ୱାକ୍ଷରିତ ହୋଇ ଆସିଥିଲା । ସତ୍ୟକଥା ହେଉଛି ଯେ ଯଦି ଏହି ସମାରୋହରେ ହଜରତ ମିର୍ଜା ସାହେବଙ୍କ ନିବନ୍ଧ ନ ଥାଆନ୍ତା, ତା' ହେଲେ ଇସଲାମ ଧର୍ମୀମାନଙ୍କ ମଥାରେ ଅନ୍ୟ ଧର୍ମାବଲମ୍ବୀଙ୍କ ସମକ୍ଷରେ ଲଜ୍ଜା ଓ ଅପମାନର ଟୀକା ଲାଗିଥାଆନ୍ତା ।

କିନ୍ତୁ ପରମେଶ୍ୱରଙ୍କ ଶକ୍ତିଶାଳୀ ହାତ ପବିତ୍ର ଇସଲାମ୍‌କୁ ତଳେ ପଡ଼ିଯିବାରୁ ବଞ୍ଚାଇ ଦେଲା । ବରଂ ଏହି ଲେଖା ମାଧ୍ୟମରେ ସେ ଇସଲାମକୁ ଏପରି ବିଜୟ ପ୍ରଦାନ କଲେ ଯେ  କେବଳ ସମର୍ଥକ ନୁହଁନ୍ତି, ବିରୋଧୀମାନେ ମଧ୍ୟ ବାସ୍ତବ ସ୍ୱଭାବିକ ଆବେଗ ସହକାରେ କହି ଉଠିଲେ ଯେ ଏହି ଲେଖା ସର୍ବଶ୍ରେଷ୍ଠ, ସର୍ବଶ୍ରେଷ୍ଠ । କେବଳ ସେତିକି ନୁହେଁ ଏହି ଲେଖାର ଅନ୍ତରେ ଇସଲାମ୍ ବିରୋଧୀମାନଙ୍କ ମୁହଁରୁ ଅନାୟାସରେ ବାହାରି ପଡ଼ିଲା ‘ଇସଲାମ୍‌ର ବାସ୍ତବିକତା ଏବେ ଖୋଲି ଯାଇଛି ଏବଂ ଇସଲାମ୍ ହିଁ ବିଜୟ ଲାଭ କରିଛି’, ଯାହା ଲକ୍ଷ୍ୟଭେଦୀ ତୀର ସଦୃଶ ଦିନ ଦ୍ୱିପ୍ରହରେ ସତ୍ୟ ସାବ୍ୟସ୍ତ ହେଲା । ଏବେ ଏହା ବିରୁଦ୍ଧରେ କିଛି କହିବାର ଅବକାଶ ରହିଲା ନାହିଁ, ବରଂ ଏହା ଆମର ଗର୍ବ ଓ ଗୌରବର କାରଣ ଅଟେ । ଏଥିରେ ଇସଲାମର ଶୌର୍ଯ୍ୟ ଓ ଶ୍ରେଷ୍ଠତ୍ୱ ରହିଛି ଆଉ କହିବାକୁ ଗଲେ ଏହା ହିଁ ବାସ୍ତବିକ ସତ୍ୟ ।

ଯଦ୍ୟପି ଭାରତରେ ଧର୍ମ ମହୋତ୍ସବର ଏହା ଦ୍ୱିତୀୟ ମହୋତ୍ସବ ଥିଲା, କିନ୍ତୁ ଏହା ନିଜର ମାନ ମର୍ଯ୍ୟାଦା ଓ ପ୍ରତିଷ୍ଠା ଦୃଷ୍ଟିରୁ ସମସ୍ତ ଭାରତୀୟ ସମ୍ମିଳନୀ ଓ ସମାଗମଗୁଡ଼ିକୁ ବଳି ଯାଇଛି । ହିନ୍ଦୁସ୍ତାନର ବିଭିନ୍ନ ଅଞ୍ଚଳର ପ୍ରମୁଖ ବ୍ୟକ୍ତିଗଣ ଏଥିରେ ଯୋଗ ଦେଇଥିଲେ । ଆମେ ଅତ୍ୟନ୍ତ ପ୍ରସନ୍ନତା ପୂର୍ବକ ଏହା ଉଲ୍ଲେଖ କରିବାକୁ ଚାହୁଁଛୁ ଯେ ଆମ ରାଜ୍ୟ ମାଡ୍ରାସ ମଧ୍ୟ ଏଥିରେ ଅଂଶ ଗ୍ରହଣ କରିଛି । ସମ୍ମିଳନୀ ପ୍ରତି ରୁଚି ଓ ଆଗ୍ରହ ଏପରି ବଢ଼ିଲା ଯେ ବିଜ୍ଞାପନରେ ପ୍ରକାଶିତ ତିନି ଦିନରୁ ଆହୁରି ଗୋଟିଏ ଦିନ ଅଧିକ ବୃଦ୍ଧି କରିବାକୁ ପଡ଼ିଲା । ଅଧିବେଶନର କାର୍ଯ୍ୟକାରିଣୀ କମିଟି, ଲାହୋରର ସବୁଠାରୁ ପ୍ରଶସ୍ତ ଓ ବିଶାଳ ସଭାଗୃହ ଇସଲାମିଆ କଲେଜକୁ ଚୟନ କଲେ । କିନ୍ତୁ ପ୍ରଭୁଙ୍କ ଶ୍ରଦ୍ଧାଳୁ ଭକ୍ତଙ୍କର ଏପରି ଅଧିକ ଭିଡ଼ ଜମିଯାଇଥିଲା ଯେ ଏହି ସଭାସ୍ଥଳୀ ମଧ୍ୟ ପର୍ଯ୍ୟାପ୍ତ ହେଲା ନାହିଁ । ସମ୍ମିଳନୀର ମହନୀୟତାର ଏହା ଯଥେଷ୍ଟ ପ୍ରମାଣ ଯେ ସମଗ୍ର ପଞ୍ଜାବର ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କ ବ୍ୟତୀତ Chief Court ତଥା ଆଲାହାବାଦ High Courtର ବିଚାରପତି ମାନ୍ୟବର ବାବୁ ପ୍ରତୁଲ ଚନ୍ଦ୍ର ସାହେବ ତଥା ଶ୍ରୀଯୁକ୍ତ ବାନାର୍ଜୀ ସାଦର ପୂର୍ବକ ସମ୍ମିଳନୀରେ ଅଂଶ ଗ୍ରହଣ କଲେ ।

ଏହି ପ୍ରବନ୍ଧଟିକୁ ସର୍ବ ପ୍ରଥମେ "ଲାହୋର ମହୋତ୍ସବର ବିବରଣୀ" ମଧ୍ୟରେ ଯଥାବତ ପ୍ରକାଶିତ କରା ଯାଇଥିଲା । ଜମାଅତ ଅହମଦୀୟା ପକ୍ଷରୁ ଏହା 'ଇସଲାମୀ ଉସୁଲ କି ଫଲାସଫି' ନାମରେ ଏକ ପୁସ୍ତକ ଆକାରରେ ମୂଳ ଉର୍ଦ୍ଦୁ ତଥା ଇଂରାଜି ଭାଷାରେ ଅନେକ ସଂସ୍କରଣ ପ୍ରକାଶିତ ହୋଇସାରିଛି । ଏତଦ୍ ବ୍ୟତୀତ ଫ୍ରେଞ୍ଚ, ଡଚ୍, ସ୍ପେନିସ, ଆରବୀ ଓ ଜର୍ମାନ ଆଦି ଭାଷାରେ ମଧ୍ୟ ଏହା ପ୍ରକାଶିତ ହୋଇ ସାରିଛି । ଏହି ଗ୍ରନ୍ଥ ଉପରେ ବିଶିଷ୍ଟ ଦାର୍ଶନିକ ତଥା ବିଦେଶୀ ସମ୍ବାଦପତ୍ର ଓ ପତ୍ରିକାମାନଙ୍କର ସଂପାଦକଗଣ ମଧ୍ୟ ଅତି ଉଚ୍ଚ କୋଟୀର ସମୀକ୍ଷା କରିଛନ୍ତି । ପାଶ୍ଚାତ୍ୟ ଦେଶର ବହୁ ପ୍ରଖ୍ୟାତ ଚିନ୍ତାବିତ୍‌ଗଣ ଏହାର ଭବ୍ୟ ପ୍ରଶଂସା କରିଛନ୍ତି । ସେଥିମଧ୍ୟରୁ କେତେକ ଉଦାହରଣ ସ୍ୱରୂପ ଉଲ୍ଲେଖ କରାଯାଉଛି ।

(୧) ସମ୍ବାଦ ପତ୍ର: The Bristol Times & Mirror

ଏହା ନିଶ୍ଚିତ ଯେ ଯେଉଁ ବ୍ୟକ୍ତି ଏରୂପେ ୟୁରୋପ ଓ ଆମେରିକାକୁ ସମ୍ବୋଧନ କରୁଛି, ସେ ଜଣେ ସାଧାରଣ ବ୍ୟକ୍ତି ହୋଇ ନପାରେ ।

(୨) Spiritual Journal: ବୋଷ୍ଟନ ଲେଖିଥିଲା- 'ଏହି ପୁସ୍ତକ ମାନବଜାତି ପାଇଁ ଏକ ବିଶୁଦ୍ଧ ଶୁଭ ବାର୍ତ୍ତା ।'

(୩) Theosophical Book Notes: 'ଏହି ପୁସ୍ତକ ହଜରତ ମୁହମ୍ମଦ[ସ.ଅ]ଙ୍କ ଧର୍ମର ସର୍ବୋତ୍ତମ ଓ ସବୁଠାରୁ ଅଧିକ ହୃଦୟଗ୍ରାହୀ ଚିତ୍ରପଟ ।'

(୪) Indian Review: 'ଏହି ପୁସ୍ତକର ଭାବ ସୁସ୍ପଷ୍ଟ, ସମ୍ପୂର୍ଣ୍ଣ ଏବଂ ବୌଦ୍ଧିକ ତତ୍ତ୍ୱରେ ଭରପୂର । ଅଧ୍ୟୟନକାରୀଙ୍କ ମୁଖରୁ ସହସା ଏହାର ପ୍ରଶଂସା ବାହାରି ପଡ଼େ ।'

(୫) Muslim Review: 'ଏହି ପୁସ୍ତକର ଅଧ୍ୟୟନ କର୍ତ୍ତା ଏଥିରେ ବହୁତ ସତ୍ୟ ଓ ତଥ୍ୟ ଭିତ୍ତିକ ଗୁଢ଼ତତ୍ତ୍ୱ, ବାସ୍ତବିକ ଭାବ ଓ ପ୍ରାଣ ବର୍ଦ୍ଧକ ବିଚାର ପାଇବ ।'

(ହଜରତ ମିର୍ଜା ବଶିର ଅହମଦଙ୍କ ପୁସ୍ତକ: ସିଲସିଲା ଅହମଦିୟା ପୃଷ୍ଠା ୬୯ରୁ ଉଦ୍ଧୃତ)

ଏହି ନିବନ୍ଧର ବିଶେଷତ୍ୱ ହେଉଛି, ଏଥିରେ ଅନ୍ୟ କୌଣସି ଧର୍ମ ପ୍ରତି ଆକ୍ରମଣ କରାଯାଇ ନାହିଁ । ବରଂ କେବଳ ଇସଲାମର ଗୁଣାବଳୀ ବର୍ଣ୍ଣନା କରାଯାଇଛି । ସବୁ ପ୍ରଶ୍ନର ଉତ୍ତର କେବଳ କୁରଆନରୁ ଦିଆଯାଇଛି ଏବଂ ଏପରି ଭାବରେ ଦିଆଯାଇଛି ଯେ, ଯାହା ଦ୍ୱାରା ଇସଲାମ ଧର୍ମର ସମସ୍ତ ଧର୍ମଠାରୁ ସଂପୂର୍ଣ୍ଣ, ସୁନ୍ଦର ତଥା ସର୍ବଶ୍ରେଷ୍ଠ ହୋଇଥିବାର ପ୍ରମାଣ ସିଦ୍ଧ ହେଉଛି ।

ବିନୀତ
ଜଲାଲୁଦ୍ଦିନ୍ ଶମସ୍

# ଇସଲାମ୍

କାଦିୟାନର ପ୍ରତିଷ୍ଠିତ ବ୍ୟକ୍ତି ମହାମାନ୍ୟ ହଜରତ ମିର୍ଜା ଗୁଲାମ୍ ଅହମଦ ସାହେବ ଅ.ସଙ୍କର ଏହି ପ୍ରବନ୍ଧଟିକୁ ମୌଲାନା ଅବଦୁଲ୍ କରିମ୍ ସାହେବ ସିଆଲକୋଟି ର.ଅ, ଲାହୋରର ମହାନ୍ ଧର୍ମ ମହୋତ୍ସବରେ ୨୭ ଡ଼ିସେମ୍ବର ୧୮୯୬ ଦିନ ଛିଡ଼ାହୋଇ ପଢି ଶୁଣାଇଥିଲେ ।

بِسْمِ اللّٰهِ الرَّحْمٰنِ الرَّحِيْمِ

نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ

## ଦାବି ଓ ପ୍ରମାଣମାନ ଐଶ୍ୱରିକ ଗ୍ରନ୍ଥରୁ ହିଁ ହୋଇଥିବା ଆବଶ୍ୟକ

ଆଜିର ଏହି ପବିତ୍ର ସମ୍ମିଳନୀର ଉଦ୍ଦେଶ୍ୟ ହେଉଛି ଯେ ଏଥିରେ ଆମନ୍ତ୍ରିତ ସଜ୍ଜନ ବକ୍ତାଗଣ ନିର୍ଦ୍ଧାରିତ ପ୍ରଶ୍ନମାନ ଅନୁଯାୟୀ ନିଜ ନିଜ ଧର୍ମର ବୈଶିଷ୍ଟ୍ୟମାନ ଉପସ୍ଥାପନ କରିବେ । ମୁଁ ଏହି ଅବସରରେ ଇସଲାମ ଧର୍ମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବି । ମୁଁ ମୋର ବକ୍ତବ୍ୟ ଆରମ୍ଭ କରିବା ପୂର୍ବରୁ ଏତିକି କହିଦେବା ଉଚିତ ମଣୁଛି ଯେ ମୁଁ ପ୍ରଯତ୍ନ କରିଛି କି ଯାହାବି ବର୍ଣ୍ଣନା କରିବି, ସର୍ବଶକ୍ତିମାନ ଈଶ୍ୱରଙ୍କର ପବିତ୍ର ବାଣୀ କୁରଆନରୁ ବର୍ଣ୍ଣନା କରିବି । କାରଣ ମୋ ନିକଟରେ ଏହା ଅତି ଜରୁରୀ ଯେ ପ୍ରତ୍ୟେକ ବ୍ୟକ୍ତି, ସେ ଯେଉଁ ଗ୍ରନ୍ଥ ପ୍ରତି ବିଶ୍ୱାସ ସ୍ଥାପନ କରିଛି ଓ ଯେଉଁ ଗ୍ରନ୍ଥକୁ ସେ ଐଶ୍ୱରିକ ଗ୍ରନ୍ଥ ବୋଲି ବିଚାରୁଛି, ପ୍ରତ୍ୟେକ ବିଷୟକୁ ସେହି ଗ୍ରନ୍ଥରୁ ଉଦ୍ଧାର କରି ଉତ୍ତର ଦେଉ ଓ ସମର୍ଥନ କରିବାର ଆପଣା ଅଧିକାରକୁ ଏତେ ବିସ୍ତାର କରି ନଦେଉ ଯେ ଲାଗିବ ସତେ ଯେପରି ସେ ଏକ ନୂଆ ଗ୍ରନ୍ଥ ରଚନା କରୁଛି । ସୁତରାଂ ଆଜି ଯେହେତୁ ମୋତେ ପବିତ୍ର କୁରଆନର ଉତ୍କର୍ଷ ପ୍ରତିପାଦନ କରିବାକୁ ହେବ ଓ ଏହାର ଚମତ୍କାରିତାମାନ ଦେଖାଇ ଦେବାକୁ ହେବ, ତେଣୁ ଏହା ଉଚିତ ହେବ ଯେ ମୁଁ କୌଣସି ବିଷୟରେ ଏହାର ନିଜସ୍ୱ ଉକ୍ତିରୁ ବାହାରି ନଯାଏ ଏବଂ ପ୍ରତ୍ୟେକ ବିଷୟ ଏହାର ସଂକେତ ଅଥବା ବ୍ୟାଖ୍ୟା ଅନୁଯାୟୀ ଓ ତାଙ୍କରି ଆୟତ

ଗୁଡ଼ିକର ଦୃଷ୍ଟାନ୍ତ ଦେଇ ଲେଖେ, ଯେପରିକି ଉପସ୍ଥିତ ଭଦ୍ରମଣ୍ଡଳୀକୁ ଅନ୍ୟାନ୍ୟ ଧର୍ମର ଶିକ୍ଷା ସହିତ ଏହାକୁ ତୁଳନା ଓ ଅନୁଧ୍ୟାନ କରିବା ସହଜ ହେବ । ଯେହେତୁ ଗ୍ରନ୍ଥକୁ ଅନୁସରଣ କରୁଥିବା ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଐଶୀ ଗ୍ରନ୍ଥକୁ ବର୍ଣ୍ଣନା କରିବାରେ ଆବଦ୍ଧ ରହିବେ ଏବଂ ସେହି ଗ୍ରନ୍ଥର ଉକ୍ତିକୁ ହିଁ ଉପସ୍ଥାପନ କରିବେ, ସେଥିଯୋଗୁଁ ମୁଁ ଏଠାରେ ହଦିସ୍‌ର ଉକ୍ତିମାନ ଛାଡ଼ି ଦେଇଛି । କାରଣ ସମସ୍ତ ନିର୍ଭରଯୋଗ୍ୟ ସଠିକ ହଦିସ ପବିତ୍ର କୁରଆନରୁ ହିଁ ନିଆଯାଇଛି ଏବଂ ତାହା ଏକ ପରିପୂର୍ଣ୍ଣ ଧର୍ମଗ୍ରନ୍ଥ, ଯେଉଁଠାରେ ସମସ୍ତ ଗ୍ରନ୍ଥମାନଙ୍କର ପରିସମାପ୍ତି ଘଟିଛି । ସୁତରାଂ ଆଜି ପବିତ୍ର କୁରଆନର ମହିମା ପ୍ରକାଶର ଦିନ ଏବଂ ଆମ୍ଭେ ଈଶ୍ୱରଙ୍କ ସମୀପରେ ଗୁହାରି କରୁଛୁ ଯେ ସେ ଏହି କାର୍ଯ୍ୟରେ ଆମର ସହାୟ ହୁଅନ୍ତୁ । ଆମିନ୍ ।

## ପ୍ରଥମ ପ୍ରଶ୍ନର ଉତ୍ତର

### ମନୁଷ୍ୟର ଭୌତିକ, ନୈତିକ ଓ ଆଧ୍ୟାତ୍ମିକ ଅବସ୍ଥା

ଆଦରଣୀୟ ସୁଧୀବୃନ୍ଦଙ୍କ ଧ୍ୟାନରେ ଏହା ରହୁ ଯେ ଏହି ପ୍ରବନ୍ଧର ପ୍ରାରମ୍ଭିକ ପୃଷ୍ଠାରେ ଭୂମିକା ରୂପେ କିଛି ଶବ୍ଦ ସଂଯୋଗ କରାଯାଇଛି । ବାହ୍ୟଦୃଷ୍ଟିରୁ ଏହା ଅସଂଲଗ୍ନ ଜଣା ପଡୁଥିଲେ ମଧ୍ୟ ପ୍ରକୃତ ଉତ୍ତରକୁ ବୁଝିବା ସକାଶେ ପ୍ରଥମେ ଏଗୁଡ଼ିକୁ ବୁଝିବା ନିତ୍ୟାନ୍ତ ଆବଶ୍ୟକ । ଏଣୁ ବକ୍ତବ୍ୟକୁ ସରଳ କରିବା ପାଇଁ ବିଷୟର ଆରମ୍ଭ ହେବା ପୂର୍ବରୁ ଏଗୁଡ଼ିକର ଉଲ୍ଲେଖ କରାଗଲା, ଯେପରିକି ପ୍ରକୃତ ଅର୍ଥକୁ ବୁଝିବାରେ ଅସୁବିଧା ନହେଉ ।

### ମନୁଷ୍ୟର ତିନି ଅବସ୍ଥାର ସ୍ୱରୂପ

ସ୍ପଷ୍ଟତଃ ପ୍ରଥମ ପ୍ରଶ୍ନଟି ମନୁଷ୍ୟର ସ୍ୱାଭାବିକ, ନୈତିକ ଓ ଆଧ୍ୟାତ୍ମିକ ଅବସ୍ଥା ସହିତ ସମ୍ବନ୍ଧିତ । ସୁତରାଂ ଏହା ଜାଣି ରଖିବା ଉଚିତ ହେବ ଯେ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରଦତ୍ତ ପବିତ୍ରବାଣୀ କୁରଆନ ଏହି ତିନି ଅବସ୍ଥାର ପୃଥକୀକରଣ ଏପରି ଭାବେ କରିଛି ଯେ ଏହି ତିନି ଅବସ୍ଥା ସକାଶେ ଅଲଗା ଭାବରେ ତିନୋଟି ଉତ୍ସ ଏଥିରେ ନିରୂପଣ କରାଯାଇଛି । ଅଥବା ଏପରି ମଧ୍ୟ କୁହାଯାଇପାରେ ଯେ ଏହା ତିନୋଟି ନିର୍ଝର ନିଶ୍ଚିତ କରିଛି, ଯେଉଁଥିରୁ ପୃଥକ ଭାବରେ ଏହି ଅବସ୍ଥାମାନ ନିର୍ଗତ ହେଉଛନ୍ତି ।

### ପ୍ରଥମ ଉତ୍ସ: 'ନଫ୍‌ସେ ଅମ୍ମାରାଃ' (ପାପସକ୍ତ ଆତ୍ମା)

ଏହି ପ୍ରଥମ ଉତ୍ସଟି ସମସ୍ତ ସ୍ୱାଭାବିକ ଅବସ୍ଥାର କେନ୍ଦ୍ର ଏବଂ ଉତ୍ପତ୍ତିସ୍ଥଳ । ଏହାର ନାମ ପବିତ୍ର କୁରଆନ 'ନଫ୍‌ସେ ଅମ୍ମାରାଃ' ରଖିଛି । ଯେପରିକି ତହିଁରେ ଲେଖାଅଛି: (ୟୁସୁଫ୍ 12:54) إِنَّ النَّفْسَ لَأَمَّارَةٌ بِالسُّوءِ

ଅର୍ଥାତ 'ନଫ୍‌ସେ ଅମ୍ମାରାଃ'ର ବିଶେଷତ୍ୱ ହେଉଛି ଯେ ତାହା ମନୁଷ୍ୟକୁ ପାପ ଆଡ଼କୁ ଟାଣିନିଏ, ଯାହାକି ତା'ର ଶ୍ରେଷ୍ଠତ୍ୱର ବିରୋଧୀ ଓ ତା'ର ନୈତିକ ଅବସ୍ଥାଗୁଡ଼ିକର ପରିପନ୍ଥୀ ହୋଇଥାଏ ଏବଂ ତାକୁ ଅସମୀଚିନ ତଥା ଅସତ୍‌ପଥରେ

ପରିଚାଳିତ କରାଇବାକୁ ଚାହେଁ । ସୁତରାଂ ସଂଯମହୀନ ହେବା ଓ ଅବାଟକୁ ଯିବା ମନୁଷ୍ୟର ଏପରି ଏକ ଅବସ୍ଥା ଯାହା ନୈତିକ ଅବସ୍ଥାରେ ପହଞ୍ଚିବା ପୂର୍ବରୁ ତାକୁ ସ୍ୱାଭାବିକ ରୂପେ କବଳିତ କରିଥାଏ । ଏବଂ ଏହି ଅବସ୍ଥା ସେତେବେଳ ପର୍ଯ୍ୟନ୍ତ ସ୍ୱାଭାବିକ ଅବସ୍ଥା ବୋଲାଏ, ଯେତେବେଳ ପର୍ଯ୍ୟନ୍ତ ମନୁଷ୍ୟ ବୁଦ୍ଧି ଓ ବିବେକର ଅଧୀନର ପରିଚାଳିତ ହୁଏ ନାହିଁ, ବରଂ ପଶୁମାନଙ୍କ ପରି ଖାଇବା, ପିଇବା, ଶୋଇବା, ଜାଗ୍ରତ ରହିବା ଅଥବା କ୍ରୋଧ ତଥା ଉତ୍ତେଜନାର ପରିପ୍ରକାଶ ଆଦି ବିଷୟରେ ସ୍ୱାଭାବିକ ଆବେଗର ଅନୁଗତ ହୋଇ ରହିଥାଏ । ଯେତେବେଳେ ମନୁଷ୍ୟ ବୁଦ୍ଧି ଓ ବିବେକର ପରାମର୍ଶରେ ସ୍ୱାଭାବିକ ଅବସ୍ଥାମାନଙ୍କରେ ହସ୍ତକ୍ଷେପ କରେ ଓ ନିଜ ଇଚ୍ଛାରେ ଏଗୁଡ଼ିକୁ ସନ୍ତୁଳିତ କରି ରଖେ ସେତେବେଳେ ଏହି ତିନି ଅବସ୍ଥାର ନାମ ସ୍ୱାଭାବିକ ହୋଇ ରହେନାହିଁ ବରଂ ସେ ସମୟରେ ଏହି ଅବସ୍ଥାମାନ ନୈତିକ ଅବସ୍ଥା ବୋଲାନ୍ତି । ଆଗକୁ ଏ ସମ୍ବନ୍ଧରେ ଅଧିକ ଆଲୋଚନା କରାଯିବ ।

## ଦ୍ୱିତୀୟ ଉତ୍ସ: 'ନଫ୍‌ସେ ଲଓ୍ୱାମାଃ' (ଅନୁତପ୍ତ ଆତ୍ମା)

ମନୁଷ୍ୟର ଚାରିତ୍ରିକ ଅବସ୍ଥାଗୁଡିକର ଦ୍ୱିତୀୟ ଉତ୍ସର ନାମ ପବିତ୍ର କୁରଆନରେ 'ନଫ୍‌ସେ ଲଓ୍ୱାମାଃ' ରଖାଯାଇଛି । ଯେପରିକି ପରମେଶ୍ୱର ପବିତ୍ର କୁରଆନରେ କହିଛନ୍ତି: وَلَآ أُقْسِمُ بِالنَّفْسِ اللَّوَّامَةِ (ଅଲ୍ କିୟାମା 75: 3) ଅର୍ଥାତ ମୁଁ ସେହି ଆତ୍ମନ୍ ନାମରେ ଶପଥ କରୁଛି ଯାହା ପାପକର୍ମ ଓ ପ୍ରତ୍ୟେକ ପ୍ରକାର ସଂଯମହୀନ ଆଚରଣ ଯୋଗୁଁ ଆପଣାକୁ ଧିକ୍‌କାର କରେ । ଏହି 'ନଫ୍‌ସେ ଲଓ୍ୱାମାଃ' ମାନବୀୟ ଅବସ୍ଥାମାନର ଦ୍ୱିତୀୟ ଉତ୍ସ, ଯେଉଁଥିରୁ ନୈତିକ ଅବସ୍ଥାମାନ ଉତ୍ପନ୍ନ ହୁଅନ୍ତି । ଏହି ସ୍ଥିତିରେ ମନୁଷ୍ୟ ଅନ୍ୟ ପ୍ରାଣୀମାନଙ୍କ ସାଦୃଶ୍ୟତାରୁ ମୁକ୍ତି ପାଏ । ଏଠାରେ 'ନଫ୍‌ସେ ଲଓ୍ୱାମାଃ' ନାମରେ ଶପଥ ନେବା ତାହାକୁ ମାନ୍ୟତା ଦେବା ପାଇଁ ଉଦ୍ଦିଷ୍ଟ । ସତେ ଯେପରି ତାହା 'ନଫ୍‌ସେ ଅମ୍ମାରାଃ' ରୁ 'ନଫ୍‌ସେ ଲଓ୍ୱାମାଃ' ହୋଇ ଏହି ଉନ୍ନତି ଯୋଗୁଁ ଈଶ୍ୱରଙ୍କ ସମୀପରେ ମାନ୍ୟତା ଲଭିବା ସକାଶେ ଯୋଗ୍ୟ ହୋଇଗଲା । ତା'ର ନାମ 'ଲଓ୍ୱାମାଃ' ରଖିବାର କାରଣ

ହେଉଛି ଯେ ତାହା ମନୁଷ୍ୟକୁ ତାର ପାପକର୍ମ ପ୍ରତି ଧିକ୍କାର କରେ ଓ ସେ ଏ କଥାରେ ରାଜି ହୁଏ ନାହିଁ ଯେ ମନୁଷ୍ୟ ନିଜ ସ୍ୱାଭାବିକ କର୍ମରେ ଲଗାମ ଛଡ଼ା ଘୋଡ଼ାପରି ଚାଲୁ ଏବଂ ପଶୁମାନଙ୍କ ଭଳି ଜୀବନଯାପନ କରୁ । ବରଂ ସେ ଏହା ଚାହେଁ ଯେ ତାହା ଦ୍ୱାରା ଉତ୍ତମ ଗୁଣ ଓ ଉତ୍ତମ ଚାରିତ୍ରିକ ଅବସ୍ଥାମାନ ପ୍ରକାଶିତ ହେଉ ତଥା ମାନବୀୟ ଜୀବନର ସମୂହ କର୍ତ୍ତବ୍ୟ ନିଷ୍ପାଦନରେ ଲେଶମାତ୍ର ସଂଯମହୀନତା ପ୍ରକଟିତ ନହେଉ । ସ୍ୱାଭାବିକ ଆବେଗ ଓ ସ୍ୱାଭାବିକ କାମନାର ପ୍ରବୃତ୍ତିମାନ ବୁଦ୍ଧିର ପରାମର୍ଶରେ ପ୍ରତିଭାତ ହୁଅନ୍ତୁ । ଅତଏବ ଯେହେତୁ ତାହା ଅସତ୍‌କର୍ମକୁ ଧିକ୍କାର କରେ ତେଣୁ ତାର ନାମ 'ନଫ୍‌ସେ ଲଓ୍ୱାମାଃ' ହୋଇଛି । ଅର୍ଥାତ ଅତିଶୟ ଭର୍ତ୍ସନାକାରୀ । 'ନଫ୍‌ସେ ଲଓ୍ୱାମାଃ' ଯଦିଚ ସ୍ୱାଭାବିକ ଆବେଗକୁ ପସନ୍ଦ କରେ ନାହିଁ, ବରଂ ଅପରପକ୍ଷେ ଏଥି ନିମନ୍ତେ ନିଜକୁ ଧିକ୍କାର କରୁଥାଏ, କିନ୍ତୁ ପୁଣ୍ୟକର୍ମ ସମ୍ପାଦନ ଲାଗି ପୂର୍ଣ୍ଣତଃ ସକ୍ଷମ ମଧ୍ୟ ହୋଇପାରେ ନାହିଁ । ସମୟେ ସମୟେ ସ୍ୱାଭାବିକ ଭାବପ୍ରବଣତା ତା' ଉପରେ ବିଜୟ ପ୍ରାପ୍ତି କରି ନିଅନ୍ତି, ସେତେବେଳେ ସେ ପଡ଼ିଯାଏ ଓ ଆଘାତ ପାଏ । ଲାଗେ ସତେ ଯେପରି ସେ ଏକ ନିର୍ବଳ ଶିଶୁ ଯେ କି ପଡ଼ି ଯିବାକୁ ଚାହେଁ ନାହିଁ, ଅଥଚ ଦୁର୍ବଳତା ବଶତଃ ପଡ଼ିଯାଏ; ପୁନରପି ନିଜର ଦୁର୍ବଳତା ପାଇଁ ଲଜ୍ଜିତ ହୁଏ । ସୁତରାଂ ଏହା ଆତ୍ମାର ଏପରି ଏକ ନୈତିକ ଅବସ୍ଥା ଯେତେବେଳେ କି ଆତ୍ମା ଉତ୍ତମ ଗୁଣମାନଙ୍କୁ ନିଜ ମଧ୍ୟରେ ଏକତ୍ରିତ କରେ ଓ ଉଚ୍ଛୃଙ୍ଖଳତା ପ୍ରତି ବ୍ୟଥିତ ହୁଏ, କିନ୍ତୁ ତାକୁ ସମ୍ପୂର୍ଣ୍ଣ ରୂପେ ଆୟତ୍ତ କରିପାରେ ନାହିଁ ।

## ତୃତୀୟ ଉତ୍ସ: 'ନଫ୍‌ସେ ମୁତମଇନ୍ନାଃ' (ପ୍ରଶାନ୍ତ ଆତ୍ମା)

ପୁନଶ୍ଚ ଏକ ତୃତୀୟ ଉତ୍ସ ରହିଛି ଯାହାକୁ ଆଧ୍ୟାତ୍ମିକ ଅବସ୍ଥାମାନଙ୍କର ଉତ୍ପତ୍ତିସ୍ଥଳ କହିବା ଉଚିତ୍ ହେବ । ପବିତ୍ର କୁରଆନ ଏହି ଉତ୍ସର ନାମ 'ନଫ୍‌ସେ ମୁତମଇନ୍ନାଃ' ରଖିଛି, ଯେପରି ସେଥିରେ ଉଲ୍ଲେଖ ରହିଛି:

يَآ أَيَّتُهَا النَّفْسُ الْمُطْمَئِنَّةُ ﴿٢٨﴾ ارْجِعِي إِلَىٰ رَبِّكِ رَاضِيَةً مَّرْضِيَّةً ﴿٢٩﴾
فَادْخُلِي فِي عِبَادِي ﴿٣٠﴾ وَادْخُلِي جَنَّتِي ﴿٣١﴾

(ଅଲ୍ ଫଜର୍ 89: 28-31) ଅର୍ଥାତ 'ହେ ଈଶ୍ୱରଙ୍କ ଠାରୁ ଶାନ୍ତି ପ୍ରାପ୍ତ ପ୍ରଶାନ୍ତ ଆତ୍ମନ୍! ନିଜ ଈଶ୍ୱରଙ୍କ ଆଡକୁ ଫେରିଆ । ତୁ ତାଙ୍କ ଉପରେ ସନ୍ତୁଷ୍ଟ ସେ ତୋ ପ୍ରତି ସନ୍ତୁଷ୍ଟ । ତେଣୁ ମୋ ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯା' ଓ ମୋ ବୈକୁଣ୍ଠ ମଧ୍ୟକୁ ପ୍ରବେଶ କର ।' ଏହା ଏଭଳି ଏକ ସ୍ଥାନ ଯେଉଁଠାରେ ଆତ୍ମା ସମସ୍ତ ଦୁର୍ବଳତାରୁ ମୁକ୍ତି ପାଇ ଆଧ୍ୟାତ୍ମିକ ଶକ୍ତିରେ ପରିପୂର୍ଣ୍ଣ ହୋଇଯାଏ । ଏବଂ ପରମାତ୍ମାଙ୍କ ସହିତ ନିଜକୁ ଏପରି ଭାବେ ସଂଲଗ୍ନ କରାଇ ଦିଏ ଯେ ତାଙ୍କ ବିନା ବଞ୍ଚି ମଧ୍ୟ ପାରେ ନାହିଁ । ଜଳ ଯେପରି ଉର୍ଦ୍ଧ୍ୱଭାଗରୁ ନିମ୍ନଭାଗକୁ ପ୍ରବାହିତ ହୁଏ ଏବଂ ନିଜର ପ୍ରଚୁରତା ତଥା ବାଧାବିଘ୍ନଗୁଡ଼ିକର ଅପସାରଣ ହେତୁ ଅତ୍ୟନ୍ତ ଦ୍ରୁତ ଗତିରେ ବହିଚାଲେ, ତଦନୁରୂପ ସେ ଈଶ୍ୱରଙ୍କ ଆଡ଼କୁ ବହି ଚାଲିଯାଏ । ପରମେଶ୍ୱର ଯେପରି କହିଛନ୍ତି, 'ସେହି ଈଶ୍ୱରଙ୍କ ଠାରୁ ଶାନ୍ତି ପ୍ରାପ୍ତ ହେ ଆତ୍ମନ! ତାଙ୍କରି ଆଡ଼କୁ ଫେରିଆ' ତହିଁରେ ଏହାରି ଆଡ଼କୁ ସଂକେତ ରହିଛି । ସୁତରାଂ ମୃତ୍ୟୁ ପରେ ନୁହେଁ, ଏହି ଜୀବନ କାଳ ମଧ୍ୟରେ ସେ ଏକ ମହା ପରିବର୍ତ୍ତନ ଘଟାଏ ଏବଂ ଅନ୍ୟ କେଉଁଠାରେ ନୁହେଁ, ଏହି ପୃଥିବୀରେ ତାକୁ ଏକ ବୈକୁଣ୍ଠ ପ୍ରାପ୍ତ ହୁଏ । ଏବଂ ଯେଉଁ ପ୍ରକାର ଏହି ଆୟତରେ ଉଲ୍ଲେଖ ରହିଛି; ତୁ ନିଜ 'ରବ୍' ଅର୍ଥାତ ପାଳନକର୍ତ୍ତାଙ୍କ ଆଡ଼କୁ ଫେରିଆ' ଠିକ୍ ସେହି ରୂପେ ଏହି ସମୟରେ ସେ ଈଶ୍ୱରଙ୍କ ଦ୍ୱାରା ପ୍ରତିପାଳିତ ହୁଏ ଓ ଈଶ୍ୱର ପ୍ରେମ ତା'ର ଆହାର ହୁଏ ଏବଂ ଏହି ଜୀବନଦାୟିନୀ ନିର୍ଝରରୁ ସେ ଜଳପାନ କରେ । ଏଣୁ ମୃତ୍ୟୁରୁ ନିସ୍ତାର ଲାଭ କରେ । ଯେଭଳି ଅନ୍ୟତ୍ର ପବିତ୍ର କୁରଆନରେ ପରମେଶ୍ୱର ବର୍ଣ୍ଣନା କରିଛନ୍ତି:

قَدْ اَفْلَحَ مَنْ زَكّٰىهَا ۝١٠ وَقَدْ خَابَ مَنْ دَسّٰىهَا ۝١١

(ଅଶ୍ ଶମ୍ସ 91:10,11) ଅର୍ଥାତ ଯେଉଁ ବ୍ୟକ୍ତି ସାଂସାରିକ ଆବେଗ ଗୁଡ଼ିକରୁ ସ୍ୱଆତ୍ମାକୁ ଶୁଦ୍ଧ କଲା, ସେ ତ୍ରାହି ପାଇଗଲା ଏବଂ ସେ ବିନାଶ ହେବ ନାହିଁ । କିନ୍ତୁ ଯିଏ ସାଂସାରିକ କାମନାର ବଶବର୍ତ୍ତୀ ହୋଇ, ଯାହା କେବଳ ସ୍ୱାଭାବିକ ଆବେଗ ବ୍ୟତୀତ ଅନ୍ୟ କିଛି ନୁହେଁ, ତନ୍ମଧ୍ୟରେ ନିଜକୁ ହଜାଇ ଦେଲା ସେ ଜୀବନରୁ ନିରାଶ ହେଲା ।

ସୁତରାଂ ଏହି ତିନି ଅବସ୍ଥାମାନ ରହିଛି, ଯେଉଁଗୁଡ଼ିକୁ ଅନ୍ୟ ଶବ୍ଦରେ ଆମେ ଭୌତିକ, ନୈତିକ ଓ ଆଧ୍ୟାତ୍ମିକ ଅବସ୍ଥା କହି ପାରିବା । ଯେହେତୁ ମନୁଷ୍ୟର ସ୍ୱାଭାବିକ ଇଚ୍ଛାମାନ ଆତିଶଯ୍ୟ ସମୟରେ ଅତ୍ୟନ୍ତ ଭୟାବହ ହୋଇଯାଆନ୍ତି ଏବଂ ସମୟେ ସମୟେ ନୈତିକତା ଓ ଆଧ୍ୟାତ୍ମିକତାର ସର୍ବନାଶ କରି ଦିଅନ୍ତି, ତେଣୁ ଈଶ୍ୱରଙ୍କ ପବିତ୍ର ପୁସ୍ତକରେ ଏଗୁଡ଼ିକୁ 'ନଫ୍‌ସେ ଅମ୍ମାରାଃ'ର ଅବସ୍ଥାମାନ ରୂପେ ନାମିତ କରାଯାଇଛି । ଏହା ମଧ୍ୟ ପ୍ରଶ୍ନ ଉଠିପାରେ ଯେ ମନୁଷ୍ୟର ସ୍ୱାଭାବିକ ଅବସ୍ଥା ଉପରେ ପବିତ୍ର କୁରଆନର କ'ଣ ସବୁ ପ୍ରଭାବ ରହିଛି ଓ ସେଗୁଡ଼ିକ ସମ୍ବନ୍ଧରେ ଏହା କି ନିର୍ଦ୍ଦେଶ ଦେଉଛି ଓ ପ୍ରୟୋଗ କ୍ଷେତ୍ରରେ ସେଗୁଡ଼ିକୁ କେଉଁ ପର୍ଯ୍ୟନ୍ତ ସିମୀତ ରଖିବାକୁ ଚାହୁଁଛି, ତେବେ ଜାଣିବାକୁ ହେବ ଯେ ପବିତ୍ର କୁରଆନ ଅନୁଯାୟୀ ମନୁଷ୍ୟର ସ୍ୱାଭାବିକ ଅବସ୍ଥାଗୁଡ଼ିକ ସହିତ ତା'ର ଚାରିତ୍ରକ ଓ ଆଧ୍ୟାତ୍ମିକ ଅବସ୍ଥାଗୁଡ଼ିକର ଅତ୍ୟନ୍ତ ନିବିଡ଼ ସମ୍ପର୍କ ରହିଛି । ଏପରିକି ମନୁଷ୍ୟର ଖାଇବା ପିଇବାର ଶୈଳୀ ମଧ୍ୟ ମନୁଷ୍ୟର ଚାରିତ୍ରିକ ଓ ଆଧ୍ୟାତ୍ମିକ ଅବସ୍ଥା ଉପରେ ପ୍ରଭାବ ପକାଇଥାଏ ଏବଂ ଯଦି ଶରିୟତ୍ (ଶାସ୍ତ୍ରୀୟ ବିଧାନ)ର ନିର୍ଦ୍ଦେଶ ଅନୁସାରେ ଏହି ସ୍ୱାଭାବିକ ଅବସ୍ଥାଗୁଡ଼ିକରୁ କାମ ନିଆଯାଏ, ତେବେ ଲବଣ ଖଣିରେ ପଡ଼ି ପ୍ରତ୍ୟେକ ଜିନିଷ ଲୁଣ ପାଲଟିବା ସଦୃଶ ଏହି ସମସ୍ତ ଅବସ୍ଥାମାନ ନୈତିକ ଗୁଣରେ ପରିଣତ ହୋଇଯାଆନ୍ତି ଓ ଆଧ୍ୟାତ୍ମିକତା ଉପରେ ଅତ୍ୟନ୍ତ ଗଭୀର ପ୍ରଭାବ ପକାନ୍ତି । ଏହି କାରଣରୁ ପବିତ୍ର କୁରଆନ ସମସ୍ତ ଆରାଧନା, ଅନ୍ତରର ପବିତ୍ରତା, ଅନୁନୟ ଭାବ ଓ ବିନମ୍ରତା ସକାଶେ ଶାରୀରିକ ପରିଚ୍ଛନ୍ନତା, ଶିଷ୍ଟାଚାର ଏବଂ ଦୈହିକ ସୁସ୍ଥତା ପ୍ରତି ପର୍ଯ୍ୟାପ୍ତ ଧ୍ୟାନ ଦେଇଛି । ଚିନ୍ତନ କରିବା ସମୟରେ ଏହି ତତ୍ତ୍ୱ ହିଁ ଅତ୍ୟନ୍ତ ସଠିକ ଜଣାପଡ଼େ ଯେ କାୟିକ କର୍ମଗୁଡ଼ିକର ଆତ୍ମା ଉପରେ ଅତି ଶକ୍ତିଶାଳୀ ପ୍ରଭାବ ରହିଅଛି । ଯେପରିକି ଆମେ ଦେଖୁଛୁଁ ଯେ ଆମର ସ୍ୱାଭାବିକ କର୍ମଗୁଡ଼ିକ ଯଦିଚ ବାହ୍ୟ ରୂପ କାୟିକ, କିନ୍ତୁ ଆମର ଆଧ୍ୟାତ୍ମିକ ଅବସ୍ଥା ଉପରେ ନିଶ୍ଚିତ ରୂପେ ସେମାନଙ୍କର ପ୍ରଭାବ ରହିଛି । ଉଦାହରଣ ସ୍ୱରୂପ ଯେତେବେଳେ ଆମ

ଚକ୍ଷୁ ଲୁହ ଗଡ଼ାଏ ଯଦିଚ ତାହା କୃତ୍ରିମ ହୋଇଥାଏ ତେବେ ମଧ୍ୟ ସହସା ସେହି ଅଶ୍ରୁଗୁଡ଼ିକର ଏକ ଜ୍ୱଳନ୍ତ ଶିଖା ଉଠି ଆମ ହୃଦୟ ଉପରେ ପଡ଼େ, ସେତେବେଳେ ହୃଦୟ ମଧ୍ୟ ଚକ୍ଷୁକୁ ଅନୁସରି ଦୁଃଖୀ ହୋଇଯାଏ । ଠିକ୍ ସେହିଭଳି ଯେତେବେଳେ ଆମେ କୃତ୍ରିମ ରୂପେ ହସିବାକୁ ଲାଗୁ, ସେତେବେଳେ ମନରେ ମଧ୍ୟ ଏକ ପ୍ରସନ୍ନ ଭାବ ଜାତ ହୋଇଯାଏ । ଏହା ମଧ୍ୟ ଦେଖାଯାଇଛି ଯେ ଶାରୀରିକ ରୂପେ ଭୂଇଁରେ ମୁଣ୍ଡ ଲଗାଇବା ଆତ୍ମା ମଧ୍ୟରେ ଅନୁନୟ ଓ ବିନମ୍ର ଭାବ ଉପୁଜାଏ । ଅପରପକ୍ଷେ ଆମେ ଏହା ମଧ୍ୟ ଲକ୍ଷ୍ୟ କରୁଁ ଯଦି ଆମେ ବେକକୁ ଟେକି ଓ ଛାତିକୁ ଫୁଲାଇ ଚାଲୁ, ତେବେ ଏ ପ୍ରକାର ଚାଲିବା ଆମ ମନ ଭିତରେ ଏକ ପ୍ରକାରର ଅହଂ ଓ ଆତ୍ମ ବଡ଼ିମାର ଭାବ ଜାତ କରାଏ । ସୁତରାଂ ଏହି ଉଦାହରଣ ଗୁଡ଼ିକରୁ ଏହା ସମ୍ପୂର୍ଣ୍ଣ ରୂପେ ସ୍ୱଷ୍ଟ ହୋଇ ଯାଉଛି ଯେ ଶାରୀରିକ କର୍ମଗୁଡ଼ିକର ନିଃସନ୍ଦହରେ ଆଧ୍ୟାତ୍ମିକ ଅବସ୍ଥା ଉପରେ ପ୍ରଭାବ ରହିଛି ।

ସେହିପରି, ଅଭିଜ୍ଞତା ଆମକୁ ଜଣାଏ ଯେ ବିଭିନ୍ନ ପ୍ରକାର ଖାଦ୍ୟର ମଧ୍ୟ ଆମର ମାନସିକ ସ୍ଥିତି ଓ ହୃଦୟର ଶକ୍ତି ଉପରେ ନିଶ୍ଚିତ ପ୍ରଭାବ ରହିଛି । ଉଦାହରଣ ସ୍ୱରୂପ ଟିକଏ ଧ୍ୟାନ ପୂର୍ବକ ଲକ୍ଷ୍ୟ କଲେ ଆମେ ଦେଖିବା ଯେ ଯେଉଁମାନେ କେବେ ମାଂସ ଖାଆନ୍ତି ନାହିଁ, ସେମାନଙ୍କର ଦମ୍ଭ ଓ ସାହସଜନିତ ଶକ୍ତି କ୍ରମଶଃ ହ୍ରାସ ହୋଇଚାଲେ । ଏପରିକି ସେମାନେ ଅତିଶୟ ଦୁର୍ବଳମନା ହୋଇ ପଡ଼ନ୍ତି, ଏବଂ ଏକ ଇଶ୍ୱର ଦତ୍ତ ପ୍ରଶଂସନୀୟ ଗୁଣକୁ ହରାଇ ବସନ୍ତି । ଏହାର ପ୍ରମାଣ ଇଶ୍ୱର-ସୃଷ୍ଟ ପ୍ରକୃତିର ନିୟମରୁ ଏଭଳି ମଧ୍ୟ ମିଳେ ଯେ ଚତୁଷ୍ପଦ ପ୍ରାଣୀମାନଙ୍କ ମଧ୍ୟରେ ଯେତେସବୁ ତୃଣଭୋଜୀ ପଶୁ ଅଛନ୍ତି, କାହାଠାରେ ବି ସେପରି ସାହସ ନ ଥାଏ, ଯେପରି ଏକ ମାଂସାହାରୀ ପଶୁଠାରେ ଥାଏ । ପକ୍ଷୀମାନଙ୍କ ଠାରେ ମଧ୍ୟ ଏହି କଥା ପରିଲକ୍ଷିତ ହୁଏ । ଅତଏବ ଚରିତ୍ର ଉପରେ ଖାଦ୍ୟର ଯେ ପ୍ରଭାବ ରହିଛି, ଏଥିରେ କି ସନ୍ଦେହର ଥାଇପାରେ ? ହଁ, ଅବଶ୍ୟ ଯେଉଁମାନେ ଦିନରାତି ମାଂସ ଭକ୍ଷଣ କରୁଥାଆନ୍ତି ଓ ନିରାମିଷ ଖାଦ୍ୟ ନାମକୁ ମାତ୍ର ଖାଆନ୍ତି, ସେମାନଙ୍କ ଠାରେ

ମଧ୍ୟ ନମ୍ରତାର ଗୁଣ ଓ ବିନୟ ଭାବ କମିଯାଏ । ମଧ୍ୟବର୍ତ୍ତୀ ପନ୍ଥା ଅବଲମ୍ବନ କରୁଥିବା ବ୍ୟକ୍ତି ହିଁ ଉଭୟ ଗୁଣର ଭାଗୀଦାର ହୁଅନ୍ତି । ଏହି ଅନ୍ତର୍ନିହିତ ତତ୍ତ୍ୱ ପରିପ୍ରେକ୍ଷୀରେ ସର୍ବଶକ୍ତିମାନ ଈଶ୍ୱର ପବିତ୍ର କୁରଆନରେ କହିଛନ୍ତି:

(ଅଲ୍ ଆରାଫ୍ 7: 32) كُلُوا وَاشْرَبُوا وَلَا تُسْرِفُوا

ଅର୍ଥାତ ମାଂସ ମଧ୍ୟ ଖାଅ ଓ ଅନ୍ୟାନ୍ୟ ଖାଦ୍ୟ ମଧ୍ୟ ଖାଅ । କିନ୍ତୁ କୌଣସିଟିରେ ମାତ୍ରାଧିକ୍ୟ କର ନାହିଁ; ଯେପରିକି ଚରିତ୍ରିକ ଅବସ୍ଥା ଉପରେ ତା'ର କୁପ୍ରଭାବ ନ ପଡୁ ଏବଂ ଏହି ମାତ୍ରାଧିକ୍ୟତା ଯେପରି ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ମଧ୍ୟ ନହେଉ ।' ଯେପରି ଶାରୀରିକ କାର୍ଯ୍ୟକଳାପର ଆତ୍ମା ଉପରେ ପ୍ରଭାବ ପଡ଼େ ତଦନୁରୂପ କେବେ କେବେ ଆତ୍ମାର ପ୍ରଭାବ ମଧ୍ୟ ଶରୀର ଉପରେ ଆସି ପଡ଼ିଥାଏ । ଦୃଷ୍ଟାନ୍ତ ସ୍ୱରୂପ ଯେଉଁ ବ୍ୟକ୍ତିକୁ କୌଣସି ଦୁଃଖ ପହଞ୍ଚେ ଅବଶେଷରେ ତା'ର ଚକ୍ଷୁ ଅଶ୍ରୁସିକ୍ତ ହୋଇଯାଏ ଏବଂ ଯିଏ ଖୁସି ଥାଏ ଶେଷରେ ତା ମୁହଁରେ ହସ ଫୁଟି ଉଠେ । ଆମର ଖାଇବା, ପିଇବା, ଶୋଇବା, ଉଠିବା, ଚାଲିବା, ବିଶ୍ରାମ କରିବା, ସ୍ନାନ କରିବା ଆଦି ଯେଉଁ ସବୁ ସ୍ୱାଭାବିକ କର୍ମମାନ ରହିଛି, ଏ ସମସ୍ତ ନିତିଦିନିଆ କର୍ମ ଆମର ଆଧ୍ୟାତ୍ମିକ ଅବସ୍ଥା ଉପରେ ପ୍ରଭାବ ପକାନ୍ତି । ଆମର ଶାରୀରିକ ଗଠନର ଆମର ମାନବୀୟ ଚରିତ୍ର ସହିତ ନିବିଡ଼ ସମ୍ପର୍କ ରହିଛି । ମସ୍ତିଷ୍କର ଏକ ସ୍ଥାନରେ ଆଘାତ ଲାଗିଲେ ନିମିଷକ ମଧ୍ୟରେ ସ୍ମୃତି ଶକ୍ତି ଲୋପ ପାଏ ଏବଂ ଅନ୍ୟ ଏକ ସ୍ଥାନରେ ଆଘାତ ଲାଗିଲେ ଚେତା ହଜିଯାଏ । ମହାମାରୀର ଝଲକାଏ ବିଷାକ୍ତ ପବନ କେତେ ଚଞ୍ଚଳ ଶରୀରକୁ ପ୍ରଭାବିତ କରି ପୁନରପି ହୃଦୟକୁ ଆକ୍ରାନ୍ତ କରି ନ ଦିଏ ! ଚହୁଁ ଚହୁଁ ଭିତରର ସେହି ବ୍ୟବସ୍ଥାମାନ, ଯାହା ସହିତ ସମସ୍ତ ଚରିତ୍ରଗତ ନୀତି ନିୟମ ସଂଶ୍ଲିଷ୍ଟ, ଓଲଟ ପାଲଟ ହୋଇଯାଏ । ଏପରିକି ମନୁଷ୍ୟ ପାଗଳ ପ୍ରାୟ ହୋଇ କିଛି କ୍ଷଣ ମଧ୍ୟରେ ହିଁ ମୃତ୍ୟୁ ବରଣ କରେ । ସୁତରାଂ ଶାରୀରିକ ଆଘାତ ଗୁଡ଼ିକ ମଧ୍ୟ ଅଦ୍ଭୁତ ଦୃଶ୍ୟ ଅନାବୃତ କରନ୍ତି । ଯହିଁରୁ ପ୍ରମାଣିତ ହୁଏ ଯେ ଆତ୍ମା ଓ ଶରୀର ମଧ୍ୟରେ ଏପରି ଏକ ସମ୍ବନ୍ଧ ରହିଛି ଯେ ସେହି ରହସ୍ୟକୁ ଉନ୍ମୋଚନ କରିବା ମନୁଷ୍ୟର ସାଧ୍ୟ ବାହାରେ । ଆତ୍ମା ଓ ଶରୀର ମଧ୍ୟରେ ଥିବା ଏହି ରହସ୍ୟାବୃତ୍ତ

ସମ୍ବନ୍ଧର ପ୍ରମାଣ ପାଇଁ ଏହାଠାରୁ ବଳି ଆଶ୍ଚର୍ଯ୍ୟଜନକ କଥା ଏହି ଯେ ଅନୁଧ୍ୟାନ କଲେ ଜଣାପଡ଼େ ଶରୀର ହିଁ ହେଉଛି ଆତ୍ମାର ଜନନୀ । ଅନ୍ତଃସତ୍ତ୍ୱା ନାରୀମାନଙ୍କ ଗର୍ଭାଶୟରେ ଆତ୍ମା କେବେ ବି ଉପରୁ ଆସି ପଡ଼ିଯାଏ ନାହିଁ । ବରଂ ଏହା ଏକ ଜ୍ୟୋତି ଯାହାକି ଶୁକ୍ର କଣିକା ମଧ୍ୟରେ ହିଁ ଲୁକ୍କାୟିତ ଭାବେ ଗୋପନ ରହିଥାଏ ଏବଂ ଶରୀରର ବିକାଶ ଘଟିବା ସହିତ ତାହା ଦିପ୍ତୀମାନ ହୋଇଚାଲେ । ସର୍ବଶକ୍ତିମାନ ଈଶ୍ୱରଙ୍କ ପବିତ୍ର ବାଣୀ ଆମକୁ ବୁଝାଉ ଅଛି ଯେ ଆତ୍ମା ସେହି କଳେବର ମଧ୍ୟରୁ ହିଁ ପ୍ରକାଶମାନ ହୁଏ, ଯେଉଁଟି ଶୁକ୍ର କଣିକାରୁ ମାତୃଗର୍ଭରେ ସୃଷ୍ଟି ହୁଏ । ସୁତରାଂ ପବିତ୍ର କୁରଆନରେ ଅଲ୍ଲାଃ ବର୍ଣ୍ଣନା କରିଛନ୍ତି:

ثُمَّ اَنْشَاْنٰهُ خَلْقًا اٰخَرَ ؕ فَتَبٰرَكَ اللّٰهُ اَحْسَنُ الْخٰلِقِيْنَ

(ଅଲ୍ ମୁମେନୁନ୍ 23:15) ଅର୍ଥାତ 'ଗର୍ଭରେ ତିଆରି ସେହି ଶରୀରକୁ ଆମେ ପୁନରପି ଏକ ଅନ୍ୟ ଧରଣର ଜନ୍ମ ମଧ୍ୟ ଦେଇ ଗତି କରାଉ ଏବଂ ତା'ର ଏକ ଅନ୍ୟ ଜନ୍ମକୁ ଦୃଶ୍ୟମାନ କରାଉ ଯାହା ଆତ୍ମା ନାମରେ ପରିଚିତ । ଏବଂ ଈଶ୍ୱର ଅତ୍ୟନ୍ତ ମଙ୍ଗଳମୟ ଓ ସେ ଏପରି ସ୍ରଷ୍ଟା ଯାହାଙ୍କର କେହି ସମକକ୍ଷ ନୁହନ୍ତି ।' ସୁତରାଂ ଯେପରି କୁହାଯାଇଛି ଯେ ଆମେ ଏହି ଶରୀର ମଧ୍ୟରୁ ହିଁ ଏକ ଅନ୍ୟ ଜନ୍ମକୁ ଦୃଶ୍ୟମାନ କରାଉ, ଏହା ଏକ ଗୂଢ଼ ରହସ୍ୟ ଯାହାକି ଆତ୍ମାର ଅସ୍ତିତ୍ୱକୁ ପ୍ରକଟ କରୁଛି ଏବଂ ଆତ୍ମା ଓ ଶରୀର ମଧ୍ୟରେ ରହିଥିବା ଦୃଢ଼ ସମ୍ପର୍କ ଆଡ଼କୁ ସଙ୍କେତ କରୁଛି । ଏହି ସଙ୍କେତ ଆମକୁ ଏ ବିଷୟରେ ମଧ୍ୟ ଶିକ୍ଷା ଦେଉଛି ଯେ ମନୁଷ୍ୟର ଶାରୀରିକ କାର୍ଯ୍ୟକଳାପ, କଥାବାର୍ତ୍ତା ଏବଂ ସମସ୍ତ ସ୍ୱାଭାବିକ କର୍ମଗୁଡିକ ଯେତେବେଳେ ସର୍ବଶକ୍ତିମାନ ଈଶ୍ୱରଙ୍କ ନିମିତ୍ତ ଏବଂ ତାଙ୍କରି ଉଦ୍ଦେଶ୍ୟରେ ପ୍ରକଟ ହେବା ଆରମ୍ଭ ହୋଇଯାଏ, ସେତେବେଳେ ସେଗୁଡ଼ିକ ଠାରେ ମଧ୍ୟ ଏହି ଐଶ୍ୱରିକ ଦର୍ଶନ ନିହିତ ଥାଏ । ଅର୍ଥାତ ସେହି ନିଷ୍ପାପର କର୍ମଗୁଡ଼ିକରେ ମଧ୍ୟ ଆଦ୍ୟରୁ ହିଁ ଏକ ଆତ୍ମା ଲୁକ୍କାୟିତ ହୋଇ ରହିଥାଏ, ଯେପରିକି ଶୁକ୍ର କଣିକା ମଧ୍ୟରେ ଲୁକ୍କାୟିତ ଥାଏ । ଏବଂ ଯେତେବେଳେ ଏହି କର୍ମଗୁଡ଼ିକର ଏକ କଳେବର ତିଆରି ହୋଇଚାଲେ, ସେ ଆତ୍ମା ଦିପ୍ତୀମାନ ହୋଇଚାଲେ । ଏବଂ ଯେତେବେଳେ ସେହି

କଳେବର ସମ୍ପୂର୍ଣ୍ଣ ଭାବେ ତିଆରି ହୋଇଯାଏ ସେତେବେଳେ ସେ ଆତ୍ମା ନିଜର ପୂର୍ଣ୍ଣ କାନ୍ତି ସହିତ ଏକବାରକେ ଝଟକି ଉଠେ ଓ ନିଜର ଆତ୍ମାରୂପୀ ଅସ୍ତିତ୍ୱକୁ ଦର୍ଶାଇ ଦିଏ । ଏଥି ସହିତ ଜୀବନର ସୁସ୍ପଷ୍ଟ ସ୍ପନ୍ଦନ ଆରମ୍ଭ ହୋଇଯାଏ । ଅର୍ଥାତ ଯେତେବେଳେ କର୍ମମାନର ସଂପୂର୍ଣ୍ଣ କଳେବର ତିଆରି ହୋଇଯାଏ, ତତ୍କ୍ଷଣାତ୍ ବିଜୁଳି ପରି ଏକ ପଦାର୍ଥ ଭିତରୁ ନିଜର ସ୍ପଷ୍ଟ ଚମକ ଦେଖାଇବା ଆରମ୍ଭ କରିଦିଏ । ଏହା ସେହି ସମୟ ଯାହାକୁ ସର୍ବଶକ୍ତିମାନ ଅଲ୍ଲାଃ ପବିତ୍ର କୁରଆନରେ ଏକ ନିଦର୍ଶନ ରୂପେ ବର୍ଣ୍ଣନା କରିଛନ୍ତି:

فَإِذَا سَوَّيْتُهُۥ وَنَفَخْتُ فِيهِ مِن رُّوحِى فَقَعُوا۟ لَهُۥ سَٰجِدِينَ

(ଅଲ୍ ହିଜର୍ 15:30) ଅର୍ଥାତ 'ମୁଁ ଯେତେବେଳେ ତା'ର କଳେବର ତିଆରି କରିସାରିଲି ଓ ଚମତ୍କାରିତାଗୁଡ଼ିକର ସମସ୍ତ ପରିପ୍ରକାଶକୁ ବ୍ୟବସ୍ଥିତ କରିଦେଲି ଓ ନିଜ ଆତ୍ମା ତହିଁରେ ସଞ୍ଚରିତ କଲି, ସେତେବେଳେ ତୁମେ ସମସ୍ତେ ତା' ସକାଶେ ଭୂମିଷ୍ଠ ହୋଇ ପ୍ରଣିପାତ କର ।' ସୁତରାଂ ଏହି ଆୟତରେ ମଧ୍ୟ ଏହି ସୂଚନା ରହିଛି ଯେ ଯେତେବେଳେ କର୍ମ ସମୂହର ପୂର୍ଣ୍ଣ ଆକୃତି-ଗଠନ ସମ୍ପନ୍ନ ହୋଇଯାଏ, ସେତେବେଳେ ସେ କଳେବରରେ ସେହି ଆତ୍ମା ଝଲସି ଉଠେ ଯାହାକୁ ସର୍ବଶକ୍ତିମାନ ଅଲ୍ଲାଃ ସ୍ୱୟଂ ନିଜ ଆଡ଼କୁ ଉଦ୍ଦିଷ୍ଟ କରିଛନ୍ତି । କାରଣ ସାଂସାରିକ ଜୀବନର ବିନାଶନ ପରେ ସେହି କଳେବର ତିଆରି ହୁଏ । ସୁତରାଂ ଐଶ୍ୱରିକ ଜ୍ୟୋତି ଯାହା ଏଥି ପୂର୍ବରୁ କ୍ଷୀଣ ଥିଲା, ଏକବାରକେ ପ୍ରଜ୍ୱଳିତ ହୋଇଉଠେ ଏବଂ ଏହା ବାଞ୍ଛନୀୟ ହୋଇପଡ଼େ ଯେ ଈଶ୍ୱରଙ୍କ ଏପରି ଗରିମାକୁ ଅବଲୋକନ କରି ପ୍ରତ୍ୟେକ ତାଙ୍କୁ ପ୍ରଣିପାତ କରୁ ଓ ତାଙ୍କ ଦିଗକୁ ଆକର୍ଷିତ ହେଉ । ଏଣୁ ପ୍ରତ୍ୟେକେ ଏହି ଜ୍ୟୋତିକୁ ଅବଲୋକନ କରି ପ୍ରଣିପାତ କରନ୍ତି ଏବଂ ସ୍ୱାଭାବିକ ରୂପେ ତାହାରି ଆଡ଼କୁ ଆକୃଷ୍ଟ ହୋଇ ଆସନ୍ତି । କିନ୍ତୁ କେବଳ 'ଇବ୍‌ଲିସ୍' ବ୍ୟତୀତ, ଯେ କି ଅନ୍ଧକାରକୁ ସାଥୀ କରିଥାଏ ।

ଏଠାରେ ଏକ ରହସ୍ୟ ଉନ୍ମୋଚନ କରିବା ଲାଭପ୍ରଦ ହେବ ଯେ ଗର୍ଭଧାରଣର ଠିକ୍ ୪ ମାସ ୧୦ ଦିନ ପରେ ଜରାୟୁ ମଧ୍ୟରେ ଭ୍ରୁଣଟି

ଗତିଶୀଳ ହୁଏ । ଏହି ଅବଧି ପ୍ରାୟ ସେ ସମୟର ଅର୍ଦ୍ଧାଂଶ ଅଟେ, ଯେଉଁ ସମୟଟି ଶିଶୁ ଗର୍ଭାଶୟରେ ଏକାନ୍ତ ରୂପେ ଅତିବାହିତ କରିଥାଏ ।

ସୁତରାଂ ଭ୍ରୁଣ ଅର୍ଥାତ ଗର୍ଭାଶୟସ୍ଥ ଶିଶୁ ଚତୁର୍ଥ ମାସରେ ନିଜ ଜୀବନର ଚମତ୍କାରିତା ଦେଖାଇବାକୁ ଲାଗେ ଏବଂ ଜଡ଼ ଅବସ୍ଥାରୁ ଜୀବନ୍ତ ଅବସ୍ଥାକୁ ଆସିଥାଏ । ଏହି ପ୍ରାକୃତିକ ନିୟମ ଆଧ୍ୟାତ୍ମିକ-ଜନ୍ମ କ୍ଷେତ୍ରରେ ମଧ୍ୟ ଦେଖିବାକୁ ମିଳେ ଅର୍ଥାତ ଭୃଣ, ଗର୍ଭାଶୟର ଏକାନ୍ତ କୋଠରୀରେ ସ୍ୱ ଆଭ୍ୟନ୍ତରୀଣ ରହଣୀର ପ୍ରାୟତଃ ଅଧା ସମୟ ଅତିବାହିତ କରିବା ପରେ ଜୀବନର ସଙ୍କେତ ପ୍ରକାଶ କରେ ଓ ଜୀବନର ପୂର୍ଣ୍ଣ ଚମକ ଦେଖାଏ; ସେହି ଧାରା ହିଁ ଆଧ୍ୟାତ୍ମିକ ଜୀବନ କ୍ଷେତ୍ରରେ ମଧ୍ୟ ନିର୍ଦ୍ଦିଷ୍ଟ ରହିଛି । ମନୁଷ୍ୟର ଉତ୍ତମ ଜୀବନ ଯାହାକି ବାର୍ଦ୍ଧକ୍ୟ ଜନିତ ଦୋଷ ଦୁର୍ବଳତାରୁ ମୁକ୍ତ ଥାଏ, ଅଧିକାଂଶ ଲୋକମାନଙ୍କ କ୍ଷେତ୍ରରେ ଅଶୀ ବର୍ଷ ପର୍ଯ୍ୟନ୍ତ ରୁହେ । ଏହାର ଅର୍ଦ୍ଧେକ ହେଉଛି ଚାଳିଶ ବର୍ଷ । ଏହାର ଚାରି ସଂଖ୍ୟା ସହିତ ସାଦୃଶ୍ୟ ରହିଛି । ଅର୍ଥାତ ସେହି ଚାରି ମାସ ସହିତ ଯାହାର ଅବଧି ସମାପ୍ତ ହେଲାପରେ ଗର୍ଭାଶୟର ଶିଶୁକୁ ଜୀବନର ସ୍ପର୍ଶ ମିଳେ । ସୁତରାଂ ବାସ୍ତବତା ଭିତ୍ତିକ ଅଭିଜ୍ଞତା ଏହା ସାବ୍ୟସ୍ତ କରୁଅଛି ଯେ ଯେତେବେଳେ ମନୁଷ୍ୟ ନିଜ ଉତ୍କୃଷ୍ଟ ଜୀବନର ଅର୍ଦ୍ଧାଂଶ ଅର୍ଥାତ ୪୦ବର୍ଷ, ଯାହାର ଗର୍ଭାଶୟର ୪ମାସ ସହିତ ସାଦୃଶ୍ୟ ରହିଛି, ବୟସ ଅତିକ୍ରମ କରିଯାଏ ଅଥବା ତା ପାଖାପାଖି ପହଞ୍ଚିଯାଏ ସେତେବେଳେ ଯଦି ସତ୍ୟର ଜ୍ୟୋତି ତା'ପ୍ରକୃତି ମଧ୍ୟରେ ନିହିତ ଥାଏ ତେବେ ସେ ଜ୍ୟୋତି ସେହି ବିଶେଷ ସମୟରେ ଆସି ନିଜ ସଙ୍କେତ ପରିପ୍ରକାଶ କରେ ଏବଂ ଗତିଶୀଳ ହୋବା ଆରମ୍ଭ କରିଦିଏ ।

ଏକଥା କାହାରିକୁ ଅଛପା ନୁହେଁ ଯେ ଚାଳିଶ ବର୍ଷ ବୟସ ପୂର୍ବରୁ ଅଧିକାଂଶ ସମୟ ମନୁଷ୍ୟ ଅଜ୍ଞାନ-ଅନ୍ଧକାରର ବଶରେ ରହିଥାଏ । କାରଣ ସାତ ବା ଆଠ ବର୍ଷ ତ ବାଳୁତ ଅବସ୍ଥାରେ ବିତିଯାଏ । ପୁଣି ପଚିଶ ଛବିଶ ବର୍ଷ ବୟସ ପର୍ଯ୍ୟନ୍ତ ଜ୍ଞାନ ଅର୍ଜନ କରିବାରେ ମଗ୍ନ ହୋଇଯାଏ ଅଥବା ସେ ସମୟକୁ ଖେଳକୁଦରେ ମାତି ନଷ୍ଟ କରିଦିଏ । ପୁଣି ଏହା ଉତ୍ତାରେ ବିବାହ କରିବା ହେତୁ ଓ ସନ୍ତାନସନ୍ତତି ହୋଇଯିବା ହେତୁ ଅଥବା କୌଣସି କାରଣ ନଥାଇ ଏମିତି ହିଁ ସ୍ୱାଭାବିକ ରୂପେ

ଦୁଅନିଆର ମୋହ ତାକୁ ଗ୍ରାସ କରିଥାଏ । ଏବଂ ସାଂସାରିକ ସମ୍ପଦ ଓ ସମ୍ମାନ ହାସଲ ଲାଗି ବିଭିନ୍ନ ପ୍ରକାରର ଆଶା ଆକାଂକ୍ଷା ତା'ମନରେ ଉଦ୍‌ବେଳିତ ହୋଇଥାଏ । ଏହି ସୁଖ ପ୍ରାପ୍ତ ସକାଶେ ତାର ଖିଆଲ ସୀମା ଅତିକ୍ରମ କରିଯାଏ । ଆଉ ଯଦି ଈଶ୍ୱରଙ୍କ ଅଡ଼କୁ ସେ ମନବଳାଏ ତଥାପି ସାଂସାରିକ କାମନା ତା ସହିତ କିଛିଟା ଲାଗି ରହିଥାଏ । ଆଉ ଯଦିବା ପ୍ରାର୍ଥନା କରେ ତେବେ ସଂସାର ପ୍ରାପ୍ତି ପାଇଁ ସମ୍ଭବତଃ ଅଧିକ ପ୍ରାର୍ଥନା କରେ । ଆଉ ଯଦିବା ସେ କାନ୍ଦେ ତେବେ ତହିଁରେ କିଛି ପାର୍ଥିବ କାରଣର ମିଶ୍ରଣ ରହିଥାଏ । ପରକାଳ ଉପରେ ଖୁବ୍ କମ୍ ବିଶ୍ୱାସ ରହିଥାଏ । ଆଉ ଯଦିବା ଥାଏ ତେବେ ମୃତ୍ୟୁ ବହୁ କାଳ ଦୂରରେ ଥିବାର ମନେକରେ । ଯେପରି କୌଣସି ନଦୀଜଳ ବନ୍ଧବାଡ଼ ଭାଙ୍ଗି ଆଖପାଖ ଅଂଚଳକୁ ଧ୍ୱଂସ କରିଦିଏ, ସେହିପରି ମନୁଷ୍ୟର ପାର୍ଥିବ ଇଚ୍ଛାର ବନ୍ୟା ଜୀବନର ସୂକ୍ଷ୍ମ ଭେଦକୁ କିପରିବା ବିଶ୍ୱାସ କରିପାରିବ ? ବରଂ ଧର୍ମକୁ ପରିହାସ କରେ ଓ ନିଜର ଶୁଖିଲା ତର୍କ ଏବଂ ଅବାନ୍ତର ଦର୍ଶନମାନ ଉପସ୍ଥାପନ କରେ । ହଁ ଯଦି ସେ ପବିତ୍ର ସ୍ୱଭାବର ହୋଇଥାଏ ତେବେ ଈଶ୍ୱରଙ୍କୁ ମଧ୍ୟ ମାନେ କିନ୍ତୁ ସଚ୍ଚା ହୃଦୟ ଓ ବାସ୍ତବ ନିଷ୍ଠାରୁ ନୁହେଁ ବରଂ ସ୍ୱ ସଫଳତାର ଆଧାର ଉପରେ ମାନେ । ଯଦି ସାଂସାରିକ ମନସ୍କାମନା ପୂର୍ଣ୍ଣ ହୋଇଗଲା ତେବେ ଈଶ୍ୱରଙ୍କର, ଅନ୍ୟଥା ଶଇତାନର ।

ଅତଏବ ଏହି ଯୁବାବସ୍ଥା ବହୁ ସଂକଟମୟ ପରିସ୍ଥିତି ଦେଇ ଗତି କରେ । ଯଦି ଈଶ୍ୱରଙ୍କ ଅନୁକମ୍ପା ସାହାଯ୍ୟର ହାତ ନବଢାଏ ତେବେ ନର୍କର ଗର୍ତ୍ତରେ ସେ ପଡ଼ିଯାଏ । ସତ କହିବାକୁଗଲେ ଏହି ବୟସ ସମସ୍ତ ପ୍ରକାର ଦୋଷ ଦୁର୍ବଳତାର ମୂଳ ହୋଇଥାଏ । ଏହି ବୟସରେ ମନୁଷ୍ୟ ଅଧିକାଂଶ ଶାରୀରିକ ବ୍ୟାଧି ଓ ଲଜ୍ଜାଦାୟକ ରୋଗ କିଣିନିଏ । ଏହି ଅପରିପକ୍ୱ ବୟସର ଭୁଲ ଯୋଗୁଁ ଅନେକ ଥର ସତ୍ୟ ଓ ଶାଶ୍ୱତ ଈଶ୍ୱରଙ୍କ ଠାରୁ ମୁହଁ ଫେରାଇ ନିଏ । ସୁତରାଂ ଏହା ସେହି ସମୟ ଯହିଁରେ ଈଶ୍ୱର ଭୟ କମ୍ ଏବଂ କାମଲିପ୍ସା ତଥା ଆତ୍ମାର ଅଶୁଦ୍ଧି ଆଧପତ୍ୟ ବିସ୍ତାର କରିଥାଏ ଏବଂ ସେ କୌଣସି ଉପଦେଷ୍ଟାର ଉପଦେଶ କାନକୁ ନିଏ ନାହିଁ । ଏହି ସମୟରେ କରିଥିବା ଦୋଷଗୁଡ଼ିକର ପରିଣାମ ସାରା ଜୀବନ ଭୋଗ କରିବାକୁ ପଡ଼ିଥାଏ । ପୁଣି

ଯେତେବେଳେ ଚାଳିଶ ବର୍ଷ ବୟସରେ ପହଞ୍ଚେ ତାର ଯୌବନର ସେହି ଉଦ୍ଦୀପନା କିଛି ମାତ୍ରାରେ ହ୍ରାସ ପାଇବାରେ ଲାଗେ । ସେତେବେଳେ ସେ କରିଥିବା ଏକାଧିକ ଭୁଲ ପାଇଁ ଅନୁତାପ କରେ, ଯେଉଁଗୁଡ଼ିକୁ ନକରିବା ପାଇଁ ଉପଦେଶ ଦେଉଥିବା ଲୋକମାନେ ମୁଣ୍ଡପିଟି ରହିଯାଇଥିଲେ । ଏବେ ଆପଣାଛାଏଁ ମନର ଉନ୍ମାଦନା କମ୍ ହେବାକୁ ଲାଗେ କାରଣ ଶାରୀରିକ ଦୃଷ୍ଟି କୋଣରୁ ବୟସ ଗଡ଼ିବାର ସମୟ ମଧ୍ୟ ଆରମ୍ଭ ହୋଇଯାଏ । ଅତୀତର ସେହି ଉଷ୍ମ ରକ୍ତ ଏବେ କାହୁଁ ଆସିବ ? ପୂର୍ବର ସେ ବାହୁବଳ ଓ ଯୌବନର ସେ ଉଦ୍ଦାମ ଆନନ୍ଦ ଏବେ କାହୁଁ ଦେଖାଦେବ ? ବର୍ତ୍ତମାନ ତ ଅବକ୍ଷୟ ଓ ଅବନତିର ସମୟ ଆଗତ । ଅଧିକନ୍ତୁ ଏହି ସମୟରେ ତା'ଠାରୁ ଢେର ବୟସ୍କ ଗୁରୁଜନମାନଙ୍କ ଲଗାତାର ମୃତ୍ୟୁ ହେଉଥିବାର ତାକୁ ଦେଖିବାକୁ ପଡ଼ିଥାଏ । ବରଂ କେବେ କେବେ ତା'ଠାରୁ କମ୍ ବୟସର ବ୍ୟକ୍ତି ମାନଙ୍କ ଅକାଳ ମୃତ୍ୟୁ ତା ଅଣ୍ଟାକୁ ଭାଙ୍ଗି ଦେଇଥାଏ । ପ୍ରାୟତଃ ଏହି ବୟସରେ ପିତାମାତା ମଧ୍ୟ କବରକୁ ଚାଲିଯାଆନ୍ତି ଏବଂ ଦୁନିଆ ଯେ କ୍ଷଣସ୍ଥାୟୀ ଏହାର ଦୃଷ୍ଟାନ୍ତ ସାମନାକୁ ଆସିଯାଏ । ଈଶ୍ୱର ତା' ସମ୍ମୁଖରେ ଏକ ଆଇନା ରଖିଦେଇ କହନ୍ତି, ଦେଖ, ଦୁନିଆର କାହାଣୀ ଏହିପରି । ଯାହା ପାଇଁ ତୁ ମରୁଛୁ ତା'ର ଏହି ହେଉଛି ପରିଣତି । ସେତେବେଳେ ସେ ନିଜର ପୂର୍ବକୃତ ସମସ୍ତ ଭୁଲଗୁଡ଼ିକୁ ପଶ୍ଚାତାପ-ପୂର୍ଣ୍ଣ ନେତ୍ରରେ ଦେଖେ । ତା ଜୀବନରେ ଏକ ବିପ୍ଲବ ଆସେ ଏବଂ ଏକ ନୂତନ ଦୁନିଆର ପ୍ରାରମ୍ଭ ହୁଏ । ସର୍ତ୍ତ ଏହିକି ଯେ ସ୍ୱଭାବରେ ସେ ଶୁଦ୍ଧତା ରଖିଥାଏ ଏବଂ ସେମାନଙ୍କ ମଧ୍ୟରୁ ହୋଇଥାଏ ଯାହାଙ୍କୁ ଈଶ୍ୱର ଡ଼ାକିଛନ୍ତି । ଏହି ସମ୍ବନ୍ଧରେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ କହିଛନ୍ତି:

وَوَصَّيْنَا الْإِنْسَانَ بِوَالِدَيْهِ إِحْسَانًا ۖ حَمَلَتْهُ أُمُّهُ كُرْهًا وَوَضَعَتْهُ كُرْهًا ۖ
وَحَمْلُهُ وَفِصَالُهُ ثَلَاثُونَ شَهْرًا ۚ حَتَّىٰ إِذَا بَلَغَ أَشُدَّهُ وَبَلَغَ أَرْبَعِينَ سَنَةً قَالَ
رَبِّ أَوْزِعْنِي أَنْ أَشْكُرَ نِعْمَتَكَ الَّتِي أَنْعَمْتَ عَلَيَّ وَعَلَىٰ وَالِدَيَّ وَأَنْ أَعْمَلَ
صَالِحًا تَرْضَاهُ وَأَصْلِحْ لِي فِي ذُرِّيَّتِي ۖ إِنِّي تُبْتُ إِلَيْكَ وَإِنِّي مِنَ الْمُسْلِمِينَ ﴿١٦﴾

(ଅଲ୍ ଅହକାଫ୍ 46:16) ଅର୍ଥାତ ଆମ୍ଭେ ମନୁଷ୍ୟକୁ ଏହି ଆଦେଶ ଦେଇଛୁ ଯେ ତୁମ୍ଭେ ନିଜ ପିତାମାତାଙ୍କ ସହିତ ଉତ୍ତମ ଆଚରଣ ପ୍ରଦର୍ଶନ କର । ଦେଖ ତୁମ

ମାଆ ତୁମ ପାଇଁ କେତେ ଯେ କଷ୍ଟ ଉଠାଇ ନାହିଁ ! ସେ ଏକ ଦୀର୍ଘ ସମୟ ପର୍ଯ୍ୟନ୍ତ ତୁମକୁ ଗର୍ଭରେ ଧାରଣ କରି ଅନେକ ଦୁଃଖ ଯନ୍ତ୍ରଣା ସହ୍ୟ କରି ତୁମକୁ ଜନ୍ମ ଦେଇଛି । ଗର୍ଭରେ ରହିବା ଓ ସ୍ତନ୍ୟପାନ କରାଇବା ପାଇଁ ୩୦ ମାସ ପର୍ଯ୍ୟନ୍ତ ସେ ସକଳ ଯାତନା ତୁମ ପାଇଁ ଭୋଗ କରିଛି । ପୁଣି ଅଲ୍ଲାଃ କହିଛନ୍ତି, ଯେବେ ଜଣେ ସତ ପୁରୁଷ ୪୦ବର୍ଷ ବୟସର ହୋଇଯାଏ ଓ ତା'ର ବୁଦ୍ଧିରେ ପରିପକ୍ୱତା ଆସିଯାଏ, ସେତେବେଳେ ତାକୁ ଈଶ୍ୱରଙ୍କ ଉପଦେଶମାନ ମନେ ପଡ଼ିଯାଏ ଓ ସେ କହିଉଠେ: 'ହେ ମୋର ପାଳନକର୍ତ୍ତା ! ଏବେ ମୋତେ ତୁମର ସେହି ସମସ୍ତ ଅନୁଗ୍ରହମାନ ପ୍ରତି କୃତଜ୍ଞତା ଅର୍ପଣ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ଦିଅ, ଯାହା ତୁମ୍ଭେ ମୋ ପ୍ରତି ଓ ମୋର ପିତାମାତାଙ୍କ ପ୍ରତି କରିଥିଲ । ହେ ମୋର ପାଳନକର୍ତ୍ତା ! ଏବେ ମୋ ଦ୍ୱାରା ତୁମେ ସେହି କାର୍ଯ୍ୟମାନ କରାଅ, ଯଦ୍ୱାରା ତୁମେ ପ୍ରସନ୍ନ ହେବ । ଏବଂ ମୋର ସନ୍ତାନଙ୍କୁ ମୋ ପାଇଁ ଯୋଗ୍ୟ କରିଦିଅ ଅର୍ଥାତ ତାଙ୍କୁ ଏପରି କରିଦିଅ ଯେ ଯଦି କେବେ ମୋ ପିତାମାତାଙ୍କ ପ୍ରତି ମୁଁ କୌଣସି ଅବହେଳା କରି ଦେଇଥିବି ତେବେ ଏହା ନହେଉ ଯେ ସେମାନେ ମଧ୍ୟ କରନ୍ତୁ । ମୋ ଜୀବନରେ ଯଦି କେବେ ମୁଁ ପଥଭ୍ରଷ୍ଟ ହୋଇଯାଇଥାଏ, ଏପରି ନ ହେଉ ଯେ ତାଙ୍କ ଜୀବନରେ ମଧ୍ୟ ତାହା ଘଟୁ । ହେ ମୋର ପ୍ରଭୁ ! ଏବେ ମୁଁ ପ୍ରାୟଶ୍ଚିତ କଲି ଏବଂ ମୁଁ ତୁମ୍ଭ ଆଜ୍ଞାବହମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେଲି । ତେଣୁ ସର୍ବଶକ୍ତିମାନ ଈଶ୍ୱର ଏହି ଆୟତରେ ସ୍ପଷ୍ଟ କରିଛନ୍ତି ଯେ ୪୦ବର୍ଷ ବୟସ ପୁଣ୍ୟ ଭକ୍ତମାନଙ୍କ ପାଇଁ କଲ୍ୟାଣକର ହୋଇ ଆସିଥାଏ ଏବଂ ଯାହାଠାରେ ସତ୍ୟତାର ଜ୍ୟୋତି ରହିଥାଏ, ତାହା ୪୦ ବର୍ଷ ବୟସରେ ନିଶ୍ଚିତ ରୂପେ ଉଜ୍ଜୀବିତ ହୁଏ । ଈଶ୍ୱରଙ୍କ ପ୍ରେରିତ ଅଧିକାଂଶ ପବିତ୍ର ଅବତାର ଏହି ଚାଳିଶ ବର୍ଷ ବୟସରେ ହିଁ ପ୍ରକଟିତ ହୋଇଥାନ୍ତି । ସୁତରାଂ ଆମମାନଙ୍କ ସର୍ଦ୍ଦାର ଓ ସ୍ୱାମୀ ହଜରତ ମୁହମ୍ମଦ[ସଅ] ଚାଳିଶ ବର୍ଷ ବୟସରେ ହିଁ ମାନବ ଜାତିର ସୁଧାର ପାଇଁ ଆବିର୍ଭୂତ ହୋଇଥିଲେ ।

## ଆତ୍ମାର ସୃଷ୍ଟି

ପୁନର୍ବାର ମୁଁ ମୋର ପ୍ରଥମ ଉକ୍ତିକୁ ଫେରି ଆସୁଛି । ଏକଥା ନିରାଟ ସତ୍ୟ ଯେ ଆତ୍ମା ଏକ ସୂକ୍ଷ୍ମ ଜ୍ୟୋତି ଯାହା ଏହି ଶରୀର ଭିତରୁ ହିଁ ଜନ୍ମ ନିଏ ଏବଂ

ମାତୃ ଗର୍ଭରେ ଏହାର ପ୍ରତିପୋଷଣ ହୁଏ । ଜନ୍ମ ନେବାର ଅର୍ଥ ଏହି କି ଯେ ଏହା ପ୍ରଥମେ ଗୋପନ ଓ ଅନୁପଲବ୍ଧ ଥାଏ, କିନ୍ତୁ ପରେ ସ୍ପଷ୍ଟ ରୂପେ ପ୍ରକାଶମାନ ହୁଏ । ମୂଳରୁ ଏହାର ସ୍ପର୍ଶ ଶୁକ୍ର କଣିକାରେ ବିଦ୍ୟମାନ ଥାଏ । ଅବଶ୍ୟ ତାହା ବିଶ୍ୱନିୟନ୍ତାଙ୍କ ପରିକଳ୍ପନା, ତାଙ୍କ ଅନୁମତି ଓ ତାଙ୍କ ଇଚ୍ଛାନୁସାରେ ଏକ ଅଜ୍ଞାତ ପରିଧିରେ ଶୁକ୍ର କଣିକା ସହିତ ସମ୍ପର୍କ ରଖିଥାଏ । ଶୁକ୍ର କଣିକାର ଏହା ଏକ ପ୍ରକାଶମାନ ତଥା ଜ୍ୟୋତିର୍ମୟ ଅଂଶ । ଅବଶ୍ୟ  କହିହେବ ନାହିଁ ଯେ ଏହା  ଶୁକ୍ର କଣିକାର ସେହିପରି ଏକ ଅଂଶ ଯେଉଁପରି ଶରୀର ଶରୀରର ଅଂଶ । ପୁନଶ୍ଚ ଏହା ମଧ୍ୟ କୁହାଯାଇ ପାରିବ ନାହିଁ ଯେ ଆତ୍ମା ବାହାରୁ ଆସେ କିମ୍ବା ଭୂପୃଷ୍ଠରେ ନିଃପତିତ ହୋଇ ଶୁକ୍ର କଣିକାର ଉପାଦାନ ସହିତ ସଂଶ୍ଳିଷ୍ଟ ହୋଇଯାଏ । ବରଂ ଅଗ୍ନି ଚକମକି ପଥର ଭିତରେ ଥିବା ଭଳି ଏହା ଶୁକ୍ର କଣିକା ମଧ୍ୟରେ ଲୁକ୍‌କାୟିତ ହୋଇ ରହିଥାଏ । ଈଶ୍ୱରଙ୍କ ପବିତ୍ର ପୁସ୍ତକର ଏହା ଉଦ୍ଦେଶ୍ୟ ନୁହେଁ ଯେ ଆତ୍ମା ସ୍ୱତନ୍ତ୍ର ଭାବେ ସ୍ୱର୍ଗରୁ ଅବତୀର୍ଣ୍ଣ ହୁଏ ଅଥବା ବାୟୁମଣ୍ଡଳରୁ ଭୂପୃଷ୍ଠକୁ ନିଃପତିତ ହୁଏ ଏବଂ କୌଣସି ପ୍ରକାରେ ସଂଯୋଗ କ୍ରମେ ଶୁକ୍ର କଣିକା ସହ ସଂଯୁକ୍ତ ହୋଇ ଗର୍ଭ ମଧ୍ୟକୁ ପ୍ରବେଶ କରିଯାଏ । ବରଂ ଏଭଳି ଚିନ୍ତାଧାରା କୌଣସି ମତେ ସତ୍ୟ ସିଦ୍ଧ ହୋଇପାରିବ ନାହିଁ । ଯଦି ଆମେ ଏପରି ଭାବୁ ତେବେ ପ୍ରକୃତିର ନିୟମ ଆମକୁ ଭୁଲ ପ୍ରମାଣିତ କରିବ । ଆମେ ପ୍ରତିଦିନ ନିରୀକ୍ଷଣ କରୁ ଯେ ଦୂଷିତ ଓ ବାସି ଖାଦ୍ୟରେ ଏବଂ ସଢା ଘା'ରେ ଅସଂଖ୍ୟ ପୋକ ପଡ଼ିଯାଆନ୍ତି । ଅପରିଷ୍କାର ଲୁଗାରେ ଶହ ଶହ ଉକୁଣୀ ଲାଗିଯାଆନ୍ତି । ମଣିଷ ପେଟରେ ମଧ୍ୟ କୃମି ଆଦି ଜନ୍ମ ନିଅନ୍ତି । ଏବେ କ'ଣ ଆମେ କହିପାରିବା ଯେ ସେମାନେ ବାହାରୁ ଆସନ୍ତି, ଅଥବା ଏମାନଙ୍କୁ ଆକାଶରୁ ଖସୁଥିବା କେହି ଦେଖିଛି କି ? ତେଣୁ ଏହି କଥା ସତ୍ୟ ଯେ ଆତ୍ମା ଶରୀର ମଧ୍ୟରୁ ହିଁ ଉତ୍ପନ୍ନ ହୁଏ । ଏହି ଯୁକ୍ତି ଦ୍ୱାରା ଏହା ମଧ୍ୟ ସିଦ୍ଧ ହେଉଛି ଯେ ଆତ୍ମା ଜନ୍ମ ନିଏ ।

## ଆତ୍ମାର ଦ୍ୱିତୀୟ ଜନ୍ମ

ବର୍ତ୍ତମାନ ମୋର ଏ ସବୁ କହିବାର ତାତ୍ପର୍ଯ୍ୟ ହେଉଛି ଯେ ଯେଉଁ ସର୍ବଶକ୍ତିମାନ ଈଶ୍ୱର ଆତ୍ମାକୁ ଅଖଣ୍ଡ ଶକ୍ତି ବଳରେ ଶରୀର ମଧ୍ୟରୁ ହିଁ ଜାତ

କରାଇଲେ, ତାଙ୍କର ଏହାହିଁ ଉଦ୍ଦେଶ୍ୟ ଜଣାପଡୁଛି ଯେ ଆତ୍ମାର ଦ୍ୱିତୀୟ ଜନ୍ମକୁ ମଧ୍ୟ ସେ ଶରୀର ମାଧ୍ୟମରେ ହିଁ ପ୍ରକାଶକୁ ଆଣିବେ । ଆତ୍ମାର ଗତି ଆମ ଶରୀରର ଗତି ସହ ଜଡ଼ିତ । ଶରୀରକୁ ଆମେ ଯେଉଁ ଦିଗକୁ ନୁଆଁଇବା, ଆତ୍ମା ମଧ୍ୟ ନିଶ୍ଚିତ ରୂପେ ପଛେପଛେ ଆକର୍ଷିତ ହୋଇ ସେହି ଦିଗକୁ ଚାଲି ଆସେ । ଏଣୁ ମନୁଷ୍ୟର ସ୍ୱାଭାବିକ ଅବସ୍ଥାମାନ ପ୍ରତି ଧ୍ୟାନ ଦେବା ହେଉଛି ଈଶ୍ୱରଙ୍କ ସଚ୍ଚା ଗ୍ରନ୍ଥର କାମ । ଏହି କାରଣ ଯୋଗୁଁ ପବିତ୍ର କୁରଆନ ମନୁଷ୍ୟର ସ୍ୱାଭାବିକ ଅବସ୍ଥାମାନର ସୁଧାର ପାଇଁ ଅତିଶୟ ଧ୍ୟାନ ଦେଇଛି ଏବଂ ମନୁଷ୍ୟର ହସିବା, କାନ୍ଦିବା, ଖାଇବା, ପିଇବା, ପିନ୍ଧିବା, ଶୋଇବା, କଥାବାର୍ତ୍ତା କରିବା, ଚୁପ୍ ରହିବା, ବିବାହ କରିବା, ଅବିବାହିତ ରହିବା, ଚାଲିବା, ଠିଆ ହେବା, ବାହ୍ୟ ପରିଚ୍ଛନ୍ନତା, ସ୍ନାନାଦି କର୍ମ ବିଧିମତେ ସମ୍ପାଦନ କରିବା, ରୋଗାବସ୍ଥାରେ ଓ ସୁସ୍ଥାବସ୍ଥାରେ ବିଶେଷ ବିଧିମାନଙ୍କର ଅନୁପାଳନ କରିବା, ଏ ସମସ୍ତ ବିଷୟ ଉପରେ ନିର୍ଦ୍ଦେଶମାନ ଲେଖିଛି । ଏବଂ ମନୁଷ୍ୟର ଶାରୀରିକ ଅବସ୍ଥାମାନକୁ ଆଧ୍ୟାତ୍ମିକ ଅବସ୍ଥାମାନ ପ୍ରତି ଅତି ପ୍ରଭାବଶୀଳ ମନେ କରିଛି । ଯଦି ସେହି ନିର୍ଦ୍ଦେଶଗୁଡ଼ିକୁ ବିସ୍ତାର ପୂର୍ବକ ଲେଖାଯିବ ତେବେ ଏ ପ୍ରବନ୍ଧଟିକୁ ଶୁଣାଇବା ସକାଶେ ସମୟ ପର୍ଯ୍ୟାପ୍ତ ହେବ ବୋଲି ମୁଁ ଭାବୁ ନାହିଁ ।

## ମନୁଷ୍ୟର କ୍ରମୋନ୍ନତି

ମୁଁ ଯେତେବେଳେ ଈଶ୍ୱରଙ୍କ ପବିତ୍ର ବାଣୀକୁ ଅନୁଧ୍ୟାନ କରେ ଏବଂ ଦେଖେ ଯେ କିପରି ଏହା ନିଜ ଶିକ୍ଷା ମଧ୍ୟରେ ମନୁଷ୍ୟକୁ ତା'ର ସ୍ୱାଭାବିକ ଅବସ୍ଥାମାନର ସୁଧାର ସକାଶେ ନିୟମମାନ ପ୍ରଦାନ କରି ପୁନଶ୍ଚ ତାକୁ ଧିରେ ଧିରେ ଉନ୍ନତି ଆଡ଼କୁ ଅଗ୍ରସର କରାଇଛି ଏବଂ ଉଚ୍ଚକୋଟୀର ଆଧ୍ୟାତ୍ମିକ ଅବସ୍ଥା ପର୍ଯ୍ୟନ୍ତ ନେଇ ଯିବାକୁ ଚାହିଁଛି, ସେତେବେଳେ ମୋତେ ଏହି ତତ୍ତ୍ୱପୂର୍ଣ୍ଣ ଶିକ୍ଷା ଏପରି ମନେ ହୋଇଛି; ପ୍ରଥମେ ଈଶ୍ୱର ଏହା ଚାହିଁଛନ୍ତି ଯେ ମନୁଷ୍ୟକୁ ଉଠିବା, ବସିବା, ଖାଇବା, ପିଇବା, କଥାବାର୍ତ୍ତା ତଥା ସମସ୍ତ ସାମାଜିକ ଆଚାର ବ୍ୟବହାରର ଶୈଳୀମାନ ଶିଖାଇ ତାକୁ ଅସଭ୍ୟ ବର୍ବର ଜୀବନ ପ୍ରଣାଳୀରୁ ମୁକ୍ତ କରିବେ ଏବଂ ପଶୁମାନଙ୍କ ସହିତ ସମାନତାରୁ ସମ୍ପୂର୍ଣ୍ଣ ପୃଥକ କରି ଏକ ଅପେକ୍ଷାକୃତ ନିମ୍ନମାନର ନୈତିକ ଅବସ୍ଥା ଯାହାକୁ ସାଧାରଣ ଭଦ୍ରତା

ଓ ଶାଳୀନତାର ଆଖ୍ୟା ଦିଆଯାଇ ପାରେ, ଶିଖାଇଦେବେ । ପୁଣି ମନୁଷ୍ୟର ଏହି ସ୍ୱାଭାବିକ କର୍ମକୁ, ଯାହାକୁ ଅନ୍ୟ ଶବ୍ଦରେ ନିମ୍ନମାନର ନୈତିକତା କୁହାଯାଇପାରେ, ନିୟନ୍ତ୍ରଣରେ ଆଣିବେ, ଯଦ୍ୱାରା କି ନିୟନ୍ତ୍ରିତ ହୋଇ ସେଗୁଡିକ ଉନ୍ନତ ଚରିତ୍ରର ରୂପ ଧାରଣ କରିବ । ବାସ୍ତବରେ ଦେଖିଲେ ଏହି ଦୁଇଟିଯାକ ପଦ୍ଧତି ଗୋଟିଏ । କାରଣ ଦୁହେଁ ସ୍ୱାଭାବିକ ଅବସ୍ଥାର ସୁଧାର ସହିତ ଜଡ଼ିତ । କେବଳ ନିମ୍ନ ଓ ଉନ୍ନତମାନର ପ୍ରକାରଭେଦ ହିଁ ସେମାନଙ୍କୁ ଦୁଇ ପ୍ରକାରରେ ବିଭକ୍ତ କରିଛି । ସେହି ଏକବାରକେ ବିଜ୍ଞ ଈଶ୍ୱର ନୈତିକତାର ଶୃଙ୍ଖଳାକୁ ଏପରି ପ୍ରସ୍ତୁତ କରିଛନ୍ତି ଯେ ମନୁଷ୍ୟ ଏହା ଦ୍ୱାରା ନିମ୍ନ ନୈତିକତାରୁ ଉଚ୍ଚ ନୈତିକତା ପର୍ଯ୍ୟନ୍ତ ଅଗ୍ରସର କରିପାରିବ ।

## ଇସ୍‌ଲାମର ସତ୍ୟତା

ପୁନଶ୍ଚ ଉନ୍ନତିର ତୃତୀୟ ଚରଣକୁ ଏଭଳି ରଖିଛନ୍ତି ଯେ ଏଠାରେ ମନୁଷ୍ୟ ନିଜ ପ୍ରକୃତ ସ୍ରଷ୍ଟାଙ୍କ ପ୍ରେମ ଓ ଅନୁରକ୍ତିରେ ବିଲୀନ ହୋଇଯିବ ଓ ତା'ର ସମସ୍ତ ଅସ୍ତିତ୍ୱ ଈଶ୍ୱରଙ୍କ ନିମିତ୍ତ ହୋଇଯିବ । ଏହା ଏପରି ଏକ ସ୍ଥିତି ଯାହାକୁ ମନେ ପକାଇଦେବା ପାଇଁ ମୁସଲମାନମାନଙ୍କ ଧର୍ମର ନାମ 'ଇସଲାମ୍' ରଖାଯାଇଛି, କାରଣ ନିଜର ଲେଶ ମାତ୍ର ଅସ୍ତିତ୍ୱ ନରଖି ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କର ହୋଇଯିବାକୁ ଇସଲାମ୍ କୁହାଯାଏ । ଏ ସମ୍ପର୍କରେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ କହିଛନ୍ତି:

بَلٰى مَنْ اَسْلَمَ وَجْهَهٗ لِلّٰهِ وَهُوَ مُحْسِنٌ فَلَهٗٓ اَجْرُهٗ عِنْدَ رَبِّهٖ
وَلَا خَوْفٌ عَلَيْهِمْ وَلَا هُمْ يَحْزَنُوْنَ ○ (ଅଲ୍ ବକରା 2:113)

قُلْ اِنَّ صَلَاتِيْ وَنُسُكِيْ وَمَحْيَايَ وَمَمَاتِيْ لِلّٰهِ رَبِّ الْعٰلَمِيْنَ ○
لَا شَرِيْكَ لَهٗ وَبِذٰلِكَ اُمِرْتُ وَاَنَا اَوَّلُ الْمُسْلِمِيْنَ ○ (ଅଲ୍ ଅନଆମ୍ 6:163,164)

وَاَنَّ هٰذَا صِرَاطِيْ مُسْتَقِيْمًا فَاتَّبِعُوْهُ وَلَا تَتَّبِعُوا السُّبُلَ فَتَفَرَّقَ
بِكُمْ عَنْ سَبِيْلِهٖ (ଅଲ୍ ଅନଆମ୍ 6:154)

قُلْ اِنْ كُنْتُمْ تُحِبُّوْنَ اللّٰهَ فَاتَّبِعُوْنِيْ يُحْبِبْكُمُ اللّٰهُ وَيَغْفِرْ لَكُمْ
ذُنُوْبَكُمْ وَاللّٰهُ غَفُوْرٌ رَّحِيْمٌ ○ (ଆଲେ ଇମରାନ୍ 3:32)

ଅର୍ଥାତ 'ସେ ବ୍ୟକ୍ତି ମୋକ୍ଷପ୍ରାପ୍ତ ଯେ ଆପଣାକୁ ଈଶ୍ୱରଙ୍କ ନିମନ୍ତେ ଓ ଈଶ୍ୱରଙ୍କ

ମାର୍ଗରେ ବଳି ସଦୃଶ ସମର୍ପଣ କରିଦିଏ । କେବଳ କଥାରେ ନୁହେଁ ବରଂ ପୁଣ୍ୟ କର୍ମ ମାଧ୍ୟମରେ ନିଜ ସତ୍ୟତାକୁ ଦର୍ଶାଇ ଦେଇଥାଏ । ଯେଉଁ ବ୍ୟକ୍ତି ଏପରି କରେ ଈଶ୍ୱରଙ୍କ ଠାରେ ତା'ର ପ୍ରତିଦାନ ନିରୂପିତ ହୋଇସାରିଛି । ଏପରି ଲୋକମାନଙ୍କୁ କୌଣସି ଭୟ ନାହିଁ କିମ୍ବା ସେମାନେ ଦୁଃଖିତ ହେବେ ନାହିଁ ।'

"କୁହ ମୋର ପ୍ରାର୍ଥନା, ମୋର ତ୍ୟାଗ, ମୋର ଜୀବନ ଓ ମୋର ମରଣ ସେହି ଈଶ୍ୱରଙ୍କ ପ୍ରତି ଉଦ୍ଦିଷ୍ଟ, ଯାହାଙ୍କ ଆଧିପତ୍ୟ ସମସ୍ତ ବିଷୟ ଉପରେ ପରିବ୍ୟାପ୍ତ । କୌଣସି ବସ୍ତୁ ଓ କୌଣସି ବ୍ୟକ୍ତି ତାଙ୍କର ସମକକ୍ଷ ନୁହନ୍ତି ଏବଂ ସୃଷ୍ଟିକୁ କୌଣସି ପ୍ରକାରର ଅଂଶିଦାରୀ ତାଙ୍କ ସହିତ ନାହିଁ । ଏପରି କରିବାକୁ ମୋତେ ଏହି ଆଦେଶ ଦିଆଯାଇଛି । ଇସଲାମ୍‌ର ସାର ଉପରେ ପ୍ରତିଷ୍ଠିତ ରହିଥିବା ଅର୍ଥାତ ଈଶ୍ୱରଙ୍କ ମାର୍ଗରେ ନିଜ ଅସ୍ତିତ୍ୱକୁ ଉତ୍ସର୍ଗ କରିଥିବା ସର୍ବାଗ୍ର ବ୍ୟକ୍ତି ମୁଁ ଅଟେ । ଏହା ମୋର ମାର୍ଗ । ଅତଏବ ଆସ, ମୋର ମାର୍ଗକୁ ଆପଣାଅ ଏବଂ ଏହା ବିରୋଧୀ କୌଣସି ମାର୍ଗ ଗ୍ରହଣ କର ନାହିଁ, କାରଣ ଈଶ୍ୱରଙ୍କ ଠାରୁ ଦୂରେଇ ଯିବ ।"

ସେମାନଙ୍କୁ କହିଦିଅ, ଯଦି ଈଶ୍ୱରଙ୍କୁ ପ୍ରେମ କରୁଛ ତେବେ ଆସ, ମୋର ଅନୁସରଣ କର ଏବଂ ମୋ ପଥରେ ଚାଲ, ଯଦ୍ୱାରା କି ଈଶ୍ୱର ତୁମକୁ ଭଲ ପାଇବେ ଏବଂ ତୁମର ପାପ କ୍ଷମା କରିଦେବେ । ସେ ତ ଅତ୍ୟନ୍ତ କ୍ଷମାଶୀଳ ଏବଂ କରୁଣାମୟ ।

## ସ୍ୱାଭାବିକ ଏବଂ ନୈତିକ ଅବସ୍ଥା ମଧ୍ୟରେ ପ୍ରଭେଦ

ବର୍ତ୍ତମାନ ମୁଁ ମନୁଷ୍ୟର ସେହି ତିନି ଅବସ୍ଥାକୁ ପୃଥକ ପୃଥକ ଭାବେ ବର୍ଣ୍ଣନା କରିବି । କିନ୍ତୁ ପ୍ରଥମେ ଏହା ସ୍ମରଣ କରାଇଦେବା ଆବଶ୍ୟକ ଯେ ସ୍ୱାଭାବିକ ଅବସ୍ଥାମାନ, ଯାହାର ଉତ୍ସ ଓ ଉତ୍ପତ୍ତିସ୍ଥଳ ହେଉଛି ନଫ୍‌ସେ ଅମ୍ମାରାଃ ଅର୍ଥାତ କୁକର୍ମ ଆଡ଼କୁ ପ୍ରବର୍ତ୍ତାଉ ଥିବା ଆତ୍ମା, ଈଶ୍ୱରଙ୍କ ପବିତ୍ର ଗ୍ରନ୍ଥର ଆଭାସମାନ ଅନୁଯାୟୀ ନୈତିକ ଅବସ୍ଥାମାନଠାରୁ କିଛି ଅଲଗା ନୁହେଁ । କାରଣ ଈଶ୍ୱରଙ୍କ ପବିତ୍ର ବାଣୀ ମନୁଷ୍ୟର ସମସ୍ତ ପ୍ରକୃତିଦତ୍ତ ସାମର୍ଥ୍ୟ, ପାର୍ଥିବ ଇଚ୍ଛା ଓ ଆବେଗମାନଙ୍କୁ ସ୍ୱାଭାବିକ ଅବସ୍ଥାର ପର୍ଯ୍ୟାୟଭୁକ୍ତ କରିଛି । ଏବଂ ସେହି ସ୍ୱାଭାବିକ ଅବସ୍ଥାମାନ

ସୁଚିନ୍ତିତ ଭାବେ ଶୃଙ୍ଖଳିତ ଓ ନିୟନ୍ତ୍ରିତ ହୋଇ ତଥା ସ୍ଥାନ, କାଳର ପ୍ରାସଙ୍ଗିକତା ଅନୁଯାୟୀ ବ୍ୟବହୃତ ହେଲେ ନୈତିକତାର ରୂପ ଧାରଣ କରିନିଅନ୍ତି । ସେହିପରି ନୈତିକ ଅବସ୍ଥାମାନ ଆଧ୍ୟାତ୍ମିକ ଅବସ୍ଥାମାନ ଠାରୁ କିଛି ଭିନ୍ନ ନୁହନ୍ତି । ବରଂ ସେହି ନୈତିକ ଅବସ୍ଥାମାନ ଯେତେବେଳେ ପୂର୍ଣ୍ଣତଃ ଅଲ୍ଲାଃଙ୍କ ଠାରେ ଲୀନ ହୋଇଯାଆନ୍ତି ଓ ନିଜକୁ ସମ୍ପୂର୍ଣ୍ଣ ପବିତ୍ର କରି ନିଅନ୍ତି ଏବଂ ଅଲ୍ଲାଃଙ୍କ ମାର୍ଗରେ ସବୁ ବନ୍ଧନମାନ ଛିନ୍ନ କରି ଦିଅନ୍ତି, ଅଲ୍ଲାଃଙ୍କ ଠାରେ ପୂର୍ଣ୍ଣ ପ୍ରେମ ସ୍ଥାପନ କରନ୍ତି, ତାଙ୍କ ଠାରେ ପୂର୍ଣ୍ଣ ନିମଜ୍ଜିତ ହୋଇ ଯାଆନ୍ତି ଏବଂ ତାଙ୍କ ଠାରେ ପୂର୍ଣ୍ଣ ଶାନ୍ତି, ଆଶ୍ୱସ୍ତି ସ୍ଥାପନ କରନ୍ତି ତଥା ତାଙ୍କ ସହ ଏକମତ ହୋଇ ଯାଆନ୍ତି, ସେତେବେଳେ ସେଗୁଡ଼ିକ ଆଧ୍ୟାତ୍ମିକ ଅବସ୍ଥାର ରୂପ ଧାରଣ କରନ୍ତି ।

ସ୍ୱାଭାବିକ ଅବସ୍ଥାମାନ ଯେଉଁ ପର୍ଯ୍ୟନ୍ତ ନୈତିକତାରେ ରୂପାନ୍ତରିତ ହୋଇନାହାନ୍ତି, ମନୁଷ୍ୟକୁ କୌଣସି ପ୍ରକାରେ ପ୍ରଶଂସାର ଯୋଗ୍ୟ କରନ୍ତି ନାହିଁ । କାରଣ ସେଗୁଡ଼ିକ ଅନ୍ୟ ସଜୀବ, ଏପରିକି ନିର୍ଜୀବ ପଦାର୍ଥମାନଙ୍କ ଠାରେ ମଧ୍ୟ ଦେଖିବାକୁ ମିଳେ । ସେହିପରି କେବଳ ନୈତିକତାର ପ୍ରାପ୍ତି ମନୁଷ୍ୟକୁ ଆଧ୍ୟାତ୍ମିକ ଜୀବନ ପ୍ରଦାନ କରେ ନାହିଁ । ବରଂ ଜଣେ ବ୍ୟକ୍ତି ଈଶ୍ୱରଙ୍କ ଅସ୍ତିତ୍ୱର ବିରୋଧି ଥାଇ ମଧ୍ୟ ଉତ୍ତମ ନୈତିକ ଆଚରଣ ଦେଖାଇ ପାରେ । ନମ୍ର ଅଥବା ଶାନ୍ତ ସ୍ୱଭାବର ହେବା, ଅଥବା ଶାନ୍ତିରକ୍ଷାକାରୀ ହେବା ଅଥବା ହିଂସା ତ୍ୟାଗ କରିବା, ଅଥବା ଦୁର୍ବୃତ୍ତ ସହ ମୁହାଁମୁହିଁ ନହେବା ଏସବୁ ସ୍ୱାଭାବିକ ଅବସ୍ଥାମାନର ଅନ୍ତର୍ଭୁକ୍ତ । ଏସବୁ ଏପରି ବିଷୟ ଯାହା ଜଣେ ଅଯୋଗ୍ୟ ବ୍ୟକ୍ତିକୁ ମଧ୍ୟ ପ୍ରାପ୍ତ ହୋଇପାରେ ଯେ କି ମୋକ୍ଷର ପ୍ରକୃତ ଉତ୍ସରୁ ବଞ୍ଚିତ ଓ ସେଥିପ୍ରତି ଏକବାରକେ ଅଜ୍ଞାତ । ଅନେକ ଚତୁଷ୍ପଦ ପ୍ରାଣୀ ସ୍ୱଭାବତଃ ନମ୍ର ଥାଆନ୍ତି । ତାଲିମ ପାଇ ସେମାନେ ଶାନ୍ତ ସ୍ୱଭାବ ମଧ୍ୟ ଦେଖାଇ ଥାଆନ୍ତି । ଚାବୁକ ପରେ ଚାବୁକ ମାରି ଚାଲିଲେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ । ତଥାପି ସେମାନଙ୍କୁ ଆମେ ମନୁଷ୍ୟ କହି ପାରିବା ନାହିଁ; ଆଉ ଏହି ଗୁଣମାନ ଯୋଗୁଁ ସେମାନେ ଉଚ୍ଚକୋଟୀର ମନୁଷ୍ୟରେ ପରିଣତ ହୋଇଯିବା ତ ଦୂରର କଥା । ସେହିପରି ଜଣେ ଅତି ମାତ୍ରାରେ ମନ୍ଦରୁ ମନ୍ଦ ବିଶ୍ୱାସ ଧାରଣ

କରିଥିବା ବ୍ୟକ୍ତି, ବରଂ କେତେକ ପ୍ରକାରର କୁକର୍ମରେ ଲିପ୍ତ ଥିବା ବ୍ୟକ୍ତି ମଧ୍ୟ ଏସବୁ ଗୁଣ ପ୍ରକାଶ କରିପାରେ ।

## ଜୀବହତ୍ୟାର ଖଣ୍ଡନ

ଏହା ମଧ୍ୟ ସମ୍ଭବପର ଯେ ମନୁଷ୍ୟ ଦୟାରେ ଏତେ ଦୂର ଯାଇପାରେ ଯେ ଯଦି ତା' ନିଜ କ୍ଷତରେ ପୋକ ପଡ଼ିଯାଆନ୍ତି ତେବେ ସେ ସେମାନଙ୍କୁ ମଧ୍ୟ ମାରିବାକୁ ଉଚିତ ମଣେ ନାହିଁ ଏବଂ ସଜୀବକୁ ଏଭଳି ସମ୍ମାନ କରେ ଯେ ମୁଣ୍ଡର ଉକୁଣୀ ଅଥବା ଉଦର, ଅନ୍ତଃନାଡ଼ୀ ଓ ମସ୍ତିଷ୍କରେ ଜନ୍ମ ନେଉଥିବା କୀଟମାନଙ୍କୁ ସେ ଆଘାତ ଦେବାକୁ ଚାହେଁ ନାହିଁ । ବରଂ ମୁଁ ଏହା ମାନିନେବାକୁ ପ୍ରସ୍ତୁତ ଯେ କାହାରି ଦୟା ଏତେଦୂର ପର୍ଯ୍ୟନ୍ତ ମଧ୍ୟ ଯାଇପାରେ ଯେ ସେ ମହୁ ଖାଇବା ଛାଡ଼ିଦେବ କାରଣ ତାହା ଅନେକ ଜୀବ ବିନାଶ ହେବା ପରେ ଓ ବିଚରା ମହୁମାଛିମାନଙ୍କୁ ସେମାନଙ୍କ ସ୍ଥାନରୁ ଘଉଡ଼ାଇବା ପରେ ଯାଇ ପ୍ରାପ୍ତ ହୁଏ । ମୁଁ ସ୍ୱୀକାର କରୁଛି ଯେ ଜଣେ କସ୍ତୁରିକୁ ମଧ୍ୟ ବାରଣ କରିପାରେ କାରଣ ଏହା ବିଚରା ହରିଣର ରକ୍ତ; ଏବଂ ଏହା ସେ ବିଚରାକୁ ମାରିବା ପରେ ଓ ତା' ପିଲାମାନଙ୍କ ଠାରୁ ତାକୁ ବିଚ୍ଛିନ୍ନ କଲାପରେ ହିଁ ମିଳିପାରେ । ସେହିପରି ଏହା ମଧ୍ୟ ମୁଁ ଅସ୍ୱୀକାର କରୁନାହିଁ ଯେ ଜଣେ ବ୍ୟକ୍ତି ମୁକ୍ତାର ବ୍ୟବହାର ଓ ରେଶମ ପିନ୍ଧିବା ପରିତ୍ୟାଗ କରି ଦେଇପାରେ କାରଣ ଏହି ଦୁଇଟି ଯାକ ବସ୍ତୁ ନିରୀହ ପୋକମାନଙ୍କୁ ମାରିବା ପରେ ହିଁ ପ୍ରାପ୍ତ ହୁଏ । ବରଂ ମୁଁ ଏ ପର୍ଯ୍ୟନ୍ତ ମାନୁଛି ଯେ ଜଣେ ବ୍ୟକ୍ତି ଯନ୍ତ୍ରଣା ପାଉଥିବା ସମୟରେ ଜୋକ ଲଗାଇବାରୁ ମଧ୍ୟ ବିରତ ରହିପାରେ । ସେ ନିଜେ କଷ୍ଟ ସହିନିଏ ସତ, କିନ୍ତୁ ନିରୀହ ଜୋକଟିର ମୃତ୍ୟୁ ଚାହେଁ ନାହିଁ । ଶେଷରେ କେହି ମାନୁ ଅବା ନ ମାନୁ, କିନ୍ତୁ ମୁଁ ମାନୁଛି ଯେ ଜଣେ ବ୍ୟକ୍ତି ଦୟାଭାବକୁ ଏତେ ଉପର ସ୍ତର ପର୍ଯ୍ୟନ୍ତ ନେଇ ଯାଇପାରେ ଯେ ପାଣି ପିଇବା ମଧ୍ୟ ଛାଡ଼ିଦିଏ ଏବଂ ଏହି ରୂପେ ସେ ପାଣିର କୀଟମାନଙ୍କୁ ବଞ୍ଚାଇବା ଲାଗି ନିଜକୁ ନାଶ କରିଦିଏ । ମୁଁ ଏସବୁକୁ ଗ୍ରହଣ କରୁଛି, କିନ୍ତୁ ମୁଁ ଏହା କଦାପି ଗ୍ରହଣ କରିପାରିବି ନାହିଁ ଯେ ଏ ସମସ୍ତ ସ୍ୱାଭାବିକ ଅବସ୍ଥାମାନ ନୈତିକତା ବୋଲାଇ ପାରିବେ । ଅଥବା କେବଳ ଏମାନଙ୍କ ଦ୍ୱାରା ସେହି ଆଭ୍ୟନ୍ତରୀଣ

କଳୁଷଗୁଡ଼ିକୁ ଧୋଇ ଦେଇ ହେବ, ଯେଉଁ ଗୁଡ଼ିକର ଅସ୍ତିତ୍ୱ ମନୁଷ୍ୟର ଈଶ୍ୱର ପ୍ରାପ୍ତି ମାର୍ଗରେ ପ୍ରତିବନ୍ଧକ ହୋଇଥାନ୍ତି । ମୁଁ କେବେହେଲେ ବିଶ୍ୱାସ କରିବି ନାହିଁ ଯେ ଏପରି ନିରୀହ ଓ ଅହିଂସା ପ୍ରିୟ ହେବା, ଯହିଁରେ କେତେକ ପଶୁ ଓ ପକ୍ଷୀ ମନୁଷ୍ୟ ଠାରୁ ଆଗୁଆ ରହିଛନ୍ତି, ଉତ୍କୃଷ୍ଟ ମାନବତ୍ୱ ଲାଭ କରିବାର କାରଣ ହୋଇପାରେ । ବରଂ ମୋ ନିକଟରେ ଏହା ପ୍ରକୃତିର ନିୟମ ସହିତ ସଂଗ୍ରାମ ହେବ ଏବଂ ଈଶ୍ୱରଙ୍କ ସାନ୍ନିଧ ଲାଭ ପାଇଁ ଯେଉଁ ଉଚ୍ଚକୋଟୀର ନୈତିକତା ଆବଶ୍ୟକ, ତା'ର ବିରୋଧ ତଥା ସେହି ଅମୂଲ୍ୟ ଦାନ ଗୁଡିକର ଅସ୍ୱୀକାର ହେବ ଯାହା ପ୍ରକୃତି ଆମମାନଙ୍କୁ ଦେଇଛି । ବରଂ ସେହି ଆଧାତ୍ମିକତା ପ୍ରତ୍ୟେକ ନୈତିକ ଗୁଣକୁ ସ୍ଥାନ, କାଳ ଅନୁଯାୟୀ ବ୍ୟବହାର କଲାପରେ ଓ ତତ୍‌ସହିତ ଈଶ୍ୱରଙ୍କ ମାର୍ଗରେ ବିଶ୍ୱସ୍ତତା ପୂର୍ବକ ଗୋଡ଼ ବଢାଇଲେ ଓ ସର୍ବୋପରି ତାଙ୍କରି ହୋଇଗଲେ, ଯାଇ ମିଳିବ । ଯିଏ ତାଙ୍କରି ହୋଇଯାଏ ତା'ର ଲକ୍ଷଣ ହେଉଛି ଯେ ସେ ତାଙ୍କ ବିନା ବଞ୍ଚିପାରେ ନାହିଁ । ଭକ୍ତ ଈଶ୍ୱରଙ୍କ ହାତରେ ବଧ କରାଯାଇଥିବା ମତ୍ସ୍ୟ ସଦୃଶ ଓ ତା'ର ଜଳ ହେଉଛି ଈଶ୍ୱରଙ୍କ ପ୍ରେମ ।

## ସଂସ୍କାରର ତିନୋଟି ଉପାୟ

ବର୍ତ୍ତମାନ ମୁଁ ମୋର ପୂର୍ବ ବକ୍ତବ୍ୟ ଆଡ଼କୁ ଫେରିଆସୁଛି । ଯେପରିକି ମୁଁ କହିସାରିଛି ଯେ ମନୁଷ୍ୟର ଅବସ୍ଥାମାନର ତିନୋଟି ଉତ୍ସ ରହିଛି । ନଫ୍‌ସେ ଅମ୍ମାରାଃ, ନଫ୍‌ସେ ଲଓ୍ୱାମାଃ ଏବଂ ନଫ୍‌ସେ ମୁତ୍‌ମଇନ୍ନାଃ ଅର୍ଥାତ କୁକର୍ମ ଆଡ଼କୁ ପ୍ରବର୍ତ୍ତାଉ ଥିବା ଆତ୍ମା, କୁକର୍ମ ଯୋଗୁଁ ନିଜକୁ ଧିକ୍‌କାର କରୁଥିବା ଆତ୍ମା ଓ ଶାନ୍ତି ପ୍ରାପ୍ତ ପ୍ରଶାନ୍ତ ଆତ୍ମା । ସେହିପରି ସଂସ୍କାରର ମଧ୍ୟ ତିନୋଟି ପଦ୍ଧତି ରହିଛି । ପ୍ରଥମଟି ହେଉଛି ଅଶିଷ୍ଟ ବର୍ବରମାନଙ୍କୁ ଏଭଳି ନ୍ୟୁନତମ ନୈତିକ ଗୁଣମାନ ଉପରେ ପ୍ରତିଷ୍ଠିତ କରାଇବା, ଯେପରିକି ସେମାନେ ଖାଦ୍ୟ, ପାନୀୟ ଓ ବିବାହ ଆଦି ସାମାଜିକ କର୍ମରେ ମାନବ ସୁଲଭ ଢଙ୍ଗ ଅବଲମ୍ବନ କରିବେ । ଉଲଗ୍ନ ହୋଇ ବୁଲିବେ ନାହିଁ କି କୁକୁର ଭଳି ମୁର୍ଦ୍ଦାର ଖାଇବେ ନାହିଁ ଅଥବା ଅନ୍ୟ କୌଣସି ପ୍ରକାରର ଅଭଦ୍ରତା ଦେଖାଇବେ ନାହିଁ । ସ୍ୱାଭାବିକ ଅବସ୍ଥାଗୁଡିକର ସଂସ୍କାର ମଧ୍ୟରେ ଏହା ହେଉଛି ଛୋଟ ଧରଣର

ସଂସ୍କାର । ଏହା ସେହିଭଳି ସଂସ୍କାର ଯେପରି କି ଉଦାହରଣ ସ୍ୱରୂପ ଯଦି ପୋର୍ଟ ବ୍ଲେୟର୍‌ର ବନ୍ୟ ଅଧିବାସୀମାନଙ୍କ ମଧ୍ୟରୁ କାହାରିକୁ ମାନବିକତାର ନୀତିନିୟମ ଶିଖାଇବାକୁ ପଡ଼େ ତେବେ ପ୍ରଥମେ ତାକୁ ଛୋଟ ଛୋଟ ମାନବୋଚିତ ଆଚରଣ ତଥା ଅଦବ କାଇଦା ଆଦିର ଶିକ୍ଷା ଦିଆଯିବ ।

ସଂସ୍କାରର ଦ୍ୱିତୀୟ ପଦ୍ଧତି ହେଉଛି; ଯେତେବେଳେ ଜଣେ ବାହ୍ୟ ମନୁଷ୍ୟୋଚିତ ଆଦବ କାଇଦାମାନ ଶିଖିନିଏ ସେତେବେଳେ ତାକୁ ଉଚ୍ଚକୋଟୀର ମାନବିକ ଚରିତ୍ରମାନ ଶିଖାଯାଉ, ଏବଂ ମନୁଷ୍ୟର ସାମର୍ଥ୍ୟ ମଧ୍ୟରେ ଯାହାସବୁ ଭରି ରହିଛି ସେ ସବୁକୁ ସ୍ଥାନ ଓ କାଳ ଅନୁଯାୟୀ ବ୍ୟବହାର କରିବାର ଶିକ୍ଷା ଦିଆଯାଉ ।

ସଂସ୍କାରର ତୃତୀୟ ପଦ୍ଧତି ହେଉଛି ଯେ ଯେଉଁମାନେ ଉନ୍ନତ ନୈତିକ ଗୁଣର ଅଧିକାରୀ ହୋଇ ସାରିଛନ୍ତି, ସେପରି ଶୁଷ୍କ ସାଧକମାନଙ୍କୁ ଈଶ୍ୱରଙ୍କ ପ୍ରେମ ଓ ସାନ୍ନିଧ୍ୟର ସୁଧା ଚଖାଇ ଦିଆଯାଉ । ପବିତ୍ର କୁରଆନ ସଂସ୍କାରର ଏହି ତିନି ପଦ୍ଧତି ବର୍ଣ୍ଣନା କରିଛି ।

**ସୁଧାରର ପୂର୍ଣ୍ଣ ଆବଶ୍ୟକତା ସମୟରେ ହଜରତ ମୁହମ୍ମଦ ସ.ଅଙ୍କ ଆବିର୍ଭାବ**

ଆମର ସର୍ଦ୍ଦାର ଓ ମୁନିବ, ପବିତ୍ର ଅବତାର ସ.ଅ ଏପରି ସମୟରେ ଆବିର୍ଭୂତ ହେଲେ ଯେତେବେଳେ ପୃଥିବୀ ସବୁଦୃଷ୍ଟିରୁ କଳୁଷିତ ଓ ନଷ୍ଟ ହୋଇ ସାରିଥିଲା । ଏଥି ପାଇଁ ସର୍ବଶକ୍ତିମାନ ଅଲ୍ଲାଃ ବର୍ଣ୍ଣନା କରିଛନ୍ତି:

(ଅର୍ ରୋମ୍ 30:42) ظَهَرَ الْفَسَادُ فِي الْبَرِّ وَالْبَحْرِ

ଅର୍ଥାତ, ବଣ-ଜଙ୍ଗଲ ମଧ୍ୟ ଖରାପ ହୋଇଗଲା ଏବଂ ସମୁଦ୍ର ମଧ୍ୟ ଖରାପ ହୋଇଗଲା । ଏଥିରେ ଏହି କଥାର ଇଙ୍ଗିତ ରହିଛି ଯେ ଯେଉଁମାନେ ଗ୍ରନ୍ଥଧାରୀ ବୋଲାଉଥିଲେ, ସେମାନେ ମଧ୍ୟ ଖରାପ ହୋଇଗଲେ ଏବଂ ଅନ୍ୟମାନେ, ଯେଉଁମାନଙ୍କୁ ଐଶ୍ୱରିକ ବାଣୀର ଜଳ ପ୍ରାପ୍ତି ହୋଇନାହିଁ, ସେମାନେ ମଧ୍ୟ ଖରାପ ହୋଇଗଲେ । ତେଣୁ ମୃତମାନଙ୍କୁ ଜୀବନ ଦାନ କରିବା ଥିଲା ପବିତ୍ର କୁରଆନର କାର୍ଯ୍ୟ । ଯେପରିକି ଉଲ୍ଲେଖ ରହିଛି:

اِعْلَمُوْٓا اَنَّ اللّٰهَ يُحْيِ الْاَرْضَ بَعْدَ مَوْتِهَا

(ଅଲ୍ ହଦିଦ୍ 57:18) ଅର୍ଥାତ 'ଏକଥା ଜାଣିନିଅ ଯେ ସର୍ବଶକ୍ତିମାନ ଅଲ୍ଲାଃ ଏବେ ଧରାପୃଷ୍ଠକୁ ତା'ର ମୃତ୍ୟୁପରେ ନୂଆକରି ଜୀବନ ଦେବାକୁ ଆରମ୍ଭ କଲେଣି ।' ସେ ସମୟରେ ଆରବ ବର୍ବରତାର ଚରମ ସୀମାରେ ପହଞ୍ଚି ଯାଇଥିଲା । ମାନବିକ ନୀତିନିୟମର ଲେଶମାତ୍ର ଚିହ୍ନ ସେମାନଙ୍କ ଠାରେ ନଥିଲା । ସମସ୍ତ ପାପକର୍ମ ସେମାନଙ୍କ ଦୃଷ୍ଟିରେ ଗର୍ବର ବିଷୟ ଥିଲା । ଜଣେ ବ୍ୟକ୍ତି ଶହ ଶହ ପତ୍ନୀ ରଖୁଥିଲା । ଅବୈଧ ଭକ୍ଷଣ କରିବା ସେମାନଙ୍କର ଅଭ୍ୟାସଗତ ଥିଲା । ମାଆମାନଙ୍କ ସହିତ ବିବାହ କରିବା ବିଧି ସମ୍ମତ ମନେକରୁଥିଲେ । ଏଥିଯୋଗୁଁ ସର୍ବଶକ୍ତିମାନ ଅଲ୍ଲାଃଙ୍କୁ କହିବାକୁ ପଡ଼ିଲା ଯେ, حُرِّمَتْ عَلَيْكُمْ اُمَّهٰتُكُمْ

(ଅନ୍ ନିସା 4:24) ଅର୍ଥାତ 'ଆଜି ଠାରୁ ତୁମର ମାଆମାନେ ତୁମମାନଙ୍କ ପାଇଁ ନିଷିଦ୍ଧ କରାଗଲେ ।' ସେମାନେ ମୁର୍ଦାର ଖାଉଥିଲେ, ନରଖାଦକ ମଧ୍ୟ ଥିଲେ । ପୃଥିବୀରେ ଏପରି କୌଣସି ପାପ ନଥିଲା ଯାହା ସେମାନେ କରୁନଥିଲେ । ଅଧିକାଂଶ ଲୋକ ମୃତ୍ୟୁପର ଜୀବନରେ ଅର୍ଥାତ ପରକାଳରେ ବିଶ୍ୱାସ କରୁ ନ ଥିଲେ । ସେମାନଙ୍କ ମଧ୍ୟରୁ ଅନେକ ଈଶ୍ୱରଙ୍କ ଅସ୍ତିତ୍ୱକୁ ମଧ୍ୟ ମାନୁ ନଥିଲେ । କନ୍ୟାମାନଙ୍କୁ ସ୍ୱହସ୍ତରେ ହତ୍ୟା କରୁଥିଲେ । ଅନାଥମାନଙ୍କୁ ମାରି ସେମାନଙ୍କ ସମ୍ପତ୍ତି ଖାଉଥିଲେ । ଦେଖିବାକୁ ତ ମଣିଷ ଥିଲେ, କିନ୍ତୁ ବୁଦ୍ଧି ହରଣ ହୋଇ ଯାଇଥିଲା । ଲଜ୍ଜା ନ ଥିଲା କି ସରମ ନ ଥିଲା । ସେମାନଙ୍କ ଠାରେ ସ୍ୱାଭିମାନ ମଧ୍ୟ ନଥିଲା । ମଦିରା ପାଣି ପରି ପିଉଥିଲେ । ଜନାକାରୀରେ ଯେଉଁ ବ୍ୟକ୍ତି ପ୍ରଥମ ସ୍ଥାନରେ ରହୁଥିଲା, ସେ ହିଁ ଦଳର ଦଳପତି ବୋଲାଉଥିଲା । ଅଜ୍ଞାନତା ଏପରି ଥିଲା ଯେ ଆଖପାଖର ସମସ୍ତ ଜାତିମାନେ ଏମାନଙ୍କ ନାମ ଅପାଠୁଆ ରଖିଥିଲେ । ଏହିଭଳି ସମୟରେ ଓ ଏହିଭଳି ଜାତିର ସଂସ୍କାର ସକାଶେ ଆମର ସର୍ଦ୍ଦାର ଓ ମୁନିବ ହଜରତ ମୁହମ୍ମଦ ସ.ଅ ମକ୍କା ସହରରେ ଆବିର୍ଭୂତ ହେଲେ । ସୁତରାଂ ସେହି ତିନି କିସମର ସଂସ୍କାର, ଯେଉଁଗୁଡ଼ିକର ଆମେ ସମ୍ପ୍ରତି ବର୍ଣ୍ଣନା କରି ସାରିଛୁ, ସେଗୁଡ଼ିକର ପ୍ରୟୋଗ ପାଇଁ ବାସ୍ତବରେ ଏହା ହିଁ ପ୍ରକୃଷ୍ଟ ସମୟ ଥିଲା । ଏଥି ସକାଶେ ପବିତ୍ର

କୁରଆନ ପୃଥିବୀର ସମସ୍ତ ଧର୍ମଶିକ୍ଷା ତୁଳନାରେ ଅଧିକ ପୂର୍ଣ୍ଣାଙ୍ଗ ଓ ଉଚ୍ଚକୋଟୀର ହୋଇଥିବାର ଦାବି କରେ । କାରଣ ପୃଥିବୀର ଅନ୍ୟ ଧର୍ମ ଗ୍ରନ୍ଥଗୁଡ଼ିକୁ ଏହି ତିନି ପ୍ରକାରର ସଂସ୍କାର  କରିବାର ସୁଯୋଗ ମିଳିଲା ନାହିଁ; କିନ୍ତୁ ପବିତ୍ର କୁରଆନକୁ କିନ୍ତୁ ଏହା ଉପଲବ୍ଧ ହେଲା । ପବିତ୍ର କୁରଆନର ଏହି ଲକ୍ଷ୍ୟ ଥିଲା ଯେ ସେ ବର୍ବରମାନଙ୍କୁ ମନୁଷ୍ୟ କରୁ ଏବଂ ମନୁଷ୍ୟକୁ ଚରିତ୍ରବାନ ମନୁଷ୍ୟ କରୁ ଏବଂ ଚରିତ୍ରବାନ ମନୁଷ୍ୟକୁ ଈଶ୍ୱର ପରାୟଣ ମନୁଷ୍ୟ କରୁ । ସୁତରାଂ ପବିତ୍ର କୁରଆନ ଏହି ତିନିଟି ବିଷୟ ଉପରେ ହିଁ ପର୍ଯ୍ୟବସିତ ।

## କୁରଆନ ଭିତ୍ତିକ ଶିକ୍ଷାର ମୂଳ ଉଦ୍ଦେଶ୍ୟ
## ତିନି ପ୍ରକାର ସଂସ୍କାର

ସ୍ୱଭାବିକ ଅବସ୍ଥାମାନ ସଂଯମନ ଦ୍ୱାରା ନୈତିକତାରେ ପରିଣତ ହୁଅନ୍ତି ।

ଏହି ତିନିଗୋଟି ସଂସ୍କାର ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିବା ପୂର୍ବରୁ ମୁଁ ଏହା ଉଲ୍ଲେଖ କରିଦେବା ଆବଶ୍ୟକ ମନେ କରୁଛି ଯେ ପବିତ୍ର କୁରଆନରେ ଏପରି କୌଣସି ଶିକ୍ଷା ନାହିଁ ଯାହାକୁ ବଳପୂର୍ବକ ମାନିବାକୁ ବାଧ କରାଯାଇଛି । ବରଂ ସମଗ୍ର କୁରଆନର ଲକ୍ଷ୍ୟ ହେଉଛି କେବଳ ଏହି ତିନି ଅବସ୍ଥାର ସଂସ୍କାର । ଏହି ତିନି ସଂସ୍କାର ହିଁ ଏହାର ସମସ୍ତ ଶିକ୍ଷାର ସାରମର୍ମ । ଅବଶିଷ୍ଟ ସମସ୍ତ ନିର୍ଦ୍ଦେଶ ଏହି ସୁଧାର ସକାଶେ ଅବଲମ୍ବନ ମାତ୍ର । ଯେପରି ଅନେକ ସମୟରେ ସ୍ୱାସ୍ଥ୍ୟ ଫେରାଇ ଆଣିବା ପାଇଁ ଡାକ୍ତରକୁ କେତେବେଳେ ଚିରିବାକୁ ପଡ଼େ ତ କେତେବେଳେ ମଲମ ଲଗାଇବାକୁ ପଡ଼େ, ସେହିପରି କୁରଆନ ଅନ୍ତର୍ଗତ ଶିକ୍ଷା ମଧ୍ୟ ମାନବୀୟ ସହନୁଭୂତି ହେତୁ ସେହି ଉପାୟମାନକୁ ସ୍ଥଳ ବିଶେଷରେ ପ୍ରୟୋଗ କରିଛି । ଏହାର ସମସ୍ତ 'ମଆରିଫ୍' ଅର୍ଥାତ ଜ୍ଞାନର କଥା ଏବଂ ନିର୍ଦ୍ଦେଶ ଓ ଅବଲମ୍ବନ ଗୁଡ଼ିକର ଅସଲ ଉଦ୍ଦେଶ୍ୟ ହେଉଛି ମନୁଷ୍ୟକୁ ତାର ସ୍ୱାଭାବିକ ଅବସ୍ଥାରୁ, ଯାହା ନିଜ ମଧ୍ୟରେ ପାଶବିକ ସ୍ୱଭାବ ରଖିଥାଏ, ଉଦ୍ଧାର କରି ନୈତିକ ଅବସ୍ଥାରୁ ତାକୁ ଆଧ୍ୟାତ୍ମିକତାର ସୀମାହୀନ ସାଗର ପର୍ଯ୍ୟନ୍ତ ପହଞ୍ଚାଇବା ।

## ସ୍ୱାଭାବିକ ଅବସ୍ଥାଗୁଡ଼ିକ ସନ୍ତୁଳନ ଦ୍ୱାରା ଶିଷ୍ଟାଚାରର ରୂପ ଧାରଣ କରନ୍ତି

ପୂର୍ବରୁ ମୁଁ କହିସାରିଛି ଯେ ସ୍ୱାଭାବିକ ଅବସ୍ଥାମାନ ନୈତିକ ଅବସ୍ଥାମାନ ଠାରୁ କୌଣସି ରୂପେ ଭିନ୍ନ ନୁହନ୍ତି, ବରଂ ଏଗୁଡିକ ସେହି ଏକା ଅବସ୍ଥା, ଯାହାକୁ ସଂଯମତା ସହକାରେ ଏବଂ ଯଥା ସ୍ଥାନରେ ବିନିଯୋଗ କଲେ ତଥା ବୁଦ୍ଧିର ବିଚାର ଓ ପରାମର୍ଶ ଅନୁଯାୟୀ କାର୍ଯ୍ୟରେ ନିୟୋଜିତ କଲେ ତାହା ନୈତିକ ଅବସ୍ଥାର ରୂପ ଧାରଣ କରି ନିଅନ୍ତି । ବୁଦ୍ଧି ଓ ଜ୍ଞାନର ବିଚାର ଓ ପରାମର୍ଶ ଦ୍ୱାରା ପରିଚାଳିତ ହେବା ପୂର୍ବରୁ ସେଗୁଡ଼ିକର ନୈତିକତା ସହିତ ଯେତେ ସାମଞ୍ଜସ୍ୟ ଥିଲେ ମଧ୍ୟ ସେମାନେ ବାସ୍ତବ ରୂପେ ନୈତିକତା ହୁଅନ୍ତି ନାହିଁ, ବରଂ ସ୍ୱଭାବର ଏକ ସ୍ୱତଃ ପ୍ରବୃତ୍ତ ପ୍ରବାହ ମାତ୍ର ହୋଇଥାଆନ୍ତି । ଉଦାହରଣ ସ୍ୱରୂପ ଯଦି ଗୋଟିଏ କୁକୁର କିମ୍ବା ଛେଳିର ନିଜ ମାଲିକ ପ୍ରତି ସ୍ନେହ ଓ ବିନୟ ଭାବ ପ୍ରକାଶ ହୁଏ ତେବେ ସେ କୁକୁରକୁ ନୈତିକ ସ୍ୱଭାବ ସମ୍ପନ୍ନ ବୋଲି କୁହାଯିବ ନାହିଁ କିମ୍ବା ସେ ଛେଳିଟି ଚରିତ୍ର ସମ୍ପନ୍ନ ବୋଲାଇବ ନାହିଁ । ସେହିପରି ଆମେ ଗୋଟିଏ ହେଟାବାଘ ବା ବାଘକୁ ସେମାନଙ୍କ ହିଂସ୍ରତା ଯୋଗୁଁ ଖଳ ଚରିତ୍ରର ବୋଲି କହିପାରିବା ନାହିଁ ବରଂ ଯେପରି ଉଲ୍ଲେଖ କରାଯାଇଛି ସ୍ଥାନବୋଧ, ବିଚାର ଶକ୍ତି ଓ କାଳଜ୍ଞାନ ପରେ ହିଁ ନୈତିକ ଅବସ୍ଥାର ପ୍ରାରମ୍ଭ ହୁଏ । ଜଣେ ବ୍ୟକ୍ତି ଯେ କି ବୁଦ୍ଧି ଓ ବିଚାର ଅନୁଯାୟୀ କାର୍ଯ୍ୟ କରେ ନାହିଁ, ସେ ସ୍ତନ୍ୟପାନ କରୁଥିବା ସେହି ଶିଶୁମାନଙ୍କ ପରି ହୋଇଥାଏ ଯେଉଁମାନଙ୍କ ମନ ଓ ମସ୍ତିଷ୍କ ଉପରେ ଏପର୍ଯ୍ୟନ୍ତ ବିଚାର ଶକ୍ତିର ଛାୟାପାତ ହୋଇ ନାହିଁ । କିମ୍ବା ସେ ସେହି ପାଗଳମାନଙ୍କ ସଦୃଶ ଯେଉଁମାନେ ବୁଦ୍ଧି ଓ ବିଚାର ରୂପକ ମଣିକୁ ହଜାଇ ବସିଛନ୍ତି । ଏହା ଜଣାଶୁଣା କଥା ଯେ ସ୍ତନ୍ୟପାନ କରୁଥିବା ଶିଶୁ ଅଥବା ପାଗଳ ମଣିଷ ବେଳେବେଳେ ଏପରି ଆଚରଣ ପ୍ରକାଶ କରିଥାଏ, ଯେଉଁଗୁଡ଼ିକର ନୈତିକତା ସହିତ ସାମଞ୍ଜସ୍ୟ ଥାଏ, କିନ୍ତୁ କୌଣସି ବୁଦ୍ଧିମାନ ବ୍ୟକ୍ତି ସେଗୁଡ଼ିକୁ ନୈତିକତାର ଆଖ୍ୟା ଦେବ ନାହିଁ । କାରଣ ସେପରି କର୍ମମାନ ବିଚାର ଓ ସମୟ ବୋଧର ଉତ୍ସରୁ ନିର୍ଗତ ହୋଇ ନଥାଏ, ବରଂ ଘଟଣାମାନର ପ୍ରବାହ କ୍ରମେ ସ୍ୱାଭାବିକ ରୂପେ ସମ୍ପନ୍ନ ହୋଇ ଚାଲିଥାଏ । ଯେପରିକି ମଣିଷ ପିଲା ଜନ୍ମ ହେବା ମାତ୍ରକେ ମାଆର ବକ୍ଷ ଆଡ଼କୁ ମୁହାଁଏ, କୁକୁଡା ଛୁଆ ଜନ୍ମ

ହେବା ମାତ୍ରେ ଦାନା ଖୁଣ୍ଟିବା ଲାଗି ଦୌଡ଼େ, ଜୋକ ଛୁଆ ଜୋକର ଚରିତ୍ର ଧାରଣ କରେ, ସାପ ଛୁଆ ସାପର ସ୍ୱଭାବ ପ୍ରକଟ କରେ ଏବଂ ବ୍ୟାଘ୍ର ଶାବକ ବ୍ୟାଘ୍ରର ସ୍ୱଭାବ ଦେଖାଏ । ବିଶେଷ କରି ମଣିଷ ପିଲାକୁ ଧ୍ୟାନ ସହକାରେ ଲକ୍ଷ୍ୟ କରିବାର କଥା ଯେ ସେ କିପରି ଜନ୍ମ ହେବା ମାତ୍ରେ ମାନବୀୟ ସ୍ୱଭାବମାନ ପ୍ରକାଶ କରିବା ଆରମ୍ଭ କରିଦିଏ । ଯେତେବେଳେ ସେ ବର୍ଷେ ଦେଢ ବର୍ଷର ହୋଇଯାଏ, ତା'ର ସେହି ସ୍ୱାଭାବିକ ଆଚରଣମାନ ଅତ୍ୟନ୍ତ ପରିସ୍ଫୁଟ ହୋଇଉଠେ । ଉଦାହରଣ ସ୍ୱରୂପ, ପ୍ରଥମେ ଯେପରି କାନ୍ଦୁଥିଲା ଏବେ ତାର କାନ୍ଦ ପୂର୍ବାପେକ୍ଷା ଅପେକ୍ଷାକୃତ ଉଚ୍ଚସ୍ୱରରେ ହୁଏ । ସେହିପରି ଅପେକ୍ଷାକୃତ ଉଚ୍ଚସ୍ୱରରେ ହସେ, ଏବଂ ଆଖିରେ ମଧ୍ୟ ଇଚ୍ଛାକୃତ ଭାବେ ଦେଖୁଥିବାର ଲକ୍ଷଣମାନ ପ୍ରକାଶ ପାଏ । ଏହି ବୟସରେ ତା' ଠାରେ ଆଉ ଏକ ସ୍ୱାଭାବିକ ଆଚରଣ ଜନ୍ମ ନେଇଥାଏ । ସେ ନିଜ ସନ୍ତୋଷ ଓ ଅସନ୍ତୋଷକୁ ନିଜର ଅଙ୍ଗଭଙ୍ଗୀ ଦ୍ୱାରା ଜାହିର୍ କରିଥାଏ ଏବଂ କାହାକୁ ମାରିବାକୁ ତ କାହାକୁ କିଛି ଦେବାକୁ ଇଚ୍ଛା କରେ । ମାତ୍ର ଏ ସମସ୍ତ ଆଚରଣ ବସ୍ତୁତଃ ସ୍ୱାଭାବିକ ହୋଇଥାଏ । ସୁତରାଂ ଏହି ଶିଶୁ ସଦୃଶ ଜଣେ ବର୍ବର ମଣିଷ ମଧ୍ୟ, ଯାହାକୁ ମାନବୋଚିତ ଶିଷ୍ଟାଚାରର ବହୁତ କମ୍ ଜଣା, ସେ ମଧ୍ୟ ନିଜର ପ୍ରତ୍ୟେକ କଥା, କାର୍ଯ୍ୟ ଓ ସ୍ଥିରାବସ୍ଥାରେ ସ୍ୱାଭାବିକ ଆଚରଣମାନ ହିଁ ପ୍ରଦର୍ଶନ କରିଥାଏ ଓ ନିଜ ସ୍ୱାଭାବିକ ଆବେଗର ଅନୁଗତ ହୋଇ ରହେ । କୌଣସି କଥା ତା' ଭିତର ଶକ୍ତିର ମନନ ଓ ଚିନ୍ତାଶୀଳତାରୁ ବାହାରେ ନାହିଁ, ବରଂ ଯାହା କିଛି ସ୍ୱାଭାବିକ ରୂପେ ତା' ମଧ୍ୟରେ ଜନ୍ମ ନିଏ, ତାହାହିଁ ବାହ୍ୟ ସଂଘାତର ପ୍ରତିକ୍ରିୟା ସ୍ୱରୂପ ନିଷ୍ପନ୍ନ ହୋଇ ଚାଲିଥାଏ । ଏହା ସମ୍ଭବ ଯେ ତାର ସ୍ୱାଭାବିକ ଆବେଗ, ଯେଉଁଗୁଡ଼ିକ ତା ଅନ୍ତରରୁ କୌଣସି ପ୍ରେରଣା ଦ୍ୱାରା ବାହାରକୁ ଆସନ୍ତି, ସେଗୁଡ଼ିକ ସବୁଯାକ ମନ୍ଦ ହୁଅନ୍ତି ନାହିଁ, ବରଂ ତନ୍ମଧ୍ୟରୁ କିଛି ଉତ୍ତମ ଚରିତ୍ର ସହିତ ମେଳ ଖାଇ ଯାଆନ୍ତି କିନ୍ତୁ ସେଗୁଡିକରେ ଚିନ୍ତନ ଓ ସୂକ୍ଷ୍ମ ବିଚାରର କୌଣସି ଦଖଲ ନଥାଏ । ଯଦିବା କିଛି ମାତ୍ରାରେ ଥାଏ ତେବେ ବି ସ୍ୱାଭାବିକ ଆବେଗର ଆଧିକ୍ୟ ହେତୁ ତାହା ବିଶ୍ୱାସ୍ୟଯୋଗ୍ୟ ହୁଏ ନାହିଁ । ବରଂ ଯେଉଁ ଆଡ଼କୁ ଆଧିକ୍ୟ ରହିଥାଏ ସେହି ଆଡ଼କୁ ହିଁ ବିଶ୍ୱସନୀୟ ମନେ କରାଯିବ ।

## ପ୍ରକୃତ ନୈତିକତା

ସୁତରାଂ ପ୍ରକୃତ ନୈତିକତା ଏପରି ବ୍ୟକ୍ତି ପ୍ରତି ଉଦ୍ଦିଷ୍ଟ କରିପାରିବା ନାହିଁ ଯାହାକୁ ସ୍ୱାଭାବିକ ଆବେଗମାନ ପଶୁ, ପାଗଳ ଓ ଶିଶୁମାନଙ୍କ ସଦୃଶ କବଳିତ କରି ରଖିଛି ଏବଂ ଯିଏ ନିଜ ଜୀବନକୁ ପ୍ରାୟତଃ ପଶୁ ତୁଲ୍ୟ ନିର୍ବାହ କରୁଛି । ବରଂ ପ୍ରକୃତ ପକ୍ଷେ ସତ୍‌ଚରିତ୍ର ଅଥବା ମନ୍ଦ ଚରିତ୍ରର ଅବଧି ସେବେଠାରୁ ଆରମ୍ଭ ହୁଏ, ଯେତେବେଳେ ମନୁଷ୍ୟର ଇଶ୍ୱର ଦତ୍ତ ବୁଦ୍ଧି ପରିପକ୍ୱତା ଲାଭ କରେ ଓ ତାହା ଦ୍ୱାରା ସେ ପାପ ପୁଣ୍ୟ ଅଥବା ଦୁଇପାପ ଓ ଦୁଇପୁଣ୍ୟର ମାତ୍ରାରେ ପାର୍ଥକ୍ୟ କରିପାରେ । ଅଧିକନ୍ତୁ ସତ୍‌ମାର୍ଗକୁ ତ୍ୟାଗ କଲେ ନିଜ ମନ ମଧ୍ୟରେ ପଶ୍ଚାତାପ ଅନୁଭବ କରେ ଏବଂ କୁକର୍ମରେ ଲିପ୍ତ ହେଲେ ନିଜକୁ ଲଜ୍ଜିତ ଓ ଅନୁତପ୍ତ ହେଉଥିବାର ଦେଖେ । ମନୁଷ୍ୟ ଜୀବନର ଏହା ହେଉଛି ଦ୍ୱିତୀୟ ପର୍ଯ୍ୟାୟ ଯାହାକୁ ଇଶ୍ୱରଙ୍କ ପବିତ୍ର ବାଣୀ ମର୍ଯ୍ୟାଦାମୟ କୁରଆନ ନଫ୍‌ସେ ଲଓ୍ୱାମା (ଅନୁତପ୍ତ ଆତ୍ମନ୍) ରୂପେ ବର୍ଣ୍ଣନା କରିଛି । କିନ୍ତୁ ଏହା ମନେ ରଖିବାକୁ ହେବ ଯେ ଜଣେ ବର୍ବରକୁ ନଫ୍‌ସେ ଲଓ୍ୱାମା ପର୍ଯ୍ୟନ୍ତ ନେଇଯିବାକୁ ହେଲେ କେବଳ ଉପର ଠାଉରିଆ ନିତ୍ୟୁପଦେଶ ଯଥେଷ୍ଟ ହେବ ନାହିଁ । ବରଂ ତାକୁ ଇଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ସଚେତନତାରୁ ଏତେ ପରିମାଣରେ ଭାଗ ମିଳି ଯିବା ଜରୁରୀ ଯଦ୍ଦ୍ୱାରା ସେ ନିଜ ଜନ୍ମକୁ ତୁଚ୍ଛ ଓ ନିରର୍ଥକ ମନେ କରିବ ନାହିଁ ଓ ଏହି ଇଶ୍ୱରୀୟ ଜ୍ଞାନ ହେତୁ ତା' ଭିତରେ ପ୍ରକୃତ ନୈତିକତା ଜନ୍ମ ଲାଭ କରିବ । ଏହି କାରଣ ଯୋଗୁଁ ସର୍ବଶକ୍ତିମାନ ଇଶ୍ୱର ଏଥି ସହିତ ବାସ୍ତବ ଇଶ୍ୱରଙ୍କ ପରିଚୟ ପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ଏବଂ ବିଶ୍ୱାସ ଦିଆଇଛନ୍ତି ଯେ ପ୍ରତ୍ୟେକ କର୍ମ ଏବଂ ନୈତିକତା ନିଜ ମଧ୍ୟରେ ଏକ ପରିଣାମ ରଖିଥାଏ, ଯାହା ଇହଲୋକରେ ଆଧ୍ୟାତ୍ମିକ ସୁଖ କିମ୍ବା ଆଧ୍ୟାତ୍ମିକ ପୀଡ଼ାର କାରଣ ହୋଇଥାଏ ତଥା ପରଲୋକର ସେହି ପରିଣାମ ପ୍ରକାଶ୍ୟ ରୂପେ ଦୃଶ୍ୟମାନ ହେବ । ଅତଏବ ନଫ୍‌ସେ ଲଓ୍ୱାମା ଅବସ୍ଥାରେ ମନୁଷ୍ୟକୁ ବୁଦ୍ଧି, ଜ୍ଞାନ ଓ ସଦ୍‌ବିବେକରୁ ଏତେ ମାତ୍ରାରେ ଅଂଶ ଉପଲବ୍ଧ ହୋଇଥାଏ ଯେ ସେ କୁକର୍ମ ପାଇଁ ନିଜକୁ ଧିକ୍‌କାର କରେ ଏବଂ ସତ୍‌କର୍ମ ସକାଶେ ଆଗ୍ରହୀ ଓ ଲାଳାୟିତ ରହେ । ଏହା ସେହି ଶ୍ରେଣୀ ଯହିଁରେ ମନୁଷ୍ୟ ଉନ୍ନତ ଚରିତ୍ର ହାସଲ କରେ ।

## ଖଲ୍‌କ୍ (ସୃଷ୍ଟି) ଏବଂ ଖୁଲ୍‌କ୍ (ନୈତିକତା)

ଏଠାରେ ଉଚିତ ହେବ ଯେ ମୁଁ ଖୁଲ୍‌କ୍ ଶବ୍ଦର ମଧ୍ୟ କିଛିଟା ବ୍ୟାଖ୍ୟା କରିଦିଏ । ସୁତରାଂ ଜାଣିବା ଆବଶ୍ୟକ ଯେ ଖଲକ୍ ବାହ୍ୟ ଏବଂ ଖୁଲ୍‌କ ଆଭ୍ୟନ୍ତରୀଣ ଜନ୍ମକୁ ବୁଝାଏ । ଯେହେତୁ ଆଭ୍ୟନ୍ତରୀଣ ଜନ୍ମ କେବଳ ସ୍ୱାଭାବିକ ଆବେଗମାନଙ୍କ ଦ୍ୱାରା ନୁହେଁ, ବରଂ ନୈତିକ ଆଚରଣମାନଙ୍କ ଦ୍ୱାରା ହିଁ ଉତ୍କର୍ଷତାର ଶିଖରରେ ପହଞ୍ଚିଥାଏ, ତେଣୁ ନୈତିକତାକୁ 'ଖୁଲ୍‌କ' କୁହାଯାଏ, ସ୍ୱାଭାବିକ ଆବେଗକୁ ନୁହେଁ । ପୁନଶ୍ଚ ଏହା ମଧ୍ୟ ବର୍ଣ୍ଣନା ଯୋଗ୍ୟ ଯେ ସାଧାରଣ ଲୋକେ ଯେପରି ବିଶ୍ୱାସ କରନ୍ତି ଯେ ନୈତିକ ଆଚରଣ କହିଲେ ଶାନ୍ତ, ନମ୍ର ଓ ନିରହଂକାରୀ ହେବାକୁ ବୁଝାଏ, ଏହା ସେମାନଙ୍କର ଭ୍ରାନ୍ତ ଧାରଣା । ବରଂ ବାହ୍ୟ ଅଙ୍ଗ ପ୍ରତ୍ୟଙ୍ଗମାନଙ୍କ ଅନୁରୂପ ଅଭ୍ୟନ୍ତରରେ ମାନବୀୟ ଉତ୍କର୍ଷତା ପାଇଁ ଯାହାକିଛି ଅବସ୍ଥାମାନ ରଖାଯାଇଛି, ସେ ଅବସ୍ଥା ସମୂହର ନାମ ହେଉଛି ନୈତିକତା । ଉଦାହରଣ ସ୍ୱରୂପ ମନୁଷ୍ୟ ଚକ୍ଷୁ ଦ୍ୱାରା କାନ୍ଦେ ଓ ଏହାର ଅନୁରୂପ ହୃଦୟରେ ମଧ୍ୟ ଏକ କ୍ରନ୍ଦନ ଶକ୍ତି ରହିଛି । ଯେତେବେଳେ ତାହା ଈଶ୍ୱର ଦତ୍ତ ଜ୍ଞାନ ଦ୍ୱାରା ପରିଚାଳିତ ହୋଇ ଉପଯୁକ୍ତ ସ୍ଥାନରେ ବ୍ୟବହୃତ ହୁଏ ସେତେବେଳେ ତାହା ଏକ ନୈତିକ ଆଚରଣରେ ପରିଣତ ହୋଇଯାଏ । ସେହିପରି ବାହୁ ଦ୍ୱାରା ମନୁଷ୍ୟ ଶତ୍ରୁର ମୁକାବିଲା କରେ ଓ ଏହି କ୍ରିୟା ଅନୁରୂପ ହୃଦୟରେ ଏକ ଶକ୍ତି ରହିଛି, ଯାହାକୁ ବୀରତ୍ୱ କହନ୍ତି । ସୁତରାଂ ଯେତେବେଳେ ମନୁଷ୍ୟ ଉପଯୁକ୍ତ ସ୍ଥାନରେ ଓ ଠିକଣା ସମୟରେ ଏହି ଶକ୍ତିକୁ ବ୍ୟବହାରରେ ଆଣେ ସେତେବେଳେ ଏହାର ନାମ ମଧ୍ୟ ନୈତିକତା ହୁଏ । ସେହିପରି କେବେ କେବେ ମନୁଷ୍ୟ ବାହୁ ଦ୍ୱାରା ଅତ୍ୟାଚାରିତଙ୍କୁ ଅତ୍ୟାଚାରୀମାନଙ୍କ କବଳରୁ ରକ୍ଷା କରିବା ପାଇଁ ଚାହେଁ ଅଥବା ଦରିଦ୍ର ଓ କ୍ଷୁଧାର୍ତ୍ତମାନଙ୍କୁ କିଛି ଦେବାକୁ ଚାହେଁ, କିମ୍ବା ଅନ୍ୟ କୌଣସି ଉପାୟରେ ମାନବଜାତିର ସେବା କରିବାକୁ ଚାହେଁ, ତେବେ ଏହି ସବୁ କ୍ରିୟା ଅନୁରୂପ ହୃଦୟରେ ମଧ୍ୟ ଏକ ଶକ୍ତି ରହିଛି ଯାହାକୁ ଦୟା କୁହନ୍ତି । ପୁଣି କେବେ ମନୁଷ୍ୟ ଅତ୍ୟାଚାରୀକୁ ସ୍ୱହସ୍ତରେ ଶାସ୍ତି ପ୍ରଦାନ କରେ ଓ ଏହି କାର୍ଯ୍ୟ ଅନୁରୂପ ହୃଦୟରେ ଏକ ଶକ୍ତି ରହିଛି

ଯାହାକୁ ପ୍ରତିଶୋଧ କହନ୍ତି । ପୁଣି କେତେବେଳେ ମନୁଷ୍ୟ ଆକ୍ରମଣ ବଦଳରେ ପ୍ରତି ଆକ୍ରମଣ କରିବାକୁ ଚାହେଁ ନାହିଁ ଏବଂ ଅତ୍ୟାଚାରୀର ଅତ୍ୟାଚାରକୁ ଅଣଦେଖା କରିଦିଏ । ଏହି କର୍ମ ଅନୁରୂପ ହୃଦୟରେ ଏକ ଶକ୍ତି ରହିଛି, ଯାହାକୁ କ୍ଷମା ଓ ସହନଶୀଳତା କହନ୍ତି । ପୁଣି କେତେବେଳେ ମାନବସମାଜର ହିତ ସାଧନ ସକାଶେ ମନୁଷ୍ୟ ନିଜ ବାହୁ ଅଥବା ପାଦ ଅଥବା ମନ ଓ ମସ୍ତିଷ୍କକୁ ବ୍ୟବହାରରେ ଆଣେ ଏବଂ ସେମାନଙ୍କ ମଙ୍ଗଳ ନିମନ୍ତେ ନିଜ ପୁଞ୍ଜି ବିନିଯୋଗ କରେ । ସୁତରାଂ ଏହି କାର୍ଯ୍ୟ ଅନୁରୂପ ହୃଦୟରେ ଏକ ଶକ୍ତି ରହିଛି ଯାହାକୁ ଦାନଶୀଳତା କହନ୍ତି । ଅତଏବ ଯେତେବେଳେ ମନୁଷ୍ୟ ଏହି ସମସ୍ତ ଶକ୍ତିଗୁଡ଼ିକୁ ସ୍ଥାନ, କାଳର ପ୍ରାସଙ୍ଗିକତା ଅନୁଯାୟୀ ବ୍ୟବହାର କରେ, ସେତେବେଳେ ସେଗୁଡିକର ନାମ ନୈତିକତା (ଖୁଲକ୍) ରଖାଯାଏ ।

ସର୍ବଶକ୍ତିମାନ ଅଲ୍ଲାଃ ଆମର ପବିତ୍ର ଅବତାର [ସ.ଅ]ଙ୍କୁ ସମ୍ବୋଧନ କରି କହିଛନ୍ତି: إِنَّكَ لَعَلَىٰ خُلُقٍ عَظِيمٍ ۝

(ଅଲ୍ କଲମ୍ 68:5) ଅର୍ଥାତ 'ତୁମେ ଏକ ଅତ୍ୟନ୍ତ ଉଚ୍ଚକୋଟୀର ନୈତିକତା ଉପରେ ପ୍ରତିଷ୍ଠିତ ।' ସୁତରାଂ ଏହି ବ୍ୟାଖ୍ୟା ଅନୁସାରେ ଏହାର ଅର୍ଥ ହେବ ଯେ ନୈତିକତାର ଏ ସମସ୍ତ ଗୁଣ ଅର୍ଥାତ ଦାନଶୀଳତା, ବୀରତ୍ୱ, ନ୍ୟାୟପରାୟଣତା, ଦୟା, ପରୋପକାର, ନିଷ୍ଠା, ସାହସିକତା ଆଦି ତୁମ ଠାରେ ଠୁଳ ହୋଇ ରହିଛି । ଅତଏବ ମନୁଷ୍ୟ ମନରେ ଯେତେ ପ୍ରକାରର ସ୍ୱଭାବମାନ ଦେଖାଯାଏ, ଯଥା ଶିଷ୍ଟାଚାର, ଲଜ୍ଜା, ସାଧୁତା, ସଂଭ୍ରମ, ଆତ୍ମସମ୍ମାନ, ଦୃଢତା, ନିଷ୍ପାପତା, ନିଷ୍କାମ ଭାବନା, ସଂଯମନ, ସହାନୁଭୂତି ତଥା ବୀରତ୍ୱ, ଦାନଶୀଳତା, କ୍ଷମା, ଧୈର୍ଯ୍ୟ, ପରୋପକାର, ନିଷ୍ଠା, ବିଶ୍ୱସ୍ତତା ଇତ୍ୟାଦି; ଯେତେବେଳେ ଏ ସମସ୍ତ ସ୍ୱାଭାବିକ ଅବସ୍ଥାମାନ ବୁଦ୍ଧି ଓ ବିଚାରର ପରାମର୍ଶରେ ସ୍ଥାନ ଓ କାଳର ପ୍ରାସଙ୍ଗିକତାକୁ ନେଇ ପ୍ରକାଶିତ ହେବେ ସେତେବେଳେ ଏ ସମସ୍ତଙ୍କ ନାମ ନୈତିକତା ହେବ । ଏ ସମସ୍ତ ସ୍ୱଭାବମାନ ବାସ୍ତବ ପକ୍ଷେ ମନୁଷ୍ୟର ସ୍ୱାଭାବିକ ଅବସ୍ଥା ଓ ସ୍ୱାଭାବିକ ଆବେଗମାନ କେବଳ । ଯେତେବେଳେ ଏଗୁଡ଼ିକୁ ସ୍ଥାନ,

କାଳର ପ୍ରାସଙ୍ଗିକତା ଅନୁଯାୟୀ ଇଚ୍ଛା କରି ବ୍ୟବହାର କରାଯାଏ, ସେତେବେଳେ ହିଁ କେବଳ ଏ ସମସ୍ତ ନୈତିକତା (ଅଖଲାକ୍) ବୋଲାନ୍ତି । ଯେହେତୁ ମନୁଷ୍ୟର ସ୍ୱାଭାବିକ ଗୁଣମାନ ମଧ୍ୟରୁ ଏହା ମଧ୍ୟ ଗୋଟିଏ ଗୁଣ ଯେ ସେ ଏକ ପ୍ରଗତିଶୀଳ ପ୍ରାଣୀ । ସେଥିଯୋଗୁଁ ସେ ସତ୍ୟଧର୍ମ ଅବଲମ୍ବନ କରି ସତ୍‌ସଙ୍ଗ ଏବଂ ସତ୍‌ଶିକ୍ଷା ମାଧ୍ୟମରେ ଏହି ସ୍ୱାଭାବିକ ଆବେଗ ମାନଙ୍କୁ ନୈତିକତା ଆଡ଼କୁ ନେଇ ଆସେ । ଅନ୍ୟ କୌଣସି ପ୍ରାଣୀର କିନ୍ତୁ ଏପରି ଉପଲବ୍ଧିର ସୌଭାଗ୍ୟ ନାହିଁ ।

## ପ୍ରଥମ ସଂସ୍କାର ଅର୍ଥାତ ସ୍ୱାଭାବିକ ଅବସ୍ଥାମାନ

ଆମେ ବର୍ତ୍ତମାନ ପବିତ୍ର କୁରଆନ ବର୍ଣ୍ଣିତ ତିନି ସଂସ୍କାର ମଧ୍ୟରୁ ପ୍ରଥମଟି ସମ୍ପର୍କରେ ଆଲୋଚନା କରିବା, ଯାହାକି ସାଧାରଣ ସ୍ତରର ସ୍ୱାଭାବିକ ଅବସ୍ଥାଗୁଡ଼ିକ ସହିତ ସମ୍ବନ୍ଧିତ । ଚାରିତ୍ରିକ ସଂସ୍କାରର ବିଭିନ୍ନ ବିଭାଗ ମଧ୍ୟରେ ଏହା ସେହି ବିଭାଗ ଯାହା ଶିଷ୍ଟାଚାରର ନାମରେ ନାମିତ । ଅର୍ଥାତ ଏପରି ଶିଷ୍ଟାଚାର ଯାହାର ଅନୁପାଳନ ବର୍ବରମାନଙ୍କୁ ସେମାନଙ୍କ ସ୍ୱାଭାବିକ ଅବସ୍ଥାମାନ ଯଥା ଖାଇବା, ପିଇବା ଓ ବିବାହ କରିବା ଆଦି ସାମାଜିକ କର୍ମରେ ସଂଯମ ମଧ୍ୟକୁ ଆଣେ ଓ ବର୍ବରତା ପୂର୍ଣ୍ଣ ତଥା ଚତୁଷ୍ପଦ ପ୍ରାଣୀ ଅଥବା ହିଂସ୍ରଜୀବ ସଦୃଶ ଜୀବନ ଯାପନ ପ୍ରଣାଳିରୁ ମୁକ୍ତି ପ୍ରଦାନ କରେ । ଏହି ସବୁଯାକ ଶିଷ୍ଟାଚାର ବିଷୟରେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ପବିତ୍ର କୁରଆନରେ ଏହିଭଳି ଭାବେ ଅବତାରଣା କରୁଛନ୍ତି:

حُرِّمَتْ عَلَيْكُمْ أُمَّهٰتُكُمْ وَبَنٰتُكُمْ وَأَخَوٰتُكُمْ وَعَمّٰتُكُمْ وَ
خٰلٰتُكُمْ وَبَنٰتُ الْأَخِ وَبَنٰتُ الْأُخْتِ وَأُمَّهٰتُكُمُ الّٰتِيْ
أَرْضَعْنَكُمْ وَأَخَوٰتُكُمْ مِّنَ الرَّضَاعَةِ وَأُمَّهٰتُ نِسَآئِكُمْ وَرَبَآئِبُكُمُ
الّٰتِيْ فِيْ حُجُوْرِكُمْ مِّنْ نِّسَآئِكُمُ الّٰتِيْ دَخَلْتُمْ بِهِنَّ فَإِنْ لَّمْ تَكُوْنُوْا
دَخَلْتُمْ بِهِنَّ فَلَا جُنَاحَ عَلَيْكُمْ وَحَلَآئِلُ أَبْنَآئِكُمُ الَّذِيْنَ مِنْ
أَصْلَابِكُمْ وَأَنْ تَجْمَعُوْا بَيْنَ الْأُخْتَيْنِ إِلَّا مَا قَدْ سَلَفَ (ଅଲ୍ ନିସା 4:24)

لَا يَحِلُّ لَكُمْ أَنْ تَرِثُوا النِّسَآءَ كَرْهًا (ଅଲ୍ ନିସା 4:20)

وَلَا تَنْكِحُوْا مَا نَكَحَ اٰبَآؤُكُمْ مِّنَ النِّسَآءِ إِلَّا مَا قَدْ سَلَفَ (ଅଲ୍ ନିସା 4:23)

أُحِلَّ لَكُمُ الطَّيِّبٰتُ ...... وَالْمُحْصَنٰتُ مِنَ الْمُؤْمِنٰتِ وَالْمُحْصَنٰتُ
مِنَ الَّذِيْنَ اُوْتُوا الْكِتٰبَ مِنْ قَبْلِكُمْ اِذَآ اٰتَيْتُمُوْهُنَّ اُجُوْرَهُنَّ
مُحْصِنِيْنَ غَيْرَ مُسٰفِحِيْنَ وَلَا مُتَّخِذِيْٓ اَخْدَانٍ (ଅଲ୍ ମାଏଦା 5:6)

وَلَا تَقْتُلُوْٓا اَنْفُسَكُمْ (ଅଲ୍ ନିସା 4:30)

وَلَا تَقْتُلُوْٓا اَوْلَادَكُمْ (ଅଲ୍ ଅନଆମ୍ 6:152)

لَا تَدْخُلُوْا بُيُوْتًا غَيْرَ بُيُوْتِكُمْ حَتّٰى تَسْتَاْنِسُوْا وَتُسَلِّمُوْا عَلٰٓى اَهْلِهَا
(ଅଲ୍ ନୁର୍ 24:28)

فَاِنْ لَّمْ تَجِدُوْا فِيْهَآ اَحَدًا فَلَا تَدْخُلُوْهَا حَتّٰى يُؤْذَنَ لَكُمْ
وَاِنْ قِيْلَ لَكُمُ ارْجِعُوْا فَارْجِعُوْا هُوَ اَزْكٰى لَكُمْ (ଅଲ୍ ନୁର୍ 24:29)

وَاْتُوا الْبُيُوْتَ مِنْ اَبْوَابِهَا (ଅଲ୍ ବକରା 2:190)

وَاِذَا حُيِّيْتُمْ بِتَحِيَّةٍ فَحَيُّوْا بِاَحْسَنَ مِنْهَآ اَوْ رُدُّوْهَا (ଅଲ୍ ନିସା 4:87)

اِنَّمَا الْخَمْرُ وَالْمَيْسِرُ وَالْاَنْصَابُ وَالْاَزْلَامُ رِجْسٌ مِّنْ عَمَلِ
الشَّيْطٰنِ فَاجْتَنِبُوْهُ لَعَلَّكُمْ تُفْلِحُوْنَ ○ (ଅଲ୍ ମାଏଦା 5: 91)

حُرِّمَتْ عَلَيْكُمُ الْمَيْتَةُ وَالدَّمُ وَلَحْمُ الْخِنْزِيْرِ وَمَآ اُهِلَّ لِغَيْرِ
اللّٰهِ بِهٖ وَالْمُنْخَنِقَةُ وَالْمَوْقُوْذَةُ وَالْمُتَرَدِّيَةُ وَالنَّطِيْحَةُ وَمَآ
اَكَلَ السَّبُعُ اِلَّا مَا ذَكَّيْتُمْ وَمَا ذُبِحَ عَلَى النُّصُبِ (ଅଲ୍ ମାଏଦା 5: 4)

يَسْـَٔلُوْنَكَ مَاذَآ اُحِلَّ لَهُمْ قُلْ اُحِلَّ لَكُمُ الطَّيِّبٰتُ (ଅଲ୍ ମାଏଦା 5:5)

اِذَا قِيْلَ لَكُمْ تَفَسَّحُوْا فِى الْمَجٰلِسِ فَافْسَحُوْا يَفْسَحِ اللّٰهُ لَكُمْ
وَاِذَا قِيْلَ انْشُزُوْا فَانْشُزُوْا (ଅଲ୍ ମୁଯାଦିଲା 58:12)

كُلُوْا وَاشْرَبُوْا وَلَا تُسْرِفُوْا (ଅଲ୍ ଆରାଫ୍ 7:32)

وَقُوْلُوْا قَوْلًا سَدِيْدًا (ଅଲ୍ ଅହଜାବ୍ 33:71)

وَثِيَابَكَ فَطَهِّرْ ○ وَالرُّجْزَ فَاهْجُرْ ○ (ଅଲ୍ ମୁଦସ୍‌ସିର୍ 74:5,6)

وَاقْصِدْ فِيْ مَشْيِكَ وَاغْضُضْ مِنْ صَوْتِكَ (ଲୁକ୍‌ମାନ୍ 31:20)

تَزَوَّدُوْا فَاِنَّ خَيْرَ الزَّادِ التَّقْوٰى (ଅଲ୍ ବକରା 2:198)

وَاِنْ كُنْتُمْ جُنُبًا فَاطَّهَّرُوْا (ଅଲ୍ ମାଏଦା 5:7)

وَفِيْٓ اَمْوَالِهِمْ حَقٌّ لِّلسَّآئِلِ وَالْمَحْرُوْمِ ۝ (ଅଜ୍ ଜାରିୟାତ୍ 51:20)

وَاِنْ خِفْتُمْ اَلَّا تُقْسِطُوْا فِي الْيَتٰمٰى فَانْكِحُوْا مَا طَابَ لَكُمْ
مِّنَ النِّسَآءِ مَثْنٰى وَثُلٰثَ وَرُبٰعَ ۚ فَاِنْ خِفْتُمْ اَلَّا تَعْدِلُوْا فَوَاحِدَةً اَوْ
مَا مَلَكَتْ اَيْمَانُكُمْ ۭ ذٰلِكَ اَدْنٰٓى اَلَّا تَعُوْلُوْا ۝ (ଅନ୍ ନିସା 4:4)

وَاٰتُوا النِّسَآءَ صَدُقٰتِهِنَّ نِحْلَةً (ଅନ୍ ନିସା 4:5)

ଅର୍ଥାତ 'ତୁମ ମାଆମାନଙ୍କୁ ତୁମ ସକାଶେ ନିଷିଦ୍ଧ କରାଗଲା । ସେହିପରି ତୁମର କନ୍ୟାମାନଙ୍କୁ ଓ ତୁମର ଭଉଣୀମାନଙ୍କୁ ଓ ତୁମର ପିଉସୀମାନଙ୍କୁ ଓ ତୁମର ମାଉସୀମାନଙ୍କୁ ଓ ତୁମର ଝିଆରୀମାନଙ୍କୁ ଓ ତୁମର ଭାଣିଜୀମାନଙ୍କୁ ଓ ତୁମର ସେହି ମାଆମାନଙ୍କୁ ଯେଉଁ ମାନେ ତୁମକୁ ସ୍ତନ୍ୟପାନ କରାଇଛନ୍ତି ଓ ତୁମର ସ୍ତନ୍ୟ ସମ୍ପର୍କୀୟା ଭଉଣୀମାନଙ୍କୁ ଓ ତୁମର ପତ୍ନୀମାନଙ୍କ ମାଆମାନଙ୍କୁ ଓ ତୁମେ ସହବାସ କରିଥିବା ପତ୍ନୀମାନଙ୍କ ପୂର୍ବ ସ୍ୱାମୀଙ୍କ ଠାରୁ ଜାତ କନ୍ୟାମାନଙ୍କୁ କିନ୍ତୁ ଯଦି ତୁମେ ସେମାନଙ୍କ ସହ ସହବାସ କରିନାହଁ ତେବେ ତୁମ ପ୍ରତି କୌଣସି ପାପ ନାହିଁ । ସେହିପରି ତୁମମାନଙ୍କ ନିଜ ପୁତ୍ରମାନଙ୍କ ଭାର୍ଯ୍ୟାମାନଙ୍କୁ ଓ ଦୁଇ ଭଉଣୀଙ୍କୁ ଏକ ସମୟରେ ରଖିବାକୁ- ଏହି ସମସ୍ତ କାର୍ଯ୍ୟ ଯାହା ପୂର୍ବେ ହେଉଥିଲା ଆଜି ତୁମମାନଙ୍କ ପ୍ରତି ନିଷିଦ୍ଧ କରାଗଲା । ଏହା ମଧ୍ୟ ତୁମ ପାଇଁ ଉଚିତ ହେବ ନାହିଁ ଯେ ଜୋର୍ ଜବରଦସ୍ତି ସ୍ତ୍ରୀଲୋକମାନଙ୍କ ମାଲିକ ବନିଯାଅ ଓ ଏହା ବି ଉଚିତ ନୁହେଁ ଯେ ତୁମେମାନେ ସେହି ନାରୀମାନଙ୍କୁ ବିବାହ କର, ଯେଉଁମାନେ ଏକଦା ତୁମ ପିତାମାନଙ୍କ ପତ୍ନୀ ଥିଲେ । ଅବଶ୍ୟ ଯାହା ପୂର୍ବରୁ ହୋଇ ଯାଇଛି, ହୋଇଯାଇଛି । ତୁମମାନଙ୍କ ମଧ୍ୟରୁ ଅଥବା ତୁମମାନଙ୍କ ପୂର୍ବରୁ ଯେଉଁମାନଙ୍କୁ ଗ୍ରନ୍ଥ ପ୍ରଦାନ କରାଯାଇଛି, ସେମାନଙ୍କ ମଧ୍ୟରୁ ସଚ୍ଚରିତ୍ରା ନାରୀମାନଙ୍କୁ ବିବାହ କରିବା ତୁମମାନଙ୍କ ସକାଶେ ବୈଧ କରା ଯାଇଛି । ଯେତେବେଳେ କିନ୍ତୁ

ମହେର୍ ଧାର୍ଯ୍ୟ କରାଯାଇ ବିବାହ ହୋଇଯାଏ, ସେତେବେଳେ ବ୍ୟଭିଚାର ଅଥବା ଗୁପ୍ତ ପ୍ରଣୟ ବୈଧ ନୁହେଁ । ଆରବର ଅଶିକ୍ଷିତ ଲୋକମାନଙ୍କ ମଧ୍ୟରୁ କେତେକଙ୍କ ଠାରେ ଏହି ପ୍ରଥା ରହିଥିଲା ଯେ ଯେଉଁ ବ୍ୟକ୍ତିର ସନ୍ତାନ ହେଉ ନଥିଲେ ତା'ର ପତ୍ନୀ ସନ୍ତାନ ଲାଭ ପାଇଁ ଅନ୍ୟ ପୁରୁଷଙ୍କ ସହତ ସମ୍ପର୍କ ରଖୁଥିଲା । ପବିତ୍ର କୁରଆନ ଏହି ବ୍ୟବସ୍ଥାକୁ ନିଷିଦ୍ଧ କରିଦେଲା । 'ମୁସାଫିହତ୍' ଏହି କୁପ୍ରଥାର ନାମ ଅଟେ ।

ପୁନଶ୍ଚ କୁହାଯାଇଛି 'ତୁମେମାନେ ଆତ୍ମହତ୍ୟା କର ନାହିଁ । ନିଜ ସନ୍ତାନକୁ ହତ୍ୟା କର ନାହିଁ ଏବଂ ଅସଭ୍ୟମାନଙ୍କ ପରି ଅନ୍ୟ ଗୃହମାନଙ୍କରେ ଆପଣ ଛାଁଏ ବିନାନୁମତିରେ ଚାଲିଯାଅ ନାହିଁ । ଅନୁମତି ନେବା ତୁମ ପକ୍ଷେ ନିଧାର୍ଯ୍ୟ କରାଯାଇଛି । ଯଦି ତୁମେ ଅନ୍ୟମାନଙ୍କ ଗୃହକୁ ଯାଅ ତେବେ ପ୍ରବେଶ କରିବା ମାତ୍ରେ ହିଁ (ସେମାନଙ୍କ କଲ୍ୟାଣ କାମନା କରି) 'ଅସ୍‌ସଲାମୋ ଅଲୈକୁମ୍' କୁହ । ଯଦି ସେହି ଗୃହ ମାନଙ୍କରେ କେହି ନଥାନ୍ତି ତେବେ ଯେଉଁ ପର୍ଯ୍ୟନ୍ତ କେହି ଗୃହକର୍ତ୍ତା ତୁମକୁ ଅନୁମତି ଦେଇ ନାହାନ୍ତି ସେହି ଗୃହ ମଧ୍ୟକୁ ଯାଅ ନାହିଁ, ଏବଂ ଯଦି ଗୃହକର୍ତ୍ତା ତୁମକୁ ଫେରି ଯିବାକୁ କହନ୍ତି, ତେବେ ତୁମେ ଫେରିଯାଅ । ଘରଗୁଡ଼ିକ ମଧ୍ୟକୁ କାନ୍ଥ ଡ଼େଇଁ ପ୍ରବେଶ କର ନାହିଁ, ବରଂ ଗୃହ ମଧ୍ୟକୁ ଗୃହର ଦ୍ୱାର ମଧ୍ୟ ଦେଇ ଯାଅ । ଯଦି କେହି ତୁମକୁ ସଲାମ କରେ ତେବେ ତାକୁ ତା' ଠାରୁ ଉତ୍କୃଷ୍ଟତର ଓ ଶୁଭଙ୍କର ଶବ୍ଦରେ ସଲାମ କର । ମଦ, ଜୁଆ, ପ୍ରତିମା ପୂଜା ଓ ଶୁଭ-ଅଶୁଭ-ବିଶ୍ୱାସ ଆଦି, ଏସମସ୍ତ ହେଉଛି କଦର୍ଯ୍ୟ ଆଉ ଶଇତାନି କାମ । ଏଗୁଡିକରୁ ଦୂରେଇ ରୁହ । ମୁର୍ଦ୍ଦାର ଖାଅ ନାହିଁ । ଶୁକର ମାଂସ ଖାଅ ନାହିଁ । ପ୍ରତିମାଗୁଡିକ ପ୍ରତି ଅର୍ପିତ ନୈବେଦ୍ୟ ଖାଅ ନାହିଁ । ଲାଠିମାଡ ଦ୍ୱାରା ମରିଥିବା, ଉପରୁ ପଡ଼ି ମରିଥିବା, ଶିଙ୍ଗ ଆଘାତରେ ମରଥିବା, ହିଂସ୍ରଜନ୍ତୁ ମାରିଥିବା ଏବଂ ଦେବାଦେବୀଙ୍କୁ ଅର୍ପିତ କରାଯାଇଥିବା ଜୀବଗୁଡ଼ିକୁ ଖାଅ ନାହିଁ, କାରଣ ଏ ସମସ୍ତଙ୍କୁ ମୁର୍ଦ୍ଦାର ଆଖ୍ୟା ଦିଆଯାଇଛି । ଯଦି ଏମାନେ ପଚାରନ୍ତି ଯେ ତାହାହେଲେ ଖାଇବା କ'ଣ ? ତେବେ ଏହି ଉତ୍ତର ଦିଅ ଯେ ସଂସାରର ସମସ୍ତ ପବିତ୍ର ଦ୍ରବ୍ୟମାନ ଖାଅ, କେବଳ ମୁର୍ଦ୍ଦାର ତଥା ମୁର୍ଦ୍ଦାର ସଦୃଶ ଜୀବ ଓ ଅପବିତ୍ର ଖାଦ୍ୟମାନ ଭକ୍ଷଣ କର ନାହିଁ ।

ଯଦି ସଭାମାନଙ୍କରେ ତୁମ୍ଭକୁ ପ୍ରସାରିତ ହୋଇ ବସିବାକୁ ତୁମକୁ କୁହାଯାଏ, ଅର୍ଥାତ ଯଦି ତୁମକୁ କୁହାଯାଏ ଯେ ଅନ୍ୟମାନଙ୍କୁ ଜାଗା ଦିଅ, ତେବେ ଅବିଳମ୍ବେ ସେମାନଙ୍କ ସକାଶେ ସ୍ଥାନ ଖାଲି କରିଦିଅ, ଯେପରିକି ସେମାନେ ବସିପାରିବେ । ଏବଂ ତୁମକୁ ଯଦି ଉଠି ଯିବାକୁ କୁହାଯାଏ ତେବେ ବିନା ଦ୍ୱିଧାରେ ଉଠିପଡ଼ । ମାଂସ, ଡ଼ାଲି ଇତ୍ୟାଦି ସକଳ ଦ୍ରବ୍ୟମାନ ଯାହା ପବିତ୍ର, ଅବଶ୍ୟ ଖାଅ କିନ୍ତୁ କୌଣସିଟିରେ ଆଧିକ୍ୟ କର ନାହିଁ । ଅପଚୟ ଓ ଅପରିମିତ ଭୋଜନରୁ ନିଜକୁ ବଞ୍ଚାଇ ରଖ । ଅନାବଶ୍ୟକ ଆଳାପ କର ନାହିଁ; ସ୍ଥାନ କାଳ ପାତ୍ରର ପ୍ରାସଙ୍ଗିକତାକୁ ନେଇ କଥା କୁହ । ନିଜ ଲୁଗାପଟା ପରିଷ୍କାର ରଖ । ଶରୀର, ବାସଗୃହ, ରାସ୍ତାଘାଟ ଓ ତୁମର ବସିବା ଉଠିବା ସ୍ଥାନକୁ ଅପବିତ୍ରତା, ଦୂଷିତ ପଦାର୍ଥ ତଥା ଅଳିଆ ଆବର୍ଜନାରୁ ମୁକ୍ତ ରଖ; ଅର୍ଥାତ ସର୍ବଦା ସ୍ନାନ କର, ଘରଗୁଡ଼ିକୁ ସଫାସୁତୁରା ରଖିବାର ଅଭ୍ୟାସ ରଖ । ଅତି ଉଚ୍ଚ ସ୍ୱରରେ କଥା କୁହ ନାହିଁ କି ଅତି ଧିରେ ମଧ କୁହ ନାହିଁ, ମଧ୍ୟମତା ପ୍ରତି ଦୃଷ୍ଟି ଦିଅ । ଜରୁରୀ ସମୟକୁ ବାଦ୍ ଦେଇ ଅନ୍ୟବେଳେ ଅତି ତୀବ୍ର ଅଥବା ଅତି ମନ୍ଥର ଗତିରେ ଚାଲ ନାହିଁ, ମଧ୍ୟମତା ଧେୟ ରହୁ । ଯାତ୍ରା କରିବାକୁ ହେଲେ ଯାତ୍ରା ସହିତ ସମ୍ପୃକ୍ତ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ମଧ କରିନିଅ । ସଙ୍ଗରେ ପର୍ଯ୍ୟାପ୍ତ ଯାତ୍ରା ସାମଗ୍ରୀ ନିଅ ଯେପରିକି କାହାରିକୁ ହାତ ପତାଇବାକୁ ନ ପଡ଼ିବ । ଅଶୌଚ ହୋଇଥିଲେ ସ୍ନାନ କରିନିଅ । ଯେତେବେଳେ ତୁମେ ଖାଅ, ଭିଖାରୀକୁ ମଧ ଦିଅ ଏବଂ କୁକୁର ଆଦି ପଶୁମାନଙ୍କ ଆଗରେ ମଧ କିଛି ଖାଦ୍ୟ ଦ୍ରବ୍ୟ ପକାଅ । ପକ୍ଷୀମାନଙ୍କୁ ମଧ ଦିଅ । ଯଦି ସୁବିଧା ହୁଏ ତୁମମାନଙ୍କ ଦ୍ୱାରା ପ୍ରତିପାଳିତ ହେଉଥିବା ଅନାଥ ବାଳିକାମାନଙ୍କୁ ବିବାହ କରିବାରେ କୌଣସି କ୍ଷତି ନାହିଁ, କିନ୍ତୁ ଯଦି ତୁମର ଆଶଙ୍କା ହୁଏ ଯେ ଯେହେତୁ ସେମାନେ ଅନାଥ, ତେଣୁ ହୁଏତ ତୁମେ ସେମାନଙ୍କ ପ୍ରତି ଅତ୍ୟାଚାର କରିପାର, ତେବେ ପିତାମାତା ଓ ଜ୍ଞାତିଜନ ସମ୍ପନ୍ନା ନାରୀମାନଙ୍କୁ ବିବାହ କର, ଯେଉଁମାନେ ତୁମ ପ୍ରତି ବିନମ୍ର ରହିବେ ଓ ସେମାନଙ୍କ ପ୍ରତି ମଧ ତୁମର ଭୟ ରହିବ । ଯଦି ନିଷ୍ପକ୍ଷତା ଅବଲମ୍ବନ କରିପାରିବ ତେବେ ଗୋଟିଏ ଦୁଇଟି, ତିନୋଟି ଅଥବା ଚାରୋଟି ପର୍ଯ୍ୟନ୍ତ ବିବାହ କରିପାର । କିନ୍ତୁ ଯଦି ନ୍ୟାୟ

କରିପାରିବ ନାହିଁ ତେବେ ଆବଶ୍ୟକତା ଥିଲେ ମଧ୍ୟ ଗୋଟିଏ ପତ୍ନୀ ମଧ୍ୟରେ ସୀମିତ ରୁହ । ଉପରୋକ୍ତ ଯେଉଁ ସୀମା ନିର୍ଦ୍ଧାରଣ କରାଯାଇଛି ତାହାର ଉଦ୍ଦେଶ୍ୟ ହେଉଛି ଯେ ତୁମେ ପୁରୁଣା ରୀତି ଅନୁଯାୟୀ ଯେପରି ମାତ୍ରାଧିକ ପତ୍ନୀ ଗ୍ରହଣ ନ କର; ଅର୍ଥାତ ଶହ ଶହ ପତ୍ନୀ ଗ୍ରହଣ ନ କରି ବସ, ଅପର ପକ୍ଷେ ଏପରି ମଧ୍ୟ ନହେଉ ଯେ ତୁମେ ବ୍ୟଭିଚାରର ଆଡ଼କୁ ଢଳି ଯାଅ । ନିଜ ସ୍ତ୍ରୀମାନଙ୍କୁ ମହେର୍ ପ୍ରଦାନ କର ।' ସୁତରାଂ ଏହା ହେଉଛି ପବିତ୍ର କୁରଆନର ପ୍ରଥମ ସଂସ୍କାର । ଏଥିରେ ମନୁଷ୍ୟର ସ୍ୱାଭାବିକ ଅବସ୍ଥାଗୁଡ଼ିକୁ ପଶୁ ସ୍ୱଭାବରୁ ବାହାର କରି ମାନବୀୟ କର୍ତ୍ତବ୍ୟ ଓ ଶିଷ୍ଟାଚାର ପ୍ରତି ସଚେତନ କରାଯାଇଛି । ଏହି ଶିକ୍ଷାରେ ସମ୍ପ୍ରତି ଉଚ୍ଚ ନୈତିକତାର କୌଣସି ଉଲ୍ଲେଖ ନାହିଁ, କେବଳ ମାନବିକ ଶିଷ୍ଟାଚାର ଗୁଡ଼ିକର ଅବତାରଣା କରାଯାଇଛି । ମୁଁ ଆଗରୁ ଲେଖି ସାରିଛି ଯେ ଏହି ଶିକ୍ଷାର ଆବଶ୍ୟକତା ପଡ଼ିବାର କାରଣ ହେଉଛି, ଆମର ପବିତ୍ର ଅବତାର (ତାଙ୍କ ପ୍ରତି ଈଶ୍ୱରଙ୍କ ଶାନ୍ତି ଏବଂ ଆଶୀର୍ବାଦ ହେଉ) ଯେଉଁ ଜାତିର ସଂସ୍କାର ପାଇଁ ଆସିଥିଲେ ତାହା ଅସଭ୍ୟତା ଓ ବର୍ବରତା କ୍ଷେତ୍ରରେ ସବୁ ଜାତିମାନଙ୍କୁ ବଳି ଯାଇଥିଲା । କୌଣସି ଦିଗରେ ସେମାନଙ୍କଠାରେ ମାନବିକତାର ଗୁଣ ବଜାୟ ନଥିଲା । ତେଣୁ ସର୍ବ ପ୍ରଥମେ ବାହ୍ୟ ସାମାଜିକ ଶିଷ୍ଟାଚାର ସେମାନଙ୍କୁ ଶିଖାଇବା ଜରୁରୀ ଥିଲା ।

## ଶୂକରର ଅବୈଧକରଣ

ଏଠାରେ ମନେ ରଖିବା ଯୋଗ୍ୟ ଗୋଟିଏ କଥା ରହିଛି । ତାହା ହେଉଛି ଘୁଷୁରୀକୁ ଯେଉଁ ଅବୈଧ କରାଯାଇଛି, ଈଶ୍ୱର ଆରମ୍ଭରୁ ତା' ନାମ ମଧ୍ୟରେ ହିଁ ତାର ଅବୈଧ ହୋଇଥିବା ପ୍ରତି ଇସାରା କରିଛନ୍ତି । ଆରବୀ ଭାଷାରେ ଘୁଷୁରୀକୁ 'ଖିନ୍‌ଜିର୍' କୁହାଯାଏ, ଏହା 'ଖନ୍‌ଜ୍' ଓ 'ଅର'ର ସମଷ୍ଟିରୁ ଜାତ । ଏହାର ଅର୍ଥ ହେଉଛି, ମୁଁ ଏହାକୁ ଅତ୍ୟନ୍ତ କୁତ୍ସିତ ଓ ମନ୍ଦ ଦେଖୁଛି । 'ଖନ୍‌ଜ'ର ଅର୍ଥ, ଅତ୍ୟନ୍ତ କୁତ୍ସିତ ଏବଂ 'ଅର'ର ଅର୍ଥ, ଦେଖୁଅଛି । ଅତଏବ ଆଦ୍ୟରୁ ଈଶ୍ୱରଙ୍କ ତରଫରୁ ଏହି ପଶୁକୁ ମିଳିଥିବା ନାମ ହିଁ ତାର ଘୃଣ୍ୟ ହୋଇଥିବା ପ୍ରତି ପ୍ରମାଣ ଦେଉଅଛି । ବିଚିତ୍ର ସଂଯୋଗ ଯେ ହିନ୍ଦୀରେ ଏହି ପଶୁକୁ 'ସୁଅର୍' କୁହନ୍ତି । ଏହି ଶବ୍ଦ ମଧ୍ୟ

'ସୁ' ଏବଂ 'ଅର' ଶବ୍ଦର ସମଷ୍ଟି । ଯାହାର ଅର୍ଥ ହେଲା ମୁଁ ଏହାକୁ ଅତ୍ୟନ୍ତ ମନ୍ଦ ଦେଖୁଛି । ଅଥିରେ ଆଶ୍ଚର୍ଯ୍ୟ ହେବାର ନାହିଁ ଯେ 'ସୁ' ଶବ୍ଦ ଆରବୀ ଭାଷାର କିଭଳି ହୋଇପାରେ ? କାରଣ ମୁଁ ନିଜ ପୁସ୍ତକ 'ମିନନୁର୍ ରହମାନ୍'ରେ ପ୍ରମାଣ କରିଛି ଯେ ଆରବୀ ଭାଷା ହେଉଛି ସକଳ ଭାଷାର ଜନନୀ । ଆରବୀ ଶବ୍ଦ ପ୍ରତ୍ୟେକ ଭାଷାରେ ଗୋଟିଏ ଦୁଇଟି କରି ନୁହେଁ ବରଂ ସହସ୍ର ସଂଖ୍ୟାରେ ମିଶି ରହିଛି । ଅତଏବ 'ସୁ' ହେଉଛି ଆରବୀ ଶବ୍ଦ । ଏଥି ଯୋଗୁଁ ହିନ୍ଦୀରେ 'ସୁଅର୍'ର ଅନୁବାଦ 'ବଦ୍' ଅର୍ଥାତ ମନ୍ଦ କରା ଯାଇଛି । ସୁତରାଂ ଏହି ପଶୁକୁ 'ବଦ୍' ମଧ୍ୟ କହନ୍ତି । ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ଯେ ଯେତେବେଳେ ସମଗ୍ର ବିଶ୍ୱର ଭାଷା ଆରବୀ ଥିଲା ସେତେବେଳେ ଏ ଦେଶରେ ଏହି ପଶୁର ନାମ 'ଖିନଜିର'ର ଏକ ଆରବୀ ପ୍ରତିଶବ୍ଦ ରହିଥିଲା । ଏହି ଆରବୀ ନାମରେ ଏହା ଖ୍ୟାତ ଥିଲା ଏବଂ ଆଜି ପର୍ଯ୍ୟନ୍ତ ସେହି ନାମର ସ୍ମୃତି ରହିଛି । ଅବଶ୍ୟ ଏହା ସମ୍ଭବ ଯେ ଏହାର ନିକଟତର ଏହି ଶବ୍ଦ ଅପଭ୍ରଂଶ ହୋଇ ସଂସ୍କୃତ ଭାଷାରେ ଅନ୍ୟ କିଛି ହୋଇ ପାରିଥାଏ । କିନ୍ତୁ ଏହା ହିଁ ପ୍ରକୃତ ଶବ୍ଦ, କାରଣ ନିଜ ନାମକରଣର କାରଣକୁ ସଙ୍ଗରେ ଧରି ରଖିଛି । 'ଖିନ୍‌ଜିର୍' ଶବ୍ଦ ହେଉଛି ଏହାର ଜ୍ୱଳନ୍ତ ସାକ୍ଷୀ । ଏହି ଶବ୍ଦର ଯେଉଁ ଅର୍ଥ ରହିଛି, ଅର୍ଥାତ ଅତ୍ୟନ୍ତ କଦର୍ଯ୍ୟ – ଏହାର ବିଶଦ ବ୍ୟାଖ୍ୟା ଅନାବଶ୍ୟକ । ଏ କଥା କାହାକୁ ଅଜଣା ଯେ ଏହି ପଶୁଟି ହେଉଛି ଏକ ନମ୍ବରର ଅମେଧ ଗ୍ରାସୀ, ନିର୍ଲଜ ଓ ବେସରମ ! ଏଣୁ ଏହାର ଅବୈଧ ହେବାର କାରଣ ସ୍ପଷ୍ଟ; ଯେହେତୁ ପ୍ରକୃତିର ନିୟମ ଏହା ଆବଶ୍ୟକ କରୁଛି ଯେ ଏପରି ମନ୍ଦ ଓ ଦୂଷିତ ପଶୁର ମାଂସର ପ୍ରଭାବ ଶରୀର ଓ ଆତ୍ମା ଉପରେ ମନ୍ଦ ହିଁ ପଡ଼ିବ । ଆମେ ଏହା ସିଦ୍ଧ କରି ସାରିଛୁ ଯେ ଖାଦ୍ୟ ପଦାର୍ଥମାନଙ୍କର ଆତ୍ମା ଉପରେ ନିଶ୍ଚିତ ରୂପେ ପ୍ରଭାବ ରହିଛି । ଅତଏବ ଏପରି ମନ୍ଦ ପଶୁର ପ୍ରଭାବ ଯେ ଆତ୍ମା ଉପରେ ମନ୍ଦ ନପଡ଼ିବ ଏଥିନେଇ କି ସନ୍ଦେହ ଥାଇପାରେ । ଗ୍ରୀସୀୟ ଚିକିତ୍ସାବିଦ୍‌ମାନେ ଇସଲାମ୍‌ର ଆଗମନ ପୂର୍ବରୁ ହିଁ ଏହି ମତ ଜାହିର୍ କରିଛନ୍ତି ଯେ ଏହି ପଶୁର ମାଂସ ବିଶେଷକରି ଲଜ୍ଜାଶୀଳତାର ଗୁଣକୁ ହ୍ରାସ କରେ ଏବଂ ଲଜ୍ଜାହୀନତାକୁ ବଢାଏ । ଏଥି ସକାଶେ ମୁର୍ଦ୍ଦାର ମାଂସ

ଖାଇବା ମଧ୍ୟ ଆମ ଶାସ୍ତ୍ରରେ ନିଷିଦ୍ଧ, କାରଣ ଏହା ଖାଉଥିବା ବ୍ୟକ୍ତି ଉପରେ ନିଜ ପ୍ରଭାବ ପକାଏ । ଏତଦ୍ ବ୍ୟତୀତ ସାଧାରଣ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ଏହା ହାନିକାରକ । ଯେଉଁ ପ୍ରାଣୀମାନଙ୍କ ରକ୍ତ ଶରୀର ମଧ୍ୟରେ ହିଁ ରହିଯାଏ, ଯେପରିକି ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଥବା ଲାଠି ପ୍ରହାର ଦ୍ୱାରା ମରାଯାଇଥିବା, ଏ ସମସ୍ତ ପ୍ରାଣୀ ବାସ୍ତବରେ ମୁର୍ଦ୍ଦାର ଶ୍ରେଣୀଭୁକ୍ତ । କ'ଣ ମୃତକର ରକ୍ତ ଶରୀର ଭିତରେ ତା'ର ନିଜସ୍ୱ ଅବସ୍ଥାରେ ରହିପାରେ ? ନା, ବରଂ ଆର୍ଦ୍ର ହୋଇଥିବା ହେତୁ ତାହା ଅତି ଶୀଘ୍ର ଦୂଷିତ ହେବ, ଓ ନିଜର ପ୍ରଦୂଷଣ ଦ୍ୱାରା ସମଗ୍ର ମାଂସକୁ ଖରାପ କରିଦେବ । ନିକଟରେ ହୋଇଥିବା ଗବେଷଣାରୁ ମଧ୍ୟ ଏହା ଜଣା ପଡିଛି ଯେ ଏପରି ରକ୍ତରେ ଥିବା ଜୀବାଣୁ ମରି ଯାଇ ଶରୀର ମଧ୍ୟରେ ଏକ ବିଷାକ୍ତ ପ୍ରଦୂଷଣ ସଞ୍ଚରି ଦିଅନ୍ତି ।

## ମନୁଷ୍ୟର ନୈତିକ ଅବସ୍ଥା ସମୂହ

ପବିତ୍ର କୁରଆନରେ ଶିକ୍ଷାଗତ ସଂସ୍କାରର ଦ୍ୱିତୀୟ ଭାଗ ହେଉଛି, ସ୍ୱାଭାବିକ ଅବସ୍ଥାଗୁଡିକୁ ପ୍ରାସଙ୍ଗିକତାର ସର୍ତ୍ତ ସହିତ ସମ୍ପୃକ୍ତ କରି ଉନ୍ନତମାନର ନୈତିକତାରେ ପହଞ୍ଚାଇବା । ପ୍ରକାଶ ଥାଉ କି ଏହା ଏକ ଅତି ବିରାଟ ବିଷୟ । ଯଦି ଏହି ଭାଗକୁ ଆମେ ବିସ୍ତୃତ ଭାବେ ବର୍ଣ୍ଣନା କରିବୁ ଅର୍ଥାତ ପବିତ୍ର କୁରଆନ ବର୍ଣ୍ଣନା କରିଥିବା ସମସ୍ତ ନୈତିକ ଗୁଣଗୁଡିକୁ ଲେଖି ବସିବୁ, ତେବେ ଏହି ପ୍ରବନ୍ଧଟି ଏତେ ଲମ୍ବି ଯିବ ଯେ ଏହାର ଦଶମାଂଶକୁ ମଧ୍ୟ ସମୟ ପାଇବ ନାହିଁ । ତେଣୁ ଦୃଷ୍ଟାନ୍ତ ସ୍ୱରୂପ କେତୋଟି ମାତ୍ର ଉନ୍ନତ ନୈତିକ ଗୁଣର ଅବତାରଣା କରାଯାଉଛି ।

ଏବେ ଜାଣିବା କଥା ଯେ ନୈତିକତା ଦୁଇ ପ୍ରକାରର । ପ୍ରଥମେ ସେହି ନୈତିକତା, ଯାହା ଦ୍ୱାରା ମନୁଷ୍ୟ ମନ୍ଦ କର୍ମକୁ ପରିହାର କରିବା ପାଇଁ ସକ୍ଷମ ହୁଏ । ଦ୍ୱିତୀୟତଃ ସେହି ନୈତିକତା, ଯାହା ଦ୍ୱାରା ମନୁଷ୍ୟ ସତ୍‌କର୍ମ କରିବା ପାଇଁ ସକ୍ଷମ ହୁଏ । ମନ୍ଦକୁ ପରିହାର କରିବାର ଅର୍ଥ ମଧ୍ୟରେ ସେହି ଗୁଣଗୁଡିକ ରହିଛି, ଯାହା ଦ୍ୱାରା ମନୁଷ୍ୟ ଚେଷ୍ଟା କରେ ଯେ ତାହାର ଜିହ୍ୱା, ତାହାର ହସ୍ତ, ତାହାର ଚକ୍ଷୁ କିମ୍ବା ତାହାର ଅନ୍ୟ କୌଣସି ଅଙ୍ଗ ଦ୍ୱାରା ଯେପରି ସେ କାହାରି ଧନ, ମାନସମ୍ମାନ ଓ ଜୀବନ ପ୍ରତି କୌଣସି କ୍ଷତି ନଘଟାଉ । ଅଥବା ସେଭଳି କ୍ଷତି କରିବା ଓ

ସମ୍ମାନ ହାନି ଘଟାଇବା ସମ୍ପର୍କରେ ସେ ଯେପରି ଚିନ୍ତା ମଧ ନକରୁ । ସେହିପରି "ଭଲ କରିବାର" ଅର୍ଥ ମଧରେ ସେ ସମସ୍ତ ଗୁଣମାନ ଅନ୍ତର୍ଭୁକ୍ତ, ଯେଉଁଗୁଡ଼ିକ ଦ୍ୱାରା ମନୁଷ୍ୟ ଚେଷ୍ଟା କରେ ଯେ ସେ ତାର ଜିହ୍ୱା, ହସ୍ତ, ଧନ, ବିଦ୍ୟା କିମ୍ବା ଅନ୍ୟ କୌଣସି ଉପାୟରେ କିପରି ଅନ୍ୟ ବ୍ୟକ୍ତିର ଧନ ଅଥବା ମାନ ସମ୍ମାନକୁ ଲାଭ ପହଞ୍ଚାଇ ପାରିବ ଅଥବା ତାର ଯଶ ଓ ସମ୍ମାନକୁ ପ୍ରକଟ କରିବା ପାଇଁ ଚିନ୍ତା କରିପାରିବ, ଅଥବା କେହି ଯଦି ତା'ପ୍ରତି କୌଣସି ଅତ୍ୟାଚାର କରିଥାଏ ଓ ସେଥି ସକାଶେ ଅତ୍ୟାଚାରୀ ଯେଉଁ ଦଣ୍ଡ ପାଇବା ପାଇଁ ଯୋଗ୍ୟ ହୋଇଥାଏ, ସେ ତା'ର ସେହି ଦଣ୍ଡକୁ କିପରି କ୍ଷମା କରିଦେଇ ପାରିବ, ଯଦ୍ୱାରା ତାକୁ ଦୁଃଖ, ଶାରୀରିକ ଯନ୍ତ୍ରଣା ଓ ଆର୍ଥିକ ଦଣ୍ଡରୁ ସୁରକ୍ଷା ଦେବା ଇତ୍ୟାଦି ଲାଭ ପହଞ୍ଚାଇ ପାରିବ କିମ୍ବା ତାକୁ ଏପରି ଶାସ୍ତି ଦେଇପାରିବ, ଯାହା ବାସ୍ତବରେ ତା' ନିମନ୍ତେ ପୂର୍ଣ୍ଣତଃ ଆଶୀର୍ବାଦ ହେବ ।

## ନୈତିକତା: ମନ୍ଦର ପରିହାର ସମ୍ବନ୍ଧରେ

ମନ୍ଦର ପରିହାର ନିମନ୍ତେ ଆମର ପ୍ରକୃତ ସ୍ରଷ୍ଟା ଯେଉଁ ନୈତିକ ଗୁଣମାନ ନିର୍ଦ୍ଧାରିତ କରିଛନ୍ତି ତାହା ଆରବୀ ଭାଷାରେ, ଯେଉଁ ଭାଷା ସକଳ ମାନବୀୟ ଚିନ୍ତାଧାରା, କାର୍ଯ୍ୟକଳାପ ଓ ନୈତିକତାର ପରିପ୍ରକାଶ ଲାଗି ନିଜସ୍ୱ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଶବ୍ଦ ରଖିଛି, ଚାରୋଟି ନାମରେ ବିଦିତ ।

ପ୍ରଥମ ନୈତିକ ଗୁଣ-ଶିଷ୍ଟାଚାର: ସୁତରାଂ ପ୍ରଥମ ଗୁଣଟି 'ଏହସାନ୍'ନାମରେ ନାମିତ । ଏହି ଶବ୍ଦଟି ବିଶେଷ କରି ପୁରୁଷ ଓ ନାରୀର ପ୍ରଜନନ ଶକ୍ତି ସମ୍ବନ୍ଧୀୟ ପବିତ୍ରତା ସହିତ ଜଡ଼ିତ । ସାଧୁ ପୁରୁଷ (ମୋହସିନ୍) ଓ ସାଧ୍ୱୀ ସ୍ତ୍ରୀ (ମୋହସିନା) ସେହି ପୁରୁଷ ଓ ସେହି ସ୍ତ୍ରୀମାନଙ୍କୁ କୁହାଯିବ ଯେଉଁମାନେ ଅବୈଧ ଯୌନ ସମ୍ପର୍କ କିମ୍ବା ତହିଁର ପ୍ରାରମ୍ଭିକ କ୍ରିୟାରୁ ପୃଥକ ରହି ସେହି ବ୍ୟଭିଚାରରୁ ନିଜକୁ ବଞ୍ଚାଇ ରଖନ୍ତି । ଏହି କୁକର୍ମର ପରିଣାମ ହେଉଛି ଉଭୟଙ୍କ ପାଇଁ ଇହଲୋକରେ ଅପମାନ ଓ ଲାଞ୍ଛନା ତଥା ପରଲୋକରେ ବିଚାର ଦିବସର ଶାସ୍ତି ଓ ସମ୍ପର୍କୀୟମାନଙ୍କ ପାଇଁ ଲୋକଲଜ୍ଜା ଆଉ ତା' ଛଡ଼ା ଅପରିମେୟ କ୍ଷତି । ଉଦାହରଣ ସ୍ୱରୂପ ଯଦି କୌଣସି ବ୍ୟକ୍ତି ଅନ୍ୟ କାହାରି ସ୍ତ୍ରୀ ସହିତ ଏଭଳି ଅବୈଧ ସମ୍ପର୍କ ସ୍ଥାପନ କରେ ଓ ସେହି

ସମ୍ପର୍କ ବ୍ୟଭିଚାର ପର୍ଯ୍ୟନ୍ତ ନ ଗଲେ ମଧ୍ୟ ଯଦି ତା'ର ପ୍ରାଥମିକତା ସେହି ପୁରୁଷ ଓ ସ୍ତ୍ରୀ ଦୁହିଁଙ୍କ ଠାରୁ ପ୍ରକାଶ ପାଏ, ତେବେ ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ଆତ୍ମସମ୍ମାନ ସମ୍ପନ୍ନ ଅତ୍ୟାଚାରିତ ସ୍ୱାମୀକୁ ବ୍ୟଭିଚାର ପାଇଁ ରାଜି ହୋଇ ଯାଇଥିବା ଯୋଗୁଁ ଅଥବା ବ୍ୟଭିଚାର କରିଥିବା ଯୋଗୁଁ ଏପରି ସ୍ତ୍ରୀକୁ ଛାଡ଼ପତ୍ର ଦେବାକୁ ପଡ଼ିବ । ଏବଂ ସେହି ସ୍ତ୍ରୀର ଗର୍ଭରୁ ଜାତ ସନ୍ତାନ ସନ୍ତତିମାନଙ୍କ ଉପରେ ମଧ୍ୟ ଏହାର ଭୀଷଣ କୁପ୍ରଭାବ ପଡ଼ିବ ଓ ଗୃହସ୍ୱାମୀ ଏହି ସମସ୍ତ କ୍ଷତି ସେହି ନୀଚ ନାରୀ ଯୋଗୁଁ ବହନ କରିବ ।

ଏଠାରେ ମନେ ରଖିବାକୁ ହେବ ଯେ ଏହି ନୈତିକ ଗୁଣ ଯାହାର ନାମ 'ଇହସାନ୍' ଅର୍ଥାତ ପବିତ୍ରତା ବା ନିଷ୍ପାପ ହେବା , ଏହା ସେହି ଅବସ୍ଥାରେ ନୈତିକ ଗୁଣ ବୋଲାଇବ, ଯେତେବେଳେ ଜଣେ ବ୍ୟକ୍ତି ଯାହାର କି ନିଜ ଠାରେ ମନ୍ଦ ଦୃଷ୍ଟି ଓ ବ୍ୟଭିଚାରର ସାମର୍ଥ୍ୟ ରହିଛି ଅର୍ଥାତ ପ୍ରକୃତି ତାକୁ ସେହି ସବୁ ଶକ୍ତି ଦେଇଛି ଯାହାଦ୍ୱାରା ଏହି ଅପରାଧଗୁଡ଼ିକ କାର୍ଯ୍ୟକାରୀ ହୋଇପାରିବ, ଅଥଚ ସେ ଏହି ଅପକର୍ମଗୁଡ଼ିକରୁ ନିଜକୁ ବଞ୍ଚାଇ ରଖୁଛି । କିନ୍ତୁ ଯଦି ଅପ୍ରାପ୍ତ ବୟସ୍କ ଅଥବା ନପୁଂସକ କିମ୍ୱା ହିଞ୍ଜଡ଼ା କିମ୍ୱା ଅତି ମାତ୍ରାରେ ବୃଦ୍ଧ ହୋଇଥିବା ଯୋଗୁଁ ଏହି ଶକ୍ତି ତା' ଠାରେ ନଥାଏ, ତେବେ ଏପରି ଅବସ୍ଥାରେ ଆମେ ତାକୁ ଏହି ଇହସାନ୍ ନାମକ ନୈତିକ ଗୁଣରେ ଆଖ୍ୟାୟିତ କରିପାରିବା ନାହିଁ । ଅବଶ୍ୟ ଏହା ସତ୍ୟ ଯେ ପବିତ୍ରତା ଓ ନିଷ୍ପାପତାର ତା'ଠାରେ ଏକ ସ୍ୱାଭାବିକ ଅବସ୍ଥା ରହିଛି । କିନ୍ତୁ ଆମେ ବାରମ୍ବାର ଏହା କହି ଆସିଛୁଁ ଯେ ସ୍ୱାଭାବିକ ଅବସ୍ଥାଗୁଡ଼ିକୁ ନୈତିକତାର ଆଖ୍ୟା ଦେଇ ହେବ ନାହିଁ । ବରଂ ଏଗୁଡ଼ିକ ସେତେବେଳେ ନୈତିକତା ବୋଲାଇବେ, ଯେତେବେଳେ ବୁଦ୍ଧିର ଆଶ୍ରିତ ହୋଇ ଠିକଣା ସ୍ଥଳରେ ପ୍ରକାଶିତ ହେବେ ଅଥବା ପ୍ରକାଶିତ ହେବାର ଯୋଗ୍ୟତା ନିଜ ଠାରେ ସୃଷ୍ଟି କରିପାରିବେ । ସୁତରାଂ ଯେପରିକି ମୁଁ ଲେଖି ସାରିଛି ଯେ ଶିଶୁ, ନପୁଂସକ ଓ ଏପରି ଲୋକ ଯେଉଁମାନେ କୌଣସି ଉପାୟରେ ନିଜକୁ ନପୁଂସକ କରି ନିଅନ୍ତି, ଏହି ନୈତିକ ଗୁଣର ଯୋଗ୍ୟ ହୋଇପାରିବେ ନାହିଁ ଯଦିଚ ସେମାନେ ବାହ୍ୟଦୃଷ୍ଟିରୁ ନିଷ୍ପାପ ଓ ପବିତ୍ର ଜୀବନ ନିର୍ବାହ କରୁଥିବେ ।

ବରଂ ଏପରି ସ୍ଥଳେ ସେମାନଙ୍କ ପବିତ୍ରତା ଓ ନିଷ୍ପାପତାକୁ ସ୍ୱାଭାବିକ ଅବସ୍ଥାର ନାମ ହିଁ ଦିଆଯିବ, ତାହା ବ୍ୟତୀତ ଅନ୍ୟ କିଛି ନୁହେଁ । ଯେହେତୁ ଏହି ଅପବିତ୍ର କର୍ମ ଓ ତା'ର ପ୍ରାଥମିକତା ଯେଉଁଭଳି ପୁରୁଷଙ୍କ ଦ୍ୱାରା ସଂଘଟିତ ହୋଇପାରେ, ସ୍ତ୍ରୀମାନଙ୍କ ଦ୍ୱାରା ମଧ୍ୟ ସେହିଭଳି ସଂଘଟିତ ହୋଇପାରେ । ସେଥି ଲାଗି ଈଶ୍ୱରଙ୍କ ପବିତ୍ର ଗ୍ରନ୍ଥ କୁରଆନରେ ଉଭୟ ସ୍ତ୍ରୀ ଓ ପୁରୁଷଙ୍କ ସକାଶେ ଏହି ଶିକ୍ଷା ଦିଆଯାଇଛି:

قُلْ لِّلْمُؤْمِنِيْنَ يَغُضُّوْا مِنْ اَبْصَارِهِمْ وَيَحْفَظُوْا فُرُوْجَهُمْ ۗ ذٰلِكَ اَزْكٰى لَهُمْ ۗ ...... وَقُلْ لِّلْمُؤْمِنٰتِ يَغْضُضْنَ مِنْ اَبْصَارِهِنَّ وَيَحْفَظْنَ فُرُوْجَهُنَّ وَلَا يُبْدِيْنَ زِيْنَتَهُنَّ اِلَّا مَا ظَهَرَ مِنْهَا وَلْيَضْرِبْنَ بِخُمُرِهِنَّ عَلٰى جُيُوْبِهِنَّ ۖ ...... وَلَا يَضْرِبْنَ بِاَرْجُلِهِنَّ لِيُعْلَمَ مَا يُخْفِيْنَ مِنْ زِيْنَتِهِنَّ ۗ وَتُوْبُوْٓا اِلَى اللّٰهِ جَمِيْعًا اَيُّهَ الْمُؤْمِنُوْنَ لَعَلَّكُمْ تُفْلِحُوْنَ ○ (ଅଲ୍ ନୁର୍ 24: 31,32)

وَلَا تَقْرَبُوا الزِّنٰٓى اِنَّهٗ كَانَ فَاحِشَةً ۗ وَسَآءَ سَبِيْلًا ○ (ବନି ଇସ୍ରାଇଲ୍ 17:33)

وَلْيَسْتَعْفِفِ الَّذِيْنَ لَا يَجِدُوْنَ نِكَاحًا (ଅଲ୍ ନୁର୍ 24:34)

وَرَهْبَانِيَّةَ ۨابْتَدَعُوْهَا مَا كَتَبْنٰهَا عَلَيْهِمْ ...... فَمَا رَعَوْهَا حَقَّ رِعَايَتِهَا ۚ (ଅଲ୍ ହଦିଦ୍ 57:28)

ଅର୍ଥାତ 'ବିଶ୍ୱାସକାରୀ ପୁରୁଷମାନଙ୍କୁ କହିଦିଅ ଯେ ସେମାନେ ନିଜ ଚକ୍ଷୁକୁ ବୈଧ ନାରୀଗଣଙ୍କୁ ଦେଖିବାରୁ ନିବୃତ୍ତ କରି ରଖନ୍ତୁ ଏବଂ ସେଭଳି ନାରୀମାନଙ୍କୁ ଅବାଧରେ ଦେଖନ୍ତୁ ନାହିଁ ଯେଉଁମାନେ କାମନା ଉଦ୍ରେକର କାରଣ ହୋଇପାରନ୍ତି । ଏବଂ ଏପରି ସ୍ଥଳେ ଦୃଷ୍ଟି ଅବନତ କରି ରଖିବାର ଅଭ୍ୟାସ ଧାରଣ କରନ୍ତୁ ଓ ନିଜ ଲଜ୍ଜାର ସ୍ଥାନକୁ ଯେଉଁ ପ୍ରକାରେ ସମ୍ଭବ ରକ୍ଷା କରନ୍ତୁ । ସେହିପରି କର୍ଣ୍ଣକୁ ଏପରି ନାରୀମାନଙ୍କ ଠାରୁ ରକ୍ଷା କରନ୍ତୁ, ଯେଉଁମାନଙ୍କ ସହ ବିବାହ କରିବା ବୈଧ ହୋଇଥିବ । ଅର୍ଥାତ ପରନାରୀମାନଙ୍କ ଗୀତ, ବାଦ୍ୟ ଓ ମୋହନୀୟ କଣ୍ଠର ସ୍ୱର ଶୁଣନ୍ତୁ ନାହିଁ ଓ ସେମାନଙ୍କ ରୂପ ଲାବଣ୍ୟର ଚର୍ଚ୍ଚା ଶୁଣନ୍ତୁ ନାହିଁ । ଦୃଷ୍ଟିର ପବିତ୍ରରା ଓ ହୃଦୟର ପବିତ୍ରତା ଲାଗି ଏହା ଏକ ଉତ୍ତମ ଉପାୟ । ସେହିଭଳି ବିଶ୍ୱାସକାରିଣୀ

ନାରୀମାନଙ୍କୁ କହିଦିଅ ଯେ ସେମାନେ ମଧ୍ୟ ନିଜ ଚକ୍ଷୁକୁ ବୈଧ ପୁରୁଷମାନଙ୍କୁ ଦେଖିବାରୁ ନିବୃତ୍ତ କରି ରଖନ୍ତୁ ଏବଂ ନିଜ କର୍ଣ୍ଣକୁ ମଧ୍ୟ ସେମାନଙ୍କ ଠାରୁ ରକ୍ଷା କରନ୍ତୁ । ଅର୍ଥାତ ସେମାନଙ୍କର କାମୋଦ୍ଦୀପକ ସ୍ୱରମାନ ଶ୍ରବଣ କରନ୍ତୁ ନାହିଁ ଏବଂ ଲଜ୍ଜାର ସ୍ଥାନକୁ ଆବୃତ୍ତ କରି ରଖନ୍ତୁ । ନିଜ ଅଙ୍ଗ ସୌଷ୍ଠବକୁ ସେମାନଙ୍କ ସମ୍ମୁଖରେ ପ୍ରକାଶ କରନ୍ତୁ ନାହିଁ ଏବଂ ନିଜ ଓଢଣୀକୁ ମୁଣ୍ଡ ଉପରେ ଏପରି ଭାବେ ଧାରଣ କରନ୍ତୁ ଯେ ତାହା ବକ୍ଷ ଉପର ଦେଇ ମସ୍ତକ ଉପରକୁ ଆସୁଥିବ । ଅର୍ଥାତ ବକ୍ଷ, କର୍ଣ୍ଣ ଦ୍ୱୟ, ମସ୍ତକ ଓ କର୍ଣ୍ଣ ସଂଲଗ୍ନ ଅଂଶମାନ ଚଦରର ଆବରଣ ମଧ୍ୟରେ ରହିବ । ନିଜର ପାଦକୁ ନର୍ତ୍ତକୀ ସଦୃଶ ଭୂଇଁ ଉପରେ କଚାଡ଼ି ଚଲନ୍ତୁ ନାହିଁ । ଏଗୁଡ଼ିକ ହିଁ ସେହି ଉପାୟ ଯାହାର ଅବଲମ୍ବନ ମନୁଷ୍ୟକୁ ସ୍ଖଳନରୁ ରକ୍ଷା କରିପାରେ ।

ରକ୍ଷା ପାଇବାର ଦ୍ୱିତୀୟ ଉପାୟ ହେଉଛି ମହାମହିମ ଈଶ୍ୱରଙ୍କ ପ୍ରତି ଅଭିମୂଖୀ ହେବା, ତାଙ୍କୁ ହିଁ ପ୍ରାର୍ଥନା କରିବା, ଯଦ୍ଦ୍ୱାରା ସେ ସ୍ଖଳନରୁ ରକ୍ଷା କରିବେ ଓ ଭ୍ରାନ୍ତିରୁ ମୁକ୍ତି ଦେବେ । ବ୍ୟଭିଚରର ନିକଟକୁ ଯାଅ ନାହିଁ, ଅର୍ଥାତ ଏପରି ସମାରୋହ ଗୁଡ଼ିକରୁ ଦୂରେଇ ରୁହ ଯହିଁରୁ ମନ ଭିତରେ ଏପରି ଇଚ୍ଛା ମଧ୍ୟ ଜାଗୃତ ହୋଇପାରେ ଏବଂ ସେହି ମାର୍ଗଗୁଡ଼ିକୁ ଆପଣାଅ ନାହିଁ, ଯହିଁରେ ଏହି ପାପ ଘଟିବାର ସମ୍ଭାବନା ଥାଏ । ଯିଏ ବ୍ୟଭିଚାର କରେ, ସେ ପାପକୁ ଶେଷ ସୀମା ପର୍ଯ୍ୟନ୍ତ ନେଇଯାଏ । ବ୍ୟଭିଚରର ପଥ ଅତ୍ୟନ୍ତ କଦର୍ଯ୍ୟ ପଥ, କାରଣ ଏହା ଅଭିଷ୍ଟ ଲକ୍ଷ ସ୍ଥଳର ରାସ୍ତା ଅବରୋଧ କରେ । ତୁମର ଅନ୍ତିମ ନିବାସ ପାଇଁ ମଧ୍ୟ ଏହା ଅତ୍ୟନ୍ତ ବିପଜ୍ଜନକ । ଯିଏ ବିବାହ କରିପାରେ ନାହିଁ, ସେ ତାର ପବିତ୍ରତାକୁ ଅନ୍ୟ ଉପାୟମାନ ଦ୍ୱାରା ରକ୍ଷା କରିବା ଉଚିତ । ଯଥା ଉପବାସ କରୁ କିମ୍ବା ସ୍ୱଳ୍ପ ଆହାର ଖାଉ ଅଥବା ନିଜ ଶକ୍ତିକୁ କଠିନ ଶାରୀରିକ ପରିଶ୍ରମରେ ବିନିଯୋଗ କରୁ । ଲୋକମାନେ ଏଥି ସକାଶେ ଏଭଳି ଉପାୟମାନ ବାହାର କରିଛନ୍ତି, ଯେପରିକି ଜାଣିଶୁଣି ସବୁଦିନ ପାଇଁ ଅବିବାହିତ ହୋଇ ରହିବା କିମ୍ବା ହିଞ୍ଜଡ଼ା ହୋଇଯିବା ଅଥବା କୌଣସି ଉପାୟରେ ସନ୍ୟାସ ଗ୍ରହଣ କରିବା । ଆମେ କିନ୍ତୁ ମନୁଷ୍ୟ ପ୍ରତି ଏହି ନିର୍ଦ୍ଦେଶ ଲାଗୁ କରି ନାହୁଁ, ଏହା ହିଁ କାରଣ ଯେ ସେ ଏହି କୁପ୍ରଥାଗୁଡ଼ିକୁ

ପୂର୍ଣ୍ଣତଃ ପାଳନ କରିବାରେ ସକ୍ଷମ ହୋଇପାରି ନାହିଁ । ଈଶ୍ୱରଙ୍କ ଉକ୍ତି, 'ଆମର ଏପରି ନିର୍ଦ୍ଦେଶ ନାହିଁ ଯେ ଲୋକେ ହିଞ୍ଜଡ଼ା ହୋଇଯାଆନ୍ତୁ' ଏକଥା ସୂଚାଇ ଦେଉଛି ଯେ ଯଦି ଈଶ୍ୱରଙ୍କ ଏଭଳି ନିର୍ଦ୍ଦେଶ ଥାଆନ୍ତା, ତେବେ ସମସ୍ତେ ଏହି ନିର୍ଦ୍ଦେଶକୁ ପାଳନ କରିବାରେ ସକ୍ଷମ ହୁଅନ୍ତେ ଏବଂ ଏହାର ଫଳସ୍ୱରୂପ ଆଦମ ସନ୍ତାନର ବଂଶ ବିଲୁପ୍ତ ହୋଇ ଦୁନିଆର କେବେଠୁଁ ଅନ୍ତ ଘଟି ସାରନ୍ତାଣି । ଅଧିକନ୍ତୁ ଯଦି ପୁରୁଷାଙ୍ଗକୁ କାଟି ଦେବା ପବିତ୍ରତା ହାସଲ କରିବାର ଉପାୟ ହେବ, ତେବେ ପ୍ରକାରାନ୍ତରେ ଏହା ସେହି ସ୍ରଷ୍ଟାଙ୍କ ପ୍ରତି ଆରୋପ ହେବ ଯେ କି ଏହି ଅଙ୍ଗକୁ ସୃଷ୍ଟି କରିଛନ୍ତି; ଯେତେବେଳେ କି ପୁଣ୍ୟର ସମସ୍ତ ଶ୍ରେୟ ଏକଥା ଉପରେ ନିର୍ଭରଶୀଳ ଯେ ଗୋଟିଏ ସାମର୍ଥ୍ୟ ବିଦ୍ୟମାନ ଥିବ, ଆଉ ତା'ପରେ ମନୁଷ୍ୟ ଈଶ୍ୱରଙ୍କୁ ଭୟ କରି ସେହି ସାମର୍ଥ୍ୟର ମନ୍ଦ ପ୍ରରୋଚନାଗୁଡ଼ିକର ମୁକାବିଲା କରୁଥିବ ତଥା ତାହାର ଲାଭଗୁଡ଼ିକରୁ ଫାଇଦା ଉଠାଇ ଦ୍ୱିବିଧ ପୁଣ୍ୟ ଅର୍ଜନ କରୁଥିବ । ସୁତରାଂ ଏହା ସ୍ପଷ୍ଟ ଯେ ଏପରି ଅଙ୍ଗକୁ ନଷ୍ଟ କରିଦେବା ଦ୍ୱାରା ମନୁଷ୍ୟ ଦୁଇଟିଯାକ ପୁଣ୍ୟରୁ ବଞ୍ଚିତ ହେଲା । ପୁଣ୍ୟ ତ ବିରୋଧାତ୍ମକ ଆବେଗର ବିଦ୍ୟମାନ ହେବା ଓ ତାହାର ମୁକାବିଲାରୁ ପ୍ରାପ୍ତ ହୋଇଥାଏ । କିନ୍ତୁ ଶିଶୁ ସଦୃଶ ଯାହାଠାରେ ସେ କ୍ଷମତା ନାହିଁ ତାକୁ କି ପୁଣ୍ୟ ପ୍ରାପ୍ତ ହେବ ? କ'ଣ ଶିଶୁକୁ ତା'ର ନିଷ୍ପାପତା ଯୋଗୁଁ ପୁଣ୍ୟ ମିଳିବ ?

## ପବିତ୍ର ରହିବା ପାଇଁ ପଞ୍ଚ ଉପଚାର

ଏହି ଆୟତଗୁଡ଼ିକରେ ସର୍ବଶକ୍ତିମାନ ଈଶ୍ୱର 'ଏହସାନ୍' ଅର୍ଥାତ ପବିତ୍ରତା ଲାଭ ସକାଶେ କେବଳ ଯେ ଉତ୍କୃଷ୍ଟ ଶିକ୍ଷାମାନ ଦେଇଛନ୍ତି ତାହା ନୁହେଁ, ବରଂ ପବିତ୍ର ରହିବା ଲାଗି ପାଞ୍ଚୋଟି ଉପଚାର ମଧ୍ୟ ବତାଇ ଦେଇଛନ୍ତି । ସେଗୁଡ଼ିକ ହେଲା (୧) ନିଜ ଚକ୍ଷୁକୁ ବୈଧ (ବିବାହ ପାଇଁ ନିଷିଦ୍ଧ କରାଯାଇ ନଥିବା) ନାରୀ ଅଥବା ପୁରୁଷଙ୍କ ପ୍ରତି ଦୃଷ୍ଟି ପକାଇବାରୁ ବଞ୍ଚାଇବା, (୨) କର୍ଣ୍ଣକୁ ବୈଧ ନାରୀ ଅଥବା ପୁରୁଷଙ୍କ ସ୍ୱର ଶୁଣିବାରୁ ବଞ୍ଚାଇବା, (୩) ବୈଧ ନାରୀ ଅଥବା ପୁରୁଷଙ୍କ ସମ୍ବନ୍ଧରେ ହେଉଥିବା ଚର୍ଚ୍ଚାମାନ ନ ଶୁଣିବା, (୪) ଏପରି ସମସ୍ତ ଆସରମାନଙ୍କରେ

ବସାଉଠା କରିବାରୁ ନିଜକୁ ବଞ୍ଚାଇ ରଖିବା, ଯେଉଁଠାରେ ଏଭଳି କୁକର୍ମମାନ ହେବାର ସମ୍ଭାବନା ରହିଛି । (୫) ଏବଂ ଯଦି ବିବାହ ହୋଇ ନପାରୁଛି ତେବେ ଉପବାସ କରିବା ଇତ୍ୟାଦି । ଆମେ ଏଠାରେ ଅତି ଦୃଢତାର ସହ କହୁଛୁ ଯେ ଏହି ଉତ୍କୃଷ୍ଟ ଶିକ୍ଷା ଓ ତାର ସମସ୍ତ ଆନୁସଙ୍ଗିକ ଉପାୟମାନ, ଯାହା ପବିତ୍ର କୁରଆନ ବର୍ଣ୍ଣନା କରିଛି, ତାହା କେବଳ ଇସଲାମର ବୈଶିଷ୍ଟ୍ୟ । ଏଠାରେ ଏକ ମତ୍ତ୍ୱପୂର୍ଣ୍ଣ କଥା ମନେ ରଖିବା ଯୋଗ୍ୟ ରହିଛି ଏବଂ ତାହା ହେଉଛି, ଯେହେତୁ ମନୁଷ୍ୟର ସେହି ସ୍ୱାଭାବିକ ଅବସ୍ଥା ଯାହାକି ସମ୍ଭୋଗର ଉତ୍ପତ୍ତି ସ୍ଥଳ ଏବଂ ଯେଉଁଥିରେ ମନୁଷ୍ୟ ଏକ ପୂର୍ଣ୍ଣ ପରିବର୍ତ୍ତନ ବ୍ୟତିରେକ ଅଲଗା ହୋଇ ପାରିବ ନାହିଁ, ତାହା ଏପରି ଯେ ତାର କାମବାସନା ସମୟ ଓ ସୁଯୋଗ ପାଇଲେ ଉଦ୍ଦାମ ରୂପ ଧାରଣ ବିନା ରହିପାରେ ନାହିଁ, ଅଥବା ଏପରି କୁହାଯାଇ ପାରେ ଯେ ସାଂଘାତିକ ବିପଦରେ ପଡ଼ିଯାଏ । ଏଥିଯୋଗୁଁ ସର୍ବଶକ୍ତିମାନ ଈଶ୍ୱର ଆମକୁ ଏପରି ଶିକ୍ଷା ଦେଇ ନାହାନ୍ତି ଯେ ଆମେ ବୈଧ କରାଯାଇଥିବା ନାରୀମାନଙ୍କୁ ତ ଅବାଧରେ ଦେଖିନେବା, ତାଙ୍କର ସମସ୍ତ ସୌନ୍ଦର୍ଯ୍ୟ ପ୍ରତି ଦୃଷ୍ଟି ପକାଇନେବା, ସେମାନଙ୍କ ନୃତ୍ୟ ଗୀତର ସବୁଯାକ ଠାଣି ଆଦି ଦେଖିନେବା କିନ୍ତୁ ପବିତ୍ର ଦୃଷ୍ଟିରେ ! ପୁନଶ୍ଚ ପରମେଶ୍ୱର ଆମକୁ ଏହା ମଧ୍ୟ ଶିକ୍ଷା ଦେଇ ନାହାନ୍ତି ଯେ ଆମେ ଯୌବନା ପ୍ରାପ୍ତା ସେହି ଅପରିଚିତ ନାରୀମାନଙ୍କ ଗୀତ, ବାଦ୍ୟ ଓ ସେମାନଙ୍କ ସୌନ୍ଦର୍ଯ୍ୟର ଚର୍ଚ୍ଚାମାନ ମଧ୍ୟ ଶୁଣିନେବୁ, କିନ୍ତୁ ଶୁଦ୍ଧ ମନରେ ! ବରଂ ଆମକୁ ନିର୍ଦ୍ଦେଶ ରହିଛି ଯେ ଆମେ ବୈଧ ନାରୀମାନଙ୍କୁ ଏବଂ ସେମାନଙ୍କ ସୌନ୍ଦର୍ଯ୍ୟର ସ୍ଥାନକୁ ପବିତ୍ର ଦୃଷ୍ଟିରେ ହେଉ କି ଅପବିତ୍ର ଦୃଷ୍ଟିରେ ହେଉ ଯେପରି ଆଦୌ ନଦେଖୁଁ । ସେହିପରି ସେମାନଙ୍କ ସୁଲଳିତ କଣ୍ଠସ୍ୱରକୁ ଓ ସେମାନଙ୍କ ରୂପଚର୍ଚ୍ଚାକୁ ପବିତ୍ର ମନରେ ହେଉ ଅବା ଅପବିତ୍ର ମନରେ ହେଉ, ଯେପରି ଆଦୌ ନଶୁଣୁଁ । ବରଂ ଆମ ପାଇଁ ଏହା ଉଚିତ ହେବ ଯେ ସେଗୁଡ଼ିକୁ ଦେଖିବା ଓ ଶୁଣିବା ପ୍ରତି ଆମେ ଘୃଣାଭାବ ରଖୁଁ ଯେପରିକି ମଢ଼ ପ୍ରତି ରହିଥାଏ, ଯଦ୍ଦ୍ୱାରା କି ଆମେ ଝୁଣ୍ଟି ନପଡୁ । କାରଣ ଏହା ସୁନିଶ୍ଚିତ ଯେ ଅବାଧ ଦୃଷ୍ଟି ଯୋଗୁଁ କେତେବେଳେ ହେଲେ ବି ଝୁଣ୍ଟିବାର ସମ୍ମୁଖୀନ ହେବାକୁ ପଡ଼ିପାରେ ।

ସୁତରାଂ ଯେହେତୁ ପରମେଶ୍ୱର ଋହାଁନ୍ତି ଯେ ଆମର ଚକ୍ଷୁ , ହୃଦୟ ଓ ପ୍ରବୃତ୍ତିମାନ, ଏସମସ୍ତ ପବିତ୍ର ରୁହନ୍ତୁ, ତେଣୁ ସେ ଏପରି ଉତ୍କୃଷ୍ଟମାନର ଶିକ୍ଷା ପ୍ରଦାନ କରିଛନ୍ତି । ଏହା ନିଃସନ୍ଦେହ ଯେ ସ୍ୱାଧୀନତା ଝୁଣ୍ଟିବାର କାରଣ ହୋଇଯାଏ । ଯଦି ଏକ ଭୋକିଲା କୁକୁର ସମ୍ମୁଖରେ ଆମେ ନରମ ନରମ ରୁଟିମାନ ରଖିଦେଇ ଆଶା କରିବା ଯେ ସେ କୁକୁର ମନରେ ରୁଟିଗୁଡ଼ିକ ପ୍ରତି ସାମାନ୍ୟତମ ଭାବନା ମଧ୍ୟ ଆସିବ ନାହିଁ ତେବେ ଆମର ଏପରି ଭାବିବା ଭୁଲ ହେବ । ତେଣୁ ଈଶ୍ୱର ଏହା ଋହିଁଲେ ଯେ ଇନ୍ଦ୍ରୀୟର ସାମର୍ଥ୍ୟକୁ ଲୁକ୍କାୟିତ କର୍ମମାନର ମଧ୍ୟ ସୁଯୋଗ ନମିଳୁ ଓ ଏପରି କୌଣସି ଗୋଟିଏ ହେଲେ ପରିସ୍ଥିତି ନ ଉପୁଜୁ, ଯହିଁରେ କୁପ୍ରବୃତ୍ତିମାନ କ୍ରିୟାଶୀଳ ହୋଇପାରିବେ ।

ଇସ୍‌ଲାମୀୟ ପର୍ଦାର ଏହାହିଁ ହେଉଛି ଦର୍ଶନତତ୍ତ୍ୱ ଏବଂ ଏହା ହେଉଛି ଇସ୍‌ଲାମୀୟ ଶରିୟତ୍ (ଧର୍ମୀୟ ବିଧାନ)ର ନିର୍ଦ୍ଦେଶ । ଈଶ୍ୱରଙ୍କ ଗ୍ରନ୍ଥ କୁରଆନରେ ଥିବା ପର୍ଦାର ଅର୍ଥ ଏହା ନୁହେଁ ଯେ ସ୍ତ୍ରୀମାନଙ୍କୁ କଏଦୀମାନଙ୍କ ସଦୃଶ ହାଜତ ଭିତରେ ରଖାଯାଉ । ଏହା ସେହି ଅଜ୍ଞାନୀମାନଙ୍କ ଧାରଣା ଯେଉଁମାନଙ୍କୁ ଇସ୍‌ଲାମୀୟ ଦୃଷ୍ଟିକୋଣର କିଞ୍ଚିତ୍ ହେଲେ ଜ୍ଞାନ ନାହିଁ । ଏହାର ଉଦ୍ଦେଶ୍ୟ ବରଂ ଏତିକି ଯେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ଦୃଷ୍ଟିର ଅବାଧ ବିଚରଣରୁ ଓ ନିଜ ସୌନ୍ଦର୍ଯ୍ୟର ପ୍ରଦର୍ଶନରୁ ରୋକାଯାଉ । କାରଣ ଏହା ଉଭୟ ସ୍ତ୍ରୀ ଓ ପୁରୁଷଙ୍କ ପାଇଁ ମଙ୍ଗଳକର । ପରିଶେଷରେ ଏକଥା ମଧ୍ୟ ମନେରଖିବା ଉଚିତ ଯେ ଚକ୍ଷୁକୁ ଅର୍ଦ୍ଧ ନିମୀଳିତ କରି ବାରଣ କରାଯାଇଥିବା ଦ୍ରବ୍ୟକୁ ଦେଖିବାରୁ ନିଜକୁ ବଞ୍ଚାଇ ରଖିବା ଓ ଦର୍ଶନ ଯୋଗ୍ୟ ଜିନିଷକୁ ଦେଖିବା, ଏହି କାର୍ଯ୍ୟକୁ ଆରବୀରେ 'ଗଜ୍‌ଜେ ବସର୍' କୁହନ୍ତି । ପ୍ରତ୍ୟେକ ପୁଣ୍ୟବାନ୍ ଯେ ନିଜ ହୃଦୟକୁ ପବିତ୍ର ରଖିବାକୁ ଋହେଁ, ତାକୁ ଏହା କରିବା ଉଚିତ ହେବ ନାହିଁ ଯେ ସେ ପଶୁମାନଙ୍କ ଭଳି ଯେଉଁ ଆଡ଼କୁ ଇଚ୍ଛା ନିଃସଙ୍କୋଚରେ ନଜର ଉଠାଇ ଦେଖୁ । ବରଂ ସାମ୍ପ୍ରତିକ ସାମାଜିକ ଜୀବନ ପରିପ୍ରେକ୍ଷୀରେ 'ଗଜ୍‌ଜେ ବସର'ର ଅଭ୍ୟାସ ଧାରଣ କରିବା ତା ସକାଶେ ଜରୁରୀ । ଏହା ସେହି ପବିତ୍ର ଅଭ୍ୟାସ, ଯାହା ଦ୍ୱାରା ତା'ର ଏହି ସ୍ୱାଭାବିକ ଅବସ୍ଥା ଏକ ଉନ୍ନତ ଚରିତ୍ରର ରୂପ ଧାରଣ କରିବ, ଏବଂ ତା'ର ସାମାଜିକ କର୍ତ୍ତବ୍ୟରେ ମଧ୍ୟ ଏଥିଯୋଗୁଁ କୌଣସି ତାରତମ୍ୟ

ଘଟିବ ନାହିଁ । ଏହା ହିଁ ସେହି ଶିଷ୍ଟାଚାର ଯାହାକୁ 'ଏହସାନ୍' ଓ 'ଇଫ୍‌ଫତ୍' ଅର୍ଥାତ ସତୀତ୍ୱ କୁହାଯାଏ ।

ମନ୍ଦକୁ ପରିହାର କରିବା ପାଇଁ ଥିବା ପ୍ରକାର ଗୁଡ଼ିକ ମଧ୍ୟରୁ ଦ୍ୱିତୀୟଟି ହେଲା ସାଧୁତା ଓ ସଙ୍କୋଚତା । ଅର୍ଥାତ ଅନ୍ୟ ବ୍ୟକ୍ତିର ସମ୍ପତ୍ତିକୁ ଦୁଷ୍ଟାମୀ ଓ ମନ୍ଦ ଉଦ୍ଦେଶ୍ୟରେ କବ୍‌ଜା କରି ତାକୁ ପୀଡ଼ା ଦେବା ସକାଶେ ରାଜି ନହେବା । ସୁତରାଂ ଏହା ଜାଣିରଖିବାକୁ ହେବ ଯେ ସାଧୁତା ଏବଂ ସଙ୍କୋଚତା ମନୁଷ୍ୟର ସ୍ୱାଭାବିକ ଅବସ୍ଥାଗୁଡ଼ିକ ମଧ୍ୟରୁ ଗୋଟିଏ ଅବସ୍ଥା । ଏହି କାରଣରୁ ମାଆର ସ୍ତନ୍ୟପାନ କରୁଥିବା ଶିଶୁଟିଏ ମଧ୍ୟ ଯିଏ କି ନିଜ ସ୍ୱଳ୍ପ ଆୟୁ ଯୋଗୁଁ ସ୍ୱଭାବତଃ ସରଳମନା ହୋଇଥାଏ ତଥା ପୁନଶ୍ଚ ଆୟୁର ସ୍ୱଳ୍ପତା ହେତୁ ଏବେ ବଦଭ୍ୟାସଗୁଡ଼ିକରେ ଲିପ୍ତ ହୋଇ ନଥାଏ ଓ ଅନ୍ୟର ବସ୍ତୁ ପ୍ରତି ସେ ଏପରି ତୀବ୍ର ଘୃଣାଭାବ ରଖେ ଯେ ଅନ୍ୟ କୌଣସି ସ୍ତ୍ରୀଙ୍କ ସ୍ତନର କ୍ଷୀର ମଧ୍ୟ ବହୁ କଷ୍ଟରେ ପିଏ । ଯଦି ଏପରି ଅବୋଧ ବେଳରେ ଅଝଟ ଶିଶୁଟି ପାଇଁ ଅନ୍ୟ କୌଣସି ଧାଈ ନିଯୁକ୍ତ କରା ନଯାଏ, ତେବେ ଜ୍ଞାନ ଉଦୟ ହେଲାପରେ ତାକୁ ଅନ୍ୟର ସ୍ତନ୍ୟପାନ କରାଇବା ଅତି କଷ୍ଟକର ହୋଇଯାଏ । ସେ ନିଜ ପ୍ରାଣ ପ୍ରତି ଭୀଷଣ କଷ୍ଟ ସହେ ଓ ସମ୍ଭବ ଯେ ସେ ଏହି କଷ୍ଟ ଯୋଗୁଁ ମୃତ୍ୟୁର ନିକଟବର୍ତ୍ତୀ ହୋଇଯାଏ, କିନ୍ତୁ ଅନ୍ୟ ସ୍ତ୍ରୀର ସ୍ତନ୍ୟପାନରୁ ସ୍ୱଭାବତଃ ବିମୁଖ ହୁଏ । ଏପରି ତୀବ୍ର ଘୃଣାଭାବର ରହସ୍ୟ କ'ଣ ? କେବଳ ଏହିକି ଯେ ମାଆକୁ ଛାଡ଼ି ସେ ପରଦ୍ରବ୍ୟାଭିମୁଖୀ ହେବାକୁ ସ୍ୱଭାବତଃ ବିତୃଷ୍ଣ ହୋଇଥାଏ । ସମ୍ପ୍ରତି ଆମେ ଯେତେବେଳେ ଏକ ଗଭୀର ଦୃଷ୍ଟିରେ ଶିଶୁର ଏହି ପ୍ରକୃତିକୁ ଲକ୍ଷ୍ୟ କରୁ ଓ ଏହାକୁ ଅନୁଧ୍ୟାନ କରୁ ଏବଂ ଚିନ୍ତା କରୁ କରୁ ତା'ର ଏହି ସ୍ୱଭାବର ଅନ୍ତ ପର୍ଯ୍ୟନ୍ତ ଚାଲିଯାଉ, ତେବେ ଆମ ଉପରେ ଏହା ସ୍ପଷ୍ଟ ପ୍ରତିଭାତ ହୋଇଯାଏ ଯେ ଏହି ସ୍ୱଭାବ, ଅର୍ଥାତ ଅପରର ବସ୍ତୁକୁ ଏପରି ଘୃଣା କରିବା, ଯେଉଁଥି ସକାଶେ ସେ ନିଜକୁ ବିପଦରେ ପକାଇଦିଏ- ଏହା ହିଁ ହେଉଛି ସାଧୁତା ଓ ସଙ୍କୋଚତାର ମୂଳ । ଯେଉଁ ପର୍ଯ୍ୟନ୍ତ ଜଣେ ବ୍ୟକ୍ତିର ହୃଦୟରେ ଶିଶୁର ସ୍ୱଭାବ ସଦୃଶ ପରଧନ ପ୍ରତି ବାସ୍ତବ ଘୃଣା ଓ ବିକାର ଉତ୍ପନ୍ନ ନ ହୋଇଛି, ସେ ପର୍ଯ୍ୟନ୍ତ ସେ ସାଧୁତା

ଗୁଣର ପ୍ରକୃତ ଅଧିକାରୀ ବିବେଚିତ ହୋଇପାରିବ ନାହିଁ । ଶିଶୁ କିନ୍ତୁ ଏହି ସ୍ୱଭାବକୁ ଉପଯୁକ୍ତ ସ୍ଥଳରେ ବ୍ୟବହାର କରେ ନାହିଁ ଏବଂ ନିଜର ନିର୍ବୋଧତା ଯୋଗୁଁ ଅନେକ କଷ୍ଟ ଭୋଗେ । ସୁତରାଂ ତା'ର ଏହି ପ୍ରକୃତି କେବଳ ଏକ ସ୍ୱାଭାବିକ ଅବସ୍ଥା ଯାହା ସ୍ୱତଃ ପରିପ୍ରକାଶ ହୋଇଥାଏ । ସେଥିଯୋଗୁଁ ତା'ର ଏହି ପ୍ରକୃତି ତା' ଚରିତ୍ର ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ପାରିବ ନାହିଁ, ଯଦିଚ ମାନବ ପ୍ରକୃତିରେ ଏହା ହିଁ ହେଉଛି ସାଧୁତା ଓ ସଚ୍ଚୋଟତା ଗୁଣର ବାସ୍ତବ ଉତ୍ସ । ଯେପରି ଶିଶୁଟି ଏହି ଅବୋଧ ଆଚରଣ ଯୋଗୁଁ ଧର୍ମ ପରାୟଣ ଓ ସଚ୍ଚୋଟ ବୋଲାଇବ ନାହିଁ, ସେହିପରି ଯେଉଁ ବ୍ୟକ୍ତି ଏହି ସ୍ୱାଭାବିକ ପ୍ରବୃତ୍ତିକୁ ଯଥା ସ୍ଥାନରେ ବ୍ୟବହାର କରେ ନାହିଁ, ସେ ମଧ୍ୟ ଏହି ଗୁଣଗୁଡ଼ିକର ଅଧିକାରୀ ହୋଇପାରିବ ନାହିଁ । ସାଧୁ ଓ ସଚ୍ଚୋଟ ହେବା ଅତ୍ୟନ୍ତ କଠିନ ବ୍ୟାପାର । ଯେଉଁ ପର୍ଯ୍ୟନ୍ତ ମନୁଷ୍ୟ ଏହାର ସମସ୍ତ ଅନୁସଙ୍ଗକୁ ପାଳନ କରି ନାହିଁ, ସେ ସାଧୁ ଓ ସଚ୍ଚୋଟ ବୋଲାଇ ପାରିବ ନାହିଁ । ସର୍ବଶକ୍ତିମାନ ପରମେଶ୍ୱର ନମୁନା ସ୍ୱରୂପ ନିମ୍ନରେ ବିସ୍ତାରିତ ଭାବେ ବର୍ଣ୍ଣିତ ଆୟତଗୁଡ଼ିକରେ ସାଧୁତାର ପଦ୍ଧତି ବୁଝାଇଛନ୍ତି । ତାହା ହେଉଛି:

وَلَا تُؤْتُوا السُّفَهَاءَ أَمْوَالَكُمُ الَّتِي جَعَلَ اللَّهُ لَكُمْ قِيَامًا وَارْزُقُوهُمْ
فِيهَا وَاكْسُوهُمْ وَقُولُوا لَهُمْ قَوْلًا مَعْرُوفًا ۝ وَابْتَلُوا الْيَتَامَىٰ حَتَّىٰ إِذَا
بَلَغُوا النِّكَاحَ فَإِنْ آنَسْتُمْ مِنْهُمْ رُشْدًا فَادْفَعُوا إِلَيْهِمْ أَمْوَالَهُمْ وَ
لَا تَأْكُلُوهَا إِسْرَافًا وَبِدَارًا أَنْ يَكْبَرُوا وَمَنْ كَانَ غَنِيًّا
فَلْيَسْتَعْفِفْ وَمَنْ كَانَ فَقِيرًا فَلْيَأْكُلْ بِالْمَعْرُوفِ فَإِذَا دَفَعْتُمْ
إِلَيْهِمْ أَمْوَالَهُمْ فَأَشْهِدُوا عَلَيْهِمْ وَكَفَىٰ بِاللَّهِ حَسِيبًا ۝ (ଅନ୍ ନିସା 4:6,7)

وَلْيَخْشَ الَّذِينَ لَوْ تَرَكُوا مِنْ خَلْفِهِمْ ذُرِّيَّةً ضِعَافًا خَافُوا عَلَيْهِمْ
فَلْيَتَّقُوا اللَّهَ وَلْيَقُولُوا قَوْلًا سَدِيدًا ۝ إِنَّ الَّذِينَ يَأْكُلُونَ أَمْوَالَ
الْيَتَامَىٰ ظُلْمًا إِنَّمَا يَأْكُلُونَ فِي بُطُونِهِمْ نَارًا وَسَيَصْلَوْنَ سَعِيرًا ۝
(ଅନ୍ ନିସା 4:10,11)

ଅର୍ଥାତ ଯଦି ତୁମମାନଙ୍କ ମଧ୍ୟରେ ଏପରି କେହି ଧନବାନ ଥାଏ ଯେ କି ବିହିତ ଜ୍ଞାନ ସମ୍ପନ୍ନ ହୋଇ ନଥାଏ, ଉଦାହରଣତଃ ଅନାଥ କିମ୍ବା ଅପ୍ରାପ୍ତ ବୟସ୍କ

ହୋଇଥାଏ ଏବଂ ଆଶଙ୍କା ହୁଏ ଯେ ସେ ନିଜ ଅବିବେକୀପଣ ଯୋଗୁଁ ନିଜ ସମ୍ପତ୍ତିକୁ ନଷ୍ଟ କରିଦେବ ତେବେ ତୁମେ (କୋର୍ଟ ଅଫ୍ ୱାର୍ଡସ୍ ପ୍ରକାରେ) ତତ୍ତ୍ୱାବଧାରକ ରୂପେ ତା'ର ସମୁଦାୟ ସମ୍ପତ୍ତିକୁ ନିଜ ଅଧୀନକୁ ନେଇ ଆସ ଏବଂ ସେ ସମସ୍ତ ସମ୍ପତ୍ତି ଯାହା ଉପରେ ବାଣିଜ୍ୟ ଓ ଜୀବିକା ଅର୍ଜନର ଶୃଙ୍ଖଳା ନିର୍ଭର ଥାଏ, ତାହାକୁ ଏହି ନିର୍ବୋଧମାନଙ୍କ ହାତରେ ସମର୍ପି ଦିଅ ନାହିଁ । ଏବଂ ସେ ସମ୍ପତ୍ତି ମଧ୍ୟରୁ ତାଙ୍କୁ ତାଙ୍କ ଖାଇବା ପିନ୍ଧିବା ସକାଶେ ଦରକାର ମୁତାବକ ଦିଅ । ତାଙ୍କୁ ଭଲ କଥାମାନ କୁହ ଓ ସଦ୍ ଉପଦେଶମାନ ନିରନ୍ତର ଦେଉଥାଅ । ଏପରି କଥାମାନ କୁହ, ଯଦ୍ୱାରା ସେମାନଙ୍କ ଜ୍ଞାନ ଓ ବୁଦ୍ଧିର ବିକାଶ ଘଟିବ ଏବଂ ଏକ ପ୍ରକାରେ ସେମାନଙ୍କ ଅବସ୍ଥା ଅନୁରୂପ ସେମାନଙ୍କ ଚରିତ୍ର ନିର୍ମାଣ ହୋଇଯିବ ଏବଂ ସେମାନେ ଅଶିକ୍ଷିତ କିମ୍ବା ଅନଭିଜ୍ଞ ରହିବେ ନାହିଁ । ଯଦି ସେମାନେ ବ୍ୟବସାୟୀଙ୍କ ସନ୍ତାନ ହୋଇ ଥାଆନ୍ତି, ତେବେ ତାଙ୍କୁ ବ୍ୟବସାୟର କୌଶଳମାନ ଶିଖାଅ, ଅଥବା ଯଦି ପରିବାରର ଅନ୍ୟ କୌଣସି ଜୀବିକା ରହିଥାଏ, ତେବେ ସେହି ଜୀବିକା ଅନୁଯାୟୀ ସେମାନଙ୍କୁ ଯୋଗ୍ୟ କରିଦିଅ । ଅର୍ଥାତ ସେମାନଙ୍କ ରକ୍ଷଣାବେକ୍ଷଣ ସହିତ ସେମାନଙ୍କୁ ଶିକ୍ଷା ମଧ୍ୟ ଦେଇଚାଲ, ଏବଂ ନିଜ ଶିକ୍ଷାର ସମୟେ ସମୟେ ପରୀକ୍ଷା ମଧ୍ୟ କରିନିଅ ଯେ ତୁମେ ଯାହାକିଛି ଶିଖାଇଲ, ସେମାନେ ତାକୁ ବୁଝିଲେ କି ନାହିଁ ? ପୁଣି ଯେତେବେଳେ ସେମାନେ ବିବାହଯୋଗ୍ୟ ବୟସର ହୋଇଯାଆନ୍ତି, ଅର୍ଥାତ ପାଖାପାଖି ଅଠର ବର୍ଷ ବୟସ୍କ ହୋଇଯାଆନ୍ତି ଏବଂ ତୁମେ ଦେଖ ଯେ ନିଜ ସମ୍ପତ୍ତିକୁ ପରିଚାଳନା କରି ପାରିବା ଭଳି ସେମାନଙ୍କର ବୁଦ୍ଧି ହୋଇ ସାରିଛି, ତେବେ ତୁମେ ସେମାନଙ୍କୁ ସେମାନଙ୍କ ସମ୍ପତ୍ତି ହସ୍ତାନ୍ତର କରିଦିଅ । ବୃଥା ଅପଚୟ କରି ସେମାନଙ୍କ ସମ୍ପତ୍ତିକୁ ସାରି ଦିଅ ନାହିଁ; କିମ୍ବା ସେମାନେ ଯଦି ବଡ଼ ହୋଇଯିବେ, ତେବେ ନିଜ ସମ୍ପତ୍ତି ନେଇଯିବେ ଏହି ଭୟରେ ସେମାନଙ୍କ ସମ୍ପତ୍ତିକୁ ଦ୍ରୁତ ବେଗରେ ନଷ୍ଟ କରିଦିଅ ନାହିଁ । ଧନୀ ବ୍ୟକ୍ତି ପକ୍ଷରେ ଏହା ଉଚିତ ହେବ ନାହିଁ ଯେ ସେ ଏହି ସେବା ବିନିମୟରେ ସେମାନଙ୍କ ସମ୍ପତ୍ତିରୁ କିଛି ନେବ କିନ୍ତୁ ଜଣେ ନିର୍ଧନ ବ୍ୟକ୍ତି ପାରିଶ୍ରମିକ ରୂପେ ସମୁଚିତ ଅଂଶ ନେଇ ପାରିବ ।

ଆରବରେ ଆର୍ଥିକ ରକ୍ଷଣାବେକ୍ଷଣକାରୀଙ୍କ ସକାଶେ ଏହି ରୀତି ପ୍ରଚଳିତ ଥିଲା ଯେ ଯଦି ଅନାଥଙ୍କ ତତ୍ତ୍ୱାବଧାରକ ସେମାନଙ୍କ ସମ୍ପତ୍ତିରୁ କିଛି ନେବାକୁ ଚାହୁଁଥିଲେ, ସେମାନେ ଯଥା ସମ୍ଭବ ଏହି ନିୟମ ଅବଶ୍ୟ ପାଳନ କରୁଥିଲେ ଯେ ଅନାଥର ସମ୍ପତ୍ତିକୁ ବ୍ୟବସାୟରେ ବିନିଯୋଗ କରି ସେଥିରୁ ଯାହା କିଛି ଲାଭାଂଶ ମିଳୁଥିଲା, ସେଥିରୁ ନିଜେ ମଧ୍ୟ ନେଉଥିଲେ, କିନ୍ତୁ ମୂଳ ପୁଞ୍ଜିକୁ ନଷ୍ଟ କରୁ ନଥିଲେ । ସୁତରାଂ ଏଠାରେ ଏହି ପରମ୍ପରା ଆଡ଼କୁ ଇଙ୍ଗିତ ରହିଛି ଯେ ତୁମେ ମଧ୍ୟ ସେହିପରି କର । ପୁନଶ୍ଚ ଈଶ୍ୱର କହିଛନ୍ତି 'ଯେତେବେଳେ ତୁମେ ଅନାଥମାନଙ୍କୁ ସେମାନଙ୍କ ସମ୍ପତ୍ତି ଫେରାଅ, ସେତେବେଳେ ସାକ୍ଷୀମାନଙ୍କ ସମକ୍ଷରେ ସେମାନଙ୍କୁ ସେମାନଙ୍କ ସମ୍ପତ୍ତି ଫେରାଇ ଦିଅ । କିନ୍ତୁ ମୃତ୍ୟୁ ସମୟରେ ଯେଉଁ ବ୍ୟକ୍ତିର ପିଲାମାନେ ଦୁର୍ବଳ ଓ ଅଳ୍ପ ଆୟୁର ହୋଇଥାଆନ୍ତି, ତା' ପକ୍ଷେ ଏପରି କୌଣସି ଇଚ୍ଛାପତ୍ର କରାଯିବା ଉଚିତ ହେବ ନାହିଁ ଯହିଁରେ ତାର ସନ୍ତାନମାନଙ୍କ ଅଧିକାର ଉଚ୍ଛେଦ ହେଉଥିବ । ଯେଉଁମାନେ ଏହି ପ୍ରକାରେ ଅନାଥର ସମ୍ପତ୍ତିକୁ ଭକ୍ଷଣ କରନ୍ତି, ଯଦ୍ଦ୍ୱାରା ଅନାଥଙ୍କ ପ୍ରତି ଅତ୍ୟାଚାର ହେଉଥାଏ, ତେବେ ସେମାନେ ସମ୍ପତ୍ତି ନୁହେଁ ବରଂ ଅଗ୍ନି ଭକ୍ଷଣ କରନ୍ତି ଏବଂ ପରିଶେଷରେ ଏକ ଦହନଶୀଳ ଅଗ୍ନି ମଧ୍ୟରେ ନିକ୍ଷେପ କରାଯିବେ ।'

ଏବେ ଲକ୍ଷ୍ୟ କର ଯେ ଏହି ଆୟତଗୁଡ଼ିକରେ ସର୍ବଶକ୍ତିମାନ ଈଶ୍ୱର ସାଧୁତା ଓ ସଚ୍ଚୋଟତାର କେତେ ପରିମାଣରେ ଆନୁଷଙ୍ଗିକ ଦିଗମାନ ଜ୍ଞାତ କରାଇଛନ୍ତି ! ସୁତରାଂ ପ୍ରକୃତ ସାଧୁତା ଓ ସଚ୍ଚୋଟତା ତାହାକୁ କୁହାଯିବ, ଯାହା ଏହି ସମସ୍ତ ଅନୁଷଙ୍ଗଗୁଡ଼ିକ ଅନୁଯାୟୀ ହୋଇଥିବ । ଯଦି ପୂର୍ଣ୍ଣ ବୁଦ୍ଧିମତ୍ତା ସହକାରେ ସାଧୁତାର ସମସ୍ତ ଦିଗ ପ୍ରତି ଦୃଷ୍ଟି ଦିଆ ନଯାଏ, ତେବେ ଏପରି ସଚ୍ଚୋଟତା ଓ ସାଧୁତା ଅନେକ ଦିଗରୁ ନିଜ ସଙ୍ଗେ ଲୁକ୍‌କାୟିତ ଅସାଧୁତା ଧରି ରଖିବ । ପୁଣି ଆଉ ଏକ ସ୍ଥାନରେ କୁହାଯାଇଛି:

وَلَا تَاْكُلُوْٓا اَمْوَالَكُمْ بَيْنَكُمْ بِالْبَاطِلِ وَتُدْلُوْا بِهَآ اِلَى
الْحُكَّامِ لِتَاْكُلُوْا فَرِيْقًا مِّنْ اَمْوَالِ النَّاسِ بِالْاِثْمِ وَ
(ଅଲ୍ ବକରା 2:189) اَنْتُمْ تَعْلَمُوْنَ ۝

(ଅନ୍ ନିସା 4:59) اِنَّ اللّٰهَ يَاْمُرُكُمْ اَنْ تُؤَدُّوا الْاَمٰنٰتِ اِلٰٓى اَهْلِهَا

(ଅଲ୍ ଅନଫାଲ୍ 8:59) إِنَّ اللَّهَ لَا يُحِبُّ الْخَائِنِينَ

وَأَوْفُوا الْكَيْلَ إِذَا كِلْتُمْ وَزِنُوا بِالْقِسْطَاسِ الْمُسْتَقِيمِ (ବନି ଇସ୍ରାଇଲ୍ 17:36)

وَلَا تَبْخَسُوا النَّاسَ أَشْيَاءَهُمْ وَلَا تَعْثَوْا فِي الْأَرْضِ مُفْسِدِينَ ○
(ଅଶ୍ ଶୋରା 26:184)

(ଅନ୍ ନିସା 4:3) وَلَا تَتَبَدَّلُوا الْخَبِيثَ بِالطَّيِّبِ

ଅର୍ଥାତ 'ନିଜ ମଧ୍ୟରେ ଜଣେ ଅନ୍ୟର ଧନକୁ ଅନ୍ୟାୟ ପୂର୍ବକ ଖାଅ ନାହିଁ କିମ୍ବା ନିଜ ସମ୍ପତ୍ତିକୁ ଉତ୍କୋଚ ଆକାରରେ ନେଇ ଶାସକ ବର୍ଗଙ୍କୁ ଦିଅନାହିଁ, ଯେପରିକି ଏହି ଉପାୟରେ ସେମାନଙ୍କ ସହାୟତାରେ ତୁମେ ଅନ୍ୟର ସମ୍ପତ୍ତିକୁ ହସ୍ତଗତ କରି ନେବ । ଅମାନତ୍‌କୁ ସେମାନଙ୍କ ହକଦାରମାନଙ୍କୁ ଦେଇଦିଅ । ଈଶ୍ୱର ଅସାଧୁ ବ୍ୟକ୍ତିଙ୍କ ସହ ମିତ୍ରତା ରଖନ୍ତି ନାହିଁ ।'

ମାପ କଲାବେଳେ ପୂରା ମାପକର । ଓଜନ କରିବା ସମୟରେ ପୂରା ଓଜନ କର ଏବଂ ସଠିକ୍ ତରାଜୁରେ ଓଜନ କର । କୌଣସି ପ୍ରକାରେ ହେଲେ ଲୋକମାନଙ୍କ ସମ୍ପତ୍ତିକୁ ହାନି ପହଞ୍ଚାଅ ନାହିଁ । ବିଶୃଙ୍ଖଳା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭୂପୃଷ୍ଠରେ ଘୁରି ବୁଲ ନାହିଁ, ଯଥା: ଚୋରୀ କିମ୍ବା ଡକାୟତି କରିବା, କାହାରି ପକେଟ ମାରିବା କିମ୍ବା ଅନ୍ୟ କୌଣସି ଅବୈଧ ଉପାୟରେ ପରଧନକୁ ହସ୍ତଗତ କରିବା ଆଦି ଉଦ୍ଦେଶ୍ୟରେ । ତୁମେ ଭଲ ସାମଗ୍ରୀମାନ ବଦଳରେ ଖରାପ ଓ ନିକୃଷ୍ଟ ସାମଗ୍ରୀ ଦିଅ ନାହିଁ । ଯେପରି ପରର ଧନକୁ କରଗତ କରିନେବା ଅବୈଧ, ସେହିପରି ଖରାପ ସାମଗ୍ରୀ ବିକ୍ରୟ କରିବା କିମ୍ବା ଭଲ ବଦଳରେ ଖରାପ ଦେବା ମଧ୍ୟ ଅବୈଧ ।

ଏହି ସମସ୍ତ ଆୟତରେ ସର୍ବଶକ୍ତିମାନ ଈଶ୍ୱର ଅସାଧୁତାର ସମସ୍ତ ମାର୍ଗମାନ ବର୍ଣ୍ଣନା କରିଦେଇଛନ୍ତି ଏବଂ ସାମଗ୍ରୀକ ରୂପେ ଏପରି ବାଣୀ କହିଛନ୍ତି ଯେଉଁଥିରେ କୌଣସି ପ୍ରକାରର ଅସାଧୁତା ବର୍ଣ୍ଣନାର ବାହାରେ ରହି ଯାଇନାହିଁ । ଈଶ୍ୱର କେବଳ ଏହା କହି ନାହାନ୍ତି ଯେ ତୁମେ ଚୋରି କର ନାହିଁ । କାରଣ ଏତଦ୍‌ଦ୍ୱାରା ଜଣେ ଅବିବେକୀ ବ୍ୟକ୍ତି ଏହା ଭାବି ନ ନେଉ ଯେ ଚୋରି ତା' ପାଇଁ ସିନା ନିଷିଦ୍ଧ, କିନ୍ତୁ ଅନ୍ୟ ସମସ୍ତ ଅନୁଚିତ ମାର୍ଗମାନ ବୈଧ । ଏହି ବ୍ୟାପକ-ଅର୍ଥବୋଧକ

ଆୟତ ଦ୍ୱାରା ସମସ୍ତ ଅନୁଚିତ ପନ୍ଥାଗୁଡ଼ିକୁ ଏକ ସଙ୍ଗେ ନିଷିଦ୍ଧ କରି ଦିଆଯିବା– ଏହା ହିଁ ବର୍ଣ୍ଣନାର ସୂକ୍ଷ୍ମ ତତ୍ତ୍ୱ । ସୁତରାଂ ଯଦି କେହି ଏହି ଦୃଷ୍ଟିକୋଣରୁ ସାଧୁତା ଓ ସଚ୍ଚୋଟତାର ଗୁଣ ନିଜ ମଧ୍ୟରେ ନ ରଖେ, ସେ ଯଦିବା କେତେକ କ୍ଷେତ୍ରରେ ସାଧୁତା ଓ ସଚ୍ଚୋଟତା ପ୍ରଦର୍ଶନ କରେ, ତଥାପି ତା'ର ଏହି ଆଚରଣ ତାର ସାଧୁତା ଚରିତ୍ର ମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ବୁଝାଯିବ ନାହିଁ, ବରଂ ତାହା ଏକ ସ୍ୱାଭାବିକ କ୍ରିୟା ମାତ୍ର ହେବ, ଯହିଁରେ ବିବେକ ଓ ଅନ୍ତର୍ଦୃଷ୍ଟି ନଥିବ ।

ମନ୍ଦର ପରିହାର ନିମନ୍ତେ ଥିବା ଗୁଣଗୁଡ଼ିକ ମଧ୍ୟରୁ ତୃତୀୟ ଗୁଣଟିକୁ ଆରବୀ ଭାଷାରେ 'ହୁଦ୍‌ନାଃ' ଏବଂ 'ହୌନ୍' କହନ୍ତି । ଅର୍ଥାତ ଅନ୍ୟକୁ ଅନ୍ୟାୟ ଭାବରେ ଶାରୀରିକ ଯନ୍ତ୍ରଣା ନଦେବା, ଅନିଷ୍ଟକାରୀ ମନୁଷ୍ୟ ନହେବା ଏବଂ ଶାନ୍ତି ଓ ସୌହାର୍ଦ୍ଦ୍ୟ ସହକାରେ ଜୀବନଯାପନ କରିବା । ନିଃସନ୍ଦେହରେ ଶାନ୍ତିପ୍ରିୟତା ଏକ ଉନ୍ନତମାନର ଚରିତ୍ର, ଯାହା ମନୁଷ୍ୟ ସମାଜ ପାଇଁ ଅତ୍ୟନ୍ତ ଆବଶ୍ୟକ । ଏହି ଚରିତ୍ର ସହିତ ସାଦୃଶ୍ୟ ଥିବା ସ୍ୱାଭାବିକ ଗୁଣ ଯାହା ଶିଶୁଠାରେ ରହିଥାଏ ଓ ଯାହାର ନିୟନ୍ତ୍ରଣ ଦ୍ୱାରା ଏହି ଚରିତ୍ରର ଗଠନ ହୁଏ, ତାହା ହେଉଛି ମୈତ୍ରୀ ଭାବ । ଏହା ତ ସୁସ୍ପଷ୍ଟ ଯେ ଯେତେବେଳେ ମନୁଷ୍ୟ ନିଜର ସ୍ୱାଭାବିକ ଅବସ୍ଥାରେ ଥାଏ, ଅର୍ଥାତ ଯେତେବେଳେ ତା'ର ଜ୍ଞାନୋଦୟ ହୋଇ ନଥାଏ, ସେ ଶାନ୍ତିର ତତ୍ତ୍ୱକୁ ବୁଝେ ନାହିଁ କି ଯୁଦ୍ଧର ଅର୍ଥକୁ ବୁଝେ ନାହିଁ । ସୁତରାଂ ସେତେବେଳେ ମୈତ୍ରୀ ଭାବର ଯେଉଁ ସ୍ୱଭାବଟି ତା'ଠାରେ ମିଳେ, ତାହା ହିଁ ହେଉଛି ଶାନ୍ତିପ୍ରିୟତା ସ୍ୱଭାବର ଏକ ମୂଳ । କିନ୍ତୁ ଯେହେତୁ ଏହା ବୁଦ୍ଧିମତ୍ତା, ଚିନ୍ତନ ଓ ଇଚ୍ଛା ପୂର୍ବକ ପ୍ରାପ୍ତ ହୋଇନଥାଏ, ତେଣୁ ଚରିତ୍ର ମଧ୍ୟରେ ଗଣ୍ୟ ନୁହଁ । ବରଂ ଏହା ଚରିତ୍ର ମଧ୍ୟରେ ସେତେବେଳେ ଗଣା ହୁଏ, ଯେତେବେଳେ ମନୁଷ୍ୟ ଇଚ୍ଛାକୃତ ଭାବେ ନିଜକୁ କ୍ଷତିକାରକ ନକରି ଶାନ୍ତିପ୍ରିୟତାର ଗୁଣକୁ ତା'ର ଉପଯୁକ୍ତ ସ୍ଥାନରେ ପ୍ରୟୋଗ କରିଥାଏ ଓ ଅନୁପଯୁକ୍ତ ସ୍ଥାନରେ ପ୍ରୟୋଗ କରିବାରୁ ନିବୃତ୍ତ ରୁହେ । ଏ ସମ୍ବନ୍ଧରେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ଏହି ଶିକ୍ଷା ଦେଇଛନ୍ତି:

وَاَصۡلِحُوۡا ذَاتَ بَيۡنِكُمۡ

(ଅଲ୍ ଅନଫାଲ୍ 8:2)

وَالصُّلْحُ خَيْرٌ (ଅନ୍ ନିସା 4:129)

وَاِنْ جَنَحُوْا لِلسَّلْمِ فَاجْنَحْ لَهَا (ଅଲ୍ ଅନଫାଲ୍ 8:62)

وَعِبَادُ الرَّحْمٰنِ الَّذِيْنَ يَمْشُوْنَ عَلَى الْاَرْضِ هَوْنًا (ଅଲ୍ ଫୁରକାନ୍ 25:64)

وَاِذَا مَرُّوْا بِاللَّغْوِ مَرُّوْا كِرَامًا (ଅଲ୍ ଫୁରକାନ୍ 25:73)

اِدْفَعْ بِالَّتِيْ هِيَ اَحْسَنُ فَاِذَا الَّذِيْ بَيْنَكَ وَبَيْنَهٗ

عَدَاوَةٌ كَاَنَّهٗ وَلِيٌّ حَمِيْمٌ ○ (ହା ମିମ୍ ସଜ୍‌ଦା 41:35)

ଅର୍ଥାତ 'ପରସ୍ପର ମଧ୍ୟରେ ଶାନ୍ତି ସ୍ଥାପନ କର । ଶାନ୍ତି ସ୍ଥାପନା ଅତି ମଙ୍ଗଳକର । ଯଦି ସେମାନେ ଶାନ୍ତି ଆଡ଼କୁ ନୁଆଁନ୍ତି, ତେବେ ତୁମେ ମଧ୍ୟ ନଇଁଯାଅ । ଈଶ୍ୱରଙ୍କ ପବିତ୍ର ଉପାସକମାନେ ଭୂପୃଷ୍ଠରେ ଶାନ୍ତି ସହକାରେ ବିଚରଣ କରନ୍ତି, ସେମାନେ ଯଦି ଏପରି କୌଣସି ଅବାନ୍ତର କଥା କାହଠାରୁ ଶୁଣନ୍ତି, ଯାହା ସଂଘର୍ଷର ପୂର୍ବାଭାଷ ଓ କଳହର ଭୂମିକା ବୋଲି ପ୍ରତୀତ ହୁଏ ତେବେ ସଂଭ୍ରମ ସହକାରେ ତାହାକୁ ଏଡ଼ାଇ ଦେଇ ଚାଲିଯାଆନ୍ତି ଏବଂ ଛୋଟ ଛୋଟ କଥାରେ ଝଗଡ଼ା କରିବା ଆରମ୍ଭ କରନ୍ତି ନାହିଁ । ଅର୍ଥାତ ଯେ ପର୍ଯ୍ୟନ୍ତ ଅତିଶୟ କଷ୍ଟ ନ ପହଞ୍ଚିଛି ସେପର୍ଯ୍ୟନ୍ତ କଳହ ସୃଷ୍ଟି କରିବାକୁ ଉଚିତ ମନେ କରନ୍ତି ନାହିଁ । ଶାନ୍ତି ସ୍ଥାପନର ଅବସରକୁ ଚିହ୍ନିବା ପାଇଁ ଏହା ହିଁ ବିଧି ଯେ ମନୁଷ୍ୟ ଛୋଟ ଛୋଟ କଥାଗୁଡ଼ିକୁ ମନ ମଧ୍ୟକୁ ନ ଆଣୁ ଓ ମାର୍ଜନା କରିଦେଉ । ଏହି ଆୟତରେ ଥିବା ଶବ୍ଦ 'ଲଗ୍ୱ' (ବାଜେ କଥା) ସମ୍ବନ୍ଧରେ ପାଠକଙ୍କୁ ଅବଗତ ହେଉ ଯେ ଆରବୀ ଭାଷାରେ 'ଲଗ୍ୱ' ସେହି ପ୍ରକ୍ରିୟାକୁ କହନ୍ତି ଯେପରିକି ଉଦାହରଣ ସ୍ୱରୂପ, କେହି ବ୍ୟକ୍ତି ଯଦି ଦୁଷ୍ଟାମି ସହକାରେ ଏପରି ପାଟିତୁଣ୍ଡ କରେ ଅଥବା ଦୁଃଖ ଦେବା ଉଦ୍ଦେଶ୍ୟରେ ଯଦି ଏପରି କର୍ମ କରେ ଯଦ୍ଦ୍ୱାରା ବିଶେଷ କିଛି ହାନି ଅବା କ୍ଷତି ଘଟି ନଥାଏ । ସୁତରାଂ ଶାନ୍ତିପ୍ରିୟତା ଗୁଣର ଲକ୍ଷଣ ହେଉଛି ଯେ ଏଭଳି ଅଭଦ୍ର ପୀଡ଼ାଦାୟକ ଆଚରଣମାନକୁ ମନୁଷ୍ୟ ଅଣଦେଖା କରିଦେଉ ଏବଂ ମହତ ଚରିତ୍ର ପ୍ରଦର୍ଶନ କରୁ । କିନ୍ତୁ ପୀଡ଼ା ଦେବା କେବଳ ଯଦି 'ଲଗ୍ୱ'ର ପରିଧି ମଧ୍ୟରେ ସୀମିତ ରୁହେ

ନାହିଁ, ବରଂ ଏତଦ୍ଦ୍ୱାରା ବାସ୍ତବ ରୂପେ ଜୀବନ କିମ୍ବା ସମ୍ପତ୍ତି ଅଥବା ସମ୍ମାନ ପ୍ରତି ବିପଦ ପହଞ୍ଚୁଥାଏ, ତେବେ ଶାନ୍ତିପ୍ରିୟତା ନାମକ ଚରିତ୍ରର ଏଥି ସହିତ କୌଣସି ସମ୍ପର୍କ ନାହିଁ । ବରଂ ଯଦି ଏପରି ଦୋଷକୁ କ୍ଷମା କରି ଦିଆଯାଏ, ତେବେ ଉକ୍ତ ଚରିତ୍ରର ନାମ 'ଅଫୁ' ବା କ୍ଷମାଶୀଳତା ହେବ; ଯାହାର ବର୍ଣ୍ଣନା ଈଶ୍ୱର ଚାହିଁଲେ, ଏଥି ଉତ୍ତାରେ କରାଯିବ । ତତ୍‌ପରେ ଈଶ୍ୱର କହିଛନ୍ତି ଯଦି କୌଣସି ବ୍ୟକ୍ତି ଦୁଷ୍ଟାମୀ ପୂର୍ବକ ତୁମ ପ୍ରତି ଅଯଥା ପାଟିତୁଣ୍ଡ କରେ, ତେବେ ତୁମେ ଭଦ୍ରତା ସହକାରେ ତାକୁ ଶାନ୍ତିପ୍ରିୟତାର ସୌହାର୍ଦ୍ଦ୍ୟ-ଜନକ ଉତ୍ତର ଦିଅ । ତୁମର ଏହି ସ୍ୱଭାବ ଯୋଗୁଁ ଶତ୍ରୁ ମଧ୍ୟ ମିତ୍ର ହୋଇଯିବ । ସୁତରାଂ ଶାନ୍ତିପ୍ରିୟତାର ନିୟମ ଅନୁଯାୟୀ ଅଣଦେଖା କରିଦେବାର ଯୋଗ୍ୟ ସ୍ଥାନ କେବଳ ସେପରି ଦୋଷମାନ ପାଇଁ ପ୍ରଯୁଜ୍ୟ, ଯହିଁରେ କୌଣସି ବାସ୍ତବ ହାନି ଘଟୁ ନଥାଏ, କେବଳ ତାହା ଶତ୍ରୁର ବାଜେ କଥାମାନରେ ସୀମିତ ଥାଏ ।

ମନ୍ଦର ପରିହାର ନିମନ୍ତେ ଥିବା ଗୁଣଗୁଡ଼ିକ ମଧ୍ୟରୁ ଚତୁର୍ଥଟି ହେଉଛି 'ରିଫ୍‌କ' ଅର୍ଥାତ ସୌଜନ୍ୟ ତଥା ଉତ୍ତମ ବଚନ । ଯେଉଁ ସ୍ୱାଭାବିକ ଚରିତ୍ରରୁ ଏହି ଗୁଣ ଜାତ ହୁଏ, ତା'ର ନାମ ହେଉଛି 'ତଲାକତ୍' ଅର୍ଥାତ ସରସତା ଓ ପ୍ରଫୁଲ୍ଲତା । ଶିଶୁଟି ଯେ ପର୍ଯ୍ୟନ୍ତ କଥା କହିବାର ସାମର୍ଥ୍ୟ ପାଇ ନଥାଏ, ସୌଜନ୍ୟ ଓ ଉତ୍ତମ ବଚନ ପରିବର୍ତ୍ତେ ସରସତା ପ୍ରଦର୍ଶନ କରିଥାଏ । ଏଥିରୁ ସାବ୍ୟସ୍ତ ହେଉଛି ଯେ ସୌଜନ୍ୟର ମୂଳ ଉତ୍ସ ଯହିଁରୁ ଏହି ଶାଖା ଜନ୍ମନିଏ, ତାହା ହେଉଛି ସରସତା ଓ ପ୍ରଫୁଲ୍ଲଭାବ । ସରସତା ଏକ ଶକ୍ତି ଓ ସୌଜନ୍ୟ ଏକ ଚରିତ୍ର, ଯାହାକି ଏହି ଶକ୍ତିର ଉପଯୁକ୍ତ ବ୍ୟବହାର ଦ୍ୱାରା ଜାତ ହୋଇଥାଏ । ଏ ସମ୍ବନ୍ଧରେ ସର୍ବଶକ୍ତିମାନ ଈଶ୍ୱରଙ୍କ ଶିକ୍ଷା ହେଉଛି:

وَقُوْلُوْا لِلنَّاسِ حُسْنًا (ଅଲ୍ ବକ୍‌ରା 2:84)

لَا يَسْخَرْ قَوْمٌ مِّنْ قَوْمٍ عَسٰۤى اَنْ يَّكُوْنُوْا خَيْرًا مِّنْهُمْ وَ
لَا نِسَآءٌ مِّنْ نِّسَآءٍ عَسٰۤى اَنْ يَّكُنَّ خَيْرًا مِّنْهُنَّ ۚ وَلَا تَلْمِزُوْۤا
اَنْفُسَكُمْ وَلَا تَنَابَزُوْا بِالْاَلْقَابِ ؕ (ଅଲ୍ ହୁଜୁରାତ୍ 49:12)

اِجْتَنِبُوْا كَثِيْرًا مِّنَ الظَّنِّ ۫ اِنَّ بَعْضَ الظَّنِّ اِثْمٌ وَّلَا تَجَسَّسُوْا وَلَا يَغْتَبْ بَّعْضُكُمْ بَعْضًا ؕ...... وَاتَّقُوا اللّٰهَ ؕ اِنَّ اللّٰهَ تَوَّابٌ رَّحِيْمٌ (ଅଲ୍ ହୁଜୁରାତ୍ 49:13)

وَلَا تَقْفُ مَا لَيْسَ لَكَ بِهٖ عِلْمٌ ؕ اِنَّ السَّمْعَ وَالْبَصَرَ وَالْفُؤَادَ كُلُّ اُولٰٓئِكَ كَانَ عَنْهُ مَسْئُوْلًا ۝ (ବନି ଇସ୍ରାଇଲ 17:37)

ଅର୍ଥାତ 'ଲୋକମାନଙ୍କୁ ସେହି କଥା କୁହ ଯାହା ପ୍ରକୃତରେ ଭଲ । ଗୋଟିଏ ଜାତି ଅନ୍ୟ ଜାତିକୁ ପରିହାସ ନକରୁ । ଯେଉଁମାନଙ୍କୁ ପରିହାସ କରାଯାଉଛି, ହୁଏତ ସେହିମାନେ ହିଁ ପ୍ରକୃତ ପକ୍ଷେ ଭଲ ହୋଇଥାଇ ପାରନ୍ତି ।

ଗୋଟିଏ ଗୋଷ୍ଠୀର ନାରୀମାନେ ଅନ୍ୟ ଗୋଷ୍ଠୀର ନାରୀମାନଙ୍କୁ ପରିହାସ କରନ୍ତୁ ନାହିଁ । ସମ୍ଭବତଃ, ଯେଉଁମାନଙ୍କୁ ପରିହାସ କରାଯାଇଛି ସେହିମାନେ ହିଁ ଭଲ । କୁତ୍ସାରଟନା କରନାହିଁ । ନିଜ ଲୋକମାନଙ୍କୁ (ଅପମାନ ଦେବାଭଳି) ଖରାପ ନାମ ଦିଅ ନାହିଁ । ଅଯଥା ସନ୍ଦେହ କରନାହିଁ କି ଦୋଷଗୁଡ଼ିକୁ ଉଖାରି ଉଖାରି ପଚାର ନାହିଁ । ପରସ୍ପର ବିରୁଦ୍ଧରେ ଅଭିଯୋଗ କର ନାହିଁ । କାହା ପ୍ରତି ଏପରି ଦୋଷାରୋପ କରନାହିଁ କିମ୍ବା ଏପରି ଅଭିଯୋଗ ଆଣ ନାହିଁ ଯାହାର ତୁମ ନିକଟରେ କୋଣସି ପ୍ରମାଣ ନାହିଁ । ମନେରଖ ଯେ କାନ, ଆଖି, ହୃଦୟ ପ୍ରତ୍ୟେକକୁ ବିଚାର ଦିବସରେ ପ୍ରଶ୍ନ କରାଯିବ ।

## ସୁକର୍ମମାନର ପ୍ରକାର

ମନ୍ଦର ପରିହାର ନିମନ୍ତେ ଥିବା ପ୍ରକାରଗୁଡ଼ିକର ବର୍ଣ୍ଣନା ଶେଷ ହେଲା । ବର୍ତ୍ତମାନ ଆମେ ସୁକର୍ମ କରିବାର ପ୍ରକାରଗୁଡ଼ିକୁ ବର୍ଣ୍ଣନା କରିବା । ଦ୍ୱିତୀୟ ପ୍ରକାରର ଚରିତ୍ର ଭଲକାମ କରିବା ସହିତ ଜଡ଼ିତ । ଏଥି ମଧ୍ୟରୁ ପ୍ରଥମ ଗୁଣଟି ହେଉଛି କ୍ଷମା (ଅଫୁ) ଅର୍ଥାତ ଅନ୍ୟର ଦୋଷକୁ ମାର୍ଜନା କରିବା । ଏଥିରେ ଥିବା ସୁକର୍ମଟି ହେଉଛି ଏହିପରି; ଯେଉଁ ବ୍ୟକ୍ତି ଦୋଷ କରେ ସେ ଅନ୍ୟର କ୍ଷତି ସାଧନ କରେ । ସୁତରାଂ ସେ ଏଥିଯୋଗ୍ୟ ହୁଏ ଯେ ତାକୁ ମଧ୍ୟ କ୍ଷତି ପହଞ୍ଚାଯିବ, ଶାସ୍ତି ଦିଆଯିବ, ବନ୍ଦୀ କରାଯିବ, ଜୋରିମାନା କରାଯିବ ଅଥବା ସ୍ୱହସ୍ତରେ ଦଣ୍ଡ ଦିଆଯିବ ଇତ୍ୟାଦି ।

କିନ୍ତୁ ତାକୁ କ୍ଷମା ଦେବା, ସେ ପରିସ୍ଥିତିରେ ଯଦି କ୍ଷମା କରିଦେବା ସମୁଚିତ ହୁଏ, ତେବେ ତାହା ତା'କର୍ତ୍ତା ପକ୍ଷରେ ସୁକର୍ମ ରୂପେ ପରିଗଣିତ ହେବ । ଏସମ୍ବନ୍ଧରେ ପବିତ୍ର କୁରଆନର ଶିକ୍ଷା ହେଉଛି:

(ଆଲେ ଇମରାନ୍ 3:135) وَالْكٰظِمِيْنَ الْغَيْظَ وَالْعَافِيْنَ عَنِ النَّاسِ

جَزٰٓؤُا سَيِّئَةٍ سَيِّئَةٌ مِّثْلُهَا ۚ فَمَنْ عَفَا وَاَصْلَحَ فَاَجْرُهٗ عَلَى اللّٰهِ

(ଅଶ୍ ଶୋରା 42:41)

ଅର୍ଥାତ 'ସେହିମାନେ ହିଁ ପୁଣ୍ୟବାନ ଯେଉଁମାନେ କ୍ରୋଧ ଅବସ୍ଥାରେ ନିଜ କ୍ରୋଧକୁ ଦମନ କରନ୍ତି ଏବଂ କ୍ଷମିବା-ଯୋଗ୍ୟ ଅବସ୍ଥାରେ ଦୋଷକୁ କ୍ଷମା କରନ୍ତି । ଅପରାଧ ପାଇଁ ସେତିକି ମାତ୍ରାରେ ଦଣ୍ଡ ଦିଆଯାଉ, ଯେତିକି ଅପରାଧ କରାଯାଇଛି । କିନ୍ତୁ ଯେଉଁ ବ୍ୟକ୍ତି ଦୋଷକୁ କ୍ଷମା କରେ ଓ ଏପରି ମୁହୂର୍ତ୍ତରେ କ୍ଷମା କରେ ଯଦ୍ୱାରା ଦୋଷର ସୁଧାର ହୁଏ ଓ କୌଣସି ଅନିଷ୍ଟ ହେଉ ନଥାଏ, ଅର୍ଥାତ କ୍ଷମା ଅନୁଚିତ ସ୍ଥାନରେ ନକରି ଉଚିତ ସ୍ଥାନରେ କରିଥାଏ ତେବେ ସେ ଏହାର ପ୍ରତିଫଳ ପାଇବ ।'

ଏହି ଆୟତରୁ ଏକଥା ସ୍ପଷ୍ଟ ଯେ କୁରଆନର ଶିକ୍ଷା ଏହା ନୁହେଁ ଯେ ଅକାରଣରେ ଓ ପ୍ରତ୍ୟେକ ସ୍ଥିତିରେ ମନ୍ଦର ମୁକାବିଲା କରାଯିବ ନାହିଁ ତଥା ଦୁଷ୍ଟ ଓ ଅତ୍ୟାଚାରୀଙ୍କୁ ଦଣ୍ଡ ଦିଆଯିବ ନାହିଁ । ବରଂ ଏହା ଦେଖିବାକୁ ହେବ ଯେ ସେହି ସ୍ଥାନ ଓ ପରିସ୍ଥିତି କ୍ଷମା କରିବା ଯୋଗ୍ୟ ନା ଦୋଷୀକୁ ଦଣ୍ଡ ଦିଆଯିବା ଯୋଗ୍ୟ ? ସୁତରାଂ ଏହି ଅବସରରେ ଦୋଷୀ ତଥା ସମାଜ ପାଇଁ ଯାହା ପ୍ରକୃତରେ ଭଲ ଓ ମଙ୍ଗଳକର ହେବ ତାହା ହିଁ କରିବା ଉଚିତ । ବେଳେବେଳେ ଜଣେ ଅପରାଧିର ଅପରାଧ କ୍ଷମା କରିଦେଲେ ସେ ଏଥିପାଇଁ ତୌବା (ଅନୁତାପ) କରିଥାଏ । ଅନ୍ୟ କେତେବେଳେ ଜଣେ ଅପରାଧିକୁ କ୍ଷମା କରିଦେଲେ ତା'ର ସାହସ ଆହୁରି ବଢିଯାଏ । ତେଣୁ ପରମେଶ୍ୱରଙ୍କ ନିର୍ଦ୍ଦେଶ ରହିଛି ଯେ ଅନ୍ଧ ଭଳି କେବଳ ପାପ କ୍ଷମା କରିଚାଲିବାର ଅଭ୍ୟାସ ନରଖି ଧ୍ୟାନ ପୂର୍ବକ ଲକ୍ଷ୍ୟକର ଯେ ପ୍ରକୃତ ପୁଣ୍ୟ କେଉଁ କଥାରେ ରହିଛି, କ୍ଷମା କରିଦେବାରେ ଅଥବା ଦଣ୍ଡ ଦେବାରେ । ସୁତରାଂ ଯେଉଁ କାର୍ଯ୍ୟଟି ସ୍ଥାନ କାଳ ଅନୁଯାୟୀ ସମୁଚିତ ହେବ, ତାହା ହିଁ କର ।

ମାନବ ସମାଜକୁ ଲକ୍ଷ୍ୟ କଲେ ସ୍ପଷ୍ଟ ପ୍ରତିଭାତ ହୁଏ ଯେ କେତେକ ବ୍ୟକ୍ତି ଅତି ମାତ୍ରାରେ ପ୍ରତିଶୋଧ ପରାୟଣ ହୋଇଥାଆନ୍ତି । ଏପରିକି ସେମାନଙ୍କ ପୂର୍ବପୁରୁଷଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ସେମାନେ ମନେ ରଖିଥାନ୍ତି । ସେହିପରି ଅନ୍ୟ କେତେକ ବ୍ୟକ୍ତି କ୍ଷମା କରିବାରେ ଓ ସହନଶୀଳତାରେ ଏପରି ଅତିଶୟ କରିଦିଅନ୍ତି ଯେ ସମୟେ ସମୟେ ଏହି ସ୍ୱଭାବ ମାତ୍ରାଧିକ ହୋଇ ନିର୍ଲଜତା ପର୍ଯ୍ୟନ୍ତ ପହଞ୍ଚିଯାଏ । ସେମାନଙ୍କର ନମ୍ରତା, କ୍ଷମା ଓ ସହନଶୀଳତାର କାର୍ଯ୍ୟମାନ ଏପରି ଲଜ୍ୟାକର ହୋଇଥାଏ ଯେ ତାହା ସଂପୂର୍ଣ୍ଣ ଭାବରେ ମାନସମ୍ମାନ ତଥା ପବିତ୍ରତାର ବିପରୀତ ହୋଇଯାଏ । ବରଂ ସେମାନଙ୍କ କାର୍ଯ୍ୟ ସେମାନଙ୍କ ସଚ୍ଚରିତ୍ର ପ୍ରତି ଏକ କଳଙ୍କ । ଏତାଦୃଶ କ୍ଷମା ଓ ସହନଶୀଳତାର ପରିଣାମ ଏପରି ହୁଏ ଯେ ସମସ୍ତ ଲୋକେ ଛି, ଛି, କରି ଉଠନ୍ତି । ଏହିସବୁ ଅବଗୁଣ ହେତୁ ପବିତ୍ର କୁରଆନ ପ୍ରତ୍ୟେକଟି ନୈତିକ ଚରିତ୍ର ସକାଶେ ସ୍ଥାନ କାଳର ପ୍ରାସଙ୍ଗିକତାକୁ ଅନିବାର୍ଯ୍ୟ କରିଛି ଏବଂ ଯେଉଁ ସ୍ୱଭାବ ଉପଯୁକ୍ତ ସ୍ଥାନ, କାଳ ନ ଥାଇ ମଧ୍ୟ ପ୍ରକାଶ ପାଏ, ତାକୁ ନୈତିକତାର ସ୍ୱୀକୃତି ଦେଇ ନାହିଁ ।

ମନେରହୁ ଯେ କ୍ଷମା ଏକାକୀ ଶିଷ୍ଟାଚାର ବା ନୈତିକ ଗୁଣ ବୋଲାଇ ପାରିବ ନାହିଁ । ଏହା ଏକ ସ୍ୱାଭାବିକ ଶକ୍ତି ଯାହା ଶିଶୁଠାରେ ମଧ୍ୟ ଦେଖିବାକୁ ମିଳିଥାଏ । ଯଦି ଏକ ଶିଶୁକୁ କେହି ଆଘାତ ପହଞ୍ଚାଏ, ଯଦିବା ଏହା ଦୁଷ୍ଟାମୀ ସହକାରେ କରାଯାଇଥାଏ, ତଥାପି ସେ ଅଳ୍ପ ସମୟ ମଧ୍ୟରେ ଏହି କଥାକୁ ପାଶୋରି ଦିଏ ଓ ତା ନିକଟକୁ ପୁଣି ସସ୍ନେହେ ଚାଲିଯାଏ । ଆଉ ଯଦି ଏପରି ବ୍ୟକ୍ତି ତାକୁ ହତ୍ୟା କରିବାର ଉଦ୍ଦେଶ୍ୟ ରଖିଥାଏ, ତେବେ ମଧ୍ୟ କେବଳ ମିଠା କଥାରେ ସେ ଖୁସି ହୋଇଯାଏ । ସୁତରାଂ ଏପରି କ୍ଷମାଶୀଳତା କୌଣସି ପ୍ରକାରେ ନୈତିକ ଗୁଣ ମଧ୍ୟରେ ଅନ୍ତର୍ଭୁକ୍ତ ହେବ ନାହିଁ । ଏହା ସେତେବେଳେ ନୈତିକ ଗୁଣ ମଧ୍ୟରେ ଅନ୍ତର୍ଭୁକ୍ତ ହେବ, ଯେତେବେଳେ ଆମେ ଏହାକୁ ସ୍ଥାନ କାଳ ଅନୁଯାୟୀ ପ୍ରୟୋଗ କରିବୁ; ଅନ୍ୟଥା ଏହା କେବଳ ମାତ୍ର ଏକ ସ୍ୱାଭାବିକ ଶକ୍ତି ହେବ । ପୃଥିବୀରେ ଖୁବ୍ କମ୍ ଲୋକ ଏପରି ଅଛନ୍ତି, ଯେଉଁମାନେ ସ୍ୱାଭାବିକ ଶକ୍ତି ଓ ନୈତିକ ଗୁଣ ମଧ୍ୟରେ

ପାର୍ଥକ୍ୟ କରିପାରନ୍ତି । ଆମେ ବାରମ୍ବାର କହି ଆସିଛୁ ଯେ ପ୍ରକୃତ ନୈତିକତା ଓ ସ୍ୱାଭାବିକ ଅବସ୍ଥାମାନ ମଧ୍ୟରେ ଏହି ପ୍ରଭେଦ ରହିଛି ଯେ ନୈତିକତା-ମୂଳକ ଆଚରଣ ସର୍ବଦା ସ୍ଥାନ କାଳ ପାତ୍ରର ଅନୁବର୍ତ୍ତୀ ରହେ, ଯେତେବେଳେ କି ସ୍ୱାଭାବିକ ପ୍ରବୃତ୍ତି ଅଯାଗାରେ ପ୍ରକାଶ ପାଇଥାଏ । ଏମିତି ତ ଦେଖିବାକୁ ଗଲେ ଚତୁଷ୍ପଦ ପ୍ରାଣୀମାନଙ୍କ ମଧ୍ୟରେ ଗାଇ ନିରୀହ ଓ ଛେଳି ମଧ୍ୟ ବିନମ୍ର । କିନ୍ତୁ ଏଥି ସକାଶେ ଆମେ ସେମାନଙ୍କୁ ଏହି ନୈତିକ ଗୁଣ ସମ୍ପନ୍ନ ବୋଲି କହିପାରିବା ନାହିଁ । କାରଣ ସେମାନଙ୍କୁ ଏଗୁଡିକର ପରିପ୍ରକାଶ ପାଇଁ ସ୍ଥାନ କାଳର ବିଚାର ବୋଧ ଦିଆଯାଇ ନାହିଁ । ଐଶ୍ୱରୀୟ ବିଚାର ଓ ଈଶ୍ୱରଙ୍କ ସତ୍ୟ ସମ୍ବଳିତ ପରିପୂର୍ଣ୍ଣ ଗ୍ରନ୍ଥ ପ୍ରତ୍ୟେକ ନୈତିକ ଗୁଣ ସହିତ ସ୍ଥାନ କାଳ ପାତ୍ରର ସର୍ତ୍ତ ଲଗାଇ ଦେଇଛି ।

ସୁକର୍ମ ଅନ୍ତର୍ଗତ ନୈତିକ ଗୁଣମାନଙ୍କ ମଧ୍ୟରୁ ଦ୍ୱିତୀୟ ଗୁଣଟି ହେଉଛି 'ଅଦଲ' (ନ୍ୟାୟ), ତୃତୀୟ 'ଅହସାନ' (ପରୋପକାର) ଓ ଚତୁର୍ଥଟି 'ଇତାଏଜିଲ୍ କୁର୍‌ବା' (ଆତ୍ମୀୟ-ସ୍ୱଜନ ତୁଲ୍ୟ ସହାୟତା) । ସୁତରାଂ ଅଲ୍ଲାଃ କହିଛନ୍ତି:

اِنَّ اللّٰهَ يَاْمُرُ بِالْعَدْلِ وَالْاِحْسَانِ وَ اِيْتَآئِ ذِى الْقُرْبٰى وَ يَنْهٰى عَنِ
الْفَحْشَآءِ وَالْمُنْكَرِ وَالْبَغْىِ ۚ (ଅନ୍ ନହଲ୍ 16:91)

ଅର୍ଥାତ 'ଅଲ୍ଲାଃଙ୍କର ଆଦେଶ ଯେ ଉପକାର ବଦଳରେ ଉପକାର କର । ଆଉ ଯଦି ନ୍ୟାୟ ଅପେକ୍ଷା ହିତ ସାଧନର ଅଧିକ ଆବଶ୍ୟକତା ଥାଏ ତେବେ ହିତ ସାଧନ କର । ପୁଣି ଯଦି ହିତ ସାଧନ ଅପେକ୍ଷା ଆତ୍ମୀୟବତ୍ ସ୍ୱାଭାବିକ ଉତ୍ସାହ ସହ ଉପକାର କରିବାର ସ୍ଥିତି ଥାଏ, ସେଠାରେ ସ୍ୱାଭାବିକ ସହାନୁଭୂତି ସହ ଉପକାର କର । ଈଶ୍ୱର ତୁମକୁ ମଧ୍ୟମ ମାର୍ଗର ସୀମାକୁ ଅତିକ୍ରମ କରିବାକୁ ଅଥବା ହିତସାଧନ ସମ୍ବନ୍ଧରେ ଅସମୀଚୀନ ଆଚରଣ ପ୍ରଦର୍ଶନ କରିବାକୁ ଯାହାକୁ ବୁଦ୍ଧି ସ୍ୱୀକାର କରେ ନାହିଁ ଯଥା ଅସ୍ଥାନରେ ହିତସାଧନ କରିବାକୁ କିମ୍ବା ଯଥା ସ୍ଥାନରେ ହିତ ସାଧନ କରିବା ନିମନ୍ତେ କୁଣ୍ଠା ପ୍ରକାଶ କରିବାକୁ ଅଥବା ଯଥା ସ୍ଥାନରେ ଆତ୍ମୀୟବତ୍ ବ୍ୟବହାରରେ କିଛି ଊଣା କରିଦେବାକୁ କିମ୍ବା ସୀମାତୀତ ଦୟା ଢାଳି ଦେବାକୁ ବାରଣ କରିଛନ୍ତି । ଏହି କଲ୍ୟାଣକାରୀ ଆୟତରେ ସତ୍‌କର୍ମର ତିନୋଟି ସୋପାନର ଉଲ୍ଲେଖ ରହିଛି ।

ପ୍ରଥମ ସୋପାନଟି ହେଲା ଉପକାର ବିନିମୟରେ ଉପକାର କରିବା । ଏହା ହେଉଛି ନିମ୍ନ ସ୍ତରର ସୋପାନ । ଜଣେ ସାମାନ୍ୟ ସ୍ତରର ଭଲ ମଣିଷ ମଧ୍ୟ ତା ପ୍ରତି ଉପକାର କରୁଥିବା ଲୋକଙ୍କ ପ୍ରତି ଉପକାର କରି ଏହି ଗୁଣକୁ ହାସଲ କରିପାରେ ।

ଦ୍ୱିତୀୟ ସୋପାନ ଏହାଠାରୁ ଅପେକ୍ଷାକୃତ କଠିନ । ଏହା ଏହିପରି ଯେ ପ୍ରାରମ୍ଭିକ ରୂପେ ଉପକାର ନିଜ ତରଫରୁ କରିବା ଏବଂ କୌଣସି ନ୍ୟାଯ୍ୟ ଦାବି ନ ଥିବା ସତ୍ତ୍ୱେ କେବଳ ହିତ ସାଧନ ଉଦ୍ଦେଶ୍ୟରେ କାହାରି ମଙ୍ଗଳ କରିବା । ଏହା ହେଉଛି ମଧ୍ୟମ ଶ୍ରେଣୀର ନୈତିକ ଗୁଣ । ଅଧିକାଂଶ ଲୋକ ଗରିବମାନଙ୍କ ପ୍ରତି ଦୟା ଭାବ ଦେଖାଇ ଥାଆନ୍ତି । କିନ୍ତୁ ଏହି ଦୟା ମଧ୍ୟରେ ଏକ ଦୋଷ ଲୁଚି ରହିଥାଏ । ଉପକାର କରୁଥିବା ବ୍ୟକ୍ତିର ଅନ୍ତରରେ ଏକଥା ରହିଥାଏ ଯେ ସେ ତାର ଉପକାର କରିଛି; ଏବଂ ଏହି ଉପକାରର ପ୍ରତିଦାନ ସ୍ୱରୂପ ସେ ଅନ୍ତତଃ ଧନ୍ୟବାଦ କିମ୍ବା ଆଶୀର୍ବାଦ କାମନା କରୁଥାଏ । ଆଉ କେତେବେଳେ ଯଦି ଅନୁଗୃହିତ ସେହି ବ୍ୟକ୍ତି ତା’ ବିପକ୍ଷରେ ଯାଏ ତେବେ ସେ ତାକୁ କୃତଘ୍ନ କହିବାକୁ ମଧ୍ୟ ପଛାଏ ନାହିଁ । ଅନେକ ସମୟରେ ଏହି ଉପକାର ହେତୁ ସେ ତା’ ଉପରେ ସାମର୍ଥ୍ୟ ବହିର୍ଭୂତ ବୋଝ ଲଦି ଦିଏ ଏବଂ ଏଥି ସକାଶେ ନିଜ ଉପକାର ତାକୁ ସ୍ମରଣ କରାଇ ଦେଉଥାଏ । ହିତକାରୀମାନଙ୍କୁ ସତର୍କ କରାଇବା ଉଦ୍ଦେଶ୍ୟରେ ପରମେଶ୍ୱର କହିଛନ୍ତି:

لَا تُبْطِلُوْا صَدَقٰتِكُمْ بِالْمَنِّ وَالْاَذٰى (ଅଲ୍ ବକରା 2:265)

ଅର୍ଥାତ ‘ହେ ପରୋପକାରୀ ବ୍ୟକ୍ତିଗଣ ! ନିଜ ଦାନ (ସଦକା)କୁ, ଯାହା ଆନ୍ତରିକତା ଉପରେ ପର୍ଯ୍ୟବସିତ ହେବା ଉଚିତ, ଉପକାର ସ୍ମରଣ କରାଇ ତଥା ଦୁଃଖ ଦେଇ ନଷ୍ଟ କରିଦିଅ ନାହିଁ । ‘ସଦ୍‌କା’ ଅର୍ଥାତ ‘ଦାନ’ ଶବ୍ଦ ମୂଳ ଆରବୀ ଶବ୍ଦ ‘ସିଦ୍‌କ୍’ରୁ ଉତ୍ପନ୍ନ । ‘ସିଦ୍‌କ୍’ ଶବ୍ଦର ଅର୍ଥ ହେଉଛି ଆନ୍ତରିକତା । ସୁତରାଂ ଯଦି ହୃଦୟ ମଧ୍ୟରେ ଆନ୍ତରିକତା ଓ ମନରେ ଶୁଦ୍ଧତା ନାହିଁ, ତେବେ ସେପରି ଦାନ, ଦାନ ନୁହେଁ ବରଂ ଏକ ଛଳନାର ତଥା ବାହ୍ୟ ପ୍ରଦର୍ଶନର ପରିପ୍ରକାଶ ମାତ୍ର ।

ସୁତରାଂ ହିତକାରୀ ମଧ୍ୟରେ ଏହି ଖୁଣ ରହିଥାଏ ଯେ କ୍ରୋଧ ସମୟରେ ସେ ନିଜ ଉପକାରକୁ ମନେ ପକାଇ ଦିଏ । ସେଥିପାଇଁ ପରମେଶ୍ୱର ହିତକାରୀମାନଙ୍କୁ ସାବଧାନ କରାଇ ଦେଇଛନ୍ତି ।

ସୁକର୍ମର ତୃତୀୟ ସୋପାନ ସମ୍ବନ୍ଧରେ ପରମେଶ୍ୱର କହିଛନ୍ତି ଯେ ଉପକାର କରିଥିବାର ଭାବନା ମନକୁ ଆଦୌ ସ୍ପର୍ଶ ନକରୁ କିମ୍ବା ଅନୁଗୃହିତ ଠାରୁ ଧନ୍ୟବାଦ ପାଇବା ପ୍ରତି ଲକ୍ଷ୍ୟ ମଧ୍ୟ ନରହୁ । ବରଂ ସହାନୁଭୂତିର ଏପରି ଉତ୍ସାହରେ ତା'ର ଉପକାର କାର୍ଯ୍ୟକାରୀ ହେଉ, ଯେପରି ଜଣେ ଅତ୍ୟନ୍ତ ନିକଟ ସମ୍ପର୍କୀୟ କରେ । ଉଦାହରଣ ସ୍ୱରୂପ ମାତା ଯେପରି କେବଳ ସହାନୁଭୂତିର ଉଦ୍‌ବେଳନ ହେତୁ ପୁତ୍ରର ମଙ୍ଗଳ ସାଧନ କରିଥାଏ । ସୁକର୍ମର ଏହାହିଁ ହେଉଛି ଶୀର୍ଷତମ ସୋପାନ, ଏହାଠାରୁ ଉପରକୁ ଉଠିବା ସମ୍ଭବ ନୁହେଁ । କିନ୍ତୁ ଈଶ୍ୱର ଏହି ସମସ୍ତ ପ୍ରକାରର ସୁକର୍ମଗୁଡ଼ିକୁ ସ୍ଥାନ କାଳର ପ୍ରାସଙ୍ଗିକତା ସହ ଯୋଡି ଦେଇଛନ୍ତି । ଉପରେ ବର୍ଣ୍ଣିତ ଆୟତରେ ଏହା ସ୍ପଷ୍ଟ ଭାବେ କହି ଦିଆଯାଇଛି ଯେ ଏହି ସୁକର୍ମମାନ ଯଦି ଯଥା ସ୍ଥାନରେ ଉପଯୋଗ ନ ହୁଏ, ତେବେ ଏଗୁଡିକ କୁକର୍ମ ହୋଇଯାଏ । ନ୍ୟାୟ ହେବା ପରିବର୍ତ୍ତେ ଅନାଚାର ହୋଇଯାଏ ଅର୍ଥାତ ସୀମା ଏତେ ଲଙ୍ଘିଯାଏ ଯେ ଘୃଣ୍ୟ ରୂପ ଧାରଣ କରିନିଏ । ସେହିପରି ହିତ ସାଧନ ହେବା ପରିବର୍ତ୍ତେ ପ୍ରତିକୂଳ ଅବସ୍ଥା ଉପୁଜାଏ, ଯାହାକୁ ବୁଦ୍ଧି ଓ ବିବେକ ବିରୋଧ କରେ । ପୁନଶ୍ଚ ଆତ୍ମୀୟ ତୁଲ୍ୟ ସହାନୁଭୂତି ପରିବର୍ତ୍ତେ ତାହା 'ବଘି' ଅର୍ଥାତ ଅନୀତି ହୋଇଯାଏ । ପ୍ରାସଙ୍ଗିକତା ରହିତ ଏହି ସହାନୁଭୂତିର ଉଚ୍ଛ୍ୱାସ ଏକ ଗର୍ହିତ ସ୍ଥିତି ସୃଷ୍ଟି କରେ । ପ୍ରକୃତରେ 'ବଘି' ଏପରି ବର୍ଷାକୁ କହନ୍ତି ଯାହା ଅତ୍ୟଧିକ ମାତ୍ରାରେ ବର୍ଷି ଫସଲକୁ ନଷ୍ଟ କରିଦିଏ । ପୁନଶ୍ଚ ନିର୍ଦ୍ଧାରିତ କାର୍ଯ୍ୟରୁ ଊଣା କରିବାକୁ କିମ୍ବା ନିର୍ଦ୍ଧାରିତ କାର୍ଯ୍ୟରୁ ଅଧିକ କରିବାକୁ 'ବଘି' କହନ୍ତି । ସୁତରାଂ ଏହି ତିନୋଟି ଗୁଣ ମଧ୍ୟରୁ ଯେଉଁଟି ଯଥା ସ୍ଥାନରେ ପ୍ରକଟ ହେବ ନାହିଁ ତାହା ହିଁ ସେଠାରେ ଦୁର୍ଗୁଣ ବୋଲାଇବ । ଏଥି ସକାଶେ ତିନୋଟିଯାକ ଅବସ୍ଥା ସହିତ ସ୍ଥାନ କାଳ ପାତ୍ରର ସର୍ତ୍ତ ଲଗାଇ ଦିଆଯାଇଛି । ଏଠାରେ ମନେ ରଖିବାକୁ ହେବ ଯେ ଏକାକୀ ନ୍ୟାୟ, ହିତସାଧନ ଅଥବା ଆତ୍ମୀୟ ତୁଲ୍ୟ ସହାନୁଭୂତିକୁ ନୈତିକତା କୁହାଯାଇ

ନ ପାରେ । କାରଣ ଏଗୁଡିକ ମନୁଷ୍ୟ ମଧ୍ୟରେ ସ୍ୱାଭାବିକ ଅବସ୍ଥା ଓ ସ୍ୱାଭାବିକ ଶକ୍ତି ରୂପେ ରହିଛନ୍ତି, ଯେପରିକି ଜ୍ଞାନର ଉଦ୍ରେକ ହେବା ପୂର୍ବରୁ ଶିଶୁଠାରେ ମଧ୍ୟ ଏହି ଗୁଣମାନ ବିଦ୍ୟମାନ ଥାଏ । ସୁତରାଂ ନୈତିକତା ଲାଗି ବୁଦ୍ଧିର ପ୍ରୟୋଗ ଏକାନ୍ତ ଅନିବାର୍ଯ୍ୟ । ଅଧିକନ୍ତୁ ଏହା ମଧ୍ୟ ସର୍ତ୍ତ ରହିଛି ଯେ ପ୍ରତ୍ୟେକ ସ୍ୱାଭାବିକ ଶକ୍ତି ଯେପରି ଯଥା ସ୍ଥାନ ଓ ଯଥା ସମୟରେ ବ୍ୟବହୃତ ହେଉ ।

ହିତ ସାଧନ ସମ୍ବନ୍ଧରେ ଆହୁରି ଅନେକ ଜରୁରୀ ଉପଦେଶମାନ ପବିତ୍ର କୁରଆନରେ ରହିଛି । ସେହି ଶିକ୍ଷାଗୁଡିକରେ ବିଶେଷ ରୂପେ ସ୍ଥାନ କାଳର ପ୍ରାସଙ୍ଗିକତା ପ୍ରତି ଧ୍ୟାନ ଆକର୍ଷଣ କରାଯାଇଅଛି । ସୁତରାଂ ଉଲ୍ଲେଖ ରହିଛି:

يَاَيُّهَا الَّذِيْنَ اٰمَنُوْٓا اَنْفِقُوْا مِنْ طَيِّبٰتِ مَا كَسَبْتُمْ ...... وَلَا
تَيَمَّمُوا الْخَبِيْثَ مِنْهُ (ଅଲ୍ ବକରା 2:268)

لَا تُبْطِلُوْا صَدَقٰتِكُمْ بِالْمَنِّ وَالْاَذٰى ۙ كَالَّذِىْ يُنْفِقُ مَالَهٗ رِئَآءَ النَّاسِ
(ଅଲ୍ ବକରା 2:265)

وَاَحْسِنُوْا ۛ اِنَّ اللّٰهَ يُحِبُّ الْمُحْسِنِيْنَ (ଅଲ୍ ବକରା 2:196)

اِنَّ الْاَبْرَارَ يَشْرَبُوْنَ مِنْ كَاْسٍ كَانَ مِزَاجُهَا كَافُوْرًا ۚ عَيْنًا
يَّشْرَبُ بِهَا عِبَادُ اللّٰهِ يُفَجِّرُوْنَهَا تَفْجِيْرًا (ଅଲ୍ ଦହର 76:6,7)

وَيُطْعِمُوْنَ الطَّعَامَ عَلٰى حُبِّهٖ مِسْكِيْنًا وَّيَتِيْمًا وَّاَسِيْرًا ۝ اِنَّمَا
نُطْعِمُكُمْ لِوَجْهِ اللّٰهِ لَا نُرِيْدُ مِنْكُمْ جَزَآءً وَّلَا شُكُوْرًا ۝
(ଅଲ୍ ଦହର 76:9,10)

وَاٰتَى الْمَالَ عَلٰى حُبِّهٖ ذَوِى الْقُرْبٰى وَالْيَتٰمٰى وَالْمَسٰكِيْنَ وَ
ابْنَ السَّبِيْلِ ۙ وَالسَّآئِلِيْنَ وَفِى الرِّقَابِ ۚ (ଅଲ୍ ବକରା 2:178)

اِذَآ اَنْفَقُوْا لَمْ يُسْرِفُوْا وَلَمْ يَقْتُرُوْا وَكَانَ بَيْنَ ذٰلِكَ قَوَامًا
(ଅଲ୍ ଫୁରକାନ୍ 25:68)

وَالَّذِيْنَ يَصِلُوْنَ مَآ اَمَرَ اللّٰهُ بِهٖٓ اَنْ يُّوْصَلَ وَيَخْشَوْنَ
رَبَّهُمْ وَيَخَافُوْنَ سُوْٓءَ الْحِسَابِ (ଅର୍ ରାଦ୍ 13:22)

وَفِيْٓ اَمْوَالِهِمْ حَقٌّ لِّلسَّآئِلِ وَالْمَحْرُوْمِ (ଅଲ୍ ଜାରିୟାତ୍ 51:20)

اَلَّذِيْنَ يُنْفِقُوْنَ فِي السَّرَّآءِ وَالضَّرَّآءِ (ଆଲେ ଇମ୍ରାନ୍ 3:135)

وَاَنْفَقُوْا مِمَّا رَزَقْنٰهُمْ سِرًّا وَّعَلَانِيَةً (ଅର୍ ରାଦ୍ 13:23)

لَنْ تَنَالُوا الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ (ଆଲେ ଇମ୍ରାନ୍ 3:93)

اِنَّمَا الصَّدَقٰتُ لِلْفُقَرَآءِ وَالْمَسٰكِيْنِ وَالْعٰمِلِيْنَ عَلَيْهَا
وَالْمُؤَلَّفَةِ قُلُوْبُهُمْ وَفِي الرِّقَابِ وَالْغٰرِمِيْنَ وَفِيْ سَبِيْلِ اللّٰهِ
وَابْنِ السَّبِيْلِ ؕ فَرِيْضَةً مِّنَ اللّٰهِ ؕ وَاللّٰهُ عَلِيْمٌ حَكِيْمٌ
(ଅତ୍ ତୌବା 9:60)

وَاٰتِ ذَا الْقُرْبٰى حَقَّهٗ وَالْمِسْكِيْنَ وَابْنَ السَّبِيْلِ وَلَا
تُبَذِّرْ تَبْذِيْرًا (ବନି ଇସ୍ରାଇଲ୍ 17:27)

وَّبِالْوَالِدَيْنِ اِحْسَانًا وَّبِذِى الْقُرْبٰى وَالْيَتٰمٰى وَالْمَسٰكِيْنِ وَ
الْجَارِ ذِى الْقُرْبٰى وَالْجَارِ الْجُنُبِ وَالصَّاحِبِ بِالْجَنْۢبِ وَ
ابْنِ السَّبِيْلِ ۙ وَمَا مَلَكَتْ اَيْمَانُكُمْ ؕ اِنَّ اللّٰهَ لَا يُحِبُّ مَنْ كَانَ
مُخْتَالًا فَخُوْرَا ۙ الَّذِيْنَ يَبْخَلُوْنَ وَ يَاْمُرُوْنَ النَّاسَ
بِالْبُخْلِ وَيَكْتُمُوْنَ مَآ اٰتٰهُمُ اللّٰهُ مِنْ فَضْلِهٖ ؕ (ଅନ୍ ନିସା 4:37,38)

ଅର୍ଥାତ 'ହେ ବିଶ୍ୱାସୀଗଣ! ତୁମେମାନେ ଲୋକମାନଙ୍କୁ ଉଦାରତା, ହିତ-ସାଧନ, ଅଥବା ଦାନ ସୂତ୍ରରେ ତୁମର ସେ ସମ୍ପତ୍ତିରୁ ଦିଅ ଯାହା ତୁମର ସତ୍ ଉପାର୍ଜିତ ଧନ ଅଟେ । ଅର୍ଥାତ ଯହିଁରେ ଚୋରୀ, ଲାଞ୍ଚ, ଅସାଧୁତା କିମ୍ବା ହଡ଼ପ ତଥା ଅତ୍ୟାଚାର ଦ୍ୱାରା ଅର୍ଜିତ ଧନର ମିଶ୍ରଣ ନାହିଁ । ଅସତ୍ ଧନ ଲୋକମାନଙ୍କୁ ଦେବାର ଇଚ୍ଛା ତୁମ ହୃଦୟକୁ ସ୍ପର୍ଶ ନ କରୁ । ପୁନଶ୍ଚ ନିଜର ଦାନ ଓ ଏଥି ସହିତ ନିଜ ଉଦାରତାକୁ ସ୍ୱ ଉପକାର ବୋଲି ସ୍ମରଣ କରାଇ ତଥା ଅନ୍ୟକୁ ଦୁଃଖକଷ୍ଟ ଦେଇ ନଷ୍ଟ କରିଦିଅ ନାହିଁ । ଅର୍ଥାତ ନିଜ ଅନୁଗୃହୀତକୁ କେବେ ମଧ୍ୟ ଏହା ଜଣାଇଦିଅ ନାହିଁ ଯେ ମୁଁ ତୁମକୁ ଏହା ଦେଇଥିଲି ଯଦ୍ୱାରା ତା ମନରେ କଷ୍ଟ ହେବ ଓ ଏଥିହେତୁ ତାକୁ ଦୁଃଖ

ଦିଅ ନାହିଁ । କାରଣ ଏହା ଦ୍ୱାରା ତୁମର ଉପକାର କରିବା ବୃଥା ଯିବ ଏବଂ ଏପରି ଉପାୟମାନ କର ନାହିଁ, ଯଦ୍ଦ୍ୱାରା ତୁମେ ନିଜ ଧନକୁ ଦେଖାଇବା ଉଦ୍ଦେଶ୍ୟରେ ବ୍ୟୟ କରିପାରିବ । ଈଶ୍ୱରଙ୍କ ସୃଷ୍ଟି ପ୍ରତି ହିତ ସାଧନ କର, କାରଣ ହିତକାରୀକୁ ଈଶ୍ୱର ବନ୍ଧୁ କରିଥାନ୍ତି । ଯେଉଁମାନେ ବାସ୍ତବରେ ପୁଣ୍ୟକାରୀ, ସେମାନଙ୍କୁ ଏପରି ମଦିରା ପାନ କରିବାକୁ ଦିଆଯିବ ଯହିଁରେ କର୍ପୂର ମିଶି ରହିଥିବ । ଅର୍ଥାତ ସାଂସାରିକ କାମନାଗ୍ନି, ଅବଶୋଷ ଓ ପାପ-ବାସନା ମାନ ସେମାନଙ୍କ ହୃଦୟରୁ ଦୂର କରି ଦିଆଯିବ । କର୍ପୂର ଶବ୍ଦ 'କଫର' ଶବ୍ଦରୁ ଉଦ୍‌ଭବ । ଆରବୀ ଅଭିଧାନରେ ଏହାର ଅର୍ଥ ହେଉଛି ଦମନ କରିବା ଓ ଘୋଡ଼ାଇବା । ଅର୍ଥାତ ସେମାନଙ୍କ ଅବୈଧ କାମନାଗୁଡ଼ିକୁ ପ୍ରଶମିତ କରାଯିବ, ସେମାନଙ୍କ ଅନ୍ତର ପବିତ୍ର ହୋଇଯିବ ଓ ଦିବ୍ୟ ଜ୍ଞାନର ଶୀତଳ ପରଶ ସେମାନଙ୍କୁ ସ୍ପର୍ଶ କରିବ ।

ପୁନଶ୍ଚ ଈଶ୍ୱର କହିଛନ୍ତି ଯେ ସେମାନେ ପରଲୋକରେ ସେହି ଝରଣାର ଜଳ ପାନ କରିବେ, ଯାହାକୁ ସେମାନେ ଆଜି ସ୍ୱହସ୍ତରେ ପ୍ରସ୍ତୁତ କରୁଛନ୍ତି । ବୈକୁଣ୍ଠର ରହସ୍ୟ ସମ୍ବନ୍ଧରେ ଏଠାରେ ଏକ ଗହନ ତତ୍ତ୍ୱର ଅବତାରଣା କରାଯାଇଛି । ଯିଏ ବୁଝିବାକୁ ଚାହୁଁଛି ସେ ବୁଝିନେଉ ।

ପ୍ରକୃତ ପୁଣ୍ୟବାନମାନଙ୍କର ଏହା ସ୍ୱଭାବ ଯେ କେବଳ ଈଶ୍ୱରଙ୍କ ପ୍ରେମ ହେତୁ, ଯେଉଁ ଖାଦ୍ୟ ସେମାନେ ନିଜେ ପସନ୍ଦ କରନ୍ତି ତାହାକୁ ହିଁ ଦରିଦ୍ର, ଅନାଥ ଓ ବନ୍ଦୀମାନଙ୍କୁ ଖୁଆଇ ଥାଆନ୍ତି । ଏବଂ କହନ୍ତି 'ଆମେ ତୁମ ପ୍ରତି କୌଣସି ଦୟା କରୁ ନାହୁଁ, ଈଶ୍ୱର ଆମ ପ୍ରତି ସନ୍ତୁଷ୍ଟ ହୁଅନ୍ତୁ, କେବଳ ସେଥି ସକାଶେ ଆମେ ଏହି କାର୍ଯ୍ୟ କରୁଛୁ ଓ ତାଙ୍କରି ସାନ୍ନିଧ୍ୟ ପାଇଁ ଆମର ତୁମ ପ୍ରତି ଏହି ସେବା । ଆମେ ତୁମଠାରୁ କୌଣସି ପ୍ରତିଦାନ ଚାହୁଁ ନାହୁଁ କି ଏହା ମଧ୍ୟ ଚାହୁଁ ନାହୁଁ ଯେ ତୁମେ ଏଥି ସକାଶେ ଆମର କୃତଜ୍ଞତା ଜ୍ଞାପନ କରି ବୁଲ । ସୁକର୍ମର ତୃତୀୟ ସୋପାନରେ ପୁଣ୍ୟବାନମାନେ କେବଳ ମାତ୍ର ସହାନୁଭୂତିର ଭାବନାରେ ଅନୁପ୍ରେରିତ ହୋଇ ଏତାଦୃଶ ପରୋପକାର କରିଥାନ୍ତି; ସେଥିପ୍ରତି ଏଠାରେ ଇଙ୍ଗିତ ରହିଛି । ଯେଉଁମାନେ ବାସ୍ତବିକ ପୁଣ୍ୟବାନ ସେମାନଙ୍କର ସ୍ୱଭାବ ଏପରି ଥାଏ ଯେ ସେମାନେ କେବଳ

ଈଶ୍ୱରଙ୍କ ସନ୍ତୋଷ ଲାଭ କରିବା ସକାଶେ ନିଜ ଅର୍ଥ ଦ୍ୱାରା ସ୍ୱଆତ୍ମୀୟମାନଙ୍କୁ ସାହାଯ୍ୟ କରନ୍ତି ତଥା ଏହି ଅର୍ଥରୁ ଅନାଥମାନଙ୍କ ଥଇଥାନ ଓ ସେମାନଙ୍କ ଭରଣ ପୋଷଣ ଏବଂ ଶିକ୍ଷାଦୀକ୍ଷା ଆଦିରେ ବ୍ୟୟ କରନ୍ତି; ଦରିଦ୍ରଙ୍କୁ ଦାରିଦ୍ର୍ୟ ଓ କ୍ଷୁଧାରୁ ରକ୍ଷା କରନ୍ତି । ପଥିକ ତଥା ସାହାଯ୍ୟ ଋହୁଁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରନ୍ତି । କ୍ରୀତଦାସମାନଙ୍କ ମୁକ୍ତି ନିମନ୍ତେ ଓ ଋଣଗ୍ରସ୍ତଙ୍କୁ ଋଣଭାରରୁ ମୁକୁଳାଇବା ପାଇଁ ମଧ୍ୟ ଏହି ଧନକୁ ବ୍ୟୟ କରନ୍ତି । ସେମାନେ ଖର୍ଚ୍ଚରେ ଅପବ୍ୟୟ କରନ୍ତି ନାହିଁ କିମ୍ବା କୃପଣତା ମଧ୍ୟ କରନ୍ତି ନାହିଁ ବରଂ ମଧ୍ୟମ ମାର୍ଗ ଅବଲମ୍ବନ କରନ୍ତି । ଯେଉଁ ସମ୍ପର୍କମାନଙ୍କୁ ସ୍ଥାପନ କରିବା ନିମନ୍ତେ ଆଦେଶ ଦିଆଯାଇଛି ସେହି ସମ୍ପର୍କକୁ ସ୍ଥାପନ କରନ୍ତି ଓ ଈଶ୍ୱରଙ୍କୁ ଭୟ କରନ୍ତି, ସେମାନଙ୍କ ସମ୍ପତ୍ତିରେ ଯାଚଞ୍ଚାକାରୀ ଓ ବାକ୍‌ଶକ୍ତିହୀନଙ୍କ ମଧ୍ୟ ଭାଗ ଥାଏ । ବାକ୍‌ଶକ୍ତିହୀନ ଅର୍ଥାତ କୁକୁର, ବିଲେଇ, ଚଢେଇ, ବଳଦ, ଗଧ, ଛେଳି ତଥା ଏହିପରି ଅନ୍ୟ ପଶୁପକ୍ଷୀମାନେ । ସେମାନେ ଦୁଃଖକଷ୍ଟ, ଅଭାବ ଅନଟନରେ ଓ ଦୁର୍ଭିକ୍ଷ ପଡ଼ିଥିବା ଦିନମାନଙ୍କରେ ଦାନ ପ୍ରତି ସଂକୀର୍ଣ୍ଣମନା ହୁଅନ୍ତି ନାହିଁ । ବରଂ ଅଭାବରେ ଥିଲେ ମଧ୍ୟ ନିଜ ସାମର୍ଥ୍ୟ ଅନୁଯାୟୀ ଦାନ କରୁଥାନ୍ତି । କେତେବେଳେ ଗୋପନରେ ଦାନ କରନ୍ତି ତ କେତେବେଳେ ପ୍ରକାଶ୍ୟରେ । ଗୋପନରେ ଏଥିପାଇଁ ଯେ ଲୋକ ଦେଖାଣିଆ ଭାବରୁ ରକ୍ଷା ପାଇବେ ଓ ପ୍ରକାଶ୍ୟରେ ଏଥିପାଇଁ ଯେ ଅନ୍ୟମାନଙ୍କୁ ପ୍ରେରଣା ଦେବେ । ଦାନପୁଣ୍ୟ ଆଦି ସୂତ୍ରେ ଯେଉଁ ଧନ ଆବଣ୍ଟନ କରାଯାଏ, ସେଥିରେ ଏଥିପ୍ରତି ଧ୍ୟାନ ରହିବା ଉଚିତ ଯେ ଯେତେ ଅସହାୟ ଓ ଦୀନ ଦରିଦ୍ର ଅଛନ୍ତି, ପ୍ରଥମେ ସେମାନଙ୍କୁ ଯେପରି ଦିଆଯାଉ । ଅବଶ୍ୟ ଯେଉଁମାନେ ଦାନ ସମ୍ପତ୍ତିର ସଂଗ୍ରହ, ସଂରକ୍ଷଣ ଅଥବା ଆବଣ୍ଟନ ଆଦି କାର୍ଯ୍ୟରେ ନିଯୁକ୍ତ ଥାଆନ୍ତି, ସେମାନଙ୍କୁ ଦାନ ପାଇଁ ଉଦ୍ଦିଷ୍ଟ ସମ୍ପତ୍ତିରୁ କିୟଦଂଶ ପାରିଶ୍ରମିକ ସ୍ୱରୂପ ଦିଆଯାଇ ପାରେ । ପୁନଶ୍ଚ କାହାରିକୁ ଅସତ୍ କର୍ମରୁ ନିବୃତ୍ତ କରିବା ଲାଗି ମଧ୍ୟ ଏହି ସମ୍ପତ୍ତିରୁ ଖର୍ଚ୍ଚ କରାଯାଇ ପାରେ । ସେହିପରି ଏହି ଧନ କ୍ରୀତଦାସମାନଙ୍କୁ ମୁକ୍ତ କରିବା ପାଇଁ, ଅସହାୟ, ଋଣଗ୍ରସ୍ତ ଓ ବିପଦଗ୍ରସ୍ତ ବ୍ୟକ୍ତିମାନଙ୍କ ସାହାଯ୍ୟାର୍ଥେ ତଥା ଏପରି ଅନ୍ୟସବୁ ମାର୍ଗରେ ଯାହା କେବଳ ମାତ୍ର ଈଶ୍ୱରଙ୍କ ସକାଶେ ହୋଇଥିବ,

ବିନିଯୋଗ କରାଯିବ । ତୁମେ ପ୍ରକୃତ ପୁଣ୍ୟର ଅଧିକାରୀ କଦାଚିତ୍ ହୋଇପାରିବ ନାହିଁ, ଯେଉଁ ପର୍ଯ୍ୟନ୍ତ ତୁମେମାନେ ମାନବଜାତିର ସହାନୁଭୂତିରେ ସେହି ଧନ ବ୍ୟୟ କରି ନାହଁ, ଯେଉଁ ଧନ ତୁମର  ଅତିପ୍ରିୟ । ଗରିବମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦିଅ । ଅଭାବଗ୍ରସ୍ତଙ୍କୁ ଦିଅ ଓ ପଥିକଙ୍କ ସେବା କର । ବଦ୍‌ଖର୍ଚ୍ଚରୁ ନିଜକୁ ରକ୍ଷା କର ଅର୍ଥାତ ବିବାହ ଆଦି ଅନୁଷ୍ଠାନରେ, ନାନାଦି ଭୋଗ ବିଳାସ ପୂର୍ଣ୍ଣ ବ୍ୟୟବହୁଳ ସ୍ଥାନମାନଙ୍କରେ ଓ ସନ୍ତାନ ଜନ୍ମ ଅବସରରେ ଯେଉଁଭଳି ଭାବେ ଧନର ଅପଚୟ କରାଯାଏ, ସେଥିରୁ ନିଜକୁ ରକ୍ଷା କର । ତୁମେ ପିତାମାତାଙ୍କ ପ୍ରତି ଉତ୍ତମ ବ୍ୟବହାର କର । ନିକଟ ସମ୍ପର୍କୀୟ ମାନଙ୍କ ପ୍ରତି, ଅନାଥମାନଙ୍କ ପ୍ରତି, ଦରିଦ୍ରମାନଙ୍କ ପ୍ରତି, ପରିଚିତ ଓ ଅପରିଚିତ ପଡ଼ୋଶୀମାନଙ୍କ ପ୍ରତି ଏବଂ ପଥିକମାନଙ୍କ ପ୍ରତି, ତୁମର ଭୃତ୍ୟ ଓ ଦାସମାନଙ୍କ ପ୍ରତି, ତୁମର ଘୋଡ଼ା, ଛେଳି ଓ ଗୋରୁଗାଈ ଆଦି ଗୃହପାଳିତ ପଶୁ ତଥା ଅନ୍ୟାନ୍ୟ ପଶୁମାନଙ୍କ ପ୍ରତି ଯେଉଁମାନେ ତୁମ ଅଧୀନରେ ରହିଛନ୍ତି, ସେ ସମସ୍ତଙ୍କ ପ୍ରତି ଉତ୍ତମ ବ୍ୟବହାର କର, କାରଣ ତୁମର ଈଶ୍ୱର ଏହିପରି ଆଚରଣକୁ ହିଁ ଭଲପାଆନ୍ତି । ସେ ବେପରବାୟ ଓ ସ୍ୱାର୍ଥବାଦୀ ଲୋକମାନଙ୍କୁ ଭଲ ପାଆନ୍ତି ନାହିଁ, ସେ ସେମାନଙ୍କୁ ଚାହାନ୍ତି ନାହିଁ ଯେଉଁମାନେ କୃପଣ ତଥା ଅନ୍ୟମାନଙ୍କୁ କୃପଣତାର ଶିକ୍ଷା ଦିଅନ୍ତି ଏବଂ ନିଜ ସମ୍ପତ୍ତିକୁ ଲୁଚାଇ ରଖନ୍ତି । ଅର୍ଥାତ ଅସହାୟ ଲୋକଙ୍କୁ କହନ୍ତି, 'ଆମ ନିକଟରେ କିଛି ନାହିଁ'

## ପ୍ରକୃତ ସାହସିକତା

ମନୁଷ୍ୟର ସ୍ୱାଭାବିକ ଅବସ୍ଥାମାନଙ୍କ ମଧ୍ୟରେ ସାହସିକତା ସହ ସାମଞ୍ଜସ୍ୟ ଥିବା ଅବସ୍ଥାଟିଏ ରହିଛି । ଉଦାହରଣ ସ୍ୱରୂପ ସ୍ତନ୍ୟପାନ କରୁଥିବା ଶିଶୁ ମଧ୍ୟ ଏହି ସ୍ୱାଭାବିକ ଶକ୍ତି ଯୋଗୁଁ ବେଳେବେଳେ ନିଆଁରେ ହାତ ପୁରାଇବାକୁ ଲାଗେ । କାରଣ ମାନବ ଶିଶୁର ସ୍ୱଭାବ ଏପରି ଯେ ସେ ମନୁଷ୍ୟର ଶ୍ରେଷ୍ଠତା ପ୍ରତି ଭୀତି ସୃଷ୍ଟି କରୁଥିବା ପ୍ରତିଟି ଦୃଷ୍ଟାନ୍ତକୁ ନ ଦେଖିବା ପର୍ଯ୍ୟନ୍ତ ସେଗୁଡ଼ିକୁ ଭୟ କରେ ନାହିଁ । ଏପରି  ଅବସ୍ଥାରେ ମନୁଷ୍ୟ ଅତ୍ୟନ୍ତ ନିର୍ଭୀକ ଭାବେ ବ୍ୟାଘ୍ର ଓ ଅନ୍ୟ ହିଂସ୍ର ବନ୍ୟ ଜନ୍ତୁଙ୍କର ମଧ୍ୟ ମୁକାବିଲା କରିଥାଏ ଏବଂ ଏକାକୀ ଅନେକ ଲୋକଙ୍କ

ସହିତ ଲଢ଼ିବା ପାଇଁ ବାହାରି ପଡ଼େ ଏବଂ ଲୋକମାନେ ତାକୁ ଅତି ବାହାଦୂର ବୋଲି ଭାବନ୍ତି । କିନ୍ତୁ ଏହା କେବଳ ଏକ ସ୍ୱାଭାବିକ ଅବସ୍ଥା, ଯାହାକି ହିଂସ୍ର ଜନ୍ତୁଙ୍କ ଠାରେ ମଧ୍ୟ ଜନ୍ମ ନେଇଥାଏ । ଏପରିକି କୁକୁର ଠାରେ ମଧ୍ୟ ଏହି ଗୁଣ ଦେଖିବାକୁ ମିଳେ । ଅପରପକ୍ଷେ ବାସ୍ତବ ସାହସିକତା, ଯାହା ସ୍ଥାନ କାଳ ସହିତ ଏକାନ୍ତ ରୂପେ ସମ୍ପୃକ୍ତ ଓ ଯାହା ଉନ୍ନତ ନୈତିକ ଗୁଣମାନଙ୍କ ମଧ୍ୟରୁ ଏକ ଗୁଣ ରୂପେ ବିବେଚିତ, ତାହା ସେହି ସ୍ଥାନ କାଳ ବିଶିଷ୍ଟ କର୍ମଗୁଡ଼ିକର ନାମ । ଏହାର ଉଲ୍ଲେଖ ପରମେଶ୍ୱରଙ୍କ ପବିତ୍ର ଗ୍ରନ୍ଥରେ ଏହିପରି ରହିଛି:

وَالصّٰبِرِيْنَ فِى الْبَاْسَآءِ وَالضَّرَّآءِ وَحِيْنَ الْبَاْسِ (ଅଲ୍ ବକରା 2:178)

وَالَّذِيْنَ صَبَرُوا ابْتِغَآءَ وَجْهِ رَبِّهِمْ (ଅର୍ ରାଦ୍ 13:23)

اَلَّذِيْنَ قَالَ لَهُمُ النَّاسُ اِنَّ النَّاسَ قَدْ جَمَعُوْا لَكُمْ فَاخْشَوْهُمْ
فَزَادَهُمْ اِيْمَانًا ۖ وَّقَالُوْا حَسْبُنَا اللّٰهُ وَنِعْمَ الْوَكِيْلُ (ଆଲେ ଇମ୍ରାନ୍ 3:174)

وَلَا تَكُوْنُوْا كَالَّذِيْنَ خَرَجُوْا مِنْ دِيَارِهِمْ بَطَرًا وَّرِئَآءَ النَّاسِ
(ଅଲ୍ ଅନଫାଲ୍ 8:48)

ଅର୍ଥାତ ସେହିମାନେ ସାହସୀ, ଯେଉଁମାନେ ଯୁଦ୍ଧର ସମୟ ଆସନ୍ନ ହେଲେ ଅଥବା ସେମାନଙ୍କ ଉପରେ କୌଣସି ବିପଦ ଆସି ପଡ଼ିଲେ ପଳାୟନ କରନ୍ତି ନାହିଁ । ଯୁଦ୍ଧ ଓ ବିପଦ ସମୟରେ ସେମାନଙ୍କ ଧୈର୍ଯ୍ୟଧାରଣ ଈଶ୍ୱରଙ୍କ ପ୍ରସନ୍ନତା ଲାଭ ସକାଶେ ହୋଇଥାଏ । ସେମାନେ ନିଜ ବୀରତ୍ୱର ପ୍ରଦର୍ଶନ ଚାହାନ୍ତି  ନାହିଁ ବରଂ ତାଙ୍କ ଶ୍ରୀମୁଖ ପ୍ରାପ୍ତି ଚାହୁଁଥାନ୍ତି । ସେମାନଙ୍କୁ ଭୟଭୀତ କରାଯାଏ ଯେ ତୁମମାନଙ୍କୁ ଶାସ୍ତି ଦେବା ପାଇଁ ଲୋକମାନେ ଏକମତ ହୋଇ ସାରିଲେଣି । ସୁତରାଂ ତୁମେ ଲୋକମାନଙ୍କୁ ଭୟକର । କିନ୍ତୁ ଏପରି ଡ଼ରାଇବା ଦ୍ୱାରା ବରଂ ସେମାନଙ୍କ ବିଶ୍ୱାସରେ ଅଭିବୃଦ୍ଧି ଘଟେ ଏବଂ ସେମାନେ କହନ୍ତି, 'ଈଶ୍ୱର ଆମ ପାଇଁ ଯଥେଷ୍ଟ ।' ଅର୍ଥାତ ସେମାନଙ୍କ ସାହସିକତା ଶ୍ୱାନ ତଥା ଅନ୍ୟ ହିଂସ୍ର ପ୍ରାଣୀମାନଙ୍କ ଭଳି ହୋଇ ନଥାଏ, ଯାହା କେବଳ ସ୍ୱାଭାବିକ ଆବେଗ ଉପରେ ପର୍ଯ୍ୟବସିତ

ଥାଏ ଓ ଗୋଟିଏ ଦିଗକୁ ଢ଼ଳି ରହିଥାଏ । ବରଂ ସେମାନଙ୍କ ସାହସିକତାର ଦୁଇଟି ଦିଗ ରହିଥାଏ । କେତେବେଳେ ସେମାନେ ସ୍ୱ ଆଭ୍ୟନ୍ତରୀଣ ସାହସ ଦ୍ୱାରା ନିଜ ଆତ୍ମନ୍ ସ୍ଥିତ ଇଚ୍ଛାଗୁଡ଼ିକର ମୁକାବିଲା କରନ୍ତି ଓ ସେଗୁଡ଼ିକ ଉପରେ ବିଜୟ ପ୍ରାପ୍ତ କରନ୍ତି ତ ଆଉ କେତେବେଳେ ଯଦି ଦେଖନ୍ତି ଯେ, ଶତ୍ରୁ ସହିତ ଯୁଦ୍ଧ କରିବା ଏଠାରେ ଯଥାର୍ଥ, ତେବେ କୌଣସି ଆବେଗର ବଶବର୍ତ୍ତୀ ନ ହୋଇ ବରଂ ସତ୍ୟର ସମର୍ଥନ ଲାଗି ସେମାନେ ଶତ୍ରୁ ସହିତ ମୁକାବିଲା କରନ୍ତି । ନିଜର ଶକ୍ତି ଉପରେ ଭରସା ନ କରି ବରଂ ଈଶ୍ୱରଙ୍କ ଉପରେ ଭରସା କରି ସେମାନେ ନିଜ ବୀରତ୍ୱ ପ୍ରଦର୍ଶନ କରିଥାଆନ୍ତି । ତାଙ୍କର ଏହି ସାହସିକତାରେ ଲେଶମାତ୍ର କୃତ୍ରିମତା ନ ଥାଏ କି ଆତ୍ମବଡ଼ିମା ନ ଥାଏ କିମ୍ବା ଅହଂର ଅନୁସରଣ କରିବାର ଭାବ ନଥାଏ । ବରଂ ଈଶ୍ୱରଙ୍କ ପ୍ରସନ୍ନତା ଲାଭ ହିଁ ସେମାନଙ୍କର ପ୍ରାଥମିକ ଉଦ୍ଦେଶ୍ୟ ଥାଏ ।

ଏହି ଆୟତଗୁଡ଼ିକରେ ଏକଥା ଦର୍ଶାଯାଇଛି ଯେ ବାସ୍ତବ ସାହସିକତାର ମୂଳ ହେଉଛି ଧୈର୍ଯ୍ୟ ଓ ଦୃଢତା । ଯେତେବେଳେ ପ୍ରତିଟି ଇନ୍ଦ୍ରୀୟ-କାମନା ଅଥବା ବିପଦ, ଶତୃ ସଦୃଶ ମନୁଷ୍ୟକୁ ଆକ୍ରମଣ କରନ୍ତି, ସେତେବେଳେ ସେଗୁଡ଼ିକ ସମକ୍ଷରେ ଅବିଚଳିତ ରହିବା ଓ ଭୀରୁ ପରି ପଳାୟନ ନ କରିବା, ଏହା ହିଁ ହେଉଛି ସାହସିକତା । ସୁତରାଂ ମାନବୀୟ ସାହସିକତା ଏବଂ ଏକ ହିଂସ୍ର ପଶୁର ସାହସିକତା ମଧ୍ୟରେ ବହୁ ଅନ୍ତର ରହିଛି । ହିଂସ୍ର ପଶୁର ସାହସିକତା ଏକ ପକ୍ଷୀୟ । ତାହା ଆବେଗ ଓ କ୍ରୋଧ ଦ୍ୱାରା କ୍ରିୟାଶୀଳ ହୁଏ । କିନ୍ତୁ ମନୁଷ୍ୟ, ଯାହା ମଧ୍ୟରେ କି ବାସ୍ତବ ସାହସିକତା ନିହିତ ରହିଛି, ସେ ଆକ୍ରମଣ ଓ ଅନାକ୍ରମଣ, ଏଥି ମଧ୍ୟରୁ ଯେଉଁଟି ଯୁକ୍ତି ସଙ୍ଗତ ତାହାକୁ ହିଁ କାର୍ଯ୍ୟକାରୀ କରିଥାଏ ।

## ସତ୍ୟବାଦୀତା

ମନୁଷ୍ୟର ସ୍ୱାଭାବିକ ଅବସ୍ଥାଗୁଡ଼ିକ ମଧ୍ୟରୁ ଯେଉଁଟି ତା' ସ୍ୱଭାବର ବିଶେଷତ୍ୱ ତାହା ହେଉଛି ସତ୍ୟବାଦିତା । ଯେପର୍ଯ୍ୟନ୍ତ କୌଣସି ନିଜସ୍ୱ ଉଦ୍ଦେଶ୍ୟ ସାଧନର ଅଭିପ୍ରାୟ ନଥାଏ, ମନୁଷ୍ୟ ମିଥ୍ୟା କହିବାକୁ ଋହେ ନାହିଁ । ମିଥ୍ୟାର ଅବଲମ୍ବନରେ ସେ ତା' ହୃଦୟରେ ଏକ ପ୍ରକାରର ଘୃଣା ଓ ଅସ୍ୱସ୍ତି ଅନୁଭବ କରେ ।

ଏଥିଯୋଗୁଁ ଯେଉଁ ବ୍ୟକ୍ତିର ସ୍ପଷ୍ଟ ମିଛ ପ୍ରମାଣିତ ହୋଇଯାଏ, ସେ ତା' ପ୍ରତି ଅପ୍ରସନ୍ନ ହୁଏ ଏବଂ ତାକୁ ହୀନ ଦୃଷ୍ଟିରେ ଦେଖେ । କିନ୍ତୁ କେବଳ ଏହି ସ୍ୱାଭାବିକ ଅବସ୍ଥା ଚରିତ୍ର ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବ ନାହିଁ । କାରଣ ଶିଶୁ ଓ ପାଗଳମାନେ ମଧ୍ୟ ଏହାର ଅନୁବର୍ତ୍ତୀ ହୋଇପାରିବେ । ସୁତରାଂ ଅସଲ କଥା ହେଉଛି, ଯେପର୍ଯ୍ୟନ୍ତ ମନୁଷ୍ୟ ସେହି ସ୍ୱାର୍ଥପର ଉଦ୍ଦେଶ୍ୟମାନଙ୍କରୁ ବିଚ୍ଛିନ୍ନ ନ ହୋଇଛି, ଯେଉଁଗୁଡ଼ିକ ତାକୁ ସତକଥା କହିବାକୁ ବାଧା ଦିଅନ୍ତି, ସେପର୍ଯ୍ୟନ୍ତ ସେ ବାସ୍ତବ ରୂପେ ସତ୍ୟବାଦୀ ହୋଇପାରିବ ନାହିଁ, କାରଣ ଯଦି ମନୁଷ୍ୟ କେବଳ ଏଭଳି କଥାମାନରେ ସତ କୁହେ ଯହିଁରେ ତା'ର କିଛି କ୍ଷତି ହେବାର ନାହିଁ ଏବଂ ନିଜ ସମ୍ମାନ କିମ୍ବା ଧନସମ୍ପତ୍ତି କିମ୍ବା ଜୀବନ ପ୍ରତି ଆଞ୍ଚ୍ ଆସୁଥିବାର ଦେଖି ସେ ମିଛ କହିବାକୁ ଲାଗେ ଏବଂ ସତ କହିବାରୁ ବିରତ ରୁହେ, ତେବେ ତାକୁ ପାଗଳ ଓ ଶିଶୁମାନଙ୍କ ଠାରୁ କେଉଁ ରୂପେ ଶ୍ରେଷ୍ଠତ୍ୱ ଉପଲବ୍ଧ ହେବ ? କ'ଣ ପାଗଳ ଓ କିଶୋର ବୟସର ବାଳକମାନେ ମଧ୍ୟ ଏପ୍ରକାରର ସତ କୁହନ୍ତି ନାହିଁ ? ଦୁନିଆରେ ଏପରି କେହି ବି ନଥିବ, ଯେକି କୌଣସି ପ୍ରବର୍ତ୍ତନା ନ ଥାଇ ଅକାରଣରେ ମିଛ କହୁଥିବ । ସୁତରାଂ ଏଭଳି ସତ ଯାହା କୌଣସି କ୍ଷତି ଘଟୁଥିବା ସମୟରେ ପରିତ୍ୟାଗ କରାଯାଏ, ପ୍ରକୃତ ଚରିତ୍ର ମଧ୍ୟରେ କଦାପି ଅନ୍ତର୍ଭୁକ୍ତ ହେବ ନାହିଁ । ସତ କହିବାର ଅତି ମହତ୍ତ୍ୱପୂର୍ଣ୍ଣ ସ୍ଥାନ, କାଳ ସେଇଟି ଯେଉଁଠାରେ ନିଜ ଜୀବନ କିମ୍ବା ସମ୍ପତ୍ତି ଅଥବା ସମ୍ମାନ ପ୍ରତି ଆଞ୍ଚ୍ ଆସିବାର ଭୟ ରହିଥିବ । ଏ ସମ୍ବନ୍ଧରେ ଈଶ୍ୱରଙ୍କର ଏହି ଶିକ୍ଷା ରହିଛି:

فَاجْتَنِبُوا الرِّجْسَ مِنَ الْاَوْثَانِ وَاجْتَنِبُوْا قَوْلَ الزُّوْرِ (ଅଲ୍ ହଜ୍ 22:31)

وَلَا يَاْبَ الشُّهَدَآءُ اِذَا مَا دُعُوْا (ଅଲ୍ ବକରା 2:283)

وَلَا تَكْتُمُوا الشَّهَادَةَ ۚ وَمَنْ يَّكْتُمْهَا فَاِنَّهٗۤ اٰثِمٌ قَلْبُهٗ (ଅଲ୍ ବକରା 2:284)

وَاِذَا قُلْتُمْ فَاعْدِلُوْا وَلَوْ كَانَ ذَا قُرْبٰى (ଅଲ୍ ଅନଆମ୍ 6:153)

كُوْنُوْا قَوّٰمِيْنَ بِالْقِسْطِ شُهَدَآءَ لِلّٰهِ وَلَوْ عَلٰۤى اَنْفُسِكُمْ
اَوِ الْوَالِدَيْنِ وَالْاَقْرَبِيْنَ ۚ (ଅନ୍ ନିସା 4:136)

(ଅଲ୍ ମାଇଦା 5:9) وَلَا يَجْرِمَنَّكُمْ شَنَاٰنُ قَوْمٍ عَلٰٓى اَلَّا تَعْدِلُوْا

(ଅଲ୍ ଅହଜାବ୍ 33:36) وَالصّٰدِقِيْنَ وَالصّٰدِقٰتِ

(ଅଲ୍ ଅସର୍ 103:4) وَتَوَاصَوْا بِالْحَقِّ ۙ وَتَوَاصَوْا بِالصَّبْرِ ○

(ଅଲ୍ ଫୁରକାନ୍ 25:73) لَا يَشْهَدُوْنَ الزُّوْرَ ○

ଅର୍ଥାତ 'ପ୍ରତିମା ପୂଜା ଓ ମିଥ୍ୟା କହିବାରୁ ଦୂରେଇ ରୁହ । ମିଥ୍ୟା ମଧ୍ୟ ଏକ ପ୍ରତିମା; ଯେଉଁ ବ୍ୟକ୍ତି ତା'ଉପରେ ଆସ୍ଥା ରଖେ ସେ ଈଶ୍ୱରଙ୍କ ଉପରୁ ଆସ୍ଥା ଛାଡ଼ି ଦିଏ । ସୁତରାଂ ମିଥ୍ୟା କହିବା ଦ୍ୱାରା ଈଶ୍ୱରଙ୍କୁ ମଧ୍ୟ ହରାଇବାକୁ ପଡ଼େ । ପୁନଶ୍ଚ ଈଶ୍ୱର କହିଛନ୍ତି ଯେ ଯେତେବେଳେ ତୁମକୁ ସତ୍ୟ ସାକ୍ଷ୍ୟ ଦେବା ପାଇଁ ଡ଼କାଯାଏ, ତୁମେ ଯିବାକୁ ମନା କର ନାହିଁ ଓ ସତ ସାକ୍ଷ୍ୟକୁ ଲୁଚାଅ ନାହିଁ । ଯେଉଁ ବ୍ୟକ୍ତି ଏହାକୁ ଲୁଚାଏ, ନିଶ୍ଚିତ ଭାବେ ତା'ର ହୃଦୟ ପାପଭରା । ଯେତେବେଳେ ତୁମେ କିଛି କୁହ, ସେ ତୁମର ନିକଟ ସମ୍ପର୍କୀୟ ହୋଇଥିଲେ ମଧ୍ୟ କେବଳ ସେହି କଥା ହିଁ ତୁମ ତୁଣ୍ଡରୁ ବାହାରୁ, ଯାହା ସମ୍ପୂର୍ଣ୍ଣ ଭାବେ ସତ୍ୟ ଓ ନ୍ୟାୟପୂର୍ଣ୍ଣ । ତୁମେମାନେ ସତ୍ୟ ଓ ନ୍ୟାୟ ଉପରେ ପ୍ରତିଷ୍ଠିତ ରୁହ । ଏବଂ ଏହା ବାଞ୍ଛନୀୟ ଯେ ତୁମର ପ୍ରତ୍ୟେକ ସାକ୍ଷ୍ୟ ଈଶ୍ୱରଙ୍କ ନିମନ୍ତେ ହେଉ । ମିଛ କୁହ ନାହିଁ, ଯଦିଚ ସତ କହିବା ଦ୍ୱାରା ତୁମ ଜୀବନକୁ ଅବା ତୁମମାନଙ୍କ ପିତାମାତାଙ୍କୁ କିମ୍ବା ଆତ୍ମୀୟ ସ୍ୱଜନ ଯଥା ସନ୍ତାନସନ୍ତତି ଆଦିଙ୍କୁ କ୍ଷତି ପହଞ୍ଚୁଥାଏ ।

କୌଣସି ଜାତି ପ୍ରତି ତୁମର ଶତ୍ରୁତା ତୁମକୁ ସତ୍ୟ ସାକ୍ଷ୍ୟ ପ୍ରଦାନରୁ ବିରତ ନ କରୁ । ସତ୍ୟବାଦୀ ପୁରୁଷ ଏବଂ ସତ୍ୟବାଦିନୀ ନାରୀ ବଡ଼ ବଡ଼ ପ୍ରତିଫଳ ପାଇବେ । ସେମାନଙ୍କର ଏହା ସ୍ୱଭାବ ଯେ ସେମାନେ ଅନ୍ୟମାନଙ୍କୁ ସତ୍ୟ ଉପରେ ପ୍ରତିଷ୍ଠିତ ରହିବା ପାଇଁ ଉପଦେଶ ଦିଅନ୍ତି ତଥା ମିଥ୍ୟାବାଦୀଙ୍କ ସଙ୍ଗତରେ ବସନ୍ତି ନାହିଁ ।

## ଧୈର୍ଯ୍ୟ

ମନୁଷ୍ୟର ସ୍ୱାଭାବିକ ଗୁଣମାନଙ୍କ ମଧ୍ୟରୁ ଗୋଟିଏ ହେଉଛି ଧୈର୍ଯ୍ୟ,ଯେଉଁଟି ତାକୁ ସେହି ବିପତ୍ତି, ରୋଗ ବୈରାଗ ଓ ଦୁଃଖକଷ୍ଟ ଆଦି ବେଳେ ଧାରଣ କରିବାକୁ ପଡ଼େ, ଯାହା ତା'ଉପରେ ନିତ୍ୟ ଆସି ପଡୁଥାଏ । ମନୁଷ୍ୟ ବହୁ ବିଳାପ ଓ କନ୍ଦାକଟା କରିବା ପରେ ଆପେ ଧୈର୍ଯ୍ୟ ଧାରଣ କରେ । କିନ୍ତୁ ଜାଣିବା ଉଚିତ ଯେ ଈଶ୍ୱରଙ୍କ

ପବିତ୍ର ଗ୍ରନ୍ଥ ଅନୁଯାୟୀ ଏପରି ଧୈର୍ଯ୍ୟ ନୈତିକତା ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ । ବରଂ ଏହା ଏପରି ଏକ ଅବସ୍ଥା ଯାହା କ୍ଲାନ୍ତ ହୋଇଯିବା ପରେ ଆପେ ପ୍ରକାଶ ପାଏ । ଅର୍ଥାତ ମନୁଷ୍ୟର ସ୍ୱାଭାବିକ ଅବସ୍ଥାଗୁଡ଼ିକ ମଧ୍ୟରୁ ଏହା ମଧ୍ୟ ଏକ ଅବସ୍ଥା ଯେ ବିପତ୍ତି ପଡ଼ିବା ସମୟରେ ସେ ପ୍ରଥମେ ପ୍ରଥମେ କାନ୍ଦେ, ବିଳାପ କରେ ଓ ମୁଣ୍ଡ ପିଟେ । ପରିଶେଷରେ ବହୁ କୋହ ନିଷ୍କ୍ରାନ୍ତ କରି ଆବେଗ ଥମିଯାଏ ଓ ଏକ ଚରମ ଅବସ୍ଥାକୁ ପହଞ୍ଚି ତାକୁ ଅଗତ୍ୟା ପ୍ରତ୍ୟାବର୍ତ୍ତନ କରିବାକୁ ପଡ଼େ ।

ସୁତରାଂ ଏହି ଦୁଇଟିଯାକ ଅବସ୍ଥା ହେଉଛି ସ୍ୱାଭାବିକ ଅବସ୍ଥା । ଏଗୁଡ଼ିକର ନୈତିକତା ସହିତ କୌଣସି ସମ୍ପର୍କ ନାହିଁ । ବରଂ ଏପରି ପରିସ୍ଥିତିରେ ପ୍ରକୃତ ନୈତିକତା ହେଉଛି ଯଦି ଜଣେ କିଛି ହରାଇ ବସେ ସେତେବେଳେ ସେ ତାହାକୁ (ହରାଇ ଥିବା ବସ୍ତୁକୁ) ଈଶ୍ୱରଙ୍କ ଅମାନତ ମନେକରି କୌଣସି ଅଭିଯୋଗ କରେ ନାହିଁ । ବରଂ ଏହା ହିଁ କହେ ଯେ ତାହା ଈଶ୍ୱରଙ୍କର ଥିଲା ଓ ଈଶ୍ୱର ତାକୁ ଫେରାଇ ନେଲେ ଏବଂ ତାଙ୍କର ଯାହା ଇଚ୍ଛା ସେଥିରେ ଆମେ ରାଜି । ଏହି ନୈତିକ ଗୁଣ ସମ୍ବନ୍ଧରେ ଈଶ୍ୱରଙ୍କ ପବିତ୍ର ବାଣୀ କୁରଆନ ଆମକୁ ଏହି ଶିକ୍ଷା ଦିଏ:

وَلَنَبْلُوَنَّكُمْ بِشَيْءٍ مِّنَ الْخَوْفِ وَالْجُوعِ وَنَقْصٍ مِّنَ الْأَمْوَالِ
وَالْأَنْفُسِ وَالثَّمَرٰتِ ۗ وَبَشِّرِ الصّٰبِرِيْنَ ۝ الَّذِيْنَ إِذَا أَصَابَتْهُمْ
مُّصِيْبَةٌ ۙ قَالُوْا إِنَّا لِلّٰهِ وَإِنَّا إِلَيْهِ رٰجِعُوْنَ ۝ أُولٰٓئِكَ عَلَيْهِمْ صَلَوٰتٌ
مِّنْ رَّبِّهِمْ وَرَحْمَةٌ ۟ وَأُولٰٓئِكَ هُمُ الْمُهْتَدُوْنَ ۝ (ଅଲ୍ ବକରା 2:156,157)

ଅର୍ଥାତ 'ହେ ବିଶ୍ୱାସକାରୀମାନେ ! ଆମେ ତୁମର ଏହି ମତେ ପରୀକ୍ଷା ନେଉଥିବୁ ଯେ କେତେବେଳେ ଭୟଙ୍କର ଅବସ୍ଥା ତୁମକୁ ଘେରିବ ତ କେତେବେଳେ ଦାରିଦ୍ର୍ୟ ଓ କ୍ଷୁଧା ତୁମର ସାଥୀ ହେବ । କେତେବେଳେ ତୁମର ଅର୍ଥହାନୀ ଘଟିବ ତ ପୁଣି କେତେବେଳେ ତୁମ ଜୀବନ ପ୍ରତି ବିପଦ ଆସିବ । କେତେବେଳେ ନିଜ ପ୍ରୟାସରେ ତୁମେ ବିଫଳ ହେବ ଏବଂ ତୁମ ଚେଷ୍ଟାର ଆଶାନୁରୂପ ଫଳ ପାଇବ ନାହିଁ ଏବଂ କେତେବେଳେ ତୁମ ପ୍ରିୟ ସନ୍ତାନର ମୃତ୍ୟୁ ଘଟିବ । ସୁତରାଂ ସେମାନଙ୍କ ପ୍ରତି ସୁସମ୍ବାଦ ଦିଆଯାଉଛି ଯେ ଯେତେବେଳେ ସେମାନଙ୍କ ଉପରେ କୌଣସି

ବିପତ୍ତି ପଡ଼େ, ସେମାନେ କହନ୍ତି 'ଆମେମାନେ ଅଲ୍ଲାଃଙ୍କର ଅଟୁଁ, ଏବଂ ତାଙ୍କରି ଅମାନତ୍ ଓ ତାଙ୍କର ଦାସ ଅଟୁଁ ।' ସୁତରାଂ ନ୍ୟାୟ ହେଉଛି ଏହି ଯେ, ଯେଉଁଟି ଯାହାର ସମ୍ପତ୍ତି ସେଇଟି ତା ନିକଟକୁ ଫେରିଯାଉ । ଏମାନେ ସେପରି ବ୍ୟକ୍ତି ଯାହାଙ୍କ ପ୍ରତି ଈଶ୍ୱରଙ୍କ କୃପା ରହିଛି ଏବଂ ଏମାନେ ସେପରି ବ୍ୟକ୍ତି ଯେଉଁମାନେ ଈଶ୍ୱରଙ୍କ ପଥ ପ୍ରାପ୍ତ କଲେ ।'

ସୁତରାଂ ଏହି ଚରିତ୍ରର ନାମ ହେଉଛି ଧୈର୍ଯ୍ୟ ଓ ଏହାହିଁ ହେଉଛି ଈଶ୍ୱରଙ୍କ ଇଚ୍ଛାରେ ରାଜି ରହିବା । ଆଉ ଏକ ପ୍ରକାରେ ଏହି ଚରିତ୍ରର ଅନ୍ୟ ନାମ ହେଉଛି ନ୍ୟାୟପରାୟଣତା । କାରଣ ଯେତେବେଳେ ସର୍ବଶକ୍ତିମାନ ଈଶ୍ୱର ମନୁଷ୍ୟର ଜୀବନକାଳ ମଧ୍ୟରେ ତାର ଆଶାନୁରୂପ ଅନେକ କାର୍ଯ୍ୟ କରନ୍ତି; ପୁନରପି ସହସ୍ର କଥାମାନ ତାର ଇଚ୍ଛା ଅନୁଯାୟୀ ପୂରଣ କରିଥାଆନ୍ତି ତଥା ମନୁଷ୍ୟର କାମନା ଚରିତାର୍ଥ କରିବାକୁ ଯାଇ ଏତେ ପରିମାଣରେ କୃପା ପ୍ରଦାନ କରିଥାଆନ୍ତି ଯେ ସେ ତାହାର ଗଣନା କରିପାରିବ ନାହିଁ, ସେତେବେଳେ ଏହା ନ୍ୟାୟୋଚିତ କଥା ହେବ ନାହିଁ, ଯେ ଯଦି ସେ କେତେବେଳେ ନିଜ ଇଚ୍ଛା ଲାଗୁ କରାଇବାକୁ ଚାହାଁନ୍ତି, ତେବେ ମନୁଷ୍ୟ ତାଙ୍କ ପ୍ରତି ବିମୁଖ ହୋଇ ପଡ଼ିବ ଓ ତାଙ୍କ ଇଚ୍ଛା ସହିତ ସହମତ ହେବ ନାହିଁ । ଆଉ ସେ ଯୁକ୍ତି କରିବ ଅଥବା ବିଧର୍ମୀ ଓ ବିପଥଗାମୀ ହୋଇଯିବ ।

## ମାନବ ସମାଜ ପ୍ରତି ସହାନୁଭୂତି

ମନୁଷ୍ୟର ପ୍ରକୃତି ସହିତ ସଂଶ୍ଳିଷ୍ଟ ରହିଥିବା ସମସ୍ତ ସ୍ୱାଭାବିକ ଅବସ୍ଥା ମଧ୍ୟରୁ, ଗୋଟିଏ ହେଉଛି ମାନବ ସମାଜ ପ୍ରତି ତାର ସହାନୁଭୂତି । ସ୍ୱଜାତି ପ୍ରୀତିର ଭାବନା ସ୍ୱଭାବତଃ ପ୍ରତ୍ୟେକ ଧର୍ମର ଅନୁଗାମୀମାନଙ୍କ ମଧ୍ୟରେ ଦେଖିବାକୁ ମିଳେ । ଅଧିକାଂଶ ଲୋକ ନିଜ ଜାତି ପ୍ରତି ସହାନୁଭୂତି ଦେଖାଇବାକୁ ଯାଇ ଅନ୍ୟ ପ୍ରତି ଅତ୍ୟାଚାର କରି ବସନ୍ତି; ଏପରିକି ସେମାନଙ୍କୁ ମନୁଷ୍ୟ ବୋଲି ବିଚାରନ୍ତି ନାହିଁ । ସୁତରାଂ ଏହି ଗୁଣକୁ ନୈତିକ ଗୁଣ ବୋଲି କହିହେବ ନାହିଁ । ଏହା କେବଳ ଏକ ସ୍ୱାଭାବିକ ଉଦ୍ଦୀପନା ମାତ୍ର । ଯଦି ଧ୍ୟାନ ପୂର୍ବକ ଲକ୍ଷ୍ୟ କରାଯାଏ, ତେବେ

ଜଣାପଡ଼ିବ ଯେ ଏପରି ସ୍ୱାଭାବିକ ପ୍ରକୃତି କାଉ ଆଦି ପକ୍ଷୀମାନଙ୍କ ଠାରେ ମଧ୍ୟ ରହିଛି । ଗୋଟିଏ କାଉ ମରିଗଲେ ସହସ୍ର କାଉ ରୁଣ୍ଡ ହୋଇଯାଆନ୍ତି । ଏହିଗୁଣ ସେତେବେଳେ ମନୁଷ୍ୟର ନୈତିକ ଚରିତ୍ର ମଧ୍ୟରେ ଅନ୍ତର୍ଭୁକ୍ତ ହେବ, ଯେତେବେଳେ ଏହି ସହାନୁଭୂତି ନ୍ୟାୟ ଓ ନିଷ୍ପକ୍ଷତା ଉପରେ ପ୍ରତିଷ୍ଠିତ ରହି ଉପଯୁକ୍ତ ସ୍ଥାନ ଓ ସମୟରେ କରାଯିବ । ସେତେବେଳେ ଏହା ଏକ ମହାନ୍ ନୈତିକ ଚରିତ୍ର ହେବ, ଯାହାର ନାମ ଆରବୀରେ 'ମଓ୍ୱାସାତ୍' ଏବଂ ପାରସୀରେ 'ହମଦର୍ଦ୍ଦି' । ଏଥିପ୍ରତି ଅଲ୍ଲାଃ ପବିତ୍ର କୁରଆନରେ ସଂକେତ ଦେଇଛନ୍ତି:

(ଅଲ୍ ମାଏଦା 5:3) تَعَاوَنُوْا عَلَى الْبِرِّ وَالتَّقْوٰى ۖ وَلَا تَعَاوَنُوْا عَلَى الْاِثْمِ وَالْعُدْوَانِ

(ଅନ୍ ନିସା 4:105) وَلَا تَهِنُوْا فِي ابْتِغَآءِ الْقَوْمِ

(ଅନ୍ ନିସା 4:106) وَلَا تَكُنْ لِّلْخَآئِنِيْنَ خَصِيْمًا

وَلَا تُجَادِلْ عَنِ الَّذِيْنَ يَخْتَانُوْنَ اَنْفُسَهُمْ ۚ اِنَّ اللّٰهَ لَا يُحِبُّ مَنْ

(ଅନ୍ ନିସା 4:108) كَانَ خَوَّانًا اَثِيْمًا ۝

ଅର୍ଥାତ 'ସ୍ୱଜାତି ପ୍ରତି କେବଳ ପୁଣ୍ୟ କାର୍ଯ୍ୟରେ ହିଁ ସହାନୁଭୂତି ଓ ସହାୟତା କରିବା ଉଚିତ । ପାପ ଓ ଅତ୍ୟାଚାରରେ କେବେ ହେଁ ସେମାନଙ୍କୁ ସାହାଯ୍ୟ କରିବା ଉଚିତ ନୁହେଁ । ସ୍ୱଜାତି ସହାନୁଭୂତି ଦିଗରେ ସର୍ବଦା ତତ୍ପର ରୁହ । କେବେହେଲେ ଥକିପଡ଼ ନାହିଁ । ଏବଂ ଦଗାବାଜମାନଙ୍କ ପକ୍ଷ ନେଇ କଳହ କର ନାହିଁ, ଯେଉଁମାନେ କି ଦଗାଦେବାରୁ ନିବୃତ୍ତ ହୁଅନ୍ତି ନାହିଁ । ଈଶ୍ୱର ଦଗାବାଜ ଲୋକମାନଙ୍କୁ ବନ୍ଧୁ କରନ୍ତି ନାହିଁ ।'

## ଏକ ମହାନ ଅସ୍ତିତ୍ୱର ଅନ୍ୱେଷଣ

ମନୁଷ୍ୟର ସ୍ୱାଭାବିକ ଅବସ୍ଥାମାନ ଯାହାକି ତା'ର ପ୍ରକୃତି ସହ ସଂଲଗ୍ନ, ସେଥିମଧ୍ୟରୁ ଗୋଟିଏ ହେଉଛି ଏକ ଏପରି ମହାନ ଅସ୍ତିତ୍ୱର ଅନ୍ୱେଷଣ, ଯାହା ପାଇଁ ଭିତରେ ହିଁ ଭିତରେ ମନୁଷ୍ୟର ମନ ମଧ୍ୟରେ ଏକ ଆକର୍ଷଣ ରହିଛି । ଏବଂ ଏହି ଅନ୍ୱେଷଣର ପ୍ରଭାବ ସେହି ସମୟରୁ ଅନୁଭୂତ ହେବାକୁ ଲାଗେ, ଯେତେବେଳେ ଶିଶୁଟି ମାତୃ ଗର୍ଭରୁ ବାହାରକୁ ଆସେ । କାରଣ ଶିଶୁଟିଏ ଜନ୍ମ ହେବା ମାତ୍ରକେ

ପ୍ରଥମେ ନିଜର ଯେଉଁ ଆଧ୍ୟାତ୍ମିକ ଲକ୍ଷଣ ପ୍ରକାଶ କରେ, ତାହା ହେଉଛି ସେ ମାଆ ଆଡ଼କୁ ଢଳିଥାଏ ଓ ସ୍ୱାଭାବିକ ରୂପେ ନିଜ ମାଆ ପ୍ରତି ସ୍ନେହଭାବ ପୋଷଣ କରେ । ପୁନଶ୍ଚ, ଯହୁଁ ଯହୁଁ ତା' ଜ୍ଞାନର ଅଭିବୃଦ୍ଧି ଘଟେ ଓ ତା' ସ୍ୱଭାବର କଳିକା ଉନ୍ମୁକ୍ତ ହୋଇଚାଲେ, ଏହି ପ୍ରେମାକର୍ଷଣ ଯାହା ତା' ମଧ୍ୟରେ ଲୁକ୍‌କାୟିତ ଥିଲା, ନିଜ ରୂପରଙ୍ଗ ସ୍ପଷ୍ଟ ରୂପେ ପ୍ରତିଭାତ କରିଥାଏ । ତା'ପରେ ଅବସ୍ଥା ଏପରି ହୁଏ ଯେ ନିଜ ମାଆ କୋଳ ବ୍ୟତୀତ ଅନ୍ୟ କୌଣସି ଠାରେ ସେ ଆରାମ ପାଏ ନାହିଁ । ତା'ର ସମସ୍ତ ସୁଖ ତା' ମାଆର ପଣତ କାନି ଆଢୁଆଳରେ ଥାଏ । ଯଦି ମାଆଠାରୁ ତାକୁ ଅଲଗା କରି ଦିଆଯାଏ ଓ ଦୂରେଇ ନିଆଯାଏ, ତେବେ ତାର ସମସ୍ତ ଅୟସ ତିକ୍ତ ହୋଇଯାଏ । ଯଦିବା ତା ସମ୍ମୁଖରେ ସମ୍ପଦର ଏକ ଭଣ୍ଡାର ଥୋଇ ଦିଆଯାଏ, ତେବେ ମଧ୍ୟ ନିଜର ବାସ୍ତବ ସୁଖ ସେ ମାଆ କୋଳରେ ହିଁ ଦେଖେ ଓ ତା' ବ୍ୟତୀତ ଅନ୍ୟ କୌଣସି ପ୍ରକାରେ ତାକୁ ଶାନ୍ତି ମିଳେ ନାହିଁ । ସୁତରାଂ ପ୍ରେମର ସେହି ଆକର୍ଷଣ ଯାହା ତା' ମାଆ ପ୍ରତି ତା ମଧ୍ୟରେ ଉଦ୍ରେକ ହୁଏ, ସେଇଟି କ'ଣ ? ବାସ୍ତବରେ ଏହାହିଁ ସେହି ଆକର୍ଷଣ, ଯାହାକୁ ପ୍ରକୃତ ଉପାସ୍ୟଙ୍କ ପାଇଁ ଶିଶୁର ସ୍ୱଭାବ ମଧ୍ୟରେ ରଖା ଯାଇଛି । କେବଳ ଏଠାରେ ନୁହେଁ, ବରଂ ସେଭଳି ପ୍ରତ୍ୟେକ ସ୍ଥାନରେ ଯେଉଁଠାରେ ମନୁଷ୍ୟ ପ୍ରେମର ସମ୍ପର୍କ ଜନ୍ମାଏ, ସେଠାରେ ପ୍ରକୃତ ପକ୍ଷେ ଏହି ଆକର୍ଷଣ ହିଁ କାର୍ଯ୍ୟ କରୁଥାଏ । ଏବଂ ପ୍ରତ୍ୟେକ ସ୍ଥାନରେ ସେ ଏହି ଯେଉଁ ପ୍ରେମ ବିଗଳିତ ଆବେଗ ଦେଖାଇଥାଏ ତାହା ବାସ୍ତବରେ ହେଉଛି ସେହି ନୈସର୍ଗିକ ପ୍ରେମର ଏକ ପ୍ରତିବିମ୍ବ । ମନେହୁଏ ଯେପରି ଅନ୍ୟ ବସ୍ତୁଗୁଡ଼ିକୁ ଉଠାଇ ଉଠାଇ ଏକ ହଜିଯାଇଥିବା ବସ୍ତୁଟିକୁ ସେ ସନ୍ଧାନ କରୁଛି, ଯାହାର ନାମ ସେ ଏବେ ପାଶୋରି ଯାଇଛି । ସୁତରାଂ ମନୁଷ୍ୟର ଧନସମ୍ପତ୍ତି ଅଥବା ସନ୍ତାନ ସନ୍ତତି ଅଥବା ପତ୍ନୀ ପ୍ରତି ପ୍ରେମଭାବ ପୋଷଣ କିମ୍ବା କୌଣସି ସୁଲଳିତ କଣ୍ଠର ସଂଗୀତ ପ୍ରତି ତା ଆତ୍ମାର ଆକର୍ଷଣ ପ୍ରକୃତ ପକ୍ଷେ ସେହି ହଜିଯାଇଥିବା ପ୍ରିୟତମର ଅନ୍ୱେଷଣ ଅଟେ । ଅଗ୍ନି ସଦୃଶ ସମସ୍ତ ବସ୍ତୁରେ ଲୁକ୍‌କାୟିତ ଓ ସର୍ବୋପରି ଅଜ୍ଞାତ ସେହି ସୂକ୍ଷ୍ମାତିସୂକ୍ଷ୍ମ ଅସ୍ତିତ୍ୱକୁ ଯେହେତୁ ମନୁଷ୍ୟ ନିଜର ପାର୍ଥିବ ଚକ୍ଷୁରେ ଦେଖିପାରେ

ନାହିଁ କିମ୍ବା ନିଜର ଅସମ୍ପୂର୍ଣ୍ଣ ଜ୍ଞାନ କୌଶଳ ଖଟାଇ ତାଙ୍କୁ ପାଇପାରେ ନାହିଁ, ତେଣୁ ତାଙ୍କୁ ଚିହ୍ନିବାରେ ସେ ବଡ଼ ବଡ଼ ଭୁଲ କରିଛି ଓ ଏହି ଭୁଲ ଯୋଗୁଁ ତାଙ୍କର ପ୍ରାପ୍ୟ ଅନ୍ୟକୁ ଦେଇ ଦିଆଯାଇଅଛି । ଈଶ୍ୱର ପବିତ୍ର କୁରଆନରେ ଏ ସମ୍ପର୍କରେ ଏକ ସୁନ୍ଦର ଦୃଷ୍ଟାନ୍ତ ଦେଇଛନ୍ତି । ପୃଥିବୀ ଏପରି ଏକ କାଚ ମହଲ ସଦୃଶ, ଯାହାର ନିମ୍ନ ଭାଗରେ ଥିବା ଚଟାଣ ଅତିଶୟ ସ୍ୱଚ୍ଛ କାଚ ଦ୍ୱାରା ନିର୍ମିତ । ପୁନଶ୍ଚ ସେହି କାଚଗୁଡ଼ିକର ନିମ୍ନ ଭାଗରେ ଜଳ ପ୍ରବାହିତ କରାଯାଇଛି ଓ ତାହା ଅତି ବେଗରେ ବହୁଛି । ବର୍ତ୍ତମାନ କାଚ ଉପରେ ପଡୁଥିବା ପ୍ରତ୍ୟେକ ଦୃଷ୍ଟି ନିଜର ଭ୍ରମ ହେତୁ ସେହି କାଚଗୁଡ଼ିକୁ ମଧ୍ୟ ଜଳ ବୋଲି ମନେକରେ ଓ ସେହି କାଚ ଉପର ଦେଇ ଚାଲିବାକୁ ମଣିଷ ସେହିପରି ଭୟ କରେ, ଯେପରି ଜଳ ଉପରେ ଚାଲିବାକୁ ଭୟ କରାଯିବା ଉଚିତ, ଯଦିଓ ବାସ୍ତବ ପକ୍ଷେ ସେଗୁଡ଼ିକ କେବଳ ପରିଷ୍କାର ଓ ସ୍ୱଚ୍ଛ କାଚ ମାତ୍ର ! ସୁତରାଂ ଆକାଶରେ ସୂର୍ଯ୍ୟ, ଚନ୍ଦ୍ର, ପରି ଯେଉଁ ବଡ଼ ବଡ଼ ଗ୍ରହ ନକ୍ଷତ୍ରମାନ ଦୃଷ୍ଟିଗୋଚର ହେଉଛନ୍ତି, ସେଗୁଡ଼ିକ ସେହି ସ୍ୱଚ୍ଛ କାଚ ସଦୃଶ୍ୟ ଯେଉଁଗୁଡ଼ିକୁ ଭୁଲ ବଶତଃ ଉପାସନା କରାଯାଉଛି । ଅପର ପକ୍ଷେ ଏମାନଙ୍କ ନିମ୍ନରେ ଏକ ବୃହତ ଶକ୍ତି କାର୍ଯ୍ୟ କରୁଛି, ଯାହାକି ସେହି କାଚର ଆବରଣରେ ଥିବା ଜଳ ସଦୃଶ ଅତ୍ୟନ୍ତ ତୀବ୍ର ବେଗରେ ପ୍ରବାହିତ ହେଉଛି । ସୃଷ୍ଟି ଉପାସକଗଣଙ୍କର ଏହା ହେଉଛି ଦୃଷ୍ଟିର ଭ୍ରମ ଏହିକି ଯେ ସେମାନେ କାଚ ଆଡ଼କୁ ସେହି କାର୍ଯ୍ୟଗୁଡ଼ିକୁ ଉଦ୍ଦିଷ୍ଟ କରୁଛନ୍ତି ଯାହାକୁ ସେମାନଙ୍କ ନିମ୍ନଦେଶରେ ରହିଥିବା ଶକ୍ତି ପ୍ରକାଶ କରୁଛି । ଏହାର ବ୍ୟାଖ୍ୟା ଏହି କୁରଆନୀୟ ଆୟତରୁ ମିଳୁଛି:

اِنَّهٗ صَرۡحٌ مُّمَرَّدٌ مِّنۡ قَوَارِيۡرَ

(ଅନ୍ ନମଲ୍ 27:45)

ଅର୍ଥାତ ଯେହେତୁ ଈଶ୍ୱରଙ୍କ ଅସ୍ତିତ୍ୱ ଅତ୍ୟନ୍ତ ପ୍ରକାଶମାନ ହେବା ସତ୍ତ୍ୱେ ଅତ୍ୟନ୍ତ ପ୍ରଚ୍ଛନ୍ନ ମଧ୍ୟ ହୋଇଥାଏ, ତେଣୁ ତାଙ୍କର ପରିଚୟ ପାଇବା ପାଇଁ ଆମ ଦୃଷ୍ଟି ସମୀପରେ ଥିବା କେବଳ ଏହି ଭୌତିକ ବ୍ୟବସ୍ଥାମାନ ପର୍ଯ୍ୟାପ୍ତ ନ ଥିଲା । ଏହାହିଁ କାରଣ ଥିଲା ଯେ ଏପରି ବ୍ୟବସ୍ଥା ଉପରେ ଭରସା କରୁଥିବା ଲୋକମାନେ ଶତ ଶତ ଚମତ୍କାରିତା ମୂଳକ ଏହି ନିର୍ଭୁଲ ଓ ସ୍ୱୟଂ ସମ୍ପୂର୍ଣ୍ଣ ଶୃଙ୍ଖଳିତ ବ୍ୟବସ୍ଥାକୁ

ଅତ୍ୟନ୍ତ ନିବିଷ୍ଟ ଭାବେ ନିରୀକ୍ଷଣ କରିବା ସତ୍ତ୍ୱେ ତଥା ଜ୍ୟୋତିର୍ବିଜ୍ଞାନ, ପଦାର୍ଥ ବିଜ୍ଞାନ ଏବଂ ଦର୍ଶନ ଶାସ୍ତ୍ରରେ ଏପରି ପାଣ୍ଡିତ୍ୟ ଅର୍ଜନ କରିବା ସତ୍ତ୍ୱେ, ଯେ ଏପରି ଲାଗିବ ସତେ ଅବା ଆକାଶ ଓ ପୃଥିବୀ ଭିତରେ ସେମାନେ ଧସେଇ ପଶି ଯାଇଛନ୍ତି, ତଥାପି ସନ୍ଦେହ ଓ ଆଶଙ୍କାର ଅନ୍ଧକାର ମଧ୍ୟରୁ କେବେବି ମୁକୁଳି ପାରି ନଥିଲେ । ସୁତରାଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଭିନ୍ନ ପ୍ରକାରର ଭ୍ରାନ୍ତି ମଧ୍ୟରେ ନିମଜ୍ଜିତ ହୋଇଗଲେ । ଉଦ୍ଭଟ କଳ୍ପନାଗୁଡ଼ିକରେ ପଡ଼ି କେଉଁଠାରୁ କେଉଁ ଆଡ଼େ ଚାଲିଗଲେ । ଯଦିବା ସେମାନଙ୍କର ଏହି ପରମ ବିଶ୍ୱକର୍ମାଙ୍କ ଅସ୍ତିତ୍ୱ ଆଡ଼କୁ କିଛିଟା ଧ୍ୟାନ ଚାଲିଗଲା, ତେବେ ଏତିକି ମାତ୍ର ଯେ, ଏହି ଉଚ୍ଚକୋଟୀର ଓ ଉତ୍କର୍ଷ ନିୟମକୁ ଲକ୍ଷ୍ୟ କରି ସେମାନଙ୍କ ପ୍ରତ୍ୟୟ ହେଲା ଯେ ଏହି ବିଶାଳ ଐଶ୍ୱର୍ଯ୍ୟମୟ ସୃଜନ ଧାରା ଯାହା ନିଜ ସହିତ ଅସୀମ ବିଜ୍ଞତାରେ ପରିପୂର୍ଣ୍ଣ ବ୍ୟବସ୍ଥାମାନଙ୍କୁ ଜଡ଼ାଇ ରଖିଛି, ତାହାର କେହି ଜଣେ ସୃଷ୍ଟିକର୍ତ୍ତା ଥିବା ନିଶ୍ଚୟ ଆବଶ୍ୟକ । କିନ୍ତୁ ଏହା ସୁସ୍ପଷ୍ଟ ଯେ ଏହି ଧାରଣା ଅସମ୍ପୂର୍ଣ୍ଣ ଓ ଏହି ଜ୍ଞାନ ତ୍ରୁଟିଯୁକ୍ତ । କାରଣ ଏହା କହିବା ଯେ ଏପରି ବ୍ୟବସ୍ଥା ପାଇଁ ଜଣେ ସ୍ରଷ୍ଟାର ଆବଶ୍ୟକତା ରହିଛି, ତାହା ଏକଥା ସହିତ ଆଦୌ ସମାନ ନୁହେଁ ଯେ ସେହି ପରମ ସ୍ରଷ୍ଟା ବାସ୍ତବରେ ମଧ୍ୟ ଅଛନ୍ତି । ସୁତରାଂ ଏହା ଥିଲା ସେମାନଙ୍କର କେବଳ ଅନୁମାନ ଭିତ୍ତିକ ଜ୍ଞାନ ଯାହା ହୃଦୟକୁ ଶାନ୍ତି ଓ ତୃପ୍ତି ଦେଇପାରିବ ନାହିଁ କିମ୍ବା ସନ୍ଦେହଗୁଡ଼ିକୁ ପୂର୍ଣ୍ଣତଃ ହୃଦୟରୁ ହଟାଇ ପାରିବ ନାହିଁ । ଏହା ଏପରି ପାତ୍ର ମଧ୍ୟ ନୁହେଁ ଯହିଁରୁ ଶୁଦ୍ଧ ଜ୍ଞାନର ସେହି ତୃଷ୍ଣା ମେଣ୍ଟି ପାରିବ, ଯାହାକି ମନୁଷ୍ୟର ସ୍ୱଭାବରେ ଜଡ଼ିତ କରି ଦିଆଯାଇଛି । ବରଂ ଏପରି ତୃଟି ମୂଳକ ଜ୍ଞାନ ଅତି ବିପଦପୂର୍ଣ୍ଣ । କାରଣ ଅନେକ ତର୍କ ଓ ସମାଲୋଚନା ସତ୍ତ୍ୱେ ଏହା ପରିଣାମ ବିହୀନ ଓ ଫଳଶୂନ୍ୟ ହୋଇଥାଏ ।

ସୁତରାଂ ଯେପର୍ଯ୍ୟନ୍ତ ଈଶ୍ୱର ନିଜର ଅସ୍ତିତ୍ୱକୁ ନିଜର ବାଣୀ ମାଧ୍ୟମରେ ପ୍ରକାଶ କରି ନାହାନ୍ତି, ଯେପରି ସେ ନିଜର କାର୍ଯ୍ୟାବଳୀ ଦ୍ୱାରା ଜାହିର୍ କରିଛନ୍ତି, ସେ ପର୍ଯ୍ୟନ୍ତ କେବଳ ତାଙ୍କ କାର୍ଯ୍ୟଧାରକୁ ନିରୀକ୍ଷଣ କରିଦେଲେ ମନୁଷ୍ୟକୁ ତାହା ସନ୍ତୁଷ୍ଟି ଦେଇପାରିବ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ଯଦି ଆମେ ଏକ ବନ୍ଦ କୋଠରୀକୁ

ଦେଖୁଁ ଯେଉଁଥିରେ ଏପରି ଏକ ଅଜବ କଥା ଥାଏ ଯେ ଏହାର ଭିତର ପଟୁ ଶିକୁଳି ଲଗାଯାଇଛି, ତେବେ ପ୍ରଥମତଃ ଆମେ ଭାବିବୁ ଯେ କୌଣସି ବ୍ୟକ୍ତି ଭିତରେ ଅଛି ଯେ କି ଭିତର ଆଡୁ ଜଞ୍ଜିର ଦେଇଛି । କାରଣ ବାହାର ପଟରୁ ଭିତରର ଶିକୁଳି ଦେବା ସମ୍ଭବ ନୁହେଁ । କିନ୍ତୁ ଯଦି ବହୁ ସମୟ ଧରି ଏପରିକି ବର୍ଷ ବର୍ଷ ଧରି ବାରମ୍ବାର ଡ଼ାକିବା ସତ୍ତ୍ୱେ ସେ ଲୋକ ଆଡୁ କୌଣସି ଉତ୍ତର ନ ମିଳେ, ତେବେ ଶେଷରେ ଆମର ଏହି ଧାରଣା ବଦଳି ଯିବ ଯେ ଭିତରେ କେହି ଜଣେ ବ୍ୟକ୍ତି ଅଛି । ଏବଂ ଆମେ ଏହା ଭାବିବା ଯେ ଭିତରେ କେହି ନାହିଁ ଓ କୌଣସି କୌଶଳ ଦ୍ୱାରା ଭିତରର ଶିକୁଳି ଲଗାଯାଇଛି । ଠିକ୍ ଏହିପରି ଅବସ୍ଥା ସେହି ଦାର୍ଶନିକମାନଙ୍କ ଅଟେ, ଯେଉଁମାନେ କି କେବଳ କାର୍ଯ୍ୟାବଳୀ ନିରୀକ୍ଷଣ ପୂର୍ବକ ନିଜର ଜ୍ଞାନରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି । ଏ କଥା ଭାବିବା ଏକ ବଡ଼ ଭୁଲ ଯେ ଈଶ୍ୱର ହେଉଛନ୍ତି ମୃତ ସଦୃଶ ଆଉ ତାଙ୍କୁ କବରରୁ ବାହାର କରିବା କେବଳ ମନୁଷ୍ୟର କାମ । କେବଳ ମନୁଷ୍ୟର ଉଦ୍ୟମ ଦ୍ୱାରା ଈଶ୍ୱରଙ୍କ ଯେତିକି ସନ୍ଧାନ ମିଳିଛି, ଯଦି ଈଶ୍ୱର ବାସ୍ତବରେ ସେହି ସତ୍ତା ହୋଇଥାନ୍ତି, ତେବେ ସେପରି ଈଶ୍ୱରଙ୍କ ସମ୍ପର୍କରେ ଆମେ ରଖିଥିବା ସମସ୍ତ ଆଶାମାନ ବୃଥା । ବରଂ ଈଶ୍ୱର ତ ସେ ଯେ କି ସର୍ବଦା ଓ ଅନନ୍ତ କାଳରୁ ଆପଣାକୁ 'ମୁଁ ବିଦ୍ୟମାନ' କହି ଲୋକମାନଙ୍କୁ ନିଜ ଆଡ଼କୁ ଡ଼ାକିଛନ୍ତି । ଈଶ୍ୱରଙ୍କ ଅସ୍ତିତ୍ୱ ପାଇବାରେ ମନୁଷ୍ୟର ଈଶ୍ୱରଙ୍କ ପ୍ରତି ଦୟା ରହିଛି, ଆମର ଏପରି ଭାବିବା ନିତ୍ୟାନ୍ତ ଧୃଷ୍ଟତା ହେବ । ସତେ ଯେପରି ଯଦି ଦାର୍ଶନିକଗଣ ନ ଥାଆନ୍ତେ, ତେବେ ଈଶ୍ୱର ଆଜି ପର୍ଯ୍ୟନ୍ତ ଅଜ୍ଞାତ ହିଁ ରହି ଥାଆନ୍ତେ ! ଏପରି କହିବା ମଧ୍ୟ ଅତିଶୟ ଔଦ୍ଧତ୍ୟ ହେବ ଯେ ଈଶ୍ୱର କିପରି କଥା କହିବେ ? କ'ଣ ତାଙ୍କର ଜିଭ ରହିଛି ? ତେବେ କ'ଣ ସେ ପାର୍ଥିବ ହସ୍ତ ବିନା ସମଗ୍ର ନଭୋମଣ୍ଡଳୀୟ ଗ୍ରହ, ନକ୍ଷତ୍ର ଓ ପୃଥିବୀକୁ ସୃଷ୍ଟି କରି ନାହାନ୍ତି ? ଚକ୍ଷୁ ବିନା କ'ଣ ସେ ସମଗ୍ର ବିଶ୍ୱକୁ ଦେଖୁ ନାହାନ୍ତି ? ଭୌତିକ କର୍ଣ୍ଣ ନ ଥାଇ କ'ଣ ସେ ଆମର ଡ଼ାକ ଶୁଣୁ ନାହାନ୍ତି ? ଅତଏବ ଏହା କ'ଣ ଆବଶ୍ୟକ କରୁ ନାହିଁ ଯେ ସେ ଏହିପରି ଭାବେ କଥା ମଧ୍ୟ କହନ୍ତେ ? ଏକଥା ମଧ୍ୟ ସତ୍ୟ ନୁହେଁ ଯେ ଈଶ୍ୱର ପୂର୍ବେ

କଥା କହୁଥିଲେ କିନ୍ତୁ ଏବେ ଆଉ କଥା କହୁ ନାହାନ୍ତି । ଆମେ ଈଶ୍ୱରଙ୍କ ବାଣୀ ଓ କଥା କହିବାକୁ କୌଣସି କାଳ ପର୍ଯ୍ୟନ୍ତ ସୀମାବଦ୍ଧ କରୁନାହୁଁ । ଏହା ନିଃସନ୍ଦେହ ଯେ ସେ ଏବେ ମଧ୍ୟ ଅନ୍ୱେଷଣକାରୀଙ୍କୁ ଐଶୀବାଣୀର ନିର୍ଝରିଣୀରୁ ଧନଧାନ୍ୟ ପୂର୍ଣ୍ଣ କରି ଦେବାକୁ ପ୍ରସ୍ତୁତ ରହିଛନ୍ତି, ଯେପରିକି ସେ ପୂର୍ବେ ମଧ୍ୟ ଥିଲେ । ଆଜି ମଧ୍ୟ ତାଙ୍କର ଦୟାର ଦ୍ୱାର ସେହିପରି ଉନ୍ମୁକ୍ତ ଯେପରି ପୂର୍ବରୁ ଥିଲା । ହଁ, ପ୍ରୟୋଜନତା ଶେଷ ହୋଇଯିବା ହେତୁ ବିଧାନ ଓ ନୀତି ନିର୍ଦ୍ଧାରଣର ପରି ସମାପ୍ତି ଘଟିଲା ଏବଂ ସମସ୍ତ ଅବତାରତ୍ୱ ତାହାର ଶୀର୍ଷ ବିନ୍ଦୁ, ଆମର କର୍ତ୍ତା ଓ ମୁନିବ (ତାଙ୍କ ପ୍ରତି ଈଶ୍ୱରଙ୍କ ଆଶୀର୍ବାଦ ହେଉ)ଙ୍କ ଠାରେ ପହଞ୍ଚି ଶ୍ରେଷ୍ଠତା ପ୍ରାପ୍ତ କଲା ।

## ପବିତ୍ର ଅବତାର ସ.ଅଙ୍କ ଆରବରେ ପ୍ରକଟ ହେବାର ରହସ୍ୟ

ଏହି ଅନ୍ତିମ ଜ୍ୟୋତିର ଆରବରୁ ପ୍ରକଟ ହେବା ମଧ୍ୟ ଉଦ୍ଦେଶ୍ୟ ବିହୀନ ନ ଥିଲା । ଆରବର ଅଧିବାସୀ ଇସ୍‌ମାଇଲ ବଶଂଜ ଏକ ଜାତି, ଯାହାକୁ ଇସ୍ରାଇଲ୍ ଠାରୁ ବିଛିନ୍ନ କରି ବିଧିର ବିଧାନ ଅନୁଯାୟୀ ଫାରାନ୍‌ର ନିର୍ଜନତାରେ ଛାଡ଼ି ଦିଆଯାଇଥିଲା । ଫାରାନ୍‌ର ଅର୍ଥ ହେଉଛି ଦୁଇ ଫେରାର୍ ଅର୍ଥାତ ଦୁଇଜଣ ପଳାତକ । ସୁତରାଂ ଯେଉଁ ମାନଙ୍କୁ ହଜରତ ଇବ୍ରାହିମ୍ ନିଜେ ଇସ୍ରାଇଲୀୟ ସନ୍ତାନଙ୍କ ଠାରୁ ଅଲଗା କରି ଦେଇଥିଲେ, ସେମାନଙ୍କ 'ତୌରାତ୍'ର ନିୟମ ସହିତ କୌଣସି ସମ୍ବନ୍ଧ ରହିଲା ନାହିଁ । ଯେପରିକି ଉଲ୍ଲେଖ ରହିଛି ଯେ ସେମାନେ ଇସ୍‌ହାକ୍‌ଙ୍କ ଅଂଶରେ ଭାଗୀଦାର ହେବେ ନାହିଁ ।

ଅତଃ ସମ୍ପର୍କୀୟମାନେ ସେମାନଙ୍କୁ ପରିତ୍ୟାଗ କଲେ । ଅନ୍ୟ କାହା ସହିତ ସେମାନଙ୍କର କୌଣସି ସମ୍ପର୍କ କି ସମ୍ବନ୍ଧ ନ ଥିଲା । ଅନ୍ୟାନ୍ୟ ସମସ୍ତ ଦେଶରେ ଉପାସନା ଓ ବିଧି ବିଧାନର କେତେକ ପରମ୍ପରା ଦୃଷ୍ଟିଗୋଚର ହେଉଥିଲା, ଯେଉଁଥିରୁ ଜଣା ପଡୁଥିଲା ଯେ କୌଣସି ନା କୌଣସି ସମୟରେ ସେମାନଙ୍କୁ ଅବତାରମାନଙ୍କର ସତ୍‌ଶିକ୍ଷା ପହଞ୍ଚିଛି । କିନ୍ତୁ କେବଳ ଆରବ ହିଁ ଏପରି ଏକମାତ୍ର ଦେଶ ଥିଲା, ଯାହା ଏହି ଶିକ୍ଷାଗୁଡ଼ିକରୁ ସଂପୂର୍ଣ୍ଣ ଅପରିଚିତ ଥିଲା ଏବଂ ସମଗ୍ର

ଭୂଖଣ୍ଡରେ ସମସ୍ତଙ୍କ ଠାରୁ ପଛରେ ପଡ଼ି ରହିଥିଲା । ତେଣୁ ଶେଷରେ ଏହାର ପାଳି ପଡ଼ିଲା ଏବଂ ଏହାର ଅବତାରତ୍ୱ ସାର୍ବଜନୀନ ହେଲା, ଯଦ୍ୱାରା ଏହା ସବୁ ଦେଶକୁ ପୁନର୍ବାର କଲ୍ୟାଣ ଉପଲବ୍ଧ କରାଇପାରିବ ଓ ଯେଉଁ ତ୍ରୁଟିମାନ ସେଥିରେ ଧସେଇ ପଶି ଆସିଥିଲା, ସେଗୁଡ଼ିକୁ ସେ ଦୂର କରିଦେବ । ସୁତରାଂ ଏପରି ପୂର୍ଣ୍ଣାଙ୍ଗ ପୁସ୍ତକ ଆସିଯିବା ପରେ ଆମେ ଆଉ କେଉଁ ପୁସ୍ତକର ଅପେକ୍ଷା କରିବା ? ମାନବ ସମାଜର ସୁଧାର ପାଇଁ ଏହା ସମସ୍ତ କାର୍ଯ୍ୟର ଉତ୍ତରଦାୟୀତ୍ୱ ନିଜ ହାତକୁ ନେଲା । ପୂର୍ବ ଗ୍ରନ୍ଥମାନଙ୍କ ଭଳି ଏହା କେବଳ ଗୋଟିଏ ମାତ୍ର ଜାତି ସହିତ ସମ୍ବନ୍ଧିତ ନୁହଁ, ବରଂ ସମଗ୍ର ମାନବ ଜାତିର ସୁଧାର ଚାହିଁଛି ଏବଂ ମନୁଷ୍ୟର ଶିକ୍ଷାଦୀକ୍ଷା ପାଇଁ ଉଦ୍ଦିଷ୍ଟ ସମସ୍ତ ସୋପାନଗୁଡ଼ିକୁ ଉଲ୍ଲେଖ କରିଛି । ବର୍ବରମାନଙ୍କୁ ମାନବତ୍ୱର ଆଦବ କାଇଦା ଶିଖାଇଛି । ପୁନଶ୍ଚ ମାନବୀୟ ଗୁଣର ରୂପ ଦେବା ପରେ ସେମାନଙ୍କୁ ଉଚ୍ଚକୋଟୀର ଶିଷ୍ଟାଚାରର ପାଠ ପଢାଇଛି ।

## ପବିତ୍ର କୁରଆନର ସଂସାର ପ୍ରତି ଉପକାର

ସଂସାର ପ୍ରତି ପବିତ୍ର କୁରଆନ ଏହି ଉପକାର କରିଛି ଯେ, ତାହା ସ୍ୱାଭାବିକ ଅବସ୍ଥା ଓ ଉନ୍ନତ ମାନର ନୈତିକତା ମଧ୍ୟରେ ପାର୍ଥକ୍ୟ କରି ଦେଖାଇଛି । ଏହା ମନୁଷ୍ୟକୁ ସ୍ୱାଭାବିକ ଅବସ୍ଥାରୁ ବାହାର କରି ଯେତେବେଳେ ଉନ୍ନତ ମାନର ନୈତିକତାର ସୁଉଚ୍ଚ ପ୍ରାସାଦ ପର୍ଯ୍ୟନ୍ତ ନେଇଗଲା, ସେତେବେଳେ ସେ ଏହାକୁ ପର୍ଯ୍ୟାପ୍ତ ମଣିଲା ନାହିଁ ବରଂ ଆଉ ଉପରକୁ ଯିବା ପାଇଁ ଆଧ୍ୟାତ୍ମିକତାର ଯେଉଁ ସୋପାନଗୁଡ଼ିକ ବାକି ରହି ଯାଇଥିଲା ସେ ସ୍ତର ପର୍ଯ୍ୟନ୍ତ ପହଞ୍ଚିବା ସକାଶେ ଦିବ୍ୟ ଜ୍ଞାନର ଦ୍ୱାରମାନ ଖୋଲି ଦେଲା; କେବଳ ଖୋଲି ଦେଲା ନାହିଁ, ବରଂ ଲକ୍ଷ ଲକ୍ଷ ଲୋକଙ୍କୁ ସେଠାରେ ନେଇ ପହଞ୍ଚାଇ ଦେଲା । ଏହିଭଳି, ମୁଁ ପୂର୍ବରୁ ଉଲ୍ଲେଖ କରିଥିବା ତିନୋଟି ପ୍ରକାରର ଶିକ୍ଷାକୁ ପବିତ୍ର କୁରଆନ ଅତି ସୁନ୍ଦର ଭାବେ ବର୍ଣ୍ଣନା କରିଛି । ଧର୍ମ ଶିଖାଇବା ପାଇଁ ଯେଉଁ ଶିକ୍ଷାମାନ ଆବଶ୍ୟକ, ସେ ସମସ୍ତକୁ ଯେହେତୁ ଏହା ସର୍ବୋତ୍ତମ ରୂପ ଧାରଣ କରିଛି, ତେଣୁ ଏହା ଦାବି କରିଛି ଯେ

ଧର୍ମ ଶିକ୍ଷାର ପରିସରକୁ ସେ ପୂର୍ଣ୍ଣାଙ୍ଗ ସ୍ତରକୁ ନେଇଛି । ସୁତରାଂ ପବିତ୍ର କୁରଆନ କହିଅଛି: اَلْيَوْمَ اَكْمَلْتُ لَكُمْ دِيْنَكُمْ وَاَتْمَمْتُ عَلَيْكُمْ نِعْمَتِيْ وَرَضِيْتُ لَكُمُ الْاِسْلَامَ دِيْنًا
(ଅଲ୍ ମାଏଦା 5:4)

ଅର୍ଥାତ 'ଆଜି ମୁଁ ତୁମର ଧର୍ମକୁ ପୂର୍ଣ୍ଣାଙ୍ଗ କଲି ଓ ତୁମ୍ଭମାନଙ୍କ ପ୍ରତି ମୋର କୃପାକୁ ସମ୍ପୂର୍ଣ୍ଣ କଲି ଏବଂ ଇସ୍‌ଲାମ୍‌କୁ ତୁମର ଧର୍ମ ରୂପେ ନିରୂପଣ କରି ଖୁସି ହେଲି ।' ଅର୍ଥାତ ଧର୍ମର ସର୍ବୋଚ୍ଚ ସୋପାନ ହେଉଛି ସେହି କର୍ମ, ଯାହା ଇସ୍‌ଲାମ୍‌ର ଅର୍ଥ ମଧ୍ୟରେ ନିହିତ । ତାହା ଏହି ଯେ କେବଳ ଈଶ୍ୱରଙ୍କ ନିମନ୍ତେ ହୋଇଯିବା; ଓ ନିଜର ମୋକ୍ଷ ନିଜର ସତ୍ତାକୁ ବଳି ଦେଇ ଚାହିଁବା, ଅନ୍ୟ କୌଣସି ଉପାୟରେ ନୁହେଁ ଏବଂ ଏହି ଅଭିପ୍ରାୟ ଓ ଏହି ଇଚ୍ଛାକୁ କାର୍ଯ୍ୟତଃ ପରିଣତ କରି ଦେଖାଇବା । ଏହା ହେଉଛି ସେହି ବିନ୍ଦୁ ଯେଉଁଠାରେ ସମସ୍ତ ଶ୍ରେଷ୍ଠତା ପରିସମାପ୍ତି ଲଭିଥାଏ । ସୁତରାଂ ଯେଉଁ ଈଶ୍ୱରଙ୍କୁ ଦାର୍ଶନିକମାନେ ଠାବ କରିପାରିଲେ ନାହିଁ, କୁରଆନ ସେହି ସତ୍ୟ-ଈଶ୍ୱରଙ୍କର ଠିକଣା ଜଣାଇ ଦେଲା । ଈଶ୍ୱରଙ୍କ ପରିଚୟ ପ୍ରଦାନ ଲାଗି କୁରଆନ ଦୁଇଟି ମାର୍ଗ ଅବଲମ୍ବନ କରିଛି । ପ୍ରଥମଟି ସେହି ମାର୍ଗ ଯାହା ମାଧ୍ୟମରେ ମାନବିକ ବୋଧଶକ୍ତି, ବୌଦ୍ଧିକ ପ୍ରମାଣମାନ ସୃଷ୍ଟି କରିବାରେ ଅତ୍ୟନ୍ତ ବଳଶାଳୀ ଓ ତେଜୀୟାନ ହୋଇଉଠେ ଏବଂ ମନୁଷ୍ୟ ଭ୍ରାନ୍ତିରୁ ବର୍ତ୍ତିଯାଏ । ଦ୍ୱିତୀୟଟି ହେଉଛି ଆଧ୍ୟାତ୍ମିକ ମାର୍ଗ; ଈଶ୍ୱର ଚାହିଁଲେ ଖୁବ୍ ଶୀଘ୍ର ଆମେ ଏହାକୁ ତୃତୀୟ ପ୍ରଶ୍ନର ଉତ୍ତର ମାଧ୍ୟମରେ ବର୍ଣ୍ଣନା କରିବୁ ।

## ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ

ବର୍ତ୍ତମାନ ଆସନ୍ତୁ ଦେଖିବା ପବିତ୍ର କୁରଆନ ବୌଦ୍ଧିକ ଦୃଷ୍ଟିକୋଣରୁ ଈଶ୍ୱରଙ୍କ ଅସ୍ତିତ୍ୱର କିପରି ସୁନ୍ଦର ଓ ଅନୁପମ ପ୍ରମାଣମାନ ଦେଇଛି । ଯେପରିକି ଗୋଟିଏ ସ୍ଥାନରେ ଉଲ୍ଲେଖ ରହିଛି;

(ତା-ହା 21:51) رَبُّنَا الَّذِيْٓ اَعْطٰى كُلَّ شَيْءٍ خَلْقَهٗ ثُمَّ هَدٰى

ଅର୍ଥାତ 'ସେ ହିଁ ହେଉଛନ୍ତି ଈଶ୍ୱର ଯେ କି ପ୍ରତ୍ୟେକକୁ ସେହିପରି ଗଢ଼ିଛନ୍ତି ଯାହା ତା' ପାଇଁ ପ୍ରଯୁଜ୍ୟ । ପୁଣି ସେହି ବସ୍ତୁକୁ ତା' ଜୀବନର ଚରମ

ଲକ୍ଷ୍ୟ ପାଇବା ଲାଗି ମାର୍ଗ ଦର୍ଶାଇଛନ୍ତି' । ବର୍ତ୍ତମାନ ଏହି ଆୟତର ଅର୍ଥକୁ ଧ୍ୟାନରେ ରଖି ଯଦି ମନୁଷ୍ୟ ଠାରୁ ଆରମ୍ଭ କରି ସମସ୍ତ ଜଳଚର ଓ ସ୍ଥଳଚର ଜୀବଜନ୍ତୁ ତଥା ପକ୍ଷୀମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଗଠନ ଶୈଳୀକୁ ଲକ୍ଷ୍ୟ କରାଯାଏ, ତେବେ ଈଶ୍ୱରଙ୍କ ମହିମା ଉପଲବ୍ଧ ହୁଏ ଯେ ପ୍ରତ୍ୟେକ ବସ୍ତୁର ଗଠନ ଶୈଳୀ ତା'ର ଆବଶ୍ୟକତାକୁ ଚାହିଁ କରାଯାଇଛି । ପାଠକେ ନିଜେ ନିଜେ ଭାବି ନିଅନ୍ତୁ, କାରଣ ଏହି ବିଷୟ ଅତି ବ୍ୟାପକ ।

ପବିତ୍ର କୁରଆନ ଈଶ୍ୱରଙ୍କ ଅସ୍ତିତ୍ୱର ଦ୍ୱିତୀୟ ପ୍ରମାଣ ସକାଶେ ଈଶ୍ୱରଙ୍କୁ ସକଳ ସୃଷ୍ଟିର କାରଣ ହୋଇଥିବା ବିଷୟକୁ ଉପସ୍ଥାପନ କରିଛି । ସୁତରାଂ ପବିତ୍ର କୁରଆନ କହେ:

وَاَنَّ اِلٰى رَبِّكَ الْمُنْتَهٰى

(ଅନ୍ ନଯମ୍ 90:43)

ଅର୍ଥାତ 'ସମସ୍ତ କାରଣ ଓ ସମସ୍ତ ଜ୍ଞାନର ଶୃଙ୍ଖଳାମାନ ତୁମ ଈଶ୍ୱରଙ୍କ ଠାରେ ଯାଇ ଶେଷ ହୁଏ' । ନଜରେ ତାଆ'ମ୍ମୁକ ଅର୍ଥାତ ସୂକ୍ଷ୍ମ ଦୃଷ୍ଟିରେ ଅନୁଧ୍ୟାନ କଲେ ଜଣାପଡ଼ିବ ଯେ ଏ ସମସ୍ତ ସୃଷ୍ଟିର ପ୍ରକ୍ରିୟା କାର୍ଯ୍ୟ-କାରଣର ନିୟମ ମଧ୍ୟରେ ବନ୍ଧା ହୋଇ ରହିଛି । ଏଥିଯୋଗୁଁ ହିଁ ସଂସାରରେ ବିଭିନ୍ନ ଧରଣର ବିଦ୍ୟା ଜାତ ହୋଇଛି । କାରଣ ସୃଷ୍ଟିର କୌଣସି ଅଂଶ ଏହି ବ୍ୟବସ୍ଥାର ବହିର୍ଭୂତ ନୁହେଁ । ସୃଷ୍ଟିର କେତେକ ଅଂଶ କେତେକଙ୍କ ପାଇଁ ମୂଳ ସଦୃଶ ହେଲେ କେତେକ ଅଂଶ ଶାଖା ପ୍ରଶାଖା ସଦୃଶ । ଏହା ସୁସ୍ପଷ୍ଟ ଯେ ଗୋଟିଏ କାରଣ ହୁଏତ ମୌଳିକ ଭାବେ ସ୍ଥିତ ହୋଇଥାଏ ଅଥବା ଏହାର ସ୍ଥିତି ଅନ୍ୟ କୌଣସି କାରଣର ସତ୍ତା ଉପରେ ନିର୍ଭରଶୀଳ ହୋଇଥିବ । ପୁନରାୟ ଏହି ଦ୍ୱିତୀୟ କାରଣଟି ଅନ୍ୟ ଏକ କାରଣ ଉପରେ ଏବଂ ଏହିପରି ତା'ପରକୁ ତା'ପରକୁ ଥାଏ । ଏହା ତ କେବେ ଯୁକ୍ତିଯୁକ୍ତ ହେବ ନାହିଁ ଯେ ଏହି ସୀମିତ ସଂସାରରେ କାର୍ଯ୍ୟ-କାରଣର କ୍ରମ କେଉଁଠାରେ ଯାଇ ସମାପ୍ତ ହେଉ ନଥିବ ଏବଂ ଏହା ଅନନ୍ତ ଚାଲି ରହିଥିବ । ସୁତରାଂ ଏହା ମାନିବା ଜରୁରୀ ହୋଇପଡୁଛି ଯେ ପ୍ରକୃତିର ଏହି ଶୃଙ୍ଖଳା କୌଣସି ଅନ୍ତିମ କାରଣ ଠାରେ ଯାଇ ସମାପ୍ତ ହେଉଥିବ । ସୁତରାଂ ଯାହାଠାରେ ଏହି ସମସ୍ତ ଶୃଙ୍ଖଳାର ଶେଷ, ସେ ହିଁ

ଈଶ୍ୱର । ଆଖି ଫିଟାଇ ଦେଖ ଯେ وَاَنَّ اِلٰى رَبِّكَ الْمُنْتَهٰى ଆୟତଟି କିପରି ନିଜର ସଂକ୍ଷିପ୍ତ ଶବ୍ଦ ଦ୍ୱାରା ଉପରିସ୍ଥ ପ୍ରମାଣକୁ ବର୍ଣ୍ଣନା କରୁଛି, ଯାହାର ଏହି ଅର୍ଥ ହେବ ଯେ ସମସ୍ତ ଶୃଙ୍ଖଳାର ଶେଷ ତୁମ ଈଶ୍ୱରଙ୍କ ପର୍ଯ୍ୟନ୍ତ ।

ପୁନଶ୍ଚ ସେ ନିଜ ଅସ୍ତିତ୍ୱର ଆଉ ଏକ ପ୍ରମାଣ ଏପରି ଦେଇଛନ୍ତି । ଯେପରିକି ସେ କହିଲେ, لَا الشَّمْسُ يَنْۢبَغِيْ لَهَاۤ اَنْ تُدْرِكَ الْقَمَرَ وَلَا الَّيْلُ سَابِقُ النَّهَارِ ؕ وَكُلٌّ فِيْ فَلَكٍ يَّسْبَحُوْنَ (ୟାସିନ୍ 36:41)

ଅର୍ଥାତ 'ସୂର୍ଯ୍ୟ କେବେ ଚନ୍ଦ୍ରକୁ ଧରି ପାରେ ନାହିଁ ନା ଚନ୍ଦ୍ରକୁ ପ୍ରକାଶ କରୁଥିବା ରାତ୍ରି ସୂର୍ଯ୍ୟ-ପ୍ରକାଶକ ଦିନ ଉପରେ କୌଣସି କର୍ତ୍ତୃତ୍ୱ ଜାହିର କରିପାରିବ । ଅର୍ଥାତ ଏମାନଙ୍କ ମଧ୍ୟରୁ କେହି ବି ନିଜ ନିର୍ଦ୍ଧାରିତ ସୀମାରୁ ବାହାରକୁ ଯାଆନ୍ତି ନାହିଁ । ଯଦି ପର୍ଦ୍ଦା ଅନ୍ତରାଳରେ ସେମାନଙ୍କର କେହି ନିୟନ୍ତ୍ରଣକର୍ତ୍ତା ନ ଥାଆନ୍ତା ତେବେ ଏ ସମସ୍ତ ବ୍ୟବସ୍ଥା ଓଲଟ ପାଲଟ ହୋଇଯାଆନ୍ତା । ଏହି ତର୍କ ଜ୍ୟୋତିର୍ବିଦଙ୍କ ସକାଶେ ଅତ୍ୟନ୍ତ ଲାଭଦାୟକ, କାରଣ ନଭୋମଣ୍ଡଳରେ ଗ୍ରହନକ୍ଷତ୍ରର ବିଶାଳ ପ୍ରକାଣ୍ଡ ଗୋଲକମାନ ଏପରି ଅପରିମେୟ ସଂଖ୍ୟାରେ ରହିଛନ୍ତି, ଯେ ସେମାନଙ୍କର ଟିକିଏ ମାତ୍ର ଭୁଲ ଭଟକାରେ ସମଗ୍ର ପୃଥିବୀ ଧ୍ୱଂସ ପାଇଯାଇ ପାରେ । ଏହା କିଭଳି ଐଶ୍ୱରିକ କରାମତି ଯେ ସେମାନେ ପରସ୍ପର ସହ ଧକ୍କା ଖାଉ ନାହାନ୍ତି ଅଥବା କିଂଚିତ ମାତ୍ର ଗତି ପରିବର୍ତ୍ତନ କରୁନାହାନ୍ତି ଅଥବା ଏତେ କାଳଧରି କାର୍ଯ୍ୟ କରି ଆସୁଥିଲେ ସୁଦ୍ଧା ସାମାନ୍ୟ କ୍ଷୟ ମଧ୍ୟ ହୋଇନାହାନ୍ତି ? ତାଙ୍କର କଳକବ୍ଜା ମଧ୍ୟ କିଛି ବିଗିଡ଼ି ଯାଇ ନାହିଁ । ଏ ସବୁର ଉର୍ଦ୍ଧ୍ୱରେ ଯଦି କେହି ସଂରକ୍ଷକ ନାହିଁ, ତେବେ ଏହା କିପରି ସମ୍ଭବ ଯେ ଏତେ ବଡ଼ କାରଖାନା ଅସୁମାରି ବର୍ଷ ଧରି ଆପଣା ଛାଏଁ କାର୍ଯ୍ୟ କରି ଚାଲିଛି ?

ଏହି ରହସ୍ୟଗୁଡ଼ିକ ପ୍ରତି ଇଙ୍ଗିତ କରି ପରମେଶ୍ୱର ଅନ୍ୟ ଏକ ସ୍ଥାନରେ କହିଛନ୍ତି: اَفِي اللّٰهِ شَكٌّ فَاطِرِ السَّمٰوٰتِ وَالْاَرْضِ

(ଇବ୍ରାହିମ୍ 14:11) 'ଅର୍ଥାତ କ'ଣ ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ସନ୍ଦେହ ହୋଇପାରେ ଯେକି ଏପରି ଆକାଶ ଓ ଏପରି ପୃଥିବୀ ସୃଷ୍ଟି କରିଛନ୍ତି ?'

ପୁନରାୟ ସେ ଏକ ସୂକ୍ଷ୍ମ ଦଲିଲ ନିଜ ଅସ୍ତିତ୍ୱ ସମ୍ବନ୍ଧରେ ଦେଇ କହିଛନ୍ତି:

كُلُّ مَنْ عَلَيْهَا فَانٍ ۝ وَّيَبْقٰى وَجْهُ رَبِّكَ ذُو الْجَلٰلِ وَالْاِكْرَامِ ۝

(ଅର୍ ରହ୍‌ମାନ 55:27,28)

ଅର୍ଥାତ 'ପ୍ରତ୍ୟେକ ବସ୍ତୁ ବିନାଶଶୀଳ । ଯାହା ଶାଶ୍ୱତ ରୁହେ ସେ ହେଉଛନ୍ତି ଈଶ୍ୱର, ଯେକି ସର୍ବଶକ୍ତିମାନ ଓ ଅତି ଗୌରବମୟ ।'

ଦେଖ ବର୍ତ୍ତମାନ ଯଦି ଆମେ ଧରିନେଉ ଯେ ଯଦି ପୃଥିବୀ ଧୂଳିସାତ୍ ହୋଇଯାଏ ଓ ନଭୋମଣ୍ଡଳୀୟ ଗ୍ରହନକ୍ଷତ୍ରମାନ ମଧ୍ୟ ଖଣ୍ଡବିଖଣ୍ଡ ହୋଇଯାଆନ୍ତି ଓ ସେମାନଙ୍କ ଉପର ଦେଇ ଏପରି ଏକ ଝଡ଼ ବହିଯାଏ ଯାହା ସେ ସମସ୍ତ ବସ୍ତୁଗୁଡ଼ିକର ଚିହ୍ନବର୍ଣ୍ଣକୁ ଏକବାରକେ ଲୋପ କରିଦିଏ, ତଥାପି ବୁଦ୍ଧି ଏହା ସ୍ୱୀକାର କରିବ ବରଂ ଶୁଦ୍ଧ ଚେତନା ଏହା ଆବଶ୍ୟକ ମନେ କରିବ ଯେ ଏ ସମସ୍ତ ନିଶ୍ଚିହ୍ନ ହୋଇଯିବା ସତ୍ତ୍ୱେ ଏପରି ଗୋଟିଏ ଅସ୍ତିତ୍ୱ ଅବଶିଷ୍ଟ ରହିଯିବ, ଯାହାକୁ ବିନାଶ କବଳିତ କରିପାରି ନଥିବ କିମ୍ବା ଯାହାକୁ ପରିବର୍ତ୍ତନ ଓ ଅବସ୍ଥାନ୍ତରଣ ସ୍ପର୍ଶ କରିପାରି ନଥିବ ଏବଂ ଯେ ନିଜର ପୂର୍ବ ଅବସ୍ଥାରେ ବିଦ୍ୟମାନ ରହିଥିବ । ସୁତରାଂ ସେ ଜଣକ ହେଉଛନ୍ତି ସେହି ଈଶ୍ୱର ଯେ ସମସ୍ତ ବିନାଶଶୀଳ ବସ୍ତୁମାନଙ୍କୁ ପ୍ରକାଶମାନ କରିଛନ୍ତି ଏବଂ ସେ ନିଜେ ଅବିନଶ୍ୱର ।

ପବିତ୍ର କୁରଆନରେ ପରମେଶ୍ୱର ନିଜ ଅସ୍ତିତ୍ୱ ସମ୍ପର୍କରେ ଆଉ ଏକ ପ୍ରମାଣ ଉପସ୍ଥାପନ କରିଛନ୍ତି:

اَلَسْتُ بِرَبِّكُمْ ؕ قَالُوْا بَلٰى

(ଅଲ୍ ଆରାଫ୍ 7:173)

ଅର୍ଥାତ 'ମୁଁ ଆତ୍ମାମାନଙ୍କୁ ପଚାରିଲି, କ'ଣ ମୁଁ ତୁମର ପାଳନକର୍ତ୍ତା ନୁହଁ ? ସେମାନେ କହିଲେ କାହିଁକି ନୁହଁ ?' ଏହି ଆୟତରେ ଈଶ୍ୱର ଗଳ୍ପଛଳରେ ଆତ୍ମାର ସେହି ବିଶେଷ ଗୁଣକୁ ବର୍ଣ୍ଣନା କରୁଅଛନ୍ତି, ଯାହାକୁ କି ସେ ତାହାର ସ୍ୱଭାବ ମଧ୍ୟରେ ରଖି ଦେଇଛନ୍ତି । ତାହା ହେଉଛି କୌଣସି ଆତ୍ମା ନିଜ ସ୍ୱଭାବ ଦୃଷ୍ଟିରୁ ଈଶ୍ୱରଙ୍କୁ ଅସ୍ୱୀକାର କରିପାରିବ ନାହିଁ । କେବଳ ନାସ୍ତିକମାନେ ନିଜ ଖିଆଲ୍‌ରେ ପ୍ରମାଣ ପାଉନାହାନ୍ତି ବୋଲି ଈଶ୍ୱରଙ୍କୁ ଅସ୍ୱୀକାର କରିଥାଆନ୍ତି । ଏଭଳି ଅସ୍ୱୀକାର ସତ୍ତ୍ୱେ

ସେମାନେ ଏ କଥା ମାନନ୍ତି ଯେ ପ୍ରତ୍ୟେକ ସୃଷ୍ଟି ପଛରେ ନିଶ୍ଚୟ ଜଣେ ସୃଷ୍ଟିକର୍ତ୍ତା ରହିଛନ୍ତି । ସଂସାରରେ ଏଭଳି କୌଣସି ଅଜ୍ଞ ବ୍ୟକ୍ତି ନାହିଁ ଯେ କି ଶରୀରରେ କୌଣସି ରୋଗ ଦେଖାଦେଲେ ଯୁକ୍ତି କରି ବସିବ ଯେ ଏ ରୋଗ ପ୍ରକାଶ ପାଇବା ପଛରେ କୌଣସି କାରଣ ନାହିଁ । ପୃଥିବୀର ବ୍ୟବସ୍ଥାମାନ ଯଦି କାର୍ଯ୍ୟ-କାରଣର ସମ୍ପର୍କ ଉପରେ ପର୍ଯ୍ୟବସିତ ନ ଥାଆନ୍ତା, ତେବେ ଏହା ପୂର୍ବାନୁମାନ କରି କହିବା ଅସମ୍ଭବ ହୋଇ ପଡ଼ନ୍ତା ଯେ ଅମୁକ ତାରିଖରେ ଝଡ଼ ଅଥବା ବାତ୍ୟା ହେବ କିମ୍ବା ସୂର୍ଯ୍ୟପରାଗ ବା ଚନ୍ଦ୍ରଗ୍ରହଣ ହେବ କିମ୍ବା ଅମୁକ ସମୟରେ ରୋଗୀଟି ମରିଯିବ ଅଥବା ଅମୁକ ସମୟ ପର୍ଯ୍ୟନ୍ତ ଗୋଟିଏ ରୋଗ ସହିତ ଅମୁକ ରୋଗ ଲାଗି ରହିବ । ସୁତରାଂ ଏପରି ଅନିସନ୍ଧିତ୍ସୁ ଯଦିଓ ଈଶ୍ୱରଙ୍କର ଅସ୍ତିତ୍ୱକୁ ସ୍ୱୀକାର କରେ ନାହିଁ ତଥାପି ପ୍ରକାରାନ୍ତରେ ସେ ସ୍ୱୀକାର କରିନେଲା ଯେ ସେ ମଧ୍ୟ ଆମ ଭଳି କାର୍ଯ୍ୟ ପାଇଁ କାରଣର ସନ୍ଧାନରେ ଅଛି । ସୁତରାଂ ଏହା ମଧ୍ୟ ଏକ ପ୍ରକାରର ସ୍ୱୀକାରୋକ୍ତି ଯଦିଚ ପୂର୍ଣ୍ଣ ସ୍ୱୀକାର ନୁହେଁ । ଏତଦ୍ ବ୍ୟତୀତ ଯଦି କୌଣସି ଉପାୟରେ ଜଣେ ନାସ୍ତିକକୁ ଏଭଳି ଭାବେ ଅଚେତ କରି ଦିଆଯାଏ ଯେ ସେ ଏ ତୁଚ୍ଛ ଜୀବନର ଭାବନା ମଧ୍ୟରୁ ସଂପୂର୍ଣ୍ଣ ଅଲଗା ହୋଇଯିବ ଓ ସମସ୍ତ ଇଚ୍ଛା ଅଭିଳାଷରୁ ପୃଥକ ହୋଇ ମହାଶକ୍ତିର ନିୟନ୍ତ୍ରଣାଧୀନ ହୋଇଯିବ, ତେବେ ଏପରି ଅବସ୍ଥାରେ ସେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଅବଶ୍ୟ ସ୍ୱୀକାର କରିବ, ଅସ୍ୱୀକାର କରିବ ନାହିଁ । ଯେପରିକି ବଡ଼ ବଡ଼ ଅନୁଭବୀମାନଙ୍କ ଅନୁଭୂତି ଏହାର ସାକ୍ଷୀ ! ସୁତରାଂ ଏଭଳି ଅବସ୍ଥା ପ୍ରତି ଏହି ଆୟତର ସଙ୍କେତ ରହିଛି ଏବଂ ଆୟତଟିର ଅର୍ଥ ହେଉଛି, ଈଶ୍ୱରଙ୍କ ଅସ୍ତିତ୍ୱର ଅସ୍ୱୀକାର କେବଳ ମନୁଷ୍ୟର ପାର୍ଥୀବ ଜୀବନ ପର୍ଯ୍ୟନ୍ତ ସୀମିତ ଅନ୍ୟଥା ତାର ଅସଲ ସ୍ୱଭାବରେ ସ୍ୱୀକାର ହିଁ ଭରି ରହିଛି ।

## ଐଶ୍ୱରିକ ଗୁଣାବଳୀ

ଏସବୁ ଥିଲା ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ, ଯାହାକୁ ଆମେ ନମୁନା ସ୍ୱରୂପ ବର୍ଣ୍ଣନା କଲୁଁ । ଏହାପରେ ଏ କଥା ମଧ୍ୟ ଜାଣିବା ଉଚିତ ଯେ ଯେଉଁ ଈଶ୍ୱରଙ୍କ ଆଡ଼କୁ ଆମକୁ ପବିତ୍ର କୁରଆନ ଡ଼ାକୁଛି, ତାହାଙ୍କ ବିଶେଷତ୍ୱଗୁଡ଼ିକ ସେ ଉଲ୍ଲେଖ

କରିଛି: هُوَ اللّٰهُ الَّذِىْ لَآ اِلٰهَ اِلَّا هُوَ ۚ عٰلِمُ الْغَيْبِ وَ الشَّهَادَةِ ۚ هُوَ
الرَّحْمٰنُ الرَّحِيْمُ (ଅଲ୍ ହସର୍ 59:23)

مٰلِكِ يَوْمِ الدِّيْنِ (ଅଲ୍ ଫାତେହା 1:4)

اَلْمَلِكُ الْقُدُّوْسُ السَّلٰمُ الْمُؤْمِنُ الْمُهَيْمِنُ الْعَزِيْزُ
الْجَبَّارُ الْمُتَكَبِّرُ ۗ (ଅଲ୍ ହସର୍ 59:24)

هُوَ اللّٰهُ الْخَالِقُ الْبَارِئُ الْمُصَوِّرُ لَهُ الْاَسْمَآءُ الْحُسْنٰى ۗ يُسَبِّحُ لَهٗ مَا فِى
السَّمٰوٰتِ وَالْاَرْضِ ۚ وَهُوَ الْعَزِيْزُ الْحَكِيْمُ (ଅଲ୍ ହସର୍ 59:25)

عَلٰى كُلِّ شَىْءٍ قَدِيْرٌ (ଅଲ୍ ବକରା 2:21)

رَبِّ الْعٰلَمِيْنَ ۙ الرَّحْمٰنِ الرَّحِيْمِ ۙ مٰلِكِ يَوْمِ الدِّيْنِ (ଅଲ୍ ଫାତେହା 1:2-4)

اُجِيْبُ دَعْوَةَ الدَّاعِ اِذَا دَعَانِ (ଅଲ୍ ବକରା 2:87)

اَلْحَىُّ الْقَيُّوْمُ (ଅଲ୍ ବକରା 2:256)

قُلْ هُوَ اللّٰهُ اَحَدٌ ۚ اَللّٰهُ الصَّمَدُ ۚ لَمْ يَلِدْ ۙ وَلَمْ يُوْلَدْ ۙ وَلَمْ
يَكُنْ لَّهٗ كُفُوًا اَحَدٌ ۚ (ଅଲ୍ ଇଖ୍ଲାସ 112:2-5)

ଅର୍ଥାତ 'ସେ ହିଁ ଈଶ୍ୱର ଯେ କି ଅଦ୍ୱିତୀୟ ଓ ଯାହାଙ୍କ ସମକକ୍ଷ କେହି ନାହିଁ । ତାଙ୍କ ବ୍ୟତୀତ ଉପାସନା ଓ ଆନୁଗତ୍ୟର ଯୋଗ୍ୟ କେହିଭି ନାହିଁ ।' ଏହା ଏଥିପାଇଁ କୁହାଯାଇଛି ଯେ ଯଦି ସେ ସମକକ୍ଷ ବିହୀନ ନ ହୁଅନ୍ତି, ତେବେ ହୁଏତ ତାଙ୍କର ଶକ୍ତି ଉପରେ ଶତ୍ରୁ-ଶକ୍ତି ପ୍ରାଧାନ୍ୟ ଲାଭ କରିନେବ । ଏପରି ଅବସ୍ଥାରେ ଈଶ୍ୱରତ୍ୱ ବିପଦଗ୍ରସ୍ତ ରହିବ । ପୁନଶ୍ଚ ଯାହା କୁହାଯାଇଛି ଯେ ତାଙ୍କ ବ୍ୟତୀତ କେହି ଉପାସନାର ଯୋଗ୍ୟ ନୁହେଁ, ତା'ର ଅର୍ଥ ହେଉଛି ସେ ଏପରି ଏକ ସମ୍ପୂର୍ଣ୍ଣ ଈଶ୍ୱର ଯାହାଙ୍କ ଚରିତ୍ର, ଗୁଣାବଳୀ ଓ ଉତ୍କର୍ଷତା ଏପରି ଉଚ୍ଚ ଓ ଶ୍ରେଷ୍ଠ ଶ୍ରେଣୀର ଯେ ଯଦି ବ୍ରହ୍ମାଣ୍ଡ ମଧ୍ୟରୁ ସର୍ବୋତ୍କୃଷ୍ଟ ଗୁଣ ସମ୍ପନ୍ନ ଜଣେ କେହି ଈଶ୍ୱରଙ୍କୁ ବାଛିବାକୁ ହୁଏ ଅଥବା ଯଦି ସର୍ବାଧିକ ସମ୍ଭବ ଐଶ୍ୱରିକ ଗୁଣାବଳୀ କଳ୍ପନା କରାଯାଏ, ତେବେ ଯାହା ସମସ୍ତଙ୍କଠାରୁ ଉର୍ଦ୍ଧ୍ୱରେ ରହିବ, ଯାହାଠାରୁ ଆଉ ଅଧିକ ଉତ୍ତମ କେହି ହୋଇପାରିବ ନାହିଁ, ସେ ହିଁ ହେବେ ସେହି ଈଶ୍ୱର, ଯାହାଙ୍କ ଉପାସନାରେ ଅନ୍ୟ ଇତରଙ୍କୁ ସମକକ୍ଷ

କରିବା ଅପରାଧ ହେବ । ପୁନଶ୍ଚ କୁହାଯାଇଛି ଯେ ସେ ଅଜ୍ଞାତକୁ ଜାଣନ୍ତି । ଅର୍ଥାତ ସେ ସ୍ୱୟଂ ନିଜକୁ ଜାଣନ୍ତି । ତାହଙ୍କ ଅସ୍ତିତ୍ୱକୁ କେହି କଳନା କରି ପାରିବ ନାହିଁ । ଆମେ ସୂର୍ଯ୍ୟ ଚନ୍ଦ୍ର ଆଦି ପ୍ରତ୍ୟେକ ସୃଷ୍ଟିକୁ ସାମଗ୍ରିକ ରୂପେ ଦେଖି ପାରିବା କିନ୍ତୁ ଈଶ୍ୱରଙ୍କୁ ସାମଗ୍ରିକ ରୂପେ ଦେଖିବା ପାଇଁ ଆମେ ଅସମର୍ଥ । ପୁନଶ୍ଚ କୁରଆନ କୁହେ, 'ସେ ଜ୍ଞାତକୁ ଜାଣନ୍ତି' ଅର୍ଥାତ ତାଙ୍କ ଦୃଷ୍ଟି ଅନ୍ତରାଳରେ କୌଣସି ବସ୍ତୁ ନାହିଁ । ଏହା ଉଚିତ ହେବ ନାହିଁ ଯେ ଈଶ୍ୱର ବୋଲାଇ ବସ୍ତୁ ଜ୍ଞାନରୁ ନିଜେ ଅନବଗତ ଥିବେ । ଏହି ବିଶ୍ୱବ୍ରହ୍ମାଣ୍ଡର କ୍ଷୁଦ୍ରାତିକ୍ଷୁଦ୍ର କଣିକା ପ୍ରତି ସେ ତାଙ୍କ ନଜର ରଖିଛନ୍ତି, ଅଥଚ ମନୁଷ୍ୟ ରଖିପାରିବ ନାହିଁ । ସେ ଜାଣନ୍ତି କେତେବେଳେ ସେ ଏହି ବ୍ୟବସ୍ଥାକୁ ଭାଙ୍ଗିବେ ଓ ପ୍ରଳୟ ରଚନା କରିବେ । ତାହାଙ୍କ ବ୍ୟତୀତ କେହି ଜାଣି ନାହିଁ ଯେ ଏହା କେବେ ହେବ ? ସୁତରାଂ ସେ ହିଁ ଈଶ୍ୱର ଯେ ଏ ସମସ୍ତ ସମୟକୁ ଜାଣନ୍ତି । ପୁଣି କୁହାଯାଇଛି ଯେ 'ସେ ହେଉଛନ୍ତି କରୁଣାମୟ' । ଅର୍ଥାତ କୌଣସି ପ୍ରାଣୀର ଅସ୍ତିତ୍ୱ ପ୍ରକାଶ ପୂର୍ବରୁ ଓ ତାଦ୍ୱାରା କୌଣସି କର୍ମ ସଂଘଟିତ ହେବା ପୂର୍ବରୁ, ଈଶ୍ୱର ନିଜର କୌଣସି ସ୍ୱାର୍ଥ ବିନା, ପ୍ରାଣୀର କୌଣସି କର୍ମର ପରିଣାମ ବିନା କେବଳ ମାତ୍ର ସ୍ୱ କରୁଣା ଦ୍ୱାରା ସେମାନଙ୍କ ସକାଶେ ଆରାମଦାୟକ ସାମଗ୍ରୀମାନ ଖଞ୍ଜି ଦେଇଥାନ୍ତି । ଦୃଷ୍ଟାନ୍ତ ସ୍ୱରୂପ ଆମର ଅସ୍ତିତ୍ୱ ପୂର୍ବରୁ ତଥା ଆମ କର୍ମର ଅସ୍ତିତ୍ୱ ପ୍ରକଟ ହେବା ପୂର୍ବରୁ ସେ ଆମ ପାଇଁ ସୂର୍ଯ୍ୟ, ପୃଥିବୀ ଓ ଅନ୍ୟାନ୍ୟ ସବୁ ବସ୍ତୁଗୁଡ଼ିକୁ ସୃଷ୍ଟି କରିଦେଲେ । ଈଶ୍ୱରଙ୍କ ଗ୍ରନ୍ଥରେ ଏହି ଦାନର ନାମ ଦୟାଶୀଳତା (ରହ୍‌ମାନିୟତ୍) ରଖା ହୋଇଛି । ଏହି କାର୍ଯ୍ୟ ହେତୁ ଈଶ୍ୱର ଦୟାବାନ الرَّحْمٰنِ (ଅର୍ ରହମାନ୍) ବୋଲାନ୍ତି । ସେହିପରି ତାଙ୍କୁ الرَّحِيْمِ କୁହାଯାଇଛି । ଅର୍ଥାତ ସେ ଈଶ୍ୱର ସତ୍‌କର୍ମର ତା'ଠାରୁ ବଳି ସୁଫଳ ପ୍ରଦାନ କରନ୍ତି । କାହାରି ପରିଶ୍ରମକୁ ନଷ୍ଟ କରନ୍ତି ନାହିଁ ଏବଂ ଏହି ଗୁଣ ଯୋଗୁଁ ସେ الرَّحِيْمِ (ଅର୍ ରହିମ୍) ବୋଲାନ୍ତି ଏବଂ ଏହି ଗୁଣ 'ରହିମିୟତ୍' ନାମରେ ଅଭିହିତ । ପୁଣି ଈଶ୍ୱର କହିଛନ୍ତି; مٰلِكِ يَوْمِ الدِّيْنِ ○ (ମାଲିକେ ୟୋମିଦ୍ଦିନ୍) 'ବିଚାର ଦିବସର ପ୍ରଭୁ' ଅର୍ଥାତ ସେ ଈଶ୍ୱର ପ୍ରତ୍ୟେକ ପ୍ରତିଫଳ ନିଜ ହାତରେ ରଖିଛନ୍ତି । ତାଙ୍କର ଏପରି କୌଣସି ପ୍ରତିନିଧି ନାହିଁ, ଯାହାକୁ ସେ

ପୃଥିବୀ ଓ ଆକାଶର ଶାସନ ଭାର ସମର୍ପି ଦେଇଛନ୍ତି ଓ ସ୍ୱୟଂ ଅଲଗା ହୋଇ ବସିଛନ୍ତି ଓ ନିଜେ କିଛି କରୁନାହାନ୍ତି, ସେହି ପ୍ରତିନିଧି ହିଁ ସମସ୍ତ ପୁରସ୍କାର ଓ ଦଣ୍ଡ ବିଧାନ କରୁଛି ଅଥବା ଭବିଷ୍ୟତରେ କରିବ । ପୁଣି ଈଶ୍ୱରଙ୍କ ଅନ୍ୟ ଏକ ଗୁଣ ସମ୍ବନ୍ଧରେ ପବିତ୍ର କୁରଆନ କହିଛି:

اَلْمَلِكُ الْقُدُّوْسُ (ଅଲ୍ ହଶର୍ 59:24)

ଅର୍ଥାତ 'ସେ ଈଶ୍ୱର ହିଁ ସମ୍ରାଟ ଯାହାଙ୍କଠାରେ କୌଣସି ଦୋଷ-ତୃଟିର ଦାଗ ନାହିଁ । ଏହା ସ୍ପଷ୍ଟ ଯେ ମାନବୀୟ ରାଜତ୍ୱ ଦୋଷ ମୁକ୍ତ ନୁହଁ । ଉଦାହରଣ ସ୍ୱରୂପ ଯଦି ସମସ୍ତ ପ୍ରଜା ଦେଶ ଛାଡ଼ି ଅନ୍ୟ ଦେଶକୁ ପଳାୟନ କରନ୍ତି ତେବେ ତାଙ୍କର ରାଜତ୍ୱ ତିଷ୍ଠି ରହିପାରିବ ନାହିଁ । ଅଥବା ଉଦାହରଣତଃ ଯଦି ସମସ୍ତ ପ୍ରଜା ଦୁର୍ଭିକ୍ଷ ଗ୍ରସ୍ତ ହୁଅନ୍ତି, ତେବେ ରାଜସ୍ୱ ଆସିବ କେଉଁଠୁ ? ପୁଣି ଯଦି ପ୍ରଜାଗଣ ତା ସହିତ ଯୁକ୍ତି କରିବସନ୍ତି, ଯେ ତୁମେ କେଉଁଗୁଣେ ଆମଠାରୁ ଅଧିକ, ତା'ହେଲେ ସେ ନିଜର କେଉଁ ପାରଙ୍ଗମତା ସାବ୍ୟସ୍ତ କରିବେ ? କିନ୍ତୁ ଈଶ୍ୱରଙ୍କ ସମ୍ରାଟତ୍ୱ ଏ ଧରଣର ନୁହଁ । ନିମିଷକେ ସେ ସମସ୍ତ ରାଇଜକୁ ଲୋପ କରିଦେଇ ଅନ୍ୟ ଏକ ସୃଷ୍ଟି ଗଢି ଦେଇପାରନ୍ତି । ଯଦି ସେ ଏଭଳି ସ୍ରଷ୍ଟା ଓ ଶକ୍ତିମାନ୍ ନହୋଇଥାନ୍ତେ, ତେବେ ତାଙ୍କ ରାଜତ୍ୱ ବିନା ଅତ୍ୟାଚରରେ ଚାଲିପାରନ୍ତା ନାହିଁ । କାରଣ ସେ ଦୁନିଆକୁ ଥରେ କ୍ଷମା ଓ ମୁକ୍ତି ଦେଇ ସାରିଲା ପରେ ପୁଣି ଆଉ ଗୋଟିଏ ଦୁନିଆ କେଉଁଠାରୁ ଆଣନ୍ତେ ? କ'ଣ ମୁକ୍ତି ପ୍ରାପ୍ତ ଲୋକମାନଙ୍କୁ ଦୁନିଆକୁ ପଠାଇବା ପାଇଁ ଆଉ ଥରେ ଧରି ଆଣନ୍ତେ ଏବଂ ନିଜର କ୍ଷମା ଓ ମୁକ୍ତି ପ୍ରଦାନକୁ ଅନ୍ୟାୟ ଉପାୟରେ ଫେରାଇ ନିଅନ୍ତେ ? ଏପରି କଲେ ତାଙ୍କ ଈଶ୍ୱରତ୍ୱ ଉପରେ ହିଁ ଆଞ୍ଚ୍ ଆସନ୍ତା ଓ ସେ ପୃଥିବୀର ସମ୍ରାଟମାନଙ୍କ ସଦୃଶ ଗୋଟିଏ ଦୋଷଯୁକ୍ତ ସମ୍ରାଟ ହୁଅନ୍ତେ । ଯେଉଁମାନେ ସାଂସାରିକ ନିୟମ ତିଆରି କରନ୍ତି ଓ କଥା କଥାକେ ରାଗି ଉଠନ୍ତି, ନିଜ ସ୍ୱାର୍ଥ ବେଳେ ଯଦି ଦେଖନ୍ତି ଯେ ଅନ୍ୟାୟ ବିନା ଆନ ଗତି ନାହିଁ, ସେତେବେଳେ ଅନ୍ୟାୟକୁ ମାତୃ କ୍ଷୀର ସମାନ ଭାବି ଆକଣ୍ଠ ପାନକରନ୍ତି । ଦୃଷ୍ଟାନ୍ତ ସ୍ୱରୂପ ରାଷ୍ଟ୍ରର ନିୟମ ଅନୁଯାୟୀ ଏହା ବୈଧ ଯେ ଗୋଟିଏ ଜାହାଜକୁ ବଞ୍ଚାଇବା

ଲାଗି ଗୋଟିଏ ନୌକାର ଯାତ୍ରୀମାନଙ୍କୁ ଧ୍ୱଂସମୁଖକୁ ଠେଲି ଦିଆ ଯାଇପାରେ ଏବଂ ମାରି ଦିଆଯାଏ । କିନ୍ତୁ ଈଶ୍ୱରଙ୍କୁ ତ ଏଭଳି ମଜବୁରୀ ନାହିଁ । ସୁତରାଂ ଯଦି ଈଶ୍ୱର ପୂର୍ଣ୍ଣ ସର୍ବଶକ୍ତିମାନ ତଥା ନାସ୍ତିରୁ ସୃଷ୍ଟି କଲାବାଲା ନହୁଅନ୍ତେ ତେବେ ଦୁର୍ବଳ ସମ୍ରାଟମାନଙ୍କ ସଦୃଶ ଅସୀମ ଶକ୍ତି ପରିବର୍ତ୍ତେ ଅନ୍ୟାୟ ଦ୍ୱାରା କାର୍ଯ୍ୟ ସମ୍ପାଦନ କରନ୍ତେ ଅଥବା ନ୍ୟାୟବନ୍ତ ସାଜି ଈଶ୍ୱରତ୍ୱକୁ ହିଁ 'ଶୁଭ ବିଦାୟ' କହନ୍ତେ; ମାତ୍ର ଈଶ୍ୱରଙ୍କ ପୋତ ତା'ର ସମସ୍ତ ପରାକ୍ରମ ସହ ପ୍ରକୃତ ନ୍ୟାୟ ଉପରେ ଗତିମାନ ରହିଛି । ପୁନଶ୍ଚ କହିଲେ 'ଅସ୍ ସଲାମ' ଅର୍ଥାତ ସେ ପରମେଶ୍ୱର ସମସ୍ତ ଦୋଷ-ଦୁର୍ବଳତା, ବିପଦ ଓ ଦୁରବସ୍ଥାରୁ ନିରାପଦ; ବରଂ ନିରାପତ୍ତା ପ୍ରଦାନକାରୀ ଅଟନ୍ତି । ଏହାର ଅର୍ଥ ଅତି ସୁସ୍ପଷ୍ଟ । କାରଣ ଯଦି ଈଶ୍ୱର ନିଜେ ବିପଦଗ୍ରସ୍ତ ହୁଏ, ଲୋକମାନଙ୍କ ହାତରେ ଯଦି ତାକୁ ସଂହାର କରାଯାଏ, ଓ ତା ଚେଷ୍ଟାଗୁଡ଼ିକରେ ଯଦି ସେ ବିଫଳ ହୁଏ, ତେବେ ଏପରି ଦୃଷ୍ଟାନ୍ତମାନ ଦେଖି ମନ କିପରିଭାବେ ଥୟ ଧରିବ ଯେ ଏଭଳି ଈଶ୍ୱର ଆମକୁ ଆମର ସକଳ ବିପଦମାନରୁ ନିଶ୍ଚୟ ମୁକୁଳାଇ ଆଣିବେ ? ସୁତରାଂ ମିଥ୍ୟା-ଉପାସ୍ୟମାନଙ୍କ ସମ୍ପର୍କରେ ଈଶ୍ୱର କହିଛନ୍ତି:

اِنَّ الَّذِيْنَ تَدْعُوْنَ مِنْ دُوْنِ اللّٰهِ لَنْ يَّخْلُقُوْا ذُبَابًا وَّ لَوِ
اجْتَمَعُوْا لَهٗ ؕ وَ اِنْ يَّسْلُبْهُمُ الذُّبَابُ شَيْـًٔا لَّا يَسْتَنْقِذُوْهُ مِنْهُ ؕ
ضَعُفَ الطَّالِبُ وَ الْمَطْلُوْبُ ۝ مَا قَدَرُوا اللّٰهَ حَقَّ قَدْرِهٖ ؕ اِنَّ
اللّٰهَ لَقَوِيٌّ عَزِيْزٌ ۝
(ଅଲ୍ ହଜ୍ 74:75)

ଅର୍ଥାତ ଯେଉଁମାନଙ୍କୁ ତୁମେମାନେ ଈଶ୍ୱର କରି ବସିଛ ସେମାନେ ଏପରି ଯେ ସେମାନେ ସମସ୍ତେ ଯଦି ଏକତ୍ରିତ ହୋଇ ଗୋଟିଏ ମାଛି ସୃଷ୍ଟି କରିବାକୁ ଚାହିଁବେ, କେବେ ବି ସୃଷ୍ଟି କରିପାରିବେ ନାହିଁ । ଯଦିଚ ସେମାନେ ପରସ୍ପରକୁ ସାହାଯ୍ୟ ବି କରନ୍ତି । ବରଂ ମାଛି ଯଦି ତାଙ୍କର କୌଣସି ଦ୍ରବ୍ୟ ଛଡ଼ାଇ ନେଇଯାଏ ତେବେ ତାଙ୍କଠାରେ ଏତିକି ବି ଶକ୍ତି ନାହିଁ ଯେ ସେମାନେ ମାଛିଠାରୁ ଉକ୍ତ ଦ୍ରବ୍ୟକୁ ଛଡ଼ାଇ ଆଣିପାରିବେ । ଦୁର୍ବଳ-ମତି-ସମ୍ପନ୍ନ ସେମାନଙ୍କ ଉପାସକ ଗଣ ଏବଂ ଦୁର୍ବଳ-ଶକ୍ତି-ସମ୍ପନ୍ନ ସେମାନେ ! ଈଶ୍ୱର କ'ଣ ଏପରି ହୁଅନ୍ତି ? ଈଶ୍ୱର ତ

ସେ ଯେକି ସବୁ ବଳବାନ୍‌ମାନଙ୍କ ଠାରୁ ମଧ୍ୟ ଅଧିକ ବଳଶାଳୀ ଓ ସମସ୍ତଙ୍କର ଅଧିପତି । ତାଙ୍କୁ କେହି ଧରି ପାରେ ନାହିଁ ନା ତାଙ୍କୁ କେହି ମାରିପାରେ । ଏଭଳି ଭ୍ରାନ୍ତିରେ ଯେଉଁ ଲୋକମାନେ ପଡ଼ିଛନ୍ତି, ସେମାନେ ଈଶ୍ୱରଙ୍କ ମହତ୍ତ୍ୱ ବିଷୟରେ ଅବଗତ ନାହାନ୍ତି ଏବଂ ଜାଣନ୍ତି ନାହିଁ ଯେ ଈଶ୍ୱର କିଭଳି ହେବା ଉଚିତ । ଏହା ମଧ୍ୟ କୁହାଯାଇଛି ଯେ ଈଶ୍ୱର ହେଉଛନ୍ତି ଶାନ୍ତି ପ୍ରଦାନକାରୀ ଏବଂ ନିଜ ଉତ୍କର୍ଷତା ଓ ଐକତ୍ୱର ସାବ୍ୟସ୍ତକାରୀ । ଏହା ଏଥିପ୍ରତି ସଂକେତ ଦିଏ ଯେ ସତ୍ୟ ଈଶ୍ୱରଙ୍କୁ ମାନୁଥିବା ବ୍ୟକ୍ତି କୌଣସି ସଭାରେ ଅପଦସ୍ତ ହୋଇପାରିବ ନାହିଁ କିମ୍ବା ଈଶ୍ୱରଙ୍କ ସମକ୍ଷରେ ମଧ୍ୟ ସେ ଲଜ୍ଜିତ ହେବ ନାହିଁ । କାରଣ ତା' ନିକଟରେ ବଳିଷ୍ଠ ପ୍ରମାଣମାନ ରହିଛି । କିନ୍ତୁ କୃତ୍ରିମ ଈଶ୍ୱରଙ୍କୁ ମାନୁଥିବା ବ୍ୟକ୍ତି ଅତିଶୟ ଦୁର୍ଦ୍ଦଶାରେ ଥାଏ । ପ୍ରମାଣ ଉପସ୍ଥାପନ କରିବା ପରିବର୍ତ୍ତେ ପ୍ରତ୍ୟେକ ଅସଙ୍ଗତ କଥାକୁ ସେ ରହସ୍ୟ ଘେରରେ ରଖେ, ଯେପରିକି ବିଦ୍ରୁପ ନହେଉ, ଏବଂ ପ୍ରମାଣିତ ତ୍ରୁଟିଗୁଡ଼ିକୁ ଲୁଚାଇବାକୁ ଚାହେଁ । ପୁନଶ୍ଚ କହିଲେ ଯେ:

(ଅଲ୍ ହଶର୍ 59:24) الْمُهَيْمِنُ الْعَزِيزُ الْجَبَّارُ الْمُتَكَبِّرُ

ଅର୍ଥାତ 'ସେ ସମସ୍ତଙ୍କର ତତ୍ତ୍ୱାବଧାୟକ, ସମସ୍ତଙ୍କ ଉପରେ ବିଜୟୀ, ବିଘ୍ନ ନାଶକ ଏବଂ ତାଙ୍କର ସତ୍ତା ଅତ୍ୟନ୍ତ ବେପରୁଆ । ପୁଣି କହିଲେ:

(ଅଲ୍ ହଶର୍ 59:25) هُوَ اللّٰهُ الْخَالِقُ الْبَارِئُ الْمُصَوِّرُ لَهُ الْأَسْمَاءُ الْحُسْنٰى

ଅର୍ଥାତ 'ସେ ଏପରି ଈଶ୍ୱର ଯେ କି ଶରୀରର ମଧ୍ୟ ସ୍ରଷ୍ଟା ଓ ଆତ୍ମାର ମଧ୍ୟ ସ୍ରଷ୍ଟା । ମାତୃଗର୍ଭରେ ସେ ଆକୃତି ଅଙ୍କନ କରନ୍ତି । କଳ୍ପନାରେ ଯେତେ ଶୁଭ ନାମ ଆସିପାରିବ ସେ ସମସ୍ତ ତାଙ୍କରି । ପୁଣି କହିଲେ:

(ଅଲ୍ ହଶର୍ 59:25) يُسَبِّحُ لَهُ مَا فِي السَّمٰوٰتِ وَالْأَرْضِ ۚ وَهُوَ الْعَزِيزُ الْحَكِيمُ

ଅର୍ଥାତ 'ଆକାଶର ଲୋକମାନେ ତାଙ୍କ ନାମକୁ ପବିତ୍ରତା ସହ ସ୍ମରଣ କରନ୍ତି ଏବଂ ମର୍ତ୍ତ୍ୟର ଲୋକମାନେ ମଧ୍ୟ । ଆକାଶର ଅନ୍ୟାନ୍ୟ ଗ୍ରହ ନକ୍ଷତ୍ରମାନ ମଧ୍ୟରେ ଜନବସତି ରହିଛି ଏବଂ ସେମାନେ ମଧ୍ୟ ଈଶ୍ୱରଙ୍କ ଆଦେଶଗୁଡ଼ିକୁ ପାଳନ କରୁଛନ୍ତି' ଏଥିପ୍ରତି ଏହି ଆୟତରେ ସୂଚନା ରହିଛି । ପୁନଶ୍ଚ କହିଲେ:

(ଅଲ୍ ବକ୍ରା 2:21) عَلٰى كُلِّ شَىۡءٍ قَدِيۡرٌ

ଅର୍ଥାତ 'ଈଶ୍ୱର ସର୍ବଶକ୍ତିମାନ' । ଉପାସକମାନଙ୍କ ପାଇଁ ଏହା ଏକ ସାନ୍ତ୍ୱନା । କାରଣ ଈଶ୍ୱର ଯଦି ଦୁର୍ବଳ ହୁଅନ୍ତି ଓ ସର୍ବଶକ୍ତିମାନ ନହୁଅନ୍ତି, ତେବେ ଏଭଳି ଈଶ୍ୱରଙ୍କ ଠାରୁ ଆମେ କ'ଣ ବା ଆଶା ରଖିବା ? ପୁଣି କହିଲେ:

(ଅଲ୍ ଫତିହା 1:2-4) رَبِّ الْعٰلَمِيْنَ ۙ الرَّحْمٰنِ الرَّحِيْمِ ۙ مٰلِكِ يَوْمِ الدِّيْنِ ○

(ଅଲ୍ ବକ୍ରା 2:187) اُجِيْبُ دَعْوَةَ الدَّاعِ اِذَا دَعَانِ

ଅର୍ଥାତ 'ସେ ହିଁ ଈଶ୍ୱର ଯେକି ସମସ୍ତ ଜଗତର ପାଳନକର୍ତ୍ତା, ଦୟାବାନ ଓ କରୁଣାମୟ ଏବଂ ବିଚାର ଦିବସର ସେ ସ୍ୱୟଂ ପ୍ରଭୁ, ଏହି କ୍ଷମତାକୁ ସେ ଅନ୍ୟ କାହାରି ହାତକୁ ଦେଇ ନାହାନ୍ତି, ପ୍ରତ୍ୟେକ ଡାକୁଥିବା ବ୍ୟକ୍ତିର ଡାକକୁ ସେ ଶୁଣନ୍ତି ଏବଂ ଉତ୍ତର ମଧ୍ୟ ଦିଅନ୍ତି । ଅର୍ଥାତ ସେ ପ୍ରାର୍ଥନା ଗ୍ରହଣକାରୀ । ଏବଂ ପୁଣି କହିଲେ:

(ଅଲ୍ ବକ୍ରା 2:256) اَلْحَىُّ الْقَيُّوْمُ

ଅର୍ଥାତ 'ସେ ଚିରଂଜୀବୀ, ସମସ୍ତ ଜୀବମାନଙ୍କର ଜୀବନ ଏବଂ ସମସ୍ତଙ୍କ ପ୍ରାଣର ଆଶ୍ରୟ ।' ଏହା ଏଥି ସକାଶେ କୁହାଯାଇଛି ଯେ ଯଦି ସେ ଚିରଂଜୀବୀ ନ ହୁଅନ୍ତି, ତେବେ ତାଙ୍କ ଜୀବନ ସମ୍ବନ୍ଧରେ ସର୍ବଦା ଏହି ସଂଶୟ ଲାଗିରହିବ ଯେ କାଳେ ଆମ ପୂର୍ବରୁ ସେ ମରିଯିବେ । ଏହା ମଧ୍ୟ କୁହାଯାଇଛି ଯେ ଈଶ୍ୱର ହେଉଛନ୍ତି ଅଦ୍ୱିତୀୟ । ସେ କାହାରି ପୁତ୍ର ନୁହନ୍ତି ଏବଂ କେହି ତାଙ୍କର ପୁତ୍ର ନୁହେଁ । କେହି ତାଙ୍କର ସମକକ୍ଷ ନୁହନ୍ତି, ନା କେହି ତାଙ୍କ ସମଜାତୀୟ ।

ମନେରହୁ ଯେ ଈଶ୍ୱରଙ୍କ ଐକତ୍ୱକୁ ଠିକ୍ ରୂପେ ମାନିନେବା ଓ ସେଥିରେ କମ୍ ବେଶୀ ନ କରିବା, ଏହା ସେହି ନ୍ୟାୟୋଚିତ କର୍ତ୍ତବ୍ୟ ଯାହା ମନୁଷ୍ୟ ତା'ର ପ୍ରକୃତ ସ୍ରଷ୍ଟାଙ୍କ ପ୍ରତି ସମ୍ପାଦନ କରେ । ଏ ସମସ୍ତ ନୀତିଶିକ୍ଷାର ଅଂଶ ପବିତ୍ର କୁରଆନର ଶିକ୍ଷାରୁ ହିଁ ଉଦ୍ଧାର କରାଯାଇଛି । ଏଥିରେ ଈଶ୍ୱରଙ୍କର ଏପରି ଶିକ୍ଷା ରହିଛି ଯାହାକି ମନୁଷ୍ୟର ଆଚରଣକୁ ନିର୍ଦ୍ଧାରିତ ମାତ୍ରାରୁ ଅଧିକ ଅଥବା କମ୍ ହେବାରୁ ରକ୍ଷା କରେ । ପ୍ରତ୍ୟେକ ନୈତିକ ଗୁଣକୁ ଈଶ୍ୱର ସେହି ଅବସ୍ଥାରେ ନୈତିକ ଗୁଣ ରୂପେ ଅଭିହିତ କରିଛନ୍ତି, ଯେଉଁ ଅବସ୍ଥାରେ ସେହି ଗୁଣଟି ତାହାର

ପ୍ରକୃତ ଏବଂ ନ୍ୟାଯ୍ୟ ସୀମାକୁ ଅତିକ୍ରମ କରିଯାଇ ନାହିଁ କିମ୍ବା ପଛରେ ରହିଯାଇ ନାହିଁ । ଏହା ତ ସ୍ୱଷ୍ଟ ଯେ ପ୍ରକୃତ ପୁଣ୍ୟ ହେଉଛି ତାହା, ଯାହା ଦୁଇ ସୀମା ମଝିରେ ରୁହେ । ଅର୍ଥାତ ମାତ୍ରାଧିକ ଓ ମାତ୍ରାନ୍ୟୁନ ଅଥବା ଅତିବେଶୀ ଓ ଅତିକମର ମଝିରେ ଥାଏ । ପ୍ରତ୍ୟେକ ସ୍ୱଭାବ ଯାହା ମଧ୍ୟମତା ଆଡ଼କୁ ଆକର୍ଷିତ କରାଏ ଓ ମଧ୍ୟମତା ଉପରେ ମନୁଷ୍ୟକୁ ପ୍ରତିଷ୍ଠିତ କରାଏ, ତାହା ହିଁ ଉଚ୍ଚ ନୈତିକତାକୁ ଜନ୍ମ ଦିଏ । ସ୍ଥାନ କାଳ ପାତ୍ରକୁ ଚିହ୍ନିବା ମଧ୍ୟ ମଧ୍ୟମତା । ଦୃଷ୍ଟାନ୍ତ ସ୍ୱରୂପ ଯଦି ଜଣେ କୃଷକ ସମୟ ପୂର୍ବରୁ ଅଥବା ସମୟ ପରେ ନିଜ ବିହନ ବୁଣେ, ତା'ହେଲେ ଏହି ଦୁଇଟି ଯାକ ଅବସ୍ଥାରେ ସେ ମଧ୍ୟମ ମାର୍ଗକୁ ଛାଡ଼ିଯାଏ । ପୁଣ୍ୟ, ସତ୍ୟ ଓ ବୁଦ୍ଧିମତା ଇତ୍ୟାଦି ଏସମସ୍ତେ ମଧ୍ୟମ ମାର୍ଗ ଭିତରେ ଅବସ୍ଥିତ । ଏବଂ ମଧ୍ୟମ ମାର୍ଗ ହେଉଛି ସମୟୋପଯୋଗୀ କର୍ମ । ଏହାକୁ ଏମିତି ମଧ୍ୟ ବୁଝାଇ ଦିଆ ଯାଇପାରେ ଯେ ସତ୍ୟ ସର୍ବଦା ଦୁଇ ପରସ୍ପର ବିରୋଧୀ ଅସତ୍ୟର ମଝିରେ ଥାଏ । ଏଥିରେ କିଛି ସନ୍ଦେହ ନାହିଁ ଯେ ସଠିକ୍ ସୁଯୋଗର ଚୟନ ମନୁଷ୍ୟକୁ ସର୍ବଦା ସନ୍ତୁଳନ ମଧ୍ୟରେ ରଖେ । ଈଶ୍ୱରଙ୍କ ପରିଚୟ ସମ୍ବନ୍ଧରେ ମଧ୍ୟମ ମାର୍ଗର ଚିହ୍ନ ହେଉଛି, ଈଶ୍ୱରଙ୍କ ଗୁଣାବଳୀ ବର୍ଣ୍ଣନା କରିବାରେ ଗୁଣାବଳୀ ନଥିବା ଦିଗକୁ ଢଳି ନଯିବା ଓ ଈଶ୍ୱରଙ୍କୁ ସ୍ଥୁଳବସ୍ତୁମାନଙ୍କ ସମତୁଲ ନ କରିବା । ଐଶ୍ୱରିକ ଗୁଣାବଳୀ ସମ୍ବନ୍ଧରେ ପବିତ୍ର କୁରଆନ ଏହି ପନ୍ଥା ଅବଲମ୍ବନ କରିଛି । ସୁତରାଂ ପବିତ୍ର କୁରଆନ ଏହା ମଧ୍ୟ କୁହେ ଯେ ଈଶ୍ୱର ଦେଖନ୍ତି, ଶୁଣନ୍ତି, ଜାଣନ୍ତି, କୁହନ୍ତି ଓ କଥା ହୁଅନ୍ତି । କିନ୍ତୁ ଏଥିସହ ତାଙ୍କୁ ସୃଷ୍ଟ ବସ୍ତୁମାନଙ୍କ ସହ ସାମଞ୍ଜସ୍ୟରୁ ଉଦ୍ଧାର କରିବା ପାଇଁ ଏହା ମଧ୍ୟ କହିଅଛି ଯେ;

لَيْسَ كَمِثْلِهٖ شَيْءٌ (ଅଲ୍ ଶୁରା 42:12)

فَلَا تَضْرِبُوْا لِلّٰهِ الْاَمْثَالَ (ଅଲ୍ ନହଲ୍ 16:75)

ଅର୍ଥାତ 'ନିଜ ସ୍ୱରୂପ ଓ ଗୁଣାବଳୀରେ କେହି ଈଶ୍ୱରଙ୍କ ସମକକ୍ଷ ନାହାନ୍ତି । ତେଣୁ ଈଶ୍ୱରଙ୍କ ସକାଶେ ସୃଷ୍ଟ ବସ୍ତୁଗୁଡ଼ିକ ମଧ୍ୟରୁ ଉପମା ଦିଅ ନାହିଁ ।' ତେଣୁ ଈଶ୍ୱଙ୍କ ସତ୍ତାକୁ 'କାହା ସହିତ ସାମଞ୍ଜସ୍ୟ ଦେବା ଓ ଅନୁଭବ ବିହୀନ ହେବାର ମଝିରେ

ରଖିବା ହିଁ ହେଉଛି ସନ୍ତୁଳନ । ସୁତରାଂ ଇସଲାମ୍‌ର ସମସ୍ତ ଶିକ୍ଷା ମିତାଚାରର ଶିକ୍ଷା । ସୁରାଃ ଫାତିହା ମଧ୍ୟ ମିତାଚାରର ଉପଦେଶ ଦେଇଛି । କାରଣ ଈଶ୍ୱର କହୁଛନ୍ତି:

(ଅଲ୍ ଫାତିହା 1:7) غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ

ଏଠାରେ 'ଯେଉଁମାନଙ୍କ ଉପରେ ତୁମର ପ୍ରକୋପ ଅବତୀର୍ଣ୍ଣ ହୋଇଛି' ସେମାନଙ୍କୁ ବୁଝାଏ ଯେଉଁମାନେ ଈଶ୍ୱରଙ୍କ ବିପରୀତେ ପ୍ରକୋପ ଶକ୍ତିର ଆବେଶରେ ଆସି କ୍ରୁର ଆଚରଣର ଅନୁଗାମୀ ହୋଇଥାଆନ୍ତି ଏବଂ 'ଜ୍ୱାଲ୍‌ଲୀନ୍' (ଯେଉଁମାନେ ମାର୍ଗଭ୍ରଷ୍ଟ) ସେମାନଙ୍କୁ ବୁଝାଏ, ଯେଉଁମାନେ ପଶୁ ଆଚରଣର ବଶବର୍ତ୍ତୀ । ମଧ୍ୟମ ମାର୍ଗକୁ ପବିତ୍ର କୁରଆନରେ أَنْعَمْتَ عَلَيْهِمْ ଅର୍ଥାତ ଯେଉଁମାନଙ୍କୁ ଅଲ୍ଲାଃ ପୁରସ୍କୃତ କରିଛନ୍ତି ଶବ୍ଦମାନ ଦ୍ୱାରା ସ୍ମରଣ କରାଯାଇଛି । ସୁତରାଂ ଏହି କଲ୍ୟାଣମୟ ଧର୍ମ ସକାଶେ ପବିତ୍ର କୁରଆନ୍‌ରେ ମିତାଚାରର ଉପଦେଶ ଦିଆଯାଇଛି । ତୋରାଃରେ ଈଶ୍ୱର ପ୍ରତିଶୋଧ ନେବା ଉପରେ ଜୋର ଦେଇଥିଲେ ଏବଂ ଇଂଜିଲ୍‌ରେ କ୍ଷମା ଓ ମାର୍ଜନା କରିବା ଉପରେ ଜୋର ଦେଇଥିଲେ । କିନ୍ତୁ ଏହି ଧର୍ମାବଲମ୍ବୀମାନଙ୍କୁ ସ୍ଥାନକାଳର ପ୍ରାସଙ୍ଗିକତା ଓ ମିତାଚାରର ଶିକ୍ଷା ଦିଆଯାଇଛି । ସୁତରାଂ ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି:

(ଅଲ୍ ବକରା 2:144) وَكَذَٰلِكَ جَعَلْنَاكُمْ أُمَّةً وَسَطًا

ଅର୍ଥାତ ଆମେ ତୁମକୁ ମିତାଚାରୀ କରିଛୁ ଏବଂ ମିତାଚାରର ଶିକ୍ଷା ତୁମକୁ ଦେଇଛୁ । ସୁତରାଂ ସେମାନେ ଭାଗ୍ୟବାନ୍ ଯେଉଁମାନେ ମିତାଚାରୀ...

خَيْرُ الْأُمُورِ أَوْسَطُهَا ଅର୍ଥାତ ମଧ୍ୟମ ମାର୍ଗ ହିଁ ଉତ୍କୃଷ୍ଟ ।

## ଆଧ୍ୟାତ୍ମିକ ଅବସ୍ଥା ସମୂହ

ତୃତୀୟ ଭାଗଟି ହେଉଛି ମନୁଷ୍ୟର ଆଧ୍ୟାତ୍ମିକ ଅବସ୍ଥାମାନ କ'ଣ ? ଏଠାରେ ସ୍ମରଣ ଯୋଗ୍ୟ ଯାହା ଏଥି ପୂର୍ବରୁ ଆମେ ବର୍ଣ୍ଣନା କରି ସାରିଛୁଁ ଯେ ପବିତ୍ର କୁରଆନର ନିର୍ଦ୍ଦେଶ ଅନୁଯାୟୀ ଆଧ୍ୟାତ୍ମିକ ଅବସ୍ଥାର ମୂଳ ଉତ୍ସ ତଥା ଉତ୍ପତ୍ତି ସ୍ଥଳ ହେଉଛି ପ୍ରଶାନ୍ତ ଆତ୍ମା, ଯାହା ମନୁଷ୍ୟକୁ ସତ୍ ଚରିତ୍ରବାନ ଓ ସଦାଚାରୀ ହେବାର ସ୍ତରରୁ ଉଠାଇ ଈଶ୍ୱର ପରାୟଣ ହେବାର ସ୍ତର ପର୍ଯ୍ୟନ୍ତ ପହଞ୍ଚାଇଥାଏ । ସର୍ବଶକ୍ତିମାନ୍

ଈଶ୍ୱର କହୁଛନ୍ତି: يَاأَيَّتُهَا النَّفْسُ الْمُطْمَئِنَّةُ ۝ ارْجِعِي إِلَىٰ رَبِّكِ رَاضِيَةً مَّرْضِيَّةً ۝ فَادْخُلِي فِي عِبَادِي ۝ وَادْخُلِي جَنَّتِي ۝
(ଅଲ୍ ଫଜର୍ 89: 28-31)

ଅର୍ଥାତ ହେ ଈଶ୍ୱରଙ୍କ ଠାରେ ଶାନ୍ତିପ୍ରାପ୍ତ ଆତ୍ମନ୍ ! ନିଜ ପାଳନକର୍ତ୍ତାଙ୍କ ନିକଟକୁ ଫେରିଆ’ । ସେ ତୋ ପ୍ରତି ପ୍ରସନ୍ନ ଓ ତୁ ତାଙ୍କ ପ୍ରତି ପ୍ରସନ୍ନ । ସୁତରାଂ ମୋ ଭକ୍ତମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯା’ ଓ ମୋର ସ୍ୱର୍ଗ ମଧ୍ୟକୁ ପ୍ରବେଶ କର ।

ଆଧ୍ୟାତ୍ମିକ ଅବସ୍ଥା ସମ୍ବନ୍ଧରେ ଯଦି ଆମେ ବିଶଦ ଭାବରେ ଏହି ପବିତ୍ର ଆୟତର ବ୍ୟାଖ୍ୟା କରିବା, ତା’ହେଲେ ଅଧିକ ଉତ୍ତମ ହେବ । ସୁତରାଂ ମନେ ରଖିବା ଉଚିତ ଯେ ଏହି ସାଂସାରିକ ଜୀବନରେ ମନୁଷ୍ୟର ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ଅବସ୍ଥା ହେଉଛି ଯେ, ସେ ଈଶ୍ୱରଙ୍କ ଠାରେ ଆରାମ ଲଭୁ । ତା’ର ସମସ୍ତ ପ୍ରକାର ଆନନ୍ଦ, ତୃପ୍ତି ଓ ସ୍ୱାଦ ତା’ ଈଶ୍ୱରଙ୍କ ଠାରେ ସମର୍ପିତ ହେଉ । ଏହା ହିଁ ସେହି ଅବସ୍ଥା ଯାହାକୁ ଅନ୍ୟ ଶବ୍ଦରେ ସ୍ୱର୍ଗୀୟ ଜୀବନ କୁହାଯାଇଛି । ଏହି ଅବସ୍ଥାରେ ମନୁଷ୍ୟ ନିଜର ନିଷ୍ପାପରତା, ସାଧୁତା ଓ ବିଶ୍ୱସ୍ତତା ବିନିମୟରେ ଏହି ଭବ ସଂସାରରେ ହିଁ ଏକ ନଶ୍ୱର ସ୍ୱର୍ଗ ନଗଦ ପାଇଯାଏ । ଅନ୍ୟମାନଙ୍କର ଦୃଷ୍ଟି ଏକ ପ୍ରତିଶୃତ ସ୍ୱର୍ଗ ଉପରେ ଥାଏ, ଯେତେବେଳେ କି ଏ କିନ୍ତୁ ଏକ ଉପସ୍ଥିତ ସ୍ୱର୍ଗ ମଧ୍ୟରେ ପ୍ରବେଶ କରେ । ଏହି ସ୍ତରରେ ପହଞ୍ଚିଲା ପରେ ମନୁଷ୍ୟ ବୁଝେ ଯେ ଉପାସନାର ଯେଉଁ ଦାୟିତ୍ୱ ତା’ ମୁଣ୍ଡ ଉପରେ ରଖାଯାଇଛି, ତାହା ହିଁ ହେଉଛି ପ୍ରକୃତ ପକ୍ଷେ ଏପରି ଏକ ଆହାର ଯାହା ଦ୍ୱାରା ତାର ଆତ୍ମା ବିକାଶ ଲଭେ, ଏବଂ ଯାହା ଉପରେ ତା’ର ଆଧ୍ୟାତ୍ମିକ ଜୀବନ ଅନେକାଂଶରେ ନିର୍ଭରଶୀଳ ଏବଂ ଯାହାର ଫଳପ୍ରାପ୍ତି କୌଣସି ପରବର୍ତ୍ତୀ ଜୀବନ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇ ନାହିଁ । ଏଠାରେ ଏହି ନିଷ୍କର୍ଷ ଉପଲବ୍ଧ ହୁଏ ଯେ ଦୋଷାରୋପକାରୀ ଆତ୍ମା ମନୁଷ୍ୟକୁ ତା’ର ଅପବିତ୍ର ଜୀବନ ସକାଶେ ଯେଉଁ ଦୋଷାରୋପ କରେ ଏବଂ ଏହା ସତ୍ତ୍ୱେ ପୁଣ୍ୟ କାମନାଗୁଡ଼ିକୁ ସେ ଯେ ଭଲଭାବେ ଉଜ୍ଜୀବିତ କରିପାରେ ନାହିଁ, ପାପ ଇଚ୍ଛାଗୁଡ଼ିକ ପ୍ରତି ମନରେ ପ୍ରକୃତ ଘୃଣା ଜନ୍ମାଇ ପାରେ ନାହିଁ ଅଥବା ପୁଣ୍ୟକର୍ମ ଉପରେ ତିଷ୍ଠି ରହିବା ପାଇଁ ସମ୍ପୂର୍ଣ୍ଣ ଶକ୍ତି ଯୋଗାଇ ପାରେ ନାହିଁ, ତାହା ସେହି ପବିତ୍ର ପ୍ରେରଣା ଦ୍ୱାରା ଅର୍ଥାତ ପ୍ରଶାନ୍ତ

ଆତ୍ମାର ପ୍ରାରମ୍ଭିକ ବିକାଶ ଦ୍ୱାରା ବଦଳିଯାଏ । ଏହି ସ୍ଥାନରେ ପହଞ୍ଚି ମନୁଷ୍ୟ ପାଇଁ ସମୟ ଆସିଯାଏ ଯେ ସେ ପୂର୍ଣ୍ଣ ସଫଳତା ଲଭୁ । ଏବେ ତା'ର ସମସ୍ତ ସ୍ୱାର୍ଥପର କାମନାମାନ ଆପଣା ଛାଏଁ ନିସ୍ତେଜ ହୋଇ ପଡ଼ନ୍ତି ଏବଂ ତାର ଆତ୍ମା ଉପରେ ଏପରି ଏକ ଶକ୍ତିଦାୟିନୀ ପବନ ବହିବାକୁ ଲାଗେ ଯାହା ଦ୍ୱାରା ମନୁଷ୍ୟ ତା'ର ପୂର୍ବ ଦୂର୍ବଳତା ଗୁଡ଼ିକୁ ଲଜ୍ଜିତ ନୟନରେ ଦେଖେ । ଏହି ସମୟରେ ମନୁଷ୍ୟର ସ୍ୱଭାବରେ ଏକ ମହା ବିପ୍ଳବ ସଂଘଟିତ ହୁଏ; ତା ବ୍ୟବହାରରେ ଏକ ବିରାଟ ପରବର୍ତ୍ତନ ଜନ୍ମ ନିଏ ଏବଂ ମନୁଷ୍ୟ ତା'ର ପୂର୍ବାବସ୍ଥାରୁ ଅନେକ ଦୂରକୁ ଚାଲିଯାଏ । ତାକୁ ଧୁଆଯାଇ ପରିଷ୍କାର କରାଯାଏ ଏବଂ ଈଶ୍ୱର ନିଜ ହାତରେ ପୁଣ୍ୟ ପ୍ରତି ପ୍ରେମ ତା ହୃଦୟରେ ଅଙ୍କିତ କରିଦିଅନ୍ତି ଓ ନିଜ ହାତରେ ତା' ହୃଦୟରୁ ପାପର ଆବର୍ଜନାମାନ କାଢି ଫିଙ୍ଗି ଦିଅନ୍ତି । ସତ୍ୟର ସମସ୍ତ ସେନାବାହିନୀ ତା' ହୃଦୟର ଦୁର୍ଗ ମଧ୍ୟକୁ ପଶି ଆସନ୍ତି ଏବଂ ତା' ସ୍ୱଭାବର ସମସ୍ତ ଗମ୍ବୁଜମାନଙ୍କୁ ସତ୍ୟତା ଦଖଲ କରିନିଏ । ପରିଶେଷରେ ସତ୍ୟର ଜୟ ହୁଏ ଏବଂ ଅସତ୍ୟ ପଳାୟନ କରେ ଓ ନିଜ ଅସ୍ତ୍ରଶସ୍ତ୍ର ଫିଙ୍ଗିଦିଏ । ଏହି ବ୍ୟକ୍ତିର ହୃଦୟ ଉପରେ ଈଶ୍ୱରଙ୍କ ହାତ ରହିଥାଏ ଏବଂ ପ୍ରତ୍ୟେକ ପାଦ ସେ ଈଶ୍ୱରଙ୍କ ଛତ୍ରଛାୟା ତଳେ ରହି ପକାଏ । ସୁତରାଂ ସର୍ବ ଶକ୍ତିମାନ ଈଶ୍ୱର ନିମ୍ନ ଆୟତରେ ଏହି ବିଷୟ ପ୍ରତି ଇଙ୍ଗିତ କରିଛନ୍ତି:

أُولَٰئِكَ كَتَبَ فِي قُلُوبِهِمُ الْإِيمَانَ وَأَيَّدَهُمْ بِرُوحٍ مِنْهُ

(ଅଲ୍ ମୁଜାଦିଲ୍ଲାଃ 58:23)

حَبَّبَ إِلَيْكُمُ الْإِيمَانَ وَزَيَّنَهُ فِي قُلُوبِكُمْ وَكَرَّهَ إِلَيْكُمُ
الْكُفْرَ وَالْفُسُوقَ وَالْعِصْيَانَ ۚ أُولَٰئِكَ هُمُ الرَّاشِدُونَ ۝

(ଅଲ୍ ହୁଜରାତ୍ 49:8-9) ۝ فَضْلًا مِنَ اللَّهِ وَنِعْمَةً ۚ وَاللَّهُ عَلِيمٌ حَكِيمٌ

(ବନି ଇସ୍ରାଇଲ୍ 17:82) جَاءَ الْحَقُّ وَزَهَقَ الْبَاطِلُ ۚ إِنَّ الْبَاطِلَ كَانَ زَهُوقًا

ଅର୍ଥାତ 'ଈଶ୍ୱର ସ୍ୱହସ୍ତରେ ବିଶ୍ୱାସକାରୀମାନଙ୍କ ହୃଦୟରେ ବିଶ୍ୱାସକୁ ଲିପିବଦ୍ଧ କରିଛନ୍ତି । ପବିତ୍ର-ଆତ୍ମା ମାଧ୍ୟମରେ ସେମାନଙ୍କୁ ସାହାଯ୍ୟ ପ୍ରଦାନ କରିଛନ୍ତି । ହେ ବିଶ୍ୱାସକାରୀଗଣ, ସେ ଧର୍ମ ବିଶ୍ୱାସକୁ ତୁମର ଅତି ପ୍ରିୟ କରି

ଦେଇଛନ୍ତି ଓ ତାର ରୂପଲାବଣ୍ୟ ଓ ସୌନ୍ଦର୍ଯ୍ୟକୁ ତୁମ ହୃଦୟରେ ଜଡ଼ାଇ ଦେଇଛନ୍ତି । ଅବିଶ୍ୱାସ, ଅନାଚାର ଓ ପାପ ପ୍ରତି ତୁମ ହୃଦୟରେ ଘୃଣା ଭାବ ଉତ୍ପନ୍ନ କରି ଦେଇଛନ୍ତି ଏବଂ ଅସତ ମାର୍ଗ ପ୍ରତି ବିତୃଷ୍ଣାର ଭାବ ତୁମ ହୃଦୟରେ ବସାଇ ଦେଇଛନ୍ତି । ଏ ସମସ୍ତ କାର୍ଯ୍ୟ ଈଶ୍ୱରଙ୍କ କୃପା ଓ ଆର୍ଶୀବାଦ ଯୋଗୁଁ ହିଁ ସମ୍ଭବ ହୋଇଛି । ସତ୍ୟ ଆସିଗଲା ଓ ଅସତ୍ୟ ପଳାୟନ କରିଛି । ଅସତ୍ୟ କିପରି ବା ସତ୍ୟ ସମକ୍ଷରେ ତିଷ୍ଠି ରହି ପାରିଥାଆନ୍ତା ?'

ସୁତରାଂ ଏ ସମସ୍ତ ଇଙ୍ଗିତମାନ ସେହି ଆଧ୍ୟାତ୍ମିକ ଅବସ୍ଥାକୁ ସୂଚାଉ ଅଛି ଯାହା ତୃତୀୟ ପର୍ଯ୍ୟାୟରେ ମନୁଷ୍ୟକୁ ପ୍ରାପ୍ତ ହୁଏ । ମନୁଷ୍ୟକୁ ଯେଉଁ ପର୍ଯ୍ୟନ୍ତ ଏହି ଅବସ୍ଥା ପ୍ରାପ୍ତ ହୋଇ ନାହିଁ, ସେ ପର୍ଯ୍ୟନ୍ତ ତାକୁ ପ୍ରକୃତ ଦୃଷ୍ଟିଶକ୍ତି କଦାପି ଲବ୍ଧ ହେବ ନାହିଁ । ଈଶ୍ୱରଙ୍କର ଏହି ଉକ୍ତି ଯେ ସେ ସ୍ୱହସ୍ତରେ ବିଶ୍ୱାସକାରୀମାନଙ୍କ ହୃଦୟରେ ବିଶ୍ୱାସକୁ ଲିପିବଦ୍ଧ କରିଛନ୍ତି ଏବଂ ପବିତ୍ର-ଆତ୍ମା ମାଧ୍ୟମରେ ସେମାନଙ୍କୁ ସାହାଯ୍ୟ ପ୍ରଦାନ କରିଛନ୍ତି, ଏଥିରେ ଏହି ବିଷୟ ପ୍ରତି ଇଙ୍ଗିତ ରହିଛି ଯେ ଐଶ୍ୱରିକ ସାହାଯ୍ୟ ବିନା ମନୁଷ୍ୟ କେବେ ହେଁ ପ୍ରକୃତ ପବିତ୍ରତା ଓ ଶୁଦ୍ଧତା ହାସଲ କରିପାରିବ ନାହିଁ । ଦୋଷାରୋପକାରୀ ଆତ୍ମାର ସ୍ତରରେ ଥିଲାବେଳେ ମନୁଷ୍ୟର ଅବସ୍ଥା ଏପରି ଥାଏ ଯେ ସେ ବାରମ୍ବାର ଅନୁତାପ କରୁଥାଏ ଏବଂ ବାରମ୍ବାର ପଡ଼ି ଯାଉଥାଏ । ଏପରିକି ସମୟେ ସମୟେ ନିଜ ସାମର୍ଥ୍ୟ ପ୍ରତି ନିରାଶ ହୋଇଯାଏ ଓ ନିଜର ବ୍ୟାଧିକୁ ସେ ଦୁରାରୋଗ୍ୟ ଭାବି ବସେ । କିଛି ସମୟ ପର୍ଯ୍ୟନ୍ତ ଅବସ୍ଥା ଏହିପରି ରୁହେ । ପୁଣି ଯେତେବେଳେ ସେହି ନିର୍ଦ୍ଧାରିତ ଅବଧିର ସମାପ୍ତି ଘଟେ ସେତେବେଳେ ରାତିରେ କିମ୍ବା ଦିନରେ ତା ଉପରେ ଅକସ୍ମାତ ଏକ ଜ୍ୟୋତି ଅବତୀର୍ଣ୍ଣ ହୁଏ । ସେହି ଜ୍ୟୋତିରେ ଐଶ୍ୱରିକ ଶକ୍ତି ଥାଏ । ସେହି ଜ୍ୟୋତି ଅବତୀର୍ଣ୍ଣ ହେବା ସହିତ ତା' ମଧ୍ୟରେ ଏକ ଅଦ୍ଭୁତ ପରିବର୍ତ୍ତନ ସୃଷ୍ଟି ହୁଏ । ସେ ଅଦୃଷ୍ଟ ହାତର ଏକ ଶକ୍ତିଶାଳୀ ପ୍ରଭାବ ଅନୁଭବ କରେ । ଏକ ବିଚିତ୍ର ଦୁନିଆ ତା' ସାମ୍ନାରେ ଉଦ୍‌ଭାସିତ ହୋଇଉଠେ । ସେତେବେଳେ ସେ ଅନୁଭବ କରେ ଯେ ଈଶ୍ୱର ଅଛନ୍ତି । ତା' ଚକ୍ଷୁରେ ଏପରି ଜ୍ୟୋତି ଆସିଯାଏ ଯାହା ପୂର୍ବେ ନଥିଲା । କିନ୍ତୁ ଆମ୍ଭେ ଏହି

ରାସ୍ତାକୁ କିପରି ହାସଲ କରିବା ଓ ଏହି ଜ୍ୟୋତିକୁ କିପରି ପାଇବା ? ସୁତରାଂ ଜାଣି ରଖିବା ଉଚିତ ଯେ ଏହି ସଂସାରରେ, ଯାହା ଏକ ହେତୁ-ଗୃହ ଅଟେ, ପ୍ରତ୍ୟେକ କାର୍ଯ୍ୟର ପଛରେ ଏକ ହେତୁ (କାରଣ) ରହିଛି ଓ ପ୍ରତ୍ୟେକ ପ୍ରବର୍ତ୍ତନ ପାଇଁ ଗୋଟିଏ ପ୍ରବର୍ତ୍ତକ ରହିଛି ଏବଂ ପ୍ରତ୍ୟେକ ଜ୍ଞାନ ଆହରଣ ଲାଗି ଗୋଟିଏ ମାର୍ଗ ରହିଛି, ଯାହାକୁ ସଳଖ ମାର୍ଗ କୁହାଯାଏ । ସଂସାରରେ ଏପରି କିଛି ନାହିଁ ଯାହାକୁ ତା' ନିମନ୍ତେ ପ୍ରକୃତି ଅନାଦି କାଳରୁ ନିର୍ଦ୍ଧାରିତ କରିଥିବା ନିୟମଗୁଡ଼ିକୁ ଉଲଂଘନ କରି ଉପଲବ୍ଧ କରାଯାଇ ପାରିବ । ପ୍ରକୃତିର ନିୟମ ଜ୍ଞାତ କରାଏ ଯେ ପ୍ରତ୍ୟେକ କାର୍ଯ୍ୟ ସାଧନ ପାଇଁ ଗୋଟିଏ ନିର୍ଦ୍ଦିଷ୍ଟ ସିଧା ମାର୍ଗ ରହିଛି ଏବଂ ଏହାର ପ୍ରାପ୍ତି ସ୍ୱାଭାବିକ ରୂପେ ଏହି ସିଧା ରାସ୍ତା ଉପରେ ହିଁ ନିର୍ଭରଶୀଳ । ଦୃଷ୍ଟାନ୍ତ ସ୍ୱରୂପ ଯଦି ଆମେ ଗୋଟିଏ ଅନ୍ଧାର କୋଠରୀ ଭିତରେ ବସିଥାଉଁ ଏବଂ ସୂର୍ଯ୍ୟଙ୍କ ଆଲୋକ ଆବଶ୍ୟକ ହୁଏ, ତେବେ ଆମ ପାଇଁ ଏହି ସିଧା ରାସ୍ତା ରହିଛି ଯେ ଆମେ ସେହି ଝର୍କାଟିକୁ ଖୋଲିଦେବା ଯେଉଁଟି ସୂର୍ଯ୍ୟଙ୍କ ଆଡ଼କୁ ରହିଛି । ଯଦ୍ୱାରା ସେହିକ୍ଷଣି ସୂର୍ଯ୍ୟଙ୍କ ଆଲୋକ ଭିତରକୁ ଆସି ଆମମାନଙ୍କୁ ଆଲୋକିତ କରିଦେବ । ଏଣୁ ଏହା ସ୍ପଷ୍ଟ ଯେ ଈଶ୍ୱରଙ୍କ ବାସ୍ତବ ଓ ପ୍ରକୃତ ଅନୁଗ୍ରହମାନ ପାଇବା ଲାଗି ମଧ୍ୟ ସେହିପରି କୌଣସି ଝର୍କାଟିଏ ଥିବ ଏବଂ ଶୁଦ୍ଧ ଆଧ୍ୟାତ୍ମିକତାର ଉପଲବ୍ଧି ପାଇଁ କୌଣସି ନିର୍ଦ୍ଦିଷ୍ଟ ଉପାୟ ଥିବ । ତାହା ହେଉଛି, ଆମେ ଯେପରି ନିଜ ଜୀବନର ସକଳ କ୍ଷେତ୍ରରେ ନିଜ ସଫଳତା ଲାଗି ସିଧା ରାସ୍ତାମାନ ଖୋଜୁଥାଉଁ, ସେହିପରି ଆଧ୍ୟାତ୍ମିକତା କ୍ଷେତ୍ରରେ ମଧ୍ୟ ସିଧା ରାସ୍ତାକୁ ଅନ୍ୱେଷଣ କରିବା ଦରକାର । କିନ୍ତୁ କ'ଣ ତାହା ଏହି ଉପାୟ ଯେ ଆମେ କେବଳ ନିଜ ବୁଦ୍ଧି ବଳରେ ଓ ସ୍ୱପ୍ରସ୍ତୁତ ଉପାୟରେ ଈଶ୍ୱରଙ୍କ ସାନିଧ୍ୟକୁ ଖୋଜିବା ? କ'ଣ କେବଳ ଆମର ନିଜସ୍ୱ ତର୍କ ଓ ନିଜର ଦର୍ଶନ ଦ୍ୱାରା ସେହି ଦ୍ୱାର ଆମ ପାଇଁ ଉନ୍ମୁକ୍ତ ହୋଇପାରିବ, ଯାହାର ଉନ୍ମୁକ୍ତ ହେବା ତାଙ୍କର ଶକ୍ତିଶାଳୀ ହସ୍ତ ଉପରେ ନିର୍ଭରଶୀଳ ? ନିଶ୍ଚିତ ରୂପେ ଜାଣ ଯେ ଏହା ଆଦୌ ଠିକ୍ ନୁହେଁ । ଆମେ ସେହି 'ହୟୀ ଏବଂ କୟୁମ' ଚିରଞ୍ଜୀବୀ ଓ ସ୍ୱୟଂ-ସ୍ଥିତ ଈଶ୍ୱରଙ୍କୁ କେବଳ ନିଜ ଉପାସନା ଦ୍ୱାରା କଦାପି ପାଇ ପାରିବା

ନାହିଁ, ବରଂ ସେଥିପାଇଁ ସିଧା ମାର୍ଗ କେବଳ ଏହି କି ଯେ ପ୍ରଥମେ ଆମେ ଆମର ଜୀବନକୁ ନିଜର ସମସ୍ତ ସାମର୍ଥ୍ୟ ଖଟାଇ ପ୍ରଭୁଙ୍କ ମାର୍ଗରେ ଉତ୍ସର୍ଗ କରିଦେବା । ତା'ପରେ ପ୍ରଭୁଙ୍କ ସାକ୍ଷାତ ନିମନ୍ତେ (ନିରନ୍ତର) ପ୍ରାର୍ଥନାରେ ଲାଗି ରହିବା । ଯଦ୍ୱାରା ଆମେ ଈଶ୍ୱରଙ୍କୁ ତାଙ୍କରି ମାଧ୍ୟମରେ ହିଁ ପାଇପାରିବା ।

## ଏକ ସୁନ୍ଦର ପ୍ରାର୍ଥନା

ସବୁଠାରୁ ସୁନ୍ଦର ପ୍ରାର୍ଥନା ଯାହା ଆମକୁ ଭିକ୍ଷାର ଉପଯୁକ୍ତ ସ୍ଥାନ-କାଳ ଶିଖାଇଛି ଏବଂ (ମନୁଷ୍ୟ) ସ୍ୱଭାବରେ ଥିବା ଆଧ୍ୟାତ୍ମିକ ଆବେଗତାର ଚିତ୍ର ଆମ ସମ୍ମୁଖରେ ଆଣି ରଖିଛି, ତାହା ସେହି ପ୍ରାର୍ଥନା ଯାହାକୁ ଦୟାଶୀଳ ଈଶ୍ୱର ନିଜ ପବିତ୍ର ଦିବ୍ୟ ଗ୍ରନ୍ଥ କୁରଆନରେ ଅର୍ଥାତ ସୁରାଃ ଫାତିହାରେ ଆମକୁ ଶିଖାଇଛନ୍ତି । ତାହା ହେଉଛି, بِسۡمِ اللّٰہِ الرَّحۡمٰنِ الرَّحِیۡمِ ○ اَلۡحَمۡدُ لِلّٰہِ رَبِّ الۡعٰلَمِیۡنَ ○ (ଅଲ୍ ଫତିହା 1:1-2)

ଅର୍ଥାତ 'ସକଳ ପବିତ୍ର ପ୍ରଶଂସାମାନ ଯାହା କରାଯାଇପାରେ, ତାହା ସେହି ଈଶ୍ୱରଙ୍କ ନିମିତ୍ତ ଅଟେ, ଯେକି ସମସ୍ତ ଜଗତର ସ୍ରଷ୍ଟା ଏବଂ ପାଳନକର୍ତ୍ତା ।'

(ଅଲ୍ ଫାତିହା 1:3) الرَّحۡمٰنِ الرَّحِیۡمِ ○

ଅର୍ଥାତ 'ସେହି ଈଶ୍ୱର ଯେ ଆମର କର୍ମ ପୂର୍ବରୁ ଆମ ପାଇଁ ଦୟାର ସାମଗ୍ରୀମାନ ଖଞ୍ଜି ଦେଇଛନ୍ତି ଏବଂ ଆମର କର୍ମ ପରେ ମଧ୍ୟ ଆମ ପ୍ରତି କରୁଣା ପୂର୍ବକ ପୁରସ୍କାର ଦେବେ ।'

(ଅଲ୍ ଫାତିହା 1:4) مٰلِکِ یَوۡمِ الدِّیۡنِ ○

ଅର୍ଥାତ 'ଅନ୍ତିମ ବିଚାର ଦିବସର ସେହି ଜଣେ ମାତ୍ର ପ୍ରଭୁ, ଅନ୍ୟ କାହାରିକୁ ଏହି ଦିବସ ସମର୍ପି ଦିଆଯାଇ ନାହିଁ ।'

(ଅଲ୍ ଫାତିହା 1:5) اِیَّاکَ نَعۡبُدُ وَ اِیَّاکَ نَسۡتَعِیۡنُ ○

ଅର୍ଥାତ 'ହେ ଅଲ୍ଲାଃ ! ତୁମ୍ଭେ, ଯେକି ଏହି ସମସ୍ତ ପ୍ରଶଂସାର ସମାହାର, ଆମେ ତୁମ୍ଭର ହିଁ ଉପାସନା କରୁଅଛୁଁ ଏବଂ ଆମେ ପ୍ରତ୍ୟେକ କାର୍ଯ୍ୟରେ ତୁମଠାରୁ ହିଁ ସାମର୍ଥ୍ୟ ଲୋଡୁଛୁଁ । ଏଠାରେ 'ଆମେ' ଶବ୍ଦ ଦ୍ୱାରା ଉପାସନା କରିବାର ଅଙ୍ଗୀକାର

ଏହି କଥା ପ୍ରତି ସଂକେତ ଦେଉଛି ଯେ ଆମ ଠାରେ ଥିବା ସମସ୍ତ ସାମର୍ଥ୍ୟ ତୁମ ଉପାସନାରେ ଲାଗି ରହିଛନ୍ତି ଏବଂ ତୁମ ଛାମୁରେ ନତଶିର ହୋଇ ରହିଛନ୍ତି । କାରଣ ମନୁଷ୍ୟ ନିଜର ଆଭ୍ୟନ୍ତରୀଣ ଶକ୍ତି ପରିପ୍ରେକ୍ଷୀରେ ଏକ ସମୂହ ଓ ଏକ ଗୋଷ୍ଠୀ ଅଟେ ଏବଂ ଏହି ରୂପେ ତା'ର ସମସ୍ତ ଶକ୍ତିଗୁଡ଼ିକ ଈଶ୍ୱରଙ୍କ ପ୍ରଣିପାତ କରିବା; ଏହା ହିଁ ସେହି ଅବସ୍ଥା ଯାହାକୁ 'ଇସ୍‌ଲାମ୍' କୁହାଯାଏ ଏବଂ:

اِهۡدِنَا الصِّرَاطَ الۡمُسۡتَقِيۡمَ ۙ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ (ଅଲ୍ ଫାତିହା 1:6)

ଅର୍ଥାତ 'ଆମକୁ ତୁମର ସଳଖ ମାର୍ଗ ଦେଖାଅ ଏବଂ ତହିଁରେ ଆମକୁ ଦୃଢତା ପ୍ରଦାନ କରି ସେହି ଲୋକମାନଙ୍କ ପଥ ଦେଖାଅ, ଯେଉଁମାନଙ୍କୁ ତୁମେ ପୁରସ୍କୃତ ଓ ମର୍ଯ୍ୟାଦା ସମ୍ପନ୍ନ କରିଛ ଏବଂ ଯେଉଁମାନେ ତୁମର ଅନୁଗ୍ରହକୁ ଲାଭ କରିଛନ୍ତି ।' ପୁନଶ୍ଚ:

غَيۡرِ الۡمَغۡضُوۡبِ عَلَيۡهِمۡ وَلَا الضَّآلِّيۡنَ ۝ (ଅଲ୍ ଫାତିହା ୧:୭)

ଅର୍ଥାତ 'ଆମକୁ ସେମାନଙ୍କ ମାର୍ଗରୁ ବଞ୍ଚାଅ, ଯେଉଁମାନଙ୍କ ଉପରେ ତୁମର ପ୍ରକୋପ ଅବତୀର୍ଣ୍ଣ ହୋଇଛି ଏବଂ ଯେଉଁମାନେ ତୁମ ପର୍ଯ୍ୟନ୍ତ ପହଞ୍ଚି ପାରିଲେ ନାହିଁ ଓ ମାର୍ଗଭ୍ରଷ୍ଟ ହୋଇଗଲେ । ଆମିନ୍ । ହେ ଈଶ୍ୱର ! ଏହା ହିଁ ହେଉ ।'

ଏହି ଆୟତଗୁଡ଼ିକ ଆମକୁ ବୁଝାଉଛି ଯେ ଈଶ୍ୱରଙ୍କ ପୁରସ୍କାରମାନ, ଯାହାକୁ ଅନ୍ୟ ଶବ୍ଦରେ ଅନୁଗ୍ରହ କହନ୍ତି, ସେମାନଙ୍କ ଉପରେ ଅବତୀର୍ଣ୍ଣ ହୁଏ, ଯେଉଁମାନେ ନିଜ ଜୀବନକୁ ଈଶ୍ୱରଙ୍କ ମାର୍ଗରେ ବଳି ଚଢାଇ ଦିଅନ୍ତି । ନିଜର ସଂପୂର୍ଣ୍ଣ ଅସ୍ତିତ୍ୱକୁ ତାଙ୍କ ମାର୍ଗରେ ଉତ୍ସର୍ଗ କରି ଦେଇ ଦିଅନ୍ତି, ଏବଂ ତାଙ୍କରି ଇଚ୍ଛାରେ ଲୀନ ହୋଇଯାଆନ୍ତି; ଅଧିକନ୍ତୁ ସେମାନେ ଏଥିପାଇଁ ମଧ୍ୟ ପ୍ରାର୍ଥନାରେ ଲାଗି ରହନ୍ତି ଯେ ଆଧାତ୍ମିକ ପୁରସ୍କାର, ଈଶ୍ୱରଙ୍କ ନିକଟତା, ତାଙ୍କ ଦର୍ଶନ, ତାଙ୍କ ସହିତ ବାର୍ତ୍ତାଳାପ ତଥା ଐଶୀ ସମ୍ବୋଧନ ମଧ୍ୟରୁ ମନୁଷ୍ୟକୁ ଯାହା କିଛି ମିଳିପାରେ, ସେମାନଙ୍କୁ ଯେପରି ସେସବୁ ମଧ୍ୟ ମିଳୁ । ଏହି ନିବେଦନ ସହିତ ସେମାନେ ନିଜର ସମସ୍ତ ଅନ୍ତର୍ନିହିତ ଶକ୍ତିମାନ ଦ୍ୱାରା ଉପାସନା ସମ୍ପାଦନ କରିଥାନ୍ତି । ସେମାନେ ପାପରୁ ଦୂରେଇ ରୁହନ୍ତି, ଈଶ୍ୱରଙ୍କ ଛାମୁରେ ପଡ଼ି ରୁହନ୍ତି, ଏବଂ ଯଥା ସମ୍ଭବ

ନିଜକୁ ମନ୍ଦ କାର୍ଯ୍ୟରୁ ନିବୃତ କରି ରଖନ୍ତି ତଥା ଈଶ୍ୱରଙ୍କ ପ୍ରକୋପିତ ମାର୍ଗରୁ ଦୂରେଇ ରୁହନ୍ତି । ଯେହେତୁ ସେମାନେ ଉଚ୍ଚ ସଂକଳ୍ପ ଓ ନିଷ୍ଠା ସହକାରେ ଈଶ୍ୱରଙ୍କୁ ଖୋଜନ୍ତି, ତେଣୁ ତାଙ୍କୁ ପାଇଯାଆନ୍ତି । ସେତେବେଳେ ସେମାନଙ୍କୁ ଈଶ୍ୱରଙ୍କ ପବିତ୍ର ଦିବ୍ୟଜ୍ଞାନ ଭରା ପିଆଲାରୁ ତୃପ୍ତ କରାଯାଏ । ଏହି ଆୟତରେ ଯେଉଁ ଦୃଢତାର ବର୍ଣ୍ଣନା କରାଯାଇଛି, ତହିଁରେ ଏକଥା ପ୍ରତି ସଂକେତ ରହିଛି ଯେ (ଈଶ୍ୱରଙ୍କର) ପ୍ରକୃତ ଓ ପୂର୍ଣ୍ଣ ବରଦାନ ଯାହାକି ମନୁଷ୍ୟକୁ ଆଧ୍ୟାତ୍ମିକ ଜଗତରେ ନେଇ ପହଞ୍ଚାଇ ଦିଏ, ତାହା ପୂର୍ଣ୍ଣ ଦୃଢତା ସହିତ ଜଡ଼ିତ ଏବଂ ପୂର୍ଣ୍ଣ ଦୃଢତାର ଅର୍ଥ ବିଶ୍ୱସ୍ତତା ଓ ନିଷ୍ଠାର ଏପରି ଏକ ଅବସ୍ଥା, ଯାହାକୁ କୌଣସି ପରୀକ୍ଷା କ୍ଷତି ପହଞ୍ଚାଇ ପାରିବ ନାହିଁ; ଅର୍ଥାତ ଏପରି ଦୃଢ଼ ସମ୍ବନ୍ଧ ସ୍ଥାପିତ ହେବ, ଯାହାକୁ ତରବାରୀ ଛେଦନ କରି ପାରିବ ନାହିଁ କି ଅଗ୍ନି ଦହନ କରିପାରିବ ନାହିଁ । ଅଥବା ଅନ୍ୟ କୌଣସି ବିପତ୍ତି ତାକୁ ହାନି ପହଞ୍ଚାଇ ପାରିବେ ନାହିଁ । ପ୍ରିୟଜନମାନଙ୍କ ମୃତ୍ୟୁ ତାଙ୍କ ଠାରୁ ପୃଥକ କରିପାରିବ ନାହିଁ କିମ୍ବା ସେମାନଙ୍କ ବିଚ୍ଛେଦ ତହିଁରେ କୌଣସି ବିଘ୍ନ ସୃଷ୍ଟି କରିପାରିବ ନାହିଁ । ଅପମାନର ଭୟ କୌଣସି ପ୍ରଭାବ ପକାଇ ପାରିବ ନାହିଁ । ମର୍ମନ୍ତୁଦ ପୀଡ଼ା ଦେଇ ହତ୍ୟା କରାଯିବା ହୃଦୟକୁ ତିଳେମାତ୍ର ଡରାଇ ପାରିବ ନାହିଁ । ସୁତରାଂ ଏହି ଦ୍ୱାର ଅତି ସଂକୀର୍ଣ୍ଣ ଓ ଏହି ପଥ ଅତ୍ୟନ୍ତ ଦୁଷ୍କର । କେତେ ଯେ କଷ୍ଟକର ! ଆଃ ! ଶତବାର ଆଃ !

ଏହାରି ପ୍ରତି ଐଶ୍ୱର୍ଯ୍ୟମୟ ଅଲ୍ଲାଃ ନିମ୍ନ ଆୟତ୍ ସମୂହରେ ସୂଚନା ଦେଇଛନ୍ତି; قُلْ اِنْ كَانَ اٰبَآؤُكُمْ وَاَبْنَآؤُكُمْ وَاِخْوَانُكُمْ وَ
اَزْوَاجُكُمْ وَ عَشِيْرَتُكُمْ وَ اَمْوَالُ ۨاقْتَرَفْتُمُوْهَا وَ
تِجَارَةٌ تَخْشَوْنَ كَسَادَهَا وَ مَسٰكِنُ تَرْضَوْنَهَآ اَحَبَّ
اِلَيْكُمْ مِّنَ اللّٰهِ وَرَسُوْلِهٖ وَجِهَادٍ فِيْ سَبِيْلِهٖ فَتَرَبَّصُوْا حَتّٰى
يَاْتِيَ اللّٰهُ بِاَمْرِهٖ ۗ وَاللّٰهُ لَا يَهْدِى الْقَوْمَ الْفٰسِقِيْنَ ۝ (ଅତ୍ ତୌବା 9:24)

ଅର୍ଥାତ 'ସେମାନଙ୍କୁ କହିଦିଅ ଯେ ଯଦି ତୁମମାନଙ୍କର ପିତା ଓ ତୁମମାନଙ୍କର ପୁତ୍ରମାନେ ଓ ତୁମମାନଙ୍କର ଭାଇ ଓ ତୁମମାନଙ୍କର ସ୍ତ୍ରୀମାନେ ତଥା

ତୁମମାନଙ୍କର ଜ୍ଞାତିକୁଟୁମ୍ବ ଏବଂ ତୁମମାନଙ୍କ କଷ୍ଟୋପାର୍ଜିତ ଧନ ସମ୍ପତ୍ତି ତଥା ତୁମମାନଙ୍କର ଏପରି ବ୍ୟବସାୟ ଯାହାର ବନ୍ଦ ହୋଇଯିବାକୁ ତୁମେମାନେ ଭୟ କରୁଛ ଓ ତୁମମାନଙ୍କ ହୃଦୟ ପସନ୍ଦ କରୁଥିବା ବାସଭବନମାନ, ଯେଉଁଗୁଡ଼ିକ ଅଲ୍ଲାଃ ଓ ତାହାଙ୍କ ରସୁଲ୍‌ଙ୍କ ଅପେକ୍ଷା ତଥା ଅଲ୍ଲାଃଙ୍କ ପଥରେ ନିଜ ଜୀବନକୁ ସଂଘର୍ଷରତ କରିବା ଅପେକ୍ଷା ଅଧିକ ପ୍ରିୟ ହୋଇଥାଏ ତେବେ ତୁମେ ସେ ପର୍ଯ୍ୟନ୍ତ ପ୍ରତୀକ୍ଷା କର, ଯେତେବେଳେ ଅଲ୍ଲାଃ ନିଜ ଆଦେଶ ଘୋଷଣା କରିବେ ଓ ଅଲ୍ଲାଃ ଦୁଷ୍କର୍ମୀମାନଙ୍କୁ କେବେହେଁ ଆପଣା ପଥ ପ୍ରଦର୍ଶନ କରିବେ ନାହିଁ ।'

ଏହି ଆୟତଗୁଡ଼ିକରୁ ଏହା ସ୍ପଷ୍ଟ ଜଣାପଡୁଛି ଯେ ଯେଉଁମାନେ ଈଶ୍ୱରଙ୍କ ଇଚ୍ଛାକୁ ଛାଡି ନିଜର ଜ୍ଞାତି କୁଟୁମ୍ବ ଓ ଧନ ସମ୍ପତ୍ତିକୁ ଭଲ ପାଇ ବସନ୍ତି, ସେମାନେ ଈଶ୍ୱରଙ୍କ ଦୃଷ୍ଟିରେ ଦୁଷ୍କର୍ମୀ ଅଟନ୍ତି । ସେମାନଙ୍କର ନିଶ୍ଚୟ ବିନାଶ ଘଟିବ, କାରଣ ସେମାନେ ଅନ୍ୟକୁ ଈଶ୍ୱରଙ୍କ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଏହା ହିଁ ସେହି ତୃତୀୟ ପର୍ଯ୍ୟାୟ ଯହିଁରେ କେବଳ ସେହି ବ୍ୟକ୍ତି ହିଁ ଈଶ୍ୱର ପରାୟଣ ହୁଏ, ଯିଏ ତାଙ୍କ ସକାଶେ ସହସ୍ର ବିପତ୍ତି କିଣି ନିଏ ଏବଂ ଈଶ୍ୱରଙ୍କ ଆଡ଼କୁ ଏପରି ନିଷ୍ଠା ଓ ଅନୁରକ୍ତି ସହିତ ଅବନତ ହୋଇଯାଏ ଯେ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ତାହାର ହୋଇ ରୁହନ୍ତି ନାହିଁ, ସତେ ଅବା ତା' ପାଇଁ ସମସ୍ତେ ମରି ଯାଇଛନ୍ତି । ସୁତରାଂ ଏହାହିଁ ସତ୍ୟ ଯେ ଯେପର୍ଯ୍ୟନ୍ତ ଆମେ ନିଜେ ନ ମରିଛୁଁ, ଜୀବନ୍ତ ଈଶ୍ୱର ଦୃଶ୍ୟ ହେବେ ନାହିଁ । ଈଶ୍ୱରଙ୍କ ପ୍ରକଟ ହେବାର ଦିନ ହେଉଛି ତାହା, ଯେବେ ଆମର ପାର୍ଥିବ ଜୀବନ ପ୍ରତି ମୃତ୍ୟୁ ଆସିବ । ଅନ୍ୟକୁ ଦେଖିବାରେ ଅନ୍ଧ ନ ହେବା ପର୍ଯ୍ୟନ୍ତ ଆମେ ଅନ୍ଧ । ଈଶ୍ୱରଙ୍କ ହାତରେ ମୃତବତ୍ ନହେବା ପର୍ଯ୍ୟନ୍ତ ଆମେ ମୃତ । ଯେତେବେଳେ ଆମର ମୁହଁ ସମ୍ପୂର୍ଣ୍ଣ ଭାବେ ତାଙ୍କ ଆଡ଼କୁ ରହିବ, ସେତେବେଳେ ହିଁ ସେହି ପ୍ରକୃତ ଦୃଢତା, ଯାହା ସକଳ ସ୍ୱାର୍ଥପର ଚିନ୍ତାଧାରା ଉପରେ ଜୟଲାଭ କରିଥାଏ, ଆମକୁ ପ୍ରାପ୍ତ ହେବ । ଏଥି ପୂର୍ବରୁ ନୁହେଁ । ଓ ଏହା ହିଁ ସେହି ଦୃଢ଼ତା, ଯାହା ଦ୍ୱାରା ସ୍ୱାର୍ଥପର ଜୀବନ ଉପରେ ମୃତ୍ୟୁ ଆସେ । ଆମର ଦୃଢତା ହେଉଛି ତାହା, ଯେପରି ଅଲ୍ଲାଃ କହିଛନ୍ତି:

(ଅଲ୍ ବକରା 2:113) بَلٰى ۚ مَنْ اَسْلَمَ وَجْهَهٗ لِلّٰهِ وَهُوَ مُحْسِنٌ

ଅର୍ଥାତ ମୋ ଆଗରେ ନିଜ ବେକକୁ ବଳି ପଡୁଥିବା ପଶୁପରି ରଖିଦିଅ । ଏହି ରୂପେ ଆମେ ସେତେବେଳେ ଦୃଢ଼ତାର ସୋପାନକୁ ହାସଲ କରିପାରିବା, ଯେତେବେଳେ ଆମ ଅସ୍ତିତ୍ୱର ପ୍ରତ୍ୟେକ ଅଂଶ ଓ ଆମର ସମସ୍ତ ଶକ୍ତି ତାଙ୍କରି କାର୍ଯ୍ୟରେ ନିୟୋଜିତ ହେବ ଏବଂ ଆମର ମୃତ୍ୟୁ ଓ ଆମର ଜୀବନ ତାଙ୍କରି ସକାଶେ ହୋଇଯିବ । ଯେପରିକି ସେ କହିଛନ୍ତି:

(ଆନ୍ଆମ୍ 6:163) قُلْ اِنَّ صَلَاتِيْ وَنُسُكِيْ وَمَحْيَايَ وَمَمَاتِيْ لِلّٰهِ رَبِّ الْعٰلَمِيْنَ ○

ଅର୍ଥାତ 'କୁହ, ମୋର ପ୍ରାର୍ଥନା, ମୋର ତ୍ୟାଗ, ମୋର ଜୀବିତ ରହିବା ଓ ମୋର ମରିବା, ଏ ସମସ୍ତ ଈଶ୍ୱରଙ୍କ ପାଇଁ ଅଟେ ।' ଯେତେବେଳେ ମନୁଷ୍ୟର ଈଶ୍ୱରଙ୍କ ପ୍ରତି ପ୍ରେମ ଏପରି ସ୍ତରକୁ ପହଞ୍ଚିଯାଏ ଯେ ତା'ର ମରିବା ଓ ତା'ର ବଞ୍ଚିବା ତା' ନିଜ ପାଇଁ ନ ହୋଇ ଈଶ୍ୱରଙ୍କ ପାଇଁ ହୋଇଯାଏ, ସେତେବେଳେ ସେ ଈଶ୍ୱର, ଯେ ସଦା ସର୍ବଦା ପ୍ରେମ କରୁଥିବା ବ୍ୟକ୍ତିମାନଙ୍କ ସହିତ ପ୍ରେମ କରି ଆସିଛନ୍ତି, ସେ ସ୍ୱୟଂ ନିଜ ପ୍ରେମକୁ ତା' ପ୍ରତି ଅବତୀର୍ଣ୍ଣ କରାନ୍ତି । ଏହି ଦୁଇ ପ୍ରେମର ସମ୍ମିଶ୍ରଣରେ ମନୁଷ୍ୟ ମଧ୍ୟରେ ଏକ ଜ୍ୟୋତି ଜନ୍ମ ନିଏ, ଯାହାକୁ ଦୁନିଆ ଚିହ୍ନିପାରେ ନାହିଁ କି ବୁଝି ପାରେ ନାହିଁ । ହଜାର ହଜାର ସତ୍ୟବାଦୀ ପୁରୁଷ ଓ ସାଧୁ-ମହାତ୍ମାଙ୍କ ବଧ ଏଥିପାଇଁ ହେଲା ଯେ ସଂସାର ସେମାନଙ୍କୁ ଚିହ୍ନି ପାରିଲା ନାହିଁ । ସେମାନେ ଏଥି ସକାଶେ ପ୍ରତାରକ ଓ ସ୍ୱାର୍ଥୀ ବୋଲାଇଲେ କାରଣ ଦୁନିଆ ତାଙ୍କ ଜ୍ୟୋତିର୍ମୟ ଚେହେରାକୁ ଦେଖି ପାରିଲା ନାହିଁ । ଏଥିସକାଶେ କୁହାଯାଇଛି:

(ଅଲ୍ ଅରାଫ୍ 7:199) يَنْظُرُوْنَ اِلَيْكَ وَهُمْ لَا يُبْصِرُوْنَ ○

ଅର୍ଥାତ 'ଯେଉଁମାନେ ଅମାନ୍ୟକାରୀ ସେମାନେ ତୁମ ଆଡକୁ ଦେଖୁଛନ୍ତି ସତ, କିନ୍ତୁ ତୁମେ ସେମାନଙ୍କୁ ଦେଖାଯାଉ ନାହଁ ।'

ସୁତରାଂ ଯେଉଁଦିନ ସେହି ଜ୍ୟୋତି ପ୍ରକଟ ହୁଏ, ସେହି ଜ୍ୟୋତିର ପ୍ରକଟ ହେବା ଦିନରୁ ହିଁ ଜଣେ ସାଂସାରିକ ବ୍ୟକ୍ତି ଆଧ୍ୟାତ୍ମିକ ବ୍ୟକ୍ତି ହୋଇଯାଏ । ଯେ ପ୍ରତ୍ୟେକ ପ୍ରାଣର ପ୍ରଭୁ, ସେ ତା ଅନ୍ତରରେ କଥା କୁହନ୍ତି ଏବଂ ନିଜ ଈଶ୍ୱରତ୍ୱର

ଚମକ ପ୍ରଦର୍ଶନ କରାନ୍ତି ଏବଂ ପବିତ୍ର ପ୍ରେମରେ ପରିପୂର୍ଣ୍ଣ ତା' ହୃଦୟକୁ ନିଜର ଆସ୍ଥାନ କରିନିଅନ୍ତି । ତହିଁ ପରଠାରୁ ଏହି ବ୍ୟକ୍ତି ଜଣକ ଏକ ଅଲୌକିକ ପରିବର୍ତ୍ତନ ଲାଭ କରି ଏକ ନୂତନ ମନୁଷ୍ୟ ହୋଇଯାଏ । ଈଶ୍ୱର ତା' ସକାଶେ ଏକ ନୂତନ ଈଶ୍ୱର ହୋଇଯାଆନ୍ତି । ନୂତନ ସ୍ୱଭାବ ଓ ନୂତନ ଆଚରଣର ପଥ ପ୍ରଦର୍ଶନ କରାନ୍ତି । ଏହାର ଅର୍ଥ ନୁହେଁ ଯେ ସେ ଏକ ନୂଆ ଈଶ୍ୱର ଅଥବା ସେହି ଆଚରଣଗୁଡ଼ିକ ନୂଆ । ବାସ୍ତବରେ ସେଗୁଡ଼ିକ ଈଶ୍ୱରଙ୍କ ସାଧାରଣ ଆଚରଣ ଠାରୁ ଭିନ୍ନ ଧରଣର ଆଚରଣ ହୋଇଥାଆନ୍ତି । ଯେଉଁଥି ପ୍ରତି ଦୁନିଆର ଦର୍ଶନ ପରିଚିତ ନ ଥାଏ ଏବଂ ସେ ବ୍ୟକ୍ତି ଏପରି ହୋଇଯାଏ, ଯେପରି ଐଶ୍ୱର୍ଯ୍ୟମୟ ଅଲ୍ଲାଃ କହିଲେ:

وَمِنَ النَّاسِ مَنْ يَّشْرِىْ نَفْسَهُ ابْتِغَاۤءَ مَرْضَاتِ اللّٰهِ ۗ وَاللّٰهُ رَءُوْفٌۢ بِالْعِبَادِ ۝

(ଅଲ୍ ବକରା 2:208)

ଅର୍ଥାତ ମନୁଷ୍ୟମାନଙ୍କ ମଧ୍ୟରେ ସେମାନେ ଶ୍ରେଷ୍ଠ, ଯେଉଁମାନେ ଈଶ୍ୱରଙ୍କ ପ୍ରସନ୍ନତା ପ୍ରାପ୍ତି ସକାଶେ ନିଜକୁ ହଜାଇ ଦିଅନ୍ତି । ସେମାନେ ନିଜ ପ୍ରାଣକୁ ବିକି ଦିଅନ୍ତି ଓ ପ୍ରଭୁଙ୍କ ଇଚ୍ଛାକୁ କିଣି ନିଅନ୍ତି । ଏହିମାନେ ହେଉଛନ୍ତି ସେହି ଲୋକ ଯେଉଁମାନଙ୍କ ଉପରେ ଈଶ୍ୱରଙ୍କ ଅଶେଷ ଦୟା ରହିଛି । ସୁତରାଂ ଯେଉଁବ୍ୟକ୍ତି ଆଧ୍ୟାତ୍ମିକ ଅବସ୍ଥାର ପର୍ଯ୍ୟାୟରେ ପହଞ୍ଚିଯାଏ, ସେ ଈଶ୍ୱରଙ୍କ ମାର୍ଗରେ ସମ୍ପୂର୍ଣ୍ଣ ସମର୍ପିତ ହୋଇଯାଏ ।

ଈଶ୍ୱର ଏହି ଆୟତରେ କହିଛନ୍ତି ଯେ ସମସ୍ତ ଦୁଃଖରୁ ସେହି ବ୍ୟକ୍ତି ମୁକ୍ତି ଲାଭ କରେ, ଯିଏ ମୋ ମାର୍ଗରେ ଓ ମୋର ସନ୍ତୁଷ୍ଟିଲାଭର ପଥରେ ନିଜ ପ୍ରାଣକୁ ବିକି ଦିଏ ଏବଂ ନିଜ ଜୀବନରେ କଷ୍ଟ ସହ୍ୟ କରି ସେ ପ୍ରମାଣ ଦିଏ ଯେ ସେ ହେଉଛି ଈଶ୍ୱରଙ୍କର । ସେ ତା'ର ସମସ୍ତ ଅସ୍ତିତ୍ୱକୁ ଈଶ୍ୱରଙ୍କର ଆଜ୍ଞାପାଳନ ଓ ପ୍ରାଣୀର ସେବା ନିମନ୍ତେ ଗଢା ହୋଇଥିବା ମନେକରେ । ପୁନରପି ସେ ସମସ୍ତ ପୁଣ୍ୟଗୁଡ଼ିକୁ, ଯାହା ପ୍ରତ୍ୟେକ ପ୍ରକାରର ସାମର୍ଥ୍ୟମାନ ସହିତ ଜଡ଼ିତ, ଏପରି ଉତ୍ସାହ, ଉଦ୍ଦୀପନା ଓ ମନୋନିବେଶତା ସହକାରେ ସମ୍ପାଦନ କରେ ଯେ ମନେହୁଏ ସତେ ଯେପରି ସେ ନିଜ ଆଜ୍ଞାବହତାର ଦର୍ପଣରେ ନିଜର ପ୍ରକୃତ ପ୍ରିୟତମକୁ ଦେଖିପାରୁଛି । ତା'ର

ଇଚ୍ଛା ଈଶ୍ୱରଙ୍କ ଇଚ୍ଛା ସହିତ ଏକାକାର ହୋଇଯାଏ ଏବଂ ତା’ ଜୀବନର ସମସ୍ତ ସ୍ୱାଦ ତାଙ୍କର ଆଜ୍ଞାବହତାରେ ନିହିତ ଥାଏ । ତା’ର ପୁଣ୍ୟ କର୍ମମାନ କଠିନ ପରିଶ୍ରମ ଦ୍ୱାରା ନୁହଁ ବରଂ ସ୍ୱାଦ ଓ ଆହ୍ଲାଦର ଆକର୍ଷଣ ଦ୍ୱାରା ସମ୍ପାଦିତ ହେବାକୁ ଲାଗେ । ଏହା ହିଁ ସେହି ସାକ୍ଷାତ ସ୍ୱର୍ଗ, ଯାହା ଆଧ୍ୟାତ୍ମିକ ବ୍ୟକ୍ତିକୁ (ଏହି ଜୀବନରେ) ପ୍ରାପ୍ତ ହୁଏ । ସେହି ସ୍ୱର୍ଗ ଯାହା ପରକାଳରେ ମିଳିବ, ତାହା ହେଉଛି ବାସ୍ତବରେ ଏହି ସ୍ୱର୍ଗର ପ୍ରତିବିମ୍ବ, ଯାହାକୁ ପରକାଳରେ ଈଶ୍ୱରୀୟ ଶକ୍ତି, ସ୍ଥୁଳରୂପ ପ୍ରଦାନ କରି ଦୃଶ୍ୟମାନ କରାଇବେ । ଏଥିପ୍ରତି ଇଙ୍ଗିତ କରି ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି:

وَلِمَنْ خَافَ مَقَامَ رَبِّهٖ جَنَّتٰنِ (ଅର୍ ରହମାନ୍ 55:47)

وَسَقٰهُمْ رَبُّهُمْ شَرَابًا طَهُوْرًا (ଅଦ୍ ଦହର୍ 76:22)

اِنَّ الْاَبْرَارَ يَشْرَبُوْنَ مِنْ كَاْسٍ كَانَ مِزَاجُهَا كَافُوْرًا ۟
عَيْنًا يَّشْرَبُ بِهَا عِبَادُ اللّٰهِ يُفَجِّرُوْنَهَا تَفْجِيْرًا ۝ (ଅଦ୍ ଦହର୍ 76:6,7)

وَيُسْقَوْنَ فِيْهَا كَاْسًا كَانَ مِزَاجُهَا زَنْجَبِيْلًا ۟
عَيْنًا فِيْهَا تُسَمّٰى سَلْسَبِيْلًا ۝ (ଅଦ୍ ଦହର୍ 76:18,19)

اِنَّاۤ اَعْتَدْنَا لِلْكٰفِرِيْنَ سَلٰسِلَاۡ وَاَغْلٰلًا وَّسَعِيْرًا ۝ (ଅଦ୍ ଦହର୍ 76:5)

وَمَنْ كَانَ فِيْ هٰذِهٖۤ اَعْمٰى فَهُوَ فِي الْاٰخِرَةِ
اَعْمٰى وَاَضَلُّ سَبِيْلًا ۝ (ବନି ଇସ୍ରାଇଲ୍ 17:73)

ଅର୍ଥାତ ଯେଉଁବ୍ୟକ୍ତି ଈଶ୍ୱରଙ୍କୁ ଭୟ କରେ ଓ ତାଙ୍କର ଐଶ୍ୱର୍ଯ୍ୟ ଓ ଗାରୀମା ସମକ୍ଷରେ ଭୀତତ୍ରସ୍ତ ଥାଏ, ତା’ ସକାଶେ ଦୁଇଟି ସ୍ୱର୍ଗ ରହିଛି । ଗୋଟିଏ ଇହକାଳରେ ଓ ଅନ୍ୟଟି ପରକାଳରେ । ଯେଉଁ ଲୋକମାନେ ଈଶ୍ୱରଙ୍କ ଠାରେ ନିମଗ୍ନ, ଈଶ୍ୱର ସେମାନଙ୍କୁ ଏପରି ପାନୀୟ ପିଆଇଛନ୍ତି ଯାହା ସେମାନଙ୍କ ହୃଦୟ, ଭାବନା ଓ ସେମାନଙ୍କ ଚିନ୍ତାଧାରାକୁ ପବିତ୍ର କରିଦେଇଛି । ପୁଣ୍ୟବାନ୍ ବ୍ୟକ୍ତିମାନେ ଏପରି ପାନୀୟ ସେବନ କରନ୍ତି, ଯହିଁରେ କର୍ପୂରର ମିଶ୍ରଣ ଥାଏ । ସେମାନେ ଏପରି ଝରଣାରୁ ପାନ କରନ୍ତି, ଯାହାକୁ ସେମାନେ ନିଜେ ନିର୍ଗତ କରାନ୍ତି ।

## କର୍ପୂର ଓ ଶୁଣ୍ଠିକା ମିଶ୍ରିତ ପାନୀୟର ବାସ୍ତବିକତା

ପୂର୍ବରୁ ମଧ୍ୟ ମୁଁ ବର୍ଣ୍ଣନା କରି ଆସିଛି ଯେ ଏହି ପଙ୍କ୍ତିରେ କର୍ପୂରର ଶବ୍ଦ ଏଥି ନିମନ୍ତେ ବ୍ୟବହାର କରାଯାଇଛି ଯାହା ଆରବୀ ଅଭିଧାନରେ 'କଫର' ଅର୍ଥାତ ଦମନ କରିବାକୁ ଓ ଘୋଡ଼ାଇବାକୁ କୁହାଯାଏ । ସୁତରାଂ ଏହା ଏକ ଇଙ୍ଗିତ ଯେ ସେମାନେ ଏପରି ଆନ୍ତରିକତାର ସହିତ ବୈରାଗ୍ୟ ଓ ଈଶ୍ୱରାଭିମୁଖତାର ପାତ୍ରରୁ ପାନ କରିଛନ୍ତି, ଯେ ଦୁନିଆର ମୋହ ପ୍ରଶମିତ ହୋଇଯାଇଛି । ଏହା ସ୍ୱତଃସିଦ୍ଧ ଯେ ସମସ୍ତ ପ୍ରକାରର କାମନାମାନ ହୃଦୟର ଭାବନାରୁ ଜାତ ହୋଇଥାଏ । ଯଦି ମନ ଏହି ଅବାଂଛନୀୟ ଭାବନାମାନଙ୍କ ଠାରୁ ବହୁତ ଦୂରକୁ ଚାଲିଯାଏ ଏବଂ ସେଗୁଡ଼ିକ ସହିତ ତାର କୌଣସି ସମ୍ପର୍କ ବାକି ରହେ ନାହିଁ, ତେବେ ସେହିସବୁ ଭାବାବେଗ ମଧ୍ୟ ଧିରେ ଧିରେ ପ୍ରଶମିତ ହେବାକୁ ଲାଗନ୍ତି, ଏପରିକି ସମ୍ପୂର୍ଣ୍ଣ ଅନ୍ତର୍ହିତ ହୋଇଯାଆନ୍ତି । ସୁତରାଂ ଏଠାରେ ଏହାହିଁ ହେଉଛି ଈଶ୍ୱରଙ୍କର ଉଦ୍ଦେଶ୍ୟ । ଏହି ଆୟତରେ ସେ ଏହା ବୁଝାଇଛନ୍ତି ଯେ ଯେଉଁମାନେ ତାଙ୍କ ପ୍ରତି ପୂର୍ଣ୍ଣ ଅବନତ, ସେମାନେ ଇନ୍ଦ୍ରିୟ ବାସନାଠାରୁ ଅନେକ ଦୂରକୁ ଅପସରି ଯାଆନ୍ତି ଓ ଏପରି ଭାବେ ଈଶ୍ୱରଙ୍କ ଆଡ଼କୁ ଢ଼ଳି ଯାଆନ୍ତି ଯେ ସାଂସାରିକ ମୋହମାୟା ପ୍ରତି ସେମାନଙ୍କ ହୃଦୟ ଶିଥିଳ ହୋଇପଡ଼େ । କର୍ପୂର ଯେପରି ବିଷାକ୍ତ ଦ୍ରବ୍ୟଗୁଡ଼ିକୁ ଦବାଏ, ସେମାନଙ୍କ ହୃଦୟର କାମନାମାନ ମଧ୍ୟ ସେହିଭଳି ଭାବେ ଦବିଯାଏ ।

ପୁଣି କୁହାଯାଇଛି ଯେ ସେମାନେ ସେହି କର୍ପୂରୀୟ ପିଆଲା ପରେ ଏଭଳି ପାତ୍ରରୁ ପାନ କରନ୍ତି, ଯହିଁରେ ଶୁଣ୍ଠିକାର ମିଶ୍ରଣ ରହିଥାଏ । ଜାଣିବା ଉଚିତ ଯେ 'ଯଞ୍ଜବିଲ୍' (ଶୁଣ୍ଠିକା), 'ଯନା' ଓ 'ଜବଲ୍' ଶବ୍ଦଦ୍ୱୟର ସମାହାର । ଆରବୀ ଶବ୍ଦକୋଷରେ 'ଯନା' ଆରୋହଣ କରିବାକୁ କହନ୍ତି ଓ 'ଜବଲ୍' ପର୍ବତକୁ କହନ୍ତି । ସୁତରାଂ ଏହାର ସଂଯୋଜିତ ଅର୍ଥ ହେଉଛି, ପର୍ବତକୁ ଆରୋହଣ କଲା । ଜାଣି ରଖିବା ଉଚିତ ଯେ ମନୁଷ୍ୟ କୌଣସି ବିଷମ ବ୍ୟାଧିରେ ଆକ୍ରାନ୍ତ ହେବା ପରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ ଫେରି ପାଇବା ପର୍ଯ୍ୟନ୍ତ ଦୁଇଟି ଅବସ୍ଥା ଦେଇ ଗତି କରେ । ପ୍ରଥମତଃ ସେହି ଅବସ୍ଥା ଯେତେବେଳେ ବିଷାକ୍ତ ଉପାଦାନଗୁଡ଼ିକର ତୀବ୍ରତା

ସମ୍ପୂର୍ଣ୍ଣ ଅପସାରିତ ହୋଇଯାଏ ଏବଂ ସେହି ବିପଜ୍ଜନକ ଉପାଦାନଗୁଡ଼ିକର ପ୍ରଭାବ ସୁଧାର ଆଡ଼କୁ ଗତିକରେ ଏବଂ ବିଷମୟ ପ୍ରଭାବର ତୀବ୍ରତା ନିରାପଦରେ ଅତିକ୍ରାନ୍ତ ହୋଇଯାଏ ଏବଂ ଏକ ବିନାଶକାରୀ ତୋଫାନ ଯାହା ଉଠିଥିଲା, ତାହା ଦବିଯାଏ । କିନ୍ତୁ ଏବେ ମଧ୍ୟ ଶରୀରରୁ ଦୁର୍ବଳତା ଯାଇ ନଥାଏ । କୌଣସି ଭାରୀ କାମ କରିହୁଏ ନାହିଁ । ମୃତବତ୍ ପଡ଼ି ଉଠି ସେ ଏବେ ଚାଲେ । ଦ୍ୱିତୀୟ ଅବସ୍ଥା ହେଉଛି ତାହା ଯେତେବେଳେ ପୂର୍ବ ସ୍ୱାସ୍ଥ୍ୟ ଫେରି ଆସେ ଏବଂ ଦେହରେ ବଳ ଆସିଯାଏ । ଶକ୍ତିର ପ୍ରତ୍ୟାବର୍ତ୍ତନ ହେତୁ ତା' ଠାରେ ଏହି ସାହସ ଜନ୍ମେ ଯେ ସେ ଅନାୟାସରେ ପାହାଡ଼ ଉପରକୁ ଚଢିଯିବ ଓ ସହର୍ଷେ ଉଚ୍ଚ ଘାଟିମାନଙ୍କ ଉପରେ ଦୌଡ଼ି ଚାଲିଯିବ । ସୁତରାଂ ସତ୍ୟ-ସନ୍ଧାନର ତୃତୀୟ ସ୍ତରରେ ଏହି ଅବସ୍ଥା ପ୍ରାପ୍ତ ହୁଏ । ଏହି ଅବସ୍ଥା ପ୍ରତି ଇଙ୍ଗିତ କରି ସର୍ବଶକ୍ତିମାନ ଅଲ୍ଲାଃ ବର୍ଣ୍ଣିତ ଆୟତରେ କହିଛନ୍ତି ଯେ, ଅତି ଉଚ୍ଚ ଶ୍ରେଣୀର ଈଶ୍ୱର ପରାୟଣ ବ୍ୟକ୍ତିଗଣ ସେହି ପାନୀୟ ପିଅନ୍ତି ଯହିଁରେ ଶୁଣ୍ଠିକା ମିଶିଥାଏ । ଅର୍ଥାତ ସେମାନେ ଆଧ୍ୟାତ୍ମିକ ଶକ୍ତିରେ ପୂର୍ଣ୍ଣ ବଳୀୟାନ ହୋଇ ଉଚ୍ଚ ଘାଟିମାନ ଲଂଘନ୍ତି ଓ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଦୂରୁହ କାର୍ଯ୍ୟମାନ ସମାହିତ ହୁଏ । ଈଶ୍ୱରଙ୍କ ମାର୍ଗରେ ସେମାନେ ଆଶ୍ଚର୍ଯ୍ୟ ଜନକ କଷ୍ଟମାନ କରି ଦେଖାନ୍ତି ।

## ଶୁଣ୍ଠିକାର ପ୍ରଭାବ

ଏଠାରେ ସ୍ପଷ୍ଟ ହେଉ ଯେ ଚିକିତ୍ସା ବିଜ୍ଞାନ ଅନୁଯାୟୀ ଯଞ୍ଜବିଲ୍ ହେଉଛି ଏପରି ଔଷଧି ଯାହାକୁ ହିନ୍ଦିରେ 'ଶୋଣ୍ଠ' କହନ୍ତି । ଏହା ଶରୀରର ସ୍ୱାଭାବିକ ଉଷ୍ଣତାକୁ ପରିପୁଷ୍ଟ କରେ । ଅତିସାର ରୋଗ ଦୂର କରେ । ଏହାର ନାମ ଜଞ୍ଜବିଲ୍ ଏଥିପାଇଁ ରଖାଯାଇଛି ଯେ ଏହା ଦୂର୍ବଳକୁ ଏପରି ଶକ୍ତି ପ୍ରଦାନ କରେ ଓ ତା' ମଧ୍ୟରେ ଏପରି ଉଷ୍ଣତା ଆଣିଦିଏ ଯେ ତାକୁ ଲାଗେ ସେ ପାହାଡ଼ ପର୍ବତ ଚଢ଼ିଯିବ । ଏହି ସମ୍ମୁଖା-ସମ୍ମୁଖି ଆୟତ ଦ୍ୱୟରେ, ଗୋଟିକରେ କର୍ପୂରର ଓ ଅନ୍ୟଟିରେ ଶୁଣ୍ଠିକାର ବର୍ଣ୍ଣନା ରହିଛି । ଏପରି କରିବାରେ ଈଶ୍ୱରଙ୍କର ଉଦ୍ଦେଶ୍ୟ ହେଉଛି ଯେ ଏତଦ୍‌ଦ୍ୱାରା ସେ ନିଜ ଭକ୍ତଗଣଙ୍କୁ ବୁଝାଇବେ ଯେ ଯେତେବେଳେ ମନୁଷ୍ୟ ପୁଣ୍ୟ ଆଡ଼କୁ ଗତି କରେ ସେତେବେଳେ ପ୍ରଥମେ ପ୍ରଥମେ ଏହି କ୍ରିୟା ପରେ ଏପରି ଅବସ୍ଥା ସୃଷ୍ଟି

ହୁଏ ଯେ ତା' ମଧ୍ୟସ୍ଥ ବିଷାକ୍ତ ଉପାଦାନଗୁଡ଼ିକୁ ଦମନ କରାଯାଏ ଏବଂ କର୍ପୂର ବିଷାକ୍ତ ଦ୍ରବ୍ୟଗୁଡ଼ିକୁ ଦମନ କଲାପରି ତା'ର ଇନ୍ଦ୍ରିୟ ବାସନାମାନ ପ୍ରଶମିତ ହେବାକୁ ଲାଗନ୍ତି । ଏଥିପାଇଁ କର୍ପୂର ହଇଜା ଓ ଆନ୍ତ୍ରିକ ଜ୍ୱର ସକାଶେ ଉପଯୋଗୀ ହୋଇଥାଏ । ପୁନଶ୍ଚ ଯେତେବେଳେ ବିଷାକ୍ତ ଉପାଦାନଗୁଡ଼ିକର ପ୍ରକୋପ ସମ୍ପୂର୍ଣ୍ଣ ଦୂର ହୁଏ ଓ ଏକ କ୍ଷୀଣ ଶରୀର ତା'ର ସ୍ୱାସ୍ଥ୍ୟକୁ ଏଭଳି ଫେରିପାଏ ଯେ ତହିଁରେ ଦୁର୍ବଳତା ଏବେ ମଧ୍ୟ ରହିଥାଏ, ସେତେବେଳେ ଦ୍ୱିତୀୟ ଚରଣରେ ଦୁର୍ବଳ ରୋଗୀଟି ଶୁଣ୍ଠିକା ମିଶ୍ରିତ ପାନୀୟରୁ ଶକ୍ତି ଲାଭ କରେ । ଏଠାରେ ଶୁଣ୍ଠିକା ଯୁକ୍ତ ପାନୀୟ ହେଉଛି ଈଶ୍ୱରଙ୍କ ଶୋଭା ଓ ସୌନ୍ଦର୍ଯ୍ୟର ଝଲକ ଏବଂ ଏହାହିଁ ହେଉଛି ଆତ୍ମାର ଆହାର । ମନୁଷ୍ୟ ଯେତେବେଳେ ଏହି ତେଜଃରୁ ଶକ୍ତି ଧାରଣ କରେ, ସେତେବେଳେ ପୁଣି ସେ ତୁଙ୍ଗ ପର୍ବତରାଜି ଓ ଉଚ୍ଚ ଗିରିପଥମାନ ଆରୋହଣ କରିବା ସକାଶେ ସକ୍ଷମ ହୋଇଯାଏ ଏବଂ ଈଶ୍ୱରଙ୍କ ମାର୍ଗରେ ଏପରି ବିସ୍ମୟଜନକ କଠିନ କାର୍ଯ୍ୟମାନ ସମ୍ପନ୍ନ କରି ଦେଖାଏ ଯେ ହୃଦୟରେ ପ୍ରେମିକ ସଦୃଶ ଜ୍ୱାଳା ନଥିବା କୌଣସି ବ୍ୟକ୍ତି ଏପରି କାର୍ଯ୍ୟ କଦାପି କରି ଦେଖାଇ ପାରିବ ନାହିଁ । ସୁତରାଂ ଏହି ଦୁଇ ଅବସ୍ଥାକୁ ବୁଝାଇବା ସକାଶେ ସର୍ବଶକ୍ତିମାନ ଅଲ୍ଲାଃ ଏଠାରେ ଆରବୀ ଭାଷାର ଦୁଇ ଶବ୍ଦକୁ ବ୍ୟବହାର କରିଛନ୍ତି । ଗୋଟିଏ ହେଉଛି କର୍ପୂର ଯାହା ହେଉଛି ଦମନକାରୀ ଏବଂ ଅନ୍ୟଟି ଶୁଣ୍ଠିକା ଯାହା ହେଉଛି ଆରୋହଣକାରୀ । ସତ୍ୟାନୁସନ୍ଧିତ୍ସୁମାନଙ୍କୁ ତାଙ୍କ ପଥରେ ଏହି ଦୁଇ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ିଥାଏ ।

ଉପରୋକ୍ତ ଆୟତର ଅବଶିଷ୍ଟ ଅଂଶଟି ହେଉଛି,

إِنَّآ أَعْتَدْنَا لِلْكَٰفِرِينَ سَلَٰسِلَا۟ وَأَغْلَٰلًا وَسَعِيرًا ۝ (ଅଦ୍ ଦହର୍ 76:5)

ଅର୍ଥାତ 'ଆମ୍ଭେ ଅମାନ୍ୟକାରୀମାନଙ୍କ ସକାଶେ ଯେଉଁମାନେ ସତ୍ୟକୁ ସ୍ୱୀକାର କରିବାକୁ ଚାହାନ୍ତି ନାହିଁ, ଜଞ୍ଜିର ପ୍ରସ୍ତୁତ କରି ରଖିଛୁ ଏବଂ ଗଳାବନ୍ଧ ଓ ଏକ ଜ୍ୱଳନ୍ତ ଅଗ୍ନିର ପୀଡ଼ା ମଧ୍ୟ ।' ଏହି ଆୟତର ଅର୍ଥ ହେଉଛି, ଯେଉଁ ବ୍ୟକ୍ତିମାନେ ଆନ୍ତରିକତାର ସହିତ ଈଶ୍ୱରଙ୍କୁ ଅନ୍ୱେଷଣ କରନ୍ତି ନାହିଁ, ଈଶ୍ୱରଙ୍କ ତରଫରୁ ସେମାନଙ୍କୁ ସଂସାର ଆଡ଼କୁ ଫେରାଇ ଦିଆଯାଏ । ସଂସାରର ବନ୍ଧନରେ

ସେମାନେ ଏପରି ପଡ଼ି ରହିଥାଆନ୍ତି ଯେ ମନେହୁଏ ସତେଯେପରି ସେମାନଙ୍କ ପାଦ ଶିକୁଳି-ବନ୍ଧା । ସାଂସାରିକ କାର୍ଯ୍ୟ ପ୍ରତି ସେମାନେ ଏପରି ନଇଁ ପଡ଼ି ଥାଆନ୍ତି ଯେ ମନେହୁଏ ତାଙ୍କ ବେକରେ ଗଳା-ବନ୍ଧନ ପଡ଼ିଛି, ଯାହା ତାଙ୍କୁ ଆକାଶ ଆଡ଼କୁ ମୁଣ୍ଡ ଉଠାଇବାକୁ ଦେଉ ନାହିଁ । ସେମାନଙ୍କ ହୃଦୟରେ କାମନା ଓ ଲାଳସାର ଏକ ଜ୍ୱାଳା ଲାଗି ରହିଥାଏ ଯେ କିଭଳି ଅମୁକ ଧନସମ୍ପତ୍ତି ହାସଲ ହୋଇଯାଉ, ଅମୁକ ରାଜ୍ୟ ଆମ କବଳକୁ ଆସିଯାଉ, ଅମୁକ ଶତ୍ରୁ ଉପରେ ଆମେ ବିଜୟୀ ହୋଇଯାଉଁ, ଆମକୁ ଏତିକି ଟଙ୍କାପଇସା ମିଳିଯାଉ ଏବଂ ଆମେ ଏତିକି ସମ୍ପତ୍ତିର ଅଧିକାରୀ ହୋଇଯାଉଁ । ସୁତରାଂ ଯେହେତୁ ଇଶ୍ୱର ସେମାନଙ୍କୁ ଅଯୋଗ୍ୟ ମନେ କରନ୍ତି ଓ କୁକର୍ମରେ ଲିପ୍ତ ଥିବାର ଦେଖନ୍ତି, ସେଥିସକାଶେ ଏହି ତିନି ବିପତ୍ତିରେ ସେମାନଙ୍କୁ ଗ୍ରସ୍ତ କରିଦିଅନ୍ତି । ଏଠାରେ ଏହି କଥା ପ୍ରତି ମଧ୍ୟ ଇଙ୍ଗିତ ରହିଛି ଯେ, ଯେତେବେଳେ ମନୁଷ୍ୟ ଦ୍ୱାରା କୌଣସି କାର୍ଯ୍ୟ ସମ୍ପାଦନ ହୁଏ, ସେତେବେଳେ ଇଶ୍ୱର ମଧ୍ୟ ନିଜ ତରଫରୁ ତଦନୁଯାୟୀ ଏକ କାର୍ଯ୍ୟ ସମ୍ପାଦନ କରନ୍ତି । ଦୃଷ୍ଟାନ୍ତ ସ୍ୱରୂପ ମନୁଷ୍ୟ ଯେତେବେଳେ ନିଜ କୋଠରୀର ସବୁ ଦ୍ୱାରକୁ ବନ୍ଦ କରିଦିଏ, ସେତେବେଳେ ମନୁଷ୍ୟର ଏହି କାର୍ଯ୍ୟ ସମ୍ପାଦନ ପରେ ସେହି କୋଠରୀରେ ଅନ୍ଧକାର ଉତ୍ପନ୍ନ କରିବା, ଇଶ୍ୱରଙ୍କ ବିଧାନ ହେବ । କାରଣ ଯେଉଁ ଘଟଣାମାନ ଇଶ୍ୱରଙ୍କ ପ୍ରାକୃତିକ ନିୟମରେ ଆମର କାର୍ଯ୍ୟକଳାପ ପାଇଁ ଏକ ଅପରିହାର୍ଯ୍ୟ ଫଳ ସ୍ୱରୂପ ନିର୍ଦ୍ଦିଷ୍ଟ ହୋଇସାରିଛି, ସେ ସବୁ ଘଟଣାମାନ ଇଶ୍ୱରଙ୍କ କାର୍ଯ୍ୟ; କାରଣ ସେ ହିଁ ଅନାଦି କାରଣ । ସେହିପରି କେହି ଯଦି ଉତ୍କଟ ବିଷ ଖାଇଦିଏ, ତେବେ ତା'ର ଏହି କାର୍ଯ୍ୟ ପରେ ଇଶ୍ୱରଙ୍କ ବିଧାନ ଏହା ହେବ ଯେ ସେ ତା'ର ପ୍ରାଣନାଶ କରିବେ । ସେହିପରି ଯଦି କେହି ଏପରି ଅନୁଚିତ କର୍ମ କରିବସେ ଯାହା କୌଣସି ସଂକ୍ରାମକ ରୋଗର କାରଣ ହୋଇଥାଏ, ତେବେ ତା'ର ଏହି କର୍ମ ସମ୍ପାଦନ ପରେ ଇଶ୍ୱରଙ୍କ ବିଧାନ ଏହା ହେବ ଯେ ସେହି ସଂକ୍ରାମକ ରୋଗ ତାକୁ ଗ୍ରାସ କରିବ । ସୁତରାଂ ଯେଉଁପରି ଆମ ସାଂସାରିକ ଜୀବନରେ ଏହା ସ୍ପଷ୍ଟ ରୂପେ ଦେଖାଯାଉଛି ଯେ ଆମର ପ୍ରତ୍ୟେକ କର୍ମ ସକାଶେ ଏକ ଅନିବାର୍ଯ୍ୟ ପରିଣାମ ରହିଛି ଓ ସେହି ପରିଣାମ ହେଉଛି ଇଶ୍ୱରଙ୍କର ବିଧାନ,

ସେହିପରି ଧର୍ମ ସଂକ୍ରାନ୍ତରେ ମଧ୍ୟ ଏହି ନିୟମ ରହିଛି । ନିମ୍ନ ଦୃଷ୍ଟାନ୍ତ ଦ୍ୱୟରେ ଇଶ୍ୱର ଏହାକୁ ସ୍ୱଷ୍ଟ ରୂପରେ ବର୍ଣ୍ଣନା କରିଛନ୍ତି:

(ଅନ୍‌କବୁତ୍ 29:70) وَالَّذِيْنَ جَاهَدُوْا فِيْنَا لَنَهْدِيَنَّهُمْ سُبُلَنَا

(ଅସ୍ ସଫ୍ 61:6) فَلَمَّا زَاغُوْٓا اَزَاغَ اللّٰهُ قُلُوْبَهُمْ

ଅର୍ଥାତ ଯେଉଁମାନେ ଇଶ୍ୱରଙ୍କୁ ଅନ୍ୱେଷଣ କରିବାରେ ପୂର୍ଣ୍ଣ ରୂପେ ପ୍ରୟାସ କଲେ, ସେମାନଙ୍କର ଏହି କର୍ମ ଯୋଗୁଁ ଆମ୍ଭର ନିଶ୍ଚିତ ରୂପେ ଏହି କାର୍ଯ୍ୟ ହେବ ଯେ ଆମ୍ଭେ ସେମାନଙ୍କୁ ନିଜ ପଥ ପ୍ରଦର୍ଶନ କରାଇବୁ । କିନ୍ତୁ ଯେଉଁ ଲୋକମାନେ କୁଟିଳତାକୁ ଆପଣାଇଲେ ଏବଂ ସତ୍‌ମାର୍ଗରେ ଯିବାକୁ ଚାହିଁଲେ ନାହିଁ, ସେମାନଙ୍କ ସକାଶେ ଆମ୍ଭର ଏହି ବିଧାନ ହେବ ଯେ ଆମ୍ଭେ ସେମାନଙ୍କ ହୃଦୟକୁ କୁଟିଳ କରିଦେବୁ । ପୁନଶ୍ଚ ଏହି ଅବସ୍ଥାକୁ ଆହୁରି ସ୍ୱଷ୍ଟ କରିବା ସକାଶେ ଇଶ୍ୱର କହିଲେ:

مَنْ كَانَ فِىْ هٰذِهٖٓ اَعْمٰى فَهُوَ فِى الْاٰخِرَةِ
(ବନି-ଇସ୍ରାଇଲ୍ 17:73) اَعْمٰى وَاَضَلُّ سَبِيْلًا ○

ଅର୍ଥାତ ଯେଉଁ ବ୍ୟକ୍ତି ଏହି ଜୀବନରେ ଅନ୍ଧ ହୋଇଥାଏ, ସେ ପର ଜୀବନରେ ମଧ୍ୟ ଅନ୍ଧ ହେବ । ବରଂ ଅନ୍ଧଙ୍କ ଠାରୁ ମଧ୍ୟ ନିକୃଷ୍ଟ ଅବସ୍ଥାରେ ହେବ । ଏଥିରେ ଏହି ସଙ୍କେତ ରହିଛି ଯେ ପୁଣ୍ୟବାନ ବ୍ୟକ୍ତିମାନଙ୍କୁ ଏହି ଜୀବନରେ ହିଁ ଇଶ୍ୱରଙ୍କ ଦର୍ଶନ ଲାଭ ହୁଏ । ସେମାନେ ଏହି ଜଗତରେ ହିଁ ନିଜର ସେହି ପ୍ରିୟତମର ଦର୍ଶନ ପାଇ ଯାଆନ୍ତି, ଯାହାଙ୍କ ଲାଗି ସେ ସବୁକିଛି ତ୍ୟାଗ କରିଦେଇ ଥାଆନ୍ତି । ସୁତରାଂ ଆୟତଟିର ଭାବାର୍ଥ ଏହି କି ଯେ ସ୍ୱର୍ଗୀୟ ଜୀବନର ମୂଳଭିତ୍ତି ଏହି ପୃଥିବୀରୁ ହିଁ ପଡ଼ିଥାଏ ଏବଂ ଏ ସଂସାରର ଦୂଷିତ ଓ ଅନ୍ଧ-ଜୀବନ ହିଁ ନର୍କୀୟ ଅନ୍ଧତ୍ୱର ମୂଳ ହୋଇଥାଏ । ପୁନଶ୍ଚ କୁହାଯାଇଛି ଯେ;

وَبَشِّرِ الَّذِيْنَ اٰمَنُوْا وَعَمِلُوا الصّٰلِحٰتِ اَنَّ لَهُمْ جَنّٰتٍ تَجْرِىْ
(ଅଲ୍ ବକରା 2:26) مِنْ تَحْتِهَا الْاَنْهٰرُ

ଅର୍ଥାତ 'ଯେଉଁମାନେ ବିଶ୍ୱାସ କରନ୍ତି ଓ ସତ୍‌କର୍ମ କରନ୍ତି, ସେମାନେ ଏପରି ଉଦ୍ୟାନରାଜିର ଉତ୍ତରାଧିକାରୀ, ଯହିଁର ନିମ୍ନ ଦେଶରେ ଝରଣାମାନ

ପ୍ରବାହିତ ହେଉଅଛି ।’ ଏହି ଆୟତରେ ଈଶ୍ୱର ଧର୍ମ-ବିଶ୍ୱାସକୁ ଉଦ୍ୟାନ ସହିତ ତୁଳନା କରିଛନ୍ତି, ଯାହାର ନିମ୍ନରେ ଝରଣାମାନ ବହୁଅଛି ।

ସୁତରାଂ ଜଣାରହୁ ଯେ ଏଠାରେ ଏକ ଉତ୍କୃଷ୍ଟ ଶ୍ରେଣୀର ଦର୍ଶନ ରୂପେ ଏହା ଜଣାଇ ଦିଆଯାଇଛି ଯେ, ନିର୍ଝରଗୁଡ଼ିକର ଉଦ୍ୟାନ ସହିତ ଯେଉଁ ସମ୍ପର୍କ କର୍ମର ବିଶ୍ୱାସ ସହିତ ମଧ୍ୟ ସେହି ସମ୍ପର୍କ । ଜଳ ବିନା ଯେପରି କୌଣସି ଉଦ୍ୟାନ ସବୁଜ ରହିପାରିବ ନାହିଁ, ସେହିପରି ପୁଣ୍ୟକାର୍ଯ୍ୟ ବ୍ୟତିରେକେ କୌଣସି ବିଶ୍ୱାସ ଜୀବନ୍ତ ବିଶ୍ୱାସ ବୋଲାଇ ପାରିବ ନାହିଁ । ଯଦି ବିଶ୍ୱାସ ରହିଛି କିନ୍ତୁ କର୍ମ ନାହିଁ, ତା’ହେଲେ ସେପରି ବିଶ୍ୱାସ ତୁଚ୍ଛ । ଯଦି କର୍ମ ରହିଛି କିନ୍ତୁ ବିଶ୍ୱାସ ନାହିଁ, ତେବେ ସେପରି କର୍ମ ଲୋକଦେଖାଣିଆ । ଇସ୍‌ଲାମୀୟ ସ୍ୱର୍ଗର ବାସ୍ତବିକତା ଏହିକି ଯେ, ଏହା ମନୁଷ୍ୟ ଦ୍ୱାରା ଇହକାଳରେ କରାଯାଇଥିବା ବିଶ୍ୱାସ ଓ କର୍ମର ଏକ ପ୍ରତିବିମ୍ବ ଅଟେ । ଏହା କୌଣସି ନୂତନ ବସ୍ତୁ ନୁହେଁ ଯାହା ବାହାରୁ ଆସି ମନୁଷ୍ୟକୁ ପ୍ରାପ୍ତ ହେବ । ବରଂ ମନୁଷ୍ୟର ସ୍ୱର୍ଗ ମନୁଷ୍ୟ ମଧ୍ୟରୁ ହିଁ ଜାତ ହୁଏ । ପ୍ରତ୍ୟେକ ବ୍ୟକ୍ତିର ସ୍ୱର୍ଗ ତା’ର ବିଶ୍ୱାସ ଓ ତା’ର ସତ୍‌କର୍ମ ଅଟେ । ଯାହାର ଆନନ୍ଦ ଏହି ପୃଥିବୀରୁ ମିଳିବା ଆରମ୍ଭ ହୋଇଯାଏ, ଏବଂ ପ୍ରଚ୍ଛନ୍ନ ରୂପେ ବିଶ୍ୱାସ ଓ ସତ୍‌କର୍ମର ଉଦ୍ୟାନମାନ ଦୃଷ୍ଟିଗୋଚର ହେବାକୁ ଲାଗନ୍ତି ଏବଂ ଝରଣାମାନ ମଧ୍ୟ ଦୃଶ୍ୟମାନ ହୁଅନ୍ତି । ପରଲୋକରେ ଏହି ଉଦ୍ୟାନମାନ କିନ୍ତୁ ପ୍ରକାଶ୍ୟ ରୂପରେ ଅନୁଭୂତ ହେବେ । ଈଶ୍ୱରଙ୍କ ପବିତ୍ର ଶିକ୍ଷା ଆମକୁ ଏହା ହିଁ ଜଣାଉଅଛି ଯେ ଈଶ୍ୱରଙ୍କ ପ୍ରତି, ତାଙ୍କ ଗୁଣାବଳୀ ପ୍ରତି ଓ ତାଙ୍କର ଇଚ୍ଛାମାନ ପ୍ରତି ସତ୍ୟ, ଶୁଦ୍ଧ, ଅଟଳ ଓ ଅଖଣ୍ଡ ବିଶ୍ୱାସ ହେଉଛି ଏକ ମନୋରମ ବୈକୁଣ୍ଠ ଓ ଫଳପ୍ରଦାନକାରୀ ବୃକ୍ଷ ଏବଂ ସତ୍‌କର୍ମ ହେଉଛି ସେହି ବୈକୁଣ୍ଠର ନିର୍ଝର । ଯେପରି ପବିତ୍ର କୁରଆନ କହୁଛନ୍ତି:

ضَرَبَ اللّٰهُ مَثَلًا كَلِمَةً طَيِّبَةً كَشَجَرَةٍ طَيِّبَةٍ اَصْلُهَا ثَابِتٌ

وَّفَرْعُهَا فِي السَّمَآءِ ۙ تُؤْتِيْٓ اُكُلَهَا كُلَّ حِيْنٍ (ଇବ୍ରାହିମ୍ 14:25,26)

ଅର୍ଥାତ ସେହି ଧର୍ମବାଣୀ ଯାହାକି ପ୍ରତ୍ୟେକ ଉଣା-ଆଧିକ୍ୟରୁ, ଦୋଷ ଦୁର୍ବଳତାରୁ, ମିଥ୍ୟା ଓ ଅସାରତାରୁ ପବିତ୍ର ତଥା ସମସ୍ତ ଦିଗରୁ ସମ୍ପୂର୍ଣ୍ଣ; ତାହା

ସେହି ବୃକ୍ଷ ସଦୃଶ ଯାହା ସମସ୍ତ ଖୁଣରୁ ମୁକ୍ତ, ଯାହାର ମୂଳ ଭୂମିରେ ଅବସ୍ଥାପିତ ଓ ଶାଖାମାନ ଆକାଶରେ ପ୍ରସାରିତ । ଏହା ସଦା ଫଳ ପ୍ରଦାନକାରୀ । ଏହା ପାଇଁ ଏପରି କୌଣସି ସମୟ ଆସିବ ନାହିଁ ଯେବେକି ଏହାର ଶାଖା ପ୍ରଶାଖାରେ ଫଳ ଲାଗି ନଥିବ । ଏହି ବର୍ଣ୍ଣନାରେ ସର୍ବଶକ୍ତିମାନ ଅଲ୍ଲାଃ (ଧର୍ମ) ବିଶ୍ୱାସର ବାଣୀକୁ ସଦା ଫଳପ୍ରସୂ ବୃକ୍ଷ ସହିତ ତୁଳନା କରି ତା'ର ତିନୋଟି ଲକ୍ଷଣ ବର୍ଣ୍ଣନା କରିଛନ୍ତି ।

୧. ପ୍ରଥମତଃ ତା'ର ମୂଳ, ଯାହାକି ତାହାର ଅସଲ ମର୍ମ ଅଟେ, ତାହା ହୃଦୟ ରୂପକ ଭୂମିରେ ଦୃଢ ଭାବେ ଅବସ୍ଥାପିତ ହୋଇଥିବ; ଅର୍ଥାତ ମନୁଷ୍ୟର ପ୍ରକୃତି ଓ ତା'ର ବିବେକ ତାହାର ସତ୍ୟତା ଓ ତାହାର ବାସ୍ତବିକତାକୁ ସ୍ୱୀକାର କରି ନେଇଥିବ ।

୨. ଦ୍ୱିତୀୟ ଲକ୍ଷଣ ହେଉଛି ଯେ ଏହି ବାଣୀର ଶାଖାମାନ ଆକାଶରେ ଥିବ ଅର୍ଥାତ ଏହା ନିଜ ସହିତ ଯୌକ୍ତିକତା ରଖିଥିବ ଏବଂ ଆକାଶୀୟ ପ୍ରାକୃତିକ ନିୟମମାନ, ଯାହାକି ଈଶ୍ୱରଙ୍କ କାର୍ଯ୍ୟ, ସେହି ଅନୁଯାୟୀ ହେଉଥିବ । ଏହାର ତାତ୍ପର୍ଯ୍ୟ ଏହି କି ଯେ, ଏହାର ସଠିକତା ଓ ବାସ୍ତବିକତାର ତର୍କମାନ ପ୍ରକୃତିର ନିୟମଗୁଡ଼ିକରୁ ପ୍ରତିପାଦିତ ହୋଇ ପାରୁଥିବ । ଅଧିକନ୍ତୁ ସେହି ଯୁକ୍ତି ଏପରି ଉଚ୍ଚକୋଟୀର ହୋଇଥିବ ଯେ ମନେ ହେବ ସତେ ଯେପରି ସେଗୁଡ଼ିକ ଆକାଶରେ ରହିଛନ୍ତି, ଯେଉଁଠାକୁ ଆକ୍ଷେପର ହାତ ପହଞ୍ଚିପାରିବ ନାହିଁ ।

୩. ଏହାର ତୃତୀୟ ଲକ୍ଷଣ ହେଉଛି, ଆହାର ଉପଯୋଗୀ ଏହି ଫଳ ସ୍ଥାୟୀ ରୂପେ ଏବଂ ନିରନ୍ତର ଫଳୁଥିବ । ଅର୍ଥାତ ଏହାକୁ ଲଗାତାର ଅଭ୍ୟାସ କଲେ ଏହାର ସୁଫଳ ତଥା ସୁପ୍ରଭାବ ଯେପରି ସବୁ ସମୟରେ ଓ ସବୁ ଯୁଗରେ ଉପଲବ୍ଧ ଓ ଅନୁଭୂତ ହୋଇ ପାରୁଥିବ । ଏପରି ନୁହେଁ ଯେ କୌଣସି ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ପ୍ରକାଶ୍ୟମାନ ହୋଇ ଏହା ଆଗକୁ ବନ୍ଦ ହୋଇ ଯାଉଥିବ । ପୁନଶ୍ଚ କହୁଗଲା:

مَثَلُ كَلِمَةٍ خَبِيْثَةٍ كَشَجَرَةٍ خَبِيْثَةِ ۣاجْتُثَّتْ مِنْ فَوْقِ
الْاَرْضِ مَالَهَامِنْ قَرَارٍ ○ (ଇବ୍ରାହିମ୍ 14:27)

ଅର୍ଥାତ ଅପବିତ୍ର ବାଣୀର ଦୃଷ୍ଟାନ୍ତ ଭୂମିରୁ ଉପୁଡି ଯାଇଥିବା ବୃକ୍ଷ ସଦୃଶ ।

ଅର୍ଥାତ ମାନବୀୟ ପ୍ରକୃତି ତାହାକୁ ଗ୍ରହଣ କରେ ନାହିଁ । କୌଣସି ଦୃଷ୍ଟିରୁ ତାହା ସ୍ଥିରତା ଧାରଣ କରିପାରେ ନାହିଁ; ବୌଦ୍ଧିକ ଯୁକ୍ତି ଦୃଷ୍ଟିରୁ ହେଉ ଅବା ପ୍ରାକୃତିକ ନିୟମ ଦୃଷ୍ଟିରୁ ହେଉ ଅଥବା ବିବେକ ଗ୍ରହଣ କରିବା ଦୃଷ୍ଟିରୁ ହେଉ, ସେଗୁଡ଼ିକ କେବଳ କଥା ଓ କାହାଣୀ ଆଦି ରୂପରେ ଥାଏ । ଯେପରି ପବିତ୍ର କୁରଆନ ବିଶ୍ୱାସର ପବିତ୍ର ବୃକ୍ଷରାଜିକୁ ପରଲୋକରେ ଅଙ୍ଗୁର, ଡ଼ାଳିମ୍ବ ଓ ଅନ୍ୟାନ୍ୟ ଉତ୍କୃଷ୍ଟ ଫଳମାନଙ୍କ ସହିତ ସାଦୃଶ୍ୟ ଦେଇଛି ଓ ବର୍ଣ୍ଣନା କରିଛି ଯେ ସେଦିନ ତାହା ଉକ୍ତ ଫଳମାନଙ୍କ ଅନୁରୂପ ହେବେ ତଥା ଦୃଶ୍ୟମାନ ହେବେ ସେହିପରି ଅବିଶ୍ୱାସର ଅପବିତ୍ର ବୃକ୍ଷର ନାମ 'ଜକ୍‌କୁମ୍' ରଖିଛି । ପବିତ୍ର କୁରଆନ କହେ:

اَذٰلِكَ خَيْرٌ نُّزُلًا اَمْ شَجَرَةُ الزَّقُّوْمِ ○ اِنَّا جَعَلْنٰهَا فِتْنَةً
لِّلظّٰلِمِيْنَ ○ اِنَّهَا شَجَرَةٌ تَخْرُجُ فِيْٓ اَصْلِ الْجَحِيْمِ ۙ○
طَلْعُهَا كَاَنَّهٗ رُءُوْسُ الشَّيٰطِيْنِ ○ (ଅସ୍ ସାଫାତ୍ 37:63)

اِنَّ شَجَرَتَ الزَّقُّوْمِ ۙ○ طَعَامُ الْاَثِيْمِ ۛ○ كَالْمُهْلِ ۚ يَغْلِيْ
فِى الْبُطُوْنِ ۙ○ كَغَلْيِ الْحَمِيْمِ.... ذُقْ ۚ اِنَّكَ اَنْتَ
الْعَزِيْزُ الْكَرِيْمُ ○ (ଅଦ୍ ଦୁଖାନ୍ 44: 44-47,50)

ଅର୍ଥାତ 'ତୁମେ କୁହ, ସ୍ୱର୍ଗର ଉଦ୍ୟାନ ଭଲ ନା ଜକ୍‌କୁମ୍‌ର ବୃକ୍ଷ ଭଲ ? ଯାହା ଅତ୍ୟାଚାରୀମାନଙ୍କ ପାଇଁ ଏକ ବିପତ୍ତି । ତାହା ଏପରି ଏକ ବୃକ୍ଷ ଯାହା ନର୍କ-ପିଣ୍ଡରୁ ବାହାରିଛି; ଅର୍ଥାତ ଅହଂକାର ଓ ଆତ୍ମବଡ଼ିମାରୁ ତାହାର ଜନ୍ମ । ଏହାହିଁ ନର୍କର ମୂଳପିଣ୍ଡ । ଏହାର କଢ ଶଇତାନ୍‌ର ମୁଣ୍ଡପରି । ଏଠାରେ ଶଇତାନ୍‌ର ତାତ୍ପର୍ଯ୍ୟ ହେଉଛି ଯାହାର ବିନାଶ ଘଟିବ । ଶଇତାନ୍ ଆରବୀ ଭାଷାର 'ଶଏତ୍' ଶବ୍ଦରୁ ଆସିଛି । ସାରାଂଶ ଏହି କି ଯେ, ଯିଏ ଏହାକୁ ଖାଇବ ତା'ର ବିନାଶ ଘଟିବ । ପୁନଶ୍ଚ କୁହାଗଲା ଯେ ଜକ୍‌କୁମର ବୃକ୍ଷ ସେହି ନର୍କଗାମୀଙ୍କ ଆହାର, ଯେଉଁମାନେ ଜାଣିଶୁଣି ପାପ ଆପଣାନ୍ତି । ସେ ଆହାର ଏପରି, ଯେପରି ପେଟ ମଧ୍ୟରେ ଫୁଟୁଥିବା ଉତ୍ତପ୍ତ ଜଳ ରୂପକ ତରଳ ତମ୍ବା । ନର୍କବାସୀମାନଙ୍କୁ ସମ୍ବୋଧିତ କରି ପୁଣି କୁହାଯାଇଛି ଯେ 'ଏହି ବୃକ୍ଷକୁ ଚାଖ ! ତୁମେ ତ ମର୍ଯ୍ୟାଦାବନ୍ତ ଓ ସମ୍ମାନିତ !' ଅତି ପ୍ରକୋପମୟ

ଏହି ଶବ୍ଦମାନ । ଏହାର ମର୍ମ ହେଉଛି ଯଦି ତୁମେ ଅହଂକାର କରି ନ ଥାଆନ୍ତ ଏବଂ ଆତ୍ମବଡ଼ିମା ଓ ଆତ୍ମସମ୍ମାନର ଖାତିର୍‌ରେ ସତ୍ୟ ଆଡୁ ମୁହଁ ଫେରାଇ ନ ଥାଆନ୍ତ, ତେବେ ତୁମକୁ ଆଜି ଏହି କଷ୍ଟ ଭୋଗିବାକୁ ପଡ଼ି ନଥାଆନ୍ତା । ଏହି ଆୟତ ଏହା ସୂଚାଉଅଛି ଯେ 'ଜକ୍‌କୁମ' ଶବ୍ଦ 'ଜୁକ୍' ଅର୍ଥାତ 'ଏହାକୁ ଚାଖ' ଓ 'ଅମ୍' ଶବ୍ଦର ସମଷ୍ଟିରୁ ଜାତ । 'ଅମ୍' ଉପର ବର୍ଣ୍ଣିତ ଆୟତର ଅବଶିଷ୍ଟାଂଶ 'ଇନ୍ନକା ଅନ୍‌ତଲ ଅଜିଜୁଲ କରିମ୍'ର ସଂକ୍ଷିପ୍ତ ରୂପ; ଯାହାର ଗୋଟିଏ ଅକ୍ଷର ଉପର ଆୟତର ଆଦ୍ୟରେ ଓ ଅନ୍ୟଟି ଶେଷରେ ରହିଛି; ଏବଂ ବ୍ୟବହାର ବହୁଳତା ହେତୁ 'ଜାଲ୍' ଅକ୍ଷର 'ଜେ' ଅକ୍ଷର ରୂପେ ବଦଳି ଯାଇଛି । ଅତଏବ ଏସମସ୍ତ କଥାର ସାରମର୍ମ ହେଉଛି ସର୍ବଶକ୍ତିମାନ ଅଲ୍ଲାଃ ଯେପରି ଏହି ପୃଥିବୀର ଧର୍ମୀୟ ବାଣୀମାନଙ୍କୁ ସ୍ୱର୍ଗ ସହିତ ତୁଳନା କରିଛନ୍ତି, ସେହିପରି ଏହି ପୃଥିବୀରେ ପ୍ରଚଳିତ ଅବିଶ୍ୱାସର ବାଣୀଗୁଡ଼ିକୁ 'ଜକ୍‌କୁମ୍' ସହିତ ତୁଳନା କରିଛନ୍ତି ଏବଂ ଏହାକୁ ନର୍କର ବୃକ୍ଷ ରୂପେ ନିରୂପିତ କରିଛନ୍ତି ଏବଂ ସ୍ପଷ୍ଟ କରି ଦେଇଛନ୍ତି ଯେ ସ୍ୱର୍ଗ ଓ ନର୍କର ମୂଳ ଏହି ସଂସାରରୁ ହିଁ ଆରମ୍ଭ ହୋଇଥାଏ । ନର୍କ ସମ୍ବନ୍ଧରେ ବର୍ଣ୍ଣନା ଦେବାକୁ ଯାଇ ପବିତ୍ର କୁରଆନ ଅନ୍ୟ ଏକ ସ୍ଥାନରେ ଉଲ୍ଲେଖ କରିଛି,

نَارُ اللّٰهِ الْمُوْقَدَةُ ۝ الَّتِیْ تَطَّلِعُ عَلَی الْاَفْـِٕدَةِ ۝ (ଅଲ୍ ହୁମାଜାଃ 104:7-8)

ଅର୍ଥାତ 'ନର୍କ ଏପରି ଏକ ଅଗ୍ନି ଯାହାର ଉତ୍ସ ହେଉଛି ଈଶ୍ୱରଙ୍କ ପ୍ରକୋପ । ପାପ ଦ୍ୱାରା ଏହା ପ୍ରଜ୍ଜ୍ୱଳିତ ହୁଏ ଏବଂ ପ୍ରଥମେ ହୃଦୟକୁ ଗ୍ରାସ କରିଥାଏ । ଏଥିରେ ଏହି ସଂକେତ ରହିଛି ଯେ ଅଗ୍ନିର ପ୍ରକୃତ ମୂଳ ଆଧାର ହେଉଛି ସେହି ଦୁଃଖ, କଷ୍ଟ ଓ ଅପୂରଣୀୟ ଆଶାମାନ ଯେଉଁଗୁଡ଼ିକ କି ହୃଦୟକୁ ଆବୋରି ରହିଥାଆନ୍ତି, କାରଣ ସମସ୍ତ ଆଧ୍ୟାତ୍ମିକ ଯନ୍ତ୍ରଣାର ଆରମ୍ଭ ପ୍ରଥମେ ହୃଦୟରୁ ହିଁ ଆରମ୍ଭ ହୁଏ ଏବଂ ପରେ ସମସ୍ତ ଶରୀରକୁ ଗ୍ରାସ କରେ । ଅନ୍ୟ ଏକ ସ୍ଥାନରେ କୁହାଯାଇଛି ଯେ;

وَقُوْدُهَا النَّاسُ وَالْحِجَارَةُ (ଅଲ୍ ବକରା 2:25)

ଅର୍ଥାତ 'ଦୁଇଟି ବସ୍ତୁ ନର୍କର ଅଗ୍ନିକୁ ସର୍ବଦା ପ୍ରଜ୍ଜ୍ୱଳିତ କରି ରଖିଥାନ୍ତି । ପ୍ରଥମଟି ହେଉଛି ସେହି ଲୋକମାନେ ଯେଉଁମାନେ ପ୍ରକୃତ ସ୍ରଷ୍ଟାଙ୍କୁ ଛାଡ଼ି ଅନ୍ୟାନ୍ୟ ବସ୍ତୁମାନର

ଉପାସନା କରନ୍ତି ଅଥବା ସେ ଲୋକମାନେ ଯେଉଁମାନଙ୍କ ସମ୍ମତିରେ ସେମାନଙ୍କର ପୂଜା କରାଯାଏ । ଏ ସମ୍ପର୍କରେ ପବିତ୍ର କୁରଆନରେ ଉଲ୍ଲେଖ ରହିଛି ଯେ;

(ଅଲ୍ ଅମ୍ବିୟା 21:99) اِنَّكُمْ وَمَا تَعْبُدُوْنَ مِنْ دُوْنِ اللّٰهِ حَصَبُ جَهَنَّمَ

ଅର୍ଥାତ 'ତୁମେ ଏବଂ ତୁମର ମିଥ୍ୟା ଉପାସ୍ୟମାନେ, ଯେଉଁମାନେ କି ମନୁଷ୍ୟ ହୋଇ ଈଶ୍ୱର ବୋଲାଉଥାନ୍ତି, ନର୍କରେ ନିକ୍ଷିପ୍ତ ହେବେ ।' ନର୍କର ଦ୍ୱିତୀୟ ଇନ୍ଧନ ହେଉଛି ପ୍ରତିମାଗଣ । ଏହାର ଅର୍ଥ ହେଉଛି ଯଦି ଏସବୁ ବସ୍ତୁମାନର ଅସ୍ତିତ୍ୱ ନ ଥାଆନ୍ତା, ତେବେ ନର୍କ ମଧ୍ୟ ନ ଥାଆନ୍ତା । ଅର୍ଥାତ ଏ ସମସ୍ତ ଆୟତ୍‌ମାନରୁ ଏହା ପ୍ରକାଶ ହେଉଛି ଯେ ସର୍ବଶକ୍ତିମାନ ଅଲ୍ଲାଃଙ୍କ ପବିତ୍ର ବାଣୀରେ ସ୍ୱର୍ଗ ଓ ନର୍କ ଭୌତିକ ଜଗତର ବିଷୟ ପରି ନୁହଁନ୍ତି ବରଂ ଏ ଦୁହିଁଙ୍କର ସ୍ରୋତ ଓ ଉତ୍ସ ହେଉଛି ଆଧ୍ୟାତ୍ମିକତା । ଅବଶ୍ୟ ସେ ବସ୍ତୁଗୁଡ଼ିକ ପରଲୋକରେ ସ୍ଥୁଳ ରୂପେ ଦୃଶ୍ୟମାନ ହେବେ, କିନ୍ତୁ ସେମାନେ ଏହି ଜଡ଼ଜଗତ ମଧ୍ୟରୁ ନ ଥିବେ ।

## ଅଲ୍ଲାଃଙ୍କ ସହିତ ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକ ସମ୍ପର୍କ ପ୍ରତିଷ୍ଠା କରିବାର ଉପାୟ

ଆମେ ପୁଣି ଆମର ମୂଳ ଉଦ୍ଦେଶ୍ୟ ଆଡ଼କୁ ଫେରି ଆସୁଛୁ । ଈଶ୍ୱରଙ୍କ ସହିତ ପୂର୍ଣ୍ଣାଙ୍ଗ ସମ୍ପର୍କ ପ୍ରତିଷ୍ଠା କରିବାର ଯେଉଁ ଉପାୟ ପବିତ୍ର କୁରଆନ ଆମକୁ ଶିଖାଇଛି, ତାହା ହେଉଛି 'ଇସଲାମ୍' ଓ 'ଫାତିହା'ର ପ୍ରାର୍ଥନା । ଅର୍ଥାତ ନିଜର ପୁରା ଜୀବନକୁ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରିଦେବା ଏବଂ ତା'ପରେ ସେହି ପ୍ରାର୍ଥନାରେ ଲାଗି ରହିବା, ଯେଉଁଟି ସୁରାଃ ଫାତିହାରେ ମୁସଲମାନଙ୍କୁ ଶିଖାଇ ଦିଆଯାଇଛି । ସମ୍ପୂର୍ଣ୍ଣ ଇସଲାମ୍‌ର ସାର ଏହି ଦୁଇଟି ବିଷୟ 'ଇସଲାମ୍' ଓ 'ଫାତିହା'ର ପ୍ରାର୍ଥନା । ଏ ସଂସାରରେ 'ଈଶ୍ୱରଙ୍କ' ନିକଟସ୍ଥ ହେବା ସକାଶେ ଏବଂ ବାସ୍ତବ ମୋକ୍ଷର ରସପାନ କରିବା ସକାଶେ ଏହା ହେଉଛି ଏକ ଉତ୍ତମ ଉପାୟ ବରଂ ଏହା ହିଁ ହେଉଛି ଏକମାତ୍ର ଉପାୟ ଯେଉଁଟିକୁ ପ୍ରକୃତିର ନିୟମ ମନୁଷ୍ୟର ଉତ୍କର୍ଷ ସାଧନ ଏବଂ ଈଶ୍ୱର ପ୍ରାପ୍ତି ସକାଶେ ନିର୍ଦ୍ଧାରିତ କରିଛି । ସେହିମାନେ ହିଁ ଈଶ୍ୱରଙ୍କୁ ପ୍ରାପ୍ତ କରନ୍ତି, ଯେଉଁମାନେ ଇସଲାମୀୟ ତତ୍ତ୍ୱର ଆଧ୍ୟାତ୍ମିକ ଅଗ୍ନି ମଧ୍ୟରେ ପ୍ରବେଶ କରନ୍ତି

ଓ ଫାତିହାର ପ୍ରାର୍ଥନାରେ ଲାଗି ରହନ୍ତି ।

ଇସଲାମ୍ କ'ଣ ? ଏହା ସେହି ଜ୍ୱଳନ୍ତ ଅଗ୍ନି, ଯାହା ଆମର ନୀଚ ଜୀବନକୁ ଭସ୍ମ କରି ଓ ଆମର ମିଥ୍ୟା ଉପାସ୍ୟମାନଙ୍କୁ ଜାଳିଦେଇ, ସତ୍ୟ ଓ ପବିତ୍ର ଉପାସ୍ୟଙ୍କ ସମକ୍ଷରେ ଆମର ଜୀବନ, ଆମର ଧନସମ୍ପତ୍ତି ଓ ଆମର ସମ୍ମାନକୁ ସମର୍ପି ଦିଏ । ଏଭଳି ଝରଣାରେ ପ୍ରବେଶ କରି ଆମେ ଏକ ନବ ଜୀବନର ଜଳ ପାନ କରୁଁ ଓ ଆମର ସମସ୍ତ ଆଧ୍ୟାତ୍ମିକ ଶକ୍ତି ଈଶ୍ୱରଙ୍କ ସହିତ ଏପରି ସମ୍ପୃକ୍ତ ହୋଇଯାଏ, ଯେପରି ଗୋଟିଏ ସମ୍ପର୍କ ଅନ୍ୟ ଏକ ସମ୍ପର୍କ ସହିତ ଯୋଡ଼ା ଯାଇଥାଏ । ବିଦ୍ୟୁତର ସ୍ଫୁଲିଙ୍ଗ ସଦୃଶ ଆମ ମଧ୍ୟରୁ ଏକ ଅଗ୍ନି ନିର୍ଗତ ହୁଏ ଏବଂ ଉର୍ଦ୍ଧ୍ୱରୁ ଏକ ଅଗ୍ନି ଆମ ପ୍ରତି ଅବତୀର୍ଣ୍ଣ ହୁଏ । ଏହି ଦୁଇ ଅଗ୍ନି ଶିଖାର ସଂଯୋଗରେ ଆମର ସମସ୍ତ କାମନା, ବାସନା ଓ ଅଣ-ଈଶ୍ୱର ପ୍ରେମ ଭସ୍ମୀଭୂତ ହୋଇଯାଏ ଏବଂ ଆମେ ଆମ ପୂର୍ବ ଜୀବନରୁ ମୃତ୍ୟୁ ଲଭୁ । ଏହି ଅବସ୍ଥାର ନାମ ପବିତ୍ର କୁରଆନ ଅନୁଯାୟୀ ହେଉଛି ଇସଲାମ୍ । ଇସଲାମ୍ ଦ୍ୱାରା ଆମମାନଙ୍କ କାମନାମାନର ମୃତ୍ୟୁ ଘଟେ ଏବଂ ପୁଣି ପ୍ରାର୍ଥନା ଦ୍ୱାରା ଆମେ ଏକ ନୂତନ ଜୀବନ ପାଉ । ଏହି ଦ୍ୱିତୀୟ ଜୀବନ ସକାଶେ ଐଶ୍ୱରିକ ବାଣୀର ଅବତୀର୍ଣ୍ଣ ହେବା ଆବଶ୍ୟକ । ଏହି ଅବସ୍ଥାରେ ଉପନୀତ ହେବାର ନାମ ହେଉଛି 'ଲିକାଏ ଇଲାହି' ଅର୍ଥାତ ଈଶ୍ୱର-ସାକ୍ଷାତ, ଈଶ୍ୱର ଦର୍ଶନ । ଏହି ଅବସ୍ଥାରେ ପହଞ୍ଚି ମନୁଷ୍ୟକୁ ଈଶ୍ୱରଙ୍କର ସେହି ନିକଟତା ପ୍ରାପ୍ତ ହୁଏ, ଯଦ୍ୱାରା ମନେହୁଏ ସତେ ଯେପରି ସେ ତାଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରୁଛି । ତାକୁ ଶକ୍ତି ପ୍ରଦାନ କରାଯାଏ, ତା'ର ସମସ୍ତ ଚେତନା ଓ ସମସ୍ତ ଆଭ୍ୟନ୍ତରୀଣ ସାମର୍ଥ୍ୟମାନଙ୍କୁ ଆଲୋକିତ କରିଦିଆଯାଏ । ଏକ ପବିତ୍ର ଜୀବନ ପ୍ରତି ଅତି ତୀବ୍ର ଆକର୍ଷଣର ପ୍ରାରମ୍ଭ ହୁଏ । ଏହି ଅବସ୍ଥାରେ ଉପନୀତ ହେବା ପରେ ଈଶ୍ୱର ସ୍ୱୟଂ ମନୁଷ୍ୟର ଚକ୍ଷୁ ହୋଇଯାଆନ୍ତି, ଯାହା ଦ୍ୱାରା ସେ ଦେଖେ, ତାର ଜିହ୍ୱା ହୋଇଯାଆନ୍ତି, ଯାହା ଦ୍ୱାରା ସେ କହେ, ତା'ର ହସ୍ତ ହୋଇଯାଆନ୍ତି ଯାହା ଦ୍ୱାରା ସେ ଆକ୍ରମଣ କରେ, ତା'ର କର୍ଣ୍ଣ ହୋଇଯାଆନ୍ତି ଯାହା ଦ୍ୱାରା ସେ ଶୁଣେ, ତା'ର ପାଦ ହୋଇଯାଆନ୍ତି ଯାହା ଦ୍ୱାରା ସେ ଚାଲେ । ଏହି ଅବସ୍ଥା ପ୍ରତି ଇଙ୍ଗିତ କରି ସର୍ବଶକ୍ତିମାନ ଅଲ୍ଲାହ କହିଛନ୍ତି:

(ଅଲ୍ ଫତଃ 48:11) يَدُاللّٰهِ فَوْقَ اَيْدِيْهِمْ

ଅର୍ଥାତ 'ଏହା ଇଶ୍ୱରଙ୍କ ହାତ ଯାହା ସେମାନଙ୍କ ହାତ ଉପରେ ରହିଛି ।' ସେହିଭଳି କୁହାଯାଇଛି:

(ଅଲ୍ ଅନ୍‌ଫାଲ୍ 8:18) وَمَا رَمَيْتَ اِذْ رَمَيْتَ وَلٰكِنَّ اللّٰهَ رَمٰى

ଅର୍ଥାତ 'ଯାହା ତୁମେ ନିକ୍ଷେପ କରିଥିଲ, ତାହା ତୁମେ (ନିକ୍ଷେପ) କରି ନଥିଲ ବରଂ ଇଶ୍ୱର ନିକ୍ଷେପ କରିଥିଲେ ।' ସୁତରାଂ ଏହି ଅବସ୍ଥାରେ ଇଶ୍ୱରଙ୍କ ସହ ପୂର୍ଣ୍ଣାଙ୍ଗ ଏକତ୍ୱ ଘଟିଥାଏ ଏବଂ ଇଶ୍ୱରଙ୍କ ପବିତ୍ର ଇଚ୍ଛା ଆତ୍ମାର ଶିରା ପ୍ରଶିରାରେ ସଂଚାରିତ ହୋଇଯାଏ । ଦୂର୍ବଳ ହୋଇ ପଡ଼ିଥିବା ନୈତିକ ବଳ ଏହି ଅବସ୍ଥାରେ ଅଟଳ ପର୍ବତ ସଦୃଶ ଦୃଶ୍ୟମାନ ହୁଏ । ବୁଦ୍ଧି ଓ ବିବେକ ଅତିଶୟ ମାର୍ଜିତ ହୋଇଯାଏ । ଏହି ଅର୍ଥ ନିମ୍ନ ଆୟତଟିର ଅଟେ ଯେଉଁଟିକୁ ସର୍ବଶକ୍ତିମାନ ଅଲ୍ଲାଃ ବର୍ଣ୍ଣନା କରିଛନ୍ତି:

(ଅଲ୍ ମୁଯାଦିଲାଃ 58:23) وَاَيَّدَهُمْ بِرُوْحٍ مِّنْهُ

ଅର୍ଥାତ ଏହି ଅବସ୍ଥାରେ ସ୍ନେହ ଓ ପ୍ରେମର ଝରଣାମାନ ଏଭଳି ଉତ୍ତାଳ ଲହଡି ମାରୁ ଥାଆନ୍ତି ଯେ ଇଶ୍ୱରଙ୍କ ସକାଶେ ପ୍ରାଣ ବିସର୍ଜନ କରିବା ଏବଂ ଇଶ୍ୱରଙ୍କ ଲାଗି ହଜାରେ ଦୁଃଖ ବରଣ କରିବା ତଥା ଯାବତୀୟ ଅପମାନ ସହ୍ୟ କରିବା ଏପରି ସହଜ ମନେହୁଏ ଯେପରି ଶୁଖିଲା କୁଟାଖଣ୍ଡିକୁ ଦିଖଣ୍ଡ କରିବା । ସେ ଇଶ୍ୱରଙ୍କ ଆଡ଼କୁ ଆକର୍ଷିତ ହୋଇଚାଲେ, କିନ୍ତୁ ଜାଣିପାରେ ନାହିଁ କିଏ ତାକୁ ଆକର୍ଷିତ କରୁଛି । ଏକ ଅଦୃଶ୍ୟ ହାତ ଦ୍ୱାରା ସେ ପରିଚାଳିତ ହେଉଥାଏ । ଇଶ୍ୱରଙ୍କ ଇଚ୍ଛାକୁ ପୂରଣ କରିବା ତା' ଜୀବନର ଏକମାତ୍ର ଲକ୍ଷ୍ୟ ହୋଇଯାଏ । ଏହି ଅବସ୍ଥାରେ ଇଶ୍ୱର ଅତି ନିକଟରୁ ଦୃଶ୍ୟମାନ ହୁଅନ୍ତି ଯେପରିକି ସେ କହିଛନ୍ତି:

(କାଫ୍ 50:17) وَنَحْنُ اَقْرَبُ اِلَيْهِ مِنْ حَبْلِ الْوَرِيْدِ

ଅର୍ଥାତ 'ଆମ୍ଭେ ତା'ର ଜୀବନ ନାଡିକା ଠାରୁ ମଧ୍ୟ ନିକଟତର ।' ଫଳ ଯେପରି ପକ୍ୱ ହୋଇ ଆପଣା ଛାଏଁ ବୃକ୍ଷରୁ ଖସିପଡ଼େ, ଏହି ଅବସ୍ଥାରେ ଏ ସ୍ତରରେ ପହଞ୍ଚିଥିବା ମଣିଷର, ସେହିପରି, ସମସ୍ତ ଇତର ସମ୍ପର୍କ ଛିନ୍ନ ହୋଇଯାଏ । ଇଶ୍ୱରଙ୍କ ସହିତ ତା'ର ଏକ ନିବିଡ଼ ସମ୍ପର୍କ ସ୍ଥାପିତ ହୋଇଯାଏ । ସେ ସଂସାରରୁ

ଦୂରକୁ ଅପସରି ଯାଏ ଏବଂ ଈଶ୍ୱରଙ୍କ ବାଣୀ ଓ ତାହାଙ୍କ ସହିତ ମଧୁର ଆଳାପ ଦ୍ୱାରା ସେ ସମ୍ମାନିତ ହୁଏ । ଏହି ମର୍ଯ୍ୟାଦା ପ୍ରାପ୍ତି ପାଇଁ ଆଜି ମଧ୍ୟ ତାଙ୍କ ଦ୍ୱାର ସେହିଭଳି ଉନ୍ମୁକ୍ତ ରହିଛି, ଯେପରିକି ପୂର୍ବେ ଉନ୍ମୁକ୍ତ ଥିଲା । ଆଜି ମଧ୍ୟ ଈଶ୍ୱରଙ୍କ ଅଶେଷ କୃପା ଅନିସନ୍ଧିତ୍ସୁଗଣଙ୍କୁ ଏହି ପୁରସ୍କାର ପ୍ରଦାନ କରୁଅଛି ଯେଭଳି ପୂର୍ବେ କରୁଥିଲା । କିନ୍ତୁ ଏହି ପଥ ବୃଥା ବଚନିକା ଦ୍ୱାରା ପ୍ରାପ୍ତ ହୁଏ ନାହିଁ କି କେବଳ ମାତ୍ର ଅହେତୁକ ଓ ବାହାଦୁରିଆ କଥାରେ ଏହି ଦ୍ୱାର ଖୋଲେ ନାହିଁ । ଆଶାୟୀ ତ ବହୁତ ଅଛନ୍ତି, କିନ୍ତୁ କମ ଲୋକ ପାଆନ୍ତି । ଏହାର କାରଣ କ'ଣ ହୋଇପାରେ ? କେବଳ ଏତିକି ଯେ ନିଷ୍ପାପର ଉଦ୍ୟମ ଓ ଆନ୍ତରିକ ପ୍ରୟାସ ଉପରେ ଏହି ପଦବୀ ପର୍ଯ୍ୟବସିତ । ଲକ୍ଷେ କଥା କୁହ; ସେଥିରେ କି ଲାଭ ? ଯେଉଁ ନିଆଁକୁ ଭୟ କରି ଅନ୍ୟମାନେ ପଶ୍ଚାଦ୍‌ପଦ ହୁଅନ୍ତି, ସତ୍ୟନିଷ୍ଠ ହୋଇ ସେହି ନିଆଁ ଆଡ଼କୁ ଗୋଡ଼ ବଢାଇବା ହେଉଛି ଏହି ମାର୍ଗର ପ୍ରଥମ ସର୍ତ୍ତ । ଯଦି କର୍ମର ଉଦ୍‌ଯୋଗ ନାହିଁ, ତେବେ ମୂଲ୍ୟହୀନ ସବୁ ବାହାଦୁରିଆ କଥାମାନ । ସର୍ବଶକ୍ତିମାନ ଅଲ୍ଲାଃ ଏଥି ସମ୍ବନ୍ଧରେ କହିଛନ୍ତି: وَاِذَا سَاَلَكَ عِبَادِىْ عَنِّىْ فَاِنِّىْ قَرِيْبٌ ؕ اُجِيْبُ دَعْوَةَ الدَّاعِ اِذَا دَعَانِ ۙ فَلْيَسْتَجِيْبُوْا لِىْ وَلْيُؤْمِنُوْا بِىْ لَعَلَّهُمْ يَرْشُدُوْنَ ۝ (ଅଲ୍ ବକରା 2:187)

ଅର୍ଥାତ 'ଯଦି ମୋର ଭକ୍ତଗଣ ମୋ ସମ୍ପର୍କରେ ପ୍ରଶ୍ନ କରନ୍ତି ଯେ ମୁଁ କେଉଁଠି, ତେବେ ସେମାନଙ୍କୁ କହିଦିଅ ମୁଁ ସେମାନଙ୍କର ଅତି ନିକଟରେ । ପ୍ରାର୍ଥନାକାରୀର ପ୍ରାର୍ଥନାକୁ ମୁଁ ଶୁଣେ । ସୁତରାଂ ପ୍ରାର୍ଥନା ମାଧ୍ୟମରେ ସେମାନେ ମୋତେ ସନ୍ଧାନ କରନ୍ତୁ, ମୋ ପ୍ରତି ବିଶ୍ୱାସ ସ୍ଥାପନ କରନ୍ତୁ ଯାହା ଫଳରେ କି ସେମାନେ କୃତକାର୍ଯ୍ୟ ହୋଇଯିବେ ।'

## ଦ୍ୱିତୀୟ ପ୍ରଶ୍ନ

ମୃତ୍ୟୁପରେ ମନୁଷ୍ୟର ଅବସ୍ଥା କ'ଣ ହୁଏ ?

ସୁତରାଂ ଏହି ପ୍ରଶ୍ନର ଉତ୍ତରରେ ଆମେ ଏତିକି ନିବେଦନ କରିବୁ ଯେ ମୃତ୍ୟୁ ପରେ ମନୁଷ୍ୟର ଯାହା କିଛି ଅବସ୍ଥା ହୁଏ, ତାହା କୌଣସି ନୂତନ ଅବସ୍ଥା ହୋଇ ନ ଥାଏ । ବରଂ ସେହି ସାଂସାରିକ ଜୀବନର ଅବସ୍ଥାମାନ ସ୍ପଷ୍ଟତର ହୋଇ ଦେଖା ଦେଇଥାଏ । ମନୁଷ୍ୟର ଆସ୍ଥା ଓ ତା' କର୍ମର ଯାହା କିଛି ସୁପ୍ରଭାବ ଅଥବା କୁପ୍ରଭାବ ଥାଏ ତାହା ଏହି ସଂସାରରେ ତା'ମଧ୍ୟରେ ଗୁପ୍ତ ରହିଥାଏ ଏବଂ ଏହି ଅମୃତ ଅଥବା ଗରଳ ଏକ ଲୁକ୍‌କାୟିତ ପ୍ରଭାବ ମନୁଷ୍ୟର ଶରୀର ଉପରେ ପକାଇ ଥାଏ । କିନ୍ତୁ ପରଜଗତରେ ଏଭଳି ଘଟିବ ନାହିଁ, ବରଂ ଏ ସମସ୍ତ ଅବସ୍ଥାମାନ ପ୍ରକାଶ୍ୟ ଭାବେ ଆପଣା ରୂପ ଦେଖାଇଦେବେ । ସ୍ୱପ୍ନ ଜଗତରେ ମଧ୍ୟ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳେ, ଯେପରିକି ମନୁଷ୍ୟର ଶରୀରରେ ଯେଉଁ ତତ୍ତ୍ୱର ମାତ୍ରା ଅଧିକ ହୋଇଯାଏ ସ୍ୱପ୍ନ ଜଗତରେ ମଧ୍ୟ ସେହି ପ୍ରକାରର ଶାରୀରିକ ଅବସ୍ଥା ପରିଦୃଷ୍ଟ ହୁଏ । ପ୍ରବଳ ଜ୍ୱର ହେବାର ଥିଲେ, ସ୍ୱପ୍ନରେ ଅଧିକାଂଶ ଭାବେ ଅଗ୍ନି ଓ ଅଗ୍ନିଶିଖାମାନ ଦୃଶ୍ୟମାନ ହୁଅନ୍ତି । କଫ ଜ୍ୱର, ଥଣ୍ଡା ଓ ଶର୍ଦ୍ଦିରେ ଆକ୍ରାନ୍ତ ହେବାର ଥିଲେ, ମନୁଷ୍ୟ ନିଜକୁ ପାଣି ଭିତରେ ଥିବାର ଦେଖେ । ସୁତରାଂ ଯେଉଁ ପ୍ରକାରର ରୋଗ ପାଇଁ ଶରୀର ପ୍ରସ୍ତୁତ ହେଉଥାଏ ସେହି ପ୍ରକାରର ଅବସ୍ଥାମାନର ସାଦୃଶ୍ୟ ସ୍ୱପ୍ନରେ ଦୃଷ୍ଟି ଗୋଚର ହୁଏ । ସ୍ୱପ୍ନ ବ୍ୟବସ୍ଥାକୁ ଅନୁଧ୍ୟାନ କଲେ ପ୍ରତ୍ୟେକ ବ୍ୟକ୍ତି ବୁଝିପାରିବ ଯେ ପରଲୋକରେ ମଧ୍ୟ ଈଶ୍ୱରଙ୍କ ଏହି ବିଧାନ ରହିଛି । କାରଣ ସ୍ୱପ୍ନ ଯେଭଳି ଭାବେ ଆମଠାରେ ଏକ ବିଶେଷ ପରିବର୍ତ୍ତନ ସୃଷ୍ଟିକରି ଆଧ୍ୟାତ୍ମିକକୁ ଭୌତିକରେ ବଦଳାଇ ଦେଖାଇ ଥାଏ, ମୃତ୍ୟୁପର ଜୀବନରେ ମଧ୍ୟ ଠିକ୍ ଏହିଭଳି ଘଟିବ । ସେଦିନ ଆମର କର୍ମ ଓ କର୍ମର ଫଳମାନ ଭୌତିକ ରୂପେ ଦୃଶ୍ୟମାନ ହେବେ । ପ୍ରଚ୍ଛନ୍ନ ଭାବେ ଆମେ ଏ ସଂସାରରୁ ଯାହାକିଛି ଧରି ଯାଇଥିବା, ସେଦିନ ସେ ସବୁଯାକ ଆମ ଚେହେରା ଉପରେ ସ୍ପଷ୍ଟ ହୋଇ ଦେଖାଦେବ । ମନୁଷ୍ୟ ଯେଭଳି ସ୍ୱପ୍ନରେ

ଭଳିକି ଭଳି ସାମଞ୍ଜସ୍ୟ-ପୂର୍ଣ୍ଣ ଦୃଶ୍ୟମାନ ଅବଲୋକନ କରୁଥାଏ ଏବଂ କେବେହେଲେ କଳ୍ପନା କରେ ନାହିଁ ଯେ ସେଗୁଡ଼ିକ ଅବାସ୍ତବ ଚିତ୍ରମାନ କେବଳ ବରଂ ସେଗୁଡ଼ିକୁ ବାସ୍ତବ ବୋଲି ବିଚାରେ; ସେହିଭଳି ପରଲୋକରେ ମଧ୍ଯ ଘଟିବ ବରଂ ଈଶ୍ୱର ସେହିସବୁ ସାମଞ୍ଜସ୍ୟ ପୂର୍ଣ୍ଣ ଦୃଶ୍ୟ ମାଧ୍ୟମରେ ନିଜର ନୂତନ ଶକ୍ତି ପ୍ରଦର୍ଶନ କରିବେ । ଯେହେତୁ ସେ ଶକ୍ତି ସର୍ବାଙ୍ଗ ସମ୍ପୂର୍ଣ୍ଣ ତେଣୁ ଯଦି ଆମେ ସାମଞ୍ଜସ୍ୟ ଗୁଡ଼ିକର ନାମ ମଧ୍ୟ ନ ନେଉ ଏବଂ ଏହା କହୁ ଯେ ତାହା ଈଶ୍ୱରଙ୍କ ଶକ୍ତିରୁ ଜାତ ଏକ ନୂତନ ସର୍ଜନା, ତେବେ ଏହା କହିବା ଅଧିକ ଯଥାର୍ଥ, ଯୁକ୍ତିଯୁକ୍ତ ଓ ସତ୍ୟ ହେବ । ଈଶ୍ୱର କହିଛନ୍ତି:

(ଅସ୍ ସଜ୍‌ଦାଃ 32:18) فَلَا تَعۡلَمُ نَفۡسٌ مَّآ أُخۡفِيَ لَهُم مِّن قُرَّةِ أَعۡيُنٍ

ଅର୍ଥାତ 'କୌଣସି ସଦାଚାରୀ ବ୍ୟକ୍ତିକୁ ଜଣା ନାହିଁ ଯେ ତା' ପାଇଁ କି କି ପୁରସ୍କାରମାନ ଲୁକ୍କାୟିତ ରହିଛି ।' ସୁତରାଂ ଈଶ୍ୱର ସେ ସମସ୍ତ ପୁରସ୍କାରଗୁଡ଼ିକୁ 'ଗୋପନୀୟ' କହିଛନ୍ତି, ଯାହାର ଦୃଷ୍ଟାନ୍ତ ଇହଲୋକର ପୁରସ୍କାରମାନଙ୍କ ମଧ୍ୟରେ ନାହିଁ । ଏହା ତ ସ୍ପଷ୍ଟ ଯେ ଇହଲୋକର ପୁରସ୍କାରମାନ ଆମ ଠାରେ ଅଛପା ନୁହନ୍ତି । କ୍ଷୀର, ଡ଼ାଳିମ୍ବ, ଅଙ୍ଗୁର ଆଦି ଆମକୁ ଜଣା ଓ ସଦାବେଳେ ଏହାକୁ ଖାଉ । ସୁତରାଂ ଏଥିରୁ ଜଣାପଡୁଛି ଯେ ପରକାଳର ସେହି ଦ୍ରବ୍ୟମାନ ହେଉଛି ଅନ୍ୟ କିଛି । ସେହି ବସ୍ତୁଗୁଡ଼ିକର ଏହି ବସ୍ତୁମାନଙ୍କ ସହିତ କେବଳ ନାମର ସାମଞ୍ଜସ୍ୟ ରହିଛି । ଅତଏବ ଯେଉଁ ବ୍ୟକ୍ତି ସ୍ୱର୍ଗପୁରକୁ ପୃଥିବୀର ବସ୍ତୁମାନଙ୍କର ସମାହାର ମନେକରୁଛି, ସେ ପବିତ୍ର କୁରଆନର ଗୋଟିଏ ଅକ୍ଷର ମଧ୍ୟ ବୁଝି ନାହିଁ ।

ଆମେ ବର୍ତ୍ତମାନ ଯେଉଁ ଆୟତର ଉଲ୍ଲେଖ କଲୁ ତା'ର ବ୍ୟାଖ୍ୟାରେ ଆମର ମୁନିବ ଓ ଶ୍ରେଷ୍ଠ ଅବତାର ହଜରତ ମୁହମ୍ମଦ ସ.ଅ କହିଛନ୍ତି ଯେ ସ୍ୱର୍ଗ ଓ ତାର ବରଦାନଗୁଡ଼ିକ ଏପରି, ଯାହାକୁ କେବେ କୌଣସି ଆଖି ଦେଖି ନାହିଁ କି କୌଣସି କାନ ଶୁଣି ନାହିଁ କି ହୃଦୟକୁ ଏହା କେବେ ଗୋଚର ହୋଇ ନାହିଁ । ଅପର ପକ୍ଷେ ଆମେ ପୃଥିବୀର ବରଦାନଗୁଡ଼ିକୁ ଆଖିରେ ଦେଖୁଛୁ କାନରେ ମଧ୍ୟ ଶୁଣୁଛୁ ଓ ହୃଦୟରେ ମଧ୍ୟ ସେହି ବରଦାନମାନ ଅନୁଭୂତ ହେଉଛି । ସୁତରାଂ ଯେତେବେଳେ ଈଶ୍ୱର ଓ ତାଙ୍କର ବାର୍ତ୍ତାବହ ଏହି ବସ୍ତୁଗୁଡ଼ିକୁ ଅନନ୍ୟ ବୋଲି କହୁଛନ୍ତି, ସେତେବେଳେ

ଆମର ଏପରି ମନେ କରିବା ଯେ ସ୍ୱର୍ଗରେ ମଧ୍ୟ ପୃଥିବୀର ସେହି କ୍ଷୀର ରହିଥିବ ଯାହା ଗାଈ ଓ ମଇଁଷିମାନଙ୍କ ଠାରୁ ଦୁହାଁଯାଏ, ଆମକୁ ପବିତ୍ର କୁରଆନ ଠାରୁ ଦୂରେଇ ନେଇଯିବ । ସତେ ଯେପରି ସେଠାରେ କ୍ଷୀର ଦେଉଥିବା ପଶୁ ଗୋଠକୁ ଗୋଠ ରହିଥିବେ ଏବଂ ବୃକ୍ଷମାନ ଉପରେ ମହୁମାଛି ଅନେକ ଫେଣା ତିଆରି କରିଥିବେ ଏବଂ ଦେବଦୂତଗଣ ସେଗୁଡ଼ିକୁ ଖୋଜି ସେହି ମହୁ ସବୁ ବାହାର କରିବେ ଓ ତାହାକୁ ଝରଣାମାନଙ୍କରେ ନେଇ ପକାଇବେ । କ'ଣ ଏପରି ଚିନ୍ତାଧାରା ସେହି ଶିକ୍ଷା ସହିତ କୌଣସି ସାମଞ୍ଜସ୍ୟ ରଖନ୍ତି, ଯେଉଁଥିରେ ଏହି ଆୟତ ରହିଛି ଯେ ପୃଥିବୀ ସେହି ବସ୍ତୁଗୁଡ଼ିକୁ କେବେ ଦେଖିନାହିଁ ତଥା ସେହି ବସ୍ତୁଗୁଡ଼ିକ ଆତ୍ମାକୁ ଜ୍ୟୋତିର୍ମୟ କରନ୍ତି, ଈଶ୍ୱର-ଜ୍ଞାନକୁ ସମୃଦ୍ଧ କରାନ୍ତି ଓ ଆତ୍ମାର ଆହାର ଅଟନ୍ତି ? ଯଦିଓ ସେହି ଖାଦ୍ୟର ରୂପରେଖକୁ ଭୌତିକ ରୂପେ ଚିତ୍ରଣ କରାଯାଇଛି, କିନ୍ତୁ ଏଥି ସହିତ ଏହା ମଧ୍ୟ ଜଣାଇ ଦିଆଯାଇଛି ସେଗୁଡ଼ିକର ମୂଳ ଉତ୍ସ ହେଉଛି ଆତ୍ମା ଓ ସତ୍ୟତା । କେହି ଏହା ମନେ ନକରୁ ଯେ ପବିତ୍ର କୁରଆନର ନିମ୍ନୋକ୍ତ ଆୟତରୁ ଏହି ନିଷ୍କର୍ଷ ବାହାରୁଛି ଯେ ଯେଉଁ ପୁରସ୍କାରମାନ ସ୍ୱର୍ଗରେ ଦିଆଯିବ, ସେହି ପୁରସ୍କାରମାନଙ୍କୁ ଦେଖି ବୈକୁଣ୍ଠବାସୀ ସେଗୁଡ଼ିକୁ ଚିହ୍ନି ପକାଇବେ ଯେ ଏହି ପୁରସ୍କାର ଆମକୁ ଆଗରୁ ମିଳିଥିଲା । ଯେପରିକି ସର୍ବଶକ୍ତିମାନ ଅଲ୍ଲାହ କହିଛନ୍ତି:

وَبَشِّرِ الَّذِيْنَ اٰمَنُوْا وَعَمِلُوا الصّٰلِحٰتِ اَنَّ لَهُمْ جَنّٰتٍ تَجْرِيْ مِنْ
تَحْتِهَا الْاَنْهٰرُ ؕ كُلَّمَا رُزِقُوْا مِنْهَا مِنْ ثَمَرَةٍ رِّزْقًا ۙ قَالُوْا هٰذَا
الَّذِيْ رُزِقْنَا مِنْ قَبْلُ ۙ وَاُتُوْا بِهٖ مُتَشَابِهًا ؕ (ଅଲ୍ ବକରା 2:26)

ଅର୍ଥାତ 'ଯେଉଁମାନେ ବିଶ୍ୱାସ କରିଛନ୍ତି ଏବଂ ସତ୍‌କର୍ମ କରିଛନ୍ତି, ଯେଉଁମାନଙ୍କ ଠାରେ ତିଳେ ମାତ୍ର କପଟତା ନାହିଁ ସେମାନଙ୍କୁ ସୁସମାଚାର ଦିଅ ଯେ ସେମାନେ ସେହି ବୈକୁଣ୍ଠର ଅଧିକାରୀ ହେବେ, ଯାହାର ନିମ୍ନରେ ଝରଣାମାନ ପ୍ରବାହିତ ହେଉଅଛି । ପରଲୋକରେ ଯେତେବେଳେ ସେମାନେ ସେହି ବୃକ୍ଷର ସେ ଫଳଗୁଡ଼ିକୁ ପାଇବେ ଯାହା ସେମାନଙ୍କୁ ପୃଥିବୀର ଜୀବନରେ ମିଳିସାରିଥିଲା, ସେତେବେଳେ ସେମାନେ କହି ଉଠିବେ ଏହାତ ସେହି ଫଳ ଯାହା ଆମକୁ ଏଥି

ପୂର୍ବରୁ ହିଁ ଦିଆଯାଇଥିଲା ! କାରଣ ସେମାନେ ଏହି ଫଳଗୁଡ଼ିକୁ ସେହି ପୂର୍ବ ଫଳ ସହ ସାମଞ୍ଜସ୍ୟ ଥିବାର ପାଇବେ ।' ବର୍ତ୍ତମାନ ଏଥିରୁ ଏହି ଧାରଣା କରିନେବା ଯେ ପୂର୍ବବର୍ତ୍ତୀ ଫଳର ଅର୍ଥ ହେଉଛି ଇହଲୋକର ପାର୍ଥିବ ପୁରସ୍କାରମାନ ତେବେ ଏହା ବହୁତ ବଡ଼ ଭୁଲ ହେବ । ଅଧିକନ୍ତୁ ଏହା ଆୟତଟିର ସ୍ପଷ୍ଟ ଅର୍ଥ ତଥା ଯଥାର୍ଥ ଭାବର ସଂପୂର୍ଣ୍ଣ ବିପରୀତ ହେବ । ଗରିମାମୟ ଅଲ୍ଲାଃ ବରଂ ଏହି ଆୟତରେ ଏହା କହୁଛନ୍ତି ଯେ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ସତ୍‌କର୍ମ କରିଛନ୍ତି, ସେମାନେ ସ୍ୱହସ୍ତରେ ଏକ ବୈକୁଣ୍ଠ ନିର୍ମାଣ କରିଛନ୍ତି ଯାହାର ବୃକ୍ଷରାଜି ହେଉଛି ବିଶ୍ୱାସ ଓ ଯାହାର ନିର୍ଝର ହେଉଛି ସତ୍‌କର୍ମ । ଏହି ବୈକୁଣ୍ଠର ସେମାନେ ପରଲୋକରେ ମଧ୍ୟ ଫଳ ଖାଇବେ ଏବଂ ସେ ଫଳ ଅଧିକ ପ୍ରକାଶ୍ୟମାନ ଓ ଅଧିକ ମଧୁର ହେବ । ଯେହେତୁ ସେମାନେ ଆଧ୍ୟାତ୍ମିକ ରୂପେ ସେହି ଫଳକୁ ପୃଥିବୀରେ ଖାଇ ସାରିଥିବେ, ତେଣୁ ପରଲୋକରେ ସେହି ଫଳକୁ ଚିହ୍ନି ପକାଇବେ ଏବଂ କହିବେ 'ଏହାତ ସେହି ଫଳ ଜଣା ପଡୁଛି ଯାହାକୁ ଆମେ ପୂର୍ବରୁ ଖାଇଅଛୁ!' ସେମାନେ ଏହି ଫଳକୁ ସେହି ପୂର୍ବ ଖାଦ୍ୟର ଅନୁରୂପ ପାଇବେ । ସୁତରାଂ ଏହି ଆୟତ ସ୍ପଷ୍ଟ ରୂପେ ଜଣାଉଛି ଯେ ଯେଉଁ ଲୋକମାନେ ମର୍ତ୍ତ୍ୟ-ଲୋକରେ ଈଶ୍ୱରଙ୍କ ସ୍ନେହ ଓ ପ୍ରେମର ଖାଦ୍ୟ ଖାଉଥିଲେ, ଏବେ ଭୌତିକ ରୂପେ ସେହି ଖାଦ୍ୟ ସେମାନଙ୍କୁ ପ୍ରାପ୍ତ ହେବ । ଯେହେତୁ ସେମାନେ ପ୍ରୀତି ଓ ସ୍ନେହର ସ୍ୱାଦ ଚାଖି ସାରିଥିବେ ଏବଂ ସେ ଅନୁଭୂତି ସହ ପରିଚିତ ଥିବେ, ତେଣୁ ସେମାନଙ୍କ ଆତ୍ମାକୁ ସେ ସମୟମାନ ମନେ ପଡ଼ିଯିବ ଯେଉଁ ସମୟରେ ସେମାନେ ଏକାନ୍ତରେ, ଏକ ନିଭୃତ କଣରେ ରାତ୍ରିର ଅନ୍ଧକାର ମଧ୍ୟରେ ବିହ୍ୱଳ ହୋଇ ନିଜର ପ୍ରକୃତ ପ୍ରେମୀକୁ ସ୍ମରଣ କରୁଥିଲେ ଓ ସେହି ସ୍ମରଣରୁ ଆନନ୍ଦ ଲଭୁ ଥିଲେ ।

ସୁତରାଂ ଏଠାରେ କୌଣସି ଭୌତିକ ଖାଦ୍ୟର ବର୍ଣ୍ଣନା ନାହିଁ । କାହାରି ମନରେ ଯଦି ଏହି ଧାରଣା ଜାତ ହୁଏ ଯେ ଆଧ୍ୟାତ୍ମିକ ରୂପେ ଈଶ୍ୱର-ଭକ୍ତଙ୍କୁ ଯଦି ଏହି ଖାଦ୍ୟ ପୃଥିବୀରେ ମିଳି ସାରିଛି, ତେବେ ପୁଣି ଏପରି କହିବା କେତେ ଦୂର ଯଥାର୍ଥ ହେବ ଯେ ସେଗୁଡ଼ିକ ଏପରି ପୁରସ୍କାର ଯେ ଦୁନିଆରେ କେହି ଏହାକୁ

ଦେଖିନାହାନ୍ତି କି ଶୁଣି ନାହାନ୍ତି କି କାହାରି ହୃଦୟକୁ ଏହା ଗୋଚର ହୋଇ ନାହିଁ । ଅଧିକନ୍ତୁ ଏପରି ଅବସ୍ଥାରେ ଆୟତ ଦ୍ୱୟ ମଧ୍ୟରେ ବିରୋଧାଭାସ ରହିଥିବାର ପରିଲକ୍ଷିତ ହେଉଅଛି । ଅବଶ୍ୟ ଏହାର ଉତ୍ତର ଏହିକି ଯେ ପରସ୍ପର ବିରୋଧୀ ମତ ସେତେବେଳେ ହୁଅନ୍ତା, ଯଦି ଏହି ଆୟତ ସାଂସାରିକ ପୁରସ୍କାରମାନଙ୍କୁ ବୁଝାଉ ଥାଆନ୍ତା । କିନ୍ତୁ ଏଠାରେ ଏହା ସାଂସାରିକ ପୁରସ୍କାରମାନଙ୍କୁ ବୁଝାଉ ନାହିଁ । ଭକ୍ତକୁ ଯାହାକିଛି ଐଶ୍ୱରିକ ନିଦର୍ଶନ ସ୍ୱରୂପ ପ୍ରାପ୍ତ ହୁଏ, ତାହା ବାସ୍ତବରେ ପରଲୋକର ପୁରସ୍କାର ହୋଇଥାଏ; ଆଗ୍ରହ ଜନ୍ମାଇବା ପାଇଁ ଯାହାର କିଛି ନମୁନା ଆଗତୁରା ସେମାନଙ୍କୁ ଦେଇ ଦିଆଯାଏ ।

ମନେରଖିବା ଉଚିତ ଯେ ଈଶ୍ୱରଙ୍କ ସହିତ ସମ୍ପର୍କ ରଖିଥିବା ବ୍ୟକ୍ତି ସଂସାର ମଧ୍ୟରେ ନ ଥାଏ, ସେଇଥିପାଇଁ ତ ସଂସାର ତା' ପ୍ରତି ବିଦ୍ୱେଷ ଭାବ ରଖେ । ସେ ବରଂ ସ୍ୱର୍ଗଲୋକର ହୋଇ ଯାଇଥାଏ, ତେଣୁ ସ୍ୱର୍ଗୀୟ ସମ୍ପଦ ତାକୁ ପ୍ରାପ୍ତ ହୁଏ । ପୃଥିବୀର ବ୍ୟକ୍ତିକୁ ପୃଥିବୀର ସମ୍ପଦ ମିଳେ ଏବଂ ଆକାଶର ବ୍ୟକ୍ତିକୁ ଆକାଶୀୟ ସମ୍ପଦ ମିଳେ । ତେଣୁ ଏହା ବିଲ୍‌କୁଲ୍ ସତ୍ୟ ଯେ ସେହି ପୁରସ୍କାରମାନ ପାର୍ଥିବ କର୍ଣ୍ଣ, ପାର୍ଥିବ ହୃଦୟ ଓ ପାର୍ଥିବ ଚକ୍ଷୁମାନଙ୍କ ଠାରୁ ଲୁଚାଇ ରଖାଯାଇଛି । କିନ୍ତୁ ଯାହାର ପାର୍ଥିବ ଜୀବନ ମୃତ୍ୟୁ ଲଭେ (ଅର୍ଥାତ ମୃତବତ୍ ହୋଇଯାଏ) ଏବଂ ଯାହାକୁ ଏକ ପାନୀୟ ଆଧାତ୍ମିକ ରୂପେ ପିଆଇ ଦିଆଯାଏ, ତାକୁ ସେ ପାନୀୟ ପରଲୋକରେ ଭୌତିକ ରୂପେ ଦିଆଯିବ । ଯେତେବେଳେ ତାକୁ ଏହି ପିଆଲା ଭୌତିକ ରୂପେ ଦିଆଯିବ ସେତେବେଳେ ତାକୁ ତା'ର ଏହି ପୂର୍ବ ପିଇବା କଥା ମନେ ପଡ଼ିଯିବ । କିନ୍ତୁ ଏହା ମଧ୍ୟ ସତ୍ୟ ଯେ ସେ ଏହି ପୁରସ୍କାରଗୁଡ଼ିକୁ ସଂସାରର ଆଖି ଓ କାନ ଆଦିକୁ ଅଗୋଚର ବୋଲି ମନେକରିବ । ସଂସାରରେ ଥାଇ ମଧ୍ୟ ଯେହେତୁ ସେ ସଂସାର ମଧ୍ୟରେ ନଥିଲା, ତେଣୁ ସେ ମଧ୍ୟ ସାକ୍ଷ୍ୟ ଦେବ ଯେ ସେ ଯେଉଁ ପୁରସ୍କାର ପାଇଥିଲା, ତାହା ପୃଥିବୀର ପୁରସ୍କାର ମଧ୍ୟରୁ ନ ଥିଲା । ପୃଥିବୀରେ ତାର ଆଖି ଏଭଳି ପୁରସ୍କାର ଦେଖି ନଥିଲା କି କାନ ଶୁଣି ନଥିଲା କି ହୃଦୟକୁ ଏହା ଗୋଚର ହୋଇ ନଥିଲା । କିନ୍ତୁ ପରକାଳ ଜୀବନରେ ସେ ସବୁର

ନମୁନା ଦେଖିଲା ଯାହା ସଂସାରର ନଥିଲା । ବରଂ ତାହା ପରକାଳ ସମ୍ବନ୍ଧରେ ଏକ ସୂଚନା ଥିଲା ଓ ତାହା ସହିତ ତା'ର ସମ୍ବନ୍ଧ ଓ ସମ୍ପର୍କ ଥିଲା; ପୃଥିବୀ ସହ କୌଣସି ସମ୍ପର୍କ ନଥିଲା ।

## ପରକାଳ ସମ୍ବନ୍ଧରେ ତିନୋଟି କୁରଆନୀୟ ତତ୍ତ୍ୱ

ଏବେ ସାଧାରଣ ନିୟମ ଅନୁଯାୟୀ ଏହା ମନେ ରଖିବା ଉଚିତ ଯେ ମୃତ୍ୟୁ ପରେ ଯେଉଁ ଅବସ୍ଥାଗୁଡ଼ିକର ସମ୍ମୁଖୀନ ହେବାକୁ ପଡ଼ିଥାଏ, ପବିତ୍ର କୁରଆନ ସେଗୁଡ଼ିକୁ ତିନି ଭାଗରେ ବିଭକ୍ତ କରିଛି । ପରକାଳ ସମ୍ବନ୍ଧରେ କୁରାଆନର ଏହି ତିନୋଟି ଗୂଢ ତତ୍ତ୍ୱକୁ ଆମେ ପୃଥକ ପୃଥକ ଏଠାରେ ବର୍ଣ୍ଣନା କରୁଅଛୁ ।

## ପ୍ରଥମ ସୂକ୍ଷ୍ମ ତତ୍ତ୍ୱ

ପବିତ୍ର କୁରଆନ ବାରମ୍ବାର ଏହା କହୁଅଛି ଯେ ପରଲୋକ କୌଣସି ନୂତନ ବସ୍ତୁ ନୁହେଁ, ବରଂ ଏହାର ସମସ୍ତ ଦୃଶ୍ୟ ଏହି ସାଂସାରିକ ଜୀବନର ପ୍ରତିବିମ୍ବ ଓ ଚିହ୍ନ । ଯେପରିକି କୁହାଯାଇଛି;

وَكُلَّ اِنْسَانٍ اَلْزَمْنٰهُ طٰٓئِرَهٗ فِيْ عُنُقِهٖ ۚ وَنُخْرِجُ لَهٗ
يَوْمَ الْقِيٰمَةِ كِتٰبًا يَّلْقٰىهُ مَنْشُوْرًا ○ (ବନି ଇସ୍ରାଇଲ୍ 17:14)

ଅର୍ଥାତ 'ଆମେ ଏହି ପୃଥିବୀରେ ପ୍ରତ୍ୟେକ ମନୁଷ୍ୟର ଗଳାରେ ତା' କର୍ମର ପ୍ରଭାବକୁ ବାନ୍ଧି ଦେଇଛୁ ଏବଂ ସେହି ଗୁପ୍ତ ପ୍ରଭାବକୁ ବିଚାର ଦିବସ ଦିନ ପ୍ରକାଶ କରିଦେବୁ ଓ ସେଗୁଡ଼ିକୁ ତା' କାର୍ଯ୍ୟକଳାପର ଏକ ଉନ୍ମୁକ୍ତ ସଙ୍କଳନ ରୂପେ ଦୃଶ୍ୟମାନ କରାଇବୁ ।'

ଏହି ଆୟତରେ ଯେଉଁ 'ତାଇର୍' ଶବ୍ଦ ରହିଛି, ପ୍ରକାଶ ଥାଉ ଯେ ତାଇର୍ ପ୍ରକୃତରେ ପକ୍ଷୀକୁ କହନ୍ତି । ଏଠାରେ ପକ୍ଷୀକୁ ଉପମା ଭାବେ ବ୍ୟବହାର କରାଯାଇଛି; ଯାହାର ଅର୍ଥ କର୍ମ ନିଆଯାଇଛି । କାରଣ ପ୍ରତ୍ୟେକ କର୍ମ ଭଲ ହେଉ କି ମନ୍ଦ ହେଉ, ତାହା ସମ୍ପାଦିତ ହେଲା ପରେ ପକ୍ଷୀ ପରି ଉଡ଼ିଯାଏ । ତଦ୍‌ଜନିତ କଷ୍ଟ ଅଥବା ଆନନ୍ଦ ସମାପ୍ତ ହୋଇଯାଏ ଆଉ ହୃଦୟ ଉପରେ ତାହାର ଗଭୀର କିମ୍ବା ହାଲୁକା ଛାପ ଛାଡ଼ିଯାଏ ।

ଏହା କୁରଆନୀୟ ନିୟମ ଯେ ପ୍ରତ୍ୟେକ କର୍ମ ଗୋପନ ଭାବେ ନିଜ ଛାପ ପକାଉଥାଏ । ଯେଉଁ ପ୍ରକାରର ମନୁଷ୍ୟ କର୍ମ କରେ, ତଦନୁଯାୟୀ ଈଶ୍ୱରଙ୍କ ତରଫରୁ ଏକ ପ୍ରତିକ୍ରିୟା ପ୍ରକାଶ ପାଏ ଏବଂ ଏହି ପ୍ରତିକ୍ରିୟା ସେହି ପାପକୁ ଅଥବା ପୁଣ୍ୟକୁ ନଷ୍ଟ ହେବାକୁ ଦିଏ ନାହିଁ । ବରଂ ସେଗୁଡ଼ିକର ଛାପ ତାହାର ହୃଦୟ ଉପରେ, ମୁଖମଣ୍ଡଳ ଉପରେ, ଚକ୍ଷୁ ଉପରେ, କର୍ଣ୍ଣ ଉପରେ, ହାତ ଉପରେ ଓ ପାଦ ଉପରେ ଲିପିବଦ୍ଧ ହୋଇ ରହିଯାଏ । ଏହାହିଁ ଗୁପ୍ତ ରୂପେ ରହିଥିବା ମନୁଷ୍ୟର କର୍ମଲିପି, ଯାହାକି ପରକାଳରେ ପ୍ରକାଶ୍ୟ ରୂପେ ଉଭା ହେବ ।

ପୁଣି ପବିତ୍ର କୁରଆନ ବୈକୁଣ୍ଠବାସୀଙ୍କ ସମ୍ବନ୍ଧରେ ଅନ୍ୟ ଏକ ସ୍ଥାନରେ କହୁଅଛି: يَوْمَ تَرَى الْمُؤْمِنِيْنَ وَالْمُؤْمِنٰتِ يَسْعٰى نُوْرُهُمْ بَيْنَ اَيْدِيْهِمْ وَبِاَيْمَانِهِمْ (ଅଲ୍ ହଦିଦ୍ 57:13)

ଅର୍ଥାତ 'ସେଦିନ ମଧ୍ୟ ବିଶ୍ୱାସର ଜ୍ୟୋତି ଯାହାକି ଗୁପ୍ତ ରୂପେ ବିଶ୍ୱାସକାରୀମାନଙ୍କୁ ଲବ୍ଧ ହୋଇଛି, ପ୍ରକାଶ୍ୟ ରୂପେ ସେମାନଙ୍କ ସମକ୍ଷରେ ଓ ସେମାନଙ୍କ ଦକ୍ଷିଣ ପାର୍ଶ୍ୱରେ ଧାବମାନ ହେଉଥିବାର ଦୃଷ୍ଟିଗୋଚର ହେବ ।' ପୁନରାୟ ଅନ୍ୟ ଏକ ସ୍ଥାନରେ ଦୂରାଚାରୀମାନଙ୍କୁ ସମ୍ବୋଧନ କରି କୁହାଯାଇଛି;

اَلْهٰكُمُ التَّكَاثُرُ ۙ حَتّٰى زُرْتُمُ الْمَقَابِرَ ؕ كَلَّا سَوْفَ تَعْلَمُوْنَ ۙ ثُمَّ كَلَّا سَوْفَ تَعْلَمُوْنَ ؕ كَلَّا لَوْ تَعْلَمُوْنَ عِلْمَ الْيَقِيْنِ ؕ لَتَرَوُنَّ الْجَحِيْمَ ۙ ثُمَّ لَتَرَوُنَّهَا عَيْنَ الْيَقِيْنِ ۙ ثُمَّ لَتُسْـَٔلُنَّ يَوْمَئِذٍ عَنِ النَّعِيْمِ ࣖ (ଅଲ୍ ତକାଶୁର୍ 102:2-9)

ଅର୍ଥାତ ସଂସାରର ଅତ୍ୟଧିକ ମୋହମାୟା ତୁମକୁ ପରକାଳ ଜୀବନର ସନ୍ଧାନରୁ ବଞ୍ଚିତ କରି ରଖିଲା । ଏପରିକି ତୁମେ କବର ମଧ୍ୟରେ ଯାଇ ପଡ଼ିଲ । ସଂସାର ପ୍ରତି ମନ ବଳାଅ ନାହିଁ । ଅତି ଶୀଘ୍ର ତୁମେମାନେ ଜାଣିନେବ ଯେ ସଂସାର ପ୍ରତି ମନ ବଳାଇବା ଭଲ ନୁହେଁ । ଆମ୍ଭେ ପୁନଶ୍ଚ କହୁଅଛୁ ଯେ ଅତି ଶୀଘ୍ର ତୁମେମାନେ ଜାଣିନେବ ଯେ ସଂସାରକୁ ହୃଦୟରେ ଲଗାଇ ରଖିବା ଭଲ ନୁହେଁ । ଯଦି ତୁମକୁ ଜ୍ଞାନର ନିଶ୍ଚିତତା ପ୍ରାପ୍ତ ଥାଆନ୍ତା, ତେବେ ତୁମେ ନର୍କକୁ ଏହି ସଂସାରରେ ହିଁ

ଦେଖି ନିଅନ୍ତୁ । ପୁନରାୟ ଏହାକୁ ତୁମେ 'ବରଜଖ୍' (ମୃତ୍ୟୁ ଓ ବିଚାର ଦିବସର ମଧ୍ୟବର୍ତ୍ତୀ ଅବସ୍ଥା) କାଳରେ ନିଶ୍ଚିତତାର ନେତ୍ରରେ ଦେଖିବ । ପୁନରାୟ ବିଚାର ଦିବସରେ ପୂର୍ଣ୍ଣ ଜବାବ୍ ତଲବ କରାଯିବ ଓ ସେ ଶାସ୍ତି ତୁମ ପ୍ରତି ପୂର୍ଣ୍ଣାଙ୍ଗ ରୂପେ ଲାଗୁ ହେବ । ସେତେବେଳେ ଏହା ଆଉ କେବଳ କଥା ହୋଇ ରହିବ ନାହିଁ, ବରଂ ପ୍ରତ୍ୟକ୍ଷ ରୂପେ ତୁମକୁ ନର୍କର ଜ୍ଞାନ ପ୍ରାପ୍ତ ହେବ ।

## ଜ୍ଞାନର ତିନୋଟି ପ୍ରକାର-ଭେଦ

ପୂର୍ବୋକ୍ତ ଆୟତ ସମୂହରେ ସର୍ବଶକ୍ତିମାନ ଅଲ୍ଲାଃ ସ୍ପଷ୍ଟ କରି ଦେଇଛନ୍ତି, ଯେ ଦୂରାଚାରୀମାନଙ୍କ ସକାଶେ ଏହି ପୃଥିବୀରେ ନର୍କୀୟ ଜୀବନ ପ୍ରଚ୍ଛନ୍ନରେ ରହିଥାଏ । ସେମାନେ ଯଦି ଚିନ୍ତା କରିବେ ତେବେ ନିଜ ନର୍କକୁ ଏହି ଦୁନିଆରେ ହିଁ ଦେଖିନେଇ ପାରିବେ । ଈଶ୍ୱର ଏଠାରେ ଜ୍ଞାନକୁ ତିନି ଶ୍ରେଣୀରେ ବିଭକ୍ତ କରିଛନ୍ତି । ବିଦ୍ୟାଗତ ଜ୍ଞାନ, ଦୃଷ୍ଟିଗତ ଜ୍ଞାନ ଓ ଅନୁଭୂତିଗତ ଜ୍ଞାନ । ସାଧାରଣଙ୍କ ବୁଝିବା ସକାଶେ ଏହି ତିନି ପ୍ରକାରର ଜ୍ଞାନର ଦୃଷ୍ଟାନ୍ତ ହେଉଛି ଏହିପରି । ଯଦି ଜଣେ ବ୍ୟକ୍ତି ଦୂରରୁ କୌଣସି ଠାରେ ବହୁତ ଧୂଆଁ ଉଠୁଥିବାର ଦେଖେ ଏବଂ ତାର ଭାବନା ଧୂଆଁରୁ ଅପସାରିତ ହୋଇ ନିଆଁ ଆଡ଼କୁ ଚାଲିଯାଏ ଓ ସେଠାରେ ନିଆଁ ଥିବାର ସେ ବିଶ୍ୱାସ କରେ; କେବଳ ଏହା ଭାବି ଯେ ନିଆଁ ଓ ଧୂଆଁର ସମ୍ପର୍କ ଅବିଚ୍ଛିନ୍ନ ଏବଂ ନିଆଁ ନ ଥିଲେ ଧୂଆଁ ବାହାରିବ ନାହିଁ । ସୁତରାଂ ଏପରି ଜ୍ଞାନର ନାମ ବିଦ୍ୟାଗତ ଜ୍ଞାନ । ପୁଣି ଯେତେବେଳେ ସେ ଅଗ୍ନିର ଶିଖାମାନ ଦେଖେ, ସେତେବେଳେ ସେହି ଜ୍ଞାନ ଦୃଷ୍ଟିଗତ ଜ୍ଞାନ ବୋଲାଏ । ପୁନରାୟ ଯେତେବେଳେ ସେ ଏହି ଅଗ୍ନିରେ ସ୍ୱୟଂ ପ୍ରବେଶ କରେ ସେତେବେଳେ ସେହି ଜ୍ଞାନ ଅନୁଭୂତିଗତ ଜ୍ଞାନ ବୋଲାଏ । ସର୍ବଶକ୍ତିମାନ ଅଲ୍ଲାଃ ଏଠାରେ କହୁଛନ୍ତି ଯେ ନର୍କର ଅସ୍ତିତ୍ୱ ସମ୍ବନ୍ଧରେ ବିଦ୍ୟାଗତ ଜ୍ଞାନ ଏହି ପୃଥିବୀରେ ହିଁ ଲାଭ କରାଯାଇ ପାରେ । ତତ୍‌ପଶ୍ଚାତ୍ 'ବରଜଖ୍' କାଳରେ ଦୃଷ୍ଟିଗତ ଜ୍ଞାନ ଲବ୍ଧ ହେବ । ପରିଶେଷରେ ବିଚାର ଦିବସ ଦିନ ସେହି ଜ୍ଞାନ ଅନୁଭୂତି ସମ୍ପନ୍ନ ଜ୍ଞାନର ରୂପ ନେବ, ଯାହା ଜ୍ଞାନର ପୂର୍ଣ୍ଣାଙ୍ଗ ଅବସ୍ଥା ।

## ତିନିଲୋକ

ଏଠାରେ ଏହା ସ୍ପଷ୍ଟ ହେବା ଉଚିତ ଯେ କୁରଆନ ଭିତ୍ତିକ ଶିକ୍ଷା ଅନୁଯାୟୀ ତିନିଲୋକର ଅବସ୍ଥା ପ୍ରତିପାଦିତ ହେଉଛି ।

ପ୍ରଥମଟି ହେଉଛି ମର୍ତ୍ତ୍ୟଲୋକ । ଯାହାର ନାମ ହେଉଛି କର୍ମକ୍ଷେତ୍ର ଏବଂ ଯାହାକୁ ପ୍ରଥମ ସୃଷ୍ଟି ମଧ୍ୟ କହନ୍ତି । ଏହି ପୃଥିବୀରେ ମନୁଷ୍ୟ ପାପ ଅଥବା ପୁଣ୍ୟ ଉପାର୍ଜନ କରେ । ଯଦିଓ ପରଲୋକରେ ପୁଣ୍ୟବାନମାନଙ୍କ ସକାଶେ ଉନ୍ନତିମାନ ରହିଛି, କିନ୍ତୁ ତାହା କେବଳ ଈଶ୍ୱରଙ୍କ କରୁଣା ଯୋଗୁଁ ସମ୍ଭବ ହେବ; ମନୁଷ୍ୟର ନିଜସ୍ୱ କର୍ମ ଜନିତ ଉଦ୍ୟମର ସେଥିରେ କୌଣସି ଦଖଲ ରହିବ ନାହିଁ ।

ଦ୍ୱିତୀୟ ଅବସ୍ଥାର ନାମ 'ବରଜଖ୍' । ବାସ୍ତବରେ ଆରବୀ ଶବ୍ଦକୋଷରେ ବରଜଖ୍ ତାହାକୁ କହନ୍ତି, ଯାହା ଦୁଇ ବସ୍ତୁ ମଧ୍ୟରେ ଅବସ୍ଥିତ । ସୁତରାଂ ଯେହେତୁ ଏହି ଅବସ୍ଥା ପରଲୋକ ଓ ପ୍ରଥମ ସୃଷ୍ଟି ମଝିରେ ଅବସ୍ଥିତ, ତେଣୁ ଏହାର ନାମ ବରଜଖ୍ ହୋଇଅଛି । ଏହି ଶବ୍ଦ ପୁରାକାଳରୁ ଯେବେ ଠାରୁ ପୃଥିବୀର ଅୟମାରମ୍ଭ ହେଲା, ମଧ୍ୟବର୍ତ୍ତୀ ଅବସ୍ଥା ନିମନ୍ତେ ବ୍ୟବହୃତ ହୋଇଛି । ସୁତରାଂ ଏହି ଶବ୍ଦ ମଧ୍ୟରେ ସେହି ମଧ୍ୟଲୋକର ଅବସ୍ଥିତି ପ୍ରତି ଏକ ମହାନ ପ୍ରମାଣ ଲୁକ୍କାୟିତ ହୋଇ ରହିଛି । ଆମେ 'ମିନନୁର୍ ରହେମାନ୍' ପୁସ୍ତକରେ ଏହା ସିଦ୍ଧ କରି ସାରିଛୁ ଯେ ଆରବୀ ଶବ୍ଦାବଳୀ ଈଶ୍ୱରଙ୍କ ମୁଖନିଃସୃତ । ପୃଥିବୀରେ କେବଳ ଏହା ହିଁ ଏକମାତ୍ର ଭାଷା, ଯାହାକି ପରମ ପବିତ୍ର ଈଶ୍ୱରଙ୍କ ଭାଷା, ଯାହା ଆଦିମ, ସମସ୍ତ ଜ୍ଞାନର ମୂଳ ଉତ୍ସ ଏବଂ ସମସ୍ତ ଭାଷାର ଜନନୀ ତଥା ଐଶୀବାଣୀର ଆଦ୍ୟ ଓ ଅନ୍ତିମ ସିଂହାସନ । ଈଶ୍ୱରଙ୍କ ବାଣୀର ପ୍ରଥମ ସିଂହାସନ ଏଥି ସକାଶେ ଯେ ଆରବୀ ଭାଷା ଈଶ୍ୱରଙ୍କ ଭାଷା ଥିଲା ଓ ଆଦ୍ୟରୁ ଈଶ୍ୱରଙ୍କ ସହିତ ଥିଲା । ପରେ ସେହି ଭାଷା ପୃଥିବୀରେ ଅବତୀର୍ଣ୍ଣ ହେଲା ଏବଂ ଲୋକମାନେ ତହିଁରୁ ନିଜସ୍ୱ ଭାଷାମାନ ଗଢିଲେ । ଆଉ ଆରବୀ ଭାଷା ଈଶ୍ୱରଙ୍କ ଶେଷ ସିଂହାସନ ଏଥିପାଇଁ ଯେ ଈଶ୍ୱରଙ୍କ ଶେଷ ଧର୍ମଗ୍ରନ୍ଥ ପବିତ୍ର କୁରଆନ ଆରବୀ ଭାଷାରେ ହିଁ ଅବତୀର୍ଣ୍ଣ ହୋଇଛି । ଅତଏବ ବରଜଖ୍ ଏକ ଆରବୀ ଶବ୍ଦ । ଏହା 'ଜଖ୍ଖା' ଓ 'ବର୍ରା' ଶବ୍ଦର ସମଷ୍ଟି ଯାହାର ଅର୍ଥ ହେଉଛି

କର୍ମ ଦ୍ୱାରା ପାପ ପୁଣ୍ୟ ଅର୍ଜନ ପନ୍ଥାର ସମାପ୍ତି ଘଟିଲା ଏବଂ ଏକ ଗୁପ୍ତ ଅବସ୍ଥା ମଧ୍ୟରେ ସେ ନିଃପତିତ ହେଲା । ପୁଣି 'ବରଜଖ୍' ହେଉଛି ସେହି ଅବସ୍ଥା ଯହିଁରେ ମନୁଷ୍ୟର ଏହି ପାର୍ଥିବ ଅବସ୍ଥାର ବିଲୟ ଘଟେ ଏବଂ ଆତ୍ମା ଓ ଶରୀର ପରସ୍ପର ଠାରୁ ପୃଥକ ହୋଇ ଯାଆନ୍ତି ଆଉ ଯେପରିକି ଦେଖାଯାଇଛି ତାହାପରେ ଶରୀରକୁ କୌଣସି ଏକ ଗର୍ତ୍ତ ମଧ୍ୟରେ ପକାଇ ଦିଆଯାଏ ଏବଂ ଆତ୍ମା ମଧ୍ୟ ଏକ ପ୍ରକାରର ଗର୍ତ୍ତ ମଧ୍ୟରେ ଯାଇ ପଡ଼େ ଯାହାକୁ 'ଜଖ୍ଖା' ଶବ୍ଦ ପ୍ରମାଣିତ କରୁଛି । କାରଣ ସେ କୌଣସି କର୍ମ ଭଲ ଅଥବା ମନ୍ଦ କରିବାରେ ସକ୍ଷମ ହୋଇପାରେ ନାହିଁ, ଯଦିଚ ଶରୀର ସହିତ ସମ୍ପର୍କ ଥିଲେ ସେ ଏଗୁଡ଼ିକ କରିପାରି ଥାଆନ୍ତା । ଏହା ତ ସୁସ୍ପଷ୍ଟ ଯେ ଆମମାନଙ୍କ ଆତ୍ମାର ଉତ୍ତମ ସ୍ୱାସ୍ଥ୍ୟ ଶରୀର ଉପରେ ନିର୍ଭରଶୀଳ । ମସ୍ତିଷ୍କର ଏକ ନିର୍ଦ୍ଦିଷ୍ଟ ଅଂଶ ଆଘାତ ପ୍ରାପ୍ତ ହେଲେ ସ୍ମୃତି ଲୋପପାଏ ଏବଂ ଅନ୍ୟ ଏକ ଅଂଶ ଆଘାତ ପ୍ରାପ୍ତ ହେଲେ ଚିନ୍ତା ଶକ୍ତି ଚାଲିଯାଏ । ସମସ୍ତ ବୁଦ୍ଧି ଓ ବିବେକ ବିଦାୟ ନିଏ । ଯଦି ମସ୍ତିଷ୍କରେ କୌଣସି ପ୍ରକାରର ସଙ୍କୋଚନ ସୃଷ୍ଟି ହୁଏ ଅଥବା ଏହା ସ୍ଫୀତ ହୁଏ ଅଥବା ରକ୍ତ କିମ୍ବା ଅନ୍ୟ କୌଣସି କଣିକା ଏହା ଭିତରେ ରହିଯାଇ ଏକ ପୂର୍ଣ୍ଣ ବା ଅପୂର୍ଣ୍ଣ ପ୍ରତିବନ୍ଧ ସୃଷ୍ଟି କରେ, ତେବେ ସେହି ବ୍ୟକ୍ତିଜଣକ ଅତିଶୀଘ୍ର ଚେତା ହରାଇ ବସେ କିମ୍ବା ଅପସ୍ମାର ଅଥବା ପକ୍ଷାଘାତ ଦ୍ୱାରା ଆକ୍ରାନ୍ତ ହୁଏ । ସୁତରାଂ ଆମର ଅତୀତର ଅଭିଜ୍ଞତା ଆମକୁ ଏହା ନିଶ୍ଚିତ ରୂପେ ଶିଖାଉଛି ଯେ ଆମର ଆତ୍ମା ଶରୀର ସହିତ ସମ୍ପର୍କ ବିନା ଏକବାରକେ ଅକର୍ମଣ୍ୟ । ତେଣୁ ଏକଥା ଭାବିବା ସମ୍ପୂର୍ଣ୍ଣ ଭୁଲ ଯେ କୌଣସି ସମୟରେ ଆମର ଏକାକୀ ଆତ୍ମା, ଯାହା ସହିତ ଶରୀର ନାହିଁ, କେବେ କୌଣସି ସୁଖାବସ୍ଥାକୁ ପାଇ ପାରିବ । କାହାଣୀ ହିସାବରେ ହୁଏତ ଆମେ ଏହାକୁ ଗ୍ରହଣ କରି ନେଇପାରୁ, କିନ୍ତୁ ଯୁକ୍ତି ଦୃଷ୍ଟିରୁ ଏଥି ସହିତ କୌଣସି ଦଲିଲ ନାହିଁ । ଆମେ ଆଦୌ ବୁଝିପାରୁ ନାହୁଁ ଯେ ଆମର ସେହି ଆତ୍ମା ଯାହାକି ଶରୀରର ଛୋଟ ଛୋଟ ବ୍ୟାଘାତରେ ଅସହାୟ ହୋଇ ପଡ଼େ, ତାହା ସେଦିନ କିପରି ପୂର୍ଣ୍ଣାଙ୍ଗ ଅବସ୍ଥାରେ ରହିବ ଯେତେବେଳେ କି ଶରୀର ସହିତ ସମ୍ପର୍କରୁ ତାକୁ ବିଲକୁଲ ଅଲଗା କରିଦିଆଯିବ । କ'ଣ ଅଭିଜ୍ଞତା ଆମକୁ ନିତିଦିନ ବୁଝାଉ ନାହିଁ

ଯେ ଆତ୍ମାର ସ୍ୱାସ୍ଥ୍ୟ ନିମନ୍ତେ ଶରୀରର ସ୍ୱାସ୍ଥ୍ୟ ରକ୍ଷା ଆବଶ୍ୟକ ? ଯେତେବେଳେ ଆମମାନଙ୍କ ମଧ୍ୟରୁ କେହି ଜରାଗ୍ରସ୍ତ ହୋଇଯାଏ, ତେବେ ତାହା ସହିତ ତା'ର ଆତ୍ମା ମଧ୍ୟ ବୃଦ୍ଧ ହୋଇଯାଏ । ତା'ର ସମସ୍ତ ବିଦ୍ୟା ସମ୍ପଦକୁ ବାର୍ଦ୍ଧକ୍ୟର ତସ୍କର ଅପହରଣ କରି ନେଇଯାଏ । ଗରିମାମୟ ଅଲ୍ଲାଃ କହୁଛନ୍ତି:

لِكَيْلَا يَعْلَمَ مِنْ بَعْدِ عِلْمٍ شَيْئًا (ଅଲ୍ ହଜ୍ 22: 6)

ଅର୍ଥାତ 'ମନୁଷ୍ୟ ବୃଦ୍ଧ ହୋଇ ଏପରି ଅବସ୍ଥାକୁ ପହଞ୍ଚିଯାଏ ଯେ ବହୁତ ପାଠ ପଢିଥାଇ ମଧ୍ୟ ପୁନରପି ମୂର୍ଖ ପାଲଟି ଯାଏ ।' ସୁତରାଂ ଆମର ଏ ସମସ୍ତ ପରୀକ୍ଷା-ନିରୀକ୍ଷା ଏକଥା ପ୍ରତି ପର୍ଯ୍ୟାପ୍ତ ପ୍ରମାଣ ଯେ ଶରୀର ବିନା ଆତ୍ମାର କୌଣସି ସ୍ଥିତି ନାହିଁ । ପୁନଶ୍ଚ ଏହି ଭାବନା ମଧ୍ୟ ମନୁଷ୍ୟକୁ ପ୍ରକୃତ ସତ୍ୟ ପ୍ରତି ଧ୍ୟାନ ଆକର୍ଷଣ କରାଏ ଯେ ଶରୀର ବିନା ଯଦି ଆତ୍ମା କୌଣସି ଅସ୍ତିତ୍ୱ ରଖୁ ଥାଆନ୍ତା ତେବେ ଏହାକୁ ଅକାରଣରେ ଏହି ମର ଶରୀର ସହିତ ଛନ୍ଦି ଦେବା ଈଶ୍ୱରଙ୍କ ପକ୍ଷରେ ଏକ ଅର୍ଥହୀନ କାର୍ଯ୍ୟ ହୁଅନ୍ତା । ପୁଣି ଏହା ମଧ୍ୟ ଭାବିବାର କଥା ଯେ ଈଶ୍ୱର ମନୁଷ୍ୟକୁ ଅସୀମ ଉନ୍ନତି କରିବା ଲାଗି ସୃଷ୍ଟି କରିଛନ୍ତି । ସୁତରାଂ ଯେତେବେଳେ ମନୁଷ୍ୟ ଏହି ସ୍ୱଳ୍ପକାଳୀନ ଜୀବନର ଉନ୍ନତିକୁ ଶରୀରର ସହଯୋଗ ବିନା ଲଭିପାରିଲା ନାହିଁ ସେତେବେଳେ ଆମେ କିଭଳି ଆଶା କରିବା ଯେ ମୃତ୍ୟୁ ପରର ସେହି ଅପାର ପ୍ରଗତିକୁ ସେ ଶରୀରର ସହଯୋଗ ବିନା ଆପଣା ଛାଏଁ ହାସଲ କରିନେବ ।

ଅତଏବ ଏ ସମସ୍ତ ବିତର୍କରୁ ଏହା ହିଁ ସାବ୍ୟସ୍ତ ହେଉଛି ଯେ ଇସ୍‌ଲାମୀୟ ନିୟମ ଅନୁଯାୟୀ ଆତ୍ମାର ସମସ୍ତ କର୍ମମାନର ସମ୍ପାଦନ ଲାଗି ଶରୀରର ଆତ୍ମା ସହିତ ସ୍ଥାୟୀ ସମ୍ବନ୍ଧ ରହିଛି । ଯଦିଓ ମୃତ୍ୟୁ ପରେ ଏହି ନଶ୍ୱର ଶରୀର ଆତ୍ମାରୁ ପୃଥକ ହୋଇଯାଏ, କିନ୍ତୁ 'ବରଜଖ୍'ର ଦୁନିଆରେ ପ୍ରତ୍ୟେକ ଆତ୍ମାକୁ ତା' କର୍ମର କିଛିଟା ସ୍ୱାଦ ଅନୁଭବ କରିବା ଲାଗି ଅସ୍ଥାୟୀ ଭାବେ ଏକ ଶରୀର ପ୍ରାପ୍ତ ହୁଏ । ସେହି ଶରୀର କିନ୍ତୁ ଏହି ଶରୀର ସଦୃଶ ହୋଇ ନଥାଏ । ବରଂ ଯେଉଁପରି ତା କର୍ମର ରୂପ ଥାଏ ସେହିଭଳି ତା' ଶରୀର, ଜ୍ୟୋତିରୁ କିମ୍ବା ଅନ୍ଧକାରରୁ ତିଆରି ହୁଏ । ଅନ୍ୟରୂପେ କହିବାକୁ ଗଲେ ଇହ ଲୋକରେ ମନୁଷ୍ୟ କରିଥିବା କର୍ମ ହିଁ ଶରୀରର କାର୍ଯ୍ୟ

ନିର୍ବାହ କରେ । ଈଶ୍ୱରଙ୍କ ଗ୍ରନ୍ଥରେ ଏହି ବିଷୟ ବାରମ୍ବାର ଉଲ୍ଲେଖ କରାଯାଇଛି । କେତେକ ଶରୀରକୁ ଜ୍ୟୋତିର୍ମୟ ତ ଅନ୍ୟ କେତେକକୁ ଅନ୍ଧକାରମୟ ନିରୂପିତ କରାଯାଇଛି । ସେମାନେ କର୍ମର ଜ୍ୟୋତିରୁ ଅଥବା କର୍ମର ଅନ୍ଧକାରରୁ ନିର୍ମିତ ହୁଅନ୍ତି । ଯଦିଓ ଏହି ରହସ୍ୟ ଏକ ଅତିଶୟ ସୂକ୍ଷ୍ମ ରହସ୍ୟ ତଥାପି ଏହା ଅସଙ୍ଗତ ନୁହଁ । ଜଣେ ଆଦର୍ଶ ମାନବ ଏହି ଜୀବନରେ ହିଁ, ଏ ଶାରୀରିକ ଅବସ୍ଥା ବ୍ୟତୀତ ଆଉ ଏକ ଜ୍ୟୋତିର୍ମୟ ଅସ୍ତିତ୍ୱକୁ ମଧ୍ୟ ପାଇପାରିବ । ଐଶ୍ୱରିକ ସ୍ୱପ୍ନ ଜଗତରେ ଏହାର ଅନେକ ଉଦାହରଣ ରହିଛି । ଯଦିଓ ଏପରି ବ୍ୟକ୍ତିକୁ ବୁଝାଇବା କଷ୍ଟକର ଯିଏ କି ସ୍ଥୂଳ ବୁଦ୍ଧି ମଧ୍ୟରେ ସୀମିତ କିନ୍ତୁ ଯେଉଁମାନଙ୍କର ଐଶ୍ୱରିକ ସ୍ୱପ୍ନର ଇଲାକା ମଧ୍ୟରେ କିଛିଟା ପ୍ରବେଶ ରହିଛି ସେମାନେ ଏଭଳି ଶରୀରକୁ ଯାହା ମନୁଷ୍ୟର କର୍ମଦ୍ୱାରା ଗଢାହୁଏ, ଅସମ୍ଭାବ୍ୟ ଓ ଆଶ୍ଚର୍ଯ୍ୟଚକିତ ନେତ୍ରରେ ଦେଖିବେ ନାହିଁ ବରଂ ଏହି ବର୍ଣ୍ଣନରୁ ଆନନ୍ଦ ଉଠାଇବେ ।

ସୁତରାଂ ଏହି ଶରୀର ଯାହା କର୍ମର ସ୍ୱରୂପରୁ ପ୍ରାପ୍ତ ହୁଏ ଏହା ହିଁ 'ବରଜଖ୍'ର କାଳରେ ପାପ ଓ ପୁଣ୍ୟର ଫଳାଫଳ ପାଇଁ ମାଧ୍ୟମ ହୋଇଯାଏ । ଏ ସମ୍ପର୍କରେ ମୋର ନିଜସ୍ୱ ଅଭିଜ୍ଞତା ରହିଛି । ମୋତେ ସ୍ୱପ୍ନାବେଶ ମାଧ୍ୟମରେ ବିଲ୍‌କୁଲ ଜାଗ୍ରତ ଅବସ୍ଥାରେ ହିଁ ବହୁବାର କେତେକ ମୃତ ବ୍ୟକ୍ତିଙ୍କ ସହିତ ସାକ୍ଷାତ କରିବାର ଅବସର ମିଳିଛି ଏବଂ ମୁଁ କେତେକ ଦୂରାଚାରୀ ଓ କୁପଥଗାମୀଙ୍କ ଶରୀରକୁ ଏପରି କଳା ରୂପରେ ଦେଖିଛି ଯେ ମନେହୁଏ ସତେ ଯେପରି ତାହା ଧୂଆଁରୁ ତିଆରି ହୋଇଛି । ସୁତରାଂ ଏହି ପଥ ମୋର ଏକାନ୍ତ ଜଣାଶୁଣା ଓ ବ୍ୟକ୍ତିଗତ ରୂପେ ମୋର ପରିଚିତ । ମୁଁ ଜୋର୍‌ଦେଇ କହୁଛି ଯେ ଈଶ୍ୱର ଯେପରି କହିଛନ୍ତି ସେହିପରି ହିଁ ହୁଏ; ମୃତ୍ୟୁ ପରେ ପ୍ରତ୍ୟେକ ବ୍ୟକ୍ତିକୁ ଗୋଟିଏ ଶରୀର ଅବଶ୍ୟ ପ୍ରାପ୍ତ ହୁଏ । ତାହା ଜ୍ୟୋତିର୍ମୟ ହେଉ ଅଥବା ଅନ୍ଧକାରମୟ ହେଉ । ଏହା ମନୁଷ୍ୟ ପକ୍ଷେ ଭୁଲ ହେବ ଯଦି ସେ ଏହି ଅତି ସୂକ୍ଷ୍ମ ରହସ୍ୟକୁ କେବଳ ବୁଦ୍ଧି ଦ୍ୱାରା ପ୍ରମାଣିତ କରିବାକୁ ଚାହିଁବ । ବରଂ ଜାଣି ରଖିବା ଉଚିତ ଯେ ଯେପରି ଚକ୍ଷୁ ମିଷ୍ଟ ଦ୍ରବ୍ୟର ସ୍ୱାଦ ଜଣାଇ ପାରିବ ନାହିଁ, ଜିହ୍ୱା ଯେପରି କୌଣସି ବସ୍ତୁକୁ ଦେଖିପାରିବ ନାହିଁ, ସେହିପରି ସେହି ପରକାଳ

ସମ୍ବନ୍ଧୀୟ ଜ୍ଞାନ ଯାହାକି ଦିବ୍ୟ ସ୍ୱପ୍ନମାନରୁ ପ୍ରାପ୍ତ ହୋଇପାରେ କେବଳ ବୁଦ୍ଧିର ମାଧ୍ୟମ ଦ୍ୱାରା ତାହାର ରହସ୍ୟକୁ ଭେଦ କରିହେବ ନାହିଁ । ଏ ସଂସାରରେ ଯାହାସବୁ ଅଜ୍ଞାତ ସେଗୁଡ଼ିକୁ ଜାଣିବା ସକାଶେ ଈଶ୍ୱର ଭିନ୍ନ ଭିନ୍ନ ମାଧ୍ୟମ ରଖିଛନ୍ତି । ସୁତରାଂ ପ୍ରତ୍ୟେକ ବସ୍ତୁକୁ ତା'ପାଇଁ ଉଦ୍ଦିଷ୍ଟ ମାଧ୍ୟମ ଜରିଆରେ ସନ୍ଧାନ କର ତେବେ ଯାଇ ତାକୁ ପାଇବ ।

ଏଠାରେ ଅନ୍ୟ ଏକ ବିଷୟ ସ୍ମରଣ ଯୋଗ୍ୟ ଯେ ଈଶ୍ୱର ସେହି ଲୋକମାନଙ୍କୁ ଯେଉଁମାନେ କୁକର୍ମରେ ପଡ଼ି ଯାଇଛନ୍ତି ଓ ପଥଭ୍ରଷ୍ଟ ହୋଇ ଯାଇଛନ୍ତି, ନିଜ ଗ୍ରନ୍ଥରେ ମୃତକ ବୋଲି ଆଖ୍ୟା ଦେଇଛନ୍ତି ଓ ପୁଣ୍ୟବାନମାନଙ୍କୁ ଜୀବନ୍ତ କହିଛନ୍ତି । ଏହା ମଧ୍ୟରେ ଯେଉଁ ରହସ୍ୟ ଲୁଚି ରହିଛି, ତାହା ହେଉଛି ଯେଉଁମାନେ ଈଶ୍ୱରଙ୍କ ପ୍ରତି ବୀତସ୍ପୃହ ହୋଇ ମୃତ୍ୟୁ ବରଣ କଲେ, ସେମାନଙ୍କ ଜୀବନର ଉଦ୍ଦେଶ୍ୟ, ଯେପରି ଖାଇବା, ପିଇବା ଓ କାମନା ଚରିତାର୍ଥ କରିବା ଆଦି ରହିଥିଲା, ସେସବୁ ବନ୍ଦ ହୋଇଗଲା । ଆଧ୍ୟାତ୍ମିକ ଆହାର ମଧ୍ୟରୁ ସେମାନଙ୍କୁ ଯେହେତୁ କୌଣସି ଭାଗ ପ୍ରାପ୍ତ ନଥିଲା, ତେଣୁ ସେମାନେ ବାସ୍ତବରେ ମୃତ୍ୟୁ ଲଭିଲେ ଓ କେବଳ ଶାସ୍ତି ଭୋଗିବା ନିମନ୍ତେ ସେମାନେ ଜୀବିତ ହେବେ । ଏହି ରହସ୍ୟ ପ୍ରତି ସୂଚନା ଦେଇ ଅଲ୍ଲାଃ କହିଛନ୍ତି: مَنْ يَّأْتِ رَبَّهٗ مُجْرِمًا فَاِنَّ لَهٗ جَهَنَّمَ ؕ لَا يَمُوْتُ فِيْهَا وَلَا يَحْيٰى ○

(ତା-ହା 20:75)

ଅର୍ଥାତ 'ଯେଉଁବ୍ୟକ୍ତି ଅପରାଧୀ ହୋଇ ଈଶ୍ୱରଙ୍କ ନିକଟକୁ ଆସିବ, ତା'ର ବାସସ୍ଥାନ ନର୍କ ହେବ । ସେଠାରେ ସେ ମରିବ ନାହିଁ କି ବଞ୍ଚିବ ନାହିଁ ।' ଅପରପକ୍ଷେ ଯେଉଁମାନେ ଈଶ୍ୱରଙ୍କ ପ୍ରିୟପାତ୍ର, ମୃତ୍ୟୁ ଦ୍ୱାରା ସେମାନେ ମରନ୍ତି ନାହିଁ । କାରଣ ସେମାନଙ୍କ ଖାଦ୍ୟ ଓ ପାନୀୟ ସେମାନଙ୍କ ସଙ୍ଗରେ ଥାଏ । ପୁନଶ୍ଚ ବରଜଖ୍ ପରେ ଯେଉଁ ସମୟ ଆସେ, ତାକୁ ପୁନରୁତ୍ଥାନର ସମୟ କୁହାଯାଏ । ଏହି ସମୟରେ ପ୍ରତ୍ୟେକ ଆତ୍ମା ଭଲ ହେଉ ଅବା ମନ୍ଦ, ସଦାଚାରୀ ହେଉ ଅଥବା ଅମାନ୍ୟକାରୀ, ଏକ ଦୃଶ୍ୟମାନ ଶରୀର ଲାଭ କରିବ । ଏହି ଦିବସକୁ ଈଶ୍ୱରଙ୍କର ସେ ସମସ୍ତ ଗରିମାର ପରିପ୍ରକାଶ ପାଇଁ ଧାର୍ଯ୍ୟ କରାଯାଇଛି, ଯହିଁରେ ପ୍ରତ୍ୟେକ

ବ୍ୟକ୍ତି ନିଜ ପାଳନକର୍ତ୍ତାଙ୍କ ଅସ୍ତିତ୍ୱ ସମ୍ପର୍କରେ ସମ୍ପୂର୍ଣ୍ଣ ରୂପେ ଅବଗତ ହୋଇଯିବ ଏବଂ ପ୍ରତ୍ୟେକ ବ୍ୟକ୍ତି ନିଜ କର୍ମଫଳର ଶେଷ ବିନ୍ଦୁକୁ ସ୍ପର୍ଶ କରିବ । ଏଥିରେ ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ ଯେ ଈଶ୍ୱରଙ୍କ ଦ୍ୱାରା କିପରି ଏହା ହୋଇପାରିବ; କାରଣ ସେ ସମସ୍ତ ଶକ୍ତିର ଅଧିକାରୀ । ଯାହା ଚାହାନ୍ତି କରନ୍ତି; ଯେପରିକି ସେ ସ୍ୱୟଂ କହିଛନ୍ତି:

اَوَلَمۡ يَرَ الۡاِنۡسَانُ اَنَّا خَلَقۡنٰهُ مِنۡ نُّطۡفَةٍ فَاِذَا هُوَ خَصِيۡمٌ مُّبِيۡنٌ ○ وَضَرَبَ لَنَا مَثَلًا وَّنَسِىَ خَلۡقَهٗ ؕ قَالَ مَنۡ يُّحۡىِ الۡعِظَامَ وَهِىَ رَمِيۡمٌ ○ قُلۡ يُحۡيِيۡهَا الَّذِىۡۤ اَنۡشَاَهَاۤ اَوَّلَ مَرَّةٍ ؕ وَهُوَ بِكُلِّ خَلۡقٍ عَلِيۡمٌ ○ (ୟାସିନ୍ 36:78-80)

اَوَ لَيۡسَ الَّذِىۡ خَلَقَ السَّمٰوٰتِ وَ الۡاَرۡضَ بِقٰدِرٍ عَلٰۤى اَنۡ يَّخۡلُقَ مِثۡلَهُمۡ ؕ بَلٰى ۚ وَهُوَ الۡخَلّٰقُ الۡعَلِيۡمُ ○ اِنَّمَاۤ اَمۡرُهٗۤ اِذَاۤ اَرَادَ شَيۡـًٔـا اَنۡ يَّقُوۡلَ لَهٗ كُنۡ فَيَكُوۡنُ ○ فَسُبۡحٰنَ الَّذِىۡ بِيَدِهٖ مَلَكُوۡتُ كُلِّ شَىۡءٍ وَّاِلَيۡهِ تُرۡجَعُوۡنَ ○ (ୟାସିନ୍ 36:82-84)

ଅର୍ଥାତ କ'ଣ ମନୁଷ୍ୟ ଏହା ଲକ୍ଷ୍ୟ କରି ନାହିଁ ଯେ ଆମେ ତାକୁ ଗର୍ଭାଶୟ ମଧ୍ୟରେ ନିକ୍ଷିପ୍ତ କରାଯାଇଥିବା ଏକ ଜଳବିନ୍ଦୁରୁ ସୃଷ୍ଟି କରିଛୁ ? ତା'ପରେ ସେ ଏକ କଳହକାରୀ ବ୍ୟକ୍ତି ହୋଇଗଲା । ଆମ ସମ୍ବନ୍ଧରେ ବହୁ କଥାମାନ ଗଢିବାକୁ ଲାଗିଲା ଓ ନିଜ ଜନ୍ମ କଥା ଭୁଲିଗଲା । ପୁଣି କହିବାକୁ ଲାଗିଲା ଯେତେବେଳେ ହାଡ଼ଗୁଡ଼ିକ ମଧ୍ୟ ସୁରକ୍ଷିତ ନଥିବ, ସେତେବେଳେ କିପରି ସମ୍ଭବ ଯେ ମନୁଷ୍ୟ ପୁଣି ଥରେ ନୂଆ କରି ଜିଇଁ ଉଠିବ ? ଏପରି କିଏ ଅଛି ଶକ୍ତିଶାଳୀ ଯିଏ କି ତାକୁ ଜୀବନ ପ୍ରଦାନ କରିବ ? ସେମାନଙ୍କୁ କହିଦିଅ, ଯେ ସେମାନଙ୍କୁ ପୂର୍ବରୁ ସୃଷ୍ଟି କରିଥିଲେ ସେ ହିଁ ସେମାନଙ୍କୁ ଜୀବିତ କରିବେ । ତାଙ୍କୁ ପ୍ରତ୍ୟେକ ପ୍ରକାରେ ଓ ପ୍ରତ୍ୟେକ ମାର୍ଗରେ ଜୀବନ ପ୍ରଦାନ କରିବା ଜଣାଅଛି । ତାଙ୍କ ଆଦେଶର ମହିମା ଏଭଳି ଯେ ଯେତେବେଳେ କୌଣସି ବସ୍ତୁ ସୃଷ୍ଟି କରିବାକୁ ଇଚ୍ଛା ପୋଷଣ କରନ୍ତି, ତେବେ କେବଳ ମାତ୍ର ଏତିକି କୁହନ୍ତି ଯେ 'ହୋଇଯା' ଓ ସେହି ବସ୍ତୁ ସୃଷ୍ଟି ହୋଇଯାଏ ।

ସୁତରାଂ ସେ ଅସ୍ତିତ୍ୱ ପବିତ୍ର ଯାହାଙ୍କର ସମସ୍ତ ବସ୍ତୁ ଉପରେ ପ୍ରଭୁତ୍ୱ ରହିଛି । ତୁମେ ସମସ୍ତେ ତାଙ୍କ ନିକଟକୁ ଫେରିଯିବ । ଏହି ଆୟତମାନରେ ସର୍ବଶକ୍ତିମାନ ଅଲ୍ଲାଃ କହି ଦେଇଛନ୍ତି ଯେ ଈଶ୍ୱରଙ୍କ ସମକ୍ଷରେ ନ ହେବା ଭଳି କିଛି ନାହିଁ । ଯେଉଁ ସ୍ରଷ୍ଟା ମନୁଷ୍ୟକୁ ଏକ ତୁଚ୍ଛ ବିନ୍ଦୁରୁ ସର୍ଜନା କଲେ, ସେ କ'ଣ ତାକୁ ଦ୍ୱିତୀୟବାର ଜନ୍ମ ଦେବାରେ ଅକ୍ଷମ' ?

ଏ ବିଷୟରେ ଅନଭିଜ୍ଞ ବ୍ୟକ୍ତିମାନଙ୍କ ପକ୍ଷରୁ ଏଠାରେ ଅନ୍ୟ ଏକ ପ୍ରଶ୍ନ ହୋଇପାରେ । ତାହା ହେଉଛି, ତୃତୀୟ ଅବସ୍ଥା ଅର୍ଥାତ ପୁନରୁତ୍ଥାନ ଦିବସ ବହୁକାଳ ପରେ ଆସିବ । ଏପରି ସ୍ଥଳେ 'ବରଜଖ୍'ର ଅବସ୍ଥା ପ୍ରତ୍ୟେକ ପାପୀ ଓ ପୁଣ୍ୟବାନଙ୍କ ସକାଶେ କେବଳ ମାତ୍ର ଏକ କାରଗାର ସଦୃଶ ହେଲା ଯାହାକି ଅକାରଣ ମନେହେଉଛି । ଏହାର ଉତ୍ତର ହେଉଛି, ଏପରି ଭାବିବା ସମ୍ପୂର୍ଣ୍ଣ ଭୁଲ୍ ଓ କେବଳ ଅଜ୍ଞାନତା ଯୋଗୁଁ ଏହି ଧାରଣା ମନରେ ଜାତ ହୋଇଥାଏ । ଈଶ୍ୱରଙ୍କ ଗ୍ରନ୍ଥରେ ସଦାଚାରୀ ଓ ଦୁରାଚାରୀଙ୍କ କର୍ମଫଳ ସକାଶେ ଦୁଇଟି ସ୍ଥାନ ରହିଛି । ଗୋଟିଏ ହେଉଛି ବରଜଖ୍‌ର ଅବସ୍ଥା, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ପ୍ରଚ୍ଛନ୍ନ ରୂପେ ତା'ର କର୍ମଫଳ ଭୋଗ କରିବ । ମନ୍ଦ ଲୋକମାନେ ମୃତ୍ୟୁ ପରେ ହିଁ ନର୍କରେ ପ୍ରବେଶ କରିବେ । ପୁଣ୍ୟବାନ ଲୋକମାନେ ମୃତ୍ୟୁ ପରେ ହିଁ ସ୍ୱର୍ଗରେ ବିଶ୍ରାମ ପାଇବେ । ସୁତରାଂ ପବିତ୍ର କୁରଆନରେ ଏପରି ଆୟତମାନ ଅପର୍ଯ୍ୟାପ୍ତ ରହିଛି ଯେ ପ୍ରତ୍ୟେକ ବ୍ୟକ୍ତି ମୃତ୍ୟୁ ହେବା ମାତ୍ରେ ହିଁ ତା'ର କର୍ମଫଳକୁ ଦେଖିନିଏ; ଯେପରିକି ଈଶ୍ୱର ଜଣେ ବୈକୁଣ୍ଠଗାମୀ ବ୍ୟକ୍ତି ସମ୍ବନ୍ଧରେ ଜଣାଇ ଏପରି କହିଛନ୍ତି:

(ୟାସିନ୍ 36:27) قِيْلَ ادْخُلِ الْجَنَّةَ

ଅର୍ଥାତ 'ତାକୁ କୁହାଗଲା ତୁମେ ବୈକୁଣ୍ଠ ମଧ୍ୟକୁ ପ୍ରବେଶ କର ।' ସେହିପରି ଜଣେ ନର୍କଗାମୀ ସମ୍ବନ୍ଧରେ କହିଛନ୍ତି:

(ଅସ୍ ସାଫ୍‌ଫାତ୍ 37:56) فَرَاٰهُ فِيْ سَوَآءِ الْجَحِيْمِ

ଅର୍ଥାତ 'ଜଣେ ବୈକୁଣ୍ଠଗାମୀ ବ୍ୟକ୍ତିର ବନ୍ଧୁ ଏକ ନର୍କଗାମୀ ବ୍ୟକ୍ତି ଥିଲା । ଯେତେବେଳେ ସେ ଦୁହିଁଙ୍କର ମୃତ୍ୟୁ ହେଲା, ବୈକୁଣ୍ଠବାସୀ ବ୍ୟକ୍ତିଟି ବଡ଼ ବ୍ୟସ୍ତ

ହେଲା ଯେ ତା'ର ବନ୍ଧୁଟି କାହିଁ? ତହୁଁ ତାକୁ ଦେଖାଇ ଦିଆଗଲା ଯେ ସେ ନର୍କ ମଧ୍ୟରେ ପଡ଼ିରହିଛି ।' ସୁତରାଂ ଦଣ୍ଡ ଓ ପୁରସ୍କାରର ପ୍ରକ୍ରିୟା ତ ଅବିଳମ୍ବେ ଆରମ୍ଭ ହୋଇଯାଏ ଏବଂ ନର୍କଗାମୀ ନର୍କକୁ ଓ ବୈକୁଣ୍ଠଗାମୀ ବୈକୁଣ୍ଠକୁ ଯାଆନ୍ତି । କିନ୍ତୁ ଏହାପରେ ଆହୁରି ବଡ଼ ପ୍ରକାଶମୟ ଝଲକର ଦିବସ ରହିଛି । ଈଶ୍ୱରଙ୍କ ମହା ବିଧାନ ଏହି ଦିବସଟିକୁ ପ୍ରକଟ କରାଇବାକୁ ଚାହିଁଛି । କାରଣ ସେ ମନୁଷ୍ୟକୁ ଏଥିପାଇଁ ସୃଷ୍ଟି କରିଛନ୍ତି ଯେ ସେ ନିଜ ସର୍ଜନା-ଶକ୍ତି ଦ୍ୱାରା ପରିଚିତ ହୁଅନ୍ତୁ । ପୁନଶ୍ଚ ସେ ସମସ୍ତଙ୍କୁ ବିନାଶ କରିବେ ଯଦ୍ୱାରା କି ସେ ତାଙ୍କ ପ୍ରଭୁତ୍ୱ ଦ୍ୱାରା ଚିହ୍ନିତ ହେବେ । ତାପରେ ପୁଣି ଦିନେ ସମସ୍ତଙ୍କୁ ପୂର୍ଣ୍ଣ ଜୀବନ ପ୍ରଦାନ ପୂର୍ବକ ଗୋଟିଏ ସ୍ଥାନରେ ଏକତ୍ରିତ କରିବେ, ଯଦ୍ୱାରା କି ସେ ତାଙ୍କର ସାମର୍ଥ୍ୟ ଦ୍ୱାରା ପରିଚିତ ହେବେ । ଜାଣି ରଖିବା ଉଚିତ ଯେ ଉଲ୍ଲେଖିତ ତତ୍ତ୍ୱଗୁଡ଼ିକ ମଧ୍ୟରୁ ଏହା ପ୍ରଥମ ସୂକ୍ଷ୍ମ ତତ୍ତ୍ୱ ଥିଲା, ଯାହା ଏବେ ବର୍ଣ୍ଣନା କରାଗଲା ।

## ଦ୍ୱିତୀୟ ସୂକ୍ଷ୍ମ ତତ୍ତ୍ୱ

ମୃତ୍ୟୁ ପରର ଜୀବନ ସମ୍ବନ୍ଧରେ ଯେଉଁ ଦ୍ୱିତୀୟ ସୂକ୍ଷ୍ମ ତତ୍ତ୍ୱ ପବିତ୍ର କୁରଆନ ବର୍ଣ୍ଣନା କରିଛି ତାହା ହେଉଛି, ସେହି ସକଳ ଅବସ୍ଥା ଯାହା ସଂସାରରେ ଆଧ୍ୟାତ୍ମିକ ସ୍ତରରେ ଥିଲା, ପରକାଳରେ ତାହା ଶାରୀରିକ ରୂପେ ଦୃଶ୍ୟ ହେବ । ତାହା ମୃତ୍ୟୁ ପରେ ଥିବା ବରଜଖ୍‌ର ଅବସ୍ଥା ହୋଇଥାଉ ଅଥାବ ପୁନରୁତଥିତ ଅବସ୍ଥା । ଏ ସମ୍ବନ୍ଧରେ ଅଲ୍ଲାଃ ଯାହାକିଛି ବର୍ଣ୍ଣନା କରିଛନ୍ତି ତନ୍ମଧ୍ୟରେ ଏକ ଆୟତ ଏପରି ରହିଛି;

وَمَنْ كَانَ فِيْ هٰذِهٖٓ اَعْمٰى فَهُوَ فِي الْاٰخِرَةِ
اَعْمٰى وَاَضَلُّ سَبِيْلًا ۝ (ବନି ଇସ୍ରାଇଲ୍ 17: 73)

ଅର୍ଥାତ 'ଯେଉଁ ବ୍ୟକ୍ତି ଏହି ସଂସାରରେ ଅନ୍ଧ ଥିବ, ସେ ପରକାଳରେ ମଧ୍ୟ ଅନ୍ଧ ହେବ ।' ଏହାର ତାତ୍ପର୍ଯ୍ୟ ହେଉଛି, ଏ ସଂସାରର ଆଧ୍ୟାତ୍ମିକ ଅନ୍ଧତ୍ୱ ମୃତ୍ୟୁ ପର ଜୀବନରେ ଶାରୀରିକ ରୂପରେ ପ୍ରକାଶିତ ଓ ଅନୁଭୂତ ହେବ । ଏହିପରି ଅନ୍ୟ ଏକ ଆୟତରେ କୁହାଯାଇଛି;

خُذُوْهُ فَغُلُّوْهُ ۝ ثُمَّ الْجَحِيْمَ صَلُّوْهُ ۝ ثُمَّ فِيْ سِلْسِلَةٍ
(ଅଲ୍ ହାକ୍‌କାହ୍ 69:31-33) ذَرْعُهَا سَبْعُوْنَ ذِرَاعًا فَاسْلُكُوْهُ ۝

ଅର୍ଥାତ 'ସେ ନାରକୀୟ ବ୍ୟକ୍ତିକୁ ଧର ଓ ତା' ବେକରେ ଶିକୁଳି ପକାଅ । ତାକୁ ନର୍କରେ ଦହନ କର ଓ ଏପରି ଜଞ୍ଜୀରରେ ତାକୁ ବେଢିଦିଅ, ଯାହାର ଲମ୍ବ ସତୁରି ଗଜ ।' ଜାଣିବା ଉଚିତ ଯେ ଏହି ଆୟତଗୁଡ଼ିକରେ ଦର୍ଶାଯାଇଛି ଯେ ଏ ଦୁନିଆର ଆଧ୍ୟାତ୍ମିକ ଶାସ୍ତି, ପରଲୋକରେ ଶାରୀରିକ ରୂପେ ଦେଖାଦେବ । ସୁତରାଂ ସାଂସାରିକ ବାସନା ରୂପକ ଗଳାର ଶିକୁଳି ଯାହା ମନୁଷ୍ୟ ମୁଣ୍ଡକୁ ସଂସାର ପ୍ରତି ଝୁଙ୍କାଇ ରଖିଥିଲା, ତାହା ପରଲୋକରେ ପ୍ରକାଶ୍ୟ ରୂପେ ଦେଖାଦେବ । ସେହିପରି ସାଂସାରିକ ବନ୍ଧନର ବେଡ଼ି ପାଦରେ ପଡ଼ିଥିବାର ଦୃଶ୍ୟମାନ ହେବ । ପାର୍ଥିବ କାମନାମାନର ଜ୍ୱାଳାଗ୍ନି ପ୍ରକାଶ୍ୟ ରୂପେ ଜଳୁ ଥିବାର ଦୃଶ୍ୟମାନ ହେବ ।

ଖଳ ମନୁଷ୍ୟ ଇହକାଳ ଜୀବନରେ ଭୋଗ ଲାଳସାର ଏକ ନରକ ନିଜ ଭିତରେ ରଖିଥାଏ ଏବଂ ବିଫଳତାରେ ଏହି ନରକର ଜ୍ୱାଳା ଅନୁଭବ କରେ । ସୁତରାଂ ଯେତେବେଳେ ନଶ୍ୱର ବାସନାଗୁଡ଼ିକରୁ ସେ ଦୂରକୁ ଫିଙ୍ଗି ଦିଆଯିବ ଏବଂ ଚିର ନୈରାଶ୍ୟ ଘୋଟି ଆସିବ ସେତେବେଳେ ସର୍ବଶକ୍ତିମାନ ଈଶ୍ୱର ସେହି ଅବଶୋଷଗୁଡ଼ିକୁ ଭୌତିକ ଅଗ୍ନି ରୂପରେ ତା'ଉପରେ ପ୍ରକଟ କରିବେ । ସୁତରାଂ ସେ ନିମ୍ନରେ କହିଛନ୍ତି:

(ସବା 34:55) وَحِيْلَ بَيْنَهُمْ وَبَيْنَ مَا يَشْتَهُوْنَ

ଅର୍ଥାତ 'ସେମାନଙ୍କର ଓ ସେମାନଙ୍କ ବାସନାର ସାମଗ୍ରୀଗୁଡ଼ିକ ମଧ୍ୟରେ ଅନ୍ତରାୟ ସୃଷ୍ଟି କରି ଦିଆଯିବ ।' ବସ୍ତୁତଃ ଏହାହିଁ ଯନ୍ତ୍ରଣାର ମୂଳ କାରଣ । ପୁଣି ଯେପରି କୁହାଯାଇଛି ଯେ ତାକୁ ସତୁରି ଗଜ ଲମ୍ବ ଜଞ୍ଜିରରେ ବେଢି ଦିଅ, ତହିଁରେ ଏହି ସଂକେତ ରହିଛି ଯେ ଜଣେ ଦୂରାଚାରୀ ବେଳେବେଳେ ସତୁରି ବର୍ଷର ବୟସ ପ୍ରାପ୍ତ କରିଥାଏ, ବରଂ ଅନେକ ସମୟରେ ଏପରି ମଧ୍ୟ ହୁଏ ଯେ ବାଲ୍ୟକାଳ ଓ ବୃଦ୍ଧାବସ୍ଥାର ଅବଧିକୁ ବାଦ୍ ଦେଇ ମଧ୍ୟ ସେ ବୟସର ଏକ ନିର୍ମଳ ଓ ଶୁଦ୍ଧ ସତୁରି ବର୍ଷର ଅଂଶକୁ ପ୍ରାପ୍ତ କରେ, ଯାହାକି ଜ୍ଞାନ, ଶ୍ରମ ଓ କର୍ମ ଉପଯୋଗୀ

ହୋଇଥାଏ । କିନ୍ତୁ ସେ ପାଷାଣ୍ଡ ନିଜ ଜୀବନର ସେହି ଉତ୍କୃଷ୍ଟ ସତୁରି ବର୍ଷର ସମୟତକ ସଂସାରର ବନ୍ଧନମାନଙ୍କରେ ପଡ଼ି ରୁହେ ଓ ସେହି ଜଞ୍ଜିରରୁ ମୁକୁଳିବାକୁ ଋହେଁ ନାହିଁ । ସୁତରାଂ ଏହି ଆୟତ୍‌ରେ ଈଶ୍ୱର କହିଛନ୍ତି ଯେ ଯେଉଁ ସତୁରି ବର୍ଷ ସେ ସାଂସାରିକ ଜଞ୍ଜାଳର ବନ୍ଧନରେ ପଡ଼ି ରହିଥିଲା ପରକାଳରେ ତାହାହିଁ ଏକ ଜଞ୍ଜିରର ରୂପ ଧାରଣ କରିବ, ଯାହାର ଲମ୍ବ ସତୁରି ଗଜ ହୋଇଥିବ । ଏଠାରେ ପ୍ରତିଟି ଗଜ ଗୋଟିଏ ବର୍ଷ ପାଇଁ ଉଦ୍ଦିଷ୍ଟ । ମନେରଖିବା ଉଚିତ ଯେ ସର୍ବଶକ୍ତିମାନ ଈଶ୍ୱର ନିଜ ଆଡୁ ତାଙ୍କର ଭକ୍ତମାନଙ୍କୁ କୌଣସି ବିପତ୍ତିରେ ପକାନ୍ତି ନାହିଁ । ସେ କେବଳ ମନୁଷ୍ୟର କୁକର୍ମକୁ ତା ସମ୍ମୁଖରେ ଆଣି ରଖିଦିଅନ୍ତି ।

ପୁନଶ୍ଚ ଈଶ୍ୱର ତାଙ୍କର ଏହି ନୀତିକୁ ବର୍ଣ୍ଣନା କରିବାକୁ ଯାଇ ଅନ୍ୟ ଏକ ସ୍ଥାନରେ କହିଛନ୍ତି:

اِنْطَلِقُوْٓا اِلٰى ظِلٍّ ذِىْ ثَلٰثِ شُعَبٍ ۙ لَّا ظَلِيْلٍ وَّلَا
يُغْنِىْ مِنَ اللَّهَبِ ○
(ଅଲ୍ ମୁରସଲାତ୍ 77:31-32)

ଅର୍ଥାତ, 'ହେ ଦୁରାଚାରୀ ପଥଭ୍ରଷ୍ଟ ଲୋକମାନେ ! ଏପରି ଏକ ଆଶ୍ରୟ ସ୍ଥଳ ଆଡ଼କୁ ଚାଲ, ଯାହାର ତିନୋଟି ଶାଖା ରହିଛି; ଯାହା ଛାୟା ଦେଇପାରେ ନାହିଁ କିମ୍ବା ତାପରୁ ରକ୍ଷା କରିପାରେ ନାହିଁ ।' ଏହି ଆୟତରେ ବର୍ଣ୍ଣିତ ତିନିଗୋଟି ଶାଖାର ଅର୍ଥ ହେଉଛି ପଶୁ-ପ୍ରବୃତ୍ତି, କ୍ରୁରତା ଓ ଅନିୟନ୍ତ୍ରିତ ଚିନ୍ତା । ଯେଉଁମାନେ ଏହି ତିନି ଶକ୍ତିକୁ ନୈତିକତା ଆଡ଼କୁ ଢଳାନ୍ତି ନାହିଁ ଓ ସେଗୁଡ଼ିକୁ ନିୟନ୍ତ୍ରଣ କରନ୍ତି ନାହିଁ, ସେମାନଙ୍କର ଏହି ଶକ୍ତିଗୁଡ଼ିକୁ ପରଲୋକରେ ଏପରି ଭାବେ ଦୃଶ୍ୟମାନ କରାଯିବ ଯେ ମନେହେବ ସତେ ଯେପରି ତିନୋଟି ଶାଖା ବିନା ପତ୍ରରେ ଦଣ୍ଡାୟମାନ ହୋଇଛନ୍ତି । ଏହି ଶାଖାମାନ ସେମାନଙ୍କୁ ତାପରୁ ରକ୍ଷା କରିପାରୁ ନଥିବେ । ଫଳସ୍ୱରୂପ ସେମାନେ ତାପରେ ଦଗ୍ଧ ହେବେ । ଅପରପକ୍ଷେ ସର୍ବଶକ୍ତିମାନ ଈଶ୍ୱର ସ୍ୱର୍ଗର ଅଧିବାସୀମାନଙ୍କ ସମ୍ପର୍କରେ ନିଜର ଏହି ନୀତିକୁ ବର୍ଣ୍ଣନା ପୂର୍ବକ କହିଛନ୍ତି:

يَوْمَ تَرَى الْمُؤْمِنِيْنَ وَالْمُؤْمِنٰتِ يَسْعٰى نُوْرُهُمْ بَيْنَ
اَيْدِيْهِمْ وَبِاَيْمَانِهِمْ
(ଅଲ୍ ହଦିଦ୍ 57:13)

ଅର୍ଥାତ 'ସେଦିନ ତୁମେ ଦେଖିବ ଯେ ବିଶ୍ୱାସକାରୀମାନଙ୍କ ଏହି ଜ୍ୟୋତି ଯାହା ଇହକାଳରେ ଲୁକ୍‌କାୟିତ ରହିଛି, ସେମାନଙ୍କ ସମ୍ମୁଖରେ ଓ ସେମାନଙ୍କ ଦକ୍ଷିଣ ପାର୍ଶ୍ୱରେ ଧାବମାନ ହେଉଥିବ ।'

ପୁନରାୟ ଅନ୍ୟ ଏକ ଆୟତରେ କହିଛନ୍ତି:

يَّوْمَ تَبْيَضُّ وُجُوْهٌ وَّتَسْوَدُّ وُجُوْهٌ (ଆଲେ ଇମ୍‌ରାନ୍ 3:107)

ଅର୍ଥାତ 'ସେଦିନ କେତେକ ମୁହଁ କଳା ପଡ଼ିଯିବ ଏବଂ କେତେକ ମୁହଁ ଗୋରା ଓ ଜ୍ୟୋତିର୍ମୟ ହୋଇଯିବ । ପୁନରାୟ ଅନ୍ୟ ଏକ ଆୟତରେ କହିଛନ୍ତି:

مَثَلُ الْجَنَّةِ الَّتِيْ وُعِدَ الْمُتَّقُوْنَ ۭ فِيْهَآ اَنْهٰرٌ مِّنْ مَّاۗءٍ غَيْرِ
اٰسِنٍ ۚ وَاَنْهٰرٌ مِّنْ لَّبَنٍ لَّمْ يَتَغَيَّرْ طَعْمُهٗ ۚ وَاَنْهٰرٌ مِّنْ خَمْرٍ
لَّذَّةٍ لِّلشّٰرِبِيْنَ ڬ وَاَنْهٰرٌ مِّنْ عَسَلٍ مُّصَفًّى ۭ (ମୁହମ୍ମଦ୍ 47:16)

ଅର୍ଥାତ 'ସଂଯମୀମାନଙ୍କୁ ଯେଉଁ ସ୍ୱର୍ଗ ପ୍ରଦାନ କରାଯିବ ତାହାର ଦୃଷ୍ଟାନ୍ତ ଏକ ଉଦ୍ୟାନ ସଦୃଶ । ତହିଁରେ ଏପରି ଜଳର ଝରଣାମାନ ରହିଛି, ଯାହା କେବେ ଦୂଷିତ ହୁଏ ନାହିଁ । ଅଧିକନ୍ତୁ ସେଥିରେ ଏପରି କ୍ଷୀରର ଝରଣାମାନ ରହିଛି ଯାହାର ସ୍ୱାଦ କେବେ ବଦଳେ ନାହିଁ । ପୁନଶ୍ଚ ତହିଁରେ ଏପରି ମଦିରାର ନିର୍ଝରିଣୀମାନ ରହିଛି ଯାହା ଏକାନ୍ତ ରୂପେ ତୃପ୍ତିଦାୟକ ଅଥଚ ସେଥିରେ ମାଦକତା ନାହିଁ । ଏତଦ୍‌ଭିନ୍ନ ତହିଁରେ ରହିଛି ଏପରି ବିଶୁଦ୍ଧ ମହୁର ଝରଣାମାନ ଯହିଁରେ କୌଣସି ଅଶୁଦ୍ଧତା ନାହିଁ ।' ଏଠାରେ ସ୍ପଷ୍ଟ ରୂପେ କହି ଦିଆଗଲା ଯେ ସେହି ସ୍ୱର୍ଗକୁ ଦୃଷ୍ଟାନ୍ତ ସ୍ୱରୂପ ଏଭଳି ଭାବିନିଅ ଯେ ସେଥି ମଧ୍ୟରେ ସେ ପ୍ରକାରର ସମସ୍ତ ସାମଗ୍ରୀର ଅସରନ୍ତି ଝରଣାମାନ ରହିଅଛି । ଜୀବନର ସେହି ଜଳ ଯାହାକୁ ଜଣେ ପରମାର୍ଥୀ ପୁରୁଷ ସଂସାରରେ ଆଧ୍ୟାତ୍ମିକ ରୂପେ ପାନ କରିଥାଏ, ତାହା ଏଠାରେ ପ୍ରକାଶ୍ୟ ରୂପେ ମହଜୁଦ୍ ଥାଏ; ଏବଂ ସେହି ଆଧ୍ୟାତ୍ମିକ କ୍ଷୀର ଯାହାକୁ ସ୍ତନ୍ୟ ପାନ କରୁଥିବା ଶିଶୁ ସଦୃଶ ସେ ପାନ କରି ଆଧ୍ୟାତ୍ମିକ ରୂପୀ ସଂସାରରେ ପ୍ରତିପାଳିତ ହୁଏ, ସ୍ୱର୍ଗରେ ତାହା ପ୍ରକାଶ୍ୟ ରୂପରେ ଦୃଶ୍ୟମାନ ହେବ; ଏବଂ ଇଶ୍ୱର-ପ୍ରେମର ସେହି ମଦିରା ଯାହା ଦ୍ୱାରା ସେ ସଂସାର ମଧ୍ୟରେ ଆଧ୍ୟାତ୍ମିକତାରେ ମତୁଆଲା ରହୁଥିଲା, ଏବେ

ସ୍ୱର୍ଗରେ ପ୍ରକାଶ୍ୟ ରୂପେ ସେଥିର ଝରଣାମାନ ଦୃଷ୍ଟଗୋଚର ହେବ । ବିଶ୍ୱାସର ସେ ସୁମିଷ୍ଟ ମଧୁ ଯାହାକୁ ଆଧାତ୍ମିକ ରୂପେ ସଂସାରରେ ଭକ୍ତ ଆସ୍ୱାଦନ କରୁଥିଲା ତାହା ସ୍ୱର୍ଗରେ ଅନୁଭବ୍ୟ ଓ ସ୍ପଷ୍ଟ ଝରଣାମାନ ସ୍ୱରୂପ ଦୃଶ୍ୟମାନ ହେବ । ସ୍ୱର୍ଗର ପ୍ରତ୍ୟେକ ନିବାସୀ ନିଜ ଝରଣା ଓ ନିଜ ଉଦ୍ୟାନମାନ ଜରିଆରେ ତା' ଆଧାତ୍ମିକ ସ୍ତରର ସ୍ୱରୂପକୁ ନିରାବରଣ କରି ଦେଖାଇ ଦେବ । ଆଉ ଈଶ୍ୱର ମଧ୍ୟ ସେଦିନ ବୈକୁଣ୍ଠବାସୀମାନଙ୍କ ସକାଶେ ପରଦା ଆଢୁଆଳରୁ ବାହାରକୁ ବାହାରି ଆସିବେ । ସୁତରାଂ ଆଧାତ୍ମିକ ଅବସ୍ଥାମାନ ଆଉ ଗୋପନ ହୋଇ ରହିବ ନାହିଁ, ବରଂ ସଶରୀରେ ଦୃଶ୍ୟମାନ ହେବ ।

## ତୃତୀୟ ସୂକ୍ଷ୍ମ ତତ୍ତ୍ୱ

ତୃତୀୟ ସୂକ୍ଷ୍ମ ତତ୍ତ୍ୱ ହେଉଛି ମୃତ୍ୟୁ ପରର ଜୀବନରେ ଆତ୍ମାର ଉନ୍ନତି ଅସୀମିତ ହେବ । ଏ ସମ୍ବନ୍ଧରେ ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି:

وَالَّذِيْنَ اٰمَنُوْا مَعَهٗ ۚ نُوْرُهُمْ يَسْعٰى بَيْنَ اَيْدِيْهِمْ
وَبِاَيْمَانِهِمْ يَقُوْلُوْنَ رَبَّنَآ اَتْمِمْ لَنَا نُوْرَنَا وَاغْفِرْ لَنَا ۚ اِنَّكَ
عَلٰى كُلِّ شَيْءٍ قَدِيْرٌ

(ଅତ୍ ତହରିମ୍ 66:9)

ଅର୍ଥାତ 'ଯେଉଁମାନେ ପୃଥିବୀରେ ବିଶ୍ୱାସର ଜ୍ୟୋତି ଧାରଣ କରନ୍ତି ପୁନରୁତ୍‌ଥାନ ଦିନ ସେମାନଙ୍କ ଜ୍ୟୋତି ସେମାନଙ୍କ ସମକ୍ଷରେ ଓ ସେମାନଙ୍କ ଦକ୍ଷିଣ ପାର୍ଶ୍ୱରେ ଧାବମାନ ହେଉଥିବ । ସେମାନେ ନିରନ୍ତର କହି ଚାଲିଥିବେ, ହେ ଈଶ୍ୱର ! ଆମମାନଙ୍କ ଜ୍ୟୋତିକୁ ତାର ଉତ୍କୃଷ୍ଟତମ ଅବସ୍ଥାକୁ ପହଞ୍ଚାଇ ଦିଅ ଓ ନିଜର କ୍ଷମା ପରିସର ଭିତରକୁ ଆମମାନଙ୍କୁ ଘେନିନିଅ । ତୁମେ ହିଁ ସକଳ ବିଷୟ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱବାନ ।'

ଏହି ଆୟତରେ ଯେଉଁ କୁହାଯାଇଛି ଯେ ସେମାନେ ସର୍ବଦା ଏହା କହୁଥିବେ 'ଆମମାନଙ୍କ ଜ୍ୟୋତିକୁ ଉତ୍କୃଷ୍ଟତମ ଅବସ୍ଥାକୁ ନେଇଯାଅ' ଏହା ହିଁ ଅସୀମିତ ଉନ୍ନତିକୁ ସୂଚାଉ ଅଛି । ଅର୍ଥାତ ସେମାନଙ୍କୁ ଏକ ଉତ୍କୃଷ୍ଟ ଜ୍ୟୋତିର୍ମୟ ଅବସ୍ଥା ପ୍ରାପ୍ତ ହେବ । ପୁନରପି ଆଉ ଏକ ଉତ୍କୃଷ୍ଟତର ଅବସ୍ଥା ସେମାନଙ୍କର

ଦୃଷ୍ଟିଗୋଚର ହେବ । ତାକୁ ଦେଖି ସେମାନେ ପ୍ରଥମ ଉତ୍କୃଷ୍ଟତାକୁ ହେୟ ଜ୍ଞାନ କରିବେ । ସୁତରାଂ ଦ୍ୱିତୀୟ ଉତ୍କୃଷ୍ଟତାର ପ୍ରାପ୍ତି ନିମନ୍ତେ ସେମାନେ ନିବେଦନ କରିବେ । ଏବଂ ଯେତେବେଳେ ତାହା ପ୍ରାପ୍ତ ହୋଇଯିବ ସେତେବେଳେ ଏକ ତୃତୀୟ ଉତ୍କୃଷ୍ଟତର ଅବସ୍ଥା ସେମାନଙ୍କ ସମ୍ମୁଖରେ ଉଦ୍‌ଭାସିତ ହେବ । ତାକୁ ଦେଖି ସେମାନେ ପୂର୍ବ ଅବସ୍ଥାଗୁଡ଼ିକୁ ତୁଚ୍ଛ ମନେ କରିବେ ଓ ଏହାକୁ ପାଇବାକୁ ଇଚ୍ଛା କରିବେ । ଏହି ନିରନ୍ତର ପ୍ରଗତିମାନର ଅଭିଳାଷା 'ଅତ୍‌ମିମ୍' ଶବ୍ଦରୁ ପ୍ରତୀତ ହେଉଛି ।

ସୁତରାଂ ଏହିପରି ଭାବେ ଅସୀମ ଅଗ୍ରଗତିର ଏକ ଶୃଂଖଳା ସର୍ବଦା ଲାଗି ରହିଥିବ । ଅବନତି କେବେ ହେଁ ଘଟିବ ନାହିଁ । କେବେ ହେଁ ସେମାନେ ସ୍ୱର୍ଗରୁ ବିତାଡ଼ିତ ହେବେ ନାହିଁ ବରଂ ପ୍ରତିଦିନ ଆଗକୁ ବଢି ଚାଲିଥିବେ । କେବେ ହେଁ ପଶ୍ଚାଦ୍‌ଗାମୀ ହେବେ ନାହିଁ । ଏବଂ ଯାହା କୁହାଯାଇଛି ଯେ ସେମାନେ ସର୍ବଦା ନିଜ ପାଇଁ କ୍ଷମା ପ୍ରାର୍ଥନା କରୁଥିବେ, ଏ ସମ୍ବନ୍ଧରେ ଏଠାରେ ପ୍ରଶ୍ନ ଉଠିପାରେ ଯେ ସ୍ୱର୍ଗରେ ପ୍ରବେଶ କରିବା ପରେ ପୁଣି କ୍ଷମାରେ ଆଉ କ'ଣ ବଳକା ରହିଗଲା ? ଯଦି ପାପ ମୋଚନ ହୋଇଗଲା ତେବେ ପୁଣି କ୍ଷମା ଯାଚନା କରିବାର କି ଆବଶ୍ୟକତା ? ଏହାର ଉତ୍ତର ହେଉଛି; 'ମଗ୍‌ଫିରତ୍' (କ୍ଷମା) ଶବ୍ଦର ପ୍ରକୃତ ଅର୍ଥ ହେଉଛି ଅପୂର୍ଣ୍ଣ ଓ ଦୋଷଯୁକ୍ତ ଅବସ୍ଥାକୁ ତଳକୁ ଦାବିବା ଓ ଘୋଡ଼ାଇବା । ସୁତରାଂ ସ୍ୱର୍ଗର ନିବାସୀଗଣ ଚାହିଁବେ ଯେ ସେମାନଙ୍କୁ ପୂର୍ଣ୍ଣତା ପ୍ରାପ୍ତ ହେଉ ଏବଂ ସେମାନେ ପୂର୍ଣ୍ଣତଃ ଦିବ୍ୟଜ୍ୟୋତି ମଧ୍ୟରେ ନିମଜ୍ଜିତ ହୋଇ ଯାଆନ୍ତୁ । ସେମାନେ ଦ୍ୱିତୀୟ ଅବସ୍ଥାକୁ ଦେଖି ପ୍ରଥମ ଅବସ୍ଥାକୁ ଦୋଷଯୁକ୍ତ ମନେ କରିବେ । ତେଣୁ ଇଚ୍ଛା କରିବେ ସେପରିକି ସେମାନଙ୍କର ପ୍ରଥମ ଅବସ୍ଥାକୁ ତଳକୁ ଦବାଇ ଦିଆଯାଉ । ପୁନଶ୍ଚ ତୃତୀୟ ପୂର୍ଣ୍ଣାଙ୍ଗ ଅବସ୍ଥାକୁ ଦେଖି କାମନା କରିବେ ଯେ ସେମାନଙ୍କର ଦ୍ୱିତୀୟ ଅବସ୍ଥାର ମଗ୍‌ଫିରତ୍ ଘଟୁ; ଅର୍ଥାତ ସେହି ଦୋଷଯୁକ୍ତ ଅବସ୍ଥାକୁ ତଳକୁ ଦାବି ଦିଆଯାଉ, ଏବଂ ତାକୁ ପ୍ରଚ୍ଛନ୍ନ କରି ଦିଆଯାଉ । ଏତାଦୃଶ ଭାବେ ସେମାନେ ଅସରନ୍ତି ମଗ୍‌ଫିରତ୍ ବା କ୍ଷମାର ଅଭିଳାଷୀ ରହିବେ । ଏହା ସେହି ମଗ୍‌ଫିରତ୍ ଓ ଇସ୍‌ତିଗ୍‌ଫାର୍ ଶବ୍ଦ ଯାହାକୁ ନେଇ କତିପୟ ଅଜ୍ଞାନୀ ବ୍ୟକ୍ତି ଆମର ପବିତ୍ର

ଅବତାର (ହଜରତ ମୁହମ୍ମଦ ସ.ଅ.ଙ୍କ) ବିରୁଦ୍ଧରେ ଯୁକ୍ତି ରୂପେ ବାଢୁଛନ୍ତି । ସୁତରାଂ ସମ୍ପ୍ରତି ପାଠକଗଣ ଏହା ଜାଣିପାରିଥିବେ ଯେ ଏହି ଇସ୍‌ତିଗ୍‌ଫାର୍ ବା କ୍ଷମାଯାଚନା କରିବା ହେଉଛି ମନୁଷ୍ୟ ପକ୍ଷେ ଗର୍ବର ବିଷୟ । ଯେଉଁ ବ୍ୟକ୍ତି କୌଣସି ନାରୀର ଗର୍ଭରୁ ଜନ୍ମନେଲା ଅଥଚ ଇସ୍‌ତିଗ୍‌ଫାର୍‌କୁ ସବୁବେଳ ପାଇଁ ନିଜ ଅଭ୍ୟାସରେ ପରିଣତ କଲା ନାହିଁ, ସେ ବ୍ୟକ୍ତି ମନୁଷ୍ୟ ନୁହଁ, ବରଂ ଏକ କୀଟ । ସେ ଦୃଷ୍ଟି ସମ୍ପନ୍ନ ନୁହେଁ ବରଂ ଦୃଷ୍ଟିହୀନ । ସେ ଶୁଦ୍ଧ ପୂତ ନୁହେଁ ବରଂ ଅପବିତ୍ର ।

ସଂକ୍ଷେପରେ କହିଲେ ପବିତ୍ର କୁରଆନ ଅନୁଯାୟୀ ସ୍ୱର୍ଗ ଓ ନର୍କ ଉଭୟ ବାସ୍ତବରେ ମନୁଷ୍ୟର ସାଂସାରିକ ଜୀବନର ପ୍ରତିରୂପ ଓ ପ୍ରତିଛବି । ଏଗୁଡ଼ିକ କୌଣସି ନୂତନ ବାହ୍ୟାଗତ ଭୌତିକ ବସ୍ତୁ ନୁହନ୍ତି । ଏ କଥା ସତ୍ୟ ଯେ ପରଲୋକରେ ଦୁହେଁ ଯାକ ଭୌତିକ ରୂପେ ଉଭା ହେବେ । କିନ୍ତୁ ତାହା ମନୁଷ୍ୟର ଅସଲ ଆଧ୍ୟାତ୍ମିକ ଅବସ୍ଥାମାନର ରୂପ ଓ ପ୍ରତିଛବି ହିଁ ହେବ । ଆମେ ଏପରି ସ୍ୱର୍ଗରେ ବିଶ୍ୱାସ କରୁ ନାହୁଁ ଯେଉଁଠାରେ କି କେବଳ ଭୌତିକ ରୂପେ ଗଛମାନ ଭୂଇଁ ଉପରେ ଠିଆ ହୋଇଥିବ । ଆମେ ଏପରି ନର୍କରେ ମଧ୍ୟ ବିଶ୍ୱାସ କରୁ ନାହୁଁ ଯହିଁରେ ବାସ୍ତବରେ ଗନ୍ଧକର ପଥରମାନ ରହିଥିବ । ବରଂ ଇସ୍‌ଲାମୀୟ ବିଶ୍ୱାସ ଅନୁଯାୟୀ ସ୍ୱର୍ଗ ଓ ନର୍କ ହେଉଛି ସେହି କର୍ମଗୁଡ଼ିକର ପ୍ରତିଫଳନ ମାତ୍ର ଯାହା ମନୁଷ୍ୟ ସଂସାରରେ କରିଥାଏ ।

## ତୃତୀୟ ପ୍ରଶ୍ନ

ଏ ଦୁନିଆରେ ଜୀବନର ମୂଳ ଲକ୍ଷ୍ୟ କ'ଣ ଓ ତାହା କିପରି ପ୍ରାପ୍ତ ହେବ ?

ପ୍ରଶ୍ନଟିର ଉତ୍ତର ହେଉଛି, ଯଦିଚ ଭିନ୍ନ ଭିନ୍ନ ଲୋକେ ନିଜର ଅଜ୍ଞାନତା ଯୋଗୁଁ ହେଉ ଅଥବା ପରାଜିତ ମନୋଭାବ ହେତୁ ହେଉ, ନିଜ ଜୀବନର ଲକ୍ଷ୍ୟ ଭିନ୍ନ ଭିନ୍ନ ପ୍ରକାରେ ନିରୂପଣ କରିଥାଆନ୍ତି, ପୃଥିବୀର ଇତର ଆଶା ଆକାଂକ୍ଷାମାନର ପରିଧି ମଧ୍ୟରେ ନିଜକୁ ସୀମିତ ରଖିଥାଆନ୍ତି, କିନ୍ତୁ ସର୍ବଶକ୍ତିମାନ ଅଲ୍ଲାଃ ମନୁଷ୍ୟ ନିମନ୍ତେ ଯେଉଁ ଲକ୍ଷ୍ୟ ତାଙ୍କର ପବିତ୍ର ପୁସ୍ତକରେ ବର୍ଣ୍ଣନା କରିଛନ୍ତି, ତାହା ହେଉଛି;

وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ ○ (ଅଲ୍ ଜାରିୟାତ୍ 51:57)

ଅର୍ଥାତ 'ମୁଁ ଜିନ୍ ଏବଂ ମନୁଷ୍ୟକୁ ଏଥିସକାଶେ ସୃଷ୍ଟି କରିଛି ଯେ ସେମାନେ ମୋତେ ଚିହ୍ନନ୍ତୁ ଏବଂ ମୋର ଉପାସନା କରନ୍ତୁ ।' ଏହି ଆୟତ ଅନୁଯାୟୀ ମନୁଷ୍ୟ ଜୀବନର ପ୍ରକୃତ ଲକ୍ଷ୍ୟ ହେଉଛି ଈଶ୍ୱରଙ୍କ ଉପାସନା କରିବା, ଈଶ୍ୱରଙ୍କ ସମ୍ବନ୍ଧରେ ସଠିକ୍ ଜ୍ଞାନ ଆହରଣ କରିବା ଏବଂ ତାଙ୍କରି ପାଇଁ ହୋଇଯିବା ।

ଏହା ତ ସ୍ପଷ୍ଟ ଯେ ମନୁଷ୍ୟକୁ ଏହି ମର୍ଯ୍ୟାଦା ପ୍ରାପ୍ତ ହୋଇ ନାହିଁ ଯେ ସେ ନିଜ ଜୀବନର ଲକ୍ଷ୍ୟ ସ୍ୱୟଂ ନିରୂପଣ କରିବ । କାରଣ ମନୁଷ୍ୟ ନିଜ ଇଚ୍ଛାରେ ଆସେ ନାହିଁ କି ନିଜ ଇଚ୍ଛାରେ ଯିବ ମଧ୍ୟ ନାହିଁ । ସେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ । ତେଣୁ ଯେ ତାକୁ ସୃଷ୍ଟି କରିଛନ୍ତି ଏବଂ ଅନ୍ୟ ସମସ୍ତ ପ୍ରାଣୀଙ୍କ ତୁଳନାରେ ତାକୁ ଅଧିକ ଉନ୍ନତ ତଥା ଅଧିକ ଉତ୍କୃଷ୍ଟ ସାମର୍ଥ୍ୟମାନ ପ୍ରଦାନ କରିଛନ୍ତି, ସେ ହିଁ ତାର ଜୀବନ ସକାଶେ ଏକ ଲକ୍ଷ୍ୟ ମଧ୍ୟ ଧାର୍ଯ୍ୟ କରି ରଖିଛନ୍ତି । କିଏ ଏହି ଲକ୍ଷ୍ୟ ଥିବା କଥା ଜାଣିପାରୁ ଅଥବା ନ ଜାଣିପାରୁ, ଏହା କିନ୍ତୁ ନିଃସନ୍ଦେହ ଯେ ମନୁଷ୍ୟ ଜନ୍ମର ଉଦ୍ଦେଶ୍ୟ ହିଁ ହେଉଛି ଈଶ୍ୱରଙ୍କ ଉପାସନା କରିବା, ଈଶ୍ୱରଙ୍କୁ ସଠିକ୍ ରୂପେ ଜାଣିବା ଏବଂ ଈଶ୍ୱରଙ୍କ ଠାରେ ଲୀନ ହୋଇଯିବା । ସର୍ବଶକ୍ତିମାନ ଅଲ୍ଲାଃ ପବିତ୍ର କୁରଆନରେ ଅନ୍ୟ ଏକ ସ୍ଥାନରେ କହିଛନ୍ତି:

إِنَّ الدِّينَ عِنْدَ اللَّهِ الْإِسْلَامُ (ଆଲେ ଇମ୍ରାନ୍ 3:20)

فِطْرَتَ اللّٰهِ الَّتِیْ فَطَرَ النَّاسَ عَلَیْهَا......ذٰلِكَ الدِّیْنُ الْقَیِّمُ
(ଅର୍ ରୋମ୍ 30:31)

ଅର୍ଥାତ ଯେଉଁ ଧର୍ମ ଈଶ୍ୱରଙ୍କ ସମ୍ବନ୍ଧରେ ସଠିକ ଜ୍ଞାନ ଦିଏ ଓ ଯେଉଁ ଧର୍ମରେ ତାଙ୍କର ଉପାସନା ସୁଚାରୁ ରୂପେ ସମ୍ପାଦନ କରିବାର ବିଧି ରହିଛି, ସେ ଧର୍ମ ହେଉଛି ଇସଲାମ୍। ଏହି ଇସଲାମ୍ ମନୁଷ୍ୟର ସ୍ୱଭାବରେ ରଖା ଯାଇଛି। ଈଶ୍ୱର ମନୁଷ୍ୟକୁ ଇସଲାମ୍ ଅନୁରୂପ ଓ ଇସଲାମ୍ ନିମନ୍ତେ ଗଢିଛନ୍ତି । ଅର୍ଥାତ ସେ ଏହା ଚାହିଁଛନ୍ତି ଯେ ମନୁଷ୍ୟ ନିଜର ସମସ୍ତ ସାମର୍ଥ୍ୟ ସହକାରେ ତାଙ୍କ ଉପାସନା, ତାଙ୍କ ଆଜ୍ଞାନୁବର୍ତ୍ତିତା ଓ ତାଙ୍କ ପ୍ରେମରେ ମଗ୍ନ ରହୁ । ସେଇଥିପାଇଁ ସେ ସର୍ବଶକ୍ତିମାନ, ଦୟାମୟ, ମନୁଷ୍ୟକୁ ଇସଲାମ୍‌ର ସ୍ୱରୂପ ଅନୁଯାୟୀ ଯଥାଯୋଗ୍ୟ ସାମର୍ଥ୍ୟମାନ ପ୍ରଦାନ କରିଛନ୍ତି ।

ଏହି ଆୟତଗୁଡ଼ିକର ବିସ୍ତୃତ ବ୍ୟାଖ୍ୟା ରହିଛି । କିୟତ୍ ପରିମାଣରେ ଏହାକୁ ପ୍ରଥମ ପ୍ରଶ୍ନର ତୃତୀୟ ଭାଗରେ ଲେଖିଛୁ । ବର୍ତ୍ତମାନ ସଂକ୍ଷେପରେ ଆମେ କେବଳ ଏତିକି ସ୍ପଷ୍ଟ କରି ଦେବାକୁ ଚାହୁଁ ଯେ ମନୁଷ୍ୟକୁ ଯାହା କିଛି ବାହ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଦିଆଯାଇଛି, ତାହାର ପ୍ରକୃତ ଉଦ୍ଦେଶ୍ୟ ହେଉଛି ଯେ ସେଗୁଡ଼ିକ ସାହାଯ୍ୟରେ ସେ ଈଶ୍ୱରଙ୍କ ସମ୍ବନ୍ଧରେ ଜ୍ଞାନ ଲାଭକରୁ, ତାହାଙ୍କ ଉପାସନା କରୁ ଓ ତାଙ୍କର ପ୍ରେମ ଲଭୁ । ଏହି କାରଣରୁ ପୃଥିବୀରେ ମନୁଷ୍ୟ ହଜାର ପ୍ରକାର କାର୍ଯ୍ୟମାନ ଆପଣାଇ ମଧ୍ୟ ଈଶ୍ୱରଙ୍କ ବ୍ୟତିରେକେ ଅନ୍ୟ କୌଣସିଟିରେ ନିଜର ପ୍ରକୃତ ଆନନ୍ଦ ପାଉ ନାହିଁ । ଅତି ଧନଶାଳୀ ହୋଇ, ଉଚ୍ଚ ପଦ ପଦବୀ ହାସଲ କରି, ବଡ଼ ବ୍ୟବସାୟୀ ହୋଇ, ଉଚ୍ଚ ରାଜପଦରେ ପହଞ୍ଚି ତଥା ବିଖ୍ୟାତ ଦାର୍ଶନିକ ବୋଲାଇବା ସତ୍ତ୍ୱେ ସେ ପରିଶେଷରେ ସଂସାରର ଏହି ବନ୍ଧନମାନଙ୍କରୁ ଅନେକ ଅବଶୋଷ ସହିତ ବିଦାୟ ନିଏ । ସାଂସାରିକ ମୋହମାୟାରେ ବୁଡ଼ିଥିବା ହେତୁ ତା'ର ହୃଦୟ ତାକୁ ସର୍ବଦା ଦୋଷୀ କରୁଥାଏ । ତା ବିବେକ ତା'ର ଧୂର୍ତ୍ତପଣିଆରେ, ତା'ର କପଟତାରେ ଓ ତା'ର ଅନୁଚିତ କାର୍ଯ୍ୟରେ ତାକୁ କେବେବି ସମର୍ଥନ କରେ ନାହିଁ । ଜଣେ ବିଜ୍ଞ ବ୍ୟକ୍ତି ଏହି କଥାକୁ ଏପରି ମଧ୍ୟ ବୁଝିପାରିବ ଯେ କୌଣସି ବସ୍ତୁର ଚରମ

ଲକ୍ଷ୍ୟ ହେଉଛି ତା' ଦ୍ୱାରା ସମ୍ପାଦିତ ସର୍ବୋତ୍ତମ କାର୍ଯ୍ୟ; ଯହିଁରୁ ଉନ୍ନତତର କାର୍ଯ୍ୟ କରିବାର କ୍ଷମତା ତା'ଠାରେ ନ ଥାଏ । ଉଦାହରଣ ସ୍ୱରୂପ ବଳଦର ସର୍ବୋତ୍ତମ କାର୍ଯ୍ୟ ହେଉଛି ହଳ କରିବା ବା ଜଳସେଚନ କରିବା ଅଥବା ଭାର ବୋହିବା । ଏହାଠାରୁ ବଳି ତା'ର ସାମର୍ଥରେ ଅଧିକ କିଛି ଥିବାର ପ୍ରମାଣିତ ହୋଇ ନାହିଁ । ତେଣୁ ବଳଦ ଜୀବନର ଲକ୍ଷ୍ୟ ହେଉଛି ଏହି ତିନୋଟି କାର୍ଯ୍ୟ । ଏହାଠାରୁ ଅଧିକ କୌଣସି କାମ କରିବାର କ୍ଷମତା ତା'ଠାରେ ଦେଖାଯାଏ ନାହିଁ । କିନ୍ତୁ ଯେତେବେଳେ ଆମେ ମନୁଷ୍ୟର ସାମର୍ଥ୍ୟମାନଙ୍କୁ ଲକ୍ଷ୍ୟ କରୁଁ ଯେ ସେଗୁଡ଼ିକ ମଧ୍ୟରେ ସବୁଠାରୁ ବଳି କେଉଁ ସାମର୍ଥ୍ୟ ତା'ଠାରେ ରହିଛି, ସେତେବେଳେ ଏହା ହିଁ ସାବ୍ୟସ୍ତ ହୁଏ ଯେ ସର୍ବଶକ୍ତିମାନ ପରମ ଈଶ୍ୱରଙ୍କର ତା'ମଧ୍ୟରେ ତଲାସ ଥାଏ । ଏପରିକି ସେ ଚାହେଁ ଯେ ଈଶ୍ୱର ପ୍ରେମରେ ସେ ଏପରି ମଗ୍ନ ଓ ବିଲୀନ ହୋଇଯାଉ ଯାହା ଫଳରେ ତା'ର ନିଜର ବୋଲି କିଛି ନ ରହୁ, ସବୁକିଛି ଈଶ୍ୱରଙ୍କର ହୋଇଯାଉ । ଆହାର, ନିଦ୍ରା ଆଦି ସ୍ୱାଭାବିକ କର୍ମରେ ତା'ର ପଶୁମାନଙ୍କ ସହିତ ବହୁତ ସାମଞ୍ଜସ୍ୟ ରହିଛି । ଶିଳ୍ପକଳାରେ କେତେକ ପ୍ରାଣୀ ତା'ଠାରୁ ବହୁ ଆଗରେ ରହିଛନ୍ତି । ଏପରିକି ମହୁମାଛି ବି ପ୍ରତ୍ୟେକ ଫୁଲରୁ ରସ ସଂଗ୍ରହ କରି ଏପରି ସରସ ମହୁ ତିଆରି କରୁଛି ଯେ ଏହି ଶିଳ୍ପକଳାରେ ମନୁଷ୍ୟକୁ ଏବେ ସୁଦ୍ଧା ସଫଳତା ମିଳିପାରି ନାହିଁ । ସୁତରାଂ ଏହା ସୁସ୍ପଷ୍ଟ ଯେ ମନୁଷ୍ୟର ସର୍ବୋତ୍ତମ ସଫଳତା ହେଉଛି ଈଶ୍ୱର ପ୍ରାପ୍ତି । ଅତଏବ ତା' ଜୀବନର ଅସଲ ଉଦ୍ଦେଶ୍ୟ ହେଉଛି ଏହିକି ଯେ ଈଶ୍ୱରଙ୍କ ଆଡ଼କୁ ତା'ର ହୃଦୟର ଝରକା ଖୋଲୁ ।

## ମନୁଷ୍ୟ ଜୀବନର ଲକ୍ଷ୍ୟ ପ୍ରାପ୍ତିର ମାଧ୍ୟମ

ଯଦି ପ୍ରଶ୍ନ ଉଠେ ଯେ ଏହି ଲକ୍ଷ୍ୟ କେଉଁ ଉପାୟରେ ଓ କିଭଳି ପ୍ରାପ୍ତ ହୋଇପାରିବ, ତେବେ ଜଣା ରହୁ ଯେ ଏହି ଲକ୍ଷ୍ୟକୁ ପାଇବା ସକାଶେ ସବୁଠାରୁ ବଡ଼ ଯେଉଁ ମାଧ୍ୟମ ରହିଛି ତାହାର ସର୍ତ୍ତ ହେଉଛି ଏହିକି ଯେ, ଈଶ୍ୱରଙ୍କୁ ସଠିକ୍ ରୂପେ ଚିହ୍ନିବା ଏବଂ ସତ୍ୟ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ଆଣିବା । କାରଣ ଯଦି ପ୍ରଥମ ପାଦ ହିଁ ଭୁଲ ବାଟରେ ପଡ଼ିବ ଏବଂ ଦୃଷ୍ଟାନ୍ତ ସ୍ୱରୂପ ଯଦି କେହି ବ୍ୟକ୍ତି କୌଣସି

ପଶୁ ବା ପକ୍ଷୀକୁ କିମ୍ବା କୌଣସି ବସ୍ତୁକୁ ଅଥବା କୌଣସି ମାନବ ସନ୍ତାନକୁ ଈଶ୍ୱର ବୋଲି ଭାବି ବସେ, ତେବେ ପରବର୍ତ୍ତୀ ପାଦମାନଙ୍କରେ ସେ ସଠିକ୍ ରାସ୍ତାରେ ଚାଲିବ ବୋଲି କି ଆଶା ? ସତ୍ୟ ଈଶ୍ୱର ତାହାଙ୍କୁ ଖୋଜୁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରନ୍ତି, ମାତ୍ର ଜଣେ ମୃତକ ଅନ୍ୟ ଜଣେ ମୃତକକୁ କିଭଳି ସାହାଯ୍ୟ କରି ପାରିବ ? ଐଶ୍ୱର୍ଯ୍ୟମୟ ଅଲ୍ଲାଃ ଏଥି ସକାଶେ ଅତି ସୁନ୍ଦର ଉଦାହରଣ ଦେଇଛନ୍ତି:

لَهٗ دَعۡوَةُ الۡحَقِّ ؕ وَالَّذِيۡنَ يَدۡعُوۡنَ مِنۡ دُوۡنِهٖ لَا يَسۡتَجِيۡبُوۡنَ
لَهُمۡ بِشَىۡءٍ اِلَّا كَبَاسِطِ كَفَّيۡهِ اِلَى الۡمَآءِ لِيَبۡلُغَ فَاهُ وَمَا هُوَ
بِبَالِغِهٖ ؕ وَمَا دُعَآءُ الۡكٰفِرِيۡنَ اِلَّا فِىۡ ضَلٰلٍ ○ (ଅର୍ ରାଦ୍ 13:15)

ଅର୍ଥାତ 'ପ୍ରାର୍ଥନାର ଯୋଗ୍ୟ ସେ ହିଁ ସତ୍ୟ ଈଶ୍ୱର, ଯାହାଙ୍କର ପ୍ରତ୍ୟେକ ବିଷୟ ଉପରେ କର୍ତ୍ତୃତ୍ୱ ରହିଛି । ଯେଉଁ ଲୋକମାନେ ତାଙ୍କୁ ଛାଡ଼ି ଅନ୍ୟମାନଙ୍କୁ ଡାକନ୍ତି, ସେମାନେ ତାଙ୍କ ଡାକର କିଛି ହେଲେ ଉତ୍ତର ଦେଇ ପାରିବେ ନାହିଁ । ସେମାନଙ୍କ ଉଦାହରଣ ସେହି ବ୍ୟକ୍ତି ସଦୃଶ ଯେ କି ଜଳ ଆଡ଼କୁ ହାତ ବଢାଇ ଦେଇ କୁହେ 'ହେ ଜଳ ! ମୋ ମୁହଁ ଭିତରକୁ ଆସିଯାଆ' । ତେବେ କ'ଣ ଜଳ ତା'ର ମୁହଁକୁ ଆସିଯିବ କି ? କଦାପି ନୁହେଁ । ସୁତରାଂ ଯେଉଁ ଲୋକମାନେ ସତ୍ୟ ଈଶ୍ୱରଙ୍କ ସମ୍ବନ୍ଧରେ ଅବଗତ ନୁହନ୍ତି, ସେମାନଙ୍କ ସମସ୍ତ ପ୍ରାର୍ଥନା ନିରର୍ଥକ ।

ଦ୍ୱିତୀୟ ମାଧ୍ୟମ ହେଉଛି ସର୍ବଶକ୍ତିମାନ ଈଶ୍ୱରଙ୍କ ସେହି ସୌନ୍ଦର୍ଯ୍ୟ ଓ ଶୋଭା ସମ୍ବନ୍ଧରେ ଅବଗତ ହେବା, ଯାହା ତାଙ୍କ ଠାରେ ଅଖଣ୍ଡ ଓ ଅତୁଳନୀୟ ରୂପେ ବିଦ୍ୟମାନ । କାରଣ ସୌନ୍ଦର୍ଯ୍ୟ ଏପରି ଏକ ବସ୍ତୁ ଯେ ତାହା ଆଡ଼କୁ ମନ ଆପେ ଆପେ ଆକୃଷ୍ଟ ହୋଇ ଚାଲିଯାଏ ଏବଂ ତାକୁ ଦେଖିଲେ ସ୍ୱତଃ ପ୍ରେମ ଭାବ ଜାଗ୍ରତ ହୁଏ । ସୁତରାଂ ସର୍ବଶକ୍ତିମାନ ଈଶ୍ୱରଙ୍କ ସୌନ୍ଦର୍ଯ୍ୟ ହେଉଛି ତାଙ୍କର ଏକତ୍ୱ, ତାଙ୍କର ମହିମା, ତାଙ୍କର ଐଶ୍ୱର୍ଯ୍ୟ ଓ ତାଙ୍କର ବିଶେଷ ଗୁଣାବଳୀ । ପବିତ୍ର କୁରଆନ ବର୍ଣ୍ଣନା କରୁଅଛି: قُلۡ هُوَ اللّٰهُ اَحَدٌ ○ اَللّٰهُ الصَّمَدُ ○ لَمۡ يَلِدۡ ۙ وَلَمۡ
يُوۡلَدۡ ○ وَلَمۡ يَكُنۡ لَّهٗ كُفُوًا اَحَدٌ ○ (ଅଲ୍ ଇଖଲାସ୍ 112:2-5)

ଅର୍ଥାତ 'ଈଶ୍ୱର ତାଙ୍କ ଅସ୍ତିତ୍ୱ ଗୁଣାବଳୀ ଓ ଗରିମାରେ ଅଦ୍ୱିତୀୟ । କେହି

ତାଙ୍କର ସମକକ୍ଷ ନାହାନ୍ତି । ସମସ୍ତେ ତାଙ୍କ ଉପରେ ନିର୍ଭରଶୀଳ । କ୍ଷୁଦ୍ରାତିକ୍ଷୁଦ୍ର ଅଣୁ ତାଙ୍କଠାରୁ ଜୀବନ ଶକ୍ତି ପାଏ । ସକଳ ପଦାର୍ଥ ନିମନ୍ତେ ସେ ଅନୁଗ୍ରହର ନିର୍ଝର, କିନ୍ତୁ ନିଜେ କାହା ଦ୍ୱାରା ଅନୁଗୃହିତ ନୁହନ୍ତି । ସେ କାହାର ପୁତ୍ର ନୁହନ୍ତି କି କାହାରି ପିତା ନୁହନ୍ତି ଏବଂ କିପରି ବା ହୁଅନ୍ତେ ? କାରଣ ତାଙ୍କ ସମକକ୍ଷ ଓ ତାଙ୍କ ପରି କେହି ନୁହନ୍ତି । ପବିତ୍ର କୁରଆନ ବାରମ୍ବାର ତାଙ୍କର ଅତୁଳନୀୟତା ଉପସ୍ଥାପନ କରି ତଥା ତାଙ୍କର ମହିମା ପ୍ରତି ଦୃଷ୍ଟି ଆକର୍ଷଣ କରାଇ କହିଛି ଯେ ଦେଖ, ଏହିପରି ଈଶ୍ୱର ହିଁ ହୃଦୟର ଗ୍ରହଣୀୟ ହୋଇ ପାରନ୍ତି । କୌଣସି ମୃତ, ଦୁର୍ବଳ, ସ୍ୱଳ୍ପ-ଦୟାବନ୍ତ ଓ ସୀମିତ କର୍ତ୍ତୃତ୍ୱ ସମ୍ପନ୍ନ ସତ୍ତା ନୁହଁ ।

ତୃତୀୟ ମାଧ୍ୟମ ଯାହାକି ପ୍ରକୃତ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବା ନିମନ୍ତେ ଦ୍ୱିତୀୟ ଶ୍ରେଣୀର ସୋପାନ, ତାହା ହେଉଛି ଈଶ୍ୱରଙ୍କ ଦାନଶୀଳତା ପ୍ରତି ସଚେତନ ହେବା । କାରଣ ପ୍ରେମ ଉଦ୍ରେକ କରାଇବାର ଦୁଇଟି ମାତ୍ର ବସ୍ତୁ ରହିଛି, ସୌନ୍ଦର୍ଯ୍ୟ ଅଥବା ବଦାନ୍ୟତା । ଈଶ୍ୱରଙ୍କ ଅନୁଗ୍ରହ ଗୁଣର ସାରମର୍ମ ସୁରାଃ ଫାତିହାରେ ଦେଖିବାକୁ ମିଳେ । ଲେଖାଅଛି;

اَلْحَمْدُ لِلّٰهِ رَبِّ الْعٰلَمِيْنَ ۙ الرَّحْمٰنِ الرَّحِيْمِ ۙ مٰلِكِ
يَوْمِ الدِّيْنِ ○

(ଅଲ୍ ଫାତିହା 1:2-4)

କାରଣ ଏହା ସୁସ୍ପଷ୍ଟ ଯେ ପୂର୍ଣ୍ଣ ଅନୁଗ୍ରହ ହେଉଛି ଏହିକି ଯେ ସର୍ବଶକ୍ତିମାନ ଈଶ୍ୱର ନିଜ ଦାସମାନଙ୍କୁ ଶୂନ୍ୟରୁ ସୃଷ୍ଟି କଲେ ଓ ନିରନ୍ତର ତାଙ୍କର ତତ୍ତ୍ୱାବଧାନ ସେମାନଙ୍କ ପାଇଁ ରହିଛି ଏବଂ ପ୍ରତ୍ୟେକ ବସ୍ତୁର ସେ ହିଁ ଆଶ୍ରୟ । ପୁଣି ତାଙ୍କର ସମସ୍ତ ପ୍ରକାରର ଅନୁଗ୍ରହମାନ ତାଙ୍କର ଦାସମାନଙ୍କ ସକାଶେ ପ୍ରକଟିତ ହେଲା । ଅସୀମ ତାଙ୍କର ଅନୁଗ୍ରହ ଯାହାକୁ ଗଣନା କରିବା ସମ୍ଭବ ନୁହେଁ । ଈଶ୍ୱର ତାଙ୍କର ଅନୁଗ୍ରହମାନକୁ ବାରମ୍ବାର ଚେତାଇ ଦେଇଛନ୍ତି । ସୁତରାଂ ଅନ୍ୟ ଏକ ସ୍ଥାନରେ କୁହାଯାଇଛି;

وَاِنْ تَعُدُّوْا نِعْمَتَ اللّٰهِ لَا تُحْصُوْهَا

(ଇବ୍ରହିମ୍ 14: 35)

ଅର୍ଥାତ 'ଯଦି ସର୍ବଶକ୍ତିମାନ ଈଶ୍ୱରଙ୍କ କୃପାକୁ ଗଣିବାକୁ ଚାହିଁବ, ତେବେ

କଦାପି ଗଣନା କରିପାରିବ ନାହିଁ ।’

ସର୍ବଶକ୍ତିମାନ ଈଶ୍ୱର ଜୀବନର ଲକ୍ଷ୍ୟ ପ୍ରାପ୍ତି ନିମନ୍ତେ ପ୍ରାର୍ଥନାକୁ ଚତୁର୍ଥ ମାଧ୍ୟମ ରୂପେ ବାଛିଛନ୍ତି । ଯେପରିକି ସେ କହିଛନ୍ତି:

(ଅଲ୍ ମୁମିନ୍ 40:61) اُدْعُوْنِیْٓ اَسْتَجِبْ لَكُمْ

ଅର୍ଥାତ ‘ତୁମେ ପ୍ରାର୍ଥନା କର ମୁଁ ଗ୍ରହଣ କରିବି ।’ ସେ ମନୁଷ୍ୟକୁ ବାରମ୍ବାର ପ୍ରାର୍ଥନା ଆଡ଼କୁ ଅନୁପ୍ରେରିତ କରାଇଛନ୍ତି, ଯଦ୍ୱାରା ମନୁଷ୍ୟ ନିଜ ଶକ୍ତି ଦ୍ୱାରା ନୁହେଁ, ବରଂ ଈଶ୍ୱରଙ୍କୁ ଈଶ୍ୱରଙ୍କ ହିଁ ଶକ୍ତି ଦ୍ୱାରା ପାଉ ।

ଜୀବନର ଅସଲ ଲକ୍ଷ୍ୟକୁ ପାଇବା ସକାଶେ ଉଦ୍‌ଯୋଗକୁ ଈଶ୍ୱର ପଞ୍ଚମ ମାଧ୍ୟମ ଭାବେ ନିର୍ଦ୍ଧାରଣ କରିଛନ୍ତି । ଅର୍ଥାତ ନିଜ ଧନକୁ ଈଶ୍ୱରଙ୍କର ମାର୍ଗରେ ବ୍ୟୟ କରିବା ଦ୍ୱାରା, ନିଜ ଶକ୍ତିକୁ ଈଶ୍ୱରଙ୍କ ମାର୍ଗରେ ବିନିଯୋଗ କରିବା ଦ୍ୱାରା, ନିଜ ଜୀବନକୁ ଈଶ୍ୱରଙ୍କ ମାର୍ଗରେ ଉତ୍ସର୍ଗ କରିବା ଦ୍ୱାରା ତଥା ନିଜ ବୁଦ୍ଧିକୁ ଈଶ୍ୱରଙ୍କ ପଥରେ ଲଗାଇବା ଦ୍ୱାରା ତାଙ୍କୁ ଅନ୍ୱେଷଣ କରାଯାଉ । ଏଥି ସମ୍ବନ୍ଧରେ ସେ କହିଛନ୍ତି:

(ଅତ୍ ତୌବା 9:41) جَاهِدُوْا بِاَمْوَالِكُمْ وَ اَنْفُسِكُمْ فِیْ سَبِیْلِ اللّٰهِ

(ଅଲ୍ ବକରା 2:4) وَ مِمَّا رَزَقْنٰهُمْ یُنْفِقُوْنَ ○

(ଅନ୍‌କବୁତ୍ 29:70) وَ الَّذِیْنَ جَاهَدُوْا فِیْنَا لَنَهْدِیَنَّهُمْ سُبُلَنَا

ଅର୍ଥାତ ‘ନିଜ ଧନ, ନିଜ ଜୀବନ ଓ ନିଜକୁ, ନିଜର ସମସ୍ତ ଶକ୍ତି ସହକାରେ ଈଶ୍ୱରଙ୍କ ମାର୍ଗରେ ବିନିଯୋଗ କର । ଆମ୍ଭେ ଯାହାକିଛି ବୁଦ୍ଧି, ଜ୍ଞାନ, ବୋଧଶକ୍ତି ଓ କଳା କୌଶଳ ଆଦି ତୁମକୁ ଦେଇଛୁ, ସେ ସବୁକୁ ଈଶ୍ୱରଙ୍କ ମାର୍ଗରେ ନିୟୋଜିତ କର । ଯେଉଁମାନେ ଆମ୍ଭ ମାର୍ଗରେ ସମସ୍ତ ପ୍ରକାରରେ ଚେଷ୍ଟା କରିଥାଆନ୍ତି, ଆମ୍ଭେ ସେମାନଙ୍କୁ ନିଜ ପଥ ଦେଖାଇ ଦେଇଥାଉଁ ।’

ପ୍ରକୃତ ଲକ୍ଷ୍ୟକୁ ପାଇବା ସକାଶେ ଧୈର୍ଯ୍ୟକୁ ଷଷ୍ଠ ମାଧ୍ୟମ ବୋଲି କୁହାଯାଇଛି । ଅର୍ଥାତ ଏହି ମାର୍ଗରେ ସେ ନିରାଶ ଓ କିଂକର୍ତ୍ତବ୍ୟ ବିମୂଢ଼ ନହେଉ, ଥକି ନ ପଡୁ ତଥା ପରୀକ୍ଷା ପ୍ରତି ଭୟଭୀତ ହୋଇନଯାଉ । ଯେପରିକି ସର୍ବଶକ୍ତିମାନ

ଅଲ୍ଲାଃ କହିଛନ୍ତି:

إِنَّ الَّذِينَ قَالُوا رَبُّنَا اللَّهُ ثُمَّ اسْتَقَامُوا تَتَنَزَّلُ عَلَيْهِمُ الْمَلَائِكَةُ أَلَّا تَخَافُوا وَلَا تَحْزَنُوا وَأَبْشِرُوا بِالْجَنَّةِ الَّتِي كُنْتُمْ تُوعَدُونَ ○ نَحْنُ أَوْلِيَاؤُكُمْ فِي الْحَيَاةِ الدُّنْيَا وَفِي الْآخِرَةِ

(ହା-ମିମ୍ ସଜଦାଃ 41:31,32)

ଅର୍ଥାତ 'ଯେଉଁମାନେ କହନ୍ତି ଯେ ଅଲ୍ଲାଃ ହେଉଛନ୍ତି ଆମର ପାଳନକର୍ତ୍ତା ଏବଂ ମିଥ୍ୟା-ଈଶ୍ୱରମାନଙ୍କଠାରୁ ସମ୍ପର୍କ ଛିନ୍ନ କରନ୍ତି ଓ ଅବିଚଳିତ ରୁହନ୍ତି ଅର୍ଥାତ ଯାବତୀୟ ପ୍ରକାର ପରୀକ୍ଷା ସମୟରେ ତଥା ବିପଦ ଆପଦ ବେଳେ ସ୍ଥିରଚିତ୍ତ ରୁହନ୍ତି, ସେମାନଙ୍କ ପ୍ରତି ଦେବଦୂତମାନେ ସ୍ୱର୍ଗରୁ ଅବତରଣ କରନ୍ତି ଓ ସେମାନଙ୍କୁ କହନ୍ତି 'ଭୟ କର ନାହିଁ କି ଦୁଃଖିତ ହୁଅ ନାହିଁ । ଆନନ୍ଦିତ ହୁଅ ଖୁସୀରେ ଭରିଯାଅ । କାରଣ ତୁମେ ସେହି ପ୍ରସନ୍ନତାର ଅଧିକାରୀ ହୋଇଛ, ଯାହାର ପ୍ରତିଶ୍ରୁତି ତୁମକୁ ଦିଆଯାଇଛି । ଏହି ସାଂସାରିକ ଜୀବନରେ ଓ ପରକାଳରେ ଆମ୍ଭେ ତୁମର ସାଥୀ ।'

ଏଠାରେ ଏହି ବକ୍ତବ୍ୟରେ ସଙ୍କେତ ଦିଆଯାଇଛି ଯେ ଧୈର୍ଯ୍ୟ ଦ୍ୱାରା ଈଶ୍ୱରଙ୍କ ସନ୍ତୋଷ ପ୍ରାପ୍ତ ହୁଏ । ଏହା ମଧ୍ୟ ସତ୍ୟ ଯେ ଧୈର୍ଯ୍ୟ ଅସାଧ ସାଧନ କରିପାରେ । ଆଦର୍ଶ ଧୈର୍ଯ୍ୟ ହେଉଛି, ଚାରିଆଡୁ ବିପଦ ଘେରି ରହି ଥିବାର ଦୃଶ୍ୟମାନ ହେଉଥିବା ବେଳେ, ଈଶ୍ୱରଙ୍କ ମାର୍ଗରେ ଜୀବନ, ସମ୍ମାନ ଓ ମର୍ଯ୍ୟାଦା ଆଦି ସଙ୍କଟରେ ଥିବାର ଜଣାପଡୁଥିବା ବେଳେ ଏବଂ ସ୍ୱାନ୍ତ୍ୱନା ଦେଲା ଭଳି ସ୍ଥିତି କେଉଁଠାରେ ହେଲେ ନଥିବା ବେଳେ ଏପରିକି ଈଶ୍ୱର ମଧ୍ୟ ପରୀକ୍ଷା ସ୍ୱରୂପ ଆଶ୍ୱାସନା ପ୍ରଦାୟକ 'କସ୍‌ଫ୍' (ଅର୍ଦ୍ଧ ଜାଗ୍ରତ ଅବସ୍ଥାରେ ଈଶ୍ୱର ପ୍ରେରିତ ଦୃଶ୍ୟ ଅବଲୋକନ) ଅଥବା ଦିବ୍ୟ-ସ୍ୱପ୍ନ ଅଥବା 'ଏଲ୍‌ହାମ୍' (ଐଶୀବାଣୀ)କୁ ବନ୍ଦ କରିଦିଅନ୍ତି ଏବଂ ଭୟାନକ ବିପଦ ମଧ୍ୟରେ ଛାଡ଼ି ଦିଅନ୍ତି, (ସେତେବେଳେ) କାପୁରୁଷତା ଦେଖାଅ ନାହିଁ । ଭୀରୁ ପରି ପଛଘୁଞ୍ଚା ଦିଅ ନାହିଁ । ନିଜର ବିଶ୍ୱସ୍ତ ହେବା ଗୁଣରେ କୌଣସି ଆଞ୍ଚ୍ ଆଣିବାକୁ ଦିଅ ନାହିଁ । ନିଷ୍ଠା ଓ ଧୈର୍ଯ୍ୟରେ କୌଣସି ପ୍ରକାରର ଅବହେଳା କର ନାହିଁ । ଅପମାନରେ ଖୁସି ରୁହ, ମୃତ୍ୟୁ ପ୍ରତି ରାଜି ରୁହ, ଦୃଢ ରହିବା ଲାଗି

କୌଣସି ବନ୍ଧୁକୁ ଅପେକ୍ଷା କର ନାହିଁ ଯେ, ସେ ତୁମକୁ ସାହାରା ଦେବ । ଏପରି ଘଡ଼ିସନ୍ଧି ମୂହୁର୍ତ୍ତରେ ଈଶ୍ୱରଙ୍କ ଶୁଭସୂଚନାର ଅଭିଳାଷୀ ହୁଅ ନାହିଁ । ସମ୍ପୂର୍ଣ୍ଣ ଅସହାୟ ଓ ଦୂର୍ବଳ ହୋଇଥିବା ସତ୍ତ୍ୱେ ଏବଂ କୌଣସି ପ୍ରକାରର ସାନ୍ତ୍ୱନା ନ ମିଳିବା ସତ୍ତ୍ୱେ ସିଧା ଦଣ୍ଡାୟମାନ ରୁହ ଏବଂ ଯାହାହେବ ଦେଖାଯିବ କହି ବଳିଦାନ ପାଇଁ ବେକ ଆଗକୁ ବଢାଇ ଦିଅ, ଈଶ୍ୱରଙ୍କ ବିଧାନ ସମକ୍ଷରେ ନତମସ୍ତକ ରୁହ ଏବଂ କଦାଚିତ ଅଧୀର ଓ ବ୍ୟାକୁଳ ହୁଅ ନାହିଁ, ଯେପର୍ଯ୍ୟନ୍ତ ପରୀକ୍ଷାର ସମସ୍ତ ସର୍ତ୍ତ ପୂରଣ ହୋଇ ନାହିଁ । ଏହା ହିଁ ସେହି ଧୈର୍ଯ୍ୟଶୀଳତା ଯାହା ଅବଲମ୍ବନ କଲେ ପ୍ରଭୁ ମିଳନ୍ତି । ଏହା ହିଁ ସେହି ବସ୍ତୁ ଯାହାର ସୁଗନ୍ଧ ଈଶ୍ୱର ଦୂତ, ଅବତାର, ସତ୍ୟବାନ୍ ପୁରୁଷ ତଥା ଶହୀଦମାନଙ୍କ ମାଟିରୁ ଅଦ୍ୟାବଧି ଆସୁଅଛି । ଏହି ବିଷୟ ପ୍ରତି ଐଶ୍ୱର୍ଯ୍ୟବାନ ଅଲ୍ଲାଃ ନିମ୍ନୋକ୍ତ ପ୍ରାର୍ଥନାରେ ଇଙ୍ଗିତ କରିଛନ୍ତି:

اِهۡدِنَا الصِّرَاطَ الۡمُسۡتَقِيۡمَ ۙ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ

(ଅଲ୍ ଫାତିହା 1:6,7)

ଅର୍ଥାତ 'ହେ ଆମର ପ୍ରଭୁ ! ଆମକୁ ଧୈର୍ଯ୍ୟର ପଥ ଦେଖାଅ । ସେହି ପଥ ଯାହା ତୁମର ପୁରସ୍କାର ଏବଂ ଅନୁଗ୍ରହକୁ ଆକର୍ଷଣ କରେ ଏବଂ ତୁମେ ପ୍ରସନ୍ନ ହୁଅ ।' ପୁନଶ୍ଚ ଏହି ବିଷୟ ପ୍ରତି ଅନ୍ୟ ଏକ ଆୟତରେ ସଂକେତ ଦିଆଯାଇଛି;

(ଅଲ୍ ଆରାଫ୍ 7:127) رَبَّنَاۤ اَفۡرِغۡ عَلَيۡنَا صَبۡرًا وَّتَوَفَّنَا مُسۡلِمِيۡنَ

ଅର୍ଥାତ 'ହେ ପ୍ରଭୁ ! ଏହି ବିପଦ ବେଳେ ଆମ ହୃଦୟକୁ ଏଭଳି ପ୍ରଶାନ୍ତି ପ୍ରଦାନ କର, ଯଦ୍ଦ୍ୱାରା ଧୈର୍ଯ୍ୟ ପ୍ରାପ୍ତ ହେଉ ଓ ଇସଲାମ୍‌ରେ ଥିବା ଅବସ୍ଥାରେ ହିଁ ଆମର ମୃତ୍ୟୁ ଘଟୁ ।' ଜାଣି ରଖିବା ଉଚିତ ଯେ ଦୁଃଖ ଓ ବିପଦ ସମୟରେ ଈଶ୍ୱର ନିଜର ପ୍ରିୟ ଭକ୍ତମାନଙ୍କ ହୃଦୟରେ ଏକ ଜ୍ୟୋତି ଅବତରଣ କରାନ୍ତି, ଯେଉଁଥିରୁ ଶକ୍ତି ପ୍ରାପ୍ତକରି ସେମାନେ ଅତ୍ୟନ୍ତ ପ୍ରଶାନ୍ତ ଚିତ୍ତରେ ବିପଦର ମୁକାବିଲା କରନ୍ତି ଏବଂ ବିଶ୍ୱାସର ମଧୁ-ସ୍ୱାଦରେ ସେହି ବେଡ଼ିକୁ ଚୁମ୍ବନ୍ତି, ଯାହାକି ଅଲ୍ଲାଃଙ୍କ ମାର୍ଗରେ ସେମାନଙ୍କ ପାଦରେ ପଡ଼ିଥାଏ । ଯେତେବେଳେ ଜଣେ ଈଶ୍ୱର ଭକ୍ତ ଉପରେ ବିପତ୍ତିମାନ ଘୋଟି ଆସେ ଓ ଆସନ୍ନ ମୃତ୍ୟୁର ଲକ୍ଷଣମାନ ପ୍ରକାଶ ପାଏ,

ସେତେବେଳେ ସେ ନିଜ ପାଳନକର୍ତ୍ତାଙ୍କ ଠାରେ ଅଯଥା ଜିଦ୍ କରେ ନାହିଁ ଯେ ସେ ତାକୁ ସେହି ବିପତ୍ତିରୁ ଉଦ୍ଧାର କରନ୍ତୁ । କାରଣ ଏପରି ସମୟରେ ସୁରକ୍ଷା ପାଇଁ ପ୍ରାର୍ଥନା କରି ଅଡ଼ି ବସିବା ଈଶ୍ୱରଙ୍କ ସହିତ ଲଢିବା ସଙ୍ଗେ ସମାନ ତଥା ପୂର୍ଣ୍ଣ ସମନ୍ୱୟ ଭାବର ପରିପନ୍ଥୀ । ବରଂ ପ୍ରକୃତ ଈଶ୍ୱର-ପ୍ରେମୀ ବିପଦ ସମୟରେ ଆହୁରି ଆଗକୁ ପାଦ ବଢାଏ ଏବଂ ଏପରି ସମୟରେ ସେ ଜୀବନକୁ ତୁଚ୍ଛ ମଣି ଓ ଜୀବନର ମୋହ ତୁଟାଇ ଦେଇ ନିଜ ପ୍ରଭୁଙ୍କ ଇଚ୍ଛାକୁ ହିଁ ସମ୍ପୂର୍ଣ୍ଣ ଆପଣାର କରିନିଏ ଓ ତାଙ୍କରି ପ୍ରସନ୍ନତା କାମନା କରେ । ସର୍ବଶକ୍ତିମାନ ଅଲ୍ଲାଃ ଏହାର ସମର୍ଥନରେ କୁହନ୍ତି: وَمِنَ النَّاسِ مَنْ يَّشْرِىْ نَفْسَهُ ابْتِغَآءَ مَرْضَاتِ اللّٰهِ ۗ وَاللّٰهُ رَءُوْفٌۢ بِالْعِبَادِ ○ (ଅଲ୍ ବକରା 2:208)

ଅର୍ଥାତ 'ଈଶ୍ୱରଙ୍କ ପ୍ରିୟ ଭକ୍ତ ଈଶ୍ୱରଙ୍କ ମାର୍ଗରେ ନିଜର ଜୀବନକୁ ସମର୍ପି ଦିଏ ଏବଂ ପ୍ରତିବଦଳରେ ସେ ଈଶ୍ୱରଙ୍କ ପ୍ରସନ୍ନତା କିଣି ନିଏ । ଏହିମାନେ ହିଁ ଈଶ୍ୱରଙ୍କ ବିଶେଷ ଅନୁଗ୍ରହର ଅଧିକାରୀ ।' ଅତଏବ ଯେଉଁ ଧୈର୍ଯ୍ୟ ଦ୍ୱାରା ଈଶ୍ୱର ପ୍ରାପ୍ତି ହୁଏ, ତାହାର ସାରତତ୍ତ୍ୱ ଏହା ହିଁ ଅଟେ । ଯେଉଁ ବ୍ୟକ୍ତି ବୁଝିବାକୁ ଆଗ୍ରହୀ, ସେ ବୁଝିନେଉ ।

ପ୍ରକୃତ ଲକ୍ଷ୍ୟକୁ ପାଇବାର ସପ୍ତମ ମାଧ୍ୟମ ହେଉଛି ସତ୍‌ସଙ୍ଗ ଗ୍ରହଣ ଓ ସତ୍‌ପୁରୁଷମାନଙ୍କ ଆଦର୍ଶ ଦୃଷ୍ଟାନ୍ତ ଗୁଡ଼ିକର ଅଧ୍ୟୟନ । ସୁତରାଂ ଜାଣିବା ଉଚିତ ଯେ ଅବତାରମାନଙ୍କ ଆଗମନର ଆବଶ୍ୟକତା ମଧ୍ୟରୁ ଗୋଟିଏ ହେଉଛି ଯେ ସ୍ୱଭାବତଃ ମନୁଷ୍ୟ ଏକ ପୂର୍ଣ୍ଣାଙ୍ଗ ଆଦର୍ଶ ଉପରେ ନିର୍ଭରଶୀଳ । ପୂର୍ଣ୍ଣାଙ୍ଗ ଆଦର୍ଶ ତା'ର ଆଗ୍ରହ ବୃଦ୍ଧି କରେ ଓ ତା'ର ମନୋବଳକୁ ବଢାଏ । ଯେଉଁ ବ୍ୟକ୍ତି ଆଦର୍ଶକୁ ଅନୁକରଣ କରେ ନାହିଁ, ସେ ଅକର୍ମା ହୋଇ ବସେ ଓ ବାଟ ହୁଡ଼େ । ସର୍ବଶକ୍ତିମାନ ଅଲ୍ଲାଃ ନିମ୍ନୋକ୍ତ ଆୟତରେ ଏହାରି ପ୍ରତି ସୂଚନା ଦେଇଛନ୍ତି;

كُوْنُوْا مَعَ الصّٰدِقِيْنَ (ଅତ୍ ତୌବା 9:119)

صِرَاطَ الَّذِيْنَ اَنْعَمْتَ عَلَيْهِمْ (ଅଲ୍ ଫାତିହା 1:7)

ଅର୍ଥାତ 'ତୁମେ ସେମାନଙ୍କ ସଙ୍ଗ ଗ୍ରହଣ କର ଯେଉଁମାନେ ସତ୍‌ପୁରୁଷ ।

ସେହି ଲୋକମାନଙ୍କ ପଥ ଅନୁସରଣ କର ଯେଉଁମାନେ ତୁମ ପୂର୍ବରୁ ପୁରସ୍କୃତ ହୋଇ ସାରିଛନ୍ତି ।'

ଅଷ୍ଟମ ମାଧ୍ୟମ ହେଉଛି, ସର୍ବଶକ୍ତିମାନ ଅଲ୍ଲାଃଙ୍କ ତରଫରୁ ପବିତ୍ର 'କଶ୍‌ଫ୍' (ଅର୍ଦ୍ଧ-ଜାଗ୍ରତ ଅବସ୍ଥାରେ ଈଶ୍ୱର-ପ୍ରେରିତ ଦୃଶ୍ୟ ଅବଲୋକନ), ପବିତ୍ର 'ଏଲ୍‌ହାମ୍' (ଐଶୀବାଣୀ) ଏବଂ ପବିତ୍ର ଦିବ୍ୟସ୍ୱପ୍ନ ଦର୍ଶନ । ଯେହେତୁ ଈଶ୍ୱରଙ୍କ ଆଡ଼କୁ ଗତି କରିବା ଏକ ଅତୀବ ସୂକ୍ଷ୍ମାତିସୂକ୍ଷ୍ମ ପଥ ଏବଂ ଏଥିସହିତ ନାନା ପ୍ରକାରର ଆପଦାବଳୀ ଓ ଦୁଃଖମାନ ଲାଗି ରହିଥାଏ ଏବଂ ଏହା ସମ୍ଭବ ଯେ ମନୁଷ୍ୟ ଏହି ଅଦେଖା ପଥରେ ବାଟବଣା ହୋଇ ଯାଇପାରେ ଏବଂ ତାକୁ ନୈରାଶ୍ୟ ଘୋଟେ ଓ ସେ ପାଦ ଆଗକୁ ବଢାଇବା ଛାଡ଼ି ଦେଇ ବସେ । ତେଣୁ ଈଶ୍ୱରଙ୍କ ଅନୁଗ୍ରହ ଏହା ଚାହିଁଲା ଯେ ନିଜ ଆଡୁ ସେ ଏହି ଯାତ୍ରାପଥରେ ମନୁଷ୍ୟର ସାଥୀ ହୋଇ ତାକୁ ନିରନ୍ତର ଆଶ୍ୱାସନା ଦେବେ । ତା ମନ ଜିଣିବେ, ତା' ମନୋବଳକୁ ବାନ୍ଧି ରଖିବେ ଏବଂ ତା'ର ଉତ୍ସାହକୁ ତ୍ୱରାନ୍ୱିତ କରିବେ । ଏଥିଯୋଗୁଁ ଏହି ପଥର ଯାତ୍ରୀମାନଙ୍କ ସକାଶେ ଈଶ୍ୱରଙ୍କ ଏହି ପ୍ରକାରେ ନିୟମ ଲାଗୁ ରହିଛି ଯେ ସେ ମଝିରେ ମଝିରେ ନିଜ ବଚନ ଓ ବାଣୀ ଦ୍ୱାରା ନିଜ ଭକ୍ତମାନଙ୍କୁ ଆଶ୍ୱାସନା ଦିଅନ୍ତି ଏବଂ ସେମାନଙ୍କୁ ଏହା ଜ୍ଞାତ କରାଇ ଦିଅନ୍ତି ଯେ ମୁଁ ତୁମମାନଙ୍କ ସହିତ ରହିଛି । ସେତେବେଳେ ସେମାନେ ନୂଆ ଜୀବନଶକ୍ତି ପାଇ ଅଧିକ ବେଗରେ ଏହି ଯାତ୍ରାପଥକୁ ଅତିକ୍ରମ କରନ୍ତି । ସୁତରାଂ ଏ ସମ୍ବନ୍ଧରେ ଈଶ୍ୱର କହିଛନ୍ତି:

لَهُمُ الْبُشْرٰى فِى الْحَيٰوةِ الدُّنْيَا وَفِى الْاٰخِرَةِ (ଅଲ୍ ୟୁନୁସ୍ 10:65)

ଜୀବନର ଲକ୍ଷ୍ୟକୁ ପାଇବା ପାଇଁ ପବିତ୍ର କୁରଆନ ଆହୁରି ଅଧିକ ମାଧ୍ୟମମାନ ବର୍ଣ୍ଣନା କରିଛି । କିନ୍ତୁ ଦୁଃଖ ଯେ ଏହି ପ୍ରବନ୍ଧ ଅଧିକ ଲମ୍ବା ହୋଇଯିବାର ଆଶଙ୍କା କରି ଆମେ ସେ ସବୁର ବର୍ଣ୍ଣନାରୁ ନିବୃତ୍ତ ରହୁଛୁ ।

## ଚତୁର୍ଥ ପ୍ରଶ୍ନ

ଧର୍ମବିଧାନର ବ୍ୟାବହାରିକ ନିର୍ଦ୍ଦେଶମାନର ଇହକାଳ ଓ ପରକାଳ ଜୀବନରେ ଭୂମିକା କ'ଣ ?

ଆମେ ପୂର୍ବରୁ ଯାହା ବର୍ଣ୍ଣନା କରି ଆସିଛୁ, ତାହା ହିଁ ଏ ପ୍ରଶ୍ନର ଉତ୍ତର । ଅର୍ଥାତ ସତ୍ୟ ଏବଂ ପୂର୍ଣ୍ଣାଙ୍ଗ ଐଶ୍ୱରିକ ବିଧାନ ଇହକାଳରେ ମନୁଷ୍ୟ ହୃଦୟ ଉପରେ ଏପରି କ୍ରିୟାଶୀଳ ହୁଏ ଯେ ତାହା ମନୁଷ୍ୟକୁ ପଶୁ ଅବସ୍ଥାରୁ ମନୁଷ୍ୟ କରେ । ପୁଣି ମନୁଷ୍ୟରୁ ତାକୁ ଚରିତ୍ରବାନ ମନୁଷ୍ୟ କରେ । ପୁନରପି ଚରିତ୍ରବାନ ମନୁଷ୍ୟରୁ ତାକୁ ଈଶ୍ୱର ଭକ୍ତ ମନୁଷ୍ୟରେ ପରିଣତ କରିଦିଏ । ଅଧିକନ୍ତୁ ଏହି ଜୀବନରେ ଐଶ୍ୱରିକ ବିଧାନ ଲାଗୁ କରିବା ଦ୍ୱାରା ଗୋଟିଏ କାମ ଏହା ହୁଏ ଯେ ସତ୍ୟବିଧାନ ଉପରେ ପ୍ରତିଷ୍ଠିତ ହୋଇ ଏପରି ବ୍ୟକ୍ତିର ମନୁଷ୍ୟ ସମାଜ ଉପରେ ଏହି ପ୍ରଭାବ ପଡ଼େ ଯେ ସେ କ୍ରମଶଃ ସେମାନଙ୍କର ଅଧିକାରଗୁଡ଼ିକୁ ଚିହ୍ନିପାରେ ଏବଂ ନ୍ୟାୟ-ପରାୟଣତା, ପରୋପକାରିତା ଓ ସହାନୁଭୂତି ଆଦି ଶକ୍ତିଗୁଡ଼ିକୁ ସେମାନଙ୍କ ସ୍ଥାନ, କାଳ ପାତ୍ର ଅନୁଯାୟୀ ବ୍ୟବହାର କରେ । ବିଦ୍ୟା, ଜ୍ଞାନ, ଧନ ତଥା ବିଳାସ ମଧ୍ୟରୁ ଯାହାକିଛି ଭାଗ ଈଶ୍ୱର ତାକୁ ଦେଇ ଥାଆନ୍ତି, ସବୁ ଲୋକମାନଙ୍କୁ ଯୋଗ୍ୟତା ଅନୁଯାୟୀ ସେ ସେହି ବରଦାନ ଗୁଡ଼ିକରେ ସାମିଲ କରିଥାଏ । ସେ ସମସ୍ତ ମାନବଜାତି ପ୍ରତି ସୂର୍ଯ୍ୟ ସଦୃଶ ନିଜର ସମସ୍ତ ରଶ୍ମୀ ବିଞ୍ଚି ଦିଏ ଏବଂ ଚନ୍ଦ୍ର ସଦୃଶ ପରମାତ୍ମାଙ୍କ ଠାରୁ ଜ୍ୟୋତି ଆହରଣ କରି ସେହି ଜ୍ୟୋତିକୁ ଅନ୍ୟମାନଙ୍କୁ ପହଞ୍ଚାଏ । ଦିବସ ସଦୃଶ ଆଲୋକମୟ ହୋଇ ଲୋକମାନଙ୍କୁ ପୁଣ୍ୟ ଓ ହିତର ମାର୍ଗ ଦେଖାଏ । ରାତ୍ରି ସଦୃଶ ସେ ପ୍ରତ୍ୟେକ ଦୁର୍ବଳର ଦୁର୍ବଳତାକୁ ଘୋଡ଼ାଏ; କ୍ଳାନ୍ତ ପରିଶ୍ରାନ୍ତଙ୍କୁ ଆରାମ ଦିଏ । ସେ ଆକାଶ ସଦୃଶ ପ୍ରତ୍ୟେକ ଅଭାବଗ୍ରସ୍ତଙ୍କୁ ନିଜ ଛାୟା ତଳେ ସ୍ଥାନ ଦିଏ । ଠିକଣା ସମୟରେ ସେ ନିଜର ଅନୁଗ୍ରହ-ଜଳ ବୃଷ୍ଟି କରେ । ଧରା ସଦୃଶ ସେ ଅତ୍ୟନ୍ତ ବିନୟ ସହକାରେ ସମସ୍ତଙ୍କ ସୁଖ ପାଇଁ ଭୂମି ପାଲଟି ଯାଏ । ସବୁରିଙ୍କୁ ନିଜ ମଧୁମୟ ଆଲିଙ୍ଗନରେ ଅବୋରି ନିଏ ଓ ନାନାବିଧ ଆଧ୍ୟାତ୍ମିକ ଫଳମାନ ସେମାନଙ୍କ ନିମନ୍ତେ ଉପସ୍ଥାପନ କରେ । ସୁତରାଂ ଏହା ହିଁ ପୂର୍ଣ୍ଣାଙ୍ଗ ଐଶ୍ୱରିକ

ନିୟମର ଚିହ୍ନ ଯେ, ପୂର୍ଣ୍ଣାଙ୍ଗ ଐଶ୍ୱରିକ ନିୟମ ଉପରେ ପ୍ରତିଷ୍ଠିତ ବ୍ୟକ୍ତି ଈଶ୍ୱରଙ୍କ ପ୍ରତି ଓ ମାନବ ଜାତି ପ୍ରତି ଥିବା ତା'ର କର୍ତ୍ତବ୍ୟକୁ ତା'ର ଶୀର୍ଷତମ ବିନ୍ଦୁ ପର୍ଯ୍ୟନ୍ତ ପହଞ୍ଚାଇ ଦିଏ । ଈଶ୍ୱରଙ୍କ ଠାରେ ସେ ଲୀନ ହୋଇଯାଏ ଏବଂ ପ୍ରାଣୀମାନଙ୍କ ବାସ୍ତବ ସେବକ ବନିଯାଏ । ଏହା ତ ହେଲା ଐଶ୍ୱରିକ ନିୟମକୁ ଲାଗୁ କରିବା ଦ୍ୱାରା ଏହି ଜୀବନରେ ତା' ଉପରେ ପଡ଼ିଥିବା ପ୍ରଭାବ, କିନ୍ତୁ ଏହି ଜୀବନ ଉତ୍ତାରେ ଏହାର ଯେଉଁ ପ୍ରଭାବ ରହିଛି, ତାହା ହେଉଛି ଏହି ଯେ, ସେଦିନ ଈଶ୍ୱରଙ୍କ ସହିତ ଥିବା ତା'ର ଆଧ୍ୟାତ୍ମିକ ନିକଟତାକୁ ସେ ଖୋଲା ଖୋଲା ଦୃଶ୍ୟ ରୂପେ ଅବଲୋକନ କରିବ । ଏବଂ ଈଶ୍ୱରଙ୍କ ପ୍ରେମରେ ପଡ଼ି ସେ ଜୀବ ଜଗତର ଯେଉଁ ସେବା କରିଥିବ, ଯେଉଁଥି ସକାଶେ ବିଶ୍ୱାସ ଓ ସତ୍‌କର୍ମ କରିବାର ଇଚ୍ଛା ତାକୁ ପ୍ରବର୍ତ୍ତାଇ ଥିବ, ସେହି ସେବାମାନ ସେଦିନ ସ୍ୱର୍ଗର ବୃକ୍ଷରାଜି ଓ ଝରଣାମାନର ରୂପ ଧାରଣ କରିଥିବାର ଦୃଶ୍ୟମାନ ହେବ । ଏ ସମ୍ବନ୍ଧରେ ଈଶ୍ୱରଙ୍କ ବାଣୀ ଏହିପରି ରହିଛି;

وَالشَّمْسِ وَضُحٰهَا ۝ وَالْقَمَرِ اِذَا تَلٰهَا ۝ وَالنَّهَارِ اِذَا
جَلّٰهَا ۝ وَالَّيْلِ اِذَا يَغْشٰهَا ۝ وَالسَّمَآءِ وَمَا بَنٰهَا ۝
وَالْاَرْضِ وَمَا طَحٰهَا ۝ وَنَفْسٍ وَّمَا سَوّٰهَا ۝ فَاَلْهَمَهَا
فُجُوْرَهَا وَتَقْوٰهَا ۝ قَدْ اَفْلَحَ مَنْ زَكّٰهَا ۝ وَقَدْ خَابَ
مَنْ دَسّٰهَا ۝ كَذَّبَتْ ثَمُوْدُ بِطَغْوٰهَآ ۝ اِذِ انْۢبَعَثَ
اَشْقٰهَا ۝ فَقَالَ لَهُمْ رَسُوْلُ اللّٰهِ نَاقَةَ اللّٰهِ وَسُقْيٰهَا ۝
فَكَذَّبُوْهُ فَعَقَرُوْهَا فَدَمْدَمَ عَلَيْهِمْ رَبُّهُمْ بِذَنْۢبِهِمْ
فَسَوّٰهَا ۝ وَلَا يَخَافُ عُقْبٰهَا ۝ (ଅଶ୍ ଶମ୍ସ୍ 91:2-16)

ଅର୍ଥାତ 'ଆମ୍ଭେ ସୂର୍ଯ୍ୟକୁ ସାକ୍ଷୀ କରୁଅଛୁ ଏବଂ ତାର ଆଲୋକକୁ । ଏବଂ ଚନ୍ଦ୍ରକୁ ସାକ୍ଷୀ କରୁଅଛୁ ଯେତେବେଳେ ତାହା ସୂର୍ଯ୍ୟକୁ ଅନୁସରଣ କରେ ଓ ପୁନଃ ସୂର୍ଯ୍ୟ ସଦୃଶ ସେହି ଆଲୋକକୁ ଅନ୍ୟମାନଙ୍କୁ ପହଞ୍ଚାଏ । ଏବଂ ଦିବସକୁ ସାକ୍ଷୀ କରୁଅଛୁ ଯେତେବେଳେ ତାହା ସୂର୍ଯ୍ୟର ଆଲୋକକୁ ଉଦ୍‌ଭାସିତ କରେ ଓ ରାସ୍ତାଗୁଡ଼ିକୁ ସ୍ୱଷ୍ଟ କରିଦିଏ । ଏବଂ ରାତ୍ରିକୁ ସାକ୍ଷୀ କରୁଅଛୁ ଯେତେବେଳେ ତାହା

ଅନ୍ଧାର କରେ ଏବଂ ନିଜ ଅନ୍ଧକାରର ପରଦାରେ ସମସ୍ତଙ୍କୁ ନେଇନିଏ । ଏବଂ ଆମେ ଆକାଶକୁ ସାକ୍ଷୀ କରୁଅଛୁ ଏବଂ ତା' ସୃଷ୍ଟିର ମୂଳ ଉଦ୍ଦେଶ୍ୟକୁ ମଧ୍ୟ ସାକ୍ଷୀ କରୁଅଛୁ ଯାହା ଆକାଶର ଏ ପ୍ରକାରର ସୃଷ୍ଟିର କାରଣ ହେଲା ଓ ପୃଥିବୀକୁ ସାକ୍ଷୀ କରୁଅଛୁ ଏବଂ ତା' ସୃଷ୍ଟିର ମୂଳ ଉଦ୍ଦେଶ୍ୟକୁ ମଧ୍ୟ ସାକ୍ଷୀ କରୁଅଛୁ ଯାହା ପୃଥିବୀକୁ ଏ ପ୍ରକାରର ଶଯ୍ୟା ସଦୃଶ ହେବାର କାରଣ ହେଲା । ଆମେ ଆତ୍ମାକୁ ସାକ୍ଷୀ କରୁଅଛୁ ଓ ଆତ୍ମାର ସେହି ଉତ୍କର୍ଷତାକୁ ଯାହା ଉପରେ ବର୍ଣ୍ଣିତ ସମସ୍ତ ବସ୍ତୁମାନଙ୍କ ସହିତ ଏହାକୁ ସମକକ୍ଷ କରିଦେଲା । ଅର୍ଥାତ ଯେଉଁ ବିଶେଷତ୍ୱଗୁଡ଼ିକ ଏକକ ରୂପେ ସେହି ବସ୍ତୁମାନଙ୍କ ଠାରେ ଦେଖାଯାଏ ଏକ ଆଦର୍ଶ ପୁରୁଷର ଆତ୍ମା ସେ ସମସ୍ତ ଗୁଣଗୁଡ଼ିକୁ ନିଜ ଠାରେ ଏକାଠି କରିଥାଏ । ଯେପରି ଏହି ସମସ୍ତ ବସ୍ତୁ ପୃଥକ ପୃଥକ ଭାବେ ମାନବ ସମାଜର ସେବା କରୁଅଛନ୍ତି, ଏକ ଆଦର୍ଶ ପୁରୁଷ ଏ ସମସ୍ତ ସେବାକର୍ମକୁ ଏକାକୀ ସମ୍ପନ୍ନ କରିଥାଏ । ଏ ବିଷୟ ମୁଁ ଉପରେ ବର୍ଣ୍ଣନା କରି ସାରିଛି । ଏଠାରେ ଈଶ୍ୱର ଏହା ମଧ୍ୟ କହୁଛନ୍ତି ଯେ ଯେଉଁ ବ୍ୟକ୍ତି ଏତାଦୃଶ ଭାବେ ନିଜ ଆତ୍ମାକୁ ଶୁଦ୍ଧ କଲା ଅର୍ଥାତ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ ସଦୃଶ ଈଶ୍ୱରଙ୍କ ଠାରେ ଲୀନ ହୋଇଯାଇ ସୃଷ୍ଟିର ସେବା କଲା, ସେ ମୋକ୍ଷ ପ୍ରାପ୍ତ ହେଲା ତଥା ମୃତ୍ୟୁରୁ ଉଦ୍ଧାର ପାଇଗଲା ।

ମନେରଖିବା ଉଚିତ ଯେ ଏଠାରେ ଜୀବନର ଅର୍ଥ ଅନନ୍ତ ଜୀବନ, ଯାହା ଏକ ପୂର୍ଣ୍ଣ ଆଦର୍ଶ ପୁରୁଷକୁ ଭବିଷ୍ୟତରେ ପ୍ରାପ୍ତ ହେବ । ଏଥିରେ ଯେଉଁ ବିଷୟ ଆଡ଼କୁ ସଂକେତ ରହିଛି, ତାହା ହେଉଛି ଐଶ୍ୱରିକ ନିୟମକୁ ଏ ଜୀବନରେ ପ୍ରୟୋଗ କଲେ ଯେଉଁ ଫଳ ମିଳିବ ସେ ଫଳ ହେଉଛି ପରଲୋକରେ ଅନନ୍ତ ଜୀବନ ପ୍ରାପ୍ତି । ସେଠାରେ ଆତ୍ମା ଈଶ୍ୱରଙ୍କ ଦର୍ଶନ କରିବ ଏବଂ ଏହି ଦର୍ଶନ ରୂପକ ଆହାର ମାଧ୍ୟମରେ ସଦାସର୍ବଦା ତିଷ୍ଠି ରହିବ । ଈଶ୍ୱର ପୁନଶ୍ଚ କହିଛନ୍ତି, ସେ ବ୍ୟକ୍ତିର ବିନାଶ ଘଟିଲା ଏବଂ ନିଜ ଜୀବନରୁ ମଧ୍ୟ ସେ ନିରାଶ ହେଲା, ଯିଏ ନିଜ ଆତ୍ମାକୁ ମାଟିରେ ମିଶାଇଦେଲା ଏବଂ ଯେଉଁ ଗୁଣମାନର ଶ୍ରେଷ୍ଠତ୍ୱ ଆହରଣ କରିବାର ତାକୁ ସାମର୍ଥ୍ୟ ପ୍ରଦାନ କରା ଯାଇଥିଲା, ସେହି ଶ୍ରେଷ୍ଠତାକୁ ସେ ହାସଲ କଲା ନାହିଁ ଏବଂ କଦର୍ଯ୍ୟ ଜୀବନ ଯାପନ କରି ଏହି ସଂସାରରୁ ବିଦାୟ ନେଲା ।

ପୁନରାୟ ଦୃଷ୍ଟାନ୍ତ ଦେଇ କହିଲେ, ଯେ ସେ ହତଭାଗ୍ୟର ବୃତ୍ତାନ୍ତ ସମୁଦ୍ ଜାତିର ବୃତ୍ତାନ୍ତ ସହ ତୁଳନୀୟ । ସେମାନେ ସେହି ଓଟକୁ ଆହତ କଲେ ଯେ ଈଶ୍ୱରଙ୍କ ଓଟ ବୋଲାଉଥିଲା ଏବଂ ନିଜ ଝରଣାରୁ ତାକୁ ପାଣି ପିଇବାରେ ବାଧାଦେଲେ । ସୁତରାଂ ସେହି ବ୍ୟକ୍ତି ବାସ୍ତବରେ ଈଶ୍ୱରଙ୍କ ଓଟକୁ କ୍ଷତବିକ୍ଷତ କଲା ଓ ତା'କୁ ତା'ର ଝରଣାରୁ ପାଣି ପିଇବାରୁ ବଞ୍ଚିତ କଲା । ଏଥିରେ ପ୍ରକାରାନ୍ତରେ ଏହି ଇଙ୍ଗିତ ରହିଛି ଯେ ମନୁଷ୍ୟର ଆତ୍ମା ହେଉଛି ଈଶ୍ୱରଙ୍କ ଓଟ ଯାହା ଉପରେ ସେ ବିରାଜମାନ ଥାଏ ଅର୍ଥାତ ମନୁଷ୍ୟର ହୃଦୟ ହେଉଛି ଈଶ୍ୱରଙ୍କ ମହିମା ପ୍ରକାଶିତ ହେବାର ସ୍ଥାନ । ଏବଂ ସେ ଓଟର ପାନୀୟ ହେଉଛି ଈଶ୍ୱର ପ୍ରେମ ଓ ଈଶ୍ୱର ଚେତନା ଯାହା ଦ୍ୱାରା ସେ ଜୀବିତ ରହେ । ଈଶ୍ୱର ପୁଣି କହିଛନ୍ତି ଯେତେବେଳେ ସମୁଦ୍ ସେ ଓଟକୁ ଆହତ କଲା ଓ ତାକୁ ତା' ଜଳରୁ ବଞ୍ଚିତ କଲା, ସେତେବେଳେ ସେମାନଙ୍କ ପ୍ରତି ଈଶ୍ୱରଙ୍କ ଶାସ୍ତି ଅବତୀର୍ଣ୍ଣ ହେଲା । ଈଶ୍ୱର ତିଳେ ମାତ୍ର ଭ୍ରୁକ୍ଷେପ କଲେ ନାହିଁ ଯେ ସେମାନଙ୍କ ଅନ୍ତେ ସେମାନଙ୍କ ସନ୍ତାନମାନଙ୍କ ଓ ବିଧବାମାନଙ୍କ କି ଅବସ୍ଥା ହେବ । ସୁତରାଂ ସେହିପରି ଯେଉଁ ବ୍ୟକ୍ତି ସେ ଓଟ ଅର୍ଥାତ ଆତ୍ମାକୁ କ୍ଷତାକ୍ତ କରେ ଓ ତାକୁ ଶିଖର ପର୍ଯ୍ୟନ୍ତ ନେଇ ଯିବାକୁ ଚହେଁ ନାହିଁ ଏବଂ ତାକୁ ଜଳପାନ କରିବାରେ ବାଧାଦିଏ ସେ ମଧ୍ୟ ବିନାଶ ଲଭିବ ।

## ପବିତ୍ର କୁରଆନରେ ବିବିଧ ବସ୍ତୁଗୁଡ଼ିକ ନାମରେ ରହିଥିବା ଶପଥର ରହସ୍ୟ

ଏଠାରେ ଏହା ମଧ୍ୟ ମନେରହୁ ଯେ ଈଶ୍ୱରଙ୍କର ସୂର୍ଯ୍ୟ, ଚନ୍ଦ୍ର ଆଦିଙ୍କ ନାମରେ ଶପଥ ନେବା ଏକ ଅତି ସୂକ୍ଷ୍ମ ରହସ୍ୟ ଉପରେ ଆଧାରିତ । ଆମର ଅଧିକାଂଶ ବିରୋଧୀ ଏଥି ସମ୍ପର୍କରେ ଅଜ୍ଞାନ ଥିବା ଯୋଗୁଁ ଯୁକ୍ତି କରି ବସନ୍ତି ଯେ ଈଶ୍ୱରଙ୍କୁ ଶପଥ ନେବାର କି ଆବଶ୍ୟକତା ପଡ଼ିଲା ? ଏବଂ ସେ ନିଜ ଦ୍ୱାରା ସୃଷ୍ଟ ବସ୍ତୁଗୁଡ଼ିକ ନାମରେ କାହିଁକି ଶପଥ ନେଲେ ? ଯେହେତୁ ସେମାନଙ୍କର ଜ୍ଞାନ ପାର୍ଥିବ, ସ୍ୱର୍ଗୀୟ ନୁହଁ ତେଣୁ ପ୍ରକୃତ ରହସ୍ୟକୁ ସେମାନେ ବୁଝିପାରୁ ନାହାନ୍ତି । ଜଣାରହୁ ଯେ ଶପଥ ନେବାର ବାସ୍ତବ ଉଦ୍ଦେଶ୍ୟ ହେଉଛି ଶପଥକାରୀ ନିଜ ଦାବି

ସପକ୍ଷରେ ଗୋଟିଏ ସାକ୍ଷୀ ଉପସ୍ଥାପନ କରିବାକୁ ଚାହେଁ । କାରଣ ଯାହାର ଦାବି ସପକ୍ଷରେ ଅନ୍ୟ କେହି ସାକ୍ଷୀ ନାହାନ୍ତି, ସେ ତା' ସାକ୍ଷୀ ବଦଳରେ ଈଶ୍ୱରଙ୍କ ନାମରେ ଶପଥ ନିଏ; କେବଳ ଏଥିଯୋଗୁଁ ଯେ ଈଶ୍ୱର ପ୍ରତ୍ୟେକ ଗୋପନୀୟ ବିଷୟକୁ ଜାଣନ୍ତି, ଓ ପ୍ରତିଟି ବିଚାରର ପ୍ରଥମ ସାକ୍ଷୀ ସେ ହିଁ ଅଟନ୍ତି । ତେଣୁ ସେ ଈଶ୍ୱରଙ୍କ ସାକ୍ଷୀ ଏଭଳି ଭାବରେ ଉପସ୍ଥାପନ କରୁଅଛି ଯେ ଯଦି ସର୍ବଶକ୍ତିମାନ ଈଶ୍ୱର ତା'ର ଏହି ଶପଥ ନେବା ପରେ ମଧ୍ୟ ନୀରବ ରହିଲେ ଏବଂ ତା' ପ୍ରତି କୌଣସି ଶାସ୍ତି ବିଧାନ କଲେ ନାହିଁ, ତେବେ ଏହା ବୁଝା ପଡ଼ିବ ଯେ ସତେ ଅବା ଈଶ୍ୱର ସେ ବ୍ୟକ୍ତିର ବୟାନ୍ ଉପରେ ସାକ୍ଷୀମାନଙ୍କ ଭଳି ନିଜ ସମର୍ଥନର ମୋହର ଲଗାଇ ଦେଲେ । ସୁତରାଂ ମନୁଷ୍ୟ କୌଣସି ସୃଷ୍ଟ ବସ୍ତୁ ନାମରେ ଶପଥ ନେବା ଉଚିତ ନୁହଁ କାରଣ କୌଣସି ସୃଷ୍ଟ ବସ୍ତୁ ଅଜ୍ଞାତ ବିଷୟରେ ଅବଗତ ନୁହେଁ କି ମିଥ୍ୟା ଶପଥ ଲାଗି କାହାରିକୁ ଦଣ୍ଡ ଦେବାର କ୍ଷମତା ମଧ୍ୟ ତା'ଠାରେ ନାହିଁ । କିନ୍ତୁ ଏହି ଆୟତଗୁଡ଼ିକରେ ଥିବା ଈଶ୍ୱରଙ୍କ ଶପଥ ସେ ଅର୍ଥରେ ନାହିଁ, ଯେଉଁ ଅର୍ଥରେ ମନୁଷ୍ୟର ଶପଥ ନେବାରେ ଅଭିପ୍ରାୟ ଥାଏ । ବରଂ ଏଥିରେ ସର୍ବଶକ୍ତିମାନ ଅଲ୍ଲାଃଙ୍କର ଏହି ଚିରାଚରିତ ନିୟମ ରହିଛି ଯେ ତାଙ୍କର କାର୍ଯ୍ୟମାନ ଦୁଇ ପ୍ରକାରର । ପ୍ରଥମତଃ ଯାହା ଅତ୍ୟନ୍ତ ସ୍ୱଷ୍ଟ ଓ ଯାହାକୁ ସମସ୍ତେ ବୁଝି ପାରନ୍ତି ଏବଂ ଏଥିରେ କୌଣସି ମତଭେଦ ନଥାଏ । ଦ୍ୱିତୀୟ; ଯାହା ଅନୁମିତ, ଯେଉଁଥିରେ ସଂସାର ଧୋକା ଖାଏ ଏବଂ ଭିନ୍ନ ଭିନ୍ନ ମତ ପୋଷଣ କରେ । ସୁତରାଂ ସର୍ବଶକ୍ତମାନ ଅଲ୍ଲାଃ ଚାହିଁଲେ ଯେ ସେ ତାଙ୍କର ଦୃଶ୍ୟ କାର୍ଯ୍ୟମାନର ସାକ୍ଷ୍ୟ ମାଧ୍ୟମରେ ତାଙ୍କ ଅନୁମିତ କାର୍ଯ୍ୟଗୁଡ଼ିକୁ ଲୋକମାନଙ୍କ ନଜରରେ ସିଦ୍ଧ କରିବେ ।

ଅତଏବ ଏହା ତ ସ୍ୱଷ୍ଟ ଯେ ସୂର୍ଯ୍ୟ ଚନ୍ଦ୍ର, ଦିବସ ରଜନୀ, ଆକାଶ ଓ ପୃଥିବୀ ମଧ୍ୟରେ ସେ ସମସ୍ତ ଗୁଣମାନ ବାସ୍ତବରେ ବିଦ୍ୟମାନ, ଯାହାକୁ ଆମେ ବର୍ଣ୍ଣନା କରିସାରିଛୁ । କିନ୍ତୁ ଏହି ଗୁଣମାନ ଯେ ମନୁଷ୍ୟର ଆତ୍ମା ମଧ୍ୟରେ ବିଦ୍ୟମାନ ରହିଥାଏ, ସେଥିପ୍ରତି ପ୍ରତ୍ୟେକ ବ୍ୟକ୍ତି ଅବଗତ ନୁହେଁ । ତେଣୁ ଈଶ୍ୱର ନିଜର ଅନୁମିତ କାର୍ଯ୍ୟଗୁଡ଼ିକର ପରିପ୍ରକାଶ ଲାଗି ନିଜର ବାହ୍ୟ କାର୍ଯ୍ୟଗୁଡ଼ିକୁ

ପ୍ରମାଣ ସ୍ୱରୂପ ଉପସ୍ଥାପନ କରିଛନ୍ତି । ସତେ ଅବା ସେ କହୁଛନ୍ତି ଯେ ମନୁଷ୍ୟର ଆତ୍ମା ମଧ୍ୟରେ ରହିଥିବା ଏହି ଗୁଣଗୁଡ଼ିକ ସମ୍ବନ୍ଧରେ ଯଦି ତୁମର ସନ୍ଦେହ ରହିଛି, ତେବେ ସୂର୍ଯ୍ୟ, ଚନ୍ଦ୍ର ଆଦିକୁ ନିରୀକ୍ଷଣ କର ଯେ କିପରି ସେଗୁଡ଼ିକ ମଧ୍ୟରେ ଏହି ବିଶେଷତ୍ୱମାନ ପ୍ରକାଶ୍ୟ ରୂପେ ବିଦ୍ୟମାନ । ଆହୁରି ତୁମେ ଏହା ମଧ୍ୟ ଜାଣ ଯେ ମନୁଷ୍ୟ ଏକ କ୍ଷୁଦ୍ର ବ୍ରହ୍ମାଣ୍ଡ ସ୍ୱରୂପ, ଯାହାର ଆତ୍ମାରେ ସମଗ୍ର ବ୍ରହ୍ମାଣ୍ଡର ପ୍ରତିରୂପ ସାମଗ୍ରିକ ରୂପେ କେନ୍ଦ୍ରିତ । ସୁତରାଂ ଯେତେବେଳେ ଏହା ପ୍ରମାଣିତ ଯେ ବିଶ୍ୱବ୍ରହ୍ମାଣ୍ଡର ବୃହତ୍ ଗ୍ରହ ନକ୍ଷତ୍ରମାନ ନିଜ ଭିତରେ ଏହି ଗୁଣାବଳୀ ରଖିଛନ୍ତି ଏବଂ ଏହି ରୂପେ ଜୀବଜଗତର କଲ୍ୟାଣ ସାଧନ କରି ଚାଲିଛନ୍ତି ସେତେବେଳେ ମନୁଷ୍ୟ ଯେ କି ନିଜକୁ ଏ ସମସ୍ତଙ୍କ ଠାରୁ ଶ୍ରେଷ୍ଠ ବୋଲି କୁହେ, ଯେ କି ବାସ୍ତବରେ ଶ୍ରେଷ୍ଠ ଭାବେ ସୃଜିତ, ସେ କେଉଁଥି ପାଇଁ ଏହି ଗୁଣାବଳୀରୁ ବିରହିତ ଓ ଏଥିରୁ ବଞ୍ଚିତ ହେବ ? ନା’ ବରଂ ଏହା ଠାରେ ମଧ୍ୟ ସୂର୍ଯ୍ୟ ସଦୃଶ ଜ୍ଞାନ ଓ ବୁଦ୍ଧିର ଏକ ଆଲୋକ ରହିଛି ଯାହା ଦ୍ୱାରା ସେ ସମଗ୍ର ପୃଥିବୀକୁ ଆଲୋକିତ କରିଦେଇ ପାରେ । ଏବଂ ଚନ୍ଦ୍ର ପରି ସେ ପରମେଶ୍ୱରଙ୍କ ଠାରୁ ଦିବ୍ୟ ସ୍ୱପ୍ନ, ଦିବ୍ୟ ସନ୍ଦେଶ ଓ ଦୈବୀବାଣୀର ଆଲୋକକୁ ପାଏ ଏବଂ ଏହି ଆଲୋକକୁ ଅନ୍ୟମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଏ । ସେମାନଙ୍କ ପର୍ଯ୍ୟନ୍ତ ଯେଉଁମାନେ ଅଦ୍ୟାବଧି ମାନବୀୟ ଶ୍ରେଷ୍ଠତାକୁ ଲାଭ କରି ପାରିନାହାନ୍ତି । ତେଣୁ ତୁମେ କିପରି କହିପାରିବ ଯେ ଅବତାରତ୍ୱ ହେଉଛି ଏକ ମିଥ୍ୟା ଧାରଣା ଓ ସମସ୍ତ ଅବତାର, ଐଶ୍ୱରୀୟ ନିୟମ ଓ ଗ୍ରନ୍ଥମାନ କେବଳ ମନୁଷ୍ୟର ଧୂର୍ତ୍ତତା ଓ ସ୍ୱାର୍ଥପରତା ମାତ୍ର ! ଏହା ମଧ୍ୟ ଦେଖୁଛ ଯେ କିପରି ଦିବସର ଆଗମନରେ ସମସ୍ତ ପଥମାନ ଆଲୋକିତ ହୋଇଯାଏ । ସବୁ ଖାଲ ଢିପମାନ ଦୃଷ୍ଟିଗୋଚର ହୋଇଯାଏ । ତେଣୁ ଜଣେ ସଂପୂର୍ଣ୍ଣ ମାନବ ହେଉଛି ଆଧ୍ୟାତ୍ମିକ ଆଲୋକର ଦିବସ । ତା’ର ଆଗମନରେ ସମସ୍ତ ପଥ ପରିଷ୍କାର ଦୃଶ୍ୟ ହୁଏ । ସେ ସତ୍‌ପଥକୁ ଦେଖାଇଦିଏ ଯେ ତାହା କେଉଁଠାରେ ଓ କେଉଁ ଦିଗରେ ଅବସ୍ଥିତ । କାରଣ ସେ ହିଁ ଧର୍ମ ଓ ସତ୍ୟତାର ଜାଜ୍ଜ୍ୱଲ୍ୟମାନ ଦିବସ । ସେହିପରି ତୁମେ ଏହା ମଧ୍ୟ ଦେଖୁଛ ଯେ ରାତ୍ରି କିପରି କ୍ଳାନ୍ତ, ପରିଶ୍ରାନ୍ତଙ୍କୁ ଆଶ୍ରୟ ଦେଉଛି ।

କିପରି ଦିନର ସମସ୍ତ କ୍ଳାନ୍ତ ଅବସନ୍ନ ଶ୍ରମିକଗଣ ରାତିର କୋମଳ ସ୍ପର୍ଶରେ ସୁଖନିଦ୍ରା ଯାଆନ୍ତି ଓ ସେମାନଙ୍କ ଦୁଃଖ କ୍ଳେଶ କିପରି ଦୂର ହୋଇଯାଏ । ଏତଦ୍ ବ୍ୟତୀତ ରାତ୍ରି ସମସ୍ତଙ୍କ ପାଇଁ ଆବରଣ ମଧ୍ୟ । ଠିକ୍ ସେହିପରି ଈଶ୍ୱରଙ୍କ ଆଦର୍ଶ ପୁରୁଷ ପୃଥିବୀବାସୀଙ୍କୁ ଆରାମ ଦେବା ପାଇଁ ଆସି ଥାଆନ୍ତି । ଈଶ୍ୱରଙ୍କ ଠାରୁ ଦିବ୍ୟବାଣୀ ଓ ଦିବ୍ୟ ସନ୍ଦେଶ ପାଉଥିବା ଏହି ବ୍ୟକ୍ତିଗଣ ସମସ୍ତ ବୁଦ୍ଧିମାନ ଲୋକଙ୍କୁ କୃଚ୍ଛ୍ର ସାଧନାଗୁଡ଼ିକରୁ ଆରାମ ଦିଅନ୍ତି । ସେମାନଙ୍କ ଦ୍ୱାରା ଅତି ଜଟିଳ ତତ୍ତ୍ୱମାନ ଅନାୟାସରେ ସମାହିତ ହୋଇଯାଏ । ସେହିପରି ଐଶ୍ୱରିକ ବାଣୀ ମାନବୀୟ ଜ୍ଞାନର ଦୂର୍ବଳତାକୁ ରାତି ଘୋଡ଼ାଇଲା ସଦୃଶ ଘୋଡ଼ାଇ ରଖେ । ତା'ର ଅପବିତ୍ର ଦୋଷ ଦୂର୍ବଳତା ଗୁଡ଼ିକୁ ପୃଥିବୀ ଉପରେ ପ୍ରଘଟ ହେବାକୁ ଦିଏ ନାହିଁ । କାରଣ ଜ୍ଞାନୀ ଲୋକେ ଐଶ୍ୱରିକ ବାଣୀର ଆଲୋକ ପାଇ ସ୍ୱୟଂ ନିଜ ଭୁଲଗୁଡ଼ିକୁ ସୁଧାରି ନିଅନ୍ତି ଏବଂ ଈଶ୍ୱରଙ୍କ ପବିତ୍ର ଦିବ୍ୟ ସନ୍ଦେଶର ଆଶୀର୍ବାଦ ମାଧ୍ୟମରେ ନିଜକୁ ଅପଦସ୍ତ ହେବାରୁ ରକ୍ଷା କରିନିଅନ୍ତି । ଏହି କାରଣରୁ ଇସଲାମ୍‌ର କୌଣସି ଦାର୍ଶନିକ ପ୍ଳେଟୋଙ୍କ ପରି କୌଣସି ମୂର୍ତ୍ତି ଆଗରେ କୁକୁଡ଼ା ବଳି ଚଢାଇ ନାହାନ୍ତି । ଯେହେତୁ ପ୍ଳେଟୋ ଦିବ୍ୟ ସନ୍ଦେଶର ଆଲୋକରୁ ବଞ୍ଚିତ ଥିଲା, ତେଣୁ ସେ ଭ୍ରମରେ ପଡ଼ିଗଲା ଏବଂ ଏତେ ବଡ଼ ଦାର୍ଶନିକ ବୋଲାଇ ମଧ୍ୟ ଏପରି ବର୍ଜନୀୟ ଓ ମୂଢ଼ କର୍ମ ତା' ଦ୍ୱାରା ସମାହିତ ହେଲା । କିନ୍ତୁ ଆମମାନଙ୍କ ମୁନୀବ ପରମପ୍ରିୟ ପବିତ୍ର ଅବତାର ମୁହମ୍ମଦ [ସ.ଅ]ଙ୍କ ପଦାଙ୍କ ଅନୁସରଣ, ଇସ୍‌ଲାମର ବିଦ୍ୱାନଗଣଙ୍କୁ ଏପରି ଅପବିତ୍ର ଓ ମୂଢ଼ କର୍ମମାନରୁ ରକ୍ଷା କରିଅଛି । ଏବେ ଦେଖ କିଭଳି ଏହା ପ୍ରମାଣିତ ହୋଇଗଲା ଯେ ଦିବ୍ୟ ସନ୍ଦେଶ ରାତ୍ରି ଭଳି ବିଜ୍ଞ-ଜନଙ୍କ ଦୂର୍ବଳତାକୁ ଘୋଡ଼ାଇ ରଖେ ।

ଏହା ମଧ୍ୟ ଆପଣମାନେ ଜାଣନ୍ତି ଯେ ଈଶ୍ୱରଙ୍କର ପ୍ରକୃତ ଭକ୍ତମାନେ ଆକାଶ ସମ ପ୍ରତ୍ୟେକ ପରିଶ୍ରାନ୍ତକୁ ନିଜ ଆଶ୍ରୟରେ ନେଇ ନିଅନ୍ତି । ବିଶେଷ କରି ସେହି ପରମ ବ୍ରହ୍ମ ପରମାତ୍ମାଙ୍କର ଅବତାରଗଣ ଏବଂ ଦିବ୍ୟ ସନ୍ଦେଶ ପାଉଥିବା ବ୍ୟକ୍ତିଗଣ ସାଧାରଣତଃ ଆକାଶ ପରି ସେମାନଙ୍କ ଅନୁଗ୍ରହ ବୃଷ୍ଟି କରାନ୍ତି । ସେହିପରି ସେମାନଙ୍କ ଠାରେ ପୃଥିବୀର ଗୁଣମାନ ମଧ୍ୟ ରହିଥାଏ । ସେମାନଙ୍କ କମନୀୟ

ଆମ୍ଭାରୁ ଜ୍ଞାନ-ଗାରିମାର ବିବିଧ ତରୁରାଜି ଜନ୍ମ ନିଅନ୍ତି; ଯାହାର ଛାୟା, ଫଳ ଓ ଫୁଲରୁ ଲୋକମାନେ ଲାଭ ଉଠାନ୍ତି । ସୁତରାଂ ପ୍ରକୃତିର ଏହି ଯେଉଁ ପ୍ରକାଶ୍ୟମାନ ନିୟମଗୁଡ଼ିକ ଆମର ଦୃଷ୍ଟି ସମକ୍ଷରେ ରହିଛନ୍ତି, ସେଗୁଡ଼ିକ ସେହି ପ୍ରଚ୍ଛନ୍ନ ନିୟମର ଏକ ସାକ୍ଷୀ ଯାହାର ସାକ୍ଷ୍ୟକୁ ସର୍ବଶକ୍ତିମାନ ଅଲ୍ଲାଃ ଶପଥ ଆକାରରେ ଏହି ଆୟତ ସମୂହରେ ଉପସ୍ଥାପନ କରିଛନ୍ତି । ସୁତରାଂ ଦେଖ, କିପରି ଦିବ୍ୟ ଜ୍ଞାନରେ ପରିପୂର୍ଣ୍ଣ ବାଣୀମାନ ପବିତ୍ର କୁରଆନରେ ରହିଛି ! ଏହା ଏପରି ଏକ ବ୍ୟକ୍ତିର ମୁଖରୁ ନିଃସୃତ ହୋଇଥିଲା ଯେ କି ନିରକ୍ଷର ଓ ମରୁ ଅଞ୍ଚଳର ବାସିନ୍ଦା ଥିଲା । ଏହା ଯଦି ଈଶ୍ୱରଙ୍କ ବାଣୀ ହୋଇ ନଥାଆନ୍ତା, ତେବେ ସାଧାରଣ-ବୁଦ୍ଧି ସବୁ ଏବଂ ସେ ସମସ୍ତ ଲୋକ ଯେଉଁମାନେ ନିଜକୁ ଶିକ୍ଷିତ ବୋଲାଇ ଥାଆନ୍ତି, ଏହି ସୂକ୍ଷ୍ମ ଦିବ୍ୟଜ୍ଞାନର ବିନ୍ଦୁମାନ ସମକ୍ଷରେ ହାରିଯାଇ ଏହାର ଏପରି ଭାବେ ବିରୋଧ କରି ନଥାନ୍ତେ । ଏହା ସ୍ୱାଭାବିକ ଯେ ମନୁଷ୍ୟ ଯେତେବେଳେ ଗୋଟିଏ ବିଷୟକୁ କୌଣସି ଦିଗରୁ ମଧ୍ୟ ନିଜ ସୀମିତ ଜ୍ଞାନ ଦ୍ୱାରା ବୁଝିପାରେ ନାହିଁ, ସେତେବେଳେ ସେ ସେହି ଗହନ ତତ୍ତ୍ୱ ସମ୍ବଳିତ କଥାକୁ ସମାଲୋଚନାର ବସ୍ତୁ କରିଦିଏ । ତା'ର ଏହି ସମାଲୋଚନା ଏକଥାର ସାକ୍ଷୀ ହୋଇଯାଏ ଯେ ସେହି ଗୂଢଭେଦ ସାଧାରଣ ବୁଦ୍ଧି ପରିସରରୁ ଉନ୍ନତତର ଏବଂ ଉର୍ଦ୍ଧ୍ୱରେ ଅବସ୍ଥିତ ଥିଲା । ସେଥିପାଇଁ ତ ଜ୍ଞାନୀ ବୋଲାଉଥିବା ସତ୍ତ୍ୱେ ସେମାନେ ତାହାର ବିରୋଧ କଲେ । ଯେହେତୁ ସେ ରହସ୍ୟ ବର୍ତ୍ତମାନ ଉନ୍ମୋଚିତ ହୋଇଛି, ତେଣୁ ଏବେ ଏହାପରେ କୌଣସି ବୁଦ୍ଧିମାନ ବ୍ୟକ୍ତି ଏହାର ବିରୋଧ କରିବ ନାହିଁ, ବରଂ ଏଥିରୁ ରସ ଆସ୍ୱାଦନ କରିବ ।

ମନେରହୁ ଯେ ଐଶ୍ୱରିକ ବାଣୀ ଏବଂ ଐଶ୍ୱରିକ ସନ୍ଦେଶର ଯେଉଁ ପୁରାତନ ରୀତି ରହିଛି, ତା'ର ପ୍ରମାଣ ସୃଷ୍ଟିର ନିୟମରୁ ପ୍ରଦାନ କରିବା ପାଇଁ ପବିତ୍ର କୁରଆନ ଅନ୍ୟ ଏକ ସ୍ଥାନରେ ମଧ୍ୟ ଏହିପରି ଭାବେ ଶପଥ ନେଇଛି । ତାହା ହେଉଛି ଏହିପରି;

وَالسَّمَاءِ ذَاتِ الرَّجْعِ ۙ وَالْأَرْضِ ذَاتِ الصَّدْعِ ۙ

إِنَّهُ لَقَوْلٌ فَصْلٌ ۙ وَمَا هُوَ بِالْهَزْلِ ۝ (ଅତ୍ ତାରିକ୍ 86:12-15)

ଅର୍ଥାତ 'ସେହି ଆକାଶର ଶପଥ ଯହିଁରୁ ଜଳ ବୃଷ୍ଟି ହୁଏ ଏବଂ ସେହି

ପୃଥିବୀର ଶପଥ ଯେ କି ବର୍ଷା ଜଳରୁ ବିବିଧ ପ୍ରକାରର ଉଦ୍ଭିଦ ସୃଷ୍ଟି କରେ, ଏଥିନିମନ୍ତେ ଯେ ଏହି କୁରଆନ ହେଉଛି ଇଶ୍ୱରଙ୍କ କଥା ଓ ତାଙ୍କର ବାଣୀ । ଏହା ସତ୍ୟ ଓ ମିଥ୍ୟା ମଧ୍ୟରେ ନିଷ୍ପତ୍ତି କରିବ । ଏହା କୌଣସ ଅବାନ୍ତର ଓ ବାଜେ କଥା ନୁହେଁ, ଅର୍ଥାତ ଏହା ଅସମୟରେ ଅବତୀର୍ଣ୍ଣ ହୋଇ ନାହିଁ । ବରଂ ସଠିକ୍ ସମୟରେ ଋତୁର ବର୍ଷା ରୂପେ ଆସିଛି ।

ଏଠାରେ ସର୍ବଶକ୍ତିମାନ ଇଶ୍ୱର ତାଙ୍କର ବାଣୀ ପବିତ୍ର କୁରଆନର ସତ୍ୟତା ପ୍ରମାଣ କରିବା ପାଇଁ ପ୍ରକୃତିର ଏକ ସୁସ୍ପଷ୍ଟ ନିୟମକୁ ସାକ୍ଷୀ ରୂପେ ଉପସ୍ଥାପନ କରିଛନ୍ତି । ସୃଷ୍ଟିର ଏହା ସ୍ୱାଭାବିକ ନିୟମ ଯେ ଆବଶ୍ୟକ ସମୟରେ ଆକାଶରୁ ଜଳ ବୃଷ୍ଟି ହୁଏ ଏବଂ ଧରାପୃଷ୍ଠର ସକଳ ସବୁଜିମା ଆକାଶର ବର୍ଷା ଉପରେ ନିର୍ଭରଶୀଳ । ଆକାଶରୁ ଯଦି ବୃଷ୍ଟି ନ ହୁଏ ତେବେ କ୍ରମଶଃ କୂପମାନ ମଧ୍ୟ ଶୁଷ୍କ ହୋଇଯାଏ । ପ୍ରକୃତ କଥା ହେଉଛି ପୃଥିବୀରେ ଜଳର ଅସ୍ତିତ୍ୱ ଆକାଶର ବର୍ଷା ଉପରେ ନିର୍ଭରଶୀଳ । ଏଣୁ ଯେତେବେଳେ ବି ଆକାଶରୁ ଜଳ ବୃଷ୍ଟି ହୁଏ ସେତେବେଳେ ପୃଥିବୀରେ ଥିବା କୂପ ମଧ୍ୟସ୍ଥ ଜଳର ସ୍ତର ବୃଦ୍ଧିପାଏ । କାହିଁକି ଏପରି ହୁଏ । ଏହାର ଏହି ମାତ୍ର କାରଣ ଯେ ଆକାଶର ଜଳ ପୃଥିବୀର ଜଳକୁ ଉର୍ଦ୍ଧ୍ୱକୁ ଆକର୍ଷିତ କରେ । ଇଶ୍ୱରଙ୍କ ବାଣୀ ଓ ମନୁଷ୍ୟର ବୁଦ୍ଧି ମଧ୍ୟରେ ମଧ୍ୟ ଏହି ସମ୍ପର୍କ ରହିଛି । ଇଶ୍ୱରଙ୍କ ବାଣୀ ଅର୍ଥାତ ଦିବ୍ୟ ସନ୍ଦେଶ ହେଉଛି ଆକାଶର ଜଳ ଏବଂ ମାନବର ବୁଦ୍ଧି, ପୃଥିବୀର ଜଳ । ଏବଂ ଏହି ଜଳ ସର୍ବଦା ଆକାଶର ଜଳ, ଯାହାକି ଐଶୀବାଣୀ, ଦ୍ୱାରା ପ୍ରତିପୋଷିତ ହେଉଥାଏ । ଯଦି ଆକାଶର ଜଳ ଅର୍ଥାତ ଐଶୀବାଣୀର ଆଗମନ ବନ୍ଦ ହୋଇଯାଏ, ତେବେ ଏହି ପୃଥିବୀର ଜଳ ମଧ୍ୟ କ୍ରମଶଃ ଶୁଷ୍କ ହୋଇଯାଏ । କ'ଣ ଏଥିପାଇଁ ଏହି ପ୍ରମାଣ ଯଥେଷ୍ଟ ନୁହେଁ ଯେ ଯେତେବେଳେ ଏକ ଦୀର୍ଘ ସମୟ ଅତିବାହିତ ହୋଇଯାଏ ଏବଂ କୌଣସି ଦୈବୀବାଣୀ ସମ୍ପନ୍ନ ସତ୍‌ପୁରୁଷ ଧରାପୃଷ୍ଠରେ ଜନ୍ମ ନିଏ ନାହିଁ, ସେତେବେଳେ ବୁଦ୍ଧିମାନ ବୋଲାଉଥିବା ବ୍ୟକ୍ତିମାନଙ୍କର ବୁଦ୍ଧି ଅତିଶୟ ଦୂଷିତ ଓ ମନ୍ଦ ହୋଇଯାଏ, ଠିକ୍ ସେହିପରି ଯେଉଁପରି ପୃଥିବୀର ଜଳ ଶୁଖିଯାଏ, ଆଉ ପୂତିଗନ୍ଧମୟ ହୋଇଯାଏ ।

ଏହାକୁ ବୁଝିବା ସକାଶେ ଆମ ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅ.ଙ୍କ ଆଗମନ ପୂର୍ବରୁ ପୃଥିବୀର ଅବସ୍ଥା କିପରି ଥିଲା ସେଥିପ୍ରତି ଦୃଷ୍ଟି ବୁଲାଇ ଆଣିବା ହିଁ ଯଥେଷ୍ଟ ହେବ। ସେତେବେଳେ ଯେହେତୁ ଯୀଶୁଖ୍ରୀଷ୍ଟଙ୍କ ସମୟକୁ ଛଅ ଶହ ବର୍ଷ ଅତିବାହିତ ହୋଇ ସାରିଥିଲା ଏବଂ ଏହି ଅବଧି ମଧ୍ୟରେ ଐଶୀବାଣୀ ପ୍ରାପ୍ତ କେହି ପୁରୁଷ ଆବିର୍ଭାବ ହୋଇ ନଥିଲେ, ତେଣୁ ସମଗ୍ର ପୃଥିବୀ କଳୁଷିତ ହୋଇ ସାରିଥିଲା । ପ୍ରତ୍ୟେକ ଦେଶର ଇତିହାସ ଏହା ମୁକ୍ତ କଣ୍ଠରେ ଘୋଷଣା କରୁଛି ଯେ ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅଙ୍କ ସମୟରେ ଏପର କି ତାଙ୍କ ଆଗମନ ପୂର୍ବରୁ ମଧ୍ୟ ସମଗ୍ର ସଂସାର ଦୂଷିତ ଭାବନା ଗ୍ରସ୍ତ ହୋଇ ସାରିଥିଲା । ଏପରି କାହିଁକି ହେଲା ଓ ଏହାର କାରଣ କ'ଣ ହୋଇପାରେ ? କେବଳ ଏତିକି ଯେ ଐଶ୍ୱରିକ ବାଣୀର ଧାରାବାହିକତା ବହୁଦିନ ଧରି ବନ୍ଦ ହୋଇ ଯାଇଥିଲା । ସ୍ୱର୍ଗରାଜ୍ୟ କେବଳ ମାତ୍ର ବୁଦ୍ଧିର ଅଧୀନରେ ରହିଗଲା । ସୁତରାଂ ଏହି ଖଣ୍ଡିତ ବୁଦ୍ଧି, ଲୋକମାନଙ୍କୁ କେଉଁ କେଉଁ ହିନସ୍ତାରେ ପକାଇଲା ତାହା କାହାରିକୁ ଅଛପା ନୁହେଁ । ଦେଖ, ଯେତେବେଳେ ବହୁକାଳ ଧରି ଐଶ୍ୱରିକ ବାଣୀର ଜଳଧାରା ବର୍ଷିଲା ନାହିଁ, ସକଳ ଜ୍ଞାନର ଜଳ କିପରି ଶୁଷ୍କ ହୋଇଗଲା ।

ସୁତରାଂ ଏହି ଶପଥଗୁଡ଼ିକରେ ପ୍ରକୃତିର ଏହି ନିୟମକୁ ମାନବ ସମାଜ ପାଇଁ ସର୍ବଶକ୍ତିମାନ ଅଲ୍ଲାଃ ଉପସ୍ଥାପନ କରିଛନ୍ତି ଏବଂ କହୁଛନ୍ତି ଯେ ତୁମେ ଚିନ୍ତା କରି ଦେଖ । କ'ଣ ଏହା ଈଶ୍ୱରଙ୍କର ଅଟଳ ଓ ଚିରନ୍ତନ ନିୟମ ନୁହେଁ ଯେ ଆକାଶର ଜଳ ହିଁ ଧରାପୃଷ୍ଠରେ ସମସ୍ତ ସବୁଜିମାର କାରଣ । ସୁତରାଂ ଏହି ଲୁଚି ରହିଥିବା ନିୟମ ଯାହା ହେଉଛି ଐଶ୍ୱରିକ-ବାଣୀର ଶୃଂଖଳା, ତାହାଲାଗି ଏହି ପ୍ରକାଶ୍ୟମାନ ପ୍ରକୃତିର ନିୟମ ସାକ୍ଷୀ ସ୍ୱରୂପ ଅଟନ୍ତି । ସୁତରାଂ ଏହି ସାକ୍ଷ୍ୟରୁ ଲାଭ ଉଠାଅ ଓ କେବଳ ବୁଦ୍ଧିକୁ ପଥପ୍ରଦର୍ଶକ କର ନାହିଁ । କାରଣ ତାହା ଏପରି ଜଳ ନୁହେଁ ଯାହା ଆକାଶର ଜଳ ବିହୁନେ ତିଷ୍ଠି ରହି ପାରିବ । ଆକାଶୀୟ ଜଳରେ ଯେପରି ଏହି ବିଶେଷତ୍ୱ ରହିଛି ଯେ କୌଣସି କୂଅରେ ସେ ଜଳ ପଡୁ ବା ନ ପଡୁ, ତଥାପି ତାହାର ସ୍ୱାଭାବିକ ଗୁଣ ଦ୍ୱାରା ତାହା ସମସ୍ତ କୂଅର ଜଳ ସ୍ତରକୁ ଉପରକୁ

ଉଠାଇ ଆଣେ । ଠିକ୍ ସେହିପରି ଯେତେବେଳେ ଐଶୀବାଣୀ ପ୍ରାପ୍ତ ଜଣେ ପୁରୁଷ ପୃଥିବୀରେ ଆବିର୍ଭୁତ ହୁଏ, ସେତେବେଳେ କୌଣସି ବୁଦ୍ଧିମାନ ବ୍ୟକ୍ତି ତାଙ୍କର ଆନୁଗତ୍ୟ ସ୍ୱୀକାର କରୁ ବା ନକରୁ ତଥାପି ସେହି ଐଶିବାଣୀ ପ୍ରାପ୍ତ ଯୁଗ-ପୁରୁଷଙ୍କ ସମୟରେ ସ୍ୱୟଂ ବୁଦ୍ଧିରେ ଏପରି ଦୀପ୍ତି ଓ ସ୍ୱଷ୍ଟତା ଆସିଯାଏ ଯେ ଏହା ପୂର୍ବରୁ ସେଭଳି କେବେହେଁ ନଥାଏ । ଲୋକମାନେ ଆପଣା ଛାଏଁ ସତ୍ୟର ଅନ୍ୱେଷଣରେ ଲାଗିପଡ଼ନ୍ତି ଓ ଏକ ଅଦୃଶ୍ୟ ଶକ୍ତି ସେମାନଙ୍କ ଚିନ୍ତା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଦିଏ । ଏ ସମସ୍ତ ବୌଦ୍ଧିକ ପ୍ରଗତି ଓ ହୃଦୟର ଉତ୍ସାହ ସେହି ଦିବ୍ୟବାଣୀ ପ୍ରାପ୍ତ ବ୍ୟକ୍ତିର ପାଦପଦ୍ମରୁ ପ୍ରସ୍ଫୁଟିତ ହୁଏ ଓ ଏହା ପୃଥିବୀର ଜଳରାଶିକୁ ଉପରକୁ ଉଠାଇ ଆଣେ । ତୁମେ ଯଦି କୌଣସି ସମୟରେ ଏହା ଲକ୍ଷ୍ୟ କର ଯେ ପ୍ରତ୍ୟେକ ବ୍ୟକ୍ତି ଧର୍ମ ସନ୍ଧାନରେ ବାହାରି ପଡ଼ିଛି ଓ ପୃଥିବୀ ଜଳରେ ଏକ ଜୁଆର ଦେଖା ଦେଇଛି, ତେବେ ଉଠ ଓ ସାବଧାନ ହୋଇଯାଅ ଏବଂ ସୁନିଶ୍ଚିତ ଭାବେ ଜାଣିନିଅ ଯେ ଆକାଶରୁ ପ୍ରବଳ ବୃଷ୍ଟିପାତ ହୋଇଛି ଓ କୌଣସି ଏକ ହୃଦୟ ଉପରେ ଦିବ୍ୟବାଣୀର ବର୍ଷା ବର୍ଷି ଯାଇଛି ।

## ପଞ୍ଚମ ପ୍ରଶ୍ନ

### ଦିବ୍ୟ ଜ୍ଞାନ ପ୍ରାପ୍ତିର ମାଧ୍ୟମ

ଜଣା ରହୁ ଯେ ଏ ପ୍ରଶ୍ନର ଉତ୍ତର ପବିତ୍ର କୁରଆନ ଯେତେ ବିସ୍ତୃତ ଭାବେ ଉଲ୍ଲେଖ କରିଛି, ସେଗୁଡ଼ିକୁ ବର୍ଣ୍ଣନା କରିବା ପାଇଁ ଏଠାରେ ସ୍ଥାନ ନାହିଁ । କେବଳ ଦୃଷ୍ଟାନ୍ତ ସ୍ୱରୂପ କିଂଚିତ ମାତ୍ର ବର୍ଣ୍ଣନା କରାଯାଉଛି । ପବିତ୍ର କୁରଆନ ତିନି ପ୍ରକାରର ଜ୍ଞାନ ନିର୍ଦ୍ଧାରଣ କରିଛି । 'ଇଲ୍‌ମୁଲ ୟକିନ୍' (ବିଦ୍ୟାଲବ୍ଧ ଜ୍ଞାନ), 'ଅଏନୁଲ୍ ୟକିନ୍' (ଦୃଷ୍ଟିଲବ୍ଧ ଜ୍ଞାନ) ଏବଂ 'ହକ୍‌କୁଲ୍ ୟକିନ୍' (ଅନୁଭୂତି ଲବ୍ଧ ଜ୍ଞାନ) । ଆମେ ଯେପରି ଏଥି ପୂର୍ବରୁ ସୁରାଃ ଅଲ୍‌ହାକୁମୁତ୍ ତକାସୁର୍ (102:2-9)ର ବ୍ୟାଖାରେ ଉଲ୍ଲେଖ କରି ସାରିଛୁ ଯେ ବିଦ୍ୟାଲବ୍ଧ ଜ୍ଞାନ ହେଉଛି, ପ୍ରତ୍ୟକ୍ଷ ନୁହେଁ ବରଂ ଉଦ୍ଦିଷ୍ଟ ବସ୍ତୁକୁ ପରୋକ୍ଷ ରୂପେ ଜାଣିବା, ଯେପରି ଧୂଆଁ ଦେଖି ଆମେ ନିଆଁର ଉପସ୍ଥିତି ଅନୁମାନ କରିଥାଉ । ଯଦିଓ ଆମେ ନିଆଁକୁ ଦେଖି ନାହୁଁ କିନ୍ତୁ ଧୂଆଁକୁ ଦେଖିଛୁ; ଯହିଁରୁ ନିଆଁ ରହିଥିବା ଉପରେ ଆମର ବିଶ୍ୱାସ ଜପୁଜିଲା । ସୁତରାଂ ଏହା ହିଁ ବିଦ୍ୟାଭିତ୍ତିକ ବିଶ୍ୱାସ । ଆଉ ଯଦି ଆମେ ସାକ୍ଷାତ୍ ନିଆଁକୁ ହିଁ ଦେଖିନେଉ ତେବେ ପବିତ୍ର କୁରଆନର ବର୍ଣ୍ଣନା ଅନୁଯାୟୀ ଅର୍ଥାତ ସୁରାଃ 'ଅଲ୍‌ହାକୁମୁତ୍ ତକାସୁର୍' ଅନୁଯାୟୀ ଜ୍ଞାନର ପ୍ରକାର ମଧ୍ୟରୁ ଏହା ଦୃଷ୍ଟିଭିତ୍ତିକ ଜ୍ଞାନ ବୋଲାଇବ । ଯଦି ଆମେ ଏହି ନିଆଁ ମଧ୍ୟରେ ପ୍ରବେଶ କରି ସାରିଥାଉଁ, ତେବେ ଏଭଳି ଜ୍ଞାନର ସ୍ତର ପବିତ୍ର କୁରଆନର ବର୍ଣ୍ଣନା ଅନୁଯାୟୀ ଅନୁଭୂତି ଜନିତ ବିଶ୍ୱାସର ଶ୍ରେଣୀରେ ଅନ୍ତର୍ଭୁକ୍ତ ହେବ । ସୁରାଃ 'ଅଲ୍‌ହାକୁମୁତ୍ ତକାସୁର୍'କୁ ଏଠାରେ ଆଉଥରେ ଲେଖିବା ଅନାବଶ୍ୟକ । ଦର୍ଶକମଣ୍ଡଳୀ ଏ ଅବସରରେ ଏହାର ବ୍ୟାଖ୍ୟାକୁ ସ୍ୱୟଂ ଦେଖିନିଅନ୍ତୁ ।

ଏବେ ଜାଣିବା ଉଚିତ ଯେ ପ୍ରଥମ ପ୍ରକାର ଜ୍ଞାନର ଅର୍ଥାତ ବିଦ୍ୟା ଲବ୍ଧ ବିଶ୍ୱାସର ମାଧ୍ୟମ ହେଉଛି ବୁଦ୍ଧି ଏବଂ ସୂଚନା । ସର୍ବଶକ୍ତିମାନ ଅଲ୍ଲାଃ ନର୍କବାସୀମାନଙ୍କ ସମ୍ବନ୍ଧରେ ପବିତ୍ର କୁରଆନରେ କହିଛନ୍ତି:

وَقَالُوْا لَوْ كُنَّا نَسْمَعُ اَوْ نَعْقِلُ مَا كُنَّا فِيْٓ اَصْحٰبِ السَّعِيْرِ (ଅଲ୍ ମୁଲ୍‌କ୍ 67:11)

ଅର୍ଥାତ 'ନର୍କବାସୀ କହିବେ, ଯଦି ଆମେମାନେ ବୁଦ୍ଧିମନ୍ତ ହୋଇଥାଆନ୍ତୁ ଏବଂ ଧର୍ମ ଓ ବିଶ୍ୱାସକୁ ବୁଦ୍ଧିମତା ସହକାରେ ପରଖି ଥାଆନ୍ତୁ ଅଥବା ପରମ ଜ୍ଞାନୀଜନ ଓ ଗବେଷକମାନଙ୍କ ରଚନା ଓ ବକ୍ତୃତାମାନ ଧ୍ୟାନ ଦେଇ ଶୁଣି ଥାଆନ୍ତୁ, ତେବେ ଆଜି ନର୍କରେ ପଡ଼ି ନଥାଆନ୍ତୁ ।' ଏହି ଆୟତ ନିମ୍ନରେ ବର୍ଣ୍ଣିତ ଆଉ ଅନ୍ୟ ଏକ ଆୟତ ପରି ଅଟେ, ଯେଉଁଥିରେ ଅଲ୍ଲାଃ କହିଛନ୍ତି:

(ଅଲ୍ ବକରା 2:287) لَا يُكَلِّفُ اللّٰهُ نَفْسًا اِلَّا وُسْعَهَا

ଅର୍ଥାତ 'ପରମେଶ୍ୱର ମନୁଷ୍ୟକୁ ତା' ଜ୍ଞାନର ସାମର୍ଥ୍ୟ ବହିର୍ଭୁତ କୌଣସି ବିଷୟ ଗ୍ରହଣ କରିବା ଲାଗି କଷ୍ଟ ଦିଅନ୍ତି ନାହିଁ' ଏବଂ ସେହି ସିଦ୍ଧାନ୍ତମାନ ଉପସ୍ଥାପନ କରିଥାଆନ୍ତି, ଯାହାକୁ ବୁଝିବା ମନୁଷ୍ୟର କ୍ଷମତା ପରିସର ମଧ୍ୟରେ ଅନ୍ତର୍ଭୁକ୍ତ ଥାଏ । ଯଦ୍ଦ୍ୱାରା ତାଙ୍କର ନିର୍ଦ୍ଦେଶମାନ ମନୁଷ୍ୟ ଉପରେ ଏପରି ଦାୟିତ୍ୱ ନ୍ୟସ୍ତ କରେ ନାହିଁ, ଯାହାକୁ ସେ ବହନ କରିପାରିବ ନାହିଁ । ଏ ଆୟତଗୁଡ଼ିକରେ ଏଥିପ୍ରତି ମଧ୍ୟ ସଂକେତ ରହିଛି ଯେ ମନୁଷ୍ୟ କାନ ଦ୍ୱାରା ମଧ୍ୟ ବିଦ୍ୟା ଭିତ୍ତିକ ଜ୍ଞାନ ଲାଭ କରି ପାରିବ । ଉଦାହରଣ ସ୍ୱରୂପ ଆମେ ଲଣ୍ଡନ୍ ଦେଖି ନାହୁଁ, କେବଳ ଦେଖି ଥିବା ଲୋକଙ୍କ ଠାରୁ ଉକ୍ତ ସହର ଥିବାର ଶୁଣିଛୁ । କିନ୍ତୁ କ'ଣ ଆମେ ଏହା ସନ୍ଦେହ କରି ପାରିବୁ ଯେ ଏମାନେ ସମସ୍ତେ ଆମକୁ ମିଛ କହୁଛନ୍ତି ? ଅଥବା ଉଦାହରଣତଃ ଆମେ ବାଦ୍‌ଶାହ୍ ଆଲମ୍‌ଗୀରଙ୍କ ସମୟରେ ନଥିଲୁ କି ତାଙ୍କର ଚେହେରା ଦେଖି ନାହୁଁ, କିନ୍ତୁ ତା' ସତ୍ତ୍ୱେ ମୋଗଲ ବାଦ୍‌ଶାହ୍‌ମାନଙ୍କ ମଧ୍ୟରେ ଯେ ଆଲମ୍‌ଗୀର ଏକ ବାଦ୍‌ଶାହ୍ ଥିଲେ କ'ଣ ଏ କଥା ଉପରେ ଆମର ତିଳେ ହେଲେ ସନ୍ଦେହ ରହିଛି ? ଅତଏବ ଏପରି ବିଶ୍ୱାସ କେଉଁଥି ପାଇଁ ଆସିଲା ? ଏହାର ଉତ୍ତର ହେଉଛି ଶ୍ରବଣର ଧାରାବାହିକତା । ସୁତରାଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ ଶ୍ରୁତି ମଧ୍ୟ ମନୁଷ୍ୟକୁ ବିଦ୍ୟାଭିତ୍ତିକ ବିଶ୍ୱାସର ସ୍ଥାନରେ ଉପନୀତ କରାଏ । ଯଦି ଶ୍ରୁତିର ଧାରାବାହିକତାରେ କୌଣସି ବିଘ୍ନ ନଥାଏ, ତେବେ ଅବତାରମାନଙ୍କ ଧର୍ମଗ୍ରନ୍ଥମାନ ମଧ୍ୟ ଶ୍ରୁତିଲବ୍ଧ ଜ୍ଞାନର ଏକ ମାଧ୍ୟମ ଅଟନ୍ତି । କିନ୍ତୁ ଗୋଟିଏ ଗ୍ରନ୍ଥ ଐଶ୍ୱରିକ ଗ୍ରନ୍ଥ ବୋଲାଇବା ସତ୍ତ୍ୱେ ଯଦି ତାହାର ପଚାଶ କିମ୍ବା ଷାଠିଏଟି ପ୍ରକାରର ନକଲ ଏପରି

ମିଳେ ଯେ ସେଗୁଡ଼ିକ କେତେକ କେତେକଙ୍କ ଠାରୁ ଭିନ୍ନ ହୋଇଥାଆନ୍ତି, ତେବେ ଯଦିଓ କୌଣସି ଗୋଷ୍ଠୀ ବିଶ୍ୱାସ କରିଥାଏ ଯେ ସେଥିମଧ୍ୟରୁ କେବଳ ଦୁଇ ବା ଚରୋଟି ମାତ୍ର ଅସଲି ଓ ଶୁଦ୍ଧ ଏବଂ ଅନ୍ୟଗୁଡ଼ିକ ମନଗଢା ଓ ନକଲି, ତଥାପି ଜଣେ ସତ୍ୟାନ୍ୱେଷୀ ପାଇଁ ଏପରି ବିଶ୍ୱାସର କୌଣସି ମାନେ ହୁଏ ନାହିଁ, ଯେହେତୁ ଏହା କୌଣସି ଅନୁସନ୍ଧାନ ଉପରେ ଆଧାରିତ ହୋଇନଥାଏ । ଏବଂ ପରିଣାମ ଏହା ହିଁ ହେବ ଯେ ସେ ସମସ୍ତ ଗ୍ରନ୍ଥ ପରସ୍ପର ମଧ୍ୟରେ ଥିବା ବିରୋଧାଭାସ ଯୋଗୁଁ ରଦ୍ଦ ଓ ଅବିଶ୍ୱସନୀୟ ସିଦ୍ଧ ହେବେ । ଏପରି ପରସ୍ପର ବିରୋଧୀ ଉକ୍ତିଗୁଡ଼ିକୁ ଜ୍ଞାନର ମାଧ୍ୟମ ବୋଲି ବିଚରର କରିବା ଆଦୌ ଉଚିତ ହେବ ନାହିଁ । କାରଣ ଜ୍ଞାନର ସଂଜ୍ଞା ହେଉଛି ଯେ ଏହା ଏକ ନିଶ୍ଚିତ ଧାରଣା ଦେବ ଏବଂ ବିରୋଧାଭାସ ଗୁଡ଼ିକର ସଂଚୟନ ମଧ୍ୟରେ ନିଶ୍ଚିତ ଜ୍ଞାନର ପ୍ରାପ୍ତି ଅସମ୍ଭବ ।

ଏଠାରେ ମନେ ରଖିବା ଉଚିତ ଯେ ପବିତ୍ର କୁରଆନ କେବଳ ଶ୍ରୁତିଲବ୍ଧ ଜ୍ଞାନ ମଧ୍ୟରେ ସୀମିତ ନୁହେଁ କାରଣ ଏଥିରେ ଲୋକମାନଙ୍କୁ ବୁଝାଇବା ସକାଶେ ବଡ଼ ବଡ଼ ଠିକଣା ଦଲିଲମାନ ରହିଛି ଏବଂ ଏହା ଯେଉଁସବୁ ସିଦ୍ଧାନ୍ତ, ଶିକ୍ଷା ଓ ନିୟମମାନ ଉପସ୍ଥାପନ କରିଅଛି, ତନ୍ମଧ୍ୟରେ ଏପରି ଗୋଟିଏ ହେଲେ କଥା ନାହିଁ, ଯେଉଁଥିରେ କଥା ମାନିବାକୁ ବାଧ୍ୟ କରାଯାଇଅଛି ଓ ହୁକୁମ୍ ଜାରି କରାଯାଇଛି । ପବିତ୍ର କୁରଆନ ସ୍ୱୟଂ କହୁଛି ଯେ ଏ ସମସ୍ତ ଶିକ୍ଷା ଓ ନିୟମ ଆଦି ମନୁଷ୍ୟର ପ୍ରକୃତିରେ ପୂର୍ବରୁ ହିଁ ଅଙ୍କିତ ହୋଇ ରହିଛି । ଈଶ୍ୱର ପବିତ୍ର କୁରଆନର ନାମ 'ଜିକ୍ର୍' ଅର୍ଥାତ ସ୍ମାରକ ରଖିଛନ୍ତି । ଯେପରିକି କହିଛନ୍ତି:

(ଅଲ୍ ଅମ୍ବିୟା 21:51) وَهٰذَا ذِكْرٌ مُّبَارَكٌ

ଅର୍ଥାତ 'ଏହି କଲ୍ୟାଣଦାୟକ କୁରଆନ କୌଣସି ନୂତନ ତଥ୍ୟ ଆଣି ନାହିଁ, ବରଂ ମନୁଷ୍ୟର ସ୍ୱଭାବ ଏବଂ ପ୍ରକୃତିର ପୁସ୍ତକରେ ଯାହାସବୁ ଭରି ରହିଛି ତାହାକୁ ସ୍ମରଣ କରାଏ ।' ପୁଣି ଅନ୍ୟ ଏକ ସ୍ଥାନରେ କୁହାଯାଇଛି:

(ଅଲ୍ ବକରା 2:257) لَآ اِكْرَاهَ فِي الدِّيْنِ

ଅର୍ଥାତ 'ଏହି ଧର୍ମ କୌଣସି ବିଷୟକୁ ଜବରଦସ୍ତି ମନାଇବାକୁ ଚହେଁ

ନାହିଁ, ବରଂ ପ୍ରତ୍ୟେକ ବିଷୟ ପାଇଁ ପ୍ରମାଣମାନ ଉପସ୍ଥାପନ କରେ ।’ ଏହାଛଡ଼ା ପବିତ୍ର କୁରଆନରେ ହୃଦୟକୁ ଉଦ୍‌ଭାସିତ କରିବା ପାଇଁ ଏକ ଆଧ୍ୟାତ୍ମିକ ବିଶେଷତ୍ୱ ମଧ୍ୟ ରହିଛି । ଯେପରି ଏହା କହିଛି:

شِفَآءٌ لِّمَا فِى الصُّدُوْرِ (ଅଲ୍ ବକରା 10:58)

ଅର୍ଥାତ ‘କୁରଆନ ନିଜ ବିଶେଷତ୍ୱ ଦ୍ୱାରା ସକଳ ବ୍ୟାଧି ଦୂର କରେ ।’ ସୁତରାଂ ତାହାକୁ କାଳକ୍ରମେ ଗଢ଼ି ଆସିଥିବା ଗ୍ରନ୍ଥ ବୋଲି କହିପାରିବା ନାହିଁ । ବରଂ ତାହା ନିଜ ସାଥିରେ ଉଚ୍ଚକୋଟୀର ଯୁକ୍ତି ସଙ୍ଗତ ପ୍ରମାଣମାନ ରଖିଛି ଏବଂ ଏକ ଦିପ୍ତୀମାନ ଜ୍ୟୋତି ତହିଁରେ ଦେଖିବାକୁ ମିଳୁଛି ।

ଏହିଭଳି ଭାବେ ଉଚିତ ଭୂମିକା ଉପରେ ଆଧାରିତ ବୌଦ୍ଧିକ ଯୁକ୍ତିମାନ ନିଃସନ୍ଦେହ ରୂପେ ‘ଇଲମୁଲ ୟକିନ୍’ ଅର୍ଥାତ ବିଦ୍ୟାଲବ୍ଧ ଜ୍ଞାନ ପର୍ଯ୍ୟନ୍ତ ପହଞ୍ଚାଇ ଥାଆନ୍ତି । ଏହାରି ପ୍ରତି ଗରିମାମୟ ଅଲ୍ଲାଃ ନିମ୍ନ ଆୟତଗୁଡ଼ିକରେ ଇଙ୍ଗିତ କରିଛନ୍ତି:

اِنَّ فِىْ خَلْقِ السَّمٰوٰتِ وَ الْاَرْضِ وَاخْتِلَافِ الَّيْلِ وَ النَّهَارِ
لَاٰيٰتٍ لِّاُولِى الْاَلْبَابِ ۝ الَّذِيْنَ يَذْكُرُوْنَ اللّٰهَ قِيٰمًا
وَّقُعُوْدًا وَّعَلٰى جُنُوْبِهِمْ وَيَتَفَكَّرُوْنَ فِىْ خَلْقِ السَّمٰوٰتِ
وَالْاَرْضِ ۚ رَبَّنَا مَا خَلَقْتَ هٰذَا بَاطِلًا ۚ سُبْحٰنَكَ فَقِنَا
عَذَابَ النَّارِ ۝ (ଆଲେ ଇମ୍‌ରାନ୍ 3:191,192)

ଅର୍ଥାତ ‘ଯେତେବେଳେ ବିଜ୍ଞ ଓ ବୁଦ୍ଧି ସମ୍ପନ୍ନ ବ୍ୟକ୍ତି ପୃଥିବୀ ଓ ମହାକାଶୀୟ ପିଣ୍ଡମାନଙ୍କର ଗଠନକୁ ନିରୀକ୍ଷଣ କରନ୍ତି ଏବଂ ରାତି ଓ ଦିନର ହ୍ରାସ ବୃଦ୍ଧିର କାରଣମାନକୁ ଓ ତହିଁର ଉଦ୍ଦେଶ୍ୟକୁ ସୂକ୍ଷ୍ମ ଦୃଷ୍ଟିରେ ଅନୁଶୀଳନ କରନ୍ତି; ସେତେବେଳେ ଏହି ବ୍ୟବସ୍ଥାକୁ ଲକ୍ଷ୍ୟ କରିବା ଦ୍ୱାରା ସେମାନଙ୍କୁ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ମିଳିଥାଏ । ସୁତରାଂ ଆହୁରି ସ୍ୱଷ୍ଟ ହେବା ପାଇଁ ସେମାନେ ଈଶ୍ୱରଙ୍କ ଠାରୁ ସାହାଯ୍ୟ ଋହାନ୍ତି । ତାଙ୍କୁ ଛିଡ଼ା ହୋଇ, ବସି ଓ କଡ଼ମାଡ଼ି ଶୋଇଥିବା ଅବସ୍ଥାରେ ସ୍ମରଣ କରନ୍ତି, ଯଦ୍ୱାରା ସେମାନଙ୍କ ବୁଦ୍ଧି ଆହୁରି ତୀକ୍ଷଣ ହୁଏ ।’ ସୁତରାଂ ଯେତେବେଳେ ସେମାନେ ସେହି ବୁଦ୍ଧି ଦ୍ୱାରା ମହାକାଶୀୟ ପିଣ୍ଡଗୁଡ଼ିକର

ତଥା ପୃଥିବୀର ଉନ୍ନତ ସୁଚାରୁ ଗଠନ ପ୍ରତି ଚିନ୍ତନ କରନ୍ତି, ସେତେବେଳେ ଆପଣା ଛାଏଁ କହି ଉଠନ୍ତି 'ଏପରି ସୁଦୃଢ ଓ ନିୟନ୍ତ୍ରିତ ବ୍ୟବସ୍ଥା କଦାପି ବୃଥା ଓ ଅକାରଣେ ହୋଇ ନାହିଁ, ବରଂ ଏହା ତାହାର ପ୍ରକୃତ ସୃଷ୍ଟିକର୍ତ୍ତାଙ୍କ ରୂପକୁ ଦେଖାଉଛି ।' ସୁତରାଂ ସେମାନେ ସମଗ୍ର ବିଶ୍ୱର ରଚୟିତାଙ୍କ ଈଶ୍ୱରତ୍ୱକୁ ସ୍ୱୀକାର କରି ନିବେଦନ କରନ୍ତି ଯେ 'ହେ ଈଶ୍ୱର ! ତୁମ୍ଭେ ଏଥିରୁ ପବିତ୍ର ଯେ, କେହି ତୁମ୍ଭର ଅସ୍ତିତ୍ୱକୁ ଅସ୍ୱୀକାର କରି, ତୁମ୍ଭଙ୍କୁ ଅଯୋଗ୍ୟ ଗୁଣାବଳୀ ଦ୍ୱାରା ତୁମକୁ ନାମିତ କରୁ । ତେଣୁ ଆମକୁ ନରକର ଅଗ୍ନିରୁ ରକ୍ଷାକର ।' ଅର୍ଥାତ ତୁମ୍ଭଙ୍କୁ ଅସ୍ୱୀକାର କରିବା ହିଁ ବାସ୍ତବ ନର୍କ । ସମସ୍ତ ସୁଖ ଓ ଶାନ୍ତି ତୁମ୍ଭ ଠାରେ ଏବଂ ତୁମ୍ଭର ସନ୍ଧାନ ଲଭିବାରେ ରହିଛି । ଯେଉଁ ବ୍ୟକ୍ତି ତୁମ୍ଭର ବାସ୍ତବ ସନ୍ଧାନ ପାଇବାରୁ ବଞ୍ଚିତ, ସେ ପ୍ରକୃତରେ ଏହି ସଂସାରରେ ଅଗ୍ନି ମଧ୍ୟରେ ରହିଛି ।

## ମାନବୀୟ ସ୍ୱଭାବର ବାସ୍ତବିକତା

ମନୁଷ୍ୟର କନ୍‌ସାଇନସ୍ (ବିବେକ) ମଧ୍ୟ ଜ୍ଞାନର ଏକ ମାଧ୍ୟମ । ଈଶ୍ୱରଙ୍କ ପୁସ୍ତକରେ ଯାହାର ନାମ ମାନବୀୟ ପ୍ରକୃତି ରଖାଯାଇଛି । ଯେପରିକି ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି:

(ଅର୍ ରୋମ୍ 30:31) فِطْرَتَ اللّٰهِ الَّتِیْ فَطَرَ النَّاسَ عَلَیْهَا

ଅର୍ଥାତ ଈଶ୍ୱରଙ୍କ ରୂପ ଯାହାର ଅନୁରୂପେ ମନୁଷ୍ୟକୁ ସୃଷ୍ଟି କରାଯାଇଛି, ତା'ଠାରେ ସେହି ରୂପର କେଉଁଭଳି ପ୍ରତିବିମ୍ବ ରହିଛି । ସେଇଟି ହେଉଛି ଈଶ୍ୱରଙ୍କୁ ଏକ, ଅଦ୍ୱିତୀୟ, ସର୍ବସ୍ରଷ୍ଟା ଓ ଜନ୍ମ ମୃତ୍ୟୁରୁ ଉର୍ଦ୍ଧ୍ୱରେ ବୋଲି ବୋଧ କରିବା । ଆମେ ବିବେକକୁ ଏଥି ନିମନ୍ତେ ବିଦ୍ୟାଲବ୍ଧ ଜ୍ଞାନର ଶ୍ରେଣୀରେ ବୋଲି କହୁଛୁ କାରଣ ଯଦିଓ ପ୍ରକାଶ୍ୟ ଭାବେ ଏଥିରେ ଗୋଟିଏ ଜ୍ଞାନର ଅନ୍ୟ ଏକ ଜ୍ଞାନ ଆଡ଼କୁ ଗତି କରୁଥିବାର ପରିଲକ୍ଷିତ ହୁଏ ନାହିଁ, ଯେପରିକି ଧୂଆଁ ଦେଖି ନିଆଁ ଆଡ଼କୁ ଧ୍ୟାନ ଗତି କରିଥାଏ, ତଥାପି ଏଥିରେ ଏକ ପ୍ରକାରର ସୂକ୍ଷ୍ମ ସ୍ଥାନାନ୍ତରଣ ଲକ୍ଷ୍ୟ କରାଯାଏ । ତାହା ହେଉଛି ଈଶ୍ୱର ପ୍ରତ୍ୟେକ ବସ୍ତୁ ମଧ୍ୟରେ ଏପରି ଏକ ଅଜ୍ଞାତ ବିଶେଷତ୍ୱ ରଖିଛନ୍ତି, ଯାହାକୁ କଥାରେ କିମ୍ବା ଭାଷାରେ ରୂପାନ୍ତର କରିହେବ

ନାହିଁ । କିନ୍ତୁ ସେହି ବସ୍ତୁ ପ୍ରତି ଦୃଷ୍ଟି ନିକ୍ଷେପ କଲେ ଓ ତାହାକୁ କଳ୍ପନା କଲେ ସହସା ମନୁଷ୍ୟର ଧ୍ୟାନ ସେହି ବିଶେଷତ୍ୱ ଆଡ଼କୁ ସ୍ଥାନାନ୍ତରିତ ହୋଇଯାଏ । ସୁତରାଂ ସେହି ବିଶେଷତ୍ୱ ଉକ୍ତ ବସ୍ତୁ ସହିତ ଏପରି ଭାବେ ଜଡ଼ିତ ଥାଏ, ଯେପରି ନିଆଁ ସହିତ ଧୂଆଁ ଜଡ଼ି ରହିଥାଏ । ଉଦାହରଣ ସ୍ୱରୂପ, ଯେତେବେଳେ ଆମେ ଈଶ୍ୱରଙ୍କ ସତ୍ତା ସମ୍ବନ୍ଧରେ ଚିନ୍ତାକରୁ ଯେ ସେ କିପରି ହେବା ଉଚିତ, କ'ଣ ଈଶ୍ୱର ଏପରି ହେବା ଉଚିତ୍ ଯେ ସେ ଆମ ପରି ଜନ୍ମ ନେବେ, ଆମ ପରି ଦୁଃଖ ସହିବେ ଓ ଆମମାନଙ୍କ ପରି ମୃତ୍ୟୁ ଲଭିବେ ? ସେତେବେଳେ ଏପରି ଧାରଣା ଯୋଗୁଁ ସହସା ଆମ ହୃଦୟ ଦୁଃଖୀ ହୋଇଯାଏ ଓ ବିବେକ ଥରି ଉଠେ ଓ ଏପରି ଭାବେ ଆନ୍ଦୋଳିତ ହୁଏ, ମନେହୁଏ ସତେ ଯେପରି ସେ ଏହି ଧାରଣାକୁ ଏକ ବାରକେ ପ୍ରତ୍ୟାଖ୍ୟାନ କରୁଛି ଏବଂ କହି ଉଠୁଛି ଯେ, ସେହି ପରମେଶ୍ୱର ଯାହାଙ୍କ ଶକ୍ତି ଉପରେ ସମସ୍ତ ଆଶା ତିଷ୍ଠି ରହିଛି ସେ ସକଳ ଦୋଷରୁ ମୁକ୍ତ, ସ୍ୱୟଂ ସମ୍ପୂର୍ଣ୍ଣ ତଥା ଅସୀମ ବଳବାନ ହେବା ଆବଶ୍ୟକ । ଯେତେବେଳେବି ଆମେ ଈଶ୍ୱରଙ୍କ ସମ୍ପର୍କରେ ଚିନ୍ତାକରୁ ତତ୍କ୍ଷଣାତ, ଆମେ ଈଶ୍ୱର ଓ ଏକତ୍ୱ ମଧ୍ୟରେ ନିଆଁ ଓ ଧୂଆଁ ମଧ୍ୟରେ ଥିବା ଅଭିନ୍ନତା ବରଂ ତା'ଠାରୁ ମଧ୍ୟ ବହୁ ଅଧିକ ପରିମାଣରେ ନିବିଡ଼ତା ଅନୁଭବ କରିଥାଉ । ସୁତରାଂ ଆମକୁ ଆମ ବିବେକ ମାଧ୍ୟମରେ ଯେଉଁ ଜ୍ଞାନ ଉପଲବ୍ଧ ହୁଏ, ତାହା ବିଦ୍ୟାଲବ୍ଧ ବିଶ୍ୱାସ ଶ୍ରେଣୀରେ ଅନ୍ତର୍ଭୁକ୍ତ । କିନ୍ତୁ ଏହା ଠାରୁ ଉପରେ ଆହୁରି ଏକ ଶ୍ରେଣୀ ରହିଛି, ଯାହାକୁ ଦୃଷ୍ଟିଲବ୍ଧ ବିଶ୍ୱାସ କହନ୍ତି । ଏହି ଶ୍ରେଣୀରେ ଉପଲବ୍ଧ ହେଉଥିବା ଜ୍ଞାନ ହେଉଛି ତାହା, ଯେତେବେଳେ ଆମର ବିଶ୍ୱାସ ଏବଂ ସେହି ବସ୍ତୁ ଯାହା ଉପରେ ଆମର କୌଣସି କିସମର ବିଶ୍ୱାସ ରହିଛି, ଏ ଦୁହିଁଙ୍କ ମଧ୍ୟରେ କୌଣସି ମାଧ୍ୟମ ନଥାଏ । ଦୃଷ୍ଟାନ୍ତ ସ୍ୱରୂପ ଯେତେବେଳେ ଆମେ ଘ୍ରାଣ ଶକ୍ତି ଦ୍ୱାରା କୌଣସି ସୁଗନ୍ଧ ବା ଦୁର୍ଗନ୍ଧକୁ ଜାଣୁ କିମ୍ବା ଆମେ ସ୍ୱାଦ ଶକ୍ତି ଦ୍ୱାରା ମଧୁରତା ଅଥବା ଲବଣତ୍ୱକୁ ଜାଣୁ କିମ୍ବା ସ୍ପର୍ଶ ଶକ୍ତି ଦ୍ୱାରା ଗରମ କିମ୍ବା ଥଣ୍ଡାକୁ ଜାଣୁ, ସେତେବେଳେ ଏସମସ୍ତ ପ୍ରକାରର ଜାଣିବା ଆମର ଦୃଷ୍ଟିଲବ୍ଧ ବିଶ୍ୱାସ ଶ୍ରେଣୀରେ ଅନ୍ତର୍ଭୂକ୍ତ ହୋଇଥାଏ । କିନ୍ତୁ ପରକାଳ ବିଷୟରେ ଆମର ଈଶ୍ୱର ସମ୍ବନ୍ଧୀୟ ଜ୍ଞାନ

ସେତେବେଳେ ଦୃଷ୍ଟିଲବ୍ଧ ବିଶ୍ୱାସର ସ୍ତରକୁ ପହଞ୍ଚେ, ଯେତେବେଳେ ଆମେ ସ୍ୱୟଂ କୌଣସି ମାଧ୍ୟମ ବିନା ଦୈବୀବାଣୀ ପ୍ରାପ୍ତ କରୁ । ଈଶ୍ୱରଙ୍କ ଶବ୍ଦକୁ ନିଜ କର୍ଣ୍ଣ ଦ୍ୱାରା ଶ୍ରବଣ କରୁ ଏବଂ ସ୍ପଷ୍ଟ ଓ ସତ୍ୟ ଅଲୌକିକ ଦୃଶ୍ୟମାନ ସ୍ୱଚକ୍ଷୁରେ ଦେଖୁ । ଆମେ ପୂର୍ଣ୍ଣ ଜ୍ଞାନ ପ୍ରାପ୍ତି ପାଇଁ ନିଃସନ୍ଦେହ ରୂପେ ଦିବ୍ୟବାଣୀ ଉପରେ ନିର୍ଭରଶୀଳ ଏବଂ ଏହି ପୂର୍ଣ୍ଣ ଜ୍ଞାନକୁ ପାଇବା ସକାଶେ ଆମେ ଆମ ହୃଦୟରେ କ୍ଷୁଧା ଓ ତୃଷ୍ଣା ରହିଥିବାର ମଧ୍ୟ ଅନୁଭବ କରିଥାଉ । ଯଦି ସର୍ବଶକ୍ତିମାନ ଈଶ୍ୱର ଆମ ପାଇଁ ପ୍ରଥମରୁ ଏହି ପୂର୍ଣ୍ଣ ଜ୍ଞାନ ପାଇବାର ବ୍ୟବସ୍ଥା କରି ନାହାନ୍ତି, ତେବେ ସେ ଆମ ଠାରେ ଏହି କ୍ଷୁଧା ଓ ତୃଷ୍ଣା କାହିଁକି ଜନ୍ମାଇଛନ୍ତି ? କ'ଣ ଆମେ ଆମର ଏହି ଜୀବନ କାଳରେ ଯାହାକି ଆମ ପରକାଳ ଜୀବନର ପୁଞ୍ଜି ପାଇଁ ଏକମାତ୍ର ମାପଦଣ୍ଡ, ଏହି କଥାରେ ରାଜି ହୋଇପାରିବା ଯେ ଆମେ ସେହି ସତ୍ୟ, ସ୍ୱୟଂ ସମ୍ପୂର୍ଣ୍ଣ ଓ ସର୍ବଶକ୍ତିମାନ ତଥା ଜୀବନ୍ତ ଈଶ୍ୱରଙ୍କ ଉପରେ କେବଳ ଗପ ଓ ବୌଦ୍ଧିକ କାହାଣୀମାନ ଅନୁଯାୟୀ ବିଶ୍ୱାସ ନେଇ ଆସିବା ? ଅଥବା କେବଳ ମାତ୍ର ବୌଦ୍ଧିକ ଜ୍ଞାନକୁ ଯଥେଷ୍ଟ ଭାବିନେବା, ଯାହାକି ଆଜି ସୁଦ୍ଧା ତ୍ରୁଟିପୂର୍ଣ୍ଣ ଓ ଅସମ୍ପୂର୍ଣ୍ଣ ଜ୍ଞାନ ହୋଇ ରହିଛି ? କ'ଣ ଈଶ୍ୱରଙ୍କ ସଚ୍ଚା ପ୍ରେମିକ ଓ ପ୍ରକୃତ ସ୍ନେହୀମାନଙ୍କ ହୃଦୟ ଚହେଁ ନାହିଁ ଯେ ସେହି ପ୍ରିୟତମର ସମ୍ଭାଷଣରୁ ଆନନ୍ଦ ଲାଭ କରୁ ? ଯେଉଁମାନେ ଈଶ୍ୱରଙ୍କ ସକାଶେ ସମସ୍ତ ସଂସାରକୁ ଜଳାଞ୍ଜଳି ଦେଇଦେଲେ, ହୃଦୟକୁ ସମର୍ପି ଦେଲେ ଓ ନିଜ ଜୀବନକୁ ଉତ୍ସର୍ଗ କରିଦେଲେ, ସେମାନେ କ'ଣ ଏ କଥାରେ ରାଜି ହୋଇପାରିବେ ଯେ କେବଳ ଏକ ଅସ୍ପଷ୍ଟ ଆଲୋକ ମଧ୍ୟରେ ସେମାନେ ଛିଡ଼ା ହୋଇ ମରୁଥିବେ ଏବଂ ସେହି ସତ୍ୟ-ସୂର୍ଯ୍ୟର ମୁଖ ଦର୍ଶନ କରିବେ ନାହିଁ ? ଏହା କ'ଣ ସତ୍ୟ ନୁହେଁ ଯେ ସେ ଜୀବନ୍ତ ଈଶ୍ୱରଙ୍କ 'ଅନଲ୍ ମୌଯୁଦ୍' (ମୁଁ ଉପସ୍ଥିତ) କହିବା ଦିବ୍ୟ ଜ୍ଞାନର ସେ ପର୍ଯ୍ୟାୟ ପ୍ରଦାନ କରେ ଯେ ଯଦି ପୃଥିବୀର ସମସ୍ତ ଦାର୍ଶନିକମାନଙ୍କର ସ୍ୱରଚିତ ଗ୍ରନ୍ଥମାନଙ୍କୁ ଏକ ପାର୍ଶ୍ୱରେ ରଖାଯାଏ ଓ ଈଶ୍ୱରଙ୍କ 'ଅନଲ୍ ମୌଯୁଦ୍' କହିବାକୁ ଅନ୍ୟ ପାର୍ଶ୍ୱରେ ରଖାଯାଏ, ତେବେ ଏହା ସମକ୍ଷରେ ସେ ସମସ୍ତ ଲେଖାମାନ ତୁଚ୍ଛ ମାତ୍ର ! ଯେଉଁମାନେ ଦାର୍ଶନିକ ବୋଲାଇ ନିଜେ ଅନ୍ଧ ହୋଇ ରହିଲେ

ସେମାନେ ଆମକୁ କ'ଣ ବା ଶିଖାଇବେ ? ସୁତରାଂ ଯଦି ସର୍ବଶକ୍ତିମାନ ଅଲ୍ଲାଃ ସତ୍ୟର ଅନିସନ୍ଧିସୁମାନଙ୍କୁ ପରିପୂର୍ଣ୍ଣ ଦିବ୍ୟଜ୍ଞାନ ପ୍ରଦାନ କରିବାର ମନସ୍ଥ କରିଛନ୍ତି, ତେବେ ସେ ନିଶ୍ଚୟ ସ୍ୱ ବାଣୀ ଓ କଥୋପକଥନର ମାର୍ଗ ଉନ୍ମୁକ୍ତ କରି ରଖିଛନ୍ତି । ଏ ସମ୍ବନ୍ଧରେ ଐଶ୍ୱର୍ଯ୍ୟମୟ ଅଲ୍ଲାଃ ପବିତ୍ର କୁରଆନରେ କହିଛନ୍ତି:

اِهۡدِنَا الصِّرَاطَ الۡمُسۡتَقِيۡمَ ۙ صِرَاطَ الَّذِيۡنَ اَنۡعَمۡتَ عَلَيۡهِمۡ

(ଅଲ୍ ଫାତିହା 1:6-7)

ଅର୍ଥାତ 'ହେ ଈଶ୍ୱର ! ଆମକୁ ସ୍ଥିରତାର ସେ ପଥ ଜଣାଇ ଦିଅ, ଯେଉଁ ପଥ ସେମାନଙ୍କ ପଥ ଅଟେ, ଯେଉଁମାନଙ୍କ ପ୍ରତି ତୁମ୍ଭର ପୁରସ୍କାର ଅବତୀର୍ଣ୍ଣ ହୋଇଛି ।' ଏଠାରେ ପୁରସ୍କାରର ଅର୍ଥ ହେଉଛି ଦୈବୀବାଣୀ ଓ ଦୈବୀ ଦୃଶ୍ୟ ଆଦି ଆକାଶୀୟ ଜ୍ଞାନ ସମୂହ, ଯାହା ମନୁଷ୍ୟକୁ ପ୍ରତ୍ୟକ୍ଷ ରୂପେ ମିଳିଥାଏ । ସେହିପରି ଅନ୍ୟ ଏକ ସ୍ଥାନରେ ଈଶ୍ୱର କହିଛନ୍ତି:

اِنَّ الَّذِيۡنَ قَالُوۡا رَبُّنَا اللّٰهُ ثُمَّ اسۡتَقَامُوۡا تَتَنَزَّلُ عَلَيۡهِمُ
الۡمَلٰٓـئِكَةُ اَلَّا تَخَافُوۡا وَلَا تَحۡزَنُوۡا وَاَبۡشِرُوۡا بِالۡجَـنَّةِ الَّتِىۡ
كُنۡتُمۡ تُوۡعَدُوۡنَ ۝

(ହା-ମିମ୍ ସଜ୍‌ଦଃ 41:31)

ଅର୍ଥାତ 'ଯେଉଁ ଲୋକମାନେ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ସ୍ଥାପନ କରି ସେଥିପ୍ରତି ପୂର୍ଣ୍ଣ ରୂପେ ଅବିଚଳ ରୁହନ୍ତି, ତାଙ୍କ ପ୍ରତି ସର୍ବଶକ୍ତିମାନ ଈଶ୍ୱରଙ୍କ ଦେବଦୂତଗଣ ଅବତୀର୍ଣ୍ଣ ହୁଅନ୍ତି ଏବଂ ଏହି ଦୈବୀବାଣୀ ସେମାନଙ୍କୁ ପ୍ରଦାନ କରନ୍ତି ଯେ, 'ତୁମେମାନେ ଆଦୌ ଭୟକର ନାହିଁ ଓ ଦୁଃଖ କର ନାହିଁ । ତୁମମାନଙ୍କ ସକାଶେ ସେହି ବୈକୁଣ୍ଠ ରହିଛି, ଯାହା ସମ୍ବନ୍ଧରେ ତୁମମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଛି ।' ସୁତରାଂ ଏହି ଆୟତରେ ମଧ୍ୟ ସ୍ପଷ୍ଟ ଶବ୍ଦରେ କୁହାଯାଇଛି ଯେ ସର୍ବଶକ୍ତିମାନ ଈଶ୍ୱରଙ୍କ ପୁଣ୍ୟବାନ ଭକ୍ତଗଣ ଦୁଃଖ ଓ ଭୟ ସମୟରେ ଈଶ୍ୱରଙ୍କ ଠାରୁ ଦୈବୀବାଣୀ ଲଭନ୍ତି ଏବଂ ଦେବଦୂତଗଣ ଅବତୀର୍ଣ୍ଣ ହୋଇ ସେମାନଙ୍କୁ ଆଶ୍ୱାସନା ଦିଅନ୍ତି । ପୁନରାୟ ଅନ୍ୟ ଏକ ଆୟତରେ କହିଛନ୍ତି:

لَهُمُ الۡبُشۡرٰى فِى الۡحَيٰوةِ الدُّنۡيَا وَفِى الۡاٰخِرَةِ

(ୟୁନୁସ୍ 10:65)

ଅର୍ଥାତ 'ଈଶ୍ୱରଙ୍କ ମିତ୍ରମାନଙ୍କୁ ଦୈବୀବାଣୀ ଓ ଈଶ୍ୱରଙ୍କ ସମ୍ଭାଷଣ ମାଧ୍ୟମରେ ଇହ କାଳରେ ସୁସମାଚାର ପ୍ରାପ୍ତ ହୁଏ ଏବଂ ପରକାଳରେ ମଧ୍ୟ ପ୍ରାପ୍ତ ହେବ ।'

## ଦୈବୀବାଣୀର ତାତ୍ପର୍ଯ୍ୟ କ'ଣ ?

ଏଠାରେ କିନ୍ତୁ ମନେ ରଖିବା ଉଚିତ ଯେ 'ଏଲ୍‌ହାମ୍' (ଦୈବୀବାଣୀ) ଶବ୍ଦର ଅର୍ଥ ଏଠାରେ ଏହା ନୁହେଁ ଯେ ଚିନ୍ତା ଓ ବିଚାର ଦ୍ୱାରା କୌଣସି କଥାର ହୃଦୟ ମଧ୍ୟରେ ଜନ୍ମ ନେବା, ଯେପରିକି କବି ଯେତେବେଳେ କବିତା ଲେଖିବାର ପ୍ରୟାସ କରେ କିମ୍ବା ଗୋଟିଏ ପଦ ଲେଖି ଆର ପଦଟି ଭାବୁଥାଏ ସେତେବେଳେ ଯଦି ସେହି ଆର ପଦଟି ମନ ଭିତରକୁ ଚାଲିଆସେ; ତେବେ ସେହି ଆର ପଦର ମନ ଭିତରକୁ ଆସିଯିବା 'ଏଲ୍‌ହାମ୍' ଦୈବୀବାଣୀ ନୁହଁ । ବରଂ ଈଶ୍ୱରଙ୍କ ସୃଷ୍ଟ ପ୍ରକୃତିର ନିୟମାନୁଯାୟୀ ନିଜ ଚିନ୍ତା ଓ ଭାବନାର ଏକ ଫଳ ମାତ୍ର ! ଯେଉଁବ୍ୟକ୍ତି ଭଲ କଥାମାନ ଭାବୁଥାଏ କିମ୍ବା ମନ୍ଦଚିନ୍ତା କରୁଥାଏ, ତା' ମନ ଭିତରକୁ ତା'ର ଖୋଜିବା ଅନୁରୂପ କଥାଟିଏ ଅବଶ୍ୟ ଆସିଯାଏ । ଉଦାହରଣ ସ୍ୱରୂପ, ଜଣେ ପୁଣ୍ୟବାନ ଓ ସତ୍ୟଶୀଳ ବ୍ୟକ୍ତି ଯେ ସତ୍ୟର ସମର୍ଥନରେ ଯଦି କେଇପଦ କବିତା ରଚନା କରେ ଓ ଅପର ପକ୍ଷରେ ଅନ୍ୟ ଜଣେ ବ୍ୟକ୍ତି ଯେ କି ଅଧମ ଓ ଅପବିତ୍ର, ସେ ତା' କବିତାରେ ମିଥ୍ୟାକୁ ସମର୍ଥନ କରେ ଏବଂ ସତ୍ୟନିଷ୍ଠଙ୍କୁ ଭର୍ତ୍ସନା କରେ, ସୁତରାଂ ଏ ଦୁହେଁ ନିଃସନ୍ଦେହ ରୂପେ କିଛି ନା କିଛି କବିତା ଗଢି ନେବେ । ଏବଂ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ ଯେ ସେହି ସତ୍ୟଶୀଳମାନଙ୍କ ଶତ୍ରୁ ଯିଏ ମିଥ୍ୟାକୁ ସମର୍ଥନ କରୁଥାଏ, କବିତା ଲେଖିବାର ରୀତିମତ ଅଭ୍ୟାସ ଯୋଗୁଁ ତା' କବିତା ଅଧିକ ଉତ୍କୃଷ୍ଟ ହୋଇଯାଇପାରେ । ଅତଏବ କେବଳ ମନ ମଧ୍ୟରେ କୌଣସି ଭାବନା ଜାତ ହୋଇ ଯିବାକୁ ଯଦି 'ଏଲ୍‌ହାମ୍' ଦିବ୍ୟବାଣୀ ବୋଲି କୁହାଯିବ, ତେବେ ଏକ ଦୁଷ୍ଟ କବି ଯେକି ସତ୍ୟର ଓ ସତ୍ୟଶୀଳମାନଙ୍କ ଶତ୍ରୁ, ଯେ ସତ୍ୟର ବିରୋଧରେ ସର୍ବଦା ନିଜର ଲେଖନୀ ଚାଳନା କରୁଥାଏ ଏବଂ ମିଥ୍ୟାକୁ ଆୟୁଧ କରିଥାଏ, ସେ ଈଶ୍ୱରଙ୍କ ଏଲ୍‌ହାମ୍, ଦୈବୀବାଣୀ ପ୍ରାପ୍ତ ବ୍ୟକ୍ତି ବୋଲାଇବ !

ଦୁନିଆରେ ଉପନ୍ୟାସ ଗୁଡ଼ିକରେ ଯାଦୁକାରୀ ବର୍ଣ୍ଣନାମାନ ଦେଖିବାକୁ ମିଳେ । ଏବେ ତୁମେ ଲକ୍ଷ୍ୟ କର ଯେ ଏପରି ସମ୍ପୂର୍ଣ୍ଣ ମିଥ୍ୟା କିନ୍ତୁ ବିରାମହୀନ ଘଟଣାମାନ ଲୋକମାନଙ୍କ ମନ ମଧ୍ୟରେ ଜନ୍ମ ନେଉଥାଏ, ତେବେ କ'ଣ ସେଗୁଡ଼ିକୁ ଆମେ ଏଲ୍‌ହାମ୍ ବା ଦୈବୀବାଣୀ କହିପାରିବା ? ବରଂ ଯଦି ଏଲ୍‌ହାମ୍‌ର ଅର୍ଥ କେବଳ ହୃଦୟରେ ଉତ୍ପନ୍ନ ହେଉଥିବା କିଛି କଥାକୁ ନିଆଯାଏ, ତେବେ ଜଣେ ଚୋର ମଧ୍ୟ ନିଜକୁ ଦୈବୀବାଣୀ ପ୍ରାପ୍ତ ବ୍ୟକ୍ତି ବୋଲାଇ ପାରିବ । କାରଣ ସେ ମଧ୍ୟ ଭାବି ଭାବି ସମୟେ ସମୟେ ସିନ୍ଧି କରିବାର ସୁନ୍ଦର କୌଶଳମାନ ବାହାର କରିଥାଏ ଏବଂ ଡ଼କାୟତି କରିବା ତଥା ଅକାରଣେ ହତ୍ୟା କରିବାର ଉତ୍କୃଷ୍ଟ ଉପାୟମାନ ମଧ୍ୟ ତା' ମନ ମଧ୍ୟରେ ଜାତ ହୋଇଥାଏ । ସୁତରାଂ ସେହି ସମସ୍ତ ଅପବିତ୍ର ଉପାୟଗୁଡ଼ିକର ନାମ ଏଲ୍‌ହାମ୍ ରଖିବା କ'ଣ ଆମ ପକ୍ଷେ ଉଚିତ ହେବ ? କଦାପି ନୁହେଁ । ବରଂ ଏହା କେବଳ ସେହି ବ୍ୟକ୍ତିମାନଙ୍କର ଧାରଣା, ଯେଉଁମାନଙ୍କୁ ଅଦ୍ୟାବଧି ସେହି ସତ୍ୟ ଈଶ୍ୱରଙ୍କ ସନ୍ଧାନ ମିଳି ନାହିଁ । ସେ ଈଶ୍ୱର ଯେକି ସ୍ୱୟଂ ବିଶେଷ ସମ୍ଭାଷଣ ଦ୍ୱାରା ହୃଦୟକୁ ସାନ୍ତ୍ୱନା ପ୍ରଦାନ କରନ୍ତି ଏବଂ ଅଜ୍ଞାନୀଙ୍କୁ ଆଧ୍ୟାତ୍ମିକ ଜ୍ଞାନର ଗୂଢ ତତ୍ତ୍ୱ ବୁଝାଇ ଥାଆନ୍ତି ।

ଏଲ୍‌ହାମ୍ ତେବେ କ'ଣ ? ଏହା ହେଉଛି ପବିତ୍ର ଓ ସର୍ବଶକ୍ତିମାନ ଈଶ୍ୱରଙ୍କର ମନୋନୀତ ଭକ୍ତଙ୍କ ସହିତ ଅଥବା ସେପରି ବ୍ୟକ୍ତି ଯାହାକୁ ସେ ମନୋନୀତ କରିବାକୁ ଚାହାନ୍ତି, ତା' ସହିତ ଏକ ଜୀବନ୍ତ ଓ ସଶକ୍ତ ସମ୍ଭାଷଣ ମାଧ୍ୟମରେ ବାର୍ତ୍ତାଳାପ ଓ କଥୋପକଥନ । ସୁତରାଂ ଯେତେବେଳେ ଏହି ବାର୍ତ୍ତାଳାପ ଓ କଥୋପକଥନ ପର୍ଯ୍ୟାପ୍ତ ରୂପେ ଓ ସନ୍ତୋଷ ଜନକ ଭାବେ ନିରନ୍ତର ଚାଲିବା ଆରମ୍ଭ ହୋଇଯାଏ ଓ ସେଥିରେ ଭ୍ରାନ୍ତ ଧାରଣାମାନର ଅନ୍ଧକାର ନ ଥାଏ କିମ୍ବା ଅଭାବ ପୂର୍ଣ୍ଣ ଓ କିଛି ନିରର୍ଥକ ଶବ୍ଦଗୁଡ଼ିକର ମିଶ୍ରଣ ନଥାଏ, ଏବଂ ସେହି ବାଣୀ ଅତ୍ୟନ୍ତ ହୃଦୟଗ୍ରାହୀ, ତତ୍ତ୍ୱ ସମ୍ବଳିତ ତଥା ଗରିମାମୟ ହୋଇଥାଏ, ତେବେ ତାହା ନିଶ୍ଚିତ ରୂପେ ଈଶ୍ୱରଙ୍କ ବାଣୀ, ଯାହା ଦ୍ୱାରା ସେ ନିଜ ଭକ୍ତକୁ ଆଶ୍ୱାସନା ଦେବାକୁ ଚାହାନ୍ତି ଏବଂ ନିଜକୁ ତା' ନିକଟରେ ପ୍ରକଟ କରନ୍ତି । ହଁ, ଅବଶ୍ୟ ବେଳେ ବେଳେ

କତିପୟ ସମ୍ଭାଷଣ କେବଳ ଭକ୍ତକୁ ପରୀକ୍ଷା କରିବା ନିମନ୍ତେ ହୋଇଥାଏ, ଯାହା ନିଜ ସହିତ ପୂର୍ଣ୍ଣ ତଥା ମଙ୍ଗଳକର ସାମଗ୍ରୀ ରଖି ନଥାଏ । ଏଥିରେ ଈଶ୍ୱରଙ୍କ ଭକ୍ତକୁ ତା'ର ପ୍ରାଥମିକ ଅବସ୍ଥାରେ ପରୀକ୍ଷା କରାଯାଏ । ଯଦ୍ଦ୍ୱାରା ସେ ଦୈବୀବାଣୀର ଏକ କଣିକା ଚାଖି ନିଜ କାର୍ଯ୍ୟକଳାପକୁ ପୂର୍ଣ୍ଣତଃ ଦୈବୀବାଣୀ ପ୍ରାପ୍ତ ବ୍ୟକ୍ତିମାନଙ୍କ ପରି କରିଦେବ ଅଥବା ଝୁଣ୍ଟି ପଥଚ୍ୟୁତ ହୋଇଯିବ । ସୁତରାଂ ସେ ଯଦି ସତ୍ୟନିଷ୍ଠଙ୍କ ପରି ବାସ୍ତବ ସତ୍ୟକୁ ଗ୍ରହଣ ନ କରେ, ତେବେ ସେହି ବରଦାନର ପୂର୍ଣ୍ଣାଙ୍ଗ ଉପଲବ୍ଧିରୁ ବଞ୍ଚିତ ହୋଇଯିବ ଓ ତାକୁ ହସ୍ତଗତ ହେବ କେବଳ କିଛି ବୃଥା ଆସ୍ଫାଳନ ମାତ୍ର ! କୋଟି କୋଟି ପୁଣ୍ୟବାନ ଭକ୍ତମାନଙ୍କୁ ଦୈବୀବାଣୀ ପ୍ରାପ୍ତ ହୋଇ ଆସୁଛି । କିନ୍ତୁ ଈଶ୍ୱରଙ୍କ ନିକଟରେ ସେମାନଙ୍କ ପଦ-ମର୍ଯ୍ୟାଦା ଏକା ନୁହଁ । ଏପରିକି ଈଶ୍ୱରଙ୍କ ପବିତ୍ର ଅବତାର ଯେଉଁମାନେ ଅତ୍ୟନ୍ତ ସ୍ୱଷ୍ଟ ରୂପେ ସର୍ବୋଚ୍ଚ ସ୍ତରର ଦୈବୀବାଣୀ ପ୍ରାପ୍ତ କରି ଥାଆନ୍ତି, ସେମାନେ ମଧ୍ୟ ପଦ ମର୍ଯ୍ୟାଦାରରେ ବରାବର ନୁହଁନ୍ତି । ସର୍ବଶକ୍ତିମାନ ଈଶ୍ୱର କହିଛନ୍ତି:

تِلْكَ الرُّسُلُ فَضَّلْنَا بَعْضَهُمْ عَلَىٰ بَعْضٍ (ଅଲ୍ ବକରା 2:254)

ଅର୍ଥାତ 'କେତେକ ଅବତାରଙ୍କର ଅନ୍ୟ କେତେକ ଅବତାରଙ୍କ ଉପରେ ପ୍ରାଧାନ୍ୟ ରହିଛି । ଏଥିରୁ ସାବ୍ୟସ୍ତ ହେଉଛି ଯେ ଦୈବୀବାଣୀ ପାଇବା ଈଶ୍ୱରଙ୍କର ଏକ କୃପା ମାତ୍ର । ପ୍ରାଧାନ୍ୟ ପାଇବା କ୍ଷେତ୍ରରେ ଏହାର କୌଣସି ଭୂମିକା ନାହିଁ । ବରଂ ପ୍ରାଧାନ୍ୟ ନିର୍ଭରଶୀଳ ରହିଛି ସେହି ସତ୍ୟନିଷ୍ଠା, ଆନ୍ତରିକତା ଓ ବିଶ୍ୱସ୍ତତାର ସ୍ତର ଉପରେ ଯାହାକୁ ଈଶ୍ୱର ହିଁ କେବଳ ଜାଣନ୍ତି । ଅବଶ୍ୟ ଦୈବୀବାଣୀ ଯଦି ତାର କଲ୍ୟାଣମୟ ସର୍ତ୍ତ ସହିତ ହୋଇଥାଏ, ତେବେ ତାହା ମଧ୍ୟ ଏସବୁର ଏକ ଫଳ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଯଦି ଦୈବୀବାଣୀ ଏପରି ହୁଏ ଯେ ଭକ୍ତ ପ୍ରଶ୍ନ କରେ ଓ ଈଶ୍ୱର ତାହାର ଉତ୍ତର ଦିଅନ୍ତି ଏବଂ କ୍ରମାଗତ ରୂପେ ଏପରି ପ୍ରଶ୍ନ ଓ ଉତ୍ତର ଲାଗି ରହିଥାଏ ଏବଂ ଐଶ୍ୱରିକ ଗରିମା ତଥା ଐଶ୍ୱରିକ ଜ୍ୟୋତି ସେହି ଦୈବୀବାଣୀ ମଧ୍ୟରେ ଅନୁଭୂତ ହେଉଥାଏ ଓ ତାହା ଅଦୃଷ୍ଟ ସମ୍ବନ୍ଧରେ ଜ୍ଞାନ କିମ୍ବା ସତ୍ୟ ତତ୍ତ୍ୱ ସମ୍ବଳିତ ହୋଇଥାଏ, ତେବେ ତାହା ଈଶ୍ୱରଙ୍କ ବାଣୀ । ଯେପରି ଜଣେ

ବନ୍ଧୁ ଅନ୍ୟ ଜଣେ ବନ୍ଧୁକୁ ଦେଖା କରି ତା' ସହିତ ଅନ୍ତରଙ୍ଗ ଆଳାପ କରେ ସେହିପରି ଦୈବୀବାଣୀରେ ଏହା ଜରୁରୀ ହୁଏ ଯେ ପାଳନକର୍ତ୍ତା ଓ ତାଙ୍କ ଭକ୍ତ ମଧ୍ୟରେ ଅନ୍ତରଙ୍ଗ ଆଳାପ ହେଉ । ଯେତେବେଳେ କୌଣସି ବିଷୟରେ ସେ ପ୍ରଶ୍ନ କରେ, ତା'ର ପ୍ରତ୍ୟୁତ୍ତରରେ ସେ ଈଶ୍ୱରଙ୍କ ନିକଟରୁ ଏକ ମଧୁର ଭାବଗର୍ଭକ ବାଣୀ ଶ୍ରବଣ କରେ, ଯେଉଁଥିରେ ତା'ର ନିଜର ଅଥବା ତା'ର ଚିନ୍ତନ ଓ ମନନର କୌଣସି ହସ୍ତକ୍ଷେପ ନଥାଏ ଏବଂ ସେହି ସମ୍ଭାଷଣ ଓ କଥାବାର୍ତ୍ତା ତା' ସକାଶେ ଯଦି ଈଶ୍ୱରଙ୍କ ଦାନ ହୋଇଯାଏ, ତେବେ ତାହା ଈଶ୍ୱରଙ୍କ ବାଣୀ ଓ ଏପରି ବ୍ୟକ୍ତି ଈଶ୍ୱରଙ୍କ ନିକଟରେ ପ୍ରିୟ । କିନ୍ତୁ ଏହି ମର୍ଯ୍ୟାଦା ଯେଉଁଥିରେ ଦୈବୀବାଣୀ ଦାନ ସଦୃଶ ହୋଇଥାଏ, ଏବଂ ଈଶ୍ୱରଙ୍କ ନିକଟରୁ ଏପରି ଭକ୍ତକୁ ଜୀବନ୍ତ ଓ ପବିତ୍ର ଦୈବୀବାଣୀ କ୍ରମାଗତ ରୂପେ ସ୍ୱଷ୍ଟ ଓ ଶୁଦ୍ଧ ଭାବେ ହେଉଥାଏ, ଏହା କେବଳ ସେମାନଙ୍କ ବ୍ୟତୀତ ଯେଉଁମାନେ ବିଶ୍ୱାସ, ନିଷ୍ଠା ଓ ସତ୍‌କର୍ମରେ ଅଗ୍ରଗତି କରିଥାଆନ୍ତି ଓ ଏହା ଛଡ଼ା ସେ ବିଷୟରେ ମଧ ଅଗ୍ରଗତି କରିଥାଆନ୍ତି ଯାହାକୁ ଆମେ ବର୍ଣ୍ଣନା କରିବାକୁ ଅକ୍ଷମ; ଅନ୍ୟ କାହାରିକୁ ପ୍ରାପ୍ତ ହୁଏ ନାହିଁ । ସତ୍ୟ ଓ ପବିତ୍ର ଦୈବୀବାଣୀ ଈଶ୍ୱରତ୍ୱର ମହା ମହା ଚମତ୍କାରିତାମାନ ଦେଖାଇଥାଏ । ବହୁଧା ଏକ ଅତିଶୟ ତେଜଃମୟ ଜ୍ୟୋତି ସୃଷ୍ଟି ହୁଏ ଓ ତାହା ସହିତ ଏକ ଗରିମାମୟ ଉଜ୍ଜ୍ୱଳ ଦୈବୀବାଣୀ ଆସିଥାଏ । ଏହାଠାରୁ ବଳି ଗୌରବର କଥା ଆଉ କ'ଣ ହୋଇପାରେ ଯେ ଦୈବୀବାଣୀ ପ୍ରାପ୍ତ ବ୍ୟକ୍ତି ସେହି ସତ୍ତା ସହ ବାର୍ତ୍ତାଳାପ କରେ, ଯେ କି ସ୍ୱର୍ଗ ଓ ମର୍ତ୍ତ୍ୟର ସ୍ରଷ୍ଟା ! ପୃଥିବୀରେ ଈଶ୍ୱର ଦର୍ଶନ ହେଉଛି ଈଶ୍ୱରଙ୍କ ସହ କଥାବାର୍ତ୍ତା କରିବା । ଆମର ଏହି ବର୍ଣ୍ଣନାରେ କିନ୍ତୁ ମନୁଷ୍ୟର ସେପରି ଅବସ୍ଥା ଅନ୍ତର୍ଭୁକ୍ତ ନୁହେଁ, ଯେଉଁଥିରେ କାହାରି ମୁଖରୁ ଅବାନ୍ତର କିଛି ଶବ୍ଦ, ବାକ୍ୟ ଅଥବା ପଙ୍‌କ୍ତି ବାହାରି ପଡ଼େ ଯାହା ସହିତ କୌଣସି ଐଶ୍ୱରିକ ସମ୍ଭାଷଣ ଓ ବାର୍ତ୍ତାଳାପ ନଥାଏ । ଏପରି ବ୍ୟକ୍ତି ବରଂ ଈଶ୍ୱରଙ୍କ ପରୀକ୍ଷା ମଧ୍ୟରେ ପଡ଼ିଥାଏ । କାରଣ ଈଶ୍ୱର ଏପରି ଭାବେ ମଧ ଆଳସୀ ଓ ଅମନଯୋଗୀ ବ୍ୟକ୍ତିମାନଙ୍କୁ ପରୀକ୍ଷା କରନ୍ତି । କାହାରି ହୃଦୟରେ କିମ୍ବା ତୁଣ୍ଡରେ କଦବା କେତେବେଳେ କୌଣସି ବାକ୍ୟ ଅଥବା ଶବ୍ଦ ପକାଇ ଦିଆଯାଏ, ଆଉ ସେ

ବ୍ୟକ୍ତି ଅନ୍ଧପ୍ରାୟ ହୋଇଯାଏ । ଜାଣିପାରେ ନାହିଁ ଯେ ସେ ବାକ୍ୟ କେଉଁଠାରୁ ଆସିଲା ? ଈଶ୍ୱରଙ୍କ ନିକଟରୁ ଅଥବା ଶଇତାନ୍ ଠାରୁ ? ସୁତରାଂ ଏପରି ବାକ୍ୟଗୁଡ଼ିକ ହେତୁ ଈଶ୍ୱରଙ୍କ ଆଶ୍ରୟ ଓ କ୍ଷମା ଭିକ୍ଷା କରିବା ଆବଶ୍ୟକ । କିନ୍ତୁ ଯଦି ଜଣେ ସଦାଚାରୀ ଓ ପୁଣ୍ୟବାନ ବ୍ୟକ୍ତିକୁ ବିନା ଆଢୁଆଳରେ ଈଶ୍ୱରଙ୍କ ବାଣୀ ପ୍ରାପ୍ତ ହେବା ଆରମ୍ଭ ହୋଇଯାଏ ଏବଂ ସମ୍ଭାଷଣ ଓ ବାକ୍ୟାଳାପ ସ୍ୱରୂପ ଏକ ସମୁଜ୍ୱଳ, ସ୍ୱାଦିଷ୍ଟ, ଅର୍ଥପୂର୍ଣ୍ଣ, ତତ୍ତ୍ୱମୟ ବାଣୀ ପୂର୍ଣ୍ଣ ଗାରିମା ସହକାରେ ତାର ଶ୍ରୁତିଗୋଚର ହୁଏ ଏବଂ ଅତି କମ୍‌ରେ ବହୁଥର ତା'ର ଏପରି ସଂଯୋଗ ଘଟିଥାଏ ଯେ ଈଶ୍ୱର ଓ ତା ମଧ୍ୟରେ ସଂପୂର୍ଣ୍ଣ ଜାଗ୍ରତ ଅବସ୍ଥାରେ ଦଶଥର ପ୍ରଶ୍ନ ଓ ତା'ର ଉତ୍ତର ସମ୍ପନ୍ନ ହୋଇଥାଏ, ସେ ପ୍ରଶ୍ନ କରିଥାଏ ଓ ଈଶ୍ୱର ଉତ୍ତର ଦେଇଥାଆନ୍ତି, ପୁଣି ଠିକ୍ ସେତିକିବେଳେ ଜାଗ୍ରତ ଥିବା ଅବସ୍ଥାରେ ସେ ପୁନଃ ଅନ୍ୟ କିଛି ପ୍ରଶ୍ନ କରିଥାଏ ଓ ଈଶ୍ୱର ତାର ମଧ୍ୟ ଉତ୍ତର ଦେଇଥାଆନ୍ତି । ପୁନରାୟ ସେ ପ୍ରଭୁଙ୍କ ଛାମୁରେ ବିନୀତ ନିବେଦନ କରେ ଓ ଈଶ୍ୱର ତାର ମଧ୍ୟ ଉତ୍ତର ପ୍ରଦାନ କରନ୍ତି । ଏତାଦୃଶ୍ୟ ଭାବେ ଈଶ୍ୱର ଓ ତା'ମଧ୍ୟରେ ଦଶ ଥର ପର୍ଯ୍ୟନ୍ତ କଥାବାର୍ତ୍ତା ଚାଲିଥାଏ ଏବଂ ଈଶ୍ୱର ବାରମ୍ବାର ସେହି ବାକ୍ୟ ବିନିମୟ ମଧ୍ୟରେ ତା'ର ପ୍ରାର୍ଥନାଗୁଡ଼ିକୁ ଅନୁମୋଦନ କରିଥାଆନ୍ତି । ଉତ୍କୃଷ୍ଟ ତତ୍ତ୍ୱମାନ ପ୍ରତି ତାକୁ ଅବଗତ କରାଇଥାଆନ୍ତି; ଆଗାମୀ ଘଟଣା ସମ୍ପର୍କରେ ତାକୁ ସୂଚନା ଦେଇଥାଆନ୍ତି ଏବଂ ନିଜର ଅନାବୃତ ବାଣୀ ମାଧ୍ୟମରେ ତାକୁ ବାରମ୍ବାର ପ୍ରଶ୍ନୋତ୍ତର କରିବାର ସୌଭାଗ୍ୟ ପ୍ରଦାନ କରିଥାଆନ୍ତି, ତେବେ ଏପରି ବ୍ୟକ୍ତିକୁ ଈଶ୍ୱରଙ୍କ ପ୍ରତି ବହୁତ କୃତଜ୍ଞତା ଜ୍ଞାପନ କରିବା ଉଚିତ ଏବଂ ଈଶ୍ୱରଙ୍କ ପଥରେ ସମସ୍ତଙ୍କ ଅପେକ୍ଷା ଅଧିକ ଉତ୍ସର୍ଗୀକୃତ ହୋଇଯିବା ଉଚିତ । କାରଣ ଈଶ୍ୱର କେବଳ ନିଜର ଅନୁଗ୍ରହ ଦ୍ୱାରା ନିଜର ସମସ୍ତ ଭକ୍ତମାନଙ୍କ ମଧ୍ୟରୁ ତାକୁ ହିଁ ଚୟନ କରିନେଲେ ଓ ତାକୁ ସେହି ସତ୍ୟନିଷ୍ଠମାନଙ୍କର ଉତ୍ତରାଧିକାରୀ କରିଦେଲେ, ଯେଉଁମାନେ ତା' ପୂର୍ବରୁ ଚାଲି ଯାଇଛନ୍ତି । ଏହି ବରଦାନ ଅତ୍ୟନ୍ତ ବିରଳ ଓ ପରମ ସୌଭାଗ୍ୟ ପୂର୍ଣ୍ଣ ବିଷୟ; - ଯେଉଁମାନଙ୍କୁ ପ୍ରାପ୍ତ ହୋଇଛି । ତା' ଉପରାନ୍ତେ ଯାହାସବୁ ରହିଛି ସେ ସମସ୍ତ ତୁଚ୍ଛ !

## ଇସଲାମ୍‌ର ବିଶେଷତ୍ୱ

ଇସଲାମ୍‌ରେ ସର୍ବଦା ଏପରି ମର୍ଯ୍ୟାଦା ସମ୍ପନ୍ନ ଓ ଏହି ସ୍ତରର ଲୋକ ହୋଇ ଆସିଛନ୍ତି । ଏହା ଏକ ମାତ୍ର ଇସଲାମ୍ ଯହିଁରେ ଈଶ୍ୱର ଭକ୍ତର ନିକଟତର ହୋଇ ତା' ସହିତ କଥା ହୁଅନ୍ତି ଓ ତା' ଅନ୍ତରରେ କଥା କୁହନ୍ତି । ସେ ତା' ହୃଦୟରେ ନିଜ ସିଂହାସନ ନିର୍ମାଣ କରନ୍ତି ଓ ତା ମଧ୍ୟରୁ ତା'କୁ ସ୍ୱର୍ଗ ଆଡ଼କୁ ଆକର୍ଷିତ କରନ୍ତି । ତାକୁ ସେ ସମସ୍ତ ପୁରସ୍କାର ମାନ ଦିଅନ୍ତି, ଯାହା ତା' ପୂର୍ବବର୍ତ୍ତୀ ଲୋକମାନଙ୍କୁ ଦିଆଯାଇଛି । ହାୟ ! ଏ ଅନ୍ଧ ଦୁନିଆ ଜାଣେ ନାହିଁ ଯେ ମନୁଷ୍ୟ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇ ହୋଇ କେଉଁ ପର୍ଯ୍ୟନ୍ତ ପହଞ୍ଚିଯାଇ ପାରେ । ସେମାନେ ନିଜେ ତ ଗୋଡ଼ ବଢାନ୍ତି ନାହିଁ, କିନ୍ତୁ ଯେ ବଢାଏ ତାକୁ ହୁଏତ ବିଧର୍ମୀର ଆଖ୍ୟା ଦିଆଯାଏ ନତୁବା ଉପାସ୍ୟ ଗଣନା କରି ତାକୁ ଈଶ୍ୱରଙ୍କ ସ୍ଥାନ ଦିଆଯାଏ । ଏ ଦୁଇଟି ଯାକ କାର୍ଯ୍ୟ ଅନ୍ୟାୟ । ଗୋଟିଏ ଅତିଶୟତା ଆଉ ଅନ୍ୟଟି ଅତିନିମ୍ନତାରୁ ଜନ୍ମ ହୋଇଛି । କିନ୍ତୁ ବୁଦ୍ଧିମାନ ଦୂର୍ବଳମନା ହେବା ଅନୁଚିତ ଏବଂ ସେ ଏହି ପଦ ଓ ଏହି ମର୍ଯ୍ୟାଦାର ଅସ୍ୱୀକାରୀ ନ ହେଉ ଏବଂ ଏହି ପଦ ପ୍ରାପ୍ତ ବ୍ୟକ୍ତିକୁ ଅପମାନିତ ନକରୁ କିମ୍ବା ତାର ପୂଜାଅର୍ଚ୍ଚନା ମଧ୍ୟ ନକରୁ । ଏପରି ମର୍ଯ୍ୟାଦାମୟ ପଦରେ ଈଶ୍ୱର ସେହି ଭକ୍ତ ସହିତ ଏପରି ସମ୍ପର୍କ ଜାହିର କରନ୍ତି ଯେ ମନେହୁଏ ନିଜ ଈଶ୍ୱରତ୍ୱର ଉତ୍ତରୀୟରେ ତାକୁ ଘୋଡ଼ାଇ ଦେଇଛନ୍ତି । ଏପରି ବ୍ୟକ୍ତି ଈଶ୍ୱରଙ୍କ ଦର୍ଶନ ସକାଶେ ଦର୍ପଣ ସ୍ୱରୂପ ହୋଇଯାଏ । ଏଥିରେ ଏହି ରହସ୍ୟ ରହିଛି, ଯେଉଁଟିକି ଆମର ପବିତ୍ର ଅବତାର ସ.ଅ କହିଛନ୍ତି, 'ଯେ ମୋତେ ଦେଖିଲା ସେ ଈଶ୍ୱରଙ୍କୁ ଦେଖିନେଲା' । ସୁତରାଂ ଭକ୍ତଙ୍କ ସକାଶେ ଏହା ଚରମ ଚେତାବନୀ ତଥା ସମସ୍ତ ସତ୍ୟ ସନ୍ଧାନର ଅନ୍ତ ଏହିଠାରେ ଘଟେ ଏବଂ ପୂର୍ଣ୍ଣ ସନ୍ତୋଷ ଏହିଠାରେ ଲବ୍ଧ ହୁଏ ।

## ବକ୍ତାର ଈଶ୍ୱରଙ୍କ ସମ୍ଭାଷଣ ଓ ବାର୍ତ୍ତାଳାପ ଦ୍ୱାରା ସମ୍ମାନିତ ହେବା

ମୋର ଲୋକମାନଙ୍କ ପ୍ରତି ଅନ୍ୟାୟ ହେବ ଯଦି ମୁଁ ଏଠାରେ ଏହା ପ୍ରକାଶ ନ କରେ ଯେ ସେହି ସ୍ଥାନ ଯାହାର ମୁଁ ଏହି ପ୍ରଶଂସାମାନ କରିଛି ଏବଂ ସେହି

ଦୈବୀ ସମ୍ଭାଷଣ ଓ ବାର୍ତ୍ତାଳାପର ଯେଉଁ ମର୍ଯ୍ୟାଦା ସମ୍ବନ୍ଧରେ ମୁଁ ଏହିକ୍ଷଣି ବିସ୍ତୃତ ଆଲୋଚନା କରିଛି, ତାହା ଈଶ୍ୱରଙ୍କ ବଦାନ୍ୟତା ମୋତେ ଅର୍ପଣ କରିଛି । ଯଦ୍ୱାରା ମୁଁ ଦୃଷ୍ଟିହୀନଙ୍କୁ ଦୃଷ୍ଟି ପ୍ରଦାନ କରିବି, ଅନ୍ୱେଷଣକାରୀଙ୍କୁ ସେହି ହଜି ଯାଇଥିବା ପରମ ସତ୍ତାଙ୍କ ସନ୍ଧାନ ଦେବି ଓ ସତ୍ୟକୁ ଗ୍ରହଣ କରୁଥିବା ବ୍ୟକ୍ତିଙ୍କୁ ସେହି ପବିତ୍ର ଝରଣାର ସୁସମ୍ବାଦ ଶୁଣାଇବି, ଯାହାର ଚର୍ଚ୍ଚା ଅନେକଙ୍କ ମଧ୍ୟରେ ରହିଛି, କିନ୍ତୁ ପାଇଛନ୍ତି ଖୁବ୍ କମ୍ । ଶ୍ରୋତାଗଣଙ୍କୁ ମୁଁ ନିଶ୍ଚିତ କରାଉଅଛି ଯେ ସେ ଈଶ୍ୱର, ଯାହାଙ୍କ ପ୍ରାପ୍ତିରେ ମନୁଷ୍ୟର ନିର୍ବାଣ ଓ ସ୍ଥାୟୀ ଆନନ୍ଦ ନିହିତ, ପବିତ୍ର କୁରଆନର ଆନୁଗତ୍ୟ ବିନା ସେ କଦାପି ପ୍ରାପ୍ୟ ହେବେ ନାହିଁ । ହାୟ ! ଯାହା ମୁଁ ଦେଖିଛି ଲୋକମାନେ ତାହା ଦେଖନ୍ତେ ! ଯାହା ମୁଁ ଶୁଣିଛି ସେମାନେ ଶୁଣନ୍ତେ ଏବଂ କାହାଣୀମାନଙ୍କୁ ପରିତ୍ୟାଗ କରନ୍ତେ ଓ ବାସ୍ତବତା ଆଡ଼କୁ ଦଉଡ଼ନ୍ତେ ! ପୂର୍ଣ୍ଣ ଜ୍ଞାନର ସେ ମାଧ୍ୟମ ଯାହା ଦ୍ୱାରା ଈଶ୍ୱରଙ୍କ ଦର୍ଶନ ପ୍ରାପ୍ତ ହୁଏ, ସେ କଳୁଷ ନାଶକ ଜଳ ଯାହା ଦ୍ୱାରା ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ, ସେ ଦର୍ପଣ ଯାହା ଦ୍ୱାରା ସେହି ପରମ ସତ୍ତାଙ୍କ ଦର୍ଶନ ପ୍ରାପ୍ତ ହୁଏ, ତାହା ହେଉଛି ଈଶ୍ୱରଙ୍କ ସେହି ସମ୍ଭାଷଣ ଓ ବାର୍ତ୍ତାଳାପ ଯାହାର ମୁଁ ଏହିକ୍ଷଣି ବର୍ଣ୍ଣନା କରି ସାରିଛି । ଯାହାର ଆତ୍ମାରେ ସତ୍ୟର କାମନା ରହିଛି ସେ ଉଠୁ ଓ ସନ୍ଧାନ କରୁ । ମୁଁ ସତ୍ୟ ବଚନ କହୁଛି ଯେ ଯଦି ଆତ୍ମାମାନଙ୍କରେ ବାସ୍ତବ ଅନୁସନ୍ଧିତ୍ସା ଜାଗ୍ରତ ହୁଏ ଏବଂ ହୃଦୟମାନଙ୍କରେ ବାସ୍ତବ ତୃଷ୍ଣା ଉତ୍ପନ୍ନ ହୁଏ, ତେବେ ଲୋକମାନେ ସେହି ଉପାୟକୁ ଖୋଜିବେ ଓ ସେ ପଥର ସନ୍ଧାନରେ ଲାଗିଯିବେ ! କିନ୍ତୁ କେଉଁ ଉପାୟ ଦ୍ୱାରା ସେହି ପଥ ଖୋଲିବ ଓ କେଉଁ ଉପଚାର ଦ୍ୱାରା ସେହି ପରଦା ଉଠିବ ? ସମସ୍ତ ଅନିସନ୍ଧିତ୍ସୁଙ୍କୁ ମୁଁ ଏହା ନିଶ୍ଚିତ କରାଉଅଛି ଯେ କେବଳ ଇସଲାମ୍ ହିଁ ସେ ମାର୍ଗର ସୁସମ୍ବାଦ ଦେଉଅଛି । ଏବଂ ଅନ୍ୟ ଜାତିମାନେ ତ ବହୁ କାଳରୁ ଈଶ୍ୱରଙ୍କ ବାଣୀ ପ୍ରତି ଜଉମୁଦ ମୋହର ଲଗାଇ ସାରିଛନ୍ତି । ସୁତରାଂ ନିଶ୍ଚିତ ରୂପେ ଜାଣିନିଅ ଯେ ଏ ମୋହର ଈଶ୍ୱରଙ୍କ ତରଫରୁ ଲାଗି ନାହିଁ, ବରଂ ଏଥିରୁ ବଞ୍ଚିତ ଥିବା ଯୋଗୁଁ ମନୁଷ୍ୟ ଏପରି ବାହାନା ସୃଷ୍ଟି କରିଅଛି । ଏବଂ ନିଶ୍ଚିତ ରୂପେ ଜାଣିନିଅ ଯେପରି ଆମେମାନେ ଚକ୍ଷୁ ବିନା

ଦେଖିପାରିବା ସମ୍ଭବ ନୁହେଁ, କର୍ଣ୍ଣ ବିନା ଶୁଣିପାରିବା ସମ୍ଭବ ନୁହେଁ, ଜିହ୍ୱା ବିନା କହିପାରିବା ସମ୍ଭବ ନୁହେଁ, ସେହିପରି ଏହା ମଧ୍ୟ ସମ୍ଭବ ନୁହଁ ଯେ ଆମେ ପବିତ୍ର କୁରଆନ ବିନା ସେହି ପରମ ପ୍ରିୟତମର ମୁଖ ଦେଖି ନେଇପାରିବା । ମୁଁ ଯୁବକ ଥିଲି, ଏବେ ବୃଦ୍ଧ ହେଲିଣି, ତଥାପି ମୁଁ ଏପରି କାହାକୁ ପାଇପାରିଲି ନାହିଁ ଯେ କି ଏହି ପବିତ୍ର ଝରଣା ବ୍ୟତିରେକେ ଏହି ସୁସ୍ପଷ୍ଟ ଜ୍ଞାନର ପିଆଲା ପାନ କରିଛି ।

## ଈଶ୍ୱରଙ୍କ ଦୈବୀବାଣୀ ହିଁ ପୂର୍ଣ୍ଣାଙ୍ଗ ଜ୍ଞାନର ମାଧ୍ୟମ

ହେ ମୋର ଆଦରର ପ୍ରିୟ ଜନଗଣ ! କୌଣସି ବ୍ୟକ୍ତି ଈଶ୍ୱରଙ୍କ ଇଚ୍ଛା ବିପକ୍ଷରେ ସଂଗ୍ରାମ କରିପାରିବ ନାହିଁ । ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱରଙ୍କ ଦୈବୀବାଣୀ ହେଉଛି ପୂର୍ଣ୍ଣାଙ୍ଗ ଜ୍ଞାନର ମାଧ୍ୟମ, ଯାହା ସର୍ବଶକ୍ତିମାନ ଈଶ୍ୱରଙ୍କ ପବିତ୍ର ଅବତାରମାନଙ୍କୁ ପ୍ରାପ୍ତ ହୋଇଥିଲା । ଏହା ଉତ୍ତାରେ ସେ ଈଶ୍ୱର ଯେ କି କରୁଣାର ସାଗର, ସେ ଏହା ଆଦୌ ଚାହିଁଲେ ନାହିଁ ଯେ ଭବିଷ୍ୟତ ପାଇଁ ଏହି ଦୈବୀବାଣୀର ପ୍ରବାହକୁ ବନ୍ଦ କରିଦିଅନ୍ତୁ ଏବଂ ଏ ପ୍ରକାରେ ସଂସାରକୁ ଧ୍ୱଂସ କରିଦିଅନ୍ତୁ । ବରଂ ତାଙ୍କର ଦୈବୀବାଣୀ, ସମ୍ଭାଷଣ ଓ ବାର୍ତ୍ତାଳାପର ଦ୍ୱାର ସବୁ ସମୟରେ ଉନ୍ମୁକ୍ତ ରହିଛି । ହଁ, ସେଗୁଡ଼ିକୁ ସେମାନଙ୍କ ପଥମାନଙ୍କରେ ଅନ୍ୱେଷଣ କର । ତେବେଯାଇ ସେଗୁଡ଼ିକ ସହଜରେ ତୁମକୁ ମିଳିବେ । ସେହି ଜୀବନ-ଜଳ ସ୍ୱର୍ଗରୁ ଓହ୍ଲାଇ ତା'ର ଯଥା ଯୋଗ୍ୟ ସ୍ଥାନରେ ରହିଛି । ଏବେ ତୁମମାନଙ୍କୁ କ'ଣ କରିବାକୁ ପଡ଼ିବ ଯଦ୍ୱାରା ତୁମେମାନେ ସେହି ଜଳକୁ ପାନ କରିପାରିବ । ଏହା ହିଁ କରିବାକୁ ହେବ ଯେ, କୌଣସି ମତେ ପଡ଼ିଉଠି ସେହି ନିର୍ଝର ନିକଟରେ ପହଞ୍ଚ, ତାହାପରେ ନିଜ ମୁଖ ସେହି ନିର୍ଝର ସମକ୍ଷରେ ରଖିଦିଅ । ଫଳସ୍ୱରୂପ ସେହି ଜୀବନ-ଜଳ ଦ୍ୱାରା ତୃପ୍ତ ହୋଇଯାଅ । ମନୁଷ୍ୟର ସମସ୍ତ ସୌଭାଗ୍ୟ ଏଥିରେ ହିଁ ନିହିତ ଯେ ଯେଉଁଠାରେ ମଧ୍ୟ ଆଲୋକର ସନ୍ଧାନ ମିଳେ ସେହି ଦିଗକୁ ସେ ଦୌଡ଼ୁ ଏବଂ ଯେଉଁଠାରେ ବି ସେହି ନିରୁଦ୍ଦିଷ୍ଟ ବନ୍ଧୁର ସଙ୍କେତ ଜାତ ହୁଏ, ସେହି ପଥକୁ ସେ ଆଦରି ନେଉ । ତୁମେ ଦେଖୁଛ ଯେ ସର୍ବଦା ଆଲୋକ ଆକାଶରୁ ଓହ୍ଲାଏ ଓ ପୃଥିବୀ ଉପରେ ପଡ଼େ ।

ତଦନୁରୂପ ସତ୍‌ପଥ-ପ୍ରଦର୍ଶକ ସତ୍-ଜ୍ୟୋତି ମଧ୍ଯ ଆକାଶରୁ ହିଁ ଓହ୍ଲାଏ । ମନୁଷ୍ୟର ନିଜର କଥାମାନ ଓ ନିଜର ଅନୁମାନମାନ ତାକୁ ବାସ୍ତବ ଜ୍ଞାନ ପ୍ରଦାନ କରି ପାରିବେ ନାହିଁ । କ'ଣ ତୁମେ ଈଶ୍ୱରଙ୍କୁ ଈଶ୍ୱରଙ୍କ ପ୍ରକଟନ ବିନା ପାଇ ପାରିବ ? କ'ଣ ତୁମେ ଆକାଶର ସେ ଆଲୋକ ବିନା ଅନ୍ଧକାରରେ ଦେଖି ପାରିବ ? ଯଦି ତୁମେ ଦେଖି ପାରିବ, ତେବେ ହୁଏତ ଏଠି ମଧ୍ଯ ଦେଖି ନେଇପାର । କିନ୍ତୁ ଆମ ଚକ୍ଷୁମାନ ଯଦିଓ ଦେଖିବାକୁ ସକ୍ଷମ ତଥାପି ଆକାଶୀର ଆଲୋକ ଉପରେ ନିର୍ଭରଶୀଳ ଏବଂ ଆମ କର୍ଣ୍ଣଗୁଡ଼ିକ ଯଦିଓ ଶୁଣିବାକୁ ସକ୍ଷମ ତଥାପି ସେହି ବାୟୁର ସାହାଯ୍ୟ ଆବଶ୍ୟକ କରନ୍ତି, ଯାହା ଈଶ୍ୱରଙ୍କ ତରଫରୁ ପ୍ରବାହିତ । ସେ ଈଶ୍ୱର ସତ୍ୟ ଈଶ୍ୱର ନୁହଁ ଯେ କି ନୀରବ ରହିଛି ଏବଂ ଆମର ସମସ୍ତ ବିଶ୍ୱାସ କେବଳ ଆମର ଅନୁମାନ ଉପରେ ପ୍ରତିଷ୍ଠିତ । ବରଂ ପୂର୍ଣ୍ଣାଙ୍ଗ ତଥା ଜୀବନ୍ତ ଈଶ୍ୱର ସେ, ଯେ କି ନିଜ ଅସ୍ତିତ୍ୱର ସନ୍ଧାନ ନିଜେ ଦିଏ । ଆଉ ଏବେ ମଧ୍ଯ ସେ ନିଜ ଅସ୍ତିତ୍ୱର ସନ୍ଧାନ ନିଜେ ଦେବାକୁ ଚାହିଁଛି । ଆକାଶର ଝରକା ଉନ୍ମୁକ୍ତ ପ୍ରାୟ, ନିମିଷକ ପରେ ସିନ୍ଦୁରା ଫାଟିବ । ଭାଗ୍ୟବାନ ସେହିମାନେ ଯେଉଁମାନେ ଉଠିପଡ଼ିବେ ଆଉ ଏବେ ସତ୍ୟ ଈଶ୍ୱରଙ୍କୁ ସନ୍ଧାନ କରିବେ । ସେ ପରମେଶ୍ୱର ଯାହା ଉପରେ କୌଣସି ଆପଦ ଓ ବିପତ୍ତି ଆସେ ନାହିଁ ଯାହାର ଗରିମାର ତେଜ ଉପରେ କେବେ ଆଞ୍ଚ ଆସେ ନାହିଁ । ପବିତ୍ର କୁରଆନରେ ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି:

(ଅନ୍ ନୁର୍ 24:36) اَللّٰہُ نُوۡرُ السَّمٰوٰتِ وَالۡاَرۡضِ

ଅର୍ଥାତ 'ଈଶ୍ୱର ହିଁ ପ୍ରତିକ୍ଷଣ, ଆକାଶର ଆଲୋକ ଓ ପୃଥିବୀର ଆଲୋକ । ତାଙ୍କରି ଦ୍ୱାରା ହିଁ ପ୍ରତ୍ୟେକ ସ୍ଥାନ ଆଲୋକିତ । ସୂର୍ଯ୍ୟର ସେ ସୂର୍ଯ୍ୟ, ଭୂ-ପୃଷ୍ଠର ସମସ୍ତ ପ୍ରାଣୀଙ୍କର ସେ ହେଉଛନ୍ତି ଜୀବନ । ସେ ହିଁ ସତ୍ୟ, ଜୀବନ୍ତ ଈଶ୍ୱର । ଭାଗ୍ୟଶାଳୀ ସିଏ, ଯେ କି ତାଙ୍କୁ ଆପଣାଇ ନେଇଛି ।

ଜ୍ଞାନର ତୃତୀୟ ମାଧ୍ୟମ ହେଉଛି ସେହି ବିଷୟମାନ ଯାହା ଅନୁଭୂତି ଲବ୍ଧ ବିଶ୍ୱାସ ଶ୍ରେଣୀର ହୋଇଥାଏ । ଏଥିରେ ସେ ସମସ୍ତ କଷ୍ଟ, ବିପତ୍ତି ଓ ପୀଡ଼ାମାନ ଅଟେ, ଯାହା ଅବତାରମାନଙ୍କୁ ତଥା ଧର୍ମ ପରାୟଣ ବ୍ୟକ୍ତିମାନଙ୍କୁ ବିରେଧୀମାନଙ୍କ

ହାତରୁ ଅଥବା ବିଧିର ବିଧାନ ଦ୍ୱାରା ପହଞ୍ଚିଥାଏ । ଏବଂ ଏହି ପ୍ରକାରର ଦୁଃଖ ଓ ପୀଡ଼ାମାନଙ୍କ ଦ୍ୱାରା ସକଳ ଧର୍ମନୀତି ଓ ତାହାର ନିର୍ଦ୍ଦେଶମାନ ଯାହାକି ଏକଦା ମନୁଷ୍ୟ ହୃଦୟରେ କେବଳ ବୁଦ୍ଧିଗତ ସ୍ତରରେ ଥିଲା, ତା' ଉପରେ ପଡ଼ି ଏବେ ପ୍ରୟୋଗର ରୂପ ଧାରଣ କରେ । ପୁନଶ୍ଚ ପ୍ରୟୋଗ କ୍ଷେତ୍ରରୁ ପରିପୁଷ୍ଟ ହୋଇ ଉନ୍ନତିର ଚରମ ସୋପାନରେ ପହଞ୍ଚିଯାଏ । ଏବଂ ଏରୂପେ କର୍ମ କରୁଥିବା ବ୍ୟକ୍ତିମାନଙ୍କ ନିଜ ଅସ୍ତିତ୍ୱ ହିଁ ଐଶ୍ୱରିକ ମାର୍ଗ ଦେଖାଉଥିବା ଏକ ସମ୍ପୂର୍ଣ୍ଣ ଆଚାର ସଂହିତା ପାଲଟି ଯାଏ । ଏବଂ ସେ ସମସ୍ତ ନୈତିକ ଗୁଣମାନ ଯଥା କ୍ଷମା, ପ୍ରତିଶୋଧ, ଧୈର୍ଯ୍ୟ ଓ ଦୟା ଆଦି ଯାହା ଏ ପର୍ଯ୍ୟନ୍ତ କେବଳ ମାତ୍ର ମନ ଓ ମସ୍ତିଷ୍କରେ ଭରି ରହିଥିଲା, ଏବେ କର୍ମରେ ରୂପାନ୍ତରିତ ହୋଇ ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ ସେଥିରୁ ଅଂଶ ପ୍ରାପ୍ତ ହୁଏ । ପୁନଶ୍ଚ ଏହା ସର୍ବାଙ୍ଗ ଶରୀରରେ ବ୍ୟାପୀ ତା' ଉପରେ ନିଜ ଛାପ ଆଙ୍କି ଦିଏ । ଯେପରିକି ଅଲ୍ଲାଃ, ଯାହାଙ୍କ ମହିମା ଐଶ୍ୱର୍ଯ୍ୟପୂର୍ଣ୍ଣ, ବର୍ଣ୍ଣନା କରିଛନ୍ତି:

وَلَنَبۡلُوَنَّكُمۡ بِشَىۡءٍ مِّنَ الۡخَوۡفِ وَالۡجُوۡعِ وَنَقۡصٍ مِّنَ
الۡاَمۡوَالِ وَالۡاَنۡفُسِ وَالثَّمَرٰتِ ‌ؕ وَ بَشِّرِ الصّٰبِرِيۡنَ ۙ
الَّذِيۡنَ اِذَآ اَصَابَتۡهُمۡ مُّصِيۡبَةٌ ۙ قَالُوۡۤا اِنَّا لِلّٰهِ وَاِنَّاۤ اِلَيۡهِ
رٰجِعُوۡنَ ؕ اُولٰٓـئِكَ عَلَيۡهِمۡ صَلَوٰتٌ مِّنۡ رَّبِّهِمۡ وَرَحۡمَةٌ وَ
اُولٰٓـئِكَ هُمُ الۡمُهۡتَدُوۡنَ
(ଅଲ୍ ବକରା 2:156-158)

لَتُبۡلَوُنَّ فِىۡۤ اَمۡوَالِكُمۡ وَاَنۡفُسِكُمۡ وَلَتَسۡمَعُنَّ مِنَ الَّذِيۡنَ
اُوۡتُوا الۡكِتٰبَ مِنۡ قَبۡلِكُمۡ وَمِنَ الَّذِيۡنَ اَشۡرَكُوۡۤا اَذًى كَثِيۡرًا ‌ؕ وَ
اِنۡ تَصۡبِرُوۡا وَتَتَّقُوۡا فَاِنَّ ذٰلِكَ مِنۡ عَزۡمِ الۡاُمُوۡرِ
(ଆଲେ ଇମ୍ରାନ୍ 3:187)

ଅର୍ଥାତ 'ଆମ୍ଭେ ତୁମ୍ଭକୁ ଭୟ, କ୍ଷୁଧା, ଧନହାନୀ ଓ ପ୍ରାଣହାନୀ, ପ୍ରୟାସରେ ବିଫଳତା ଏବଂ ସନ୍ତାନଙ୍କ ମୃତ୍ୟୁ ଦ୍ୱାରା ପରୀକ୍ଷା କରିବୁ ।' ଅନ୍ୟ ଅର୍ଥରେ ଏ ସମସ୍ତ କଷ୍ଟମାନ ବିଧିର ବିଧାନ ଯୋଗୁଁ କିମ୍ବା ଶତ୍ରୁମାନଙ୍କ ଦ୍ୱାରା ତୁମ୍ଭକୁ ପହଞ୍ଚିବ । ସୁତରାଂ ସେମାନଙ୍କ ପ୍ରତି ସୁସମ୍ବାଦ, ଯେଉଁମାନେ ବିପତ୍ତି ବେଳାରେ ମାତ୍ର ଏତିକି

କୁହନ୍ତି, 'ଆମେମାନେ ଈଶ୍ୱରଙ୍କର ଓ ତାଙ୍କରି ନିକଟକୁ ଫେରଯିବୁ ।' ଏପରି ଲୋକମାନଙ୍କ ଉପରେ ପ୍ରଭୁଙ୍କ ଆଶୀର୍ବାଦ ଓ କଲ୍ୟାଣ ରହିଛି ଏବଂ ଏହିମାନେ ହିଁ ସେମାନେ ଯେ କି ଚରମ ସତ୍‌ପଥକୁ ପାଇଛନ୍ତି । ଅର୍ଥାତ ସେପରି ଜ୍ଞାନରେ କୌଣସି ଶ୍ରେଷ୍ଠତା ଓ ମହାନତା ନାହିଁ, ଯାହା କେବଳ ମନ ଓ ମସ୍ତିଷ୍କ ମଧ୍ୟରେ ପୁରି ରହିଛି । ବରଂ ବାସ୍ତବରେ ଜ୍ଞାନ ତାହା ଯାହାକି ମସ୍ତିଷ୍କରୁ ବାହାରି ଶରୀରର ସମସ୍ତ ଅଙ୍ଗକୁ ଶୃଙ୍ଖଳିତ ଓ ଅନୁରଂଜିତ କରିଦିଏ ଏବଂ ଯାହା ସବୁ ସ୍ମୃତିରେ ଭରି ରହିଛି ସେଗୁଡ଼ିକୁ କର୍ମରେ ପ୍ରତିଫଳିତ କରାଏ । ସୁତରାଂ ଜ୍ଞାନର ଦୃଢ଼ୀକରଣ ଓ ବିକାଶ ଲାଗି ବଡ଼ ଉପାୟ ହେଉଛି, ବ୍ୟବହାରିକ ଭିତ୍ତିରେ ତା'ର ଛାପ ନିଜ ଅଙ୍ଗପ୍ରତ୍ୟଙ୍ଗରେ ଅଙ୍କିତ କରିଦିଆଯାଉ । ବ୍ୟବହାର ବିନା କ୍ଷୁଦ୍ରାତି-କ୍ଷୁଦ୍ର ଜ୍ଞାନ ମଧ୍ୟ ଉତ୍କର୍ଷତାକୁ ପହଞ୍ଚିପାରେ ନାହିଁ । ଉଦାହରଣ ସ୍ୱରୂପ ଆମମାନଙ୍କ ମନରେ ବହୁ ଦିନରୁ ଏହି ଧାରଣା ରହିଛି ଯେ ରୁଟି ତିଆରି କରିବା ଅତି ସହଜ କଥା ଓ ଏଥିରେ କୌଣସି ବିଶେଷ କାରିଗରୀ ନାହିଁ, କେବଳ ଏତିକି ଯେ ପ୍ରଥମେ ଅଟାକୁ ଚକଟି ପ୍ରତ୍ୟେକ ରୁଟି ଅନୁପାତରେ ଅଟାର ଛୋଟ ଛୋଟ ଗୁଳାମାନ ତିଆରି କର । ତା'ପରେ ଦୁଇ ପାପୁଲି ମଧ୍ୟରେ ରଖି ତାକୁ ପ୍ରସାରିତ କରି ତାୱା ଉପରେ ପକାଇ ଦିଅ । ଏବଂ ଏପଟ ସେପଟ ଓଲଟାଇ ନିଆଁ ଉପରେ ସେକିଦିଅ । ବାସ୍ ରୁଟି ପ୍ରସ୍ତୁତ ହୋଇଗଲା । ଏହା କିନ୍ତୁ ଆମର ବୈଦ୍ଧିକ ଆସ୍ଫାଳନ ମାତ୍ର ! ଅଭିଜ୍ଞତା ନଥାଇ ଯଦି ଆମେ ରୁଟି ତିଆରି କରିବା, ତେବେ ପ୍ରଥମତଃ ଅଟା ଓ ପାଣିର ମିଶ୍ରଣକୁ ତାର ସଠିକ୍ ଅନୁପାତରେ ରଖିବା ଆମ ପାଇଁ କାଠିକର ପାଠ ହୋଇଯିବ । ହୁଏତ ତାହା ପଥର ପରି ଟାଣ ହୋଇଯିବ, କିମ୍ବା ଅତିଶୟ ପାଣିଆ ହୋଇଯିବ । ଏବଂ ଯଦି ମରିପଡ଼ି, କଷ୍ଟେମଷ୍ଟେ ଅଟାକୁ ଚକଟି ମଧ୍ୟ ନେଉ ତେବେ ବି ରୁଟିର ଦଶା ଏପରି ହେବ ଯେ କିଛି ଅଂଶ ପୋଡ଼ିଯିବ ତ କିଛି କଞ୍ଚା ରହିଯିବ । ମଝି ଭାଗ ଗୋଟାଳି ଧରିଯିବ ଏବଂ ଚାରିପଟୁ କାନ ବାହାରି ପଡ଼ିଥିବ, ଯଦିଚ ବିଗତ ପଚାଶ ବର୍ଷ ଧରି ଆମେ ରୁଟି ପ୍ରସ୍ତୁତ ହେଉଥିବାର ଦେଖି ଆସୁଛେ । ସୁତରାଂ କେବଳ ଜ୍ଞାନ ଉପରେ ଭରସା କରିବାର ଫଳ ସ୍ୱରୂପ, ଯାହାକି ବ୍ୟବହାର କ୍ଷେତ୍ରରେ

କେବେ ପ୍ରୟୋଗ ହୋଇ ନାହିଁ, ଆମର କିଛି ସେର ଅଟାକୁ ନଷ୍ଟ କରିବା ହିଁ ସାର ହେବ । ଯଦି ଛୋଟ ଛୋଟ ବିଷୟରେ ଆମ ଜ୍ଞାନର ଏତାଦୃଶ ଅବସ୍ଥା, ତେବେ ବଡ଼ ବଡ଼ ବିଷୟରେ ବ୍ୟାବହାରିକ ଅଭିଜ୍ଞତା ଓ ଅଭ୍ୟାସ ବିନା କେବଳ ମାତ୍ର ଜ୍ଞାନ ଉପରେ କିପରି ବା ଭରସା ରଖିବା ? ସୁତରାଂ ଈଶ୍ୱର ଏହି ଆୟତଗୁଡ଼ିକରେ ଏହା ଶିଖାଇଛନ୍ତି ଯେ ଯେଉଁ ବିପଦମାନଙ୍କରେ ମୁଁ ତୁମକୁ ପକାଉଅଛି ସେଗୁଡ଼ିକ ଜ୍ଞାନ ଓ ଅଭିଜ୍ଞତାର ମଧ୍ୟ ମାଧ୍ୟମ । ଅର୍ଥାତ ସେଗୁଡ଼ିକ ମାଧ୍ୟମରେ ତୁମର ଜ୍ଞାନ ପୂର୍ଣ୍ଣାଙ୍ଗ ହୁଏ ।

ତତ୍‌ପରେ ପୁନଶ୍ଚ ଆଗକୁ ଈଶ୍ୱର କହିଛନ୍ତି ଯେ ତୁମେମାନେ ନିଜ ଧନ ଓ ଜୀବନ ଦ୍ୱାରା ମଧ୍ୟ ପରୀକ୍ଷିତ ହେବ । ଲୋକମାନେ ତୁମମାନଙ୍କ ଧନ ଲୁଟ କରିବେ, ତୁମମାନଙ୍କୁ ହତ୍ୟା କରିବେ । ତୁମେମାନେ ଇହୁଦୀ, ଖ୍ରୀଷ୍ଟିୟାନ୍ ଓ ଯେଉଁମାନେ ଈଶ୍ୱରଙ୍କ ସହ ଅନ୍ୟକୁ ସମକକ୍ଷ କରନ୍ତି ସେମାନଙ୍କ ଦ୍ୱାରା ଅତିଶୟ ଉତ୍ପୀଡ଼ିତ ହେବ । ସେମାନେ ତୁମମାନଙ୍କ ବିଷୟରେ କଷ୍ଟ ଦେଲାଭଳି କଥାମାନ କହିବେ । ଅତଏବ ତୁମେ ଯଦି ଧୈର୍ଯ୍ୟ ଧରିବ ଓ ଅନାବଶ୍ୟକ କଥାମାନରୁ ନିବୃତ୍ତ ରହିବ, ତେବେ ତାହା ସାହସିକ ଓ ବୀରତ୍ୱପୂର୍ଣ୍ଣ କାର୍ଯ୍ୟ ହେବ । ଏ ସମସ୍ତ ଆୟତଗୁଡ଼ିକର ତାତ୍ପର୍ଯ୍ୟ ହେଉଛି, କଲ୍ୟାଣକାରୀ ଜ୍ଞାନ ତାହାକୁ କହନ୍ତି ଯାହା ପ୍ରୟୋଗ କ୍ଷେତ୍ରରେ ନିଜର ଚମକ ଦେଖାଇଥାଏ ଏବଂ ଅଶୁଭ ଜ୍ଞାନ ହେଉଛି କେବଳ ବିଦ୍ୟା-ସୀମିତ ଯାହାକୁ କେବେ ପ୍ରୟୋଗରେ ଅଣାଯାଏ ନାହିଁ ।

ଜାଣିବା ଉଚିତ୍, ଯେପରି ବାଣିଜ୍ୟ ଦ୍ୱାରା ଧନ ବଢେ ଓ ବୃଦ୍ଧିପାଏ ସେହିପରି ଜ୍ଞାନ କର୍ମରେ ବିନିଯୋଗ ହେବା ଦ୍ୱାରା ସ୍ୱ-ଆଧ୍ୟାତ୍ମିକତାର ଶିଖରରେ ପହଞ୍ଚେ । ସୁତରାଂ ଜ୍ଞାନକୁ ଉତ୍କର୍ଷତାର ଶିଖର ଦେଶରେ ପହଞ୍ଚାଇବାର ଉତ୍କୃଷ୍ଟ ମାଧ୍ୟମ ହେଉଛି ତାକୁ କର୍ମ କ୍ଷେତ୍ରରେ ପ୍ରୟୋଗ କରିବା । ପ୍ରୟୋଗ ଦ୍ୱାରା ଜ୍ଞାନ ଜ୍ୟୋତିର୍ମୟ ହୁଏ । ଏବଂ ଏହା ମଧ୍ୟ ବୁଝିନିଅ ଯେ ଜ୍ଞାନ, ଅନୁଭୂତି ଲବ୍ଧ ବିଶ୍ୱାସର ସ୍ତରରେ ପହଞ୍ଚିବାର ଅର୍ଥ ଆଉ କ'ଣ ହୋଇପାରେ ? ଏହି ମାତ୍ର ଯେ ପ୍ରୟୋଗ କ୍ଷେତ୍ରରେ ତା'ର କୋଣ ଅନୁକୋଣକୁ ପରୀକ୍ଷା କରାଯାଉ । ସୁତରାଂ ଇସଲାମ୍‌ରେ

ଏହିପରି ହିଁ ହୋଇଛି । ଯେଉଁସବୁ କଥା ଈଶ୍ୱର ପବିତ୍ର କୁରଆନ ମାଧ୍ୟମରେ ଲୋକମାନଙ୍କୁ ଶିଖାଇଛନ୍ତି, ସେମାନଙ୍କୁ ଏହି ସୁଯୋଗ ଦେଇଛନ୍ତି ଯେ ବ୍ୟବହାରରେ ସେହି ଶିକ୍ଷାକୁ ପ୍ରକାଶିତ କରନ୍ତୁ ଓ ତାହାର ଜ୍ୟୋତିରେ ଭରିଯାଆନ୍ତୁ ।

## ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅ.ଙ୍କ ଜୀବନର ଦୁଇଟି ପର୍ଯ୍ୟାୟ

ଏହି କାରଣରୁ ଈଶ୍ୱର ଆମ ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନକୁ ଦୁଇ ଭାଗରେ ବିଭକ୍ତ କରିଦେଇଛନ୍ତି । ଗୋଟିଏ ଭାଗ ଦୁଃଖ, କ୍ଲେଶ ଓ ବିପତ୍ତିର ଏବଂ ଅନ୍ୟ ଭାଗଟି ବିଜୟର । ଯଦ୍ୱାରାକି ବିପତ୍ତି ବେଳେ ସେହି ନୈତିକଗୁଣମାନ ପ୍ରକାଶିତ ହୁଅନ୍ତୁ ଯେଉଁ ନୈତିକ ଗୁଣମାନ ବିପତ୍ତି ବେଳେ ପ୍ରକାଶିତ ହୋଇଥାଆନ୍ତି । ପୁନଶ୍ଚ ବିଜୟ ଏବଂ କ୍ଷମତା ବେଳାରେ ସେ ନୈତିକ ଗୁଣମାନ ପ୍ରମାଣିତ ହୋଇଯାଆନ୍ତୁ ଯେଉଁ ନୈତିକ ଗୁଣମାନ କ୍ଷମତା ବ୍ୟତିରେକେ ପ୍ରମାଣିତ ହୋଇ ପରିବେ ନାହିଁ । ସୁତରାଂ ଏହିପରି ଭାବେ ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅ.ଙ୍କ ଉଭୟ ପ୍ରକାରର ନୈତିକଗୁଣ ଦୁଇ ସମୟର ଓ ଦୁଇ ପ୍ରକାରର ଅବସ୍ଥାର ଆଗମନ ଦ୍ୱାରା ଅତି ପ୍ରାଂଜଳ ଭାବେ ପ୍ରମାଣିତ ହୋଇଯାଇଛି । ଅତଏବ ବିପତ୍ତିର ସେହି ସମୟ ଯାହା ଆମର ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅ.ଙ୍କ ସହିତ ତେର ବର୍ଷ ଧରି ମକ୍‌କା ନଗରୀରେ ଲାଗି ରହିଲା ସେ ବେଳର ଇତିହାସକୁ ଅଧ୍ୟୟନ କଲେ ଅତ୍ୟନ୍ତ ସ୍ୱଷ୍ଟ ରୂପେ ଜାଣିହୁଏ ଯେ ପବିତ୍ର ଅବତାର ସ.ଅ ସେ ସମସ୍ତ ନୈତିକ ଗୁଣମାନ ଯେଉଁଗୁଡ଼ିକୁ ଜଣେ ପୂର୍ଣ୍ଣାଙ୍ଗ ସତ୍ୟନିଷ୍ଠ ମାନବ ବିପତ୍ତି ସମୟରେ ପ୍ରଦର୍ଶନ କରିବା ଆବଶ୍ୟକ, ଯଥା ଈଶ୍ୱରଙ୍କ ଉପରେ ଭରସା କରିବା, ବିଳାପରୁ ଦୂରେଇ ରହିବା, ନିଜ କର୍ତ୍ତବ୍ୟରେ ଶିଥିଳ ନହେବା, ଏବଂ କାହାରି ପ୍ରତିପତ୍ତି ଦ୍ୱାରା ଭୟଭୀତ ନହେବା, ଏପରି ଭାବରେ ପ୍ରଦର୍ଶନ କଲେ ଯେ ଅବିଶ୍ୱାସୀଗଣ ଏପରି ଧୈର୍ଯ୍ୟକୁ ଦେଖି ତାଙ୍କ ଉପରେ ବିଶ୍ୱାସ ଆଣିଲେ ଏବଂ ସାକ୍ଷ୍ୟ ଦେଲେ ଯେ ଈଶ୍ୱରଙ୍କ ପ୍ରତି ପୂର୍ଣ୍ଣ ଭରସା ନଥିବା ବ୍ୟକ୍ତି ଏ ପ୍ରକାରର ଧୈର୍ଯ୍ୟ ଏବଂ କଷ୍ଟ ସହିଷ୍ଣୁତା ଦେଖାଇ ପାରିବ ନାହିଁ ।

ଏହାପରେ ଯେତେବେଳେ ଦ୍ୱିତୀୟ ସମୟ ଉପସ୍ଥିତ ହେଲା ଅର୍ଥାତ

ବିଜୟ, କ୍ଷମତା ଏବଂ ସମୃଦ୍ଧିର ସମୟ, ସେତେବେଳେ ମଧ୍ୟ ପବିତ୍ର ଅବତାର ହଜରତ ମୁହମ୍ମଦ ସ.ଅଙ୍କ ଉନ୍ନତ ନୈତିକ ଗୁଣମାନ ଯଥା କ୍ଷମା, ଦାନଶୀଳତା, ଓ ସାହସିକତା ଆଦି ଏପରି ପୂର୍ଣ୍ଣାଙ୍ଗ ରୂପେ ଉଦ୍‌ଭାସିତ ହେଲା ଯେ ଅବିଶ୍ୱାସୀମାନଙ୍କର ଏକ ବଡ଼ ଗୋଷ୍ଠୀ ଏହି ଗୁଣମାନଙ୍କୁ ଦେଖି ତାଙ୍କ ପ୍ରତି ବିଶ୍ୱାସ ଆଣିଲା । ସେ ନିର୍ଯ୍ୟାତନା ଦେଇଥିବା ଲୋକମାନଙ୍କୁ କ୍ଷମା ଦେଲେ, ସହରରୁ ବିତାଡ଼ିତ କରିଥିବା ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କଲେ । ସେମାନଙ୍କ ମଧ୍ୟରେ ଥିବା ଦରିଦ୍ର ଅସହାୟଙ୍କୁ ଧନ ଦେଇ ଧନବାନ୍ କରିଦେଲେ ଏବଂ କାବୁପାଇ ସାରି ମଧ୍ୟ ନିଜର ପରମ ଶତ୍ରୁମାନଙ୍କୁ କ୍ଷମା କରିଦେଲେ । ସୁତରାଂ ବହୁଲୋକ ତାଙ୍କ ଚରିତ୍ର ଦେଖି ଏହି ସାକ୍ଷ୍ୟ ଦେଲେ ଯେ, ଯେପର୍ଯ୍ୟନ୍ତ ଜଣେ ଈଶ୍ୱରଙ୍କ ତରଫରୁ ତଥା ବାସ୍ତବ ରୂପେ ସତ୍ୟଶୀଳ ହୋଇ ନ ଥିବ, ସେ କଦାପି ଏପରି ଉତ୍ତମ ଚରିତ୍ର ପ୍ରଦର୍ଶନ କରି ପାରିବ ନାହିଁ । ଏହି କାରଣ ଯୋଗୁଁ ହିଁ ତାଙ୍କ ଶତ୍ରୁମାନଙ୍କର ତାଙ୍କ ପ୍ରତି ଥିବା ପୁରାତନ ଦ୍ୱେଷମାନ ନିମିଷକେ ଦୂରୀଭୂତ ହୋଇଗଲା । ତାଙ୍କର ସର୍ବୋତ୍କୃଷ୍ଟ ଚରିତ୍ର ଯାହାକୁ ସେ ପ୍ରମାଣିତ କରି ଦେଖାଇ ଦେଲେ, ତାହା ପବିତ୍ର କୁରଆନରେ ଏହିପରି ବର୍ଣ୍ଣିତ ହୋଇଛି;

قُلْ اِنَّ صَلَاتِیْ وَنُسُکِیْ وَمَحْیَایَ وَمَمَاتِیْ لِلّٰہِ رَبِّ الْعٰلَمِیْنَ ○

(ଅଲ୍ ଅନ୍‌ଆମ୍ 6:163)

ଅର୍ଥାତ 'ସେମାନଙ୍କୁ କହିଦିଅ ଯେ ମୋର ଉପାସନା, ମୋର ତ୍ୟାଗ, ମୋର ମୃତ୍ୟୁ ଓ ମୋର ଜୀବନ ଈଶ୍ୱରଙ୍କ ପାଇଁ ଅଟେ', ଅର୍ଥାତ ତାଙ୍କର ଗରିମା ପ୍ରକଟ କରିବା ପାଇଁ ଏବଂ ତାଙ୍କ ଦାସମାନଙ୍କୁ ସୁଖ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ; ଯଦ୍ଦ୍ୱାରା କି ମୋର ମରିବା ଦ୍ୱାରା ସେମାନଙ୍କୁ ଜୀବନ-ପ୍ରାପ୍ତି ହେଉ । ଏଠାରେ ଈଶ୍ୱରଙ୍କ ମାର୍ଗରେ ଏବଂ ଦାସମାନଙ୍କ କଲ୍ୟାଣ ନିମନ୍ତେ ମରିବାର ଯେଉଁ ବର୍ଣ୍ଣନା କରାଯାଇଛି ସେଥିରୁ କେହି ଏକଥା ନ ଭାବୁ ଯେ ସେ, (ଅର୍ଥାତ ପବିତ୍ର ଅବତାର ହଜରତ ମୁହମ୍ମଦସ.ଅ- ଅନୁବାଦକ) ଈଶ୍ୱର କ୍ଷମା କରନ୍ତୁ, ଅଜ୍ଞାନୀ କିମ୍ୱା ପାଗଳଙ୍କ ପରି ପ୍ରକୃତରେ ଆତ୍ମହତ୍ୟା କରିବାକୁ ମନସ୍ଥ କରିଥିଲେ ! ଏବଂ ଏହା ମଧ୍ୟ ଏହି ଭ୍ରମ ଧାରଣାର ବଶବର୍ତ୍ତୀ ହୋଇ ଯେ ନିଜକୁ କୌଣସି ଘାତକ ଅସ୍ତ୍ର ଦ୍ୱାରା ବଧ

କରିଦେବା ଅନ୍ୟମାନଙ୍କୁ ଫାଇଦା ପହଞ୍ଚାଇବ । ବରଂ ସେ ଏପରି ମୂର୍ଖତା ପୂର୍ଣ୍ଣ କଥାଗୁଡ଼ିକର ଅତିଶୟ ବିରୋଧି ଥିଲେ । ପବିତ୍ର କୁରଆନ ଏପରି ଆତ୍ମହତ୍ୟାକାରୀକୁ ଘୋର ଅପରାଧୀ ଓ ଦଣ୍ଡ ପାଇବା ଯୋଗ୍ୟ ବିବେଚନା କରେ । ଯେପରିକି ଉଲ୍ଲେଖ ଅଛି;

(ଅଲ୍ ବକରା 2:196) وَلَا تُلْقُوْا بِاَيْدِيْكُمْ اِلَى التَّهْلُكَةِ

ଅର୍ଥାତ 'ଆତ୍ମହତ୍ୟା କର ନାହିଁ । ଏବଂ ନିଜ ହାତକୁ ନିଜ ମୃତ୍ୟୁର କାରଣ କର ନାହିଁ ।' ଉଦାହରଣ ସ୍ୱରୂପ, ଯଦି ରାମ ପେଟରେ ବ୍ୟଥା ହୁଏ ଓ ଦାମ ତା ପ୍ରତି ସହାନୁଭୂତିଶୀଳ ହୋଇ ନିଜ ମୁଣ୍ଡ ଫଟାଇ ଦିଏ, ତେବେ ଏହା ସ୍ପଷ୍ଟ ଯେ ଦାମ, ରାମ ପାଇଁ କୌଣସି ପୁଣ୍ୟ କାର୍ଯ୍ୟ କଲା ନାହିଁ, ବରଂ ମୂର୍ଖାମି କରି ନିଜ ମୁଣ୍ଡକୁ ଫଟାଇଲା । ପୁଣ୍ୟ କାର୍ଯ୍ୟ ସେତେବେଳେ ହୋଇଥାଆନ୍ତା, ଯଦି ଦାମ ଫଳପ୍ରଦ ଓ ଉଚିତ ମାର୍ଗରେ ରାମର ସେବାରେ ବ୍ୟସ୍ତ ରହିଥାଆନ୍ତା । ତା'ପାଇଁ ଭଲ ଔଷଧ ଯୋଗାଡ଼ କରନ୍ତା ଏବଂ ଚିକିତ୍ସା-ବିଜ୍ଞାନର ନିୟମ ଅନୁଯାୟୀ ତା'ର ଚିକିତ୍ସା କରନ୍ତା । କିନ୍ତୁ ନିଜ ମୁଣ୍ଡ ଫଟାଇବା ଦ୍ୱାରା ଦାମର ତ କିଛି ଲାଭ ହେଲା ନାହିଁ ବରଂ ନିଜ ଶରୀରର ଏକ ସୁସ୍ଥ ଅଙ୍ଗକୁ ସେ କଷ୍ଟ ଦେଲା । ସୁତରାଂ ଏହି ଆୟତର ତାତ୍ପର୍ଯ୍ୟ ହେଉଛି ପବିତ୍ର ଅବତାର ହଜରତ ମୁହମ୍ମଦ [ସ.ଅ] ପ୍ରକୃତ ସହାନୁଭୂତି ହେତୁ ମନୁଷ୍ୟ ସମାଜର ଉଦ୍ଧାର ସକାଶେ ଚେଷ୍ଟା କରିବାରେ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେ । ପ୍ରାର୍ଥନା ଓ ହିତୋପଦେଶ ସହିତ ସେମାନଙ୍କ ଜୋରଜୁଲମ୍ ବରଦାସ୍ତ କରିବା ସହ ତଥା ପ୍ରତ୍ୟେକ ଉଚିତ୍ ଏବଂ ବିଜ୍ଞ ଉପାୟ ଅବଲମ୍ବନ କରି ନିଜ ଜୀବନକୁ, ନିଜ ଆରାମକୁ ଏହି ମାର୍ଗରେ ସମର୍ପି ଦେଇଥିଲେ । ଯେପରିକି ସର୍ବଶକ୍ତିମାନ ଅଲ୍ଲାଃ କହିଛନ୍ତି:

(ଅସ୍ ସୋଅରା 26:4) لَعَلَّكَ بَاخِعٌ نَّفْسَكَ اَلَّا يَكُوْنُوْا مُؤْمِنِيْنَ ○

(ଅଲ୍ ଫାତିର୍ 35:9) فَلَا تَذْهَبْ نَفْسُكَ عَلَيْهِمْ حَسَرٰتٍ

ଅର୍ଥାତ କ'ଣ ତୁମେ, ଏହି ଦୁଃଖ ଓ ଏହି କଠିନ ଶ୍ରମ ଯାହା ତୁମେ ଲୋକମାନଙ୍କ ପାଇଁ କରୁଅଛ, ନିଜ ଜୀବନକୁ ନାଶ କରିଦେବ ? ଏବଂ କ'ଣ

ତୁମେ ସେ ଲୋକମାନଙ୍କ ସକାଶେ ଯେଉଁମାନେ ସତ୍ୟକୁ ଗ୍ରହଣ କରୁ ନାହାନ୍ତି, ଅବଶୋଷ କରିକରି ନିଜ ଜୀବନ ତ୍ୟାଗ କରିବ ? ସୁତରାଂ ଜାତି ପାଇଁ ଜୀବନ ଦେବାର ବିବେକ ସମ୍ପନ୍ନ ଉପାୟ ହେଉଛି, ଜାତିର କଲ୍ୟାଣ ପାଇଁ ପ୍ରାକୃତିକ ନିୟମର ଲାଭପ୍ରଦ ମାର୍ଗ ଅନୁସରି ନିଜେ କଷ୍ଟ ସହ୍ୟ କରିବା । ଏବଂ ଉଚିତ ଉପାୟମାନଙ୍କୁ କାର୍ଯ୍ୟରେ ଆଣି ନିଜ ପ୍ରାଣକୁ ତହିଁ ପ୍ରତି ଉତ୍ସର୍ଗ କରିଦେବା । ଏହା ନୁହେଁ ଯେ ଜାତିକୁ ଚରମ ବିପତ୍ତିରେ ଥିବାର ଅଥବା ପଥଭ୍ରଷ୍ଟ ହେଉଥିବାର ଦେଖି ଏବଂ ସଂକଟପୂର୍ଣ୍ଣ ଅବସ୍ଥାରେ ପାଇ ନିଜ ମୁଣ୍ଡକୁ ପଥରରେ ପିଟିପକାଇବା କିମ୍ବା ଦୁଇ ତିନି ରତି କୋଚିଲା ବିଷ ଖାଇ ଏହି ସଂସାରରୁ ବିଦାୟ ନେବା । ତା'ଉପରେ ପୁଣି ମନେମନେ ଏହା ଭାବି ନେବା ଯେ ଆମେ ଆମର ଏହି ଅସଂଗତ କାର୍ଯ୍ୟ କରି ଜାତିକୁ ଉଦ୍ଧାର କରିଦେଲୁ । ଏହା ପୁରୁଷୋଚିତ କାର୍ଯ୍ୟ ନୁହେଁ ବରଂ ନାରୀ ସ୍ୱଭାବ । ଦୁର୍ବଳ-ମନା ବ୍ୟକ୍ତିମାନଙ୍କର କାମ ସଦାବେଳେ ଏହି ପ୍ରକାରର ହୋଇଥାଏ; ବିପତ୍ତିକୁ ଅସହନୀୟ ମନେକରି ଅବିଳମ୍ବେ ଆତ୍ମହତ୍ୟା ଆଡ଼କୁ ଦୌଡ଼ନ୍ତି । ଏପରି ଆତ୍ମହତ୍ୟାର ପରେ ଯେତେ ପ୍ରକାରର ଅର୍ଥ ବାହାର କରାଯାଉନା କାହିଁକି, ଏହି କାର୍ଯ୍ୟ କିନ୍ତୁ ନିଃସନ୍ଦେହ ରୂପେ ବିବେକ ଓ ବିବେକ-ସମ୍ପନ୍ନ ଲୋକମାନଙ୍କ ପାଇଁ ଲଜ୍ଜାଜନକ । କିନ୍ତୁ ଏହା ସ୍ପଷ୍ଟ ଯେ ଯେଉଁ ବ୍ୟକ୍ତିକୁ ପ୍ରତିଶୋଧର ସୁଯୋଗ ହିଁ ମିଳି ନାହିଁ, ତା'ର ଧୈର୍ଯ୍ୟ ଧାରଣ ଓ ଶତ୍ରୁର ସାମନା ନ କରିବା ବିଶ୍ୱାସ୍ୟ ଯୋଗ୍ୟ ନୁହେଁ; କାରଣ କାହାକୁ ଜଣା ଯେ ଯଦି ତାକୁ ପ୍ରତିଶୋଧ ନେବାର କ୍ଷମତା ମିଳିଥାଆନ୍ତା ତେବେ ସେ କ'ଣ ନ କରନ୍ତା ? ଯେଉଁ ପର୍ଯ୍ୟନ୍ତ ମନୁଷ୍ୟ ଉପରକୁ ସେପରି ସମୟ ନ ଆସିଛି, ଯେଉଁଥିରୁ ଗୋଟିଏ ଅସହାୟତାର ସମୟ ଏବଂ ଅନ୍ୟଟି କ୍ଷମତା, ପ୍ରଭୁତ୍ୱ ଓ ବୈଭବର ସମୟ, ସେପର୍ଯ୍ୟନ୍ତ ତା'ର ବାସ୍ତବିକ ଚରିତ୍ର କଦାପି ପ୍ରକାଶ ପାଇପାରିବ ନାହିଁ । ଏଥିରୁ ସ୍ପଷ୍ଟ ଯେ ଯେଉଁ ବ୍ୟକ୍ତି କେବଳ ଦୌର୍ବଲ୍ୟ, ଦାରିଦ୍ର୍ୟ ଓ କ୍ଷମତାହୀନ ଥିବା ଅବସ୍ଥାରେ ଲୋକମାନଙ୍କ ଠାରୁ ମାଡ଼ ଖାଇଖାଇ ମରିଯାଏ ଏବଂ କ୍ଷମତା, ପ୍ରଭୁତ୍ୱ ଓ ବୈଭବର ଯୁଗ ନ ପାଏ, ତେବେ ତାହାର ଚରିତ୍ର ମଧ୍ୟରୁ କିଛିଟା ବି ପ୍ରମାଣିତ ହୋଇ ପାରିବ ନାହିଁ । ସେ ଯଦି

କୌଣସି ରଣଭୂମୀରେ ଆସି ଛିଡ଼ାହୋଇ ନାହିଁ, ତା'ହେଲେ ଏହା ମଧ୍ୟ ପ୍ରମାଣିତ ହୋଇ ପାରିବ ନାହିଁ ଯେ ସେ ଜଣେ ବୀରପୁରୁଷ ଥିଲା କି କାପୁରୁଷ ଥିଲା । ତା'ର ଚରିତ୍ର ସମ୍ବନ୍ଧରେ ଆମେ କିଛି ହେଲେ କହିପାରିବା ନାହିଁ କାରଣ ଆମକୁ ଜଣା ନାହିଁ । ଆମକୁ କ'ଣ ଜଣା ଯେ ଯଦି ସେ ନିଜ ଶତ୍ରୁମାନଙ୍କ ଉପରେ କ୍ଷମତା ପ୍ରାପ୍ତ କରିଥାନ୍ତା, ତା' ହେଲେ ତାଙ୍କ ସହିତ ସେ କି ବ୍ୟବହାର କରିଥାନ୍ତା ! ଆଉ ଯଦି ସେ ଧନବାନ ହୋଇ ଯାଅନ୍ତା, ତେବେ ସେ ଧନକୁ ଜମା କରି ରଖନ୍ତା କି ଲୋକମାନଙ୍କୁ ଦିଅନ୍ତା ? ଆଉ ଯଦି ସେ କୌଣସି ରଣଭୂମିରେ ଅବତୀର୍ଣ୍ଣ ହୁଅନ୍ତା, ତେବେ ଲାଙ୍ଗୁଡ଼ ଯାକି ସେଠାରୁ ପଳାୟନ କରନ୍ତା କି ବୀର ସଦୃଶ ନିଜ ବାହୁବଳ ଦେଖାନ୍ତା ? କିନ୍ତୁ ଈଶ୍ୱରଙ୍କର ଅନୁଗ୍ରହ ଓ କୃପା ଆମର ପ୍ରିୟ ଅବତାର ହଜରତ ମୁହମ୍ମଦ ସ.ଅଙ୍କୁ ସେହି ଗୁଣଗୁଡ଼ିକୁ ଦେଖାଇ ଦେବାର ଅବସର ପ୍ରଦାନ କଲା । ସୁତରାଂ ଦାନଶୀଳତା ଓ ବୀରତ୍ୱ, ନମ୍ରତା ଓ କ୍ଷମା ଏବଂ ନ୍ୟାୟପରାୟଣତା ନିଜ ନିଜ ସମୟ ଅନୁଯାୟୀ ଏପରି ଚରମ ଉତ୍କର୍ଷତା ସହିତ ତାଙ୍କଠାରେ ପ୍ରକାଶିତ ହେଲା ଯେ ପୃଥିବୀ-ପୃଷ୍ଠରେ ଏହାର ଉଦାହରଣ ଖୋଜିବା ଦୂର୍ଲଭ । ଦୁଇଟିଯାକ ସମୟରେ, ଅସହାୟତା ଓ କ୍ଷମତା, ଦୈନ ଓ ବୈଭବ, ଉଭୟରେ ସେ ସମଗ୍ର ଜଗତକୁ ଦେଖାଇ ଦେଲେ ଯେ ସେହି ପବିତ୍ର ବ୍ୟକ୍ତିତ୍ୱ କିଭଳି ଉତ୍କୃଷ୍ଟ ଶ୍ରେଣୀର ଚରିତ୍ରମାନର ସମାହାର ଥିଲା । ଉତ୍ତମ ଗୁଣମାନ ମଧ୍ୟରୁ ଏପରି କୌଣସି ମାନବୀୟ ଗୁଣ ନାହିଁ, ଯାହାକୁ ଜାହିର କରିବା ପାଇଁ ସର୍ବଶକ୍ତିମାନ ଈଶ୍ୱର ତାଙ୍କୁ ଏକ ଅବସର ଦେଇ ନଥିଲେ । ବୀରତ୍ୱ, ଦାନଶୀଳତା, ଦୃଢତା, କ୍ଷମା, ନମ୍ରତା ଇତ୍ୟାଦି ସମସ୍ତ ସଦ୍‌ଗୁଣମାନ ଏପରି ଭାବେ ସାବ୍ୟସ୍ତ ହୋଇଗଲା ଯେ ଜଗତରେ ଏହାର ଦୃଷ୍ଟାନ୍ତ ଖୋଜିବା ଏକ ଅସମ୍ଭବ ପ୍ରୟାସ ମାତ୍ର । ହଁ, ଏହା ସତ୍ୟ ଯେ ଯେଉଁମାନେ ତାଙ୍କ ପ୍ରତି ଅତ୍ୟାଚାର କରିବାରେ ସୀମା ଅତିକ୍ରମ କରିଗଲେ, ଏବଂ ଇସଲାମକୁ ନିଶ୍ଚିହ୍ନ କରି ଦେବାକୁ ଚାହିଁଥିଲେ, ଈଶ୍ୱର ସେମାନଙ୍କୁ ମଧ୍ୟ ବିନା ଶାସ୍ତିରେ ଛାଡ଼ି ନଥିଲେ । କାରଣ ସେମାନଙ୍କୁ ଶାସ୍ତି ନ ଦେଇ ଛାଡ଼ିଦେବା ସତ୍ୟନିଷ୍ଠମାନଙ୍କୁ ସେମାନଙ୍କ ପାଦତଳେ ନାଶ କରିଦେବା ସଦୃଶ ଥିଲା ।

## ହଜରତ ମୁହମ୍ମଦ ସ.ଅଙ୍କ ଯୁଦ୍ଧଗୁଡ଼ିକର ଉଦ୍ଦେଶ୍ୟ

ହଜରତ ମୁହମ୍ମଦ ସ.ଅଙ୍କ ଯୁଦ୍ଧଗୁଡ଼ିକର ଆଦୌ ଏ ଉଦ୍ଦେଶ୍ୟ ନଥିଲା ଯେ ଅକାରଣରେ ଲୋକମାନଙ୍କୁ ହତ୍ୟା କରାଯାଉ । ସେମାନେ ନିଜ ବାପ ଅଜାଙ୍କ ଭୂମିରୁ ବିତାଡ଼ିତ ହୋଇଥିଲେ ଏବଂ ଅନେକ ମୁସଲମାନ ପୁରୁଷ ଓ ନାରୀ ବିନା ଦୋଷରେ ଶହୀଦ କରାଯାଇଥିଲେ । ଏବଂ ଏବେ ସୁଦ୍ଧା ଅତ୍ୟାଚାରୀମାନେ ଅତ୍ୟାଚାରରୁ ବିରତ ହୋଇ ନଥିଲେ ଓ ଇସଲାମର ଶିକ୍ଷାକୁ ପ୍ରତିରୋଧ କରୁଥିଲେ । ସୁତରାଂ ଈଶ୍ୱରଙ୍କ ପ୍ରଣୀତ ସୁରକ୍ଷା-ନିୟମ ଏହା ଆବଶ୍ୟକ କରୁଥିଲା ଯେ ଅତ୍ୟାଚାରିତମାନଙ୍କୁ ଏକ ବାରକେ ନିଶ୍ଚିହ୍ନ ହୋଇଯିବାରୁ ରକ୍ଷା କରାଯାଉ । ଅତଏବ ଯେଉଁମାନେ ତରବାରୀ ଉଠାଇ ଥିଲେ, ସେହିମାନଙ୍କ ସହିତ ତରବାରୀ ଯୁଦ୍ଧ ହେଲା । ସୁତରାଂ ହତ୍ୟାକାରୀମାନଙ୍କ ଷଡ଼ଯନ୍ତ୍ରର ନିବାରଣ ସକାଶେ ମନ୍ଦର ପ୍ରତିରୋଧ ସ୍ୱରୂପ ସେହି ଯୁଦ୍ଧମାନ ହୋଇଥିଲା । ଏହା ସେତେବେଳେ ହୋଇଥିଲା ଯେତେବେଳେ କି ଅତ୍ୟାଚାରୀ ସ୍ୱଭାବର ଲୋକମାନେ ସତ୍ୟନିଷ୍ଠ ଲୋକମାନଙ୍କୁ ଲୋପ କରି ଦେବାକୁ ଚାହିଁଥିଲେ । ଏପରି ଅବସ୍ଥାରେ ଯଦି ଇସଲାମ ଏହି ଆତ୍ମରକ୍ଷାର ପନ୍ଥାକୁ କାର୍ଯ୍ୟକାରୀ କରି ନ ଥାଆନ୍ତା, ତେବେ ସହସ୍ର ପିଲା ଓ ମହିଳାମାନେ ବିନା ଦୋଷରେ ବଧ ହୋଇଥାଆନ୍ତେ ଏବଂ ପରିଶେଷରେ ଇସଲାମ ନିଶ୍ଚହ୍ନ ହୋଇଯାଇ ଥାଆନ୍ତା ।

ମନେରହୁ, ଆମ ବିରୋଧିମାନଙ୍କର ଏହା ଏକ ବଡ଼ ଜୁଲମ ଯେ ସେମାନେ ଖିଆଲ କରନ୍ତି ଐଶ୍ୱରିକ ଶିକ୍ଷା ଏପରି ହେବା ଉଚିତ ଯେଉଁଥିରେ କୌଣସି ସ୍ଥାନ ବା କୌଣସି ଅବସ୍ଥାରେ ବି ଶତ୍ରୁମାନଙ୍କ ସହିତ ମୁକାବିଲା କରିବାର ନିର୍ଦ୍ଦେଶ ନଥିବ ଏବଂ ସବୁ ସମୟରେ ଏହା ନମ୍ରତା ଓ କୋମଳତା ମାଧ୍ୟମରେ ନିଜ ପ୍ରେମ ଓ ଦୟାକୁ ବ୍ୟକ୍ତ କରୁଥିବ । ଏଭଳି ଲୋକମାନେ ନିଜ ବିଚାରରେ ମର୍ଯ୍ୟାଦାମୟ ଏବଂ ଗରିମାମୟ ଈଶ୍ୱରଙ୍କର ବହୁ ସମ୍ମାନ କରୁଅଛନ୍ତି, କାରଣ ତାଙ୍କର ସମସ୍ତ ଉତ୍କୃଷ୍ଟ ଗୁଣମାନ କେବଳ ମାତ୍ର ନମ୍ରତା ଓ କୋମଳତା ଠାରେ ହିଁ ସମାପ୍ତ କରି ଦେଇଛନ୍ତି । କିନ୍ତୁ ଚିନ୍ତାଶୀଳ ବୁଦ୍ଧିଜୀବି ବ୍ୟକ୍ତିମାନଙ୍କୁ ଏକଥା ଅତି

ସହଜରେ ଜ୍ଞାତ ହୋଇଯିବ ଯେ ଏହି ଲୋକମାନେ ବଡ଼ ସ୍ଥୁଳ ଓ ସ୍ୱଷ୍ଟ ଭୁଲରେ ପଡ଼ି ରହିଛନ୍ତି । ଈଶ୍ୱରକୃତ ପ୍ରକୃତିର ନିୟମ ପ୍ରତି ଦୃଷ୍ଟିପାତ କଲେ ଏହା ସ୍ୱଷ୍ଟ ପ୍ରମାଣିତ ହୋଇଯାଏ, ଯେ ପୃଥିବୀ ସକାଶେ ସେ ବିଶୁଦ୍ଧ ଦୟାର ସ୍ୱରୂପ ତ ଅବଶ୍ୟ ଅଟନ୍ତି କିନ୍ତୁ ସେହି ଦୟା ସବୁ ସମୟରେ ଏବଂ ସବୁ ପରିସ୍ଥିତିରେ ନମ୍ରତା ଏବଂ କୋମଳତାର ରୂପରେ ପ୍ରକାଶ ପାଏ ନାହିଁ । ବରଂ ସେ ବିଶୁଦ୍ଧ ଦୟାର କାରଣରୁ ହିଁ ଅଭିଜ୍ଞ ଚିକିତ୍ସକ ଭଳି କେତେବେଳେ ଆମକୁ ମିଠା ପାନୀୟ ଔଷଧ ପିଆନ୍ତି ତ କେତେବେଳେ ପିତା ଔଷଧ ଦିଅନ୍ତି । ଯେଉଁଭଳି ଆମେ ଆମ ସମଗ୍ର ଶରୀର ପ୍ରତି ଦୟା ଦେଖାଇ ଥାଉ, ମାନବ ଜାତି ପ୍ରତି ମଧ୍ୟ ଈଶ୍ୱରଙ୍କ ଦୟା ସେହିପରି ଭାବେ ଅବତୀର୍ଣ୍ଣ ହୋଇଥାଏ । ଏ କଥାରେ କାହାରିକୁ ସନ୍ଦେହ ହେବ ନାହିଁ ଯେ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକେ ତା'ର ସମଗ୍ର ଶରୀରକୁ ଭଲପାଏ ଏବଂ କେହି ଯଦି ଆମର କେଶଟିଏ ବି ଉପାଡ଼ିବାକୁ ଚାହେଁ, ତେବେ ଆମେ ତା' ଉପରେ ଅତିଶୟ କ୍ଷୁବ୍ଧ ହୋଇପଡୁ । ଆମର ନିଜ ଶରୀର ପ୍ରତି ରହିଥିବା ମମତା ଆମର ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗକୁ ବ୍ୟାପୀ ରହିଛି ଏବଂ ଆମର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଆମ ପାଇଁ ପ୍ରିୟ ଅଟେ, ଆମେ କୌଣସିଟିର କ୍ଷତି ଚାହୁଁ ନାହୁଁ । କିନ୍ତୁ ଏହା ସତ୍ତ୍ୱେ ଏକଥା ସ୍ୱଷ୍ଟ ରୂପେ ପ୍ରମାଣିତ ଯେ ଆମେ ଆମର ସମସ୍ତ ଅଙ୍ଗକୁ ସମାନ ଗୁରୁତ୍ୱ ଦେଇ ସମାନ ଭାବେ ଭଲ ପାଉନା । ବରଂ ସେହି ପ୍ରମୁଖ ଓ ମହତ୍ୱପୂର୍ଣ୍ଣ ଅଙ୍ଗମାନ ଯାହା ଉପରେ ଅନେକାଂଶରେ ଆମର ଉଦ୍ଦେଶ୍ୟମାନ ନିର୍ଭରଶୀଳ ସେଗୁଡ଼ିକର ମମତା ଆମ ହୃଦୟକୁ ବିଶେଷ ଭାବେ ପ୍ରଭାବିତ କରିଥାଏ । ସେହିପରି ଆମ ଦୃଷ୍ଟିରେ ଆମର ସମଗ୍ର ଅଙ୍ଗପ୍ରତ୍ୟଙ୍ଗର ମମତା କୌଣସି ଗୋଟିଏ ମାତ୍ର ଅଙ୍ଗର ମମତା ଠାରୁ ଢେର ବେଶୀ ହୋଇଥାଏ । ସୁତରାଂ ଯେତେବେଳେ ବି ଆମ ଉପରେ ଏପରି ସମୟ ଆସି ଉପସ୍ଥିତ ହୁଏ ଯେ ଗୋଟିଏ ବିଶିଷ୍ଟ ଅଙ୍ଗର ସୁରକ୍ଷା ଏକ ସାଧାରଣ ଅଙ୍ଗକୁ ଆଘାତ କରିବା କିମ୍ବା କାଟିବା ଅଥବା ଭାଙ୍ଗିବା ଉପରେ ନିର୍ଭର କରେ ତେବେ ଆମ ପ୍ରାଣ ରକ୍ଷା ସକାଶେ ବିନା ଦ୍ୱିଧାରେ ସେହି ଅଙ୍ଗଟିକୁ ଆଘାତ କରିବା ସକାଶେ ଅଥବା କାଟିବା ସକାଶେ ଆମେ ପ୍ରସ୍ତୁତ ହୋଇଯାଉ ଯଦିଓ ସେତେବେଳେ

ଆମ ମନରେ ଦୁଃଖ ମଧ୍ୟ ହୁଏ ଯେ ଆମେ ନିଜର ଏକ ପ୍ରିୟ ଅଙ୍ଗକୁ ଆଘାତ ପ୍ରାପ୍ତ କରୁଅଛୁ ଅଥବା କାଟୁଅଛୁ । କିନ୍ତୁ ସେହି ଅଙ୍ଗର ଦୋଷ ଅନ୍ୟ କୋଣସି ବିଶିଷ୍ଟ ଅଙ୍ଗକୁ ତା'ସହ ନଷ୍ଟ କରି ନଦେଉ ଏହି ଚିନ୍ତାରେ ଆମେ ତାକୁ କାଟିବାକୁ ବାଧ୍ୟ ହୋଇଯାଉ । ସୁତରାଂ ଏହି ଦୃଷ୍ଟାନ୍ତରୁ ବୁଝିନେବା ଉଚିତ ହେବ ଯେ ଈଶ୍ୱର ମଧ୍ୟ ଯେତେବେଳେ ଦେଖନ୍ତି ଯେ ତାହାଙ୍କ ସତ୍ୟନିଷ୍ଠ ଭକ୍ତଗଣ ଅସତ୍ୟର ଉପାସକମାନଙ୍କ ହାତରେ ନିହତ ହେଉଛନ୍ତି ଏବଂ ବିଶୃଂଖଳା ବ୍ୟାପୁଛି, ସେତେବେଳେ ସତ୍ୟନିଷ୍ଠଙ୍କ ପ୍ରାଣ ରକ୍ଷା କରିବା ସକାଶେ ତଥା ବିଶୃଂଖଳାର ଦମନ ସକାଶେ ଆକାଶରୁ ହେଉ ଅଥବା ପୃଥିବୀରୁ ହେଉ ସେ ବିହିତ ଉପାୟଗୁଡ଼ିକୁ ପ୍ରକାଶମାନ କରାନ୍ତି; ଏଥିପାଇଁ ଯେ ସେ ଯେପରି ଅସୀମ ଦୟାବାନ୍ ସେହିପରି ବିଜ୍ଞ ମଧ୍ୟ ।

'ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ନିମନ୍ତେ ଯେ ସମସ୍ତ ବ୍ରହ୍ମାଣ୍ଡର ପାଳନକର୍ତ୍ତା ।'